ଗୋପୀବନ କାହାଣୀ

ଡାକ୍ତର ହରିଚରଣ ଗିରି

Digitized by srujanika@gmail.com

ମୋ ଜୀବନ କାହାଣୀ

ଡାକ୍ତର ହରିଚରଣ ଗିରି

Digitized by srujanika@gmail.com

ମୋ ଜୀବନ କାହାଣୀ

ଲେଖକ ଓ ପ୍ରକାଶକ :

ଡାକ୍ତର ହରିଚରଣ ଗିରି

ପୋ : ପିପିଲି, ପୁରୀ

ପ୍ରକାଶକାଳ :

୨୫ଶ ସେପ୍ଟେମ୍ବର

୧୯୮୩

ମୁଦ୍ରାକର :

ସ୍ୱରାଜ ପ୍ରେସ

ଝୋଲସାହି, କଟକ-୧

ମୂଲ୍ୟ—ଟ ୧୬-୦୦

MO JIBAN KAHANI

Author and Publisher

Dr. Hari Charan Giri

Post—Pipli, Puri

1st Edition—25-9-1983

Price—Rs. 16.00

Digitized by srujanika@gmail.com

ଉତ୍ସର୍ଗ

ପ୍ରିୟ ବନ୍ଧୁ କୃପାସିନ୍ଧୁବାବୁ,

ଆପଣଙ୍କର ଜୀବଦ୍ଦଶାରେ ମୋର ଆତ୍ମଜୀବନୀ ଲେଖି ଆପଣଙ୍କ ହାତରେ ଅର୍ପଣ କରିବାରେ ମୁଁ ସମର୍ଥ ହୋଇପାରି ନାହିଁ ।

ଆଜ ଆପଣଙ୍କର ସେହି ଇପ୍‌ସିତ 'ମୋ ଜୀବନ କାହାଣୀ' ପୁସ୍ତକଟି ଆପଣଙ୍କର ଅମର ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଆପଣଙ୍କର ପବିତ୍ର ସ୍ମୃତି ଅର୍ପଣ କରୁଛି ।

ଅଯୋଗ୍ୟ ବନ୍ଧୁ
ହରିଚରଣ

Digitized by srujanika@gmail.com

ମୋ ଜୀବନ କାହାଣୀର ଜନ୍ମକଥା

ପୁରୀ ଜିଲ୍ଲାର ଶ୍ରୋଚଗୁଣ ଗ୍ରାମ ନିବାସୀ ପ୍ରିୟ ବନ୍ଧୁ କୃପାସିନ୍ଧୁ ମିଶ୍ର ଥରେ ମୋର ଆତ୍ମଜୀବନୀ ଲେଖିବା ନିମନ୍ତେ ମୋତେ ଅନୁରୋଧ କଲେ ।

ମୋ ପରି ଏକ ନଗଣ୍ୟ ଲୋକର ଜୀବନୀ ଗୋଟାଏ କଣ ? କହି କଥାଟାକୁ ମୁଁ ଏଡ଼ାଇ ଯିବାକୁ ଚେଷ୍ଟା କଲି । ମାତ୍ର କୃପାସିନ୍ଧୁ ବାବୁ ଛାଡ଼ିବାର ପାତ୍ର ନଥିଲେ । ମୋତେ ବାରମ୍ବାର ଅନୁରୋଧ କରିବାକୁ ଲାଗିଲେ । ସେହି ଦିନଠାରୁ ସେ ବାଟରେ ଘାଟରେ ମୋତେ ଯେତେବେଳେ ଯେଉଁଠି ଦେଖିଲେ ସେହି କଥା ହିଁ ଉଠାଇଲେ । ମୁଁ ଅନ୍ୟ ଉପାୟ ନ ଦେଖି, ହଁ ଜୀବନୀ ଲେଖା ଆରମ୍ଭ କରିଛି ବୋଲି କହି ତାଙ୍କୁ ମିଥ୍ୟା ପ୍ରବୋଧନ ଦେଲି । ଜୀବନୀ ଲେଖା ହେଉଥିବାର ଶୁଣି ସେ ଖୁବ୍ ଖୁସି ହେଲେ । ଲେଖା ଶୀଘ୍ର ଶେଷ କରିବାର ଅନୁରୋଧ ଜଣାଇଲେ । ସେହି ଦିନଠାରୁ ତାଙ୍କ ସହ ସାକ୍ଷାତ ହେବାମାତ୍ରେ ତାଙ୍କର ପ୍ରଥମ ପ୍ରଶ୍ନ ହୁଏ ଲେଖା କେତେଦୂର ଗଲା ? ଏତେ ହେତେ ଗଲାଣି କହି ତାଙ୍କୁ ମୁଁ ଠକୁଥାଏ ।

ଦିନେ ହଠାତ୍ ବନ୍ଧୁବରଙ୍କର ମହାପ୍ରୟାଣ ଘଟିଗଲା ।

ମୋର ଅନ୍ୟତମ ବନ୍ଧୁ ଦାଣ୍ଡମୁକୁନ୍ଦପୁର ଗ୍ରାମନିବାସୀ କୃଷ୍ଣଚନ୍ଦ୍ର ପୁଷ୍ଟାଳିକ ବି. ଏ. ସ୍ୱର୍ଗତ କୃପାସିନ୍ଧୁ ମିଶ୍ରଙ୍କ ଅନୁରୋଧର ପୋଷକତା କରି ଜୀବନୀ ଲେଖିବା ସପକ୍ଷରେ ମତ ଦେଇ ମୋତେ ଉତ୍ସାହିତ କଲେ ।

Digitized by srujanika@gmail.com

କଟକର ବିଖ୍ୟାତ ଔପନ୍ୟାସିକ ରାଜକିଶୋର ପଟ୍ଟନାୟକ ଆଡ଼ଭୋକେଟ ମହାଶୟ ମଧ୍ୟ ଜୀବନୀ ଲେଖିବା ସପକ୍ଷରେ ଦୃଢ଼ ମତ ପ୍ରଦାନ କରି କହିଲେ—ଜୀବନୀ ଲେଖିବାରେ ପ୍ରଧାନ ଅପ୍ରଧାନ, ବଡ଼ ଗ୍ରେଟର ପ୍ରଶ୍ନ ନାହିଁ । ପ୍ରତ୍ୟେକ ଲୋକ ନିଜର ଜୀବନୀ ଲେଖିବା କର୍ତ୍ତବ୍ୟ । ଲୋକର ଦେହାନ୍ତ ପରେ ତାଙ୍କ ଜୀବନର ଘଟଣାବଳୀ ଅନ୍ଧକାର ଗର୍ଭରେ ରହିଯିବ । ଭବିଷ୍ୟତର ବଂଶଧରମାନେ ତାଙ୍କର ଆତ୍ମଜୀବନୀରୁ ଯେଉଁ ଶିକ୍ଷା ଲାଭ କରିଥାନ୍ତେ ସେମାନେ ସେଥିରୁ ବଞ୍ଚିତ ହେବେ ।

ଶେଷରେ ମୁଁ ଆତ୍ମଜୀବନୀ ଲେଖିବାର ସଂକଳ୍ପ ନେଲି ।

ଆଜ 'ମୋ ଜୀବନ କାହାଣୀ' ଲେଖି ବନ୍ଧୁ କୃପାସିନ୍ଧୁ ବାବୁଙ୍କର ଇଚ୍ଛା ପୂରଣ କରି ପାରିଥିବାରୁ ତାଙ୍କଠାରେ ମିଥ୍ୟା କଥନ ଜନିତ ଅପରାଧରୁ ମୁକ୍ତ ହେଲି ବୋଲି ଭାବୁଛି ।

ମୋ କ୍ଷୁଦ୍ର ଜୀବନର ଏଇ 'ମୋ ଜୀବନ କାହାଣୀ' ଯଦି ଦେଶର ଭବିଷ୍ୟତ ବଂଶଧରମାନଙ୍କର କିଛି କାମରେ ଲାଗେ ମୋର ଶ୍ରମ ସାର୍ଥକ ମନେ କରିବି ।

ପିପିଲି
ତା ୨୫ । ୯ । ୧୯୮୩

ବିନୀତ
ଲେଖକ

Digitized by srujanika@gmail.com

ସୂଚୀପତ୍ର

ବାଲ୍ୟାବସ୍ଥା ଓ ବିଦ୍ୟାରମ୍ଭ	୧
ହାଇସ୍କୁଲରେ ଅଧ୍ୟୟନ	୧୦
ବୈରାଗ୍ୟ ଓ ଗୃହତ୍ୟାଗ	୧୫
ମାତୃସତ୍ୟ ରକ୍ଷା	୨୭
ଅସହଯୋଗ ଆନ୍ଦୋଳନରେ ଯୋଗଦାନ	୩୪
ଆଶ୍ରମ ଜୀବନ	୪୧
ନୈଶ ବିଦ୍ୟାଳୟ	୫୨
ମନୋହର ବେପାର	୫୫
ଭନକାରେ ପ୍ରଜାମେଳ	୬୨
ବୟନ ଶିକ୍ଷା	୬୯
ମୋର ଓକିଲ	୭୩
ନମାଲୁଣ୍ଡ୍ରସ୍ଥ ଅଧ୍ୟୟନ	୮୧
ଜିଲ୍ଲାବୋର୍ଡରେ ଓକିଲ	୯୨
ହୋମିଓପ୍ୟାଥିକ ଅଧ୍ୟୟନ	୧୦୬
ଓକିଲରୁ ଇସ୍ତଫା ଓ ପ୍ରାଇଭେଟ ପ୍ରାକ୍ଟିସ	୧୧୬
ମାଇନର ସ୍କୁଲ	୧୨୧
ଡାଣ୍ଡମୁକୁନ୍ଦପୁର ହାଇସ୍କୁଲ	୧୩୬
ପିପିଲି ଗ୍ରାମମଙ୍ଗଳ କେନ୍ଦ୍ର ଓ ଆଶାଶ୍ରମ ଘାଟଣା	୧୪୩
ଗୁରୁଙ୍କ ବିବାଦରେ ମଧ୍ୟସ୍ଥ	୧୪୯
ଜାତୀୟ ସଂପ୍ରସାରଣ ବ୍ଲକ	୧୫୭
ଗ୍ରାମପଞ୍ଚାୟତ ନିର୍ବାଚନ	୧୬୧

Digitized by srujanika@gmail.com

ପିପିଲିରେ ହାଇସ୍କୁଲ୍ ସ୍ଥାପନ	୧୭୦
ଝଣ୍ଡା ଗ୍ରହଣ	୧୯୩
ସି. ଇ. ସ୍କୁଲରେ ବିଶୃଙ୍ଖଳା	୧୯୭
ପିପିଲିରେ ଦ୍ୱିତୀୟ ହାଇସ୍କୁଲ ସ୍ଥାପନ	୨୦୮
ଏକ ସ୍ମରଣୀୟ ଘଟଣା	୨୧୮
ଅଧ୍ୟାପକ ଜୟକୃଷ୍ଣ ମିଶ୍ର	୨୨୧
ପିପିଲିରେ ସମବାୟ ଖାଉଟି ଭଣ୍ଡାର ସ୍ଥାପନ	୨୨୪
ପିପିଲିରେ କଲେଜ ପ୍ରତିଷ୍ଠା	୨୩୦
ଅତିଥି ସେବା	୨୩୫
ଜ୍ୟେଷ୍ଠା କନ୍ୟାର କୁମାରୀ ପଣ	୨୪୭
ପୁତ୍ରଙ୍କ ପ୍ରୟେନ	୨୫୦
ଅଢ୍ରୋର୍ଗା ବିପଦ	୨୫୧

●

Digitized by srujanika@gmail.com

ଡାକ୍ତର ହରିଚରଣ ଗିରି

Digitized by srujanika@gmail.com

ମୋ ଜୀବନ କାହାଣୀ

ବାଲ୍ୟାବସ୍ଥା ଓ ବିଦ୍ୟାରମ୍ଭ

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ତିଥିର ଅନ୍ୟ ଏକ ନାମ ହରିଜନ୍ମ ବାସର । ସେହି ପରମ ପବିତ୍ର ହରିଜନ୍ମ ତିଥିର ଗର୍ଭିରେ ଜନ୍ମ-ଗ୍ରହଣ କରିଥିବାରୁ ପିତା ମୋର ହରି ନାମ ରଖିଥିଲେ ।

୧୩୧୦ ସାଲ୍ ସିଂହ ମାସ ୬ ୯ ନ ୧୯୦୩ ମସିହା ସେପ୍ଟେମ୍ବର ୨୫ ତାରିଖ ମଙ୍ଗଳବାର ଅଷ୍ଟମୀ ତିଥିରେ ଏକ ସମ୍ଭ୍ରାନ୍ତ ଜଣନାମୀ ଗୋସ୍ୱାମୀ ବ୍ରାହ୍ମଣ ପରିବାରରେ ମୋର ଜନ୍ମ । ପିତାଙ୍କର ନାମ ଚୈତନ୍ୟ ମିଶ୍ର ଓ ମାତାଙ୍କର ନାମ ପିତାମ୍ବରୀ ଦେବୀ ।

ଗାଁର ନାମ ଆସୁରେଶ୍ୱର । ଆସୁରେଶ୍ୱର ଗ୍ରାମଟି କଟକ ଜିଲ୍ଲାର କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଅନ୍ତର୍ଗତ ପୂର୍ବତନ କନିକା ଜମିଦାରୀ ଭିତରେ । ଯେ ଅଞ୍ଚଳଟି ଧୋୟା ଅଞ୍ଚଳ । ସବୁ ଗ୍ରାମକୁ ରାସ୍ତା ନଥାଏ, ତେବେ ରାଜକନିକା ଠାରୁ ଆସୁରେଶ୍ୱର ଯାଏ ଗୋଟିଏ

Digitized by srujanika@gmail.com

କଚ୍ଚା ସଡ଼କ ଥିଲା । ସେହି ରାସ୍ତାରେ କନିକା ରାଜାଙ୍କର ମଟର ଗାଡ଼ି ଯା ଆସ କରେ । ରାଜକନିକାରୁ ଆସୁଚନ ଗ୍ରାମର ଦୂରତା ଛଅ କିଲୋମିଟର ହେବ । ଆସୁଚନ ଠାରୁ ଚେଣିକ ତଳହଟି ଆଡ଼କୁ ଆଉ ରାସ୍ତା ନାହିଁ । ଅମଡ଼ା ମାଡ଼ି ଗମ୍ଭୀର ବଣ ଭିତର ଦେଇ ଲୋକମାନେ ଯା'ଆସ କରନ୍ତି ।

ଆସୁଚନ ଗ୍ରାମଟି ସେତେବେଳେ ବେଶ ସମୃଦ୍ଧ ଥିଲା । ଗାଁ ମଝିରେ ଗୋଟିଏ ସଂସ୍କୃତ ଟୋଲ ଓ ଗୋଟିଏ ଅପର ପ୍ରାଇମେରୀ ବିଦ୍ୟାଳୟ । ସପ୍ତାହରେ ଦୁଇଥର ସେହି ବିଦ୍ୟାଳୟ ସାମନା ପଡ଼ିଆରେ ହାଟ ବସେ । ହାଟରେ ବେଶ ଜଣାଶୁଣା ହୁଏ । ଆଳି, ଓଲାବର, ରାଜକନିକା ଆଦି ଦୂରସ୍ଥାନମାନଙ୍କରୁ ବ୍ୟବସାୟୀମାନେ ଆସି ପସରା ମେଲାଇ ବସନ୍ତି । ହାଟରେ ଅଧିକ ସଂଖ୍ୟକ ଷଣ୍ଡତଡ଼ାର ତଳହଟି ଅଞ୍ଚଳର ଲୋକ । ତଳମାଳର ବାଉରି ସ୍ତ୍ରୀ ଲୋକମାନେ ଆସୁଚନ ହାଟରୁ ଜିନିଷ ସବୁ କିଣିନେଇ ହାଟବାଟ ନ ଥିବା ଗାଁମାନଙ୍କରେ ବିକନ୍ତି । କାନ୍ଧରେ ଭାର ବହୁଥିବାରୁ ସେହି ସ୍ତ୍ରୀ ଲୋକମାନଙ୍କୁ କୋଚଣୀ କହନ୍ତି ।

କୋଚଣୀମାନେ ନଗଦ ପଇସା ଦେଇ ଜିନିଷ କିଣନ୍ତି । ବିକ୍ରି କରନ୍ତି ଧାନ, ମୁଗ, ବିରି, ଆଦି ଶସ୍ୟ ବଦଳରେ । ସେଥିରେ ତାଙ୍କର ବେଶ୍ ଦି'ପଇସା ଲାଭ ହୁଏ । ସ୍ତ୍ରୀ ଲୋକ ଚଳାଳୀଙ୍କୁ କିଣିଲାବାଲା ମଝି ସ୍ତ୍ରୀ ଲୋକ । ଚଳାଳୀମାନେ ପଇସାକର ଜିନିଷକୁ ବି ଦ'ଟା କରି ତିନି ଗୁଣ ଥରରେ ଦେଇ ଗୁଣ ପଇସା ଦାବୀ କରନ୍ତି । ଜଣାକା ମାଇପେ ତିନି ଗୁଣ ଗୁଣ ଦାମ ଦେଉଥିଲେ ବି ଅସନ୍ତୁଷ୍ଟ ହୁଅନ୍ତିନ । କୋଚଣୀ ତିନି ଗୁଣ ଥର କରି ସଉଦା ଦେଉଥିବାରୁ ସେମାନେ ଆଗ୍ରହ ପ୍ରଶଂସା କରି

Digitized by srujanika@gmail.com

କହନ୍ତି, ମାଉସୀ ବଡ଼ ଭଲଲୋକ । ଜନ୍ମଲକ୍ଷଣି ଏହା ପକାଉ-ଛଏ । ବେଳେବେଳେ କଣ୍ଢାଳା ବଜାଳୀଙ୍କ ଭିତରେ ଧର୍ମର ସମ୍ପର୍କ ବି ସ୍ଥାପିତ ହୋଇଯାଏ । କିଏ କାହାକୁ ଧରମ ଝିଅ କରେ ତ କିଏ ଧରମ ଭଉଣୀ କରେ । ଏହି କଣ୍ଢାବଜାଙ୍କୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ ଏକ ମଧୁର ସୁସମ୍ପର୍କ ଗଢ଼ିଉଠେ ।

କନିକାର ରଜା ଜଣେ ଉଚ୍ଚ ଶିକ୍ଷିତ ରାଜା ହୋଇ ମଧ୍ୟ ପ୍ରଜାମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ନ ଦେଇ ନାନା ଭାବରେ ସେମାନଙ୍କୁ ଶୋଷଣ କରନ୍ତି । ହେଲେ ସରଳମତି ପ୍ରଜାମାନେ ଚଉଷଠୀ ପ୍ରକାର କର ଦେଇ ବି ସରଳ ବିଶ୍ୱାସରେ ରଜାଙ୍କୁ ଦେବତୁଲ୍ୟ ଜ୍ଞାନ କରନ୍ତି ।

ଆସୁରଢନ ଗ୍ରାମରେ ବର୍ଷକୁ ଥରେ ହରିହାଟ ସପ୍ତା ବସେ । ସେଥିରେ ଭାଗବତ ପାରାୟଣ ହୁଏ । କୋଟିବ୍ରହ୍ମାଣ୍ଡନାଥ ଠାକୁରଙ୍କ କ୍ଷୀର ପ୍ରସାଦ ସାଙ୍ଗକୁ ଚୂଡ଼ା ଚକଟା ଲୋକମାନଙ୍କୁ ଖାଇବାକୁ ମିଳେ । ପୁରୀ ଜିଲ୍ଲା ଭିନ୍ନ ଓଡ଼ିଶାର ଅନ୍ୟ ଜିଲ୍ଲା-ମାନଙ୍କରେ ସେତେବେଳେ ଚୂଡ଼ାଘସାର ଚଳନ ନ ଥିଲା । ଏବେ କେଉଁଠି ହୋଇଥିଲେ ହୋଇ ପାରିଥାଏ । ପୂର୍ବକାଳରେ କିନ୍ତୁ ପୁରୀ ଭିନ୍ନ ଓଡ଼ିଶାର ଅନ୍ୟ ଜିଲ୍ଲାର ଲୋକମାନେ ଚୂଡ଼ା-ଘସାର ନାମ ସୁଦ୍ଧା ଶୁଣି ନ ଥିଲେ ।

ଆଜିରେ ଦଶହରାକୁ ଯେମିତି ଦୁର୍ଗା ମେଢ଼ ହୁଏ, ଆସୁରଢନ ଗାଁରେ ସେମିତି ପିମ୍ପେଇ ଅମାବାସ୍ୟାକୁ ବାଲୁଆଳୀ ଯାତ ହୁଏ । ବାଲୁଆଳୀ ଯାତ ହେଉଛି—ଗୋଟିଏ ଉଗ୍ରଚଣ୍ଡୀ ନାରୀମୂର୍ତ୍ତି ଝାଡ଼ୁ ହାତରେ ତାର ସ୍ୱାମୀକୁ ବାଡ଼େଇବା ପାଇଁ ଉଦ୍ୟତ ଥାଏ । ଆହୁରି ଅନେକ ମୂର୍ତ୍ତି ତା ପାଖରେ ଥାନ୍ତି । ଯଥା—

Digitized by srujanika@gmail.com

ବୁଢ଼ାବୁଢ଼ୀ, ହରପାର୍ବତୀ, କେଳାକେଳୁଣୀ ଆଦି । କିନ୍ତୁ ବାରୁଆଳୀ ମୂର୍ତ୍ତି ଖୁବ୍ ବଡ଼ ।

ବାରୁଆଳୀ ଯାତରେ ଜଳଖିଆ ଦୋକାନ ଭିନ୍ନ ଆଉ କିଛି ଦୋକାନ ନ ଥାଏ । ଜଳଖିଆ ଭିତରେ ସାତପୁରି, ଭଜାମଣ୍ଡା, ଝିଜା, ଉଖୁଡ଼ା, ଜଲପି ଆଦି ପ୍ରଧାନ । ପୁରି କହିଲେ ଯେମିତି ବୃହତାକାର ଚକଟା ସାତପୁରି ହୁଏ, ସେ ସାତପୁରି ସେମିତି ନୁହେଁ । ସେ ସାତପୁରି ହେଉଛି, ସାତ ପରସ୍ତ ପୁରି ଭିତରେ କନକାପୂର ଦିଆଯାଇଥିବା ଏକ ସୁସ୍ୱାଦୁ ପିଠା । ଏହା ପ୍ରଧାନତଃ ସାତପୁରି ଅମାବାସ୍ୟା ଦିନ ହୋଇଥାଏ । ଅନ୍ୟଦିନ ମାନଙ୍କରେ ଯେଉଁ ସାତପୁରି ହୁଏ ତାହା ଦୁଇ ପରସ୍ତ ପୁରି ଭିତରେ ପୁର ଦିଆଯାଇ ତିଆରି ହୋଇଥାଏ । ଖାଣ୍ଟି ଗୁଆଘିଅରେ ଛଣା ହୋଇଥିଲେ ମଧ୍ୟ ଦାମ ଖୁବ୍ ଶସ୍ତା । ତିନ ପଇସାକୁ ଆଜିକାଲିର ପାଞ୍ଚ ପଇସା) ଗୋଟିଏ ସାତପୁରି ଯାହାକି ଗୋଟିଏ ୭।୮ ବର୍ଷ ପିଲାର ପେଟେ ହେବ । ଝିଜା ମଧ୍ୟ ଏକ ସ୍ୱତନ୍ତ୍ର ପ୍ରକାରରେ ତିଆରି ହୋଇଥାଏ । ଲିଆ ଗୁଣ୍ଡକୁ ଗୁଡ଼ରେ ପାଗଧରି ବେଲଣା ପେଡ଼ିରେ ବେଲିଯାଇ ଖଣ୍ଡି ଖଣ୍ଡି ହୋଇ ଛୁରିରେ କଟାଯାଇ ଥାଏ । ତାହା ପିଲାମାନଙ୍କ ପାଇଁ ଏକ ଉତ୍ତମ ସୁସ୍ୱାଦୁ ଖାଦ୍ୟ । ଦୂର ଦୂରାନ୍ତରୁ ଆସିଥିବା ଦେଖଣାହାରୀମାନେ ତାଙ୍କର ପିଲା-ମାନଙ୍କୁ ସେଥିରୁ କିଛି କିଛି ଜଳଖିଆ ଦେଇ ଆଉ ଘର ପାଇଁ କିଛି କିଣିନେଇ ବେଶ୍ ଆନନ୍ଦ ଆହ୍ଲାଦରେ ବାହୁଡ଼ି ଯାନ୍ତି ।

ମୋତେ ଯେତେବେଳେ ମାତ୍ର ଅଢ଼େଇ ବର୍ଷ ବୟସ ସେହି ସମୟରେ ମୋର ପିତୃ ବିୟୋଗ ହୁଏ । ମୋ ଜ୍ୟେଷ୍ଠ ଭ୍ରାତାଙ୍କର ବୟସ ସେତେବେଳେ ୨୧।୨୨ ବର୍ଷ ହେବ । ତାଙ୍କ ତଳ ଭାଇ

Digitized by srujanika@gmail.com

ଅପର ପ୍ରାଇମେରୀ ବୃତ୍ତି ପାଇ କେନ୍ଦ୍ରାପଡ଼ା ବଳଦେବ ଜୀଉ ହାଇସ୍କୁଲରେ ଅଧ୍ୟୟନ କରୁଥାନ୍ତି ।

ମୁଁ ମୋ ପିତାମାତାଙ୍କର ନବମ ଓ ଶେଷ ସନ୍ତାନ । ଗୋଟିଏ ଭାଇ ଓ ଗୋଟିଏ ଭଉଣୀଙ୍କୁ ମୁଁ ଦେଖିବାର ସୁଯୋଗ ପାଇପାରି ନ ଥିଲି । ମୋର ଜନ୍ମ ପୂର୍ବରୁ ସେ ଦୁହିଁଙ୍କର ଅକାଳ ମୃତ୍ୟୁ ହୋଇ ଯାଇଥିଲା । ଅଢ଼େଇ ବର୍ଷ ବୟସ୍କ ଜଣେ ଶିଶୁର ଯେତକ ସ୍ମରଣ ରହିବା କଥା ତାହା ବେଶ୍ ମୋର ମନେଅଛି । ପିତା ଚାଷବାସ ଦେଖିବାକୁ ଯାଇ ଘରଠାରୁ ବାର କିଲୋମିଟର ଦୂରସ୍ଥାନରେ ହଇଜାରେ ମୃତ୍ୟୁବରଣ କରିଥିଲେ । ଜଳପଥରେ ଯେତେବେଳେ ପିତାଙ୍କର ମୃତ୍ୟୁ ଖବର ଆସି ଆମ ଘରେ ପହଞ୍ଚିଲା, ସେତେବେଳେ ମୋର ମା, ଜେଜେମା, ଭଉଣୀମାନେ ଯେଉଁ ସ୍ଥାନରେ ଯେପରି ଅବସ୍ଥାରେ ରହି କାନ୍ଦୁଥିଲେ ତାହା ମୋର ବେଶ୍ ସ୍ମରଣ ଅଛି । ପିତାଙ୍କର ଚେହେରା ମଧ୍ୟ କିଛି କିଛି ମନେ ପଡ଼େ ।

ପିତାଙ୍କର ମୃତ୍ୟୁ ବେଳକୁ ଆମ ପରିବାରରେ ଥିଲେ ଜେଜେମା, ମା, ଚାରି ଭଉଣୀ, ଆଉ ଆମେ ତିନିଭାଇ । 'ମୋଟ ନଅ ପ୍ରାଣୀ କୁଟୁମ୍ବ । ବଡ଼ ଭଉଣୀ ବାଳ ବିଧବା । ସେ ମୃତ୍ୟୁଯାଏ ଆମରି ଘରେ ଥିଲେ । ବିଧବା ହେବାପରେ ଆଉ ଶ୍ୱଶୁର ଘର ମୁହଁ ଦେଖି ନାହାନ୍ତି । ମଝିଆ ଭାଇ ତ କେନ୍ଦ୍ରାପଡ଼ାରେ ପଢ଼ନ୍ତି । ଘରେ ଆମେ ଆଠପ୍ରାଣୀ ଥା'ଉ ।

ମୋ ଜ୍ୟେଷ୍ଠ ଭ୍ରାତା ଆଉ ମା ଏ ଦୁହେଁ ବଡ଼ ସରଳ ପ୍ରକୃତିର । ଜେଜେମାଙ୍କର ବୁଦ୍ଧି ପ୍ରଖର ଥିଲା । ହେଲେ ମାଇପି-ଲୋକ ଜଣେ ଗୃହବାସ ବିଷୟରେ ବା କଣ ଜାଣିବେ ? ମୋର

Digitized by srujanika@gmail.com

ସାନ ପିଉସୀଙ୍କ ଘର ଆମର ଗାଁରେ, ଗାଁର ଶେଷମୁଣ୍ଡକୁ । ଆମ ଘରଠାରୁ ଏକ କିଲୋମିଟର ଦୂର ହେବ । ତାଙ୍କର ଦୁଇ ପୁଅ, ଗୋଟିଏ ଝିଅ ଥିଲେ । ତାଙ୍କର ବଡ଼ ପୁଅଙ୍କ ନାମ ଯଜ୍ଞାନ୍ । ସେ ମୋର ଜ୍ୟେଷ୍ଠ ଭ୍ରାତାଙ୍କଠାରୁ ବୟସରେ କିଛି କନିଷ୍ଠ ହେଲେ ମଧ୍ୟ ବିଷୟ ବୁଦ୍ଧିରେ ଜ୍ୟେଷ୍ଠ ଥିଲେ । ବଡ଼ଭାଇ ମୋର ଚାଷବାସ ବିଷୟରେ କିଛି ଜାଣନ୍ତି ନାହିଁ । ଧନୀ ଘରର ଅଳିଅଳ ପୁଅ ଭାବରେ ବଢ଼ିଥିଲେ ।

ଯଜ୍ଞାନ୍ ଆମ ଘରକୁ ଆସି ମୋର ବଡ଼ଭାଇ ଲକ୍ଷ୍ମୀଧରଙ୍କୁ ଖୁବ୍ ଦମ୍ଭ ଦେଇ କହିଲେ, ତମେ ବ୍ୟସ୍ତ ହୁଅନାହିଁ । ଚୁପ୍ ସୁଧ୍ ବସ । ମୁଁ ଚାଷକାମର ସବୁ ଠିକ୍ ଠିକଣା କରିଦେବି । ଘର ବି ଚଳେଇ ନେବି ।

ସେତେବେଳେ ପୁଷମାସ । ଗାଁ ଧାନ କଟାଯାଇ ଖଳାରେ ଗଦା ହଉଥାଏ । ପାହ୍ଲାଧାନ କଟାହେଉଥିବା ସମୟରେ ପିତାଙ୍କର ଦେହାନ୍ତ ହେଲା । ଯଜ୍ଞାନ୍ ପାହ୍ଲାକୁ ଯାଇ ଭଙ୍ଗାରେ ଧାନ ସବୁ ଆଣି ଖଳାରେ ଗଦା ମାରିଦେଲେ । ଯଥା ସମୟରେ ବେଙ୍ଗଳା ପକାଇ ଅମଳ ଶେଷ କରିଦେଲେ ।

ସେତେବେଳେ ଆମର ଦୁଇଟା ଗୁହାଳ ଥିଲା । ଦୁଇହଳ ବଳଦ ଗୋଟିଏ ଗୁହାଳରେ ରହନ୍ତି । ଛଅଟା ଗାଈ ଆଉ ବାଛୁରି ଅନ୍ୟ ଏକ ଗୁହାଳରେ ରହନ୍ତି । ଅମାରରେ ଧାନ ଭର୍ତ୍ତି ହୋଇଥାଏ ।

ପିତୃ ବିୟୋଗର ତୃତୀୟ ଚତୁର୍ଥ ଦୁଇ ବର୍ଷରେ ଦୁଇ ଭଉଣୀଙ୍କର ବିବାହ ହେବାକୁ ହେଲା । ଯଜ୍ଞାନ୍ ମୋ ଭାଇଙ୍କର ସରଳତାର ସୁଯୋଗ ନେଇ ଘର ଚଳାଇବା ଆଳରେ କ୍ରମେ

Digitized by srujanika@gmail.com

ଫଳେ ଏପରି ଏକ ପରିସ୍ଥିତିର ସୃଷ୍ଟି କଲା ଯେ, ଜେଜେମା, ମା, ଭାଇ ସମସ୍ତେ ଦୁଃଖ ନୈରାଶ୍ୟରେ ମ୍ରିୟମାଣ ହୋଇ ପଡ଼ିଲେ । ହେଲେ ସେ ପରିସ୍ଥିତି ସୁଧାରିବାର କୌଣସି ଉପାୟ ସେତେବେଳକୁ ନଥିଲା । ମଫସଲରେ ଚାଷୀମାନଙ୍କର ଧାନ, ମୁଗ, ବିରି ଆଦି ହେଉଛି ପ୍ରଧାନ ଫସଲ । ଯେ କୌଣସି ଖର୍ଚ୍ଚ ପାଇଁ ସେହି ସବୁ ଶସ୍ୟ ବିକ୍ରିରୁ ହିଁ ଟଙ୍କା ସଂଗ୍ରହ ହୋଇଥାଏ । ତିନି ଚାରି ବର୍ଷ ମଧ୍ୟରେ ଘରେ ପୁରୁଣା ଧାନ ଦୂରେଥାଉ ନୂଆ-ଧାନ ମଧ୍ୟ ବର୍ଷକର ଖର୍ଚ୍ଚ ପାଇଁ ନଅଣ୍ଟ ହେଲା । ସେତେବେଳକୁ ପାଞ୍ଚ ଜମିସବୁ ବନ୍ଧାପଡ଼ି ସାରିଥିଲା । ଘରପାଖ ଜମି ଓ ଧୋଇଆ । କେଉଁବର୍ଷ ଫସଲ ହୁଏତ କେଉଁବର୍ଷ ନାହିଁ । କେବେ କେବେ ନଗ ନଗ ତିନି ଚାରି ବର୍ଷ ହ କଟୁ ମିଳେନାହିଁ । ରବି ଋତୁରେ ମୁଗ କଳ୍ପ କଟୁ କଟୁ ମିଳେ ।

ଆମର ଚାଷ ଭାଙ୍ଗିଗଲା । ବଳଦ ହଳ ଲଙ୍ଗଳ ସବୁ ବିକି ହୋଇଗଲା । କିନ୍ତୁ ପ୍ରକୃତରେ ସେ ସବୁ ଯାଇ ମହାଜନଙ୍କ ଘରେ ସ୍ଥାନ ପାଇଥିଲେ । ଶେଷକୁ କଂସାବାସନ ସବୁ ବିକି ହୋଇଗଲା ।

ଆମ ଘରର କଂସା, କୋଠା, ଗରୁ ଆଦି ବିକି ହେଉଥିବାର ଭୟଙ୍କର ଦୃଶ୍ୟ ମୁଁ ନିଜ ଆଖିରେ ଦେଖିଛି । ମୋର ବୟସ ସେତେବେଳକୁ ସାତବର୍ଷ ହେବ । କେତେଗୁଡ଼ିଏ କଂସାବାସନ ଧାଡ଼ିହୋଇ ପିଣ୍ଡା ଉପରେ ଥୁଆ ହୋଇଥାଏ । ସେ ସବୁ ଫଶ୍ୟାରେ ନମ୍ବରି ଥିଲା । ଆଉ ଜମିଦାରର ମାଲପାଟଣା ଗ୍ରାମର ରଜ ମାଣିକ ନାମରେ ଜଣେ ବେପାରୀ ଆମ ଘରକୁ କଂସା ବାସନ ଯୋଗାନ୍ତି । ଯେଉଁଦିନ ସେ ମୋର ମାଙ୍କ

Digitized by srujanika@gmail.com

ଆଗରେ ପିଣ୍ଡା ଉପରେ ବସି ଭୋ ଭୋ କରି କାନ୍ଦି ଉଠିଲେ । କହିଲେ, ମା, ଏ ଘରେ ମୁଁ କେତେ କଂସା ବାସନ ଯୋଗାଇ ନଥିଲି ! ଆଜ ପୁଣି ଏ ଘରୁ ଜନିଷ ମୋତେ ନେବାକୁ ହେଲା ? ମା ତ ଆଗରୁ କାନ୍ଦି କାନ୍ଦି କଂସା ବାସନ ଆଣି ପିଣ୍ଡା ଉପରେ ଥୋଇଥିଲେ । ଗଜ ମାଣିକ କାନ୍ଦିବାର ଦେଖି ତାଙ୍କର କାନ୍ଦଣା ଆହୁରି ବଢ଼ିଗଲା । ମୁଁ କିନ୍ତୁ ସେତେବେଳେ ସେମାନଙ୍କର କାନ୍ଦିବାର କାରଣ କିଛି ବୁଝିପାରୁ ନଥାଏ । ଆଜ କିନ୍ତୁ ବୁଝି ପାରୁଛି । ସେଦିନର ସେ ବେପାରୀଙ୍କର କି ଅନାବିଳ ପବିତ୍ର ସହାନୁଭୂତି ! ଗୋଟାଏ ଖାନଦାନ ଘର ଉଜୁଡ଼ି ଯାଉଥିବାର ଦେଖି ତାଙ୍କ ହୃଦୟରେ ଯେଉଁ ଆଘାତ ଲାଗିଥିଲା ତାହା ଲୋତକ ରୂପରେ ତାଙ୍କର ଅନ୍ତଃସ୍ଥଳରୁ ଯେମିତି ଝରି ଆସୁଥିଲା । ଆଜିର ଏଇ ସୁଶିକ୍ଷିତ ସୁସଭ୍ୟ ଯୁଗରେ ସେଦିନର ସେ ପ୍ରକାର ଅନାବିଳ ସହାନୁଭୂତିର ନିଦର୍ଶନ ମୁଁ ଅନ୍ୟ କୁତ୍ରାପି ଦେଖିନାହିଁ ।

କଂସାବାସନ ବିକି ପରେ ବିକିବାକୁ ଘରେ ଆଉ କିଛି ନ ଥିଲା । ଘର ପାଖ ଜମି ଖଣ୍ଡିକରୁ ଯାହା କିଛି ମିଳୁଥିଲା ତାହା ସମୁଦ୍ରକୁ ଶଙ୍ଖେ ପଣା ପରି । ସେତକରେ ଦିନ ସରୁ ନଥିଲା ।

ଆମର ଦୁଇଟା ବଡ଼ ବଡ଼ ଆମ୍ବ ଆଉ ବାଉଁଶର ବଗାୟତ ଥିଲା । ଆମର ମଣ୍ଡା ଆମ୍ବର ସେ ଅଞ୍ଚଳରେ ଖୁବ୍ ନାଁ ଡାକ ବି ଥିଲା । ଆମ୍ବ ବଗିଚା ଭିତରେ ଅନେକ ସପୁରୀ ଗଛ ଥାଏ । ଖୁବ୍ ବଡ଼ ବଡ଼ ସପୁରୀ ଶହ ଶହ ସଂଖ୍ୟାରେ ଫଳେ । ବର୍ଷକୁ ବର୍ଷେ ଆମ୍ବ, ସପୁରୀ ବର୍ଷରୁ କିଛି ପଇସା ମିଳେ । ବାଉଁଶରୁ ବି କିଛି

Digitized by srujanika@gmail.com

ଥାଏ ହୁଏ । ତା ଛଡ଼ା ଘରେ ୪ଟା ଗାଈ ଥାନ୍ତି । ୪ଟାଯାକ ଗାଈ ଗୋଟାକ ପରେ ଗୋଟାଏ ଭଣୁଆ ହେଉଥିବାରୁ ବର୍ଷସାରା ଘରେ ଦୁଧ ଦହିର ଛିଟଣ ନ ଥାଏ । ଆମର ହଳିଆ ଗୃହର ନ ଥିଲେ ବି ଗାଈ ପାଳିବାରେ କିଛି ଅସୁବିଧା ନ ଥାଏ । ଗାଁରେ ପ୍ରାୟ ସମସ୍ତଙ୍କର ଗାଈ ଥାନ୍ତି । ହେଲେ ସେଥିପାଇଁ କାହାରିକୁ ସ୍ୱତନ୍ତ୍ର ଗୃହର ରଖିବାକୁ ହୁଏ ନାହିଁ । ପ୍ରତିଦିନ ଦୁଇଜଣ ଲୋକ ପାଳିକ୍ରମେ ଗାଁ ଗୋଟାକର ଗାଈ ଜଗନ୍ତି । ପଡ଼ିଆ ପଦର ଯଥେଷ୍ଟ ଥାଏ । ଘାସ ବି ପ୍ରଚୁର ଜନ୍ମେ । ପଦର ବନରେ ଦୁଇ ଜଣଙ୍କର ଗାଈ ଜଗିବା ପାଳି ପଡ଼େ । ଆମ ପାଳିଦିନ ଗୋଟିଏ ଗାଈଆଳ ଟୋକାର ମୂଲ ଦୁଇଅଣା (ଆଜିକାଲିର ବାର ପଇସା) ଦେଇ ଦେଲେ ସେ ଆମ ପାଳିର ଗାଈ ଜଗେ । ଆମ ଘରର ଖୁବ୍ ନିକଟରେ ଗୋଟାଏ ବଡ଼ ଯୋର ଥାଏ । ସେ ଯୋରର ଦୁଇ ପାଖରେ କେଉଁଟି ନାମକ ଏକ ଘାସ ହୁଏ । ସେ ଘାସ ଖାଇଲେ ଗାଈ ମଇଁଷି ଖୁବ୍ ଦୁଧ ଦିଅନ୍ତି । ମୋର ବାଳ ବିଧବା ବଡ଼ ଭଉଣୀ ପ୍ରତିଦିନ ସେହି ନାଳରୁ ଘାସ କାଟିଆଣି ଗାଈମାନଙ୍କୁ ଖୁଆନ୍ତି ।

ବାରମାସ ଗାଈ ଦୋଅଳ ଥିବାରୁ ଘରେ ସବୁବେଳେ ଘିଅ ଥାଏ । ଘିଅ ବିକ୍ରିରୁ ବି କିଛି ପଇସା ମିଳେ । ବାଉଁଶ, ଆମ୍ବ, ସପୁରୀ, ଘିଅ, ଦେଶୀଆଳୁ ଏ ସବୁର ଆୟ ମିଶିଲେ ମଧ୍ୟ ଘରେ ସବୁଦିନ ସମସ୍ତଙ୍କୁ ପେଟପୂର ଖାଇବାକୁ ମିଳେନ ।

ଆମର ଷେଷେଇ ଘରଟା ଖୁବ୍ ବଡ଼ ଘର । ସେଇ ଷେଷେଇ ଘରର ଗୋଟାଏ ପାଖରେ ଧାଡ଼ି ହୋଇ ହାଣ୍ଡି ରଖିବା ଟେଙ୍ଗସ ପଣ୍ଡି ଗୋଟିଏ ଗୋଟିଏ କରି ପାଞ୍ଚଟା ଅଗଧିର ଗାଡ

ଖୋଳା ହୋଇଥାଏ । ମା ବାଡ଼ିରୁ କଦଳୀପତ୍ର କାଟିଆଣି ସେଇ ଗାତ ଉପରେ ବିଛାଇ ଦିଅନ୍ତି । ତା ଉପରେ ତତଲା ପାଣିଆ ଯାଉରୁ ଓଳାଏ ଓଳାଏ ଢାଳି ଦିଅନ୍ତି । ସମସ୍ତେ ସେଇଥିରୁ ହାପୁଡ଼ ଖାଆନ୍ତି । ତା ପରେ ପେଟେ ପେଟେ ପାଣି ପିଅନ୍ତି । ମୋ ଭାଗରେ କନ୍ତୁ ଯାଉ ପଡ଼େନା । ମୁଁ ପେଟପୂରା ଭାତ ଖାଇବାକୁ ପାଏ । ଭାତ ଫୁଟି ଯାଉ ହେବା ଆଗରୁ ମା ସେଥିରୁ କିଛି ଛାଣିନେଇ ମୋ ପାଇଁ ଅଲଗା ରଖିଦେଇ ଥାନ୍ତି । ମୁଁ ଦିନ ଭିତରେ ତିନ ଚାରି ଥରରେ ସେଇ ଭାତ ଖାଇବାକୁ ପାଏ । ଘରେ ଆଉ ସମସ୍ତେ ଅଧ ଅଧ ପେଟେ ଯାଉ ଖାଇ ମାସ ମାସ ସମୟ କଟାଇ ଦିଅନ୍ତି । ଘରେ ଗୋଟିଏ ନୋଟା, ଗୋଟିଏ ପରସୁଣୀ, ଆଉ ଦୁଇଟି ପଥୁରି ଥାଏ । ସେଇଥିରେ ସମସ୍ତେ ପାଣି ପିଅନ୍ତି ।

ଗାଁ ଭିତରେ ଇଉ. ପି. ବିଦ୍ୟାଳୟ ଥିଲେ ମଧ୍ୟ ଘରର ଏପରି ଦୟନୀୟ ଅବସ୍ଥାରେ ମୋର ପାଠପଢ଼ା କଥାଟା କୋଉ ତଳେ ଲୁଚିଯାଇ ଯାଇଥାଏ । ମଝିଆ ଭାଇ ଘନଶ୍ୟାମ ମାଟ୍ରିକ ପାସ କରିବା ପରେ ଯାଇ ନଅବର୍ଷ ବୟସରେ ମୋର ସ୍କୁଲରେ ନାମଲେଖା ହୋଇଥିଲା ।

ହାଇସ୍କୁଲରେ ଅଧ୍ୟୟନ

ମଝିଆ ଭାଇ ମାଟ୍ରିକ ତ ପାସ୍ କଲେ । ତା ପରେ କରିବେ କ'ଣ ? ତତ୍କାଳୀନ କନକାର ରଜା ସାହେବ ରାଜେନ୍ଦ୍ର ନାରାୟଣ ଭଞ୍ଜ ମୋର ଭାଇଙ୍କୁ ଖୁବ୍ ଭଲ ପାଉଥିଲେ । ତାହାର କାରଣ ମୋର ଭାଇ ଓ ଋତ୍ନାକର ବଳ ନାମକ ଜଣେ ବ୍ୟକ୍ତି ହେଉଛନ୍ତି କନକା ଜମିଦାରୀର ପ୍ରଥମ ଶିକ୍ଷିତ ପ୍ରଜା । ସେ ଦୁହେଁ

Digitized by srujanika@gmail.com

ଏହା ସଙ୍ଗରେ ମାଟ୍ରିକ ପାସ କରିଥିଲେ । ତତ୍କାଳୀନ ବଳଙ୍କର ଆର୍ଥିକ ଅବସ୍ଥା ଭଲ ଥିଲା । ସେ ଯାଇ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ପଢ଼ିଲେ । ଆମର ଅବସ୍ଥା ଅସ୍ବଚ୍ଛଳ ଥିବାରୁ ଭାଇଙ୍କର ପଢ଼ିବାର ସୁଯୋଗ ନ ଥିଲା । କନିକାର ରାଜା ସାହେବଙ୍କର ବାଲେଶ୍ୱର ଜିଲ୍ଲାରେ ଥିବା ଜମିଦାରୀରେ କଇଥ-ଖୋଲା ନାମକ ସ୍ଥାନରେ ଜଣେ ନଡ଼ିଆ ବୃକ୍ଷ ବିଶେଷଜ୍ଞ ସାହେବ ଥିବା କନିକାରେ ନଡ଼ିଆ ବୃକ୍ଷ କରୁଥାନ୍ତି । ନଡ଼ିଆ ବୃକ୍ଷ ଶିକ୍ଷା କରିବା ନିମନ୍ତେ ଭାଇଙ୍କୁ ସେହି ସାହେବଙ୍କ ଅଧୀନରେ ରାଜା ଏକ ବୃତ୍ତି ଦେଲେ । ଦରମା ମାସକୁ କୋଡ଼ିଏ ଟଙ୍କା । ଭାଇ ସେହି ବୃତ୍ତି ଗ୍ରହଣ କରିବା ପରଠାରୁ ଘରର ବିପର୍ଯ୍ୟସ୍ତ ଅବସ୍ଥାରେ କିଞ୍ଚିତ୍ ପରିବର୍ତ୍ତନ ଘଟିଲା ।

ବଙ୍ଗ, ବିହାର, ଓଡ଼ିଶା ଏହି ତିନିଗୋଟି ରାଜ୍ୟ ମିଶି ପ୍ରଥମେ ବଙ୍ଗ-ବିହାର-ଓଡ଼ିଶା ନାମରେ ଏକ ପ୍ରଦେଶ ଗଠିତ ହୋଇଥିଲା । ପରେ ବଙ୍ଗରୁ ବିଚ୍ଛିନ୍ନ ହୋଇ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଲା । ବିହାର-ଓଡ଼ିଶା ପ୍ରାଦେଶିକ ସରକାର ପ୍ରଜାମାନଙ୍କ ପାଇଁ ଯାହାକିଛି ସୁବିଧା ସୁଯୋଗ ଦେଉଥିଲେ ବିହାରୀମାନେ ସେସବୁ ମାରିନେଇ ଯାଉଥିଲେ । ଓଡ଼ିଆମାନେ କିଛି ପାଇପାରୁ ନ ଥିଲେ । ତାହାର ପ୍ରଧାନ କାରଣ ପ୍ରଦେଶର ରାଜଧାନୀ ବିହାରର ପାଟଣା ସହରରେ ଥିଲା । ଓଡ଼ିଆଙ୍କ ପାଇଁ କହିବାକୁ ସେଠାରେ କେହି ନ ଥିଲେ ।

ପଶୁଡାକ୍ତରୀ ଛାତ୍ରଙ୍କ ପାଇଁ ବିହାର-ଓଡ଼ିଶା ପ୍ରଦେଶରେ ପାଞ୍ଚଗୋଟି ଛାତ୍ରବୃତ୍ତି ଥାଏ । ସେ ପାଞ୍ଚଟିଯାକ ବୃତ୍ତି ବିହାରୀମାନେ ମାରି ନେଉଥିଲେ । କନିକାର ରାଜା ସାହେବଙ୍କ ପ୍ରଚେଷ୍ଟାରେ ଗୋଟିଏ

Digitized by srujanika@gmail.com

ବୃତ୍ତି ଓଡ଼ିଆଙ୍କ ପାଇଁ ମିଳିଲା । ସେହି ବୃତ୍ତିଟି ପାଇ ଭାଇ ଗଲେ କଲିକତାସ୍ଥ ବେଲଗାଛିଆର ବେଙ୍ଗଲ ଭେଟେରିନାରି କଲେଜରେ ପଢ଼ିବା ପାଇଁ ।

ଭାଇ ନଡ଼ିଆ ସାହେବ ଅଧୀନରେ ଚାକିରି କରୁଥିବା ବେଳେ ତାଙ୍କର କୋଡ଼ିଏ ଟଙ୍କା ଦରମାରୁ ବାରଟି ଟଙ୍କା ନିଜ ଖର୍ଚ୍ଚ ପାଇଁ ରଖି ଘରକୁ ନିୟମିତ ମାସକୁ ମାସ ଆଠ ଟଙ୍କା କରି ପଠାଉଥିଲେ । ଏବେ ଭେଟେରିନାରି ପଢ଼ିବା ପାଇଁ ମିଳୁଥିବା ପଚିଶ ଟଙ୍କା ବୃତ୍ତିରୁ ନିଜ ଖର୍ଚ୍ଚ ପାଇଁ ସତର ଟଙ୍କା ରଖି ଘରକୁ ସେହି ଆଠ ଟଙ୍କା ପଠାଇଲେ ।

ଘରର ଅବସ୍ଥା ଟିକିଏ ସୁଚ୍ଛଳ ହୋଇ ଆସୁଥିବାବେଳେ ସେ ସୁବିଧା ଭୋଗ କରିବା ବଡ଼ଭାଇଙ୍କ ଭାଗ୍ୟରେ ନ ଥିଲା । ଘରର ଅସ୍ୱଚ୍ଛଳ ଅବସ୍ଥାରେ ସେ ଏକାନ୍ତ ମ୍ରିୟମାଣ ହୋଇ ଜୀବନ ଧରି ରୋଗ ଭୋଗ କରିବା ପରେ ଟିକିଏ ସୁସ୍ଥ ହୋଇ ଆସିଲା ବେଳକୁ ଥରେ ଗୋଟିଏ ପ୍ରାଇଭେଟ ଶିକ୍ଷକ ଚାକିରିର ଅନୁସନ୍ଧାନରେ ଘରଠାରୁ କିଛି ଦୂରକୁ ଚାଲିଗଲେ । ସନ୍ଧ୍ୟା ସମୟରେ ଘରକୁ ଫେରିବା ରାସ୍ତାରେ ହଇଜାରେ ଆକ୍ରାନ୍ତ ହେଲେ । ସେତେବେଳେ ହଇଜାର ଚିକିତ୍ସା ନ ଥିଲା । ପରଦିନ ମଧ୍ୟାହ୍ନରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା ।

ବଡ଼ ଭାଇଙ୍କ ମୃତ୍ୟୁର ଦୁଇବର୍ଷ ପରେ ଜେଜେମାଙ୍କର ବି ସେଇ ହଇଜାରେ ଦେହାନ୍ତ ଘଟିଲା ।

ପିଉସୀ ପୁଅ ସଙ୍ଗରେ, ଆମର ସମ୍ପତ୍ତି ସବୁ ଠକିକରି ହସ୍ତଗତ କରିବାରେ ଜେଜେମାଙ୍କର ତାଙ୍କର ସାହାଯ୍ୟ

Digitized by srujanika@gmail.com

ଯଜ୍ଞଦତ୍ତଙ୍କ ମା ସଙ୍ଗରେ ଖୁବ୍ କଳହ ହୋଇଥିଲା । ଜେଜେମା ତାଙ୍କର ଝିଅକୁ ଅଭିଶାପ ଦେଇ କହୁଥିଲେ—ତୋ ବଂଶ ନିର୍ବଂଶ ହୋଇଯିବ । ତୋତେ ଟୋପାଏ ଜଳ ଦେବାକୁ କେହି ରହିବେ ନାହିଁ । ତୋ ଉଦରରେ ଚଲୁଆ ଭୁଜଙ୍ଗ । ତୁ ପୁଅ ସାଙ୍ଗରେ ସଲା ହୋଇ ମୋତେ ଏ ବୟସରେ ଏତେ ଦୁଃଖ ଦେଉଛୁ । ମୋ ଅନ୍ତର କାନ୍ଦୁଛି । ମୋ ଅନ୍ତରରୁ ବାହାରୁଛି ଯେଉଁ ପୁଅ ସାଙ୍ଗରେ ସଲା ହୋଉଛୁ ତୁ ମଲାବେଳେ ସେ ପୁଅ ତୋ ପାଖରେ ନ ଥିବ । କୋଳ ପୁଅ ବି ନ ଥିବ । ତୁ ଆଣ୍ଠୁକୁଡ଼ୀ ହୋଇ ମରିବୁ ।

ଜେଜେମା ଅଭିଶାପ ଦେଇଥିଲେ ସିନା ତାଙ୍କ ଝିଅର ପରିଣାମ କଣ ହେଲା ଦେଖି ପାରିଲେ ନାହିଁ । ମୁଁ କିନ୍ତୁ ଦେଖିଛି । ଜେଜେମାଙ୍କର ଅଭିଶାପ କଣ୍ଟାଏ କଣ୍ଟାଏ ଫଳିଲା । ସେ ଅଭିଶାପ ଦେବାର ଠିକ୍ ସାତବର୍ଷ ପରେ ଯଜ୍ଞଦତ୍ତ ଦୀର୍ଘଦିନ ଧରି ରୋଗ ଭୋଗି ଭୋଗି ପ୍ରାଣତ୍ୟାଗ କଲେ । ନିଜର ଯାହା କିଛି ଜମି ଥିଲା ସେ ସବୁ ତାଙ୍କ ଚିକିତ୍ସା ପାଇଁ ବନ୍ଧକ ହୋଇ ଯାଇଥିଲା । ଦିଅଁ ସେବା କରୁଥିବାରୁ ଯେଉଁ ଦେବୋତ୍ତର ସମ୍ପତ୍ତିର ମାଲିକ ଥିଲେ, ତାହା ଲାଗ ଲାଗ କେତେବର୍ଷ ଧୋଇରେ ଯିବାରୁ ପ୍ରତିଦିନ ମୁଠିଏ ଅନ୍ନ ପାଇବାର ବି ମୁସ୍କିଲ ହେଲା । ଦିଅଙ୍କ-ଠାରେ ସକାଳ ଓଳି ଖେଚେଡ଼ି ଭୋଗ ହୁଏ । ପାଏ ଚାଉଳରେ କିଛି ମୁଗଯାଇ ପଡ଼ି ଯେଉଁ ଖେଚେଡ଼ି ରନ୍ଧା ହୋଇଥାଏ ସେଇ ଦେବ ପ୍ରସାଦରୁ ପିଉସୀ, ତାଙ୍କର ବିଧବା ବୋହୂ ଆଉ ସାନପୁଅ ନିତ୍ୟାନନ୍ଦ ତିନିଜଣ ବାଣ୍ଟି କରି ଖାଆନ୍ତି । ଏମିତି ବା କେତେଦିନ ଚଳିବ ? ଘନଶ୍ୟାମ ଭାଇ ସେତେବେଳକୁ ଜାଜପୁରରେ ପଶୁ ଡାକ୍ତର ଥାନ୍ତି । ନିତ୍ୟାନନ୍ଦ ଭାଇଙ୍କ ପାଖରେ

Digitized by srujanika@gmail.com

ମାସିକ ଗୁରିଟଙ୍କା ଦରମାରେ ପ୍ରକାଶ କାମ କରେ । ବର୍ଷଟିଏ ଗୁକଣ କରିବା ପରେ ତାଙ୍କ ମାଙ୍କର ଜଳବା ଗାଁର ଘରକୁ ଆସିଲେ । ଘରକୁ ଆସିବାର ଅଳ୍ପଦନ ପରେ ବେମାର ପଡ଼ି ଅଚେତାନ୍ତତ ଅବସ୍ଥାରେ ସେ ପ୍ରାଣତ୍ୟାଗ କଲେ । ଚଞ୍ଚ ସେବା କରି ନପାରିବା ହେତୁ ଦେବୋତ୍ତର ସମ୍ପତ୍ତି ବହୁ ଆଗରୁ ହାତଛଡ଼ା ହୋଇ ଯାଇଥିଲା । ପିଉସୀ ବହୁ ଦୁଃଖ ଯନ୍ତ୍ରଣାରେ ଘାଣ୍ଟି ହୋଇ ମୃତ୍ୟୁବରଣ କଲେ । ସେ ମଲା ବେଳକୁ ପୁଅ ତ ନଥିଲେ ଝିଅ ବି ପାଖରେ ନଥିଲେ । ଯଗନ୍ନାଥଙ୍କର ବିଧବା ପତ୍ନୀ ତାଙ୍କର ଶିଶୁ ପୁଅଟିକୁ ନେଇ ପିତାଳୟ ବାଲେଶ୍ୱରକୁ ଗ୍ଲଲିଗଲେ । ସେଠାକୁ ଯିବାର ଅଳ୍ପଦନ ପରେ ଶିଶୁପୁଅ ସହିତ ପ୍ରାଣ ହରାଇଲେ । ପିଉସୀଙ୍କର ଗୋଟିଏ ଝିଅ ପଟାମୁଣ୍ଡାଇରେ ବିବାହ କରିଥିଲେ । ନିଃସନ୍ତାନ ଅବସ୍ଥାରେ ତାଙ୍କର ମଧ୍ୟ ଅକାଳରେ ମୃତ୍ୟୁ ହୋଇଗଲା ।

ଜେଜେମାଙ୍କର ଅଭିଶାପ ଝିଅ ଉପରେ ପୂର୍ଣ୍ଣଭାବରେ ଫଳିଲା ।

ଭାଇ ବେଲଗାଛିଆସ୍ଥ ବେଙ୍ଗଲ ଭେଟେରିନାରି କଲେଜରୁ ଜି. ବି. ଭି. ସି. (ଗ୍ରାଜୁଏଟ ଅଫ୍ ବେଙ୍ଗଲ ଭେଟେରିନାରି କଲେଜ) ପାସ କରି ସଙ୍ଗେ ସଙ୍ଗେ ଜାଜପୁରରେ ନୂଆ ହୋଇ ଖୋଲାଯାଇଥିବା ପଶୁ ଡାକ୍ତରଖାନାରେ ମାସିକ ତିରିଶ ଟଙ୍କା ବେତନରେ ଚାକରୀ ପାଇଲେ । କ୍ରମାଗତ ଭାବରେ ମେଲେରିଆ ଜ୍ୱରରେ ଭୋଗିବା କାରଣରୁ ଦୁଇଟି ବର୍ଷ ମୋର ପାଠପଢ଼ାରେ ଡୋରିବନ୍ଧା ହେବାପରେ ମୁଁ ୧୯୧୯ ମସିହାରେ ରାଜ-କନିକା ହାଇସ୍କୁଲରେ ନାମ ଲେଖାଇଲି । ସେତେବେଳେ ହାଇସ୍କୁଲରେ ଚତୁର୍ଥ ଶ୍ରେଣୀ ବି ଥିଲା । ମୁଁ ସେହି ଚତୁର୍ଥ

Digitized by srujanika@gmail.com

ଶ୍ରେଣୀରେ ନାମ ଲେଖାଇଲି । ବାର୍ଷିକ ପରୀକ୍ଷାରେ ମୁଁ ଓ ମୋର ସହପାଠୀ ଫକୀର ଚରଣ ଦାସ (ବର୍ତ୍ତମାନ ସମାଜ ପ୍ରେସର ସୁଯୋଗ୍ୟ ଜେନେରାଲ ମେନେଜର) ଉଭୟେ ଡବଲ ପ୍ରମୋସନ ପାଇ ଷଷ୍ଠ ଶ୍ରେଣୀକୁ ଉନ୍ନୀତ ହେଲୁ ।

ବୈରାଗ୍ୟ ଓ ଗୃହତ୍ୟାଗ

ମୁଁ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ଭାଇଙ୍କର ବିବାହ ସମ୍ପନ୍ନ ହେଲା । ତାଙ୍କର ବିବାହ ପରେ ପରେ ମୋ ଜୀବନରେ ଏକ ବିସ୍ମୟକର ଦୁର୍ଘଟଣା ମଧ୍ୟ ଘଟିତ ହେଲା ।

ବିବାହ ଉତ୍ସବରେ ଯୋଗ ଦେବାକୁ ଆମ ଘରକୁ ବହୁତ କୁଣିଆ ଆସିଥାନ୍ତି । ସ୍ଥାନାଭାବ ହେତୁ ଗୋଟିଏ ଗୋଟିଏ ଘରେ ପାଞ୍ଚ ସାତ ଜଣ କରି ଶୋଉଥାନ୍ତି । ମୁଁ ଯେଉଁ ଘରେ ଶୋଉଥାଏ ସେ ଘରେ କେତେଜଣ କୁଣିଆ ସ୍ତ୍ରୀ ଲୋକ ଶୋଉ-ଥାନ୍ତି । ଦିନେ ରାତି ଅଧରେ ମୋର ନିଦ୍ରିତାବସ୍ଥାରେ ଜଣେ କୁଣିଆ ଯୁବତୀ ମୋର ବିଛଣାକୁ ଆସି ଏପରି ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଦେଲେ ଯାହା ଫଳରେ ମୋର ବ୍ରହ୍ମଚର୍ଯ୍ୟ ସ୍ଖଳନ ଘଟିବାରେ ମୁହୂର୍ତ୍ତମାତ୍ର ବିଳମ୍ବ ହେଲା ନାହିଁ । ଏହି ଦୁର୍ଘଟଣା ପରେ ରାତିର ଅବଶିଷ୍ଟ ସମୟ ମୁଁ ନିଦ୍ରାଯାଇ ପାରିଲି ନାହିଁ । ଦୁଃଖ ଦୁଃଶ୍ଚିନ୍ତା, ଅନୁଶୋଚନାରେ ମୋର ମନ ଅଥୟ ହେବାକୁ ଲାଗିଲା । ଇଚ୍ଛାକୃତ ନହେଲେ ମଧ୍ୟ ମୁଁ ଯେଉଁ କୁକର୍ମ କରିପକାଇଛି ତାହାର ପ୍ରାୟଶ୍ଚିତ୍ତ କଣ ଚିନ୍ତା କରିବାକୁ ଲାଗିଲି । ନାନା ପ୍ରକାର ଭାବନା ମଧ୍ୟରେ ଚାହାନ୍ତା ପ୍ରହରକୁ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଲି ଯେ କୃତ ପାପର ଏକମାତ୍ର

Digitized by srujanika@gmail.com

ପ୍ରାୟଶ୍ଚିତ୍ତ ହେଉଛି—ଗୃହତ୍ୟାଗ କରି ସନ୍ନ୍ୟାସ ବ୍ରତ ଗ୍ରହଣ କରିବା । ସେହି ଭାବନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ହୃଦୟରେ ବଳ ସଞ୍ଚୟ କରି ବାହାରି ପଡ଼ିଲି । ଘରର ଅନ୍ୟମାନଙ୍କର ଉଠିବା ଆଗରୁ ସମସ୍ତଙ୍କ ଅଲକ୍ଷ୍ୟରେ ମୁଁ ଗୃହତ୍ୟାଗ କରି ମୋର କଳ୍ପିତ ମୁନି ଋଷି ଅଧ୍ୟୁଷିତ ତପୋବନ ଉଦ୍ଦେଶ୍ୟରେ ଚାଲିଲି ।

ସେଦିନ ମୁଁ ଦାନ୍ତ ଘସିଛି କି ନା ମୋର ମନେ ହେଉନି । ସିଧା ବାଲେଶ୍ୱର ଜିଲ୍ଲାର ଚାନ୍ଦବାଲି ବନ୍ଦର ଅଭି-ମୁଖରେ ଚାଲିଲି । ଚାନ୍ଦବାଲି ଯିବାକୁ ହେଲେ ବୈତରଣୀ ନଦୀ ପାର ହେବାକୁ ପଡ଼େ । ଯୋଗକୁ ଘାଟ ମାସୁଲ ଗୋଟିଏ ପଇସା ମୋ ଅଣ୍ଟାରେ ଥିଲା । ପଇସାଟିଏ ଦେଇ ଘାଟ ପାର ହୋଇ ଚାନ୍ଦବାଲିରେ ପହଞ୍ଚିଲି । ଘାଟ ମାସୁଲ ମାତ୍ର ଗୋଟିଏ ପଇସା, ଏହା ହୁଏତ ବଡ଼ ଆଶ୍ଚର୍ଯ୍ୟ ତଥା ଅସମ୍ଭବ ବୋଧ ହେଉଥିବ । କଥାଟା କିନ୍ତୁ ଖାଣ୍ଟି ସତ । ସେତେବେଳେ ଆଜିକାଲି ପରି ନିକେଲ ପଇସା ନଥିଲା । ସେ ପଇସା ଥିଲା ତମ୍ବାର, ଆଜି-କାଲିର ପଚିଶ ପଇସା ଆକାରର । ସେତେବେଳେ ଟଙ୍କାରେ ୬୪ ପଇସା, ୧୨୮ ଅଧଲା ଓ ୧୯୨ ପାହୁଲା ମିଳୁଥିଲା । ପଇସାକ ଥିଲା ଦୁଇ ଅଧଲା ତିନି ପାହୁଲା । ପଇସା, ଅଧଲା, ପାହୁଲା, ଦୋପଇସି ଏ ସବୁ ତମ୍ବାର ଥିଲା । ଟଙ୍କାକ ଥିଲା ଦୁଇ ଆଠଅଣି, ଚାରି ଚାରଣି, ଆଠ ଦୋଅଣି । ଟଙ୍କା, ଆଠଅଣି ବା ଅଧୁଲି, ଚାରଣି, ଦୋଅଣି ଏ ସବୁ ରୂପାର ଥିଲା । ଅଣି କେବଳ ନିକେଲ ଧାତୁର ଥିଲା ଓ ଏହା ଟଙ୍କାକୁ ଷୋଳଟି ମିଳୁଥିଲା । ସେତେବେଳେ ଗୋଟିଏ ପଇସା ଦେଇ ୨, ୩ ବା ୪ଟି ସଉଦା କିଣାଯାଇ ପାରୁଥିଲା । ଅଧଲା ପାହୁଲା ପରି ଛଦାମର କୌଣସି ମୁଦ୍ରା ନଥିଲା, ମାତ୍ର ପଇସାକୁ ଚାରି ଛଦାମ ଧରାଯାଇ ଗୋଟିଏ ପଇସା

Digitized by srujanika@gmail.com

ବହରମ୍ପୁରରେ ବୃଷଟୋଟି ସଉଦା କରାଯାଇ ପାରୁଥିଲା । ଆଜିକାଲି ଖିଲି ପାନର ଦାମ ପନ୍ଦର ପଇସା ପଡ଼ୁଛି । ସେତେବେଳେ କିନ୍ତୁ ପଇସାରେ ବୃଶଖିଲି ପାନ ମିଳୁଥିଲା । କେହି କେହି ପଇସାରେ ଆଠଖିଲି ପାନ ବି ପାଇ ପାରୁଥିଲେ । ସେମାନେ ଖିଲି ପାନ ନ କିଣି ମଗୁଥିଲେ ଛଦାମକର ପାନ, ଛଦାମକର ଗୁଆ, ଛଦାମ-କର ଗୁଣ୍ଡି ଓ ଛଦାମକର ଚୂନ ଖଇର । ଏହିପରି ପାନ ଗୁଆ କିଣିନେଇ ନିଜେ ଆଠଖିଲି ପାନ ଭାଙ୍ଗି ପାରୁଥିଲେ ।

ମୁଁ ଗୁଡବାଡ଼ାରୁ ଉଦ୍ଧବ ବସ୍ତାଟିର ଉତ୍ତର ମୁଖରେ ଚାଲିବାକୁ ଲାଗିଲି । ପ୍ରଚଣ୍ଡ ଖରାରେ ଥକି ପଡ଼ିଲେ କୌଣସି ଏକ ଗଛମୂଳରେ କିଛି ସମୟ ବସୁଥିଲି ବା ଶୋଇ ଯାଉଥିଲି । ବିଶ୍ରାମରେ ଶକ୍ତି ସଞ୍ଚୟ କରି ପୁଣି ଚାଲିବାକୁ ଆରମ୍ଭ କରି ଦେଉଥିଲି । ସନ୍ଧ୍ୟା ପୂର୍ବରୁ ପରମାନନ୍ଦପୁର ନାମକ ଏକ ଗ୍ରାମ ନିକଟରେ ପହଞ୍ଚିଲି । ସ୍ଥିର କଲି ଏଇ ଗ୍ରାମରେ ଆଜି ରାତି ପାଇଁ ବିଶ୍ରାମ କରିବା ଠିକ ହେବ । କାରଣ ଆଉ ଅଳ୍ପ ସମୟ ପରେ ଅନ୍ଧାର ହୋଇଗଲେ ଆଶ୍ରୟସ୍ଥଳ ଖୋଜିବା ସମ୍ଭବ ହେବ ନାହିଁ ।

ସଡ଼କରୁ ପରମାନନ୍ଦପୁର ଗାଁ ଭିତରକୁ ଗଡ଼ିଗଲି । କିଛିଦୂର ଆଗେଇଲା ପରେ ଗୋଟିଏ ଘରର ଉଚ୍ଚପିଣ୍ଡା ମୋର ଦୃଷ୍ଟି ଆକର୍ଷଣ କଲା । ପିଣ୍ଡାଟି ବେଶ୍ ପରିଷ୍କାର ପରିଚ୍ଛନ୍ନ । ମୁଁ ସେ ପିଣ୍ଡା ଉପରକୁ ଉଠିଯାଇ ବସିପଡ଼ିଲି ।

ସେତେବେଳକୁ ସନ୍ଧ୍ୟାର ଅନ୍ଧକାର ଘନେଇ ଆସି ନଥାଏ । ସେ ଘର ଭିତରୁ ଜଣେ ସ୍ୱାସ୍ଥ୍ୟବତୀ ବୟସ୍କା ସ୍ତ୍ରୀଲୋକ ଆସି ମୋର ପରିଚୟ ପଚାରିଲେ । ମୁଁ ନାମ ଗ୍ରାମ ଆଦି

Digitized by srujanika@gmail.com

କହିଲି । ଆଜ ମଧ୍ୟ ମୁଁ ଘରଛାଡ଼ି ବାବାଜି ହୋଇ ଯାଉଥିବାର କଥା କହିଲି । ସ୍ତ୍ରୀ ଲୋକଟି କହିଲେ, ପୁଅ, ତୁ ସ୍କୁଲରେ ପଢ଼ିଲ ପରି ଲାଗୁଛୁ । ମୁଁ ଅକପଟ ଭାବରେ କହିଲି, ହଁ ମୁଁ ରାଜକନିକା ହାଇସ୍କୁଲରେ ପଢ଼େ । କେଉଁ ଶ୍ରେଣୀରେ ପଢ଼ େବୋଲି ସେ ପ୍ରଶ୍ନକଲେ । ମୁଁ ଷଷ୍ଠ ଶ୍ରେଣୀ କହିବାରୁ ସେ ଅତ୍ୟନ୍ତ ଆହ୍ଲାଦିତ ହୋଇ ପଚାରିଲେ, ଜଗବନ୍ଧୁ ମାଙ୍କରେ କ'ଣ ପଢ଼ ? ମୁଁ ପଚାରିଲି, କିଏ ? ଜଗବନ୍ଧୁ କେଉଁ କଥା କହୁଛ ? ସେ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ । ମୁଁ କହିଲି, ହଁ ସେ ମୋ ସାଙ୍ଗରେ ପଢ଼େ । ସ୍ତ୍ରୀ ଲୋକଟି ମୋ ପାଖକୁ ଲାଗି ଆସି ମୋ ଦେହ ମୁଣ୍ଡ ଆଉଁସି ପକାଇଲେ । କହିଲେ ଆହା ! ପୁଅ, କିଛି ଖାଇନାହୁଁ ପରା ! ମୁହଁ କାନ ଶୁଖି ଯାଇଛି । ଜଗବନ୍ଧୁ ମୋ ପୁଅ । ତୁ ବି ମୋର ପୁଅ । ମୁଁ ପାଣି ଦେଉଛି, ହାତ ମୁହଁ ଧୋଇପକା ।

କଥା ସଙ୍ଗେ ସଙ୍ଗେ ଜଗବନ୍ଧୁଙ୍କର ମା ଘର ଭିତରକୁ ଚାଲିଯାଇ କୋଟାଏ ପାଣି ଆଣି ମୋ ପାଖରେ ଥୋଇ ଦେଲେ । ମୁଁ ହାତ ମୁହଁ ଧୋଇଲି । ପେଟଭରି ପାଣି ପିଇଲି । ଜଗବନ୍ଧୁଙ୍କର ମା ବ୍ୟସ୍ତ ହୋଇ କହିଲେ, ଆହା ତୁ ଖାଲି ପାଣି ଗୁଡ଼ାଏ କାହିଁକି ପିଉଛୁ ? ଆ, ଘରକୁ ଆ । ଗଣ୍ଡାଏ କଣ ପେଟରେ ପକା ।

ସେହି ରମଣୀଙ୍କର ଏପରି ଅଯାଚିତ ଆଦରରେ ମୁଁ ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଲି । ମୋର ଭାବନା ଚିନ୍ତା ସବୁ ଓଲଟ ପାଲଟ ହୋଇଯିବ ନା କଣ ? ବଡ଼ ବ୍ୟଥିତ ଭାବରେ ମୁଁ କହିଲି, ନା । ମୁଁ ବାବାଜି ହୋଇଛି । କାହାର ଘରକୁ ଯିବ ନାହିଁ କି କିଛି ଖାଇବି ନାହିଁ ।

Digitized by srujanika@gmail.com

ପିଣ୍ଡା ଉପରେ ବସି ପଡ଼ିଲି ।

କ୍ରମେ ଗ୍ରାମ ଭିତରୁ କେତେଜଣ ଲୋକ ଆସି ସେଠାରେ ଠୁଳ ହେଲେ । ଜଗବନ୍ଧୁଙ୍କ ପରିବାରର ଅନ୍ୟମାନେ ଆସି ମୋତେ ଘେରିଯାଇ ନାନା ପ୍ରଶ୍ନ କଲେ । କେତେ ଲୋକ ମୋତେ କେତେ କଣ ବୁଝାଇବାକୁ ଲାଗିଲେ । ମୋର କିନ୍ତୁ ସେହି ଗୋଟିଏ ଉତ୍ତର, ମୁଁ ଖାଇବି ନାହିଁ କି ଘର ଭିତରକୁ ଯିବି ନାହିଁ ।

କ୍ରମେ ରାତି ବଢ଼ିଲା । ପିଏ ସୁଆଡ଼େ ଉଠିଗଲେ । ଜଗବନ୍ଧୁଙ୍କର ମା ସତ୍ୟଭାମା ଭାତ ତରକାରୀ ଆଣି ଦାଣ୍ଡଘରେ ଥୋଇଲେ । ମୋତେ ଟାଣି ଟାଣି ନେଇ ଭାତ ପାଖରେ ଠିଆ କରାଇଲେ । କହିଲେ, ଜଗବନ୍ଧୁ ଯେମିତି ମୋର ପୁଅ, ତୁ ବି ସେମିତି ମୋର ଆଉ ଗୋଟିଏ ପୁଅ । ଆ, ମୁଁ କୋଳରେ ବସାଇ ଖୁଆଇ ଦିଏ ।

ଏବେ ତ ମୁଁ ତପୋବନର ଫଳ ମୂଳ ଭିନ୍ନ ଅନ୍ୟ କିଛି ଖାଇବି ନାହିଁ ବୋଲି ପ୍ରତିଜ୍ଞାବଦ୍ଧ । ତା ଛଡ଼ା କୃଷକ ଘରର ଅନ୍ନ । ଅସ୍ପୃଶ୍ୟ । ମୋର ଦେହ ଶୀତେଇ ଉଠିଲା ।

ଜଗବନ୍ଧୁ ଜନନୀ ତ ମୋର ହାତ ଧରିଥିଲେ । ସେ ଚମକି ଉଠିଲେ । କହିଲେ, ପୁଅ, ତୁ ଏମିତି କାହିଁକି ହେଲୁ ? କଣ ହେଲା ତୋର ?

ନା, ମୁଁ ଖାଇବି ନାହିଁ କହି ଗୁଟିପିଟି ହୋଇ ଘର ଭିତରୁ ପଳାଇ ଆସି ପିଣ୍ଡାରେ ଠିଆ ହେଲି । ପୁଣି ସେ ମୋ ପାଖକୁ ଆସିବାର ଦେଖି ମୁଁ ଗ୍ରାମ ରାସ୍ତାକୁ ଓହ୍ଲାଇ ପଡ଼ିଲି ।

Digitized by srujanika@gmail.com

ଜଗବନ୍ଧୁ ଜନନୀ ବଡ଼ ବ୍ୟସ୍ତ ଭାବରେ କହିଲେ, ମୋ ବାପଟା ପର ! ଅନ୍ଧାର ହେଲା । ନ ନୁଆଣୀ । ତୁ ନଖାଇଲୁ ନାହିଁ ଆଜ କୁଆଡ଼େ ଯାଆନା । ପିଣ୍ଡାକୁ ଆ । ମୁଁ ଆଜ୍ଞ ଛୋଟେ ଖାଇବାକୁ ଡାକନ୍ତନି ଆ, ଏଇ ପିଣ୍ଡାରେ ଶୁଅ । ମୁଁ ମଶିଣା ଖଣ୍ଡେ ଆଣି ଦେଉଚ ।

ମୁଁ ମନାକରି କହିଲି, ମଶିଣା ମୋର ଦରକାର ନାହିଁ । ମୁଁ ତଳେ ଶୋଇବ । ସ୍ନେହମୟୀ ଜଗବନ୍ଧୁ ଜନନୀ ନିରାଶ ହୋଇ ଘରକୁ ଗଲେ ।

କିଛି ସମୟ ପରେ ସମ୍ଭବତଃ ତାଙ୍କ ଘରର ସମସ୍ତଙ୍କର ଖିଆ ପିଆ ସରିବା ପରେ ସେ ପୁଣି ମୋ ପାଖକୁ ଆସିଲେ । ମୁଁ ପିଇବାକୁ ପାଣି ମାଗିଲି । ସେ ପାଣି ଆଣି ଦେଲେ । ମନଇଚ୍ଛା ପାଣି ପିଇ ପିଣ୍ଡା ଉପରେ ଲେଟି ପଡ଼ିଲି । ସ୍ନେହ ବତ୍ସଳା ଜଗବନ୍ଧୁ ଜନନୀ ସନ୍ତୁଷ୍ଟ ନୟନରେ ମୋ ଆଡ଼କୁ ଅନାଇ ଅନାଇ ଘର ଭିତରକୁ ଗଲେ ଓ ଧୀରେ ଦାଣ୍ଡ ଦ୍ୱାରଟି ବନ୍ଦ କରିଦେଲେ । ବୋଧହୁଏ ପରିବାରର ସମସ୍ତେ ଶୋଇବାକୁ ଗଲେ । ଆଜ କାହାର ଜୁଲୁମ ହେବ ନାହିଁ ଭାବି ମୁଁ ନିଶ୍ଚିନ୍ତରେ ଶୋଇ ପଡ଼ିଲି ।

ମୋର ଯେତେବେଳେ ନିଦ ଭାଙ୍ଗିଲା ସେତେବେଳକୁ ପୂର୍ବାକାଶ ପରିଷ୍କାର ହୋଇ ଆସିଲାଣି । ପଳାୟନର ଏହି ଉପଯୁକ୍ତ ସମୟ ଭାବି ମୁଁ ଧୀରେ ଧୀରେ ପିଣ୍ଡାରୁ ଓହ୍ଲାଇ ରାଜପଥ ଆଡ଼କୁ ଚାଲିଲି । କିଛି ସମୟ ପରେ ନବୋଦୟ ସୂର୍ଯ୍ୟର କୋମଳ କିରଣ ଅବିର ରଙ୍ଗରେ ରାଜ ପଥକୁ ରଞ୍ଜିତ କରିଦେଲା । ଅବସାଦ ଭରା ହୃଦୟରେ ମୋର ନୂତନ ଆଶା

Digitized by srujanika@gmail.com

ସଞ୍ଚାର ହେଲା । ପଛକୁ ଚାହିଁ ଦେଖିଲି, କେହି କୁଆଡ଼େ ନାହାନ୍ତି । ମନ ଟିକିଏ ହାଲୁକା ବୋଧ ହେଲା । ଧୀରେ ଧୀରେ ଆଗେଇ ଚାଲିଲି ।

କିଛିଦୂର ଯିବାପରେ ଗୋଟିଏ କ୍ଷୁଦ୍ର ଜଳାଶୟ ପାଖରେ ସକାଳର ନିତ୍ୟକର୍ମ ଶେଷ କଲି । ବୃନ୍ଦାବନରୁ ଉଦ୍ଧବ ଯାଏ କେତେ ସଡ଼କ ଟିଏ ଅଙ୍କା ବଙ୍କା ହୋଇ ପଡ଼ିଛି । ଧୋଇଆ ମୂଲକ । ସଡ଼କ ମଝିରେ ମଝିରେ ଝୋଟଣ କାଜ ସବୁ ରହିଛି । କେଉଁଠି କେଉଁଠି ବଡ଼ି ପାଣିରେ କେତେ ସଡ଼କ ଭାଙ୍ଗି ଯାଇ ବଡ଼ ବଡ଼ ଖାଇ ହୋଇ ଯାଇଛି । ଏ ଇ ତଳକୁ ଓହ୍ଲାଇ ଗଲେ ଏତେ ତଳକୁ ଖସି ଯିବାକୁ ହେଉଛି ଯେ, ଖାଇର ଉଭୟ ପାଖ ରାସ୍ତାର ଚିହ୍ନ ସୁଦ୍ଧା ଦୃଷ୍ଟିଗୋଚର ହେଉ ନାହିଁ । ଖାଲ ଢିପ ପୂର୍ଣ୍ଣ ଅତି ବନ୍ଧୁର ରାସ୍ତା । ଟିକିଏ ଅସାବଧାନ ହେଲେ ଝୁଣ୍ଟି ପଡ଼ିଯିବାର ସମ୍ଭାବନା । ଗୋଟିଏ ଦିନ ଆଉ ଗୋଟିଏ ରାତି ଖାଡ଼ା ଖାଡ଼ା ଉପବାସରେ କଟିବା ପରେ ମୋ ପାଦରେ ଆଉ ଶକ୍ତି ନଥାଏ ଦ୍ରୁତ ଗତିରେ ଚାଲିବା ପାଇଁ । ଉଠାଣି ରାସ୍ତାରେ କୌଣସି ମତେ ଉଠିଯାଉ ଥାଏ । କିନ୍ତୁ ଗଡ଼ାଣି ପଡ଼ିଲେ ଅଜ୍ଞାତ ଭୟରେ ମନଟା ଦବିଯାଏ । ପାହାଡ଼ ଶୂନ୍ୟ ଗଡ଼ାଣି ରାସ୍ତା । ଜମ ଜମ୍ପ ପଥରେ ଖସିବାକୁ ହେଲେ ଜୋରରେ ଦୌଡ଼ିଲା ପରି ଗତି କରିବାକୁ ହୁଏ । ମୁଁ ଯେ ନିଜେ ଇଚ୍ଛାକରି ସେମିତି ବେଗରେ ଖସେ ତାହା ନୁହେ । ପଛରୁ ମତେ ଯେମିତି କିଏ ଜୋରରେ ଠେଲି ପକାଉଛି ଦ୍ରୁତ ଗତି ପାଇଁ । ମନେ-ମନେ ଜଗନ୍ନାଥଙ୍କୁ ଡାକ ଡାକ ଓହ୍ଲାଏ । ପଡ଼ିଗଲେ କେବଳ ଗୋଡ଼ ହାତରେ ଯେ ବ୍ୟଥା ବା କ୍ଷତ ହେବ ତାହା ନୁହେ । ନାକ ଓଠ ବି ଫାଟିଯିବାର ସମ୍ଭାବନା ଯଥେଷ୍ଟ ।

ନଡ଼ାଣି ଗଡ଼ ମାରିଲା ପରେ ଖୁବ୍ ଥକାମରା ଲାଗେ । ଟିକିଏ ବିଶ୍ରାମ ନ ନେଲେ ନ ଚଳେ । ଆଜିକାଲି ରାସ୍ତାମାନଙ୍କରେ ଦୁଇ ପାଖରେ ଯେମିତି ଧାଡ଼ି ଧାଡ଼ି ଗଛ ସବୁ ଲାଗିଥିବାର ଦେଖାଯାଏ, ସେତେବେଳେ ସେ ରାସ୍ତାରେ ସେମିତି ଗଛ ନଥିଲା । କାହିଁ କେତେଦୂର ଗଲେ କୋଉଠି କୋଉଠି କଣ୍ଟା ବାବୁଲ ଗଛ ଗୋଟିଏ ଗୋଟିଏ ଦେଖାଯାଏ । ସେ ଗଛର ଛାଇ ତ ଖୁବ କମ୍ । ତଥାପି ବାବୁଲ ଗଛଟିଏ ଦେଖିଲେ ମନ ଆନନ୍ଦରେ ନାଚି ଉଠେ । ତା ଛାଇରେ ଦଣ୍ଡେ ବସିଯାଏ । ଟିକିଏ ଝାଳମାର ପୁଣି ଚାଲେ ।

ଠିକ ଦୁଇପହର ବେଳକୁ ରାସ୍ତା ପାଖରେ ଥିବା ଗୋଟିଏ ଛୋଟ ଦୋକାନ ନିକଟରେ ପହଞ୍ଚିଲି । ଗ୍ରାମ ପାଖରୁ କିଛି ଦୂରରେ ସଡ଼କ ଉପରେ ଦୋକାନଟି । ଦୁଇ ଚାରିଜଣ ଲୋକ ସେଠାରେ ବସିଥିଲେ । ସେମାନେ ବାଟୋଇ କି ସେହି ଗାଁର ଲୋକ ବୁଝିପାରିଲି ନାହିଁ । ମୁଁ କିନ୍ତୁ ଏଇ ଓଳାକ ଭିତରେ ସେ ରାସ୍ତାରେ ଜଣେ ହେଲେ ବାଟୋଇକୁ ଦେଖିନାହିଁ ।

ଦୋକାନ ନିକଟରେ ପହଞ୍ଚି ଥକାମରା ହୋଇ ବସିଗଲି । କିଛି ସମୟ ବସିବା ପରେ ମୋର ମନେ ହେଲା, ମୁଁ ଆଉ ଉଠି ଚାଲି ପାରିବି ନାହିଁ । ଭୋକରେ ହଂସା ଉଡ଼ିଲାଣି । ବାଟରେ ପାଣି ଟୋପାଏ ବି ପାଇ ନାହିଁ ।

ପାଣି ମୁନ୍ଦାଏ ମାଗି ପିଇଲି । ସେଠାରେ ବସିଥିବା ଲୋକମାନଙ୍କୁ ପଚାରି ବୁଝିଲି ନିକଟରେ ବା ଦୂରରେ କୌଣସି ବନ ନାହିଁ । ବନ କଥା ଶୁଣି ସେ ଲୋକମାନେ ହସି ହସି ଗଡ଼ିଗଲେ । ମୁଁ ଯେଉଁ ବାଲ୍ମୀକିଙ୍କ ତପୋବନର କଳ୍ପନା କରିଥିଲି, ଯୋଉ

Digitized by srujanika@gmail.com

ବଣର ଫଳମୂଳ ଖାଇ ତପସ୍ୟାରତ ରହିବି ବୋଲି ଭାବୁଥିଲି, ବର୍ତ୍ତମାନ ପ୍ରତ୍ୟକ୍ଷ ବୁଝି ପାରିଲି ସେ ସବୁ ଏକ ଅବାସ୍ତବ କଳ୍ପନା ମାତ୍ର । ତାହେଲେ କିଏ କୁଆଡେ ? ଖାଇବି କଣ ? ଏଇ କଥା ଚିନ୍ତାକରି ମୋର ଅନ୍ତର କାନ୍ଦି ଉଠୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଲୋକମାନେ ନାନାପ୍ରକାର ପ୍ରଶ୍ନବାଣରେ ମୋତେ ଜର୍ଜରିତ କରିବାକୁ ଲାଗିଲେ ।

ସଂକ୍ଷେପରେ ଯଥା ସମ୍ଭବ ଲୋକମାନଙ୍କ ପ୍ରଶ୍ନର ଉତ୍ତର ଦେଉଥାଏ । ସେ ସବୁ ଭିତରେ ଖାଇବାର ବିଷମ ଚିନ୍ତା ମୋତେ ବ୍ୟତିବ୍ୟସ୍ତ କରି ପକାଉଥାଏ । କିଛି ନ ଖାଇଲେ ଆଉ ଉଠି ପାରିବିନି ଏହା ନିଶ୍ଚିତ ଭାବରେ ଅନୁଭବ କଲି । ମୋ ପାଖରେ ଥିବା ଭିତରେ ଖଣ୍ଡିଏ ମାତ୍ର ଲୁଗା । ସେ ଲୁଗାର ଗୋଟିଏ କାନି ପିନ୍ଧି ଗୋଟିଏ କାନି ଘୋଡେଇ ହୋଇ ଘରୁ ଏକ ବସ୍ତ୍ରରେ ଚାଲି ଆସିଛି । ସେ ସଂସାର ତ୍ୟାଗୀ ବାବାଜି ଛଡ଼ା ବା ଆଉ କଣ କରିବାର ? ସେଇ ବସ୍ତ୍ରରେ ଟଙ୍କା ଖଣ୍ଡେ ବି ଆଣି ନଥିଲି । ଖରାବେଳେ ପ୍ରଚଣ୍ଡ ସୂର୍ଯ୍ୟତାପରୁ ରକ୍ଷା ପାଇବା ଲାଗି ଘୋଡେଇ ହୋଇଥିବା କାନିରେ ମୁଣ୍ଡ ଘୋଡ଼ାଇ ବାଟ ଚାଲୁଥିଲି ।

ମୋ ମନକୁ ଗୋଟିଏ କଥା ଯୋଗାଇଲା । ମୁଁ ପିନ୍ଧିଥିବା ଲୁଗାଟି ବାହାଘରକୁ ହୋଇଥିବା ଗୋଟିଏ ନୂଆ ଲୁଗା । ମାତ୍ର ଚାରିଦିନ ହେବ ପିନ୍ଧିଛି । ଦୋକାନୀ ପାଖକୁ ଯାଇ କହିଲି, ତୁମେ ମୋର ଏ ଲୁଗାରୁ ଅଧେ ନେଇ ମୋତେ କିଛି ଖାଇବାକୁ ଦେଇ ପାରିବ ? ଲୋକଟି ମୋତେ କଟମଟ କରି ଚାହିଁଲା । କିଛି ସମୟ ନିରିଖେଇ ନିରିଖେଇ ଚାହିଁବା ପରେ ଲୁଗାର କାନଟା ଟାଣି ନେଇ ଏ ପାଖ ସେପାଖ ଓଲଟ ପାଲଟ

Digitized by srujanika@gmail.com

କରି ଭଲରୂପେ ଦେଖିଲି । କହିଲି, ହଉ, ତୁମେ ଯେତେବେଳେ ଅଭାବ ଅସୁବିଧାରେ ପଡ଼ିଛ ଆଉ କଣ କରିବା ?

ସେ ଲୁଗାଟି ଥିଲା ବିଲାତର ମାନଚେଷ୍ଟରର ବୁଣା ପିସ୍ତଲ ମାର୍କା ଲୁଗା । ପିସ୍ତଲ ମାର୍କା ଲୁଗାର ସେତେବେଳେ ଖୁବ୍ ଆଦର ଥିଲା । ଦୋକାନୀ ଦେଖିଲା ଦୁଇଟା ପିସ୍ତଲର ଛାପ ରହିଛି । ଲୁଗାଟା ଅଚୁଆ ନୂଆ । ତାର ଅବିଶ୍ୱାସର କୌଣସି କାରଣ ନଥିଲା । ମୋତେ କହିଲା, ଲୁଗାକୁ ତୁମେ କମ୍ପାନୀର ନ ପିନ୍ଧି ଫାଳେଟା ମାରି ପିନ୍ଧ । ମୁଁ ତାର ଆଦେଶ ପାଳନ କଲି । ସେ ଲୁଗାର ଚଉଦହାତ ଯାଏ ମାପି ସେଠାରେ ଚୂନରେ ଗୋଟାଏ ଦାଗ ଦେଲା । ତା ପରେ ମଧା ହୋଇଥିବା ମୁଣ୍ଡଟାକୁ ପ୍ରଥମର ଫାଳେଟା ମାରି ପିନ୍ଧିବାକୁ ମୋତେ କହିଲା । ମୁଁ ସେପରି କଲି । ଲୁଗାର ଆର ମୁଣ୍ଡରୁ ପାଞ୍ଚହାତ ମାପି ଦେଖିଲା, ଦାଗଟା ଠିକ୍ ଲୁଗା ମଝିରେ ପଡ଼ିଛି । ଦୋକାନ ଭିତରୁ କଇଁଚିଟା ଆଣି ଲୁଗାରୁ ଖଣ୍ଡେ କାଟି ନେଇ ତାକୁ ଭାଙ୍ଗିକରି ଦୋକାନ ଭିତରେ ରଖିଦେଲା, ମୋ ହାତକୁ ବଢ଼ାଇ ଦେଲା ଖଣ୍ଡେ ପିତଳ ବାସନ । ସେଥିରେ କିଛି ଚୂଡ଼ା ଦେଇ କହିଲା, ଧୋଇପକା । ମୁଁ ଚୂଡ଼ାତକ ଧୋଇଦେଲି । ଦୋକାନୀ ମେଞ୍ଚାଏ ଗୁଡ଼ ଆଉ ଟିକିଏ ଲୁଣ ସେଥିରେ ପକାଇ ଦେଲା । କହିଲା, ଭଲକରି ଗୋଳାଇ ଦେଇ ଖାଅ । ଲଙ୍କା ଦେବି ? ମୁଁ ନାହିଁ କଲି ।

ମୁଁ ପିଲାଟି ଦିନରୁ ଚୂଡ଼ା ଆଉ ପଖାଳ ଭାତ ଖାଏ ନାହିଁ । ମୁଢ଼ି ଜଖୁଡ଼ା ଖାଇପାରେ । ମାତ୍ର ଚୂଡ଼ାର ପାଖ ଯାଏ ନାହିଁ । ଦୋକାନୀ ତସଲାରେ ଯେତେବେଳେ ଚୂଡ଼ା ଢାଳିଦେଲା, ସେତେବେଳେ ମୁଁ ବିବ୍ରତ ଥିଲି, ପେଟରେ ଭୋକ ଅଛି, ଚୂଡ଼ା

Digitized by srujanika@gmail.com

କିଛି ଖାଇଦେଇ ପାରନ୍ତି । ମାତ୍ର କାର୍ଯ୍ୟ କ୍ଷେତ୍ରରେ ସମ୍ଭବ ହେଲା ନାହିଁ । ଅକାଳେ ଗୋଦଘ ପଥର ବନ୍ଧା ପରି ଦୁଇ ତିନି ଥର ଚୂଡ଼ା ଚକଟା ଖାଇଲି କୌଣସିମତେ । ତାପରେ ରଚନା ଆଉ ଗ୍ରହଣ କଲା ନାହିଁ । ମୋ ସାମନାରେ ଠିଆ ହୋଇ ଗୋଟିଏ କଳା କୁକୁର ମୋର ଚୂଡ଼ା ଚକଟାକୁ ଚାହିଁ ଚାହିଁ ଲାଞ୍ଜ ହଲାଉ-ଥିଲା । ଚକଟାତକ ତାର ଆଗରେ ଅଜାଡ଼ି ଦେଲି ।

ସେଠାରେ ବସିଥିବା ତିନି ଚାରିଜଣ ଲୋକ ସେମାନଙ୍କ ମଧ୍ୟରେ କଣ କଥାବାର୍ତ୍ତା ହେଲେ କେଜାଣି ଦୋକାନୀ ମୋତେ ପାଖକୁ ଡାକି ତିନିଟି ପଇସା ଦେଲା । ପଇସା ତିନିଟି ଅଣ୍ଟାରେ ମାରିଲି । କିନ୍ତୁ ସେଥିରେ ତ ପେଟ ଭୋକ ମରୁନି । ଖାଇବ କଣ ?

ଗତ ରାତିରେ ଜଗବନ୍ଧୁ ଜନମାଙ୍କ ବଡ଼ା ଭାତର ରୂପ ମୋ ଆଖି ଆଗରେ ଝଲସି ଉଠିଲା । ସ୍କୁଲ ବୋର୍ଡିଂର ବାସୁନନା ପରଶା ଭାତ ଦେଖି ପାରିଲି । ମାଙ୍କ ପରଶା ଭାତ ବି ମନରେ ପଡ଼ିଲା । ଭାତ ସବୁ ସତେ ଯେମିତି ମୂର୍ତ୍ତିମନ୍ତ ହୋଇ ମୋ ଆଖି ଆଗରେ ନୃତ୍ୟ କରିବାକୁ ଲାଗିଲେ । ଭାତ ଭାବନା ଏତେ ପ୍ରବଳ ହେଲା ଯେ ଯୋଉ ପ୍ରତିଜ୍ଞା ନେଇ ଘର ଛାଡ଼ିଥିଲି ସେଥି ବୈରାଗ୍ୟର କଥା ମନ ଭିତରେ ଆଉ ରେଖାପାତ କଲାନାହିଁ । କି ଉପାୟରେ ଭାତ ମିଳିପାରିବ ସେହି ଚିନ୍ତାରେ ମୁଁ ବିବ୍ରତ ହୋଇ ପଡ଼ିଲି । ଅନେକ ସମୟ ନୀରବରେ ବସି ଚିନ୍ତା କରିବା ପରେ ହଠାତ୍ ଗୋଟାଏ କଥା ସ୍ମରଣ ହେଲା । ତାହା ମୋର ବଡ଼ ପିଉସୀଙ୍କ କଥା । ସେ ପିଉସୀ ବର୍ଷକୁ ଥରେ ପଣା ସଂକ୍ରାନ୍ତି ସମୟରେ ଆମ ଘରକୁ ଯାଆନ୍ତି । କନ୍ଦମୂଳ ଦହିଆ ପୋଡ଼ପିଠା କରି ନେଇଥାନ୍ତି । ଆମେ ଭାଇ ଭଉଣୀ ଖୁବ୍

Digitized by srujanika@gmail.com

ଆନନ୍ଦରେ ଖାଉ । ଯେତେବେଳେ ସବାଷ୍ଟ ପାଲଙ୍କି ଭିନ୍ନ ଅନ୍ୟ କୌଣସି ଯାନ ବାହାନ ନଥିଲା । ସମସ୍ତେ ଚାଲିକରି ଯିବା ଆସିବା କରନ୍ତି । ମୋର ବର୍ଷିୟସୀ ପିଉସୀ ତ ଚାଲି ଚାଲି ଯାଇଥାନ୍ତି । ତାଙ୍କ ପାଦସେବା ଯିନା ଆମେ କରନ୍ତୁ । ସେ କିନ୍ତୁ ଓଲଟା ମୋର ପାଦସେବା କରନ୍ତି । ମୋତେ ଖୁବ ଭଲ ପାଆନ୍ତି ।

ପିଉସୀଙ୍କ ଗାଁ ନାଁ ମୋର ମନେଥିଲା । ମୁଁ ଅତ୍ୟନ୍ତ ଆଗ୍ରହରେ ପଚାରିଲି ଘଣ୍ଟେଶ୍ୱର ଗାଁ କେଉଁଠା ? ଦୋକାନୀ କହିଲା, ପଛରେ ଛାଡ଼ି ଆସିଛ । ଯେବେ ଘଣ୍ଟେଶ୍ୱର ଯିବାକୁ ଚାହିଁ ତେବେ ଯୁଆଡ଼ୁ ଆସିଚ ସେଇ ଆଡ଼କୁ ଫେର ଯାଅ । ଦ ଘଣ୍ଟା ପରେ ପାଇଯିବ ।

ମୁଁ ହାତରେ ଯେମିତି ସ୍ୱର୍ଗ ପାଇଲି । ଶକ୍ତି ସାହସ ଦମ୍ଭ ସବୁକୁ ଏକଜୁଟ କରି ଘଣ୍ଟେଶ୍ୱର ଆଡ଼କୁ ଚାଲିଲି । ଅପରାହ୍ଣ ଚାରିଟା ହେବ । ଘଣ୍ଟେଶ୍ୱର ଗାଁ ପାଖେଇ ଆସିଲା । ମୁଁ ପିଉସୀଙ୍କ ଘରେ ପହଞ୍ଚି ଗଲି । ପିଉସୀ ମୋର ରୂପ ରେଖ ଦେଖି ବାହୁନା ଆରମ୍ଭ କରିଦେଲେ । ବଡ଼ ବିବ୍ରତ ହୋଇ-ପଡ଼ିଲି । ମୋର ଦେହ ମୁଣ୍ଡ ଆଉଁସି ଆଉଁସି ପିଉସୀ ଏପରି ଭାବରେ କାନ୍ଦିବାକୁ ଲାଗିଲେ ଯେ, ପାଖ ପଡ଼ିଶାର ଅନେକ ଲୋକ ଆସି ସେଠାରେ ରୁଣ୍ଡ ହୋଇଗଲେ । ମୁଁ ନିରୁପାୟ ଭାବରେ ଠିଆ ହୋଇଥାଏ । ପିଉସୀଙ୍କର ସାନ ପୁଅ ଦୌଡ଼ିଆସି ତାଙ୍କ ମାଙ୍କର ହାତଧରି ଟାଣି ନେଲେ । କହିଲେ, ତମେ ଏ କଣ କରୁଛ ? ତା ଅବସ୍ଥା ଦେଖୁନ । ସେ ଚାଲି ନ ପାରୁନ । ତାକୁ ଆଗ କିଛି ଖାଇବାକୁ ଦିଅ ।

Digitized by srujanika@gmail.com

ପିଉସୀ ବୋଧହୁଏ ମନର ଭୁଲ ବୁଝି ପାରିଲେ । ତରବର ହୋଇ ଯାଇ ପଖାଳ ଭାତ ଅଧବେଲାଏ ବାଢ଼ି ଆଣିଲେ । ମୁଁ ତ ପଖାଳ ଖାଇବାକୁ ଆଦୌ ସୁଖ ପାଏନା । କିନ୍ତୁ ସେ ଦିନର ପଖାଳ ମୋ ଜୀବନରେ ଭୁଲି ହେବନି । ପଖାଳ ପୁଣି ଏମିତି ସୁଆଦ ଲାଗେ ତାହା ମୁଁ ସେହିଦିନ ପ୍ରଥମ କରି ବୁଝିଲି । ପଖାଳ ପେଟେ ଖାଇଦେଇ ଶୋଇ ପଡ଼ିଲି ସେ ଏକା ନିଦକେ ରାତି ଭୋର ।

ଘଣ୍ଟେଶ୍ୱରରୁ ଗାଁକୁ ଫେରି ଗଲି । ଗାଁରୁ ଜଣେ ଲୋକ ମୋର ଲୁଗାପଟା ଧରି ଆସିଲା । ମୁଁ ତାହା ସଙ୍ଗରେ ଫେରିଲି । କିନ୍ତୁ ଘରକୁ ନ ଯାଇ ସିଧା ସ୍କୁଲ ବୋର୍ଡ଼ିଂକୁ ଗଲି ।

ମାତୃସତ୍ୟ ରକ୍ଷା

ମୋର ବଡ଼ ଦୁଇ ଭଉଣୀଙ୍କର ପୂର୍ବରୁ ବିବାହ ହୋଇ ଯାଇଥିଲା । ବାକି ଥିଲା ମୋର ଉପର ଭଉଣୀ ସେ କି ମୋଠାରୁ ତିନିବର୍ଷ ବଡ଼ ତାଙ୍କର ବିବାହ ।

ଆମ ଘରଠାରୁ ଅଳ୍ପ ଦୂରରେ ସେହି ଗାଁ ଭିତରେ ଗୋପିନାଥ ଗିରିଙ୍କ ଘର । ଗୋପିନାଥ ଗିରି ନିଜେ, ତାଙ୍କର ବିଧବା ମାତା ଓ ଗୋଟିଏ ବିଧବା ଭଉଣୀ ଏଇ ତିନିଜଣଙ୍କୁ ନେଇ ତାଙ୍କର ପରିବାର । ଜମି ବାଡ଼ି ଅତି ଅଳ୍ପ । ସେଥିରେ ବର୍ଷକର ଖର୍ଚ୍ଚ ଚଳେନା । ଗରିବ ଅବସ୍ଥା ।

ଗୋପିନାଥଙ୍କର ମା ଆଉ ମୋର ମା ଗୋପିନାଥଙ୍କର ପିଲାଦିନେ କୁଆଡ଼େ ସତ୍ୟ କରିଥିଲେ ଯେ, ଗୋପିନାଥଙ୍କ ସହିତ ମୋର ସାନ ଭଉଣୀ ସୁଲକ୍ଷଣାର ବିବାହ ଦେବେ । ସତ୍ୟ

Digitized by srujanika@gmail.com

ଜନ୍ମବେଳେ କେହି ବୋଧହୁଏ ଆର୍ଥିକ ଦିଗ ପ୍ରତି ନଜର ଦେଇ ନଥିଲେ । ପୁଅ ଝିଅ ବା ବର କନ୍ୟା ଭାଇ ଭଉଣୀ ପରି ବଢ଼ିବେ ଏହି ଏକମାତ୍ର ବସ୍ତୁରକୁ ଭିତ୍ତିକରି ସମ୍ଭବତଃ ଉଭୟ ବିଧବାଙ୍କ ମଧ୍ୟରେ ସତ୍ୟ ହୋଇଥିଲା ।

ମା ଥରେ ଭାଇଙ୍କ ପାଖରେ ଗୋପିନାଥ ସହିତ ସୁଲକ୍ଷଣାଙ୍କର ବିବାହ ପ୍ରସ୍ତାବ ଉତ୍ଥାପନ କରିଥିଲେ । ମାତ୍ର ଗୋପିନାଥଙ୍କର ଅସ୍ୱଚ୍ଛଳ ଅବସ୍ଥା ଦୃଷ୍ଟିରୁ ଭାଇ ମାଙ୍କର ସେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ମା ତାଙ୍କ ସତ୍ୟରକ୍ଷାର ଅନ୍ୟ ଉପାୟ ନ ଦେଖି ମୋତେ ବନ୍ଧୁ କରି ଧରିଲେ । କାନ୍ଦ କାନ୍ଦ ତାଙ୍କର ସତ୍ୟ କରିଥିବା କଥା ବର୍ଣ୍ଣନା କଲେ । କହିଲେ, ତୋରି ଉପରେ ମୋର ବଡ଼ ଭରସା । ତୁ ମୋର ସତ୍ୟ ରକ୍ଷା କରିବୁ । ମୋର ବାଳ ବିଧବା ବଡ଼ ଭଉଣୀ ବି ମୋତେ ଡାକି କରି କହିଲେ, ଦେଖ ହରି, ମା'ର ସତ୍ୟ କରିଚନ୍ତି ସୁନୀକୁ ଗୋପିନାଥ ସଙ୍ଗରେ ବାହା ଦେବା ପାଇଁ । ଯେବେ ସେ ବାହାଘର ନ ହୁଏ ମା ପାପରେ ପଡ଼ିବେ । ମାଙ୍କୁ ପାପରୁ ରକ୍ଷା କରିବା ତୋର କଣ ଉଚିତ ନୁହେଁ ? ତୁ ଯେମିତି ହେଲେ ମାଙ୍କର ସତ୍ୟ ରକ୍ଷା କରିବୁ । ସୁନୀର ବାହାଘର ତୋତେ ଲାଗିଲା ।

ମା ଆଉ ନାନୀଙ୍କର ଅନୁରୋଧ ଆଉ କାନ୍ଦଣାରେ ମୁଁ ବଡ଼ ବିଚଳିତ ହୋଇ ପଡ଼ିଲି । ମନେ ମନେ ସ୍ଥିର କଲି, ମାଙ୍କର ସତ୍ୟ ରକ୍ଷା କରିବା ମୋର ନିଶ୍ଚୟ କର୍ତ୍ତବ୍ୟ । କିନ୍ତୁ କି ଉପାୟରେ ତାଙ୍କର ସତ୍ୟ ରକ୍ଷା ହୋଇ ପାରିବ ସେ ବିଷୟରେ ଗମ୍ଭୀର ଚିନ୍ତା କରିବାକୁ ଲାଗିଲି ।

Digitized by srujanika@gmail.com

ବୁଇଦିନ କାଳ ଚିନ୍ତା କରିବା ପରେ ଗୋଟିଏ ଉପାୟ ମୋର ମନକୁ ଆସିଲା ।

ସେ ସମୟରେ ଆମ ଗାଁରେ ସ୍ବର୍ଣ୍ଣକାର ବିଶିଷ୍ଟ ବ୍ୟକ୍ତି ଥାନ୍ତି ଯେଉଁମାନେ କି ଏକ ବିଚାର ମଞ୍ଚ ଗଢ଼ି ଗାଁର ହାନି ଲାଭ, ଲୋକବାକ ମଧ୍ୟର ବିଚାର କରୁଥାନ୍ତି । ଦୋଷ ଅନୁସାରେ କାହାକୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରନ୍ତି ବା କାହାପ୍ରତି ଶାରୀରିକ ଦଣ୍ଡ ବିଧାନ କରନ୍ତି । ସେହି ସ୍ବର୍ଣ୍ଣକାର ବ୍ୟକ୍ତି ଗାଁର ଆନ୍ତ ହର୍ତ୍ତା କର୍ତ୍ତା ବିଧାତା । ଗାଁ ଠାରୁ ପୋଲିସ ଥାନା ଛଅ କିଲୋମିଟର ଦୂରରେ ଥାଏ । କୌଣସି ଅପମୃତ୍ୟୁ ଆଦି ଗୁରୁତର ଘଟଣା ଘଟିଲେ ସେ କଥା ପୋଲିସ କାନକୁ ଯାଏ ନାହିଁ । ସେହି ଭଦ୍ରଲୋକ ସ୍ବର୍ଣ୍ଣ ଜଣଙ୍କ ବିଚାରରେ ସବୁ କଥାର ନିଷ୍ପତ୍ତି ହୋଇଯାଏ ।

ମୁଁ ବୁଦ୍ଧିଟାଏ ଖଟାଇ ସେହି ସ୍ବର୍ଣ୍ଣ ଜଣଙ୍କ ଜଣେ ଭଦ୍ରଲୋକଙ୍କର ନାମ ଦେଇ ଘରଙ୍କ ପାଖକୁ ଏକ ଜାଲ ଚିଠି ଲେଖିଦେଲି । ସେ ଭଦ୍ରଲୋକ ଜଣକ ଯେପରି ନିରକ୍ଷର ତାଙ୍କର ଭାଷା ମଧ୍ୟ ସେହିପରି ଅତ୍ୟନ୍ତ ଅଶ୍ଳୀଳ । ଚିଠିଟି ଠିକ୍ ତାଙ୍କର ଭାଷାରେ ଲେଖା ଥିଲା । କିଛିଦିନ ପରେ ଘରଙ୍କଠାରୁ ମୋ ପାଖକୁ ଖଣ୍ଡେ ଚିଠି ଆସିଲା । ସେଥିରେ ଲେଖାଥିଲା, ଗ୍ରାମବାସୀ-ମାନଙ୍କ ଧମକାଣରେ ମୁଁ ଗୋପିନାଥ ସହିତ ସୁଲୀର ବିବାହ ଦେବାକୁ ବାଧ୍ୟ ହେଉଛି । ମୋର ଛୁଟି ନଥିବାରୁ ମୁଁ ଯାଇ-ପାରିବି ନାହିଁ । ତୁମେ ସୁଲୀର ବାହାଘର କରିଦେବ ।

ମନ୍ତ୍ର ଖୋଜୁଥିଲି ଯାହା, ବଇଦ ବତେଇଲା ସେଇଆ ।

ମା, ନାନୀ, ଗୋପିନାଥଙ୍କ ମା, ସମସ୍ତେ ଖବ୍ ଖୁସି ହେଲେ । ସଙ୍ଗେ ସଙ୍ଗେ ବାହାଘର ହୋଇଗଲା । ମା, ନାନୀ

Digitized by srujanika@gmail.com

ଦୂରରୁ ମୋ ମୁଣ୍ଡ ଆଉଁସି ଖୁବ୍ ଆଶୀର୍ବାଦ ବର୍ଷଣ କଲେ । କାର୍ଯ୍ୟ ହାସଲ କରିପାରି ଥିବାରୁ ମୁଁ ବି ବିଶେଷ ଖୁସି ହେଲି ।

ଅସହଯୋଗ ଆନ୍ଦୋଳନରେ ଯୋଗଦାନ

ସେତେବେଳେ ସାଲତମାମି ହେଉଥିଲା ଡିସେମ୍ବର ମାସରେ । ଜାନୁୟାରୀ ମାସରୁ ବର୍ଷ ଆରମ୍ଭ ହେଉଥିଲା ।

ବାର୍ଷିକ କ୍ଲାସ ପରୀକ୍ଷାରେ ଫକୀର ଚରଣ ଦାସ ଓ ମୁଁ ପ୍ରଥମ ଦ୍ୱିତୀୟ ହୋଇ ସପ୍ତମ ଶ୍ରେଣୀକୁ ପ୍ରମୋସନ ପାଇଲୁ । ୧୯୨୧ ମସିହା ଜାନୁୟାରୀ ମାସରୁ ସପ୍ତମ ଶ୍ରେଣୀର ପଢ଼ା ଆରମ୍ଭ ହେଲା ।

ଦ୍ୱାରକାନାଥ ଦାସ ନାମରେ ଆମର ଜଣେ ଶିକ୍ଷକ ଥାନ୍ତି । ହାତବୁଣା ଖଦି କନାର ଖଣ୍ଡେ ଛଡ଼ାଣ୍ଡି ଲୁଗା ସାଙ୍ଗକୁ ସେଇ ହାତବୁଣା ଖଦି କନାର ଗୋଟିଏ କୋଟ ଥାଏ ସେ ମହାଶୟଙ୍କର ପୋଷାକ । ସ୍ୱଦେଶୀ ଭାବାପନ୍ନ ବ୍ୟକ୍ତି । ଅତି ସରଳ ଚଳନ । ଅମାୟିକ ବ୍ୟବହାର । କ୍ଲାସରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ବିଷୟରେ ଗପ କରନ୍ତି । ତାଙ୍କଠାରୁ ଗାନ୍ଧିଜୀଙ୍କ କଥା ଶୁଣି ମୁଁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାକୁ ବସିଥାଏ । ଠିକ୍ ସେତିକି ବେଳେ ଫେବୃଆରୀ ସତର ତାରିଖରେ ଆମ ସ୍କୁଲକୁ ପରିଦର୍ଶନରେ ଆସିଲେ ସଂସ୍କୃତ ବିଭାଗର ସୁପରିନଟେଣ୍ଡେଣ୍ଟ ପଣ୍ଡିତ ଲିଙ୍ଗରାଜ ମିଶ୍ର । ସେ ପିଲାମାନଙ୍କୁ ଦୁଇ ଦିନର ଛୁଟି ଦେଲେ । ଛୁଟି ପରଦିନ ପଡ଼ିଲା ରବିବାର । ଏମିତି ତିନି ଦିନର ଛୁଟି ମିଳିଗଲା । ମୁଁ ହଷ୍ଟେଲରୁ ସମସ୍ତ ଜିନିଷ ପତ୍ର ଧରି ଘରକୁ ଚାଲିଗଲି । ଗାଁରେ ମୋର ବାଲ୍ୟ ବନ୍ଧୁ କୃଷ୍ଣ ଚରଣ ସୂତାରଙ୍କୁ ମୋର ସ୍କୁଲ ଛାଡ଼ିବା

Digitized by srujanika@gmail.com

ଆଉ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେବା କଥା କହିଲି । ସେ ମୋତେ ଦୃଢ଼ ସମର୍ଥନ ଦେଲେ । ତାଙ୍କ ଭିନ୍ନ ମୋର ଏହି ସଙ୍କଳ୍ପର କଥା ଆଉ କେହି ଜାଣିଲେ ନାହିଁ ।

ମୁଁ ଘରଠାରୁ ଚାଲିଚାଲି କେନ୍ଦ୍ରାପଡ଼ା ଯାଏ ଗଲି । ସେଠାରୁ ଷ୍ଟିମର ଧରି କଟକ ଯୋବ୍ରା ଘାଟରେ ପହଞ୍ଚିଲି । ଉଦ୍ଦେଶ୍ୟ କଟକ ସ୍ୱରାଜ୍ୟାଶ୍ରମକୁ ଯିବା । ଯୋବ୍ରା ଘାଟରେ ଷ୍ଟିମରରୁ ଓହ୍ଲାଇବା ପୂର୍ବରୁ ଜଣେ ବଙ୍ଗାଳୀ ସାଧୁଙ୍କ ସଙ୍ଗରେ ପରିଚୟ ହେଲା । ସେ କଟକ ଷ୍ଟେସନରୁ ରେଲଯୋଗେ ପୁରୀ ଯିବା କଥା କହିଲେ । ମୁଁ ଜେଜେମାଙ୍କଠାରୁ ଜଗନ୍ନାଥଙ୍କ ବିଷୟରେ ଶୁଣିଥିଲି । ତାଙ୍କର ସ୍ୱରୂପ ଦେଖି ନଥିଲି । କିମ୍ବା ତାଙ୍କର ଫଟୋଚିତ୍ର ମଧ୍ୟ ଦେଖି ନଥିଲି । କେବଳ ଏତିକି ଜାଣିଥିଲି ଜଗନ୍ନାଥ ସବୁ ଠାକୁରଙ୍କ ଉପରେ ବଡ଼ ଠାକୁର । ଏହି ଧାରଣାରେ ମୁଁ ଜଗନ୍ନାଥଙ୍କୁ ସ୍ମରଣ କରେ । ଭୟ ବା ବିପଦ ଉପସ୍ଥିତ ହେଲେ ଜଗନ୍ନାଥଙ୍କୁ ମନ ପ୍ରାଣଦେଇ ଡାକେ ।

ସାଧୁ ପୁରୀ ଯାଉଥିବାର ଶୁଣି ମୋର ପୁରୀ ଯିବାକୁ ଇଚ୍ଛା ହେଲା । ଭାବିଲି, ଜଗନ୍ନାଥ ଦର୍ଶନ କଲା ପରେ କଟକ ସ୍ୱରାଜ୍ୟାଶ୍ରମକୁ ଫେରି ଆସିବି ।

କଟକ ଠାରୁ ୬୪ ମାଇଲ ଦୂରରେ ରହୁଥିବା ଏକ ମଫସଲ ସ୍କୁଲର ଛାତ୍ର ମୁଁ । ରେଲ ଗାଡ଼ି କେମିତି ଦେଖିନାହିଁ । ରେଲରେ କେମିତି ଚଢ଼ିବାକୁ ହୁଏ ତାହା ମଧ୍ୟ ଅଜଣା । ହଠାତ୍ ମୋ କାନରେ ଗୋଟାଏ ବଡ଼ ହୁଇସିଲ ଶବ୍ଦ ପଡ଼ିଲା । ସଙ୍ଗେ-ସଙ୍ଗେ ଷଣ୍ଢ ହେମ୍ବାଳିଲା ପରି ଏକ ଭୟଙ୍କର ଶବ୍ଦ ଘନଘନ ଶୁଣାଗଲା । ମୁଁ ଚମକି ଗଲି । ସାଧୁଙ୍କୁ ପଚାରିଲି ଏ କି ଶବ୍ଦ ଶୁଣା ଯାଉଛି । ସାଧୁ କହିଲେ ରେଲଗାଡ଼ି କଟକ ଷ୍ଟେସନକୁ

Digitized by srujanika@gmail.com

ଯାଉଛି । ମୁଁ ତାଙ୍କ ସଙ୍ଗରେ ପୁରୀ ଯିବାକୁ ଇଚ୍ଛା କରୁଛି ବୋଲି କହିଲି । ସେ ଖୁସିହୋଇ କହିଲେ, ଭଲକଥା । ମୋ ସଙ୍ଗରେ ଆସ । ପୁରୀର ସମସ୍ତ ସ୍ଥାନ ମୁଁ ତୁମକୁ ବୁଲାଇ ଦେଖାଇ ଦେବି ।

ସେ ସ୍ଥାନରୁ କଟକ ରେଳ ଷ୍ଟେସନ ଯାଏ ସାଧୁଙ୍କ ସଙ୍ଗରେ ଚାଲି ଚାଲି ଗଲି । ସାଧୁ ଷ୍ଟେସନରେ ପହଞ୍ଚି ମୋଠାରୁ ଟଙ୍କା ନେଇ ମୋର ଟିକଟ କିଣି ଆଣି ଦେଲେ । ଆମେ ଦୁଇଜଣ ଗୋଟିଏ ଡବାରେ ବସିଲୁଁ ।

ମୁଁ ତ ପୂର୍ବରୁ କେବେ ରେଳଗାଡ଼ି ଦେଖି ନଥିଲି । ଗାଡ଼ିର ଗତି ସଙ୍ଗେ ସଙ୍ଗେ ଆରୋହୀମାନଙ୍କର ଅଙ୍ଗର ଦୋଳନ ବେଶ ଉପଭୋଗ୍ୟ ମନେହେଲା । ଗତ ଦୁଇଦିନ ହେଲା ଅନ୍ନ ସହିତ ସାକ୍ଷାତ୍ ହୋଇ ନଥିଲା । ପୁରୀ ତରକାଶି ଆଉ ଛତ୍ର ବଗରେ ଦୁଇଦିନ କଟିଛି । ଦୁର୍ବଳତା ବୋଧ କରୁଥିଲି । 'ଭୋକେ ଓଡ଼ିଆ ନଦ ଯାଏ ।' ଆଖିରେ ନିଦ ଭରି ଆସିଲା । ଘୁରି ଆଡ଼କୁ ଚାହିଁଛି । ଦେଖିଲି ଜଣେ ଲୋକ ତା ବସିବା ସ୍ଥାନରୁ ଉଠିଯାଇ ରେଳଗାଡ଼ି ଛାତର ମଧ୍ୟ ଭାଗରେ ଜିନିଷ ପତ୍ର ରଖିବା ପାଇଁ ଥିବା ଲୁହା ଜାଲିର ଦୋଳା ଉପରକୁ ଉଠିଗଲା ଏବଂ ଗୋଡ଼ ହାତ ଲମ୍ବାଇ ବେଶ୍ ଆରାମରେ ଶୋଇ ପଡ଼ିଲା । ମୁଁ ଶୋଇବାକୁ ଯାଉଥିବାର ସାଧୁଙ୍କୁ ଜଣାଇ ଦେଇ ସେ ଦୋଳା ଉପରକୁ ଉଠିଗଲି । ପୂର୍ବରୁ ଶୋଇଥିବା ବ୍ୟକ୍ତିକୁ ଟିକିଏ ଘୁଞ୍ଚିବାର ଅନୁରୋଧ କଲି । ମାତ୍ର ସେ ଶୁଣିଲା ନାହିଁ । ଦୁହିଁଙ୍କ ଭିତରେ କଳହ ହେଲା । ଶେଷରେ ସେ ଅଧିକରେ ଶୋଇଲା, ମୁଁ ଅଧିକରେ ଶୋଇଲି ।

Digitized by srujanika@gmail.com

ପାହାନ୍ତା ପ୍ରହରକୁ ରେଳଗାଡ଼ି ପୁଣା ଷ୍ଟେସନରେ ପହଞ୍ଚିଲା । ଗାଡ଼ିରୁ ଓହ୍ଲାଇବା ପାଇଁ ମୋତେ ସାଧୁ ହଲାଇ ଉଠାଇ ଦେଲେ । ମୁଁ ଉଠିପଡ଼ି ପ୍ଲାଟଫର୍ମକୁ ଓହ୍ଲାଇ ଗଲି । ସେତେବେଳକୁ ଅଧିକାଂଶ ରେଳଯାତ୍ରୀ ପ୍ଲାଟଫର୍ମ ବାହାରକୁ ଚାଲି ଯାଇଥିଲେ । ପ୍ଲାଟଫର୍ମରେ ମୁଁ ଦୁଇ ପାହୁଣ୍ଡ ଯାଇଛି କି ନା ମୋର ଖୋସଣି ଫିଟିଗଲା । ହାତମାରି ଦେଖିଲି । ଖଣ୍ଡେ ଲଫାପାରେ ଗୁଡ଼ାଇ ଅଣ୍ଟାରେ ମାରିଥିବା ତିନ ଟଙ୍କା ଆଠଅଣା ଅଣ୍ଟାରେ ନାହିଁ । ମୁଁ କାନ୍ଦ କାନ୍ଦ ହୋଇ ମୋର ଟଙ୍କା ହଜିଥିବା କଥା ସାଧୁଙ୍କୁ କହିଲି । ସେ କହିଲେ ଶୀଘ୍ର ଯାଇ ଗାଡ଼ି ଭିତରେ ଖୋଜି ଦେଖ । ରେଳଗାଡ଼ି ଭିତରକୁ ଫେରିଗଲି । ଖୋଜି ଦେଖିଲି । କେଉଁଠାରେ କିଛି ପାଇଲି ନାହିଁ । ସାଧୁଙ୍କ ପାଖକୁ ଫେରିଆସି ସମ୍ବାଦ ଦେଲି । ସାଧୁ କହିଲେ, ତାହେଲେ ତୁମେ ମୋ ସାଙ୍ଗରେ ଯାଇପାରିବ ନାହିଁ । କଥା ସଙ୍ଗେ ସଙ୍ଗେ ସେ ପ୍ଲାଟଫର୍ମ ପାର ହୋଇ ଚାଲିଗଲେ । ମୁଁ ବୋକା ବନିଗଲି । କିଛି ସମୟ ଏଣେ-ତେଣେ ଦୌଡ଼ାଦୌଡ଼ି କରି ପୁଣି ଟଙ୍କା ଖୋଜିଲି । କିଛି ସମୟ ପରେ ନିରାଶ ହୃଦୟରେ ପ୍ଲାଟଫର୍ମ ବାହାରକୁ ଚାଲିଲି । ଗେଟ ପାଖରେ ଟିକେଟ କଲେକ୍ଟର ଟିକେଟ ମାଗିଲା । ଭାଗ୍ୟକୁ ଟିକେଟ ଖଣ୍ଡିକ ମୋ ପକେଟରେ ଥିଲା । ଟିକେଟଟି ଦେଇ ପଦାକୁ ଗଲି ।

ସେ ସମୟରେ ଷ୍ଟେସନମାନଙ୍କରେ କେରୋସିନ ଆଲୁଅ ଜଳୁଥିଲା । ସେଥିରେ ଆଜିକାଲି ପରି ଚତୁର୍ଦ୍ଦିଗ ଉଜ୍ଜ୍ୱଳ ଦିଶୁ ନ ଥାଏ । ପ୍ଲାଟଫର୍ମ ବାହାରେ କଟିକଟିଆ ଅନ୍ଧାର । ପାହାନ୍ତାରେ ପୂର୍ବାକାଶ ଟିକିଏ ଫର୍ଚ୍ଚା ଦିଶୁଥିଲେ ମଧ୍ୟ ପ୍ଲାଟଫର୍ମ ବାହାରେ ଗୁଡ଼ାଏ ବଡ଼ ବଡ଼ ଗଛ ଥିବାରୁ ସ୍ଥାନଟି ପୂରାପୂରି

Digitized by srujanika@gmail.com

ଅନ୍ଧାରରେ ବୁଡ଼ି ରହିଥିଲା । କେତେଣେ ଦେଖିଲି ରେଲଗାଡ଼ି ଆଉ କୁଆଡ଼େ ନ ଯାଇ ପୂର୍ବ ସ୍ଥାନରେ ଠିଆ ହୋଇ ରହିଛି । ମନେ ହେଲା ଆଉ ଥରେ ଯାଇ ଖୋଜି ଦେଖିଲେ ଭଲ ହେବ । ପୁଣି ପ୍ଲାଟ-ଫର୍ମକୁ ଫେରିଗଲି । ମୁଁ ଯୋଉ ଡବାରେ ବସିଥିଲି ସେ ଡବାଟି ଚିହ୍ନିବା ମୋ ପକ୍ଷରେ ସମ୍ଭବ ହେଲା ନାହିଁ । ତଥାପି ଦୁଇ ଚାରିଟା ଡବା ଯାଇ ଖୋଜିଲି । ସେତିକିବେଳେ ଗାଡ଼ି ହୁଇସିଲ୍ ଦେଲା । ମୁଁ ତରବର ହୋଇ ଗାଡ଼ି ଭିତରୁ ଓହ୍ଲାଇ ପଡ଼ିଲି । ଯେଉଁ ବାଟ ଦେଇ ବାହାରୁ ପ୍ଲାଟଫର୍ମ ଭିତରକୁ ଆସିଥିଲି ସେଇ ବାଟ ଦେଇ ଯାଉଛି, ଜଣେ ଲୋକ ଦୌଡ଼ି ଆସି ମୋତେ ଟିକଟ ମାଗିଲା । ମୁଁ ଟିକେଟ ଦେଇ ଥିବାର କହିଲି; ମାତ୍ର ସେ ମୋ କଥା ନ ଶୁଣି ଆଉ ଦୁଇଜଣ ଲୋକଙ୍କ ପାଖକୁ ନେଇଯାଇ କହିଲା, ଏ ବିନା ଟିକେଟରେ ପଳାଇ ଯାଉଛି । ମୁଁ ଟିକେଟ ଦେଖାଇ ପଡାକୁ ଯାଉଥିବା ଓ ମୋର ହଜିଥିବା ଟଙ୍କା ଖୋଜିବା ପାଇଁ ପୁଣି ଭିତରକୁ ଆସିଥିବାର ସଫେଇ ଦେଲି । ସେ ଦୁଇ ବ୍ୟକ୍ତିଙ୍କ ଭିତରୁ ଜଣେ କହିଲେ—ହେ, ତାକୁ ଛାଡ଼ି ଦେ । ମୁଁ ଛାଡ଼ ପାଇଲି । ଜଗନ୍ନାଥଙ୍କ ଠାରେ ଅଶେଷ କୃତଜ୍ଞତା ଜଣାଇ ପ୍ଲାଟଫର୍ମ ବାହାରକୁ ଚାଲି ଆସିଲି ।

ସେତେବେଳକୁ ରାତି ପାହି ଆସୁଥିଲା । ପୂର୍ବର କଟିକଟିଆ ଅନ୍ଧାର ଅନେକଟା ଦୂର ହୋଇ ଯାଇଥିଲା । ମୋ ସାମନା ପଟ୍ ଷ୍ଟେସନ ଆଡ଼କୁ ଦୁଇ ଜଣ ଲୋକ ଆସୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ପଚାରିଲା ଏ, ତୋ ଘର କେଇଟିରେ ? ହଠାତ୍ ମୋ ପାଟିରୁ ବାହାରି ପଡ଼ିଲା, ଚାରିଟି । ସେ ଲୋକଟା ମୋତେ ଖୁବ୍ ବଡେ ଗାଳି ଦେଇ ଚାଲିଗଲା । ଅଳ୍ପ ଦୂରରେ ଆଉ ଜଣେ ଲୋକ ଠିଆ ହୋଇ ଆମର କଥାବାର୍ତ୍ତା ଶୁଣୁଥିଲା ।

Digitized by srujanika@gmail.com

ସେ ଲୋକଟି ମୋ ପାଖକୁ ଆସି ହସି ହସି କହିଲା, ସେ ପଣ୍ଡା ଗୁମାସ୍ତା । ବର୍ତ୍ତବ କରୁଛି ନ ପାଇ ହତାଶ ହୋଇ ଗାଳି କରୁଛି । ତୁମେ କୁଆଡେ଼ ଯିବ ?

ମୋର ଟଙ୍କା ହଜିଥିବା କଥା କହି ପୁରୀ ସହର ଭିତରକୁ ନ ଯାଇ ସତ୍ୟବାଦୀ ବନବିଦ୍ୟାଳୟକୁ ଯିବି ବୋଲି କହିଲି । ଲୋକଟି ବଡ଼ ଭଦ୍ରଲୋକ । ମୋତେ ଅଠରନଳାକୁ ବାଟ କଢ଼ାଇ ଦେଲା । କହିଲା, ଅଠରନଳା ଠାରୁ ସତ୍ୟବାଦୀ ଯିବାକୁ ଗୋଟିଏ ସଡ଼କ । ବଣା ହେବାର ଭୟ ନାହିଁ ।

ଅଳ୍ପ ସମୟ ପରେ ସକାଳ ହୋଇଗଲା । ଜଗନ୍ନାଥଙ୍କର ଅତି ନିକଟକୁ ଆସି ମଧ୍ୟ ତାଙ୍କର ଦର୍ଶନ ନ ପାଇବାରୁ ବିଶେଷ ମନ କ୍ଷୁଣ୍ଣ ହେଲି । ଠାକୁରଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟି ମାରି ଅଠର ନଳା ଅଭିମୁଖରେ ଗଲି । ଯଥା ସମୟରେ ଅଠରନଳା ଅତିକ୍ରମ କରିଗଲି । ଦାମୋଦରପୁର ବଜାର ପାର ହୋଇ ଯେତେବେଳେ ସମଙ୍ଗାଜପୁର ରେଲବାଇ ଗେଟ ପାଖରେ ପହଞ୍ଚିଲି, ଜଣେ ଲୋକ ଗୋଟିଏ ପସରା ମୁଣ୍ଡାଇ ମୋ ସାମନା ଆଡ଼ୁ ଆସୁଥିଲା । ମୋ ପାଖରେ ପହଞ୍ଚି ମୋତେ ଖୁବ ନିରୀକ୍ଷଣ କରି ଗୁହିଁଲା । ପଚାରିଲା, ତୁମ ଘର କୋଉଠି ? ମୋର ଘର କଟକ ଜିଲ୍ଲା ବୋଲି କହି ମୋର ଟଙ୍କା ପଇସା ଚୋରି ହୋଇ ଯାଇଥିବା କଥା ମଧ୍ୟ କହିଲି । ସେ ମୋର ସବୁ କଥା ଶୁଣି ଆହା, ଚୁ ଚୁ ହୋଇ ବହୁତ ଦୁଃଖ ପ୍ରକାଶ କଲା । କହିଲା, ତୁମେ ଏଇ ଘରରେ ଟିକିଏ ବସ । ମୁଁ ବୀରପ୍ରତାପପୁରରୁ ଅବା ଅବା ଫେରି ଆସିବି ! ବୀରପ୍ରତାପପୁରରେ ବାବୁ ଆପଣେ ମାଇନର ସ୍କୁଲ ଖୋଲିଛନ୍ତି । ମୁଁ ସେଇଠିକି ଯିବି ଆସିବି । ଆସିଲେ ତୁମକୁ ସିଧା

Digitized by srujanika@gmail.com

ବାଟ ଦେଖେଇ ଦେବ । ଅଳ୍ପ ସମୟ ଭିତରେ ସନ୍ତାବାଘରେ ପହଞ୍ଚିବ ।

ମୁଁ ଗୋଟିଏ ଗଛ ଗୁଳରେ ବସିଲି । ଲୋକଟି ଘଣ୍ଟାକ ଭିତରେ ଫେରି ଆସିଲା । ଜଗନ୍ନାଥ ଟ୍ରଙ୍କ୍ ରୋଡ୍ ଛାଡ଼ି ରେଳବାଇ ଗେଟ ପାଖରୁ ରେଳ ରାସ୍ତା ଧରି ଚାଲିଲୁଁ । କିଛିଦୂର ଗିବା ପରେ ରାସ୍ତାକଡ଼ର ଏକ ଖାଲୁଆ ନୟନଯୋଡ଼ ପାଖରେ ତାର ମୁଣ୍ଡରୁ ବୋଝ ଓହ୍ଲାଇଲା । ମୋତେ କହିଲା, ଏଇ ପାଣିରେ ମୁହଁ ହାତ ଧୋଇ ପକାଅ । ମୁଁ ଗୋଡ଼ ହାତ ଧୋଇଲି । ରାସ୍ତା ଚାଲିବା ଶ୍ରମ ଟିକଏ ଲଘୁ ଜଣାଗଲା । ଲୋକଟି ତା ଗାମୁଛାର ଗଣ୍ଠି ଫିଟାଇ ମୋ ଆଡ଼କୁ ଆଗେଇ ଦେଇ କହିଲା, ଧକାଳୁ କିଛି ଖାଇନ । ଏତକ ଖାଇଦିଅ । ନ ଖାଇଲେ ଚାଲିପାରିବନି । ମୁଁ ଦେଖିଲି ତାର ଗାମୁଛାରେ କିଛି ମୁଢ଼ି ଆଉ ଝୁଣା । ଜଗନ୍ନାଥଙ୍କର ଅସୀମ ଦୟା ସ୍ମରଣ କରି ସେତକ ମୋ ଲୁଗାକାନିକୁ ଢାଳିନେଇ ବସି ଚୋବାଇଲି । ନୟନଯୋଡ଼ ଖାଲରୁ ମନଇଚ୍ଛା ପାଣି ପିଇଲି ।

ଲୋକଟି ଥିଲା ବେପାରୀ କରେ । ନିଜର ପରିଚୟ ଦେଇ କହିଲା, ମେ ନା ସନ୍ତାବାଘ ସାହୁ । ବାଜ ସାହୁ ବୋଲି ଡାକନ୍ତି । ଗାଁ ନାଁଟି କଣ କହିଲା ସ୍ମରଣ ନାହିଁ । ମୋତେ ସେଠି ରେଳଘଣ୍ଟାରେ ଯିବାର ବାଟ ବତାଇ ଦେଇ ଲୋକଟି ତାର ଗାଁକୁ ଗଲା ।

ମୁଁ ଠିକ୍ ପାଞ୍ଚଟା ସମୟରେ ସନ୍ତାବାଘ ବନବିଦ୍ୟାଳୟର ଦ୍ୱାରଦେଶରେ ପହଞ୍ଚିଲି ।

Digitized by srujanika@gmail.com

ଉତ୍କଳ ଗ୍ରାମ ପଦ୍ମଚରଣ ଗସୁଙ୍କ ବଡ଼ ଭାଇ ମର୍ଦ୍ଦରାଜ ବସୁଙ୍କର ସେଦିନ ସନ୍ଧ୍ୟା ଗାଡ଼ିରେ ଓ୍ୱାଲ୍ଟା ନା କୁଆଡ଼େ ଯିବାର ଥାଏ । ପୁଅକୁ ବିଦାୟ ଦେବା ପାଇଁ ତାଙ୍କର ପିତା ଘରଠାରୁ ଆସି ସତ୍ୟବାଦୀରେ ପହଞ୍ଚିଥାନ୍ତି । ସର୍ବପ୍ରଥମେ ମୋର ତାଙ୍କର ସଙ୍ଗେ ଦେଖା ହେଲା । ମୁଁ ତାଙ୍କୁ ବନ ବିଦ୍ୟାଳୟ କଥା ପଚାରିବାରୁ ସେ ମୋର ପରିଚୟ ବୁଝିଲେ । ମୁଁ ମୋର ସମସ୍ତ ଘଟଣା ଆନୁପୂର୍ବିକ ବର୍ଣ୍ଣନା କଲି । ସେ ସଙ୍ଗେ ସଙ୍ଗେ ତାଙ୍କର କନିଷ୍ଠ ପୁତ୍ର ପଦ୍ମଚରଣଙ୍କୁ ଡାକି କହିଲେ, ଶୀଘ୍ର ଏଙ୍କୁ ବଜାରକୁ ନେଇଯା, କିଛି ଜଳଖିଆ ଖୁଆଇ ସ୍କୁଲକୁ ନେଇ ଆସିବୁ ।

ମୁଁ ପଦ୍ମଚରଣଙ୍କ ସଙ୍ଗରେ ଆସିଲି । ସତ୍ୟବାଦୀର ସାକ୍ଷୀଗୋପୀନାଥ ଠାକୁର, ବନ ବିଦ୍ୟାଳୟ ଆଉ ବଜାର ଏ ତିନୋଟି ଖୁବ୍ ପାଖ ପାଖରେ ଅବସ୍ଥିତ । ସଙ୍ଗେ ସଙ୍ଗେ ପଦ୍ମଚରଣ ଗୋଟିଏ ଦୋକାନ ଭିତରକୁ ପଶିଯାଇ ବରାଦ କରିଦେଲେ । ଦୋକାନୀ ଗୋଟିଏ ମାରକ୍ତ୍ର ଚୁଲ୍ଲୀ ବାହାର କଲା । କିଛି ଗୁଣ୍ଡ ଦ୍ରବ୍ୟ ଓଜନ କରି ତା ଉପରେ ଅଜାଡ଼ି ଦେଲା । ଗୋଟିଏ ଗ୍ଲେଟ ନଡ଼ିଆ ଭାଙ୍ଗି ତାର ପାଣିକୁ ସେଥିରେ ଢାଳିଲା । ଫାଳେ ନଡ଼ିଆ କୋରି ତା ଉପରେ ରଖିଲା । ଶେଷରେ ମାଟିଆ ରଙ୍ଗର ଗୋଟିଏ ଗୁଣ୍ଡ ଜିନିଷ ସେଥିରେ ମିଶାଇ ସେ ସବୁକୁ ଘଷିଲା । କିଛି ସମୟ ଘଷିବା ପରେ ଗୋଟିଏ ଶରରେ ପୂରାଇ ମୋତେ ଖାଇବାକୁ ଦେଲା । ମୁଁ ସେଥିରୁ ଥରେମାତ୍ର ପାଟିକୁ ନେଇ ଜାଣିପାରିଲି ତାହା ଚୂଡ଼ା ଭିନ୍ନ ଆଉ କିଛି ନୁହେଁ । ସେ ଚୂଡ଼ା ମିକ୍ସ୍ଚରଟି କୁକୁରକୁ ଦେଇ ଶରଟି ଧୋଇ ଥୋଇ ଦେଲି । ପଦ୍ମଚରଣ ବାବୁଙ୍କୁ ସେଥିପାଇଁ ଦୋକାନୀକୁ ଦଶ ପଇସା

Digitized by srujanika@gmail.com

ଦେବାକୁ ହୋଇଥିଲା । ମୁଁ ପରେ ଜାଣି ପାରିଲି ଯେ ଜଳଖିଆର ନାମ ଚୂଡ଼ାଘସା । କଟକ ଜିଲ୍ଲାରେ ଚୂଡ଼ା ଚକଟା ଚଳେ । ଚୂଡ଼ା ଘଷାର ଚଳ ନାହିଁ । ସେଦିନ ମୁଁ ପ୍ରଥମ କରି ଚୂଡ଼ାଘସା ଦେଖିଲି ଆଉ ଚାଖିଲି । ପୋଡ଼ ମାଟିଆ ଗୁଣ୍ଡ ଦ୍ରବ୍ୟଟି ସବ-ଶେଷରେ ସେଥିରେ ମିଶାଯାଇଥିଲା ତାହାର ନାମ ଖଣ୍ଡ । ସେଦିନ ପ୍ରଥମ କରି ଖଣ୍ଡ ବୋଲି ଗୋଟିଏ ମିଠାଦ୍ରବ୍ୟ ଥିବାର ଜାଣିଲି ।

ପଦ୍ମଚରଣ ବାବୁ ମୋତେ ବନ ବିଦ୍ୟାଳୟ ହଷ୍ଟେଲକୁ ନେଇଗଲେ । ମୋ ଲାଗି ଗୋଟିଏ ସ୍ଥାନ ବନ୍ଦୋବସ୍ତ ହେଲା । ମୁଁ ସେଠାରେ ଶୁଆ ବସା କଲି । ହଷ୍ଟେଲରେ ରହିଲି ସିନା ସ୍କୁଲରେ କିନ୍ତୁ ନାମ ଲେଖା ହେଲା ନାହିଁ । ଭାଇଙ୍କ ପତ୍ରକୁ ଅପେକ୍ଷା ରହିଲା ।

ମୁଁ ସତ୍ୟବାଦୀରେ ପଢ଼ୁଥିବାର ପରିବଦଳ ସତ୍ୟବାଦୀ ଜାତୀୟ ବିଦ୍ୟାଳୟରେ ପଢ଼ିବି ବୋଲି ଜଣାଇ ମୋର ପଢ଼ିବା ପାଇଁ ଆବଶ୍ୟକୀୟ ଖର୍ଚ୍ଚ ଶୀଘ୍ର ପଠାଇ ଦେବା ନିମନ୍ତେ ଭାଇଙ୍କୁ ଏକ ପତ୍ରରେ ଅନୁରୋଧ କରିଥିଲି । ଭାଇଙ୍କଠାରୁ ଖର୍ଚ୍ଚ ଆସିବା ଯାଏ ଜଣେ ବାଲେଶ୍ୱରର ଛାତ୍ରଙ୍କ ନାମରେ ହଷ୍ଟେଲରେ ମୋର ଆଉଟ ମିଲ୍ ପଡ଼ୁଥାଏ ।

ଛଅଦିନ ପରେ ଭାଇଙ୍କଠାରୁ ଚାରି ଟଙ୍କାର ଗୋଟିଏ ମନିଅର୍ଡ଼ର ଆସି ପହଞ୍ଚିଲା । ସେଥିରେ ଲେଖାଥିଲା, ତୁମର ଖାଇବା ଖର୍ଚ୍ଚ ଓ ବାଟ ଖର୍ଚ୍ଚ ପାଇଁ ଚାରିଟଙ୍କା ପଠାଇଲି । ଏହି ଖର୍ଚ୍ଚରେ ତୁମେ ଘରକୁ ଫେରିଆସ । ତୁମର ପଢ଼ା ଖର୍ଚ୍ଚ ମୁଁ ଯୋଗାଇ ପାରିବି ନାହିଁ । ବୋର୍ଡ଼ିଂରେ ମୋ ପାଇଁ ଖର୍ଚ୍ଚ

Digitized by srujanika@gmail.com

ହୋଇଥିଲା ତିନିଟଙ୍କା ଦଶଅଣା । ସେତିକ ପରିଶୋଧ କରିବା ପରେ ମୋ ପାଖରେ ମାତ୍ର ଛଅ ଅଣା ପଇସା ରହିଲା । ସେ ବାଲେଶ୍ୱରର ଗ୍ରୁପ ଜଣକ ମୋତେ ଟ୍ରେନରେ ବସାଇ ଦେବା ପାଇଁ ସାକ୍ଷୀଗୋପାଳ ରେଳଷ୍ଟେସନକୁ ଆସିଲେ । ଜଣେ ରେଳବାଇ କର୍ମଚାରୀଙ୍କୁ ମୋର ପରିଚୟ ଦେଇ ଏଇ ଛଅଅଣା ପଇସାରେ ମୋତେ ନେଇ ଭଦ୍ରକ ଷ୍ଟେସନରେ ଓହ୍ଲାଇ ଦେବାର ଅନୁରୋଧ ଜଣାଇଲେ । କର୍ମଚାରୀ ଜଣକ ମୋର ଛଅଅଣା ପଇସା ପକେଟସ୍ଥ କରି ମୋତେ ନେଇ ଗାର୍ଡ଼ ଡବାରେ ବସାଇ ଦେଲେ ।

ଯଥା ସମୟରେ ଟ୍ରେନ ଭଦ୍ରକ ରେଳ ଷ୍ଟେସନରେ ପହଞ୍ଚିଲା । ସେହି ରେଳବାଇ କର୍ମଚାରୀ ଜଣକ ମୋତେ ସାଙ୍ଗରେ ନେଇ ଷ୍ଟେସନର ପ୍ଲାଟଫର୍ମ ବାହାରେ ଛାଡ଼ିଦେଲେ ।

ଭଦ୍ରକରେ ଓହ୍ଲାଇବାର ମୋର ପ୍ରଧାନ ଉଦ୍ଦେଶ୍ୟ ଥିଲା, ମୋର ଅଧ୍ୟୟନ ପାଇ କିଛି ଅର୍ଥ ସଂଗ୍ରହ କରିବା । ଧୂଷୁରୀଠାରୁ କିଛି ଦୂରରେ ଖଡ଼ମାହାଳ ନାମକ ଗ୍ରାମରେ ମୋର ମଝିଆ ଭଉଣୀଙ୍କର ଶ୍ୱଶୁର ଘର । ମୋର ଭିଣୋଇ ଛଅ ଭାଇ । ସେମାନେ ଖୁବ୍ ବଡ଼ଲୋକ । କଲିକତାରେ ତାଙ୍କର ବଡ଼ ଧରଣର କାରବାର ଅଛି । ମୋର ପଢ଼ିବା କଥା ଭିଣୋଇଙ୍କୁ ଜଣାଇଲେ ସେ କିଛି ସାହାଯ୍ୟ କରିପାରନ୍ତି ଏଇ ବିଚାର ସ୍ଥିର କରି ଭଦ୍ରକରେ ଓହ୍ଲାଇଲି । ପଚାରି ପଚାରି ଯାଇ ଭିଣୋଇଙ୍କ ଘରେ ପହଞ୍ଚିଲି ।

ପାଦର ବ୍ୟଥା ନିବାରଣ ପାଇଁ ଭିଣୋଇଙ୍କ ଘରେ ତିନିଦିନ ବିଶ୍ରାମ କଲି । ମୋ ପଢ଼ାଖର୍ଚ୍ଚ ପାଇଁ ସେ କିଛି

Digitized by srujanika@gmail.com

ସାହାଯ୍ୟ କରିପାରିବା ଅବସ୍ଥାରେ ନାହାନ୍ତି ବୋଲି କହି ମୋତେ ବିଦାୟ ଦେଲେ । ମୁଁ ପୁଣି ଦଶ ବାର ମାଇଲ ବାଟ ଚାଲି ଚାଲି ଆସି ଘରେ ପହଞ୍ଚିଲି । ଘରେ ପହଞ୍ଚି ଦେଖିଲି ମୋ ପକେଟରେ ଗୋଟିଏ ଟଙ୍କା ରହିଛି । ସେ ଟଙ୍କାଟି ଭାଉଜ ବୋଧହୁଏ କେତେବେଳେ ମୋ ପକେଟରେ ରଖି ଦେଇଛନ୍ତି । ଯାହାହେଉ ଜଗନ୍ନାଥଙ୍କୁ ଅଶେଷ କୃତଜ୍ଞତା ଜଣାଇ ସେହି ଟଙ୍କାଟିକୁ ପାଥେୟ କରି କଟକ ସ୍ୱରାଜ ଆଶ୍ରମ ଅଭିମୁଖରେ ଚାଲିଲି । ତିନିଦିନ ଧରି ଚାଲି ଚାଲି ଯାଇ ଗୋଟିଏ ଅପରାହ୍ଣରେ ଆଶ୍ରମରେ ପହଞ୍ଚିଲି ।

ରାଜକନିକା ହାଇସ୍କୁଲର ଜଣେ ଛାତ୍ର ଚାଲି ଚାଲି ଆସି ଆଶ୍ରମରେ ପହଞ୍ଚିଥିବା କଥା ପ୍ରଚାର ହୋଇଗଲା । ଦେଖିବା ପାଇଁ ଅନେକ ଆଶ୍ରମବାସୀ ମୋ ପାଖରେ ରୁଣ୍ଡ ହୋଇଗଲେ ।

ଯଦୁମଣି ମଙ୍ଗରାଜ ଓ ଆଉ କେତେଜଣ ବରିଷ୍ଠ ନେତା ଗୋଟିଏ ଛୋଟ ମଣ୍ଡପ ଉପରେ ବସିଥିଲେ । ଜଣେ ଆଶ୍ରମବାସୀ ମୋତେ ସାଙ୍ଗରେ ଧରି ଯାଇ ସେଠାରେ ପହଞ୍ଚିଲେ । କହିଲେ, ଇଏ ରାଜକନିକା ହାଇସ୍କୁଲର ଜଣେ ଛାତ୍ର, ଚାଲି ଚାଲି ଆସି ଏବେ ଆଶ୍ରମରେ ପହଞ୍ଚିଛନ୍ତି ।

ଯଦୁମଣି ମଙ୍ଗରାଜ ତାଙ୍କର ସ୍ୱଭାବ ସୁଲଭ କୌତୁକଆ ଭଙ୍ଗୀରେ ଗୋଟିଏ କୁଦାମାରି ମଣ୍ଡପରୁ ତଳକୁ ଡେଇଁ ପଡ଼ିଲେ । ମୋ ପାଖକୁ ଲାଗିଆସି କହିଲେ, ଆପଣ କନିକାରୁ ଆସିଛନ୍ତି ? ମୁଁ ସମ୍ମତି ଜଣାଇଲି । ଯଦୁମଣିବାବୁ କହିଲେ, ଭଲ ସମୟରେ ଆସିଛନ୍ତି । ଆମେ ଗୋଟାଏ ବଡ଼ ଅସୁବିଧାରେ ପଡ଼ିଛୁଁ । ସେହି କଥା ହିଁ ଏବେ ଆଲୋଚନା ହେଉଥିଲା । କଣ କରିଯିବ ଆପଣ ଆମକୁ ଉପାୟଟି ବତାଇ ଦେଲେ । କଥା କଣ କି ଜଣେ ବରିଷ୍ଠ

Digitized by srujanika@gmail.com

ନେତା ତିଳକ ସ୍ୱରାଜ ଫଣ୍ଡ ନାମରେ ଆଶ୍ରମର ଖର୍ଚ୍ଚ ପାଇଁ ମାସକୁ ମାସ କିଛି କିଛି ଟଙ୍କା ଦିଅନ୍ତି । ସେ ଏବେ ସେ ଟଙ୍କା ବନ୍ଦ କରି ଦେଉଛନ୍ତି । ଆମେ ସବୁ କେମିତି କୋଉଠୁ ଟଙ୍କା ପାଇବୁ ଆଉ କେମିତି ଖିଆ ପିଆ କରିବୁ ସେଇ କଥା ନେଇ ବିଶେଷ ଚିନ୍ତିତ । ଆପଣ କହିବେ କେଉଁଠି କିପରି ଆମେ ପଇସା ପାଇ ପାରିବା ?

ମୁଁ ପଚାରିଲି, ଏଠାରେ ଗୋଟାଏ ରେଳ ଷ୍ଟେସନ ଅଛି ପରା ? ଯଦୁମଣିବାବୁ କହିଲେ, ହଁ । କେତେ ଦୂର ହେବ ? ମୁଁ ପ୍ରଶ୍ନ କଲି । ଯଦୁମଣିବାବୁ କହିଲେ, ବେଶି ଦୂର ନୁହେଁ ।

ତା ହେଲେ ତ ବେଶ ସୁବିଧାରେ ଆମେ ଟଙ୍କା ପାଇ ପାରିବା, ମୁଁ କହିଲି । ଯଦୁମଣିବାବୁ ଗମ୍ଭୀର ଭାବ ଧାରଣ କରି କହିଲେ, କେମିତି ? ମୁଁ କହିଲି, ଆମେ ଓଳିଏ ଆଶ୍ରମରେ କାମ କରି ଅନ୍ୟ ଓଳିଟି ଷ୍ଟେସନକୁ ଯାଇ କୁଲିକାମ କଲେ ନିଶ୍ଚୟ କିଛି ରୋଜଗାର କରିପାରିବା । ଯଦୁମଣିବାବୁ ଖୁବ୍ ଖୁସି ହୋଇ ଉଠିଲେ । ମୋ ପିଠି ଥାପୁଡ଼େଇ କହିଲେ, ସାବାସ । ଠିକ୍ ଚିନ୍ତିଛ । ହଉ, ସମସ୍ତଙ୍କୁ ନେଇଯାଅ, କିଛି ଖାଇବାକୁ ଦିଅ ।

ଆଶ୍ରମ ଜୀବନ

ମୁଁ ଆଶ୍ରମରେ ରହିଲି । କଟକ ସ୍ୱରାଜ ଆଶ୍ରମରେ ରହୁଥିବା ଆଶ୍ରମବାସୀଙ୍କ ସଂଖ୍ୟା ସେତେବେଳେ ଛଅଶହ । ଭାଗୀରଥି ମହାପାତ୍ର, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ ପ୍ରମୁଖ ବହୁ ନେତୃସ୍ଥାନୀୟ ବ୍ୟକ୍ତିମାନେ ରହୁଥାନ୍ତି । ଦାସେ ଆପଣେ ମଝିରେ ମଝିରେ କୁଆଡ଼ୁ ଆସି ପହଞ୍ଚି ଯାଆନ୍ତି ।

Digitized by srujanika@gmail.com

ଆଶ୍ରମରେ ଦୁଇ ଚାରିଦିନ ରହି ପୁଣି କୁଆଡ଼େ ଚାଲିଯାନ୍ତି । ଡାକ୍ତର ଅଟଳବିହାରୀ ଆଚାର୍ଯ୍ୟ ଥାନ୍ତି ଆଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ।

ଆଶ୍ରମରେ ମୋର କାମ ହେଲା ପ୍ରତିଦିନ ଘଣ୍ଟାଏ ଅରଟରେ ସୂତା କାଟିବା । ତା ପରେ ମୁଷ୍ଟିଭିକ୍ଷା ସଂଗ୍ରହ କରିବାକୁ ଯିବା । ମୁଷ୍ଟିଭିକ୍ଷା ଆଦାୟ କରିବାକୁ ଗୋଟିଏ ଗୋଟିଏ ଦଳରେ ଚାରି ଚାରି ଜଣ କରି ଗୋଟିଏ ଗୋଟିଏ ଅଞ୍ଚଳ ଧରି ଯାନ୍ତି । କଟକ ସହରର ସାହି ବସ୍ତି ସବୁ ଭାଗ ଭାଗ ହୋଇ ବଣ୍ଟା ହୋଇଥାଏ । ପାଳିକ୍ରମେ ସେହି ସବୁ ସାହି ବସ୍ତିକୁ ଯିବାକୁ ହୁଏ । ପ୍ରତି ସାତ ଦିନରେ ଗୋଟିଏ ଗୋଟିଏ ବସ୍ତିକୁ ଯିବାକୁ ହୁଏ ।

ଆଶ୍ରମରେ ମାସଟିଏ ରହିବା ପରେ ସୂତା କଟାରେ ମୋର ବେଶ୍ ଦକ୍ଷତା ଆସିଗଲା ।

ମାସକ ପରେ ଗୋଟିଏ ଅରଟ ଆଉ କିଛି ତୂଳା ନେଇ କନକା ଅଞ୍ଚଳରେ ସୂତାକଟା ପ୍ରଚାର କରିବା ପାଇଁ ମୋତେ ରାଜକନକା ପଠାଇ ଦିଆଗଲା । ମୁଁ ରାଜକନକାରେ ଦୁଇ ତିନି ଦିନ ରହିବା ପରେ କନକା ରାଜାଙ୍କର ତୃଷ୍ଟାସ୍ୱ ମେନେଜର ଗୋପାଳ ଚରଣ ଦାସ ମୋ ଠାରୁ ସୂତାକଟା ଶିଖିଲେ ଏବଂ ଅରଟ ଆଉ ତୂଳାର ଦାମ ଦେଇ କିଣି ନେଲେ ।

ଅରଟଟି ବିକି ହୋଇଯିବା ପରେ ମୋର ଆଉ ରାଜକନକାରେ ରହିବାର ଆବଶ୍ୟକତା ନ ଥିଲା । ମୁଁ କଟକ ସ୍ୱରାଜ ଆଶ୍ରମକୁ ଫେରି ଆସିଲି । ଏଥର କିନ୍ତୁ ଏକା ନୁହେଁ, ରାଜକନକା ହାଇ ସ୍କୁଲର ଅଷ୍ଟମ ଶ୍ରେଣୀର ଦୁଇଜଣ ଛାତ୍ର ଉଦୟକର ଷଣ ଓ ଭିକାରି ଚରଣ ସାମଲଙ୍କୁ ଅସହଯୋଗ ମନ୍ତ୍ରରେ ଦୀକ୍ଷିତ କରି

Digitized by srujanika@gmail.com

ସଙ୍ଗରେ ନେଇ ଫେରିଲି । ଗତ ଥର ପରି ଏଥର ମୁଁ ନିଃସ୍ୱ ନୁହେଁ । ବାଟଖର୍ଚ୍ଚ ପାଇଁ ମୋ ହାତରେ ଯଥେଷ୍ଟ ଅର୍ଥ ଥିଲା । ସେ ଯୁବ ଦୁଇଜଣଙ୍କ ପାଖରେ ମଧ୍ୟ ଅର୍ଥର ଅଭାବ ନ ଥିଲା । ମରାମତି ପାଇଁ ହାଇଲେଭଲ କେନାଲ ଶୁଖି ଥିବାରୁ କିନ୍ତୁ ଆମକୁ ଚାଲି ଚାଲି କଟକ ଯାଏ ଆସିବାକୁ ହେଲା ।

ଏପ୍ରିଲ ମାସ । ଖରା ସେ ବର୍ଷ ଏପ୍ରିଲ ମାସରୁ ମେ ମାସର ଖରା ପରି ଖୁବ୍ ଟାଣ ହୋଇ ଯାଇଥିଲା । ଦିନ ଦଶଟା ପରେ ଆଉ ବାଟ ଚାଲିବା ସମ୍ଭବ ହେଉ ନଥିଲା । ଆମେ ଦଶଟା ପରେ କୌଣସି ଏକ ଚଟିଘରେ ରୋଷେଇ କରି ଖାଉ । ରାତିରେ ମଧ୍ୟ ସେହି ଚଟିଘରେ ଖାଇ ପିଇ ବିଶ୍ରାମ କରୁ । ରାତି ଅଧରୁ ଉଠି ଜହ୍ନ ଆଲୁଅରେ ବାଟ ଚାଲୁ ସକାଳ ଦଶଟା ଯାଏ । ଏହିପରି ଚାଲି ଚାଲି ତିନ ଦିନରେ ଯାଇ ଯୋବ୍ରା ଆନିକଟ ଠାରେ ମହାନଦୀ ପାରି ହୋଇ କଟକ ସ୍ୱରାଜ ଆଶ୍ରମରେ ପହଞ୍ଚିଲୁ ।

ମୁଁ ଏତେ ଶୀଘ୍ର ଅରଟ ଛଡ଼ି କରିଦେଇ ଦୁଇଜଣ ଯୁବଙ୍କୁ ସଙ୍ଗରେ ନେଇ ଆସିଥିବାର ଜାଣି ଆଶ୍ରମରେ ରହୁଥିବା ନେତା-ମାନେ ମୋ ପ୍ରତି ଅତ୍ୟନ୍ତ ଅନୁକୂଳ ମନୋଭାବ ପୋଷଣ କଲେ ।

ଆଶ୍ରମରେ କିଛି ଦିନ ରହିବା ପରେ ଉଦୟପୁରର ମିତ୍ରଙ୍କୁ ଜଣେ ନେତାଙ୍କ ସହିତ ପ୍ରଚାର ପାଇଁ ରାଜକନିକା ପଠାଗଲା । ମୁଁ ଆଶ୍ରମରେ ସୂତାକଟା ଶିକ୍ଷକ ଭାବରେ ନିଯୁକ୍ତ ହେଲି ।

ଆଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅଟଳବିହାରୀ ଆଚାର୍ଯ୍ୟଙ୍କର ହେମ ନାମକ ଜଣେ ଭଣଜା ଆଶ୍ରମର ବଜାର

Digitized by srujanika@gmail.com

ଟଙ୍କରୁ କିଛି ଅର୍ଥ ଆତ୍ମସାତ୍ କରିଥିଲେ ଜାଣିପାରି ମୁଁ ପ୍ରକାଶ କରିଦେଲି । ଏହି ଘଟଣା ପରେ ଅଟଳବାବୁ ତଥା ଅନ୍ୟ ନେତା-ମାନେ ମୋ ପ୍ରତି ସମ୍ପୂର୍ଣ୍ଣ ଆସ୍ଥା ଜନ୍ମିଲା । କ୍ରମେ ମୋ ଉପରେ ଅନେକ ଗୁରୁଦାୟିତ୍ୱ ଦିଆଗଲା । ଅରଟ, ଭୂଲା, କପାମଞ୍ଜି ଆଦି ବନ୍ଦି କରିବାର ଭାର ବହନ କଲି । ତା ଛଡ଼ା ପ୍ରତିଦିନ ମୁଷ୍ଟିଭିକ୍ଷା ଆଦାୟ କରିବା ନିମନ୍ତେ ସ୍ୱେଚ୍ଛାସେବକମାନଙ୍କୁ ବରାଦ କରିବା ଓ ତାଙ୍କ ଠାରୁ ମୁଷ୍ଟିଭିକ୍ଷା ଗ୍ରହଣ କରି ବୁଝିରଖିବା ମୋର ଅନ୍ୟ ଏକ କାମ ହେଲା ।

ଆଜିକାଲି ପରି ସେତେବେଳେ କଟକ ସହରର ରାସ୍ତା ଏତେ ଚଉଡ଼ା ନ ଥିଲା କି ପରିଷ୍କାର ପରିଚ୍ଛନ୍ନ ନ ଥିଲା । ରାସ୍ତା କଡ଼ରେ ଥିବା ବଡ଼ ବଡ଼ ଗଛ ସବୁ ଦିନବେଳେ ସ୍ଥାନେ ସ୍ଥାନେ ଅନ୍ଧାରିଆ କରି ରଖୁଥିଲା । ରାତିରେ ମ୍ୟୁନିସିପାଲିଟିର କିରାସିନ ଆଲୁଅ ସମଗ୍ର ରାସ୍ତାକୁ ଆଲୋକିତ କରିପାରୁ ନ ଥିଲା । ଛତିବଜାର ଆଉ ଷ୍ଟେସନ ବଜାର ଅଞ୍ଚଳ ଏପରି ଜଙ୍ଗଲମୟ ଥିଲା ଯେ ଦିନବେଳେ ସେ ସବୁ ସ୍ଥାନକୁ ଯିବାକୁ ଲୋକମାନେ ଭୟ କରୁଥିଲେ । ତିନିକୋଣିଆ ବଗିଚା ଆଉ ବକ୍ସି ବଜାରର କେତେକ ଅଞ୍ଚଳ ବଡ଼ ବଡ଼ ଗଛମାନଙ୍କ ଦ୍ୱାରା ଆବୃତ ଥିଲା ।

ଆଜିକାଲି ପରି କଟକ ସହରରେ ସେତେବେଳେ ପିଚ୍ ରାସ୍ତା ନ ଥିଲା । ନାଲି ମୋରମ ସବୁ ରାସ୍ତାମାନଙ୍କରେ ବିଛା ହୋଇଥାଏ । ରିକ୍ସାର ଚଳନ ନ ଥିଲା । ଚଳୁଥିଲା ଘୋଡ଼ାଗାଡ଼ି ଆଉ ଏକ ବଳଦିଆ ଶଗଡ଼ ଗାଡ଼ି । ଡାକ୍ତର ବୁଢ଼ାମାନଙ୍କର ମଟର ଗାଡ଼ି ମିଶି ସହରରେ ମୋଟ ଛଅ ସାତ ଖଣ୍ଡ ମୋଟର ଗାଡ଼ି ଚାଲୁଥାଏ । ଘୋଡ଼ାଗାଡ଼ିର ସଂଖ୍ୟା କିନ୍ତୁ ଅନେକ ଥିଲା ।

Digitized by srujanika@gmail.com

ରାସ୍ତାରେ ସବୁବେଳେ ଘୋଡ଼ାଗାଡ଼ି ଦୌଡ଼ିବାରେ ଏତେ ନାଲି ଧୂଳି ଉଡ଼େ ଯେ, କୋଠାବାଡ଼ି, ଘରଦ୍ୱାର, ଗଛପତ୍ର ସବୁ ନାଲି ହୋଇଯାଏ । ସଫାଲୁଗା ଖଣ୍ଡେ ପିନ୍ଧି ବାହାରକୁ ବାହାରି ପଡ଼ିଲେ ଅଧଘଣ୍ଟା ଭିତରେ ମଇଳା ହୋଇଯାଏ ।

କଟକ ସହରର ସେହି ନାଲି ଧୂଳିରୁ ରକ୍ଷା କରିବା ପାଇଁ ମୁଁ ମୋର ଲୁଗାକୁ ଗେରୁଆ ରଙ୍ଗରେ ରଙ୍ଗାଇ ଦେଲି । ସବୁବେଳେ ଧୂଳି ମଇଳା ଲାଗି ମୁଣ୍ଡରେ ରୁପି ହୋଇଗଲା । ରୁପି ଦାଉରୁ ରକ୍ଷା ପାଇବା ଲାଗି ଲଣ୍ଡା ହୋଇ କ୍ଷୌର ହୋଇ ପଡ଼ିଲି । ମୋର ସେହି ଗୈରିକ ବେଶ ଦେଖି ଅନେକେ ମୋତେ ମହାରାଜ ମହାରାଜ ବୋଲି ଡାକିବାକୁ ଆରମ୍ଭ କରିଦେଲେ ।

ସହରର ମାରୱାଡ଼ି ବ୍ୟବସାୟୀମାନେ ମୋତେ ଦେଖିଲା ମାତ୍ରେ ଆଓ ଆଓ ଗାନ୍ଧୀ ଚେଲା ଦେଶ ନେତା ଆଓ । ସ୍ୱରାଜକା କ୍ୟା ଖବର ବୋଲେ । କହି ମୋତେ ଟାଣି ଟାଣି ତାଙ୍କର ଦୋକାନ ଭିତରକୁ ନେଇଯାନ୍ତି ।

ସବାରୀ ନଥିବା ଘୋଡ଼ାଗାଡ଼ିର ଚାଳକମାନେ ମୋତେ ଡାକିକରି ଗାଡ଼ିରେ ବସାଇ ମୋର ଗନ୍ତବ୍ୟ ସ୍ଥାନରେ ଛାଡ଼ି ଦିଅନ୍ତି । ଯାହାଙ୍କର ଜଣେକିଆ ସବାରୀ ଥାଏ, ମୋତେ ଦେଖିଲେ ସେମାନେ ଡାକିନେଇ ତାଙ୍କର ଆରୋହୀ ପାଖରେ ବସାଇ ଦିଅନ୍ତି ।

୧୯୨୧ ମସିହାରେ ମହାତ୍ମାଗାନ୍ଧୀଙ୍କ ପ୍ରବର୍ତ୍ତିତ ଅରଟରେ ସୂତା କାଟିବା ଏପରି ଲୋକପ୍ରିୟ ହୋଇ ଉଠିଥିଲା ଯେ, କଟକର ବେଶ୍ୟାମାନେ ମଧ୍ୟ ସେହି ସ୍ରୋତରେ ଭାସିଯାଇ ଖଣ୍ଡେ ଖଣ୍ଡେ

Digitized by srujanika@gmail.com

ଅରଟ କଣି ଚଳାଇଲେ । ସେମାନଙ୍କୁ ସୂତାକଟା ଶିକ୍ଷା ଦେବା ପାଇଁ ଆଶ୍ରମର ସ୍ୱେଚ୍ଛାସେବକମାନେ ତାଙ୍କ ଘରକୁ ଗଲେ ।

ସ୍ୱେଚ୍ଛାସେବକମାନେ ବେଶ୍ୟାଳୟରେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବାର ସମ୍ବାଦ ଯେତେବେଳେ ମିଳିଲା, ସୁପରିଣ୍ଟେଣ୍ଡେଣ୍ଟ ଅଟଳବାବୁ ମୋତେ ଡାକି କହିଲେ, ବାହାରକୁ ଯାଇ ସୂତାକଟା ଶିକ୍ଷା ଦେଉଥିବା ସ୍ୱେଚ୍ଛାସେବକମାନଙ୍କୁ ମୁଁ ବନ୍ଦ କରିଦେଉଛି । ତୁମେ କାଲିଠାରୁ ବାହାରେ ଯାଇ ସୂତାକଟା ଶିଖା ଦିଅ । ମୁଁ କହିଲି, ମୁଁ ବାହାରକୁ ଗଲେ ଏଣେ ସ୍ପିନିଙ୍ଗ କ୍ଲାସ କିପରି ଚାଲିବ ?

ସେ କଥା ମୁଁ ବୁଝୁନାହିଁ । ତୁମେ ବାହାରକୁ ଗଲେ ସ୍ପିନିଙ୍ଗ୍ କ୍ଲାସରେ ଧ୍ୟାନ ଦେଇ ଯିବ । ଅଟଳବାବୁ ଆଦେଶ ଦେଲେ ।

ସେତେବେଳେ ବାଲୁବଜାରର ମସଜିଦ ଗଳି ଆଉ ତେଲେଙ୍ଗା ବଜାର ଏ ଦୁଇଟି ସ୍ଥାନ ପ୍ରସିଦ୍ଧ ବେଶ୍ୟାପଡ଼ା ଭାବରେ କଟକରେ ନାଁ କରିଥିଲା । ନିଶା ନିବାରଣ ଉଦ୍ଦେଶ୍ୟରେ ସ୍ୱରାଜ ଆଶ୍ରମରୁ ସ୍ୱେଚ୍ଛାସେବକମାନେ ଯାଇ କଟକର ମଦ ଦୋକାନ ସାମନାରେ ସଞ୍ଜ ଛଅଟାରୁ ରାତି ନଅଟା ଯାଏ ପିକେଟିଂ କରନ୍ତି । ବେଶ୍ୟାପଡ଼ା ଭିତରେ ଦେଶୀ ମଦ ଦୋକାନ ବି ବହୁତ ଥାଏ । ପିକେଟିଂ ବାଲାମାନେ ସେହି ସବୁ ଦେଶୀ ମଦ ଦୋକାନ ଆଗରେ ବି ବୁଲନ୍ତି । ମସଜିଦ ଗଳିର ବେଶ୍ୟାମାନେ ଏମିତି ଦୁର୍ଦ୍ଦାନ୍ତ ଯେ, କଂଗ୍ରେସ ସ୍ୱେଚ୍ଛାସେବକମାନଙ୍କୁ ଦେଖିବା ମାତ୍ରେ ତାଙ୍କ ଉପରକୁ ଗରମ ପାଣି ଫିଙ୍ଗନ୍ତି । ସେଥିପାଇଁ କର୍ମୀମାନେ ମସଜିଦ ଗଳିକୁ ପିକେଟିଂ କରିବାକୁ ଯିବାପାଇଁ ସହଜରେ ରାଜି ହୁଅନ୍ତି ନାହିଁ । କିନ୍ତୁ ସେହି ମସଜିଦ ଗଳିରେ ରହୁଥିବା ହେମ

ନାମରେ ଜଣେ ବେଶ୍ୟା ଗୋଟିଏ ଅରଟ କିଣିଥାଏ । ମୁଁ ତା ଘରକୁ ଯେତେବେଳେ ସୂତାକଟା ଶିଖାଇବାକୁ ଗଲି ସେ ମୋତେ ମହାରାଜ ମହାରାଜ ଡାକି ଖୁବ୍ ସମ୍ମାନ ଦେଖାଏ । ଅଳ୍ପ ଦିନ ମଧ୍ୟରେ ସେ ଖୁବ୍ ଭଲ ସୂତା ବି କାଟି ପାରିଲା ।

ରଜନୀବାବୁ (ଡାକ୍ତର ରଜନୀ ଚନ୍ଦ୍ର ଘୋଷ) ସେତେବେଳେ କଟକରେ ଜଣେ ସୁଦକ୍ଷ ଡାକ୍ତର ହିସାବରେ ବେଶ୍ ସୁନାମ ଅର୍ଜନ କରିଥିଲେ । ଆଜିର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ସେତେବେଳେ କଟକ ମେଡ଼ିକାଲ ସ୍କୁଲ ନାମରେ ପରିଚିତ ଥିଲା । ସେ ସମୟରେ ହଇଜା, ବସନ୍ତ, ମେଲେରିଆ ଏଇ ତିନୋଟି ରୋଗରେ ଲୋକମାନେ ପଟାପଟ ଯେମିତି ମରି ଶୋଉଥିଲେ ଯିଏ ନ ଦେଖିଛି ସିଏ ବୁଝିପାରିବ ନାହିଁ । ମେଡ଼ିକାଲ ସ୍କୁଲ ହସପିଟାଲକୁ ଯେତେ କଲେରା ରୋଗୀ ଚିକିତ୍ସା ପାଇଁ ଯାନ୍ତି, ତାର ଅଧେ ପ୍ରାୟ ଆସନ୍ତି ରଜନୀବାବୁଙ୍କ ଡାକ୍ତରଖାନାକୁ । ରଜନୀବାବୁ ସର୍ଜରୀ ଆଉ ମେଡ଼ିସିନ ଉଭୟରେ ଦକ୍ଷ ଥିଲେ । ଦୂର ମଫସଲରୁ ବହୁ ଅପରେସନ ରୋଗୀ ତାଙ୍କ ଡାକ୍ତରଖାନାରେ ରହି ଅପରେସନ ହୁଅନ୍ତି ।

ରଜନୀବାବୁ ଆଉ ତାଙ୍କ ସ୍ତ୍ରୀ ଉଭୟଙ୍କୁ ମୁଁ ସୂତାକଟା ଶିଖାଇବା ପାଇଁ ତାଙ୍କ ଘରକୁ ଯାଏ । ସେ ବଜାରରୁ ମୋ ପାଇଁ ଜଳଖିଆ ମଗାଇ ଆଣନ୍ତି । ଦୁଇ ପଇସାର ଦୁଇପଟ ଲୁଚି ପଇସାକର ଗୁଆ ଆକୃତିର ଗୋଟିଏ ଗ୍ରେଟ ରସଗୋଲା । ସେତେବେଳେ କଟକରେ ସେହିପରି ଗ୍ରେଟ ରସଗୋଲା ହିଁ ତିଆରି ହେଉଥିଲା । ମାତ୍ର ତିନିଟି ପଇସା ବ୍ୟୟରେ ଜଣେ ଆଗନ୍ତୁକର ଚର୍ଚ୍ଚା ସୁଚ୍ଛନ୍ଦରେ କରିଯାଇ ପାରୁଥିଲା । ମୁଁ କିନ୍ତୁ

Digitized by srujanika@gmail.com

ଲୁଚ ଖାଏ ନାହିଁ । ପିଲା ଦିନରୁ ଘିଅ ଦୁଧ ମୋର ରୁଚିକର ନ ଥିଲା । ଆମ ହାଇସ୍କୁଲ ହେଡମାଷ୍ଟରଙ୍କର ଯେତେବେଳେ ପ୍ରଥମ ପୁଅ ଜନ୍ମ ହୁଏ, ସେ ପିଲାମାନଙ୍କୁ ମୁଠିରେ ବୁନ୍ଦିଆ ହାନା ମିଶାଇ ଖାଇବାକୁ ଦେଇଥିଲେ । ମୁଁ ମୁଠାଏ ମୁଠି ପାଟିକୁ ପକାଇ ଦେଇ ବୁନ୍ଦିଆ ହାନାର ଘିଅ ଗନ୍ଧରେ ବାନ୍ତ କରିଥିଲି । ମୁଁ ଲୁଚ ରସଗୋଲା ଖାଇବାରେ ଅନିଚ୍ଛା ପ୍ରକାଶ କଲେ ରଜନୀ-ବାବୁ ମୋତେ ଟେକି ନେଇ ଲୁଚ ପତ୍ର ପାଖରେ ବସାନ୍ତି । ମାତ୍ର ମୁଁ କୌଣସିମତେ ଖାଏ ନାହିଁ । ମୁଁ ଖାଉ ନ ଥିବାର ଜାଣି ମଧ୍ୟ ମୁଁ ଯେତେଥର ତାଙ୍କ ଘରକୁ ଯାଏ ସେ ସେତେଥର ଲୁଚ ରସଗୋଲା ଆଣି ମୋ ପାଖରେ ଥୁଅନ୍ତି । ଜୋର କରି ମୋତେ ଖୁଆଇବାକୁ ଚେଷ୍ଟା ମଧ୍ୟ କରନ୍ତି ।

ଅଷ୍ଟମ ଶ୍ରେଣୀର ଗ୍ରୁପ ଯେଉଁ ଉପଯୁକ୍ତ ମିତ୍ର ରଜନୀକାନ୍ତ ପ୍ରସ୍ଥରେ ଯାଇଥିଲେ, ଦୁଇମାସ ପରେ ସେ ମୋତେ ଗୋଟିଏ ଚିଠି ଲେଖିଲେ ଯେ, କନିକା ରଜା ଜଣେ ଓକିଲଙ୍କୁ ପଠାଉଛନ୍ତି । ତୁମକୁ ଆଶ୍ରମରୁ ଧରିଆଣି ବେତମାଡ଼ କରିବେ । ସାବଧାନ ଥିବ ।

ମୁଁ ସେ ଚିଠିଟି ନେଇ ଅଟଳବାବୁଙ୍କୁ ଦେଖାଇଲି । ସେ ହସାଇଥିବାରୁ ପ୍ରମୁଖ ନେତାମାନଙ୍କୁ ମଧ୍ୟ ସେହି ପତ୍ର ଦେଖାଇଲେ । ସେମାନେ ସମସ୍ତେ ମୋତେ ଅଭୟ ଦେଇ କହିଲେ, ଭୟ ନାହିଁ । ଆମ ପାଖରୁ ସେ ତୁମକୁ କେମିତି ନେଇଯିବେ ଦେଖିବା । ତୁମେ ନିଶ୍ଚିନ୍ତ ରହ ।

ମୋର ଭାଇ ସେତେବେଳେ ଜାଜପୁର ପଶୁ ଡାକ୍ତର-ଖାନାରେ ଥାନ୍ତି । ସେ ତାଙ୍କର ପରିବାରସହ ସେଠାରେ

Digitized by srujanika@gmail.com

ରହୁଥାନ୍ତି । କିଛିଦିନ ପରେ ସେ ପୁଣି ଆଶ୍ରମକୁ ଆସିଲେ । ମୁଁ ତାଙ୍କୁ ଦେଖିବା ମାତ୍ରେ ଅଟଳବାବୁଙ୍କୁ ଖବର ଦେଲି । ଭାଗୀରଥି-ବାବୁ, ଯଦୁମଣିବାବୁ ବି ଜାଣିଗଲେ । ସେମାନେ ଭାଇଙ୍କୁ ଆଶ୍ରମର ଦୋତାଲା ଉପରକୁ ଡାକିନେଲେ । ସେମାନଙ୍କ ମଧ୍ୟରେ କଣ କଥା ହେଲା କେଜାଣି ଭାଇ ମୋତେ କିଛି ନ କହି ଚୁପ୍‌ଚାପ୍ ଫେରିଗଲେ ।

ଆଶ୍ରମବାସୀମାନଙ୍କୁ ସକାଳ ଜଳଖିଆ ପାଇଁ ଚୂଡ଼ା ଗୁଡ଼ ଚକଟା ହୋଇ ମୁଠାଏ ମୁଠାଏ ଖାଇବାକୁ ମିଳେ । ଦୁଇ ପ୍ରହର ଓ ରାତି ଖାଇବା ନିମନ୍ତେ ଭାତ, ଡାଲି, ତରକାରୀ ।

ଦାସେ ଆପଣେ ମଝିରେ ମଝିରେ ଆଶ୍ରମକୁ ଆସି ଦୁଇ ତିନି ଦିନ ରହି ଚାଲି ଯାଉଥାନ୍ତି । ଯେବେ ଆସନ୍ତି ତାଙ୍କ ସାଙ୍ଗରେ ରାମ ବାରିକ ନାମରେ ତାଙ୍କର ଜଣେ ବିଶ୍ୱସ୍ତ ଲୋକ ଥାନ୍ତି । ସେ ତାଙ୍କର ପୂଜାଘ ଠାକୁର ଉଆସ କାମ କରନ୍ତି । ଦାସେ ଆପଣଙ୍କ ଖାଇବା ପାଇଁ ସେ ସ୍ୱତନ୍ତ୍ର ଭାବରେ ଗୋଟିଏ ତରକାରୀ ଆଉ ଗୋଟିଏ ଭଜା କରନ୍ତି ।

ରାମ ବାରିକ ଦିନେ ଆଳୁ ଗୁଣ୍ଡୁଥିବା ବେଳେ ମୁଁ କାହିଁକି ସେଠାରେ ପହଞ୍ଚିଗଲି । କହିଲି, ରାମ ! ଆମକୁ କଣ ଏଥିରୁ କିଛି ଭାଗ ମିଳିବ ନି ? ସେ ହସି ହସି କହିଲେ, ହଉ, ଆପଣ ଟିକିଏ ପଛକୁ ରହିଯାନ୍ତୁ ।

ଆଶ୍ରମର ଖାଇବା ଘଣ୍ଟା ବାଜିଲା । ସମସ୍ତେ ଖାଇବାକୁ ଗଲେ । ମୁଁ କିନ୍ତୁ ସମସ୍ତଙ୍କ ସାଙ୍ଗରେ ନ ବସି ପଛକୁ ରହିଗଲି । ରାମ ବାରିକ ଆଳୁଭଜା ଆଉ କିଛି ତରକାରୀ ମୋତେ ପରଶି

Digitized by srujanika@gmail.com

ଦେଲେ । ବଡ଼ ଆଗ୍ରହରେ ଖାଇଲି ସେ ଦିନ । ସେହି ଦିନ ଠାରୁ ବାପେ ଆପଣେ ସ୍ୱରାଜ ଆଶ୍ରମରେ ଯେତେଦିନ ରହନ୍ତି ମୋର ଖାଇବାଟା ବେଶ୍ ଆଗ୍ରହରେ ହୋଇଯାଏ ।

ଆଶ୍ରମର କେତେଗୁଡ଼ାଏ ପଡ଼ିଆ ଜାଗା ଥାଏ । ସେଥିରେ ଖଡ଼ା ଲଗା ଯାଇଥାଏ । ଖଡ଼ା ଗଛ ସବୁ ଏମିତି ବଢ଼ିଲା ଯେ, ବର୍ତ୍ତମାନର ବଜାରରେ ସେହିପରି ଗୋଟିଏ ଖଡ଼ା ଗଛର ଦାମ ଦୁଇ ଟଙ୍କାରୁ ଊଣା ହେବ ନାହିଁ । ମାତ୍ର ସେତେବେଳେ ଗୋଟିଏ ଗଛକୁ ଦୁଇ ପଇସାରେ ବିକ୍ରି କରାଯାଇଥିଲା ।

ଭଗୀରଥି ମହାପାତ୍ରଙ୍କ ସାନଭାଇ ଶ୍ରୀକୃଷ୍ଣ ମହାପାତ୍ର ସେତେବେଳେ କଟକରେ ପୋଲିସ ସାହେବ (ଏସ୍. ପି.) ଥାନ୍ତି । ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସାପ୍ତାହିକ ସମାଜ ପତ୍ରିକା ସତ୍ୟବାଦୀରୁ ବାହାରୁଥାଏ । ହିତବାର୍ତ୍ତା ନାମରେ ସରକାରୀ ସମର୍ଥିତ ଏକ ସମ୍ବାଦପତ୍ର କଟକରୁ ପ୍ରକାଶିତ ହେଲା । ସେଥିରେ କଂଗ୍ରେସ ବିରୋଧୀ ସମ୍ବାଦ ସବୁ ପ୍ରକାଶ ପାଉଥାଏ । ଏସ୍. ପି. ଶ୍ରୀକୃଷ୍ଣ ମହାପାତ୍ର ବି ସେଥିରେ ଲେଖୁଥାନ୍ତି । ହିତବାର୍ତ୍ତା କଂଗ୍ରେସର ଏପରି କୁତ୍ସା ରଟନା କରୁଥାଏ ଯେ, କଟକ ସ୍ୱରାଜ ଆଶ୍ରମରେ ଖଡ଼ାଗଛ ଦୁଇ ପଇସାରେ ମିଳୁଛି ବୋଲି ବ୍ୟଙ୍ଗ ବିଦ୍ରୂପ କରି ଲେଖିବାକୁ ବି ଛାଡ଼ୁ ନ ଥାଏ ।

ପଣ୍ଡିତ ଗୋପବନ୍ଧୁଙ୍କ ଡାକରେ ମହାତ୍ମାଗାନ୍ଧୀ ଯେତେ-ବେଳେ ପ୍ରଥମ କରି ଓଡ଼ିଶାକୁ ଆସିଲେ, କଟକର କଳ୍ପା ପଡ଼ିଆରେ ସଭା ହେବାର ସ୍ଥିର ହୋଇଥିଲା । କଟକରେ କଂଗ୍ରେସ ସଭା କରାଇ ନ ଦେବା ପାଇଁ ସମଗ୍ର କଟକ ସହରରେ ପୋଲିସ ତରଫରୁ ୧୪୪ ଧାରା ଜାରି କରାଗଲା । ଓଡ଼ିଶାର ନେତୃ

Digitized by srujanika@gmail.com

ସ୍ଥାନୀୟ ବ୍ୟକ୍ତିମାନେ ବିଶେଷ ବିଚଳିତ ହୋଇ ପଡ଼ିଲେ । ପଣ୍ଡିତ ଗୋପବନ୍ଧୁ ବାବୁ କିନ୍ତୁ ତାଙ୍କର ପ୍ରତ୍ୟୁତ୍ପନ୍ନମତିତାରେ ୧୪୪ ଧାରା ଜାରି ହୋଇ ନଥିବା କାଠଯୋଡ଼ି ନଈ ବାଲିରେ ସଭାର ଆୟୋଜନ କଲେ । ଘଣ୍ଟାକ ଭିତରେ ସଭାର ସମସ୍ତ ଆୟୋଜନ ଶେଷ ହୋଇଗଲା । ତତ୍ପରେ ନିର୍ଦ୍ଧାରିତ ସମୟ ଠିକ୍ ଅପରାହ୍ଣ ୪ଟା ବେଳେ ସଭାକାର୍ଯ୍ୟ ଆରମ୍ଭ ହେଲା । ହଜାର ହଜାର ଲୋକ କାଠ-ଯୋଡ଼ି ନଈ ବାଲିର ମୁକ୍ତାକାଶ ତଳେ ଜମା ହୋଇଗଲେ ।

ମହାତ୍ମାଗାନ୍ଧୀ ଭାଷଣ ଦେଉଥିବା ବେଳେ ପୋଲିସ ତରଫରୁ ନଈ ବାଲିରେ ପଡ଼ିଥିବା ଗୋଟାଏ ଖଣ୍ଡିଆ କୁଲା ଗୋଟାଇ ଆଣି ସଭା ମଧ୍ୟକୁ ଫିଙ୍ଗି ଦିଆଗଲା । ଜଣେ ବଡ଼ ପାଟିରେ କହି ଉଠିଲେ ଏ ମହାତ୍ମାଗାନ୍ଧୀଙ୍କୁ ଭେଟି ଦିଆଗଲା । ସଭା ଶେଷରେ ଗୋପବନ୍ଧୁ ବାବୁ ସେ କୁଲାକୁ ନିଲାମ କରିବାକୁ କହିଲେ । କୁଲାର ନିଲାମ ଡାକ ହେଲା । ସଙ୍ଗେ ସଙ୍ଗେ ଜଣେ ଭଦ୍ରଲୋକ ସର୍ବୋଚ୍ଚ ଡାକ କୋଡ଼ିଏ ଟଙ୍କା ଗଣି ଦେଇ କୁଲାଟିକୁ ନେଇ ଯାଇଥିଲେ ।

କଂଗ୍ରେସ ନାମରେ ଲୋକମାନେ ଆଖିବୁଜା ଦାନ କରୁଥିବାର ସୁଯୋଗ ନେଇ କେତେକ ଆଶ୍ରମବାସୀ କଂଗ୍ରେସପାଣ୍ଠି ନାମରେ ଲୋକମାନଙ୍କ ଠାରୁ ଯଥେଚ୍ଛା ଅର୍ଥ ସଂଗ୍ରହ କରି ଆତ୍ମସାତ୍ କଲେ ଏବଂ ମୋର ଷ୍ଟୋର ରୁମ୍‌ରେ ବସି ସେମାନଙ୍କର ସେହି ଅନ୍ୟାୟ ଅବୈଧ ଚୌର୍ଯ୍ୟବୃତ୍ତିର ବ୍ୟାଖ୍ୟାନମାନ ବାଢ଼ି ଆତ୍ମ ପ୍ରସାଦ ଅନୁଭବ କରିବାକୁ ଲାଗିଲେ ।

ନିତ ନିତ ସେହି ସବୁ ଦୁର୍ନୀତି ଓ ଭ୍ରଷ୍ଟାଚାରର କାହାଣୀମାନ ଶୁଣି ଶୁଣି ମୋର ଆଶ୍ରମ ଜୀବନ ପ୍ରତି ଘୃଣା ଜନ୍ମିଲା ।

Digitized by srujanika@gmail.com

ମୁଁ ଅତିଶୀଘ୍ର କଟକ ସ୍ୱରାଜ୍ୟାଶ୍ରମର ସେହି କଳୁଷିତ ବାତାବରଣ ତ୍ୟାଗ କରି ଘରକୁ ଫେରିଗଲି ।

ନୈଶ ବିଦ୍ୟାଳୟ

ଗାଁର ଲୋକମାନେ ମୋତେ ଜଣେ କଂଗ୍ରେସକର୍ମୀ ଭାବରେ ସ୍ୱାଗତ ଜଣାଇଲେ ।

ମୁଁ ଗାଁ ସ୍କୁଲରେ ପଢ଼ୁଥିବା ବେଳେ ସତ୍ୟବାଦୀ ବୋଲି ଗାଁରେ ମୋର ଯଥେଷ୍ଟ ଖ୍ୟାତି ଥିଲା । ମୋର ଚଉଦ ବର୍ଷ ବୟସ ସମୟରେ ଥରେ ଗାଁର ଦୁଇଜଣ ଲୋକ କଳି କରି ମୋତେ ସାକ୍ଷୀ ମାନିଲେ । ଗ୍ରାମର ଚାରିଜଣ ମୁଖ୍ୟ ବ୍ୟକ୍ତି ସେହି ଅଭିଯୋଗର ବିଚାର କରିବାକୁ ଯାଇ ମୋର ସାକ୍ଷ ଗ୍ରହଣ କରିବା ପରିବର୍ତ୍ତେ ମୋତେ ପ୍ରଶ୍ନ କଲେ, ତୁମେ ଏ ଦୁହିଁଙ୍କର କଳିକଜିଆ ସବୁ ଶୁଣିଛ ? ମୁଁ ହଁ କଲି । ମୁଖିଆ ଜଣେ ପ୍ରଶ୍ନ କଲେ, ଏ ଦୁଇ ଜଣଙ୍କ ମଧ୍ୟରେ ଦୋଷୀ କିଏ ? ମୁଁ ଜଣକର ନାମ କହିଲି । ଭଦ୍ରଲୋକମାନେ ଆଉ କୌଣସି ବିଚାର ନ କରି ମୋର କଥାନୁସାରେ ସେହି ଲୋକକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରିଥିଲେ ।

ପୂର୍ବରୁ ଗ୍ରାମର ଲୋକମାନଙ୍କର ମୋ ଉପରେ ଯେଉଁ ଆସ୍ଥା ଥିଲା, ସ୍କୁଲ ଛାଡ଼ି ଅସହଯୋଗରେ ଯୋଗ ଦେବା ପରେ ତାହା ବିଶେଷ ବୃଦ୍ଧି ଲାଭ କରିଥିବାର ଦେଖିଲି । ଗ୍ରାମବାସୀମାନେ ମୋର ବିଚାର ମୋର କାର୍ଯ୍ୟକୁ ଆନ୍ତରିକତାର ସହିତ ଅନୁମୋଦନ କଲେ । ଆନନ୍ଦ ଉତ୍ସାହ ମଧ୍ୟରେ ମୁଁ ଅଧିକ କର୍ମପ୍ରବଣ ହୋଇ ଉଠିଲି ।

Digitized by srujanika@gmail.com

ଗ୍ରାମର ରାସ୍ତାଗୁଡ଼ିକ ଅପ୍ରଶସ୍ତ ଏବଂ ସ୍ଥାନେ ସ୍ଥାନେ ଖାଲ ଖମାପୂର୍ଣ୍ଣ ଥିଲା । ମୁଁ ଯୁବକମାନଙ୍କୁ ଏକତ୍ର କରି ସେ ସବୁ ରାସ୍ତାର ମରାମତି ଆରମ୍ଭ କଲି । ଅରମା ବଣ ସବୁ ସଫା କରି ରାସ୍ତାର ଦୁଇ ପାଖରେ ଦୁଇଟି ଗ୍ରେଟ ନାଳ ଖୋଳି ସେହି ମାଟିରେ ରାସ୍ତାକୁ ସମତଳ କରିବାରେ ଲାଗି ପଡ଼ିଲି । ମୋର ସେହି କାର୍ଯ୍ୟରେ ଗ୍ରାମର ବୟସ୍କ ଲୋକମାନେ ମଧ୍ୟ ସ୍ୱତଃପ୍ରବୃତ୍ତ ହୋଇ ଯୋଗ ଦେଲେ । ଅଳ୍ପଦିନ ମଧ୍ୟରେ ଗ୍ରାମର ସମସ୍ତ ରାସ୍ତା ପ୍ରଶସ୍ତ ଓ ସମତଳ ହୋଇଗଲା ।

ଗୋଟିଏ ନୈଶ ବିଦ୍ୟାଳୟ ଖୋଲି ନିରକ୍ଷର ପ୍ରୌଢ଼ମାନଙ୍କୁ ପଢ଼ାଇବା ଆରମ୍ଭ କଲି । ମୋର ବାଲ୍ୟବନ୍ଧୁ କୃଷ୍ଣ ଚରଣ ସ୍ୱାଇଁ ମୋ ସଙ୍ଗରେ ନୈଶ ବିଦ୍ୟାଳୟରେ ଘଣ୍ଟାଏ ଘଣ୍ଟାଏ ପଢ଼ାଉଥିଲେ । ତାଙ୍କର ଘରେ ଅନ୍ୟ କାମ ଥିବାରୁ ବିଦ୍ୟାଳୟ କାର୍ଯ୍ୟରେ ଅଧିକ ସମୟ ଦେବାର ସୁଯୋଗ ନଥିଲା । ଯାହାହେଉ ନୈଶ ବିଦ୍ୟାଳୟର କାର୍ଯ୍ୟ ବେଶ୍ ଭଲ ଭାବରେ ଆଗେଇ ଚାଲିଲା ।

ନୈଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ନିରକ୍ଷରମାନଙ୍କ ମଧ୍ୟରୁ ଚିନ୍ତାମଣି ସାହୁ ନାମକ ଜଣେ ଦୋକାନୀ ବିଶେଷ ଲାଭବାନ ହେଲେ । ନୈଶ ବିଦ୍ୟାଳୟରେ ବିଦ୍ୟାରମ୍ଭ କରି ଦୋକାନର ହିସାବପତ୍ର ରଖିବାରେ ବେଶ୍ ଧୁରନ୍ଧର ହୋଇ ଉଠିଲେ । ତାଙ୍କର ସେହି ଉନ୍ନତିରେ ମୁଁ ବିଶେଷ ଆତ୍ମସନ୍ତୋଷ ଲାଭ କରିଥିଲି । ବର୍ତ୍ତମାନ ତାଙ୍କର ପୁତ୍ରମାନେ ଗ୍ରାମ ଭିତରେ ବିଶିଷ୍ଟ ବ୍ୟବସାୟୀ ଭାବରେ ପରିଚିତ ।

ନୈଶ ବିଦ୍ୟାଳୟରେ ପଢ଼ାଇବା କାର୍ଯ୍ୟ ରାତିରେ ହୁଏ । ଦିନରେ ମୋର ଆଉ କିଛି କାମ ନଥାଏ । ଦିନର ଅଧିକାଂଶ

Digitized by srujanika@gmail.com

ସମସ୍ତ କୃଷ୍ଣ ଚରଣ ସୁଆର ଆଉ ରତ୍ନାକର ମହାପାତ୍ରଙ୍କ ସଙ୍ଗରେ ଖେଳ ବୁଲି କଟାଏ । କେବେ କେବେ 'ମୁକୁର' ମାସିକ ପତ୍ରିକା ଓ ପୁରାଣ ପାଠରେ ସମୟ କଟେ ।

ସେହି ସମୟରେ ଜାଜପୁର କବି ଗୋପାଳ ଦାସ ତାଙ୍କର ଯାତ୍ରାଦଳ ସହ ଆସି ଗୋଟିଏ ରାତି ଆମ ଗ୍ରାମରେ ରଙ୍ଗସଭା ସୁଆଙ୍ଗ ଅଭିନୟ ଦେଖାଇଲେ । ସେ ରାତିର ସେହି ଯାତ୍ରାର ସ୍ମୃତି ଜୀବନରେ ଭୁଲିବାର ନୁହେଁ । ତାହା ଏପରି ଜୀବନ୍ତ ଏପରି ହୃଦୟସ୍ପର୍ଶୀ ହୋଇଥିଲା ଯେ, ଶହ ଶହ ନରନାରୀ ଅଶ୍ରୁସିକ୍ତ ନୟନରେ ତନ୍ମୟ ବିମୁଗ୍ଧ ହୋଇ ଯାଇଥିଲେ ।

ଯାତ୍ରାର ଦୁଇଦିନ ପରେ ବନ୍ଧୁ ରତ୍ନାକର ମହାପାତ୍ର ଦୁଇଟି ଗୀତ ଲେଖି ମୋତେ ସଂଶୋଧନ କରିବାକୁ ଦେଲେ । ମୁଁ ସଂଶୋଧନ କରି ଦେଲି । ପରଦିନ ଆଉ ଦୁଇଟି ଗୀତ ଲେଖି ଆଣିଲେ । ତାହା ସଂଶୋଧନ କରିଦେବା ପରେ ମୋର ମନେ ହେଲା, ମୁଁ ଲେଖିଲେ ଏହାଠାରୁ ନିଶ୍ଚୟ ଭଲ ଲେଖିପାରିବ । 'ରୁକ୍ମିଣୀ ହରଣ ସୁଆଙ୍ଗ' ନାମରେ ଏକ ଗୀତାଭିନୟ ଲେଖିବାକୁ ଆରମ୍ଭ କଲି । ତାହାର ପ୍ରଥମ ତିନିଟି ଗୀତ ପରଦିନ ରତ୍ନାକରଙ୍କୁ ପଢ଼ି ଶୁଣାଇଲି । ସେ ଶୁଣି ଖୁବ୍ ପ୍ରଶଂସା କଲେ ଏବଂ ନିଜେ ଲେଖି ଆଣିଥିବା ଗୀତ ଦୁଇଟି ଚିରି ପକାଇଦେଲେ । କହିଲେ, ଏ ଲେଖା ଭଲ ହୋଇନି । ତୁମେ ଲେଖ । ସେହିଠାରୁ ମୁଁ ଯେଉଁଦିନ ଯେଉଁ କେତେଗୋଟି ଗୀତ ଲେଖିଥାଏ, ତାକୁ ପରଦିନ ପଢ଼ି ରତ୍ନାକରଙ୍କୁ ଶୁଣାଏ । ସେ ଖୁବ୍ ପ୍ରଶଂସା କରନ୍ତି । ଏହିପରି କେଇଦିନ ଭିତରେ ସୁଆଙ୍ଗ ବହିଟି

Digitized by srujanika@gmail.com

ପ୍ରିୟ ଲେଖିଦେଲି । ପରେ କୃଷ୍ଣଚରଣ ମଧ୍ୟ ତାହା ଦେଖି ବିଶେଷ ପସନ୍ଦ କଲେ । ତାହାହିଁ ମୋର ପ୍ରଥମ ଲେଖା ।

ମନୋହର ବେପାର

ମୁଁ ଆଶ୍ରମ ସ୍କୁଲ ଗ୍ରାମରେ ରହିବାର ପ୍ରାୟ ଦୁଇବର୍ଷ ହୋଇଗଲାଣି । ଭାଇ ମୋ ପାଖକୁ ଦୁଇ ଶହ ଟଙ୍କା ମନିଅର୍ଡ଼ର ଯୋଗେ ପଠାଇ ଦେଲେ ଖଣ୍ଡେ ଜମି କିଣିବାର ବରାଦ ଦେଇ । ମାତ୍ର ଜମି ଖରିଦ କରିବା ଲୋକ ତାର ଜବାବ ଖିଲାପ କରି ଜମି ଖରିଦ କରିବାକୁ ମନା କଲା । ମୁଁ ସେ କଥା ଭାଇଙ୍କୁ ଜଣାଇ ଦେଲି । ମାତ୍ର ଟଙ୍କାଗୁଡ଼ିକ ବୃଥାରେ ପକାଇ ରଖିବାକୁ ଉଚିତ ମନେ କଲି ନାହିଁ । ଅନେକ ଭାବଚିନ୍ତା ସ୍ଥିର କଲି, ଦଶହରା ଦୁର୍ଗାପୂଜା ସମୟକୁ କଲିକତାରୁ କିଛି ମନୋହରି ଜିନିଷ କିଣିଆଣି ହାଟରେ ବିକ୍ରି କଲେ କିଛିଟା କିଛି ଲାଭ ହୋଇପାରେ । ଦୁଇ ଶହ ଟଙ୍କାରୁ ଏହି ବାଟରେ ଯଦି କିଛି ମୁନାଫା ବାହାର କରିପାରେ ଭାଇ ନିଶ୍ଚୟ ଖୁସି ହେବେ ।

କିନ୍ତୁ କଲିକତା ଯିବ କେମିତି ? ରାସ୍ତା ଘାଟ ଜଣା ନାହିଁ । ଶୁଣିଛୁ କଲିକତା ଏକ ଅଜବ ସହର । ରାସ୍ତାଘାଟ ଯେମିତି ଜନାକୀର୍ଣ୍ଣ ତ ସେମିତି । ଟିକିଏ ଅସାବଧାନ ହେଲେ ଗାଡ଼ି ମୋଟରରେ ଚାପା ପଡ଼ିଯିବାର ଭୟ ସଦାବେଳେ । ଅନ୍ୟ ଏକ ବଡ଼ ପ୍ରତି-ବନ୍ଧକ ହେଉଛି, ବଙ୍ଗଳା ଭାଷା ଭଲ ଜଣା ନାହିଁ ।

ମୋର ସ୍ୱର୍ଗତ ଜ୍ୟେଷ୍ଠ ଭ୍ରାତା ମୋର ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ସମୟରେ ମୋତେ ବଙ୍ଗଳା ଲେଖା ପଢ଼ା ଶିଖାଇଥିଲେ । ମୁଁ ଜାଜପୁରରେ ଥିବା ସମୟରେ

Digitized by srujanika@gmail.com

ସେଠା କୋର୍ଟ ଇନସ୍‌ପେକ୍ଟରଙ୍କର ଜଣେ ଶଳା ମାମା ବାବୁ ନାମରେ ପରିଚିତ ଥିଲେ । ବଙ୍ଗଳାରେ ମାମା ଅର୍ଥ ମାମୁଁ । ବଙ୍ଗାଳୀମାନେ ମାମୁଁଙ୍କୁ ମାମା ବାବୁ ବୋଲି ଡାକନ୍ତି । ସେ ଭଦ୍ରଲୋକ କୋର୍ଟ ଇନସପେକ୍ଟରବାବୁଙ୍କ ପୁଅର ମାମା ବାବୁ । ତେଣୁ ସମଗ୍ର ଯୁବ ସମ୍ପ୍ରଦାୟର ମାମାବାବୁ । ମାମାବାବୁ ମାଟ୍ରିକ ସେକେଣ୍ଡ କ୍ଲାସ ଯାଏ ପଢ଼ିଥିଲେ । ସେତେବେଳେ ମାଟ୍ରିକୁଲେସନରେ ଫୋର୍ଥ, ଥାର୍ଡ, ସେକେଣ୍ଡ, ଫାଷ୍ଟ ନାମରେ ଚାରିଗୋଟି ଶ୍ରେଣୀ ଥିଲା । ସେକେଣ୍ଡ କ୍ଲାସ ଆଜିର ଦଶମ ଶ୍ରେଣୀ ହେବ । ମାମାବାବୁ ଭାରି ମେଳାପି ଲୋକ । ମୁଁ ତାଙ୍କ ଠାରୁ କେତେ ଖଣ୍ଡ ବଙ୍ଗଳା ନଭେଲ ବହି ଆଣି ପଢ଼ିଥିଲି । ତାଙ୍କ ସାଙ୍ଗରେ କଥାବାର୍ତ୍ତା ହେଲେ ତାଙ୍କୁ ପଚାରି ପଚାରି କେତେକ ବଙ୍ଗଳା କଥା ମଧ୍ୟ ଶିଖି ଯାଇଥିଲି । ହେଲେ ମୋ ପରି ଏକ ନପଟ ମଫସଲି ଯୁବକ କଲିକତା ପରି ବିରାଟ ନଗରୀରେ ରହିବା ଜଣଷ-ପଥ କିଣି ପାରିବ ଏକ ବଡ଼ ସମସ୍ୟା ହୋଇ ଠିଆ ହେଲା ।

ଇଚ୍ଛା ଥିଲେ ରାସ୍ତା ମିଳେ । ଭୁବନ ବେହେରାଙ୍କ କଥା ମନେ ପଡ଼ିଗଲା । ଆମ ଗ୍ରାମକୁ ଲାଗି ଏକ ଗ୍ରାମରେ ଭୁବନ ବେହେରାଙ୍କ ଘର । ସେ କଲିକତାର ଏକ କମ୍ପାନୀରେ ମାଳି କାମ କରନ୍ତି । ବର୍ଷ ଭିତରେ ଥରେ ଦୁଇଥର ଗାଁକୁ ଆସନ୍ତି । ଆମ ଗାଁକୁ ଆସି କଲିକତା ଗପ ବି କରନ୍ତି । କଥା କଥାକେ କହନ୍ତି କଲିକତା ସହର ମୋ ଆଗରେ ଗୋଟୋଖାକ ଘର । କେତେ କଣ ବଡ଼ ବଡ଼ ଲମ୍ବା ଲମ୍ବା କଥା ସବୁ କହନ୍ତି । ତାଙ୍କର କଥା ମୋର ସ୍ମରଣ ହେଲା । ତାଙ୍କର ଠିକଣା ୫ ନମ୍ବର ବଜ୍ ବଜ୍ ରୋଡ଼, ଖିଦିରପୁର ବୋଲି ମୋର ମନେଥିଲା । ମୁଁ ସ୍ଥିର କରି

ନେଲି ତାଙ୍କର ପାଖରେ ପହଞ୍ଚି ପାରିଲେ ଜିନିଷପତ୍ର କିଣିବାରେ କିଛି ଅସୁବିଧା ହେବ ନାହିଁ । କିନ୍ତୁ ତାଙ୍କ ପାଖକୁ ଯିବି କେମିତି ?

ମୋର ବାଲ୍ୟବନ୍ଧୁ କୃଷ୍ଣ ଚରଣ ସୁତାରଙ୍କର ମଝିଆ ଭାଇ ସୂର୍ଯ୍ୟମଣି ମାଟ୍ରିକ ଫେଲ ହୋଇ କଲିକତାରେ ମଟର ଡ୍ରାଇଭିଂ ଶିଖିଥିଲେ । ସେ ଡ୍ରାଇଭିଂ ପାସ କରି ସଦ୍ୟ ଘରକୁ ଫେରିଥାନ୍ତି । ମୋର କଲିକତା ଯିବା କଥା ଶୁଣି ସେ ଖୁବ୍ ଖୁସି ହେଲେ । ଦମ୍ଭ ଦେଇ କହିଲେ, ମୁଁ ତୁମକୁ ଗୋଟାଏ ମ୍ୟାପ୍ କରି ବୁଝାଇ ଦେଉଛି । ତୁମର କିଛି ଅସୁବିଧା ହେବ ନାହିଁ । ତୁମେ ଅତି ସହଜରେ ଭୁବନ ବେହେରାଙ୍କ ପାଖରେ ପହଞ୍ଚି ଯାଇପାରିବ ।

ଚାନ୍ଦବାଲି ବନ୍ଦର ଠାରୁ ଜଳପଥରେ ଜାହାଜରେ ଯିବାର ସ୍ଥିର ହେଲା । ମୁଁ ନିରାପଦରେ କଲିକତା ଯାଇପାରିବାର ସବୁ ପ୍ରକାର ଆବଶ୍ୟକୀୟ ବିଷୟରେ ସୂର୍ଯ୍ୟମଣିବାବୁ ମୋତେ ଉତ୍ତମ ରୂପେ ବୁଝାଇ ଦେଲେ । ମୁଁ ତାଙ୍କର ଅଦମ୍ୟ ପ୍ରେରଣା ଲଭି କରି ଚାନ୍ଦବାଲି ଯାଇ ଜାହାଜରେ ବସିଲି ।

ଜାହାଜ ବଙ୍ଗୋପସାଗର ଦେଇ ଯାଏ । ମଧ୍ୟ ପଥରେ କଳାପାଣି ବୋଲି ଗୋଟିଏ ସ୍ଥାନ ପଡ଼େ । ସେଠାରେ ପାଣିର ରଙ୍ଗ ଗାଢ଼ ନୀଳ ଦିଶେ । ପ୍ରାୟ ଏକ ଘଣ୍ଟା ଧରି ଜାହାଜକୁ ସେହି କଳା ପାଣି ଭିତର ଦେଇ ଯିବାକୁ ହୁଏ । ବଙ୍ଗୋପସାଗର ଭିତରେ ସେ ସ୍ଥାନଟି ଅତି ବିପଜ୍ଜନକ ସ୍ଥାନ । ସେଠାରେ ସମୁଦ୍ରର ଗଭୀରତା ଅନେକ ବେଶୀ । ଜାହାଜ ଚାନ୍ଦବାଲି ବନ୍ଦର ଛାଡ଼ିବା ମାତ୍ରେ ଜାହାଜର ସାରେଙ୍ଗ ପ୍ରତି ମୁହୂର୍ତ୍ତରେ ଜଳପଥର ଗଭୀରତା ମାପ କରୁଥାଏ ଏବଂ ବଡ଼ ପାଟିରେ ତାହା

Digitized by srujanika@gmail.com

ସ୍ଥଳକକୁ ଜଣାଇ ଦେଉଥାଏ । ଆମର ଧାନ ଆଉ ଶସ୍ୟ ମ ପିଲ୍ ବେଳେ ମାପୁଣିମାନେ ଯେମିତି ଡାକ ଦେଇ ମାପନ୍ତି ଠିକ୍ ସେହିପରି ସେ ଡାକ ଡାକ ମାପୁଥାଏ । ଜାହାଜ କଳାପାଣିରେ ପଡ଼ିବାର କିଛି ପୂର୍ବରୁ ସେ ତାର ମାପଫିତା ଗୋଟାଇ ନେଇ ଜାହାଜ ଧାର ଗୁଡ଼ ଭିତରକୁ ଚାଲିଯାଏ ।

ସ୍ଥାନଟିକୁ କଳାପାଣି କୁହାଯାଉଥିଲେ ମଧ୍ୟ ସେ ସ୍ଥାନର ପାଣି ଆଦୌ କଳା ନୁହେଁ । ଗିନାସରେ ଆଣି ଦେଖିଲେ ଠିକ୍ ପୃଥିବୀର ସମୁଦ୍ର ପାଣି ପରି ସ୍ୱଚ୍ଛ ଦିଶେ । ଅତି ଗଭୀର ହେତୁ ସେ ପାଣି କଳା ବା ନୀଳ ଦିଶୁଥାଏ । ସେଠାରେ ଅତି ପ୍ରବଳ ବେଗରେ ବଡ଼ ବଡ଼ ଲହରୀମାନ ଉଠୁଥାଏ । ଗୋଟିଏ ଗୋଟିଏ ଲହରୀ ଗୋଟିଏ ଗୋଟିଏ ଗଛ ଉଚ୍ଚରେ ଆସେ । ସେଥିରେ ଆନ୍ଦୋଳିତ ହୋଇ ଜାହାଜ କେତେବେଳେ ଗଛ ଉଚ୍ଚରେ ଉପରକୁ ଉଠିଯାଏ ତ ପରକ୍ଷଣରେ ଗଛ ଉଚ୍ଚର ତଳକୁ ବି ଖସି ଆସେ । ଲହରୀର ଆନ୍ଦୋଳନ ଏତେ ଜୋରରେ ହୁଏ ଯେ, ପେଟରେ ଖାଦ୍ୟ ହଜମ ହୋଇ ନଥିଲେ ବାନ୍ତି ହୋଇଯାଏ । ସେଥିପାଇଁ ଆରୋହୀ ଯାତ୍ରୀମାନଙ୍କୁ ଖାଲି ପେଟରେ ରହିବାର ପରାମର୍ଶ ଦିଆଯାଏ । କିନ୍ତୁ ଆମର ଲୋକମାନେ ଅଜ୍ଞତା ହେତୁରୁ ଜାହାଜ କଳାପାଣିରେ ପଡ଼ିବାର ଠିକ୍ ପୂର୍ବରୁ ବି ପେଟପୂରାଇ ଖାଇ-ପକାନ୍ତି । ପିଲାମାନେ ନ ଖାଇଲେ ତାଙ୍କୁ ବୁଝାଇ କହନ୍ତି, ଆରେ ଜାହାଜ କଳାପାଣିରେ ପଡ଼ିଗଲେ ଆଉ ଖାଇ ପାରିବୁନି । ନେ, ଅବ ଖାଇନେ । ଏହାର ଫଳ ସ୍ୱରୂପ ଜାହାଜ କଳାପାଣିରେ ପଡ଼ିବା ମାତ୍ରେ ଆରୋହୀମାନଙ୍କର ବାନ୍ତି ଆରମ୍ଭ ହୋଇଯାଏ । ସୂର୍ଯ୍ୟମଣିବାବୁ ମୋତେ ଏସବୁ ଭଲକରି ବୁଝାଇ ଦେଇଥିଲେ । ମୁଁ ଜାହାଜର କଳାପାଣିରେ ପଡ଼ିବାର ଠିକ୍ ସମୟ ବୁଝି ରହି

Digitized by srujanika@gmail.com

ତାର ଦୁଇ ଘଣ୍ଟା ପୂର୍ବରୁ କିଛି ଖାଇ ନ ଥିଲି । ଡେକ ଉପରେ ମୁଁ ବସି ଶୋଇ ପଡ଼ିଥିଲି । କଳାପାଣିରେ ମୋତେ କୌଣସି ଅସୁବିଧା ଭୋଗ କରିବାକୁ ପଡ଼ି ନ ଥିଲା ।

ଜାହାଜ ଯଥା ସମୟରେ ଗଙ୍ଗା ନଦୀର କୋଇଲାଘାଟରେ ଲାଗିଲା । ଜାହାଜ ଘାଟରେ ପହଞ୍ଚିବା ମାତ୍ରେ କୂଳରୁ ମାଲ ମାଲ ହୋଇ ଡଙ୍ଗା ସବୁ ଛୁଟି ଆସିଲେ । ଡଙ୍ଗାର ମାଝିମାନେ ଲୁହା ଆଙ୍କୁଶ ଲଗା ବାଉଁଶରେ ଜାହାଜକୁ ଟାଣି ଧରିଲେ । ଡଙ୍ଗା ଜାହାଜ ପାଖକୁ ଭିଡ଼ିଚଳି । ଯାତ୍ରୀମାନେ ପଞ୍ଝା ପଞ୍ଝା ହୋଇ ଜାହାଜରୁ ଓହ୍ଲାଇ ଡଙ୍ଗାରେ ଉଠିଲେ । ମୁଁ ସେମାନଙ୍କ ସହିତ ଓହ୍ଲାଇ ପଡ଼ିଲି । ସଙ୍ଗେ ସଙ୍ଗେ ଡଙ୍ଗା କୂଳରେ ଲାଗିଗଲା । ଡଙ୍ଗାବାଲାକୁ ତାର ମାସୁଲ ଦେଇ ରାସ୍ତା ଉପରକୁ ଉଠିଲି । ନିକଟରେ ଧାଡ଼ି ଧାଡ଼ି ହୋଇ ଟାକ୍ସି, ଘୋଡ଼ାଗାଡ଼ି ଠିଆ ହୋଇଥିଲେ । ମୁଁ ଗୋଟିଏ ଘୋଡ଼ାଗାଡ଼ିରେ ବସି ଭୁବନ ବେହେରାଙ୍କ ରହିବା ସ୍ଥାନ ୮ ନମ୍ବର ବଲ୍ ବଲ୍ ରୋଡ଼କୁ ଯିବାକୁ କହିଲି । ଗାଡ଼ି ଯଥା ସମୟରେ ସେଠାରେ ପହଞ୍ଚିଲା । ଭୁବନ ବେହେରାଙ୍କର ଦେଖା ବି ମିଳିଗଲା ସଙ୍ଗେ ସଙ୍ଗେ । ଭୁବନ ବେହେରା ହଠାତ୍ ମୋତେ ଦେଖି ଖୁବ୍ ଖୁସି ହେଲେ । ତାଙ୍କରି ବସାରେ ରହିଲି ।

ଦୁଇଦିନ ଧରି ବିରାଟ କଲିକତା ନଗରୀର ବିଭିନ୍ନ ସ୍ଥାନ ସବୁ ବୁଲି ବୁଲି କେତେକ ଜିନିଷ କିଣିଲି । ବୃହସ୍ପତି ଦିନ ଜାହାଜ ଛାଡ଼ିବାର ନିର୍ଦ୍ଦିଷ୍ଟ ଦିନ ବୁଝିବାକୁ ଯାଇ ଜାଣିପାରିଲି ଯେ, ଏ ସପ୍ତାହରେ ଜାହାଜ ଯାତ୍ରୀ ନ ନେଇ କେବଳ ଲୁଣ ନେଇ ବୁନ୍ଦବାଲି ଯିବ । କଲିକତାରୁ ଜାହାଜ ବୁନ୍ଦବାଲିକୁ ସପ୍ତାହରେ

Digitized by srujanika@gmail.com

ଥରେ ଯାଏ । ଏ ସମ୍ବାଦରେ ଯାତ୍ରୀ ନେଉ ନ ଥିବାର ଜାଣି ମୁଁ ହତୋତ୍ସାହ ହୋଇ ପଡ଼ିଲି । କାରଣ ମୁଁ ଯେଉଁଠାରେ ଦୁର୍ଗାପୂଜା ଯାଇବାକୁ ଯିବାର ସ୍ଥିର କରିଥିଲି ସ୍ଟିମର ନ ଗଲେ ସେଠାରେ ଯାଇ ପହଞ୍ଚି ପାରିବାର ଅନ୍ୟ ସୁବିଧା ନ ଥିଲା । ଜଳପଥ ଛାଡ଼ି ରେଳପଥରେ ଯିବା ଲାଗି ଶ୍ରୀବନ ବେହେରା ପରାମର୍ଶ ଦେଲେ । ତା ଛଡ଼ା ବିକଳ୍ପ ଉପାୟ କିଛି ନ ଥିଲା । ରେଳପଥରେ ଗଲେ କେଉଁ ଯାଇବାକୁ ଯାଇ ହେବ ସେଥିପାଇଁ ଚିନ୍ତା କରିବାକୁ ହେଲା । ମନେ ପଡ଼ିଲା ବାଲେଶ୍ୱର ଜିଲ୍ଲାର ଘଣ୍ଟେଶ୍ୱର ଗ୍ରାମରେ କନକା ରାଜାଙ୍କର ଦୁର୍ଗା ମେଢ଼ ହୁଏ । ରେଳ ଯୋଗେ ଭଦ୍ରକ ଯାଏ ଗଲେ ସେଠାରୁ ଶଗଡ଼ରେ ଘଣ୍ଟେଶ୍ୱର ଯାଇହେବ । ରେଳଗାଡ଼ିରେ ଆସିବାର ସ୍ଥିର ହେଲା ।

ଶ୍ରୀବନ ବେହେରା କହିଲେ ଜିନିଷ ଯେତିକି କଣା ହୋଇଛି ସେତିକି ଥାଉ । ବେଶୀ କିଛି ଟଙ୍କା ହାତରେ ରଖିବା ଦରକାର । ଜଳପଥ ଭଡ଼ା ଠାରୁ ରେଳପଥ ଭଡ଼ା ବହୁ ଅଧିକ ଲାଗିବ । ସେତେବେଳକୁ ଟ ୧୪୦-୦୦ ଙ୍କାର ଜିନିଷ କଣା ସରିଥିଲା । ପନ୍ଦର ଟଙ୍କା ରାସ୍ତା ଖର୍ଚ୍ଚ ବାଦ ପଇଁଚାଳିଶ ଟଙ୍କା ହାତରେ ଥାଏ ।

ଭଦ୍ରକ ଷ୍ଟେସନକୁ ଜିନିଷ ସବୁ ବୁକ୍ କରିଦେଇ ଶ୍ରୀବନ ବେହେରା ମୋତେ ହାବଡ଼ା ପୁରୀ ଏକ୍ସପ୍ରେସ୍‌ରେ ବସାଇ ଦେଲେ । ଜିନିଷ ସବୁ ଦୁଇଗୋଟି ବଡ଼ ବଡ଼ ଝୁଡ଼ିରେ ପ୍ୟାକ୍ ହୋଇଥାଏ । ତାହାର ଓଜନ ଥିଲା ଏକ ମହଣ ବତିଶ ସେର । ସେଥିପାଇଁ ମୋତେ ତିରିଶ ଟଙ୍କା ଭଡ଼ା ଦେବାକୁ ହେଲା ।

ଭୋର ସମୟକୁ ଗାଡ଼ି ଭଦ୍ରକ ଷ୍ଟେସନରେ ପହଞ୍ଚିଲା । ମୁଁ ମାଲ ଉତ୍ତାର ଓହ୍ଲାଇ ପଡ଼ିଲି । ଭଦ୍ରକରୁ ଘଣ୍ଟେଶ୍ୱର ଅନେକ-

Digitized by srujanika@gmail.com

ଗୁଡ଼ାଏ ବାଟ ଯିବାକୁ ହେବ । ଗୋଟିଏ ବଳଦ ଗାଡ଼ିର ଅନୁସନ୍ଧାନ କଲି । ମାତ୍ର ଦୁର୍ଭାଗ୍ୟ ! କଂଗ୍ରେସ ପକ୍ଷରୁ ସେହିଦିନ ହରତାଳର ଡାକରା ଦିଆ ଯାଇଥିଲା । ଗାଡ଼ି ଘୋଡ଼ା ସବୁ ବନ୍ଦ । ଦିନକ ପରେ ଦେଖାଯାଉ । ସେହିଦିନ ଭିତରେ ଘଣ୍ଟେଶ୍ୱରରେ ପହଞ୍ଚି ନ ପାରିଲେ ବେପାର ଭଣ୍ଡୁର ହୋଇଯିବ । ବହୁ ଖୋଜାଖୋଜି ପରେ ଜଣେ ମୁସଲମାନ ମୂଲିଆ ପାଇଲି । ସେ ଖରରେ ଝୁଡ଼ି ଦୁଇଟି ନେଇଯିବ ବୋଲି କହିଲା । ଲୋକଟି ଦେଖିବାକୁ ବେଶ୍ ହୃଷ୍ଟପୁଷ୍ଟ । ତାର ଚେହେରା ଦେଖି ମୋର ମନେ ହେଲା ସେ ମାଲତକ ନେଲେ ନେଇ ଯାଇପାରେ । କିନ୍ତୁ ଖରୁଆଟି ମାତ୍ର ଦୁଇ ମାଇଲ ବାଟ ଯାଇ ଆଉ ଯାଇପାରିଲା ନାହିଁ । ହୋଳସାହି ନାମକ ଏକ ଗ୍ରାମର ଜଣେ ଭଦ୍ରଲୋକଙ୍କ ଘରେ ଝୁଡ଼ି ଦୁଇଟି ଥୋଇଦେଲା । ମୁଁ କାଲି ଲୋକ ପଠାଇ ନେଇ ଯିବି ବୋଲି କହି ଚାଲି ଚାଲି ଘଣ୍ଟେଶ୍ୱର ଆସିଲି । ଘଣ୍ଟେଶ୍ୱରରେ ପହଞ୍ଚିଲା ବେଳକୁ ଦିନ ଅବସାନ ହୋଇ ଯାଇଥିଲା ।

ମୋର ପିଉସୀ ପୁଅ ଭାଇ ବହୁ ଚେଷ୍ଟା କରି ମଧ୍ୟ ହୋଳସାହିରୁ ଜିନିଷ ଆଣିବାର କୌଣସି ବ୍ୟବସ୍ଥା କରିପାରିଲେ ନାହିଁ । ରାତି ପାହିଲେ ଦେଖାଯାଉ । ମୂଲିଆ ମିଳିବା ସହଜ ନ ଥିଲା । ମୁଁ ଅନୁସନ୍ଧାନରେ ଜାଣିପାରିଲି, ରାଜକନିକା ହାଇସ୍କୁଲର ଜଣେ ପୂର୍ବତନ ଶିକ୍ଷକ ପୁରୁଷୋତ୍ତମ ମିଶ୍ର ସେଠାରେ ରାଜାଙ୍କର ତହସିଲଦାର ଅଛନ୍ତି । ମୁଁ ତାଙ୍କୁ ଦେଖାକଲି । ସେ ସଙ୍ଗେ ସଙ୍ଗେ ଦୁଇଜଣ ମୂଲିଆ ସ୍ଥିର କରିଦେଲେ ଯେ କି ପାହାନ୍ତାରୁ ଉଠି ହୋଳସାହି ଯାଇ ଝୁଡ଼ି ଦୁଇଟି ମୁଣ୍ଡାଇ ନେଇ ଆସିବେ ।

ମୋର ପିଉସୀପୁଅ ଭାଇଙ୍କୁ ସେ ମୂଲିଆଙ୍କ ସାଙ୍ଗରେ ପଠାଇଲି । ଜିନିଷ ପୂର୍ଣ୍ଣ ଝୁଡ଼ି ଦୁଇଟି ଯେପରି ଭାବରେ ପ୍ୟାକ୍

Digitized by srujanika@gmail.com

ହୋଇଛି ସେ ସବୁ ତାଙ୍କୁ ବିଶଦ ଭାବରେ ବୁଝାଇଦେଲି । ସୁ.ଡ଼ ଖୋଲା ହୋଇଛି କି ନା, ଭଲକରି ଦେଖିବାକୁ ପରାମର୍ଶ ଦେଲି ।

ଅପରାହ୍ଣରେ ମାଲ ନେଇ ମୁଲିଆ ଦୁଇଜଣ ଆସି ପହଞ୍ଚିଲେ । କନ୍ତୁ ହାୟ ! ହାୟ ! ଫ୍ୟାକଂ ଖୋଲା ହୋଇଛି । ମୁଁ ବୁଝିଦେବା ମାତ୍ରେ ଯାହା ଜାଣିପାରିଲି, ମୋର ପିଉସୀପୁଅ ଭାଇ ତାହା ଜାଣିପାରି ନଥିଲେ । ତାଲାଟା ଓଦ ମିଳାଇ ଦେଖିଲି । କୋଡ଼ିଏ ଟଙ୍କା ମୂଲ୍ୟର ଜିନିଷ ଚୋରି ହୋଇ ଯାଇଛି ।

ସେତେବେଳକୁ ଯାହାରେ ଦୋକାନ ସବୁ ବସିଗଲାଣି । ମୋର ଶିକ୍ଷକ ଚନ୍ଦ୍ରସିଲଦାର ମୋତେ ଗୋଟିଏ ଭଲ ସ୍ଥାନ ଦେବା ପାଇଁ ତାଙ୍କର ଅସାମର୍ଥ୍ୟ ଜଣାଇ ଦେଲେ । ଜନ ସମାଗମ ଠାରୁ କିଛି ଦୂରରେ ମୁଁ ମୋର ଦୋକାନ ଦେବାକୁ ବାଧ୍ୟ ହେଲି । ସେ ଯାହାରେ ମୋର ବିଶେଷ କିଛି କଣା ବିକା ହେଲ ନାହିଁ ।

ରଣେଶ୍ୱରରୁ ଦୁଇଜଣ ମୁଲିଆ କରି ଜିନିଷଗୁଡ଼ିକ ଗାଁକୁ ନେଇ ଆସିଲି । ଏହାର ପାଖଆଖ ଗ୍ରାମମାନଙ୍କରେ ଅନୁଷ୍ଠିତ ହେଉଥିବା ଛୋଟ ଛୋଟ ଯାତ୍ରାଯାହାରେ ବୁଲି ବୁଲି ଜିନିଷ ସବୁ ବିକ୍ରି କରିବାକୁ ଲାଗିଲି । ନାଗର ଯାହାରେ ସମସ୍ତ ଜିନିଷ ବିକ୍ରି ହୋଇଗଲା । ଖର୍ଚ୍ଚ ବହୁତ ହୋଇଥିଲେ ମଧ୍ୟ ଏକଶହ କୋଡ଼ିଏ ଟଙ୍କା ଜିନିଷରୁ ମୂଳଧନ ଦୁଇଶହ ଟଙ୍କା କୌଣସିମତେ ଉଠିଗଲା ।

ଦୋଳ ସମୟରେ ଘର ଗ୍ରାମକୁ ଆସି ଦୁଇଶହ ଟଙ୍କାର ଜମି କିଣି ଦେଇ ବୁଲିଗଲେ ।

କନିକାରେ ପ୍ରଜାମେଳ

ମହାତ୍ମାଗାନ୍ଧୀଙ୍କର ବିଦେଶୀ ସରକାର ସହିତ ଅସହଯୋଗ ଆନ୍ଦୋଳନର ଜାବର ଫଳରେ ଭାରତର ଜନସାଧାରଣ ଅଧିକ

Digitized by srujanika@gmail.com

ଚେତନଶୀଳ ହୋଇ ପାରିଥିଲେ । ଇଂରେଜୀ ସରକାରର ଅନୁଗାମୀ ରଜା ଜମିଦାରମାନେ କଣାଡ଼ ପ୍ରଜାମାନଙ୍କ ଉପରେ ଯେଉଁ କର୍ମମ ଅତ୍ୟାଚାର ଉତ୍ପୀଡ଼ନ ଚଳାଇଥିଲେ ସେ ସବୁକୁ ନୀରବରେ ସହ୍ୟ କରିବାର ଧୈର୍ଯ୍ୟ ଆଉ ପ୍ରଜାମାନଙ୍କର ନଥିଲା । ସେମାନେ ସଙ୍ଗଠିତ ହୋଇ ସେହିସବୁ ଅତ୍ୟାଚାରୀ ରଜା ଜମିଦାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କରି-ଦେଲେ । କନକା ରଜାଙ୍କର ଅତ୍ୟାଚାର ଆଉ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇବା ଲାଗି ଯେଉଁ ଆନ୍ଦୋଳନ ହୋଇଥିଲା ତାହାହିଁ କନକାର ପ୍ରଜାମେଳ ନାମରେ ପରିଚିତ ।

ମୁଁ କଟକ ସ୍ୱରାଜ ଆଶ୍ରମରୁ ଫେରି ଗ୍ରାମୋନ୍ନତି ବିଭାଗରେ କାର୍ଯ୍ୟ କରୁଥିବା ସମୟରେ କନକାର ଏହି ପ୍ରଜାମେଳର ସୂତ୍ରପାତ ହୋଇଥିଲା । କନକା ଜମିଦାରୀର ମୁଖ୍ୟ ଗ୍ରାମ-ମାନଙ୍କରେ ପାଲଟନେ ସଭା ବସୁଥିଲା । ସେହି ସଭାରେ ବକ୍ତାମାନେ ରଜା ଅତ୍ୟାଚାରର ବସ୍ତୁତ ବିବରଣୀ ପ୍ରଦାନ କରୁଥିଲେ ଏବଂ ସେ ସବୁ ଅନ୍ୟାୟ ଉତ୍ପୀଡ଼ନର ପ୍ରତିକାର ପନ୍ଥା ସମ୍ପର୍କରେ ଆଲୋଚନା କରୁଥିଲେ ।

କନକାର ବହୁଣୀ ନେତା ଆନନ୍ଦ ଚନ୍ଦ୍ର ଜେନାଙ୍କର ଘର ଅଧୁନାତନ ଗ୍ରାମ ଚକ୍ରବର୍ତ୍ତୀ ତ କଳାଏନ୍ଦା ନାମକ ଗ୍ରାମରେ । ସେ ଜଣେ ଧୂରନ୍ଧର ନେତା ଥିଲେ । ତାଙ୍କର ବଳିଷ୍ଠ ନେତୃତ୍ୱରେ ପ୍ରଜାମାନଙ୍କର ଅଗାଧ ବିଶ୍ୱାସ ଥିଲା । ରାଜକନକା ହାଇସ୍କୁଲର ପୂର୍ବତନ ଶିକ୍ଷକ ଆମ ଗ୍ରାମର ଜୟରାମ ରାୟ ମଧ୍ୟ ଜଣେ ନେତା ଥିଲେ ।

ବଳିଷ୍ଠ ନେତା ବହୁଣୀ କବି ଆନନ୍ଦ ଚନ୍ଦ୍ର ଜେନା 'ଦୁଃଖିନୀ କନକା' ନାମରେ ଏକ ବହି ଲେଖିଥିଲେ । ସେଥିରେ ରଜାଙ୍କର

Digitized by srujanika@gmail.com

ଅନ୍ୟାୟ ଅତ୍ୟାଚାରର କାହାଣୀ ବିଶେଷ ଭାବରେ ବର୍ଣ୍ଣିତ ହୋଇଥିଲା । ସେ ବହି ଛପା ଯାଇ ପ୍ରକାଶିତ ହେବା ମାତ୍ରେ ସରକାର ତାହାକୁ ବାଜ୍ୟାପ୍ତ କରି ଦେଇଥିଲେ । ଛପା ହେବା ପୂର୍ବରୁ ସେହି ଦୁଃଖିନୀ କନକା ବହିର ପାଣ୍ଡୁଲିପି ଗ୍ରାମ ସଭା-ମାନଙ୍କରେ ପାଠ କରାଯାଉଥିଲା ।

ଆମ ଘର ନିକଟରେ ଗ୍ରାମ ଦେବତୀ ଠାକୁରାଣୀ ଥାନ୍ତି । ସେହି ଠାକୁରାଣୀଙ୍କ ସାମନାରେ ସାତ ଦିନକୁ ସାତ ଦିନ ସନ୍ଧ୍ୟା ସମୟରେ ସଭା ବସେ । କନକା ଜମିଦାରୀର ପ୍ରାୟ ପ୍ରତ୍ୟେକ ସ୍ଥାନର ମୁଖ୍ୟବ୍ୟକ୍ତିମାନେ ଆସି ସେଠାରେ ଏକତ୍ରିତ ହୁଅନ୍ତି । ରାଜାଙ୍କର ଅନ୍ୟାୟ ଅତ୍ୟାଚାର ସମ୍ପର୍କରେ ଆଲୋଚନା ହୁଏ । ପ୍ରସ୍ତାବମାନ ଗୃହୀତ ହୁଏ । ସଭାର ଶେଷ ଭାଗରେ ଦୁଃଖିନୀ କନକା ବହିର ପାଣ୍ଡୁଲିପି ପାଠ କରାଯାଏ । ପାଠ ମଝିରେ ମଝିରେ ଧ୍ୱନି ଉଠୁଥାଏ—

ଏ ମତ ଯେଉଁ ହାକିମର
ତାହାକୁ ବିଶ୍ୱାସ ନ କର ।
ହରିବୋଲ ।

ସେ ଧ୍ୱନିର ଶବ୍ଦରେ ଆମର ଘର କମ୍ପି ଉଠୁଥାଏ ।

ଆମ ଗ୍ରାମର ଅଧିକାଂଶ ଲୋକ ସେ ସଭାରେ ଯୋଗ ଦେଉଥିଲେ ମଧ୍ୟ ମୁଁ ସେ ସଭାକୁ ଯାଏ ନାହିଁ । ଯାଏ ନାହିଁ ସେ ଆନ୍ଦୋଳନ ଅହିଂସ ଆନ୍ଦୋଳନ ବୋଲି ମୋର ବିଶ୍ୱାସ ହେଉ ନ ଥିଲା । ମୁଁ ଖାଣ୍ଟି ଗାନ୍ଧୀବାଦୀ । ସେ ପ୍ରକାର ସଭାରେ ଯୋଗ ଦେବାକୁ ମୁଁ ଅନ୍ୟାୟ ବୋଲି ବିଚାରେ । ସଭାକୁ ନ ଗଲେ ମଧ୍ୟ

Digitized by srujanika@gmail.com

ଆମର ଦାଣ୍ଡ ପିଣ୍ଡାରେ ବସି ସଭାର ସମସ୍ତ ବିଷୟ ସ୍ପଷ୍ଟ ଶୁଣି ପାରୁଥାଏ ।

ମହାତ୍ମାଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ସମଗ୍ର ଭାରତରେ ଯେପରି ଲୋକପ୍ରିୟ ହୋଇପାରିଥିଲା, କନିକା ରଜାଙ୍କ ବିରୁଦ୍ଧରେ ପ୍ରଜା ଆନ୍ଦୋଳନ ସେହିପରି ସମଗ୍ର କନିକାରେ ଲୋକପ୍ରିୟ ହୋଇ ପାରିଥିଲା ।

ଆମ୍ଭମାନଙ୍କ ଗ୍ରାମର ପ୍ରାୟ ସମସ୍ତ ଲୋକ ରଜାଙ୍କ ବିରୁଦ୍ଧରେ ସ୍ୱର ଉଠାଉ ଥିଲେ ମଧ୍ୟ ଶିକ୍ଷିତ ମନାଇଙ୍କର ଅଭାବ ନ ଥିଲା । ଗାଁରେ ବାସ କରୁଥିବା ରାଜ କର୍ମଚାରୀ ଓ ତାଙ୍କର ଆତ୍ମୀୟ ସ୍ୱଜନମାନେ ବିଦ୍ରୋହୀମାନଙ୍କ ସମ୍ପର୍କରେ ଗୁପ୍ତ ସମ୍ବାଦସବୁ ସଂଗ୍ରହ କରି ରଜାଙ୍କ ପାଖକୁ ପଠାଉଥିଲେ । ମୁଁ ସଭାରେ ଯୋଗ ଦେଉ ନଥିଲେ ମଧ୍ୟ ମୋତେ ବିଦ୍ରୋହୀମାନଙ୍କର ପୃଷ୍ଠପୋଷକ ବୋଲି ରଜାଙ୍କୁ ଗୁପ୍ତ ରିପୋର୍ଟ ପଠାଯାଇଥିଲା । ରଜା ଆଉ ତାଙ୍କର କର୍ମଚାରୀମାନେ ସେହି ରିପୋର୍ଟକୁ ଅଭ୍ରାନ୍ତ ସତ୍ୟ ବୋଲି ଧରି ନେଇଥିଲେ । ତାହାର କାରଣ ମୁଁ ରାଜକନିକା ହାଇ-ସ୍କୁଲରୁ ସର୍ବପ୍ରଥମ ପଢ଼ା ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲି ଏବଂ ଆଉ ଦୁଇଜଣ ଛାତ୍ରଙ୍କୁ ଶିଖାଇ ସ୍କୁଲରୁ ନେଇ ଯାଇଥିଲି । ମୋର ସ୍କୁଲ ଛାଡ଼ିବା ପରେ ପରେ ଯଦୁମଣି ମଙ୍ଗରାଜ, ଗୋପବନ୍ଧୁ ଦାସ ପ୍ରମୁଖ ନେତାମାନେ ରାଜକନିକା ଯାଇ ଛାତ୍ରମାନଙ୍କୁ ଭାଷଣ ଦେଇ ସ୍କୁଲ ଛାଡ଼ିବାର ଆହ୍ୱାନ ଦେଇଥିଲେ । ଫଳରେ ରାଜକନିକା ହାଇସ୍କୁଲ ଛାତ୍ରାଭାବରେ ଭାଙ୍ଗି ଯାଇଥିଲା । ଏହି ଘଟଣାରୁ ରଜା ତଥା ରାଜକର୍ମଚାରୀ ସମସ୍ତଙ୍କର ମୋ ଉପରେ ଅସନ୍ତୋଷର ବହ୍ନି ଜଳି ଉଠିଥିଲା ।

Digitized by srujanika@gmail.com

ସେହି ସମୟରେ ଘରପୋଡ଼ ହାଓ୍ୱା ଖୁବ୍ ଜୋର ଚାଲି-ଥାଏ । ପ୍ରତିଦିନ କୋଉଠିନା କୋଉଠି ଘରପୋଡ଼ ହେଉଥାଏ । ଲୋକେ କହୁଥାନ୍ତି ପୋଲିସବାଲାମାନେ ଘର ପୋଡ଼ି ଦେଉଛନ୍ତି । ପୋଲିସମାନେ କହୁଥାନ୍ତି କଂଗ୍ରେସବାଲାମାନେ ଘର ପୋଡ଼ୁଛନ୍ତି । ଯିଏ ପୋଡ଼ୁଥାନ୍ତୁ ନା କାହିଁକି ସମଗ୍ର କଟକ ଜିଲ୍ଲାରେ ଚାରିଆଡ଼େ ଘରପୋଡ଼ ଚାଲିଥାଏ । ସେହି ଘରପୋଡ଼ ବିପଦରୁ ରକ୍ଷା ପାଇବା ପାଇଁ ଗ୍ରାମେ ଗ୍ରାମେ ଯୁବକମାନେ ପାଳି କରି ଦଳ ଦଳ ହୋଇ ରାତିସାରା ଗାଁରେ ପହରା ଦେଉଥାନ୍ତି ।

ଜାଜପୁରରୁ ଭାଇଙ୍କ ଠାରୁ ଚିଠି ପାଇଲି, ତୁମେ ଶୀଘ୍ର ଆସ । ଏଠାରେ ରହିବ । ମୁଁ ମାସକପାଇଁ ପାଟଣା ଯିବି ଟ୍ରେନିଂ ପାଇଁ । ମୁଁ ଯେଉଁଦିନ ଯିବି ସେ ଦିନଟି ମଧ୍ୟ ଲେଖିଥିଲେ ।

ଯଥା ସମୟରେ ମୁଁ ଜାଜପୁର ଯାତ୍ରାକଲି । ମଙ୍ଗଳପୁର ହାଟରେ ପହଞ୍ଚିଲା ବେଳକୁ ଅପରାହ୍ନ ପାଞ୍ଚଟା ହୋଇ ଯାଇଥିଲା । ମୁଁ ଆଉ ଆଗକୁ ନ ଯାଇ ସେହିଠାରେ ରାତି କଟାଇବାର ସ୍ଥିର କଲି । ଦିନ ଥାଉ ଥାଉ କୌଣସି ସ୍ଥାନରେ ରହି ନ ଗଲେ ସନ୍ଧ୍ୟା ପରେ ଘରପୋଡ଼ିଆ ବୋଲି ହୁଏତ ହଇରାଣ ହେବାକୁ ପଡ଼ିପାରେ । ଏହି ଆଶଙ୍କା ପ୍ରବଳ ଥିଲା । ମୁଁ ମଙ୍ଗଳପୁରରେ ରହିଲି ।

ଦିନ ଥାଉ ଥାଉ ମଙ୍ଗଳପୁରରେ ରହିଲେ ମଧ୍ୟ ସେହି ଶଙ୍କାରୁ ନିସ୍ତାର ମିଳିଲା ନାହିଁ । ସେହି ସମୟରେ ମଙ୍ଗଳପୁର ହାଟରେ ହରିହାଟ ସପ୍ତାହ ଚାଲିଥାଏ । ଜଣେ ଖଦଡ଼ ପିନ୍ଧା ଅଚିହ୍ନା ଯୁବକ ରାତି ପାଇଁ ହାଟ ଦୋକାନରେ ଆଶ୍ରୟ ନେଉ-ଥିବାର ସମ୍ବାଦ ପ୍ରଚାରିତ ହୋଇଗଲା । ଗ୍ରାମରୁ ଦଳ ଦଳ ଲୋକ

Digitized by srujanika@gmail.com

ଆସି ମୋତେ ନାନାପ୍ରକାର ପ୍ରଶ୍ନ କରିବାକୁ ଲାଗିଲେ । ଶେଷରେ ଗ୍ରାମର ଦୁଇଜଣ ମୁଖ୍ୟ ବ୍ୟକ୍ତି ଆସି କହିଲେ, ଆମେ ତୁମର କାଗଜପତ୍ର ଦେଖିବାକୁ ଚାହୁଁ । ମୁଁ ମୋର ପୁଡ଼ିଆଟି ଖୋଲି ଦେଖାଇ ଦେଲି । ସେଥିରେ ଲୁଗା ସାର୍ଟ ଭିନ୍ନ ଆଉ କିଛି ନ ଥିଲା । ଗୋଟିଏ ଉଆସିଲା ପଦ ମୋ ପାଖରେ ଥାନ୍ତା ସେଠାରେ ମୋ ଅବସ୍ଥା କଣ ହୋଇଥାନ୍ତା କଳ୍ପନା କରିବାର କଥା । ଯାହାହେଉ ମୋର କାଗଜପତ୍ର ଦେଖି ସେମାନଙ୍କର ହୃଦବୋଧ ହେଲା, ମୁଁ ଘରପୋଡ଼ିଆ ଦଳର ନୁହେଁ । ତଥାପି ସେମାନେ କହିଲେ, ଆମର ଏଠି ସ୍ୱାଗତର ସତ୍ତା ଚାଲିଛି । ସେଥିପାଇଁ ଯୋଉ ମଞ୍ଚା ତିଆରି ହୋଇଛି, ତୁମେ ଆମ ସଙ୍ଗରେ ସେଇ ମଞ୍ଚାରେ ଶୋଇବ । ସକାଳେ ଗଲାବେଳେ ଆମକୁ କହିକରି ଯିବ । ମୁଁ କହିଲି, ବନରେ ବଡ଼ ଭୟ । ସେଥିପାଇଁ ପାହାନ୍ତିଆରୁ ଯିବ । ସେମାନେ ମୋତେ ସମର୍ଥନ କରି କହିଲେ, ହଁ ବଡ଼ ଭୟ ହେଉଛି । ତୁମେ ଗଲାବେଳେ ଆମକୁ ଡାକିବ । ଆମେ ତୁମ ସଙ୍ଗରେ କିଛିଦୂର ଯାଇ ଛାଡ଼ି ଦେବୁ ।

ସେଇଆ ହେଲା । ମୋର ଦୁଇ କଡ଼ରେ ଦୁଇ ଚାରି ଜଣ ମୋତେ ଜଗି ଶୋଇଲେ । ମୁଁ ପାହାନ୍ତାରେ ଉଠି ସେମାନଙ୍କୁ ଡାକିଲି । ସେମାନଙ୍କ ମଧ୍ୟରୁ ଦୁଇଜଣ ଲୋକ ମୋ ସଙ୍ଗରେ ପ୍ରାୟ ଦୁଇ ମାଇଲ ବାଟ ଚାଲି ଚାଲି ଗଲେ ।

ତେଣେ ଜାଜପୁରରେ ଭଇ ଥାନାରେ ଖବର ଦେଇ ଦୁଇଜଣ ଚୌକିଦାରଙ୍କୁ ଜାଜପୁର ସହରର ପ୍ରବେଶ ପଥରେ ଜଗାଇ ରଖିଥିଲେ । କାରଣ ମୁଁ ଯାଉ ଯାଉ ସଞ୍ଜ ନିଶ୍ଚୟ ହୋଇଯିବ । ଘରପୋଡ଼ିଆ ବୋଲି କାଳେ ମୋ ଉପରେ କିଛି

Digitized by srujanika@gmail.com

ଜଲୁମ ହୁଏ ସେହି ଆଶଙ୍କା ତାଙ୍କର ପ୍ରବଳ ଥିଲା । ଚୌକିଦାର-ମାନେ ରାତି ୧୨ଟା ଯାଏ ଅପେକ୍ଷା କରି ଫେରି ଆସିଥିଲେ ।

ଗ୍ରାମରୁ ମୁଁ ଯେଉଁଦିନ ଜାଜପୁର ଆସିଲି, ଠିକ ତାର ପରଦିନ ଜିଲ୍ଲାର ପୋଲିସ ସାହେବ ଶ୍ରୀକୃଷ୍ଣ ମହାପାତ୍ର ସଶସ୍ତ୍ର ପୋଲିସ ଫୌଜ ସହ ଆସୁଚନ ଗ୍ରାମ ଉପରେ ଚଢ଼ାଉ କଲେ । ଘରେ ଘରେ ପଶି ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ଆରେଷ୍ଟ କରିନେଲେ । ମେଳ ସମର୍ଥକ ପ୍ରଜାମାନଙ୍କୁ ଖୁବ୍ ମାଡ଼ ଦେଇ ଦଳ ଦଳ କରି ନେଇ ଗୋରୁ ପଦାରେ ବାନ୍ଧି ପକାଇଲେ । ରାଜ ପକ୍ଷର ଲୋକମାନଙ୍କୁ ପୋଲିସ ଚିହ୍ନିବାର ସାଙ୍କେତିକ ଚିହ୍ନ ସ୍ୱରୂପ ସେମାନେ କପାଳରେ ସିନ୍ଦୂର ଗାର ଟାଣିଥିଲେ । ଯେଉଁ ଲୋକ ମୁଣ୍ଡରେ ସିନ୍ଦୂର ଗାର ନ ଥିଲା, ସେହିମାନେ ମେଳିଆ ବିଚାରରେ ପୋଲିସ ଦ୍ୱାରା ଲାଞ୍ଛିତ ହେବାକୁ ଲାଗିଲେ ।

ପୋଲିସର ଏହି ନିର୍ମମ ଅତ୍ୟାଚାରର ସମ୍ବାଦ ପବନ ବେଗରେ ଚାରିଆଡ଼େ ବ୍ୟାପିଗଲା । ପୋଲିସ ଜୁଲୁମର ପ୍ରତିବାଦ କରି ଅଳ୍ପ ସମୟ ମଧ୍ୟରେ ଠେଙ୍ଗା ବାଡ଼ି ଧରି ଶହ ଶହ ପ୍ରଜା ରୁଣ୍ଡ ହୋଇଗଲେ ।

ସେ ଦିନଟି କନକା ପ୍ରଜାମେଳର ଚରମ ଦିନ ଥିଲା । ବର୍ତ୍ତିମା ନାମକ ଏକ ଗ୍ରାମ ସୀମାରେ ପୋଲିସ ଫୌଜ ଆଉ ଗ୍ରାମବାସୀ ଉଭୟ ଦଳ ମୁହାଁ ମୁହିଁ ହେଲେ । ପୋଲିସ ପକ୍ଷରୁ ହଠାତ୍ ଗୁଳି ଚାଲିଲା । ଗୁଳି ମାଡ଼ରେ ଦୁଇଜଣ ବ୍ୟକ୍ତି ଘଟଣା ସ୍ଥଳରେ ଟଳି ପଡ଼ିଲେ । ଦୁଇ ଜଣଙ୍କର ମୃତ୍ୟୁ ଦେଖି ଅନ୍ୟ ପ୍ରଜାମାନେ ଛତ୍ରଭଙ୍ଗ ହେଲେ ।

ରାଜପକ୍ଷର ଲୋକମାନେ ମୋତେ ଦେଖିବାକୁ ନପାଇ ମୁଁ ଆତ୍ମଗୋପନ କରିଥିବା ସନ୍ଦେହରେ ଆମର ଘର ବାଡ଼ି ଏପଟାଳି

Digitized by srujanika@gmail.com

ଖିଚଗଦାକୁ ଖେଳେଇ ଖେଳେଇ ଛନ୍ନ ଛନ୍ନ କରି ଖୋଜିଲେ । ବହୁ ଅନୁସନ୍ଧାନ ପରେ ମୋତେ ନପାଇ ସେମାନେ ନିରାଶରେ ଫେରିଥିଲେ ।

ବୋଧହୁଏ ଈଶ୍ୱରଙ୍କର ଇଚ୍ଛା ନ ଥିଲା, ମୁଁ ଜେଲ ବରଣ କରି ଆଜି ସେହି ସାର୍ଟିଫିକେଟ ବଳରେ ସ୍ୱାଧୀନତା ସଂଗ୍ରାମୀ ତାଲିକାରେ ନାମ ଲେଖାଏ ।

ବୟନ ଶିକ୍ଷା

ମାସକର ଟ୍ରେନିଂ ପରେ ଭାଇ ପାଟନାରୁ ଜାଜପୁରକୁ ଫେରି ଆସିଲେ । ଗ୍ରାମରୁ ଯେଉଁ ଚିଠି ଆସିଥିଲା ସେଥିରେ ପ୍ରଜାଙ୍କ ଉପରେ ଗୁଳି ଚାଳନା ଓ ରାଜପକ୍ଷର ଲୋକମାନେ ମୋତେ ଯେପରି ଭାବରେ ଖୋଜୁଥିଲେ ତାହାର ବିଷଦ ବର୍ଣ୍ଣନା ଥିଲା । ଏତେ ଶୀଘ୍ର ମୁଁ ଗ୍ରାମକୁ ଫେରିଯିବା ଉଚିତ ହେବ ନାହିଁ ବୋଲି ଭାଇ ମତ ଦେଲେ ।

ମୁଁ ଜାଜପୁରରେ ରହିଲି । କିନ୍ତୁ ବସି ବସି କରିବି କଣ ? କବିରାଜି ପଢ଼ିବା ପାଇଁ ଭାଇ ପରାମର୍ଶ ଦେଲେ । ନିକଟସ୍ଥ ଜଣେ ପ୍ରବୀଣ କବିରାଜଙ୍କ ପାଖରେ କବିରାଜି ପଢ଼ିବା ଆରମ୍ଭ କଲି । ଅଳ୍ପ କେତେ ମାସ ପଢ଼ିବା ପରେ ଭାଇ ପୁଣି ମନାକଲେ । କାରଣ ସ୍ୱରୂପ କହିଲେ, କବିରାଜି ପଢ଼ିବା ପରେ ସେ ବ୍ୟବସାୟ ଲାଗି ଯେଉଁ ମୂଳଧନର ଆବଶ୍ୟକ ହେବ ତାହା ମୁଁ ଯୋଗାଇ ପାରିବି ନାହିଁ । ସେଇଠି କବିରାଜି ପୋଥିରେ ଡୋରିବନ୍ଧା ହେଲା ।

ସତ୍ୟବାଦୀ ଜାତୀୟ ବନବିଦ୍ୟାଳୟରେ ନୂଆ ହୋଇ ଏକ ବସ୍ତ୍ର ବୟନ କ୍ଲାସ ଖୋଲୁଥାଏ । କିଛିଦିନ ବେକାର ହୋଇ ବସି

Digitized by srujanika@gmail.com

ଲଢ଼ିବା ପରେ ଲୁଗାବୁଣା ଶିଖିବା ନିମନ୍ତେ ସତ୍ୟବାଦୀ ଯିବାର ସ୍ଥିର ହେଲା । ତିନି ମାସିଆ ଟ୍ରେନିଂ । ସେଥିପାଇଁ ବେଶୀ କିଛି ଖର୍ଚ୍ଚ ପଡ଼ିବ ନାହିଁ । ମୁଁ ଜାଜପୁରରୁ ସତ୍ୟବାଦୀ ଯାଇ ବୟନ କ୍ଲାସରେ ଯୋଗ ଦେଲି । ଐତିହାସିକ କୃପାସିନ୍ଧୁ ମିଶ୍ର ସେତେବେଳେ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥାନ୍ତି ।

ମୁଁ ସ୍କୁଲ ବୋର୍ଡ଼ିଂରେ ରହିଲି । ଆଚାର୍ଯ୍ୟ ହରିହର ଦାସ ମହାଶୟ ବୋର୍ଡ଼ିଂର ସୁପରିଣ୍ଟେଣ୍ଡେଣ୍ଟ ଥାନ୍ତି । ବୋର୍ଡ଼ିଂର ନିୟମ ଅନୁସାରେ ଭୋର ପାଞ୍ଚଟା ବେଳେ ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ଶେଷ କରିବାକୁ ହୁଏ । ନିତ୍ୟକର୍ମ ଭିତରେ ଗାଧୁଆ ବି ଥାଏ । ସେଥିପାଇଁ ଘଣ୍ଟା ବାଜେ । ଗାଧୁଆ ପରେ ଦଶ ମିନିଟ ଉପାସନା ହୁଏ । ଉପାସନା ପରେ ବ୍ୟାୟାମ । ବ୍ୟାୟାମ ପରେ ଖଣ୍ଡିଏ ଖେଚେଡ଼ି ଖାଇବାକୁ ମିଳେ । ତା ପରେ ପଢ଼ା ଆରମ୍ଭ ହୁଏ । ତିନି ସାଢ଼େ ନଅଟା ଯାଏ ପଢ଼ା ଚାଲେ । ସାଢ଼େ ଦଶଟା ଭିତରେ ଦିବା ଭୋଜନ ଶେଷ ପରେ ସ୍କୁଲ ଆରମ୍ଭ ହୁଏ ।

କୁମାର ପୂର୍ଣ୍ଣିମା ପୁରୀ ଜିଲ୍ଲାରେ ଗୋଟିଏ ବଡ଼ ପର୍ବ । କଟକ ଜିଲ୍ଲାର ଲୋକମାନେ ଦଶହରାକୁ ଯେମିତି ନବବସ୍ତ୍ର ପିନ୍ଧିଥାନ୍ତି, ପୁରୀ ଜିଲ୍ଲାରେ ସେପରି ନଥିଲା । କୁମାର ପୂର୍ଣ୍ଣିମାରେ କୁମାର କୁମାରୀମାନେ ନବବସ୍ତ୍ର ପିନ୍ଧନ୍ତି । ଭଲ ଖିଆପିଆ ହୁଏ । ବିଭିନ୍ନ ପ୍ରକାରର ଖେଳ ମଧ୍ୟ ହୁଏ ।

କୁମାର ପୂର୍ଣ୍ଣିମା ଦିନ ବୋର୍ଡ଼ିଂର ନିୟମ କାନୁନ୍‌ରେ ଅନେକଟା କୋହଳ ହୋଇଯାଏ । ମୋର ବୟନ ଶିକ୍ଷା ବେଳରେ ଗୋଟିଏ କୁମାର ପୂର୍ଣ୍ଣିମାର ଦୃଶ୍ୟ ମୁଁ ଦେଖିଛି । ଦେଖିଛି ପ୍ରୌଢ଼ ବୟସ୍କ ଆଚାର୍ଯ୍ୟ ହରିହର ବି ଯୁବ ସୁଲଭ ଉତ୍ସାହ ଉନ୍ମାଦନାରେ ଉଚ୍ଛୁଳ ହୋଇ ଉଠନ୍ତି ସେଦିନ ।

Digitized by srujanika@gmail.com

କୁମାର ପୂର୍ଣ୍ଣିମା ଦିନ ଆଚାର୍ଯ୍ୟ ମହାଶୟ ଦପ୍ତରି ହାତରେ ବଜାରରୁ ଦୁଇ ମୂଠା ତାସ୍ ମଗାଇ ଆଣିଲେ । ମୂଠାଏ ନିଜେ ରଖି ଆଉ ମୂଠାଏ ପିଲାମାନଙ୍କୁ ଖେଳିବା ପାଇଁ ଦେଇଦେଲେ । ସାନ୍ଧ୍ୟ ଉପାସନା ପରେ ଖେଳ ଆରମ୍ଭ ହେଲା । ଆଚାର୍ଯ୍ୟ ମହାଶୟ ଡାକ କହିଲେ, ଆରେ, କିଏ ତାସ ଖେଳିବ ଆସ । ଦୁଇଜଣ ଛାତ୍ର ଯାଇ ଠିଆ ହେଲେ । ମୁଁ ବି ଖେଳ ଦେଖିବା ଉଦ୍ଦେଶ୍ୟରେ ଚାଲି ଚାଲି ଗଲି । ମାତ୍ର ଖେଳିବା ପାଇଁ ଆଚାର୍ଯ୍ୟଙ୍କୁ ମିଶାଇ ତିନି ଜଣ ହେଲେ । ଆଚାର୍ଯ୍ୟ ମହାଶୟ ମତେ ପଚାରିଲେ, କିରେ ତୁ ଖେଳିବୁ ? ମୁଁ ହଁ କଲି । କହିଲେ, ଆ, ମୋ ସାଙ୍ଗରେ ବସ । ମୁଁ ତାଙ୍କ ସଙ୍ଗରେ ବସିଲି । ରାତି ନଅଟା ଯାଏ ଖେଳ ଚାଲିଲା । ଠିକ୍ ନଅଟା ପରେ ଆଚାର୍ଯ୍ୟ ମହାଶୟ ତାସ ମୂଠାକ ଥୋଇ ଦେଇ ପିଲା ଦୁହିଁଙ୍କୁ କହିଲେ, ଏ ତାସ ନେଇଯାଅ, ଖେଳିବ । ଭୋର ସମୟକୁ ଦୁଇ ମୂଠାଯାକ ତାସ ମୋତେ ଆଣି ଦେବ ।

ଆଚାର୍ଯ୍ୟ ମହାଶୟ ଦୁଇମୂଠା ତାସ ଦିନା ଦେଲେ, ମାତ୍ର ପିଲାମାନେ ଆହୁରି ଅନେକ ମୂଠା ତାସ ଆଣି ସାରା ରାତି ଖେଳ ଚଳାଇଲେ ।

ଠିକ ଭୋର ସମୟକୁ ତାସ ଦୁଇମୂଠା ଆଚାର୍ଯ୍ୟ ମହାଶୟଙ୍କ ପାଖରେ ଥୁଆ ହେଲା । ସେ ସଙ୍ଗେ ସଙ୍ଗେ ଦୁଇ ମୂଠାଯାକ ତାସକୁ ଚିରି ଟିକି ଟିକି କରି ଦେଲେ । ତାସ ନେଇ ଯାଇଥିବା ଛାତ୍ରକୁ କହିଲେ, ନେ, ଏଗୁଡ଼ାକୁ ଅଳିଆ ଗଦାରେ ପକାଇ ଦେଇ ଆ ।

ଆଚାର୍ଯ୍ୟ ହରିହର ଜଣେ ଅସାଧାରଣ ଛାତ୍ରବତ୍ସଳ ଶିକ୍ଷକ । ଅକାଳରେ ସେ ଦରିଦ୍ରହୀନ ହୋଇ ଯାଇଥାନ୍ତି । ଖାଦ୍ୟ ବି ତାଙ୍କର

Digitized by srujanika@gmail.com

ଭଲ ହଜମ ହେଉ ନଥାଏ । ସକାଳ ଓଳ ଡାଇନିଂ ହଲରେ ପିଲମାନଙ୍କ ସାଙ୍ଗରେ ବସି ଖାନ୍ତି । ରାତି ଓଳ ପାଉଁରୁଟି ଆଉ ଦୁଧ ଅଲଗା ଖାନ୍ତି । ଛାତ୍ରମାନଙ୍କ ପାଖରେ ବସି ଖାଉଥିବା ବେଳେ ତାଙ୍କ ଥାଳିରୁ ଭାତ, ତରକାରୀ କିଛି କିଛି ପାଖ ପିଲଙ୍କ ଥାଳିକୁ ଦେଇ ଦିଅନ୍ତି । କହନ୍ତି, ମୁଁ ପିଲଦିନେ ବେଶୀ ଖାଇ ନାହିଁ । ସେଥିପାଇଁ ଏବେ ଖାଇପାରୁ ନାହିଁ । ତୁମେମାନେ ଏବେ ଅଳ୍ପ ଅଳ୍ପ ଖାଇଲେ ବୁଢ଼ା ଦିନକୁ କିଛି ଖାଇ ପାରିବ ନାହିଁ । ଖୁବ୍ ପେଟେ ପେଟେ ଖାଅ । କିନ୍ତୁ ଅଳସୁଆ ହୁଅ ନାହିଁ । ଖୁବ୍ ଦୌଡ଼ା ଦୌଡ଼ି କରି ଖାଦ୍ୟକୁ ହଜମ କର ।

ଭୋଜନ ଦିନ ମାନଙ୍କରେ ଆଚାର୍ଯ୍ୟ ମହାଶୟ ପିଲାମାନଙ୍କୁ ପଚାରନ୍ତି କୋଉ ଜିନିଷଟା ଭଲ ହୋଇଛି କହିଲ ? କିଏ କହେ କ୍ଷୀରି ଭଲ ହୋଇଛି ତ କିଏ କହେ ଖଟା ଭଲ ହୋଇଛି । ଯିଏ ଯାହା ଭଲ ହୋଇଛି ବୋଲି କହିଲ, ପୂଜାରୀକୁ ଡାକି ତା ପତ୍ରରେ ସେଇ ଜିନିଷରୁ କିଛି ଦେବା ପାଇଁ କହନ୍ତି । ପିଲଟି ସଙ୍କୋଚରେ ନାହିଁ ନାହିଁ କଲେ ବି ତାକୁ ଜୋର କରି ଖୁଆନ୍ତି ।

ପିତାମାତାଙ୍କୁ ଛାଡ଼ି ଆସିଥିବା ଛାତ୍ରମାନେ ଆଚାର୍ଯ୍ୟ ମହାଶୟଙ୍କ ଠାରୁ ପିତାମାତା ଉଭୟଙ୍କର ସ୍ନେହ ଶ୍ରଦ୍ଧା ବାତ୍ସଲ୍ୟ ଲାଭ କରି ପରମାନନ୍ଦ ଉପଭୋଗ କରନ୍ତି ।

ତିନି ମାସର ଶିକ୍ଷା ପରେ ପ୍ରଥମ ବ୍ୟାଚରେ ମୁଁ ପ୍ରଥମ ହୋଇ ବୟନ ବିଦ୍ୟାରେ ଉତ୍ତୀର୍ଣ୍ଣ ହେଲି । ଯଥା ସମୟରେ ଜାଜପୁରକୁ ଫେରି ଆସିଲି । ଭାଇ କହିଲେ, ପାସ୍ କଲୁ ସତ; ମାତ୍ର ସେ ବ୍ୟବସାୟ ଚଳାଇ ହେବ ନାହିଁ । ସେଥିପାଇଁ ଯୋଉ ମୂଳଧନ ଦରକାର ତାହା ମୁଁ ଯୋଗାଇ ପାରିବି ନାହିଁ ।

Digitized by srujanika@gmail.com

ମୋର ଚାକିରୀ

ସତ୍ୟବାଦୀରୁ କଟକ ଫେରିବାର ଅଳ୍ପଦିନ ପରେ ବାଲୁବଜାରର ଗୋଟିଏ ଯୋତା ଦୋକାନରେ ମାସିକ ଦଶ ଟଙ୍କା ଦରମାରେ ଆସିଷ୍ଟାଣ୍ଟ ସେଲ୍‌ସମ୍ୟାନ ଚାକିରୀଟି ପାଇଲି । ଦଶଟାରୁ ଚାରିଟାଯାଏ କାମ ।

ଦୋକାନଟି ବାଲୁବଜାରର ଶେଷ ମୁଣ୍ଡରେ ଜୁମା ମସଜିଦର ଠିକ୍ ସାମନାରେ । ଦୋକାନର ମାଲିକଙ୍କ ନାମ ଜଗନ୍ନାଥ ମହାନ୍ତି । ସେ କଟକ କଲେକ୍ଟରୀ କଚେରୀରେ ସିରସ୍ତାଦାର କାମ କରନ୍ତି । ତାଙ୍କର ଘର ପୁରୀ ଜିଲ୍ଲାର ଖୋର୍ଦ୍ଧା ନିକଟବର୍ତ୍ତୀ ଗୁରୁଜଙ୍ଗ ଗ୍ରାମରେ ।

ମୁଁ ଯୋତା ଦୋକାନରେ କାମ କରିବାର କୋଡ଼ିଏ ପଚିଶ ଦିନ ପରର କଥା । ଦିନ ଏଗାରଟା ହେବ । ମୁଁ ଦୋକାନରେ ଏକା ଥାଏ । ଜୋତା ଦୋକାନ ସାମନାରେ ଜୁମା ମସଜିଦ ତଳେ କେତେଗୁଡ଼ିଏ ଦୋକାନ ଥାଏ । ଆଜି ବି ସେ ଦୋକାନ ସବୁ ରହିଛି । ଜଣେ ମୁସଲମାନ ଭଦ୍ରଲୋକ ଗୋଟିଏ ଦୋକନରେ ବସି ବହି ବନ୍ଧାଇ କାମ କରନ୍ତି । ନାଁଟା ତାଙ୍କର ସ୍ମରଣ ହେଉନାହିଁ । ସେ ଦୋକାନରୁ ହଠାତ୍ ମୋ ପାଖକୁ ଉଠି ଆସିଲେ । କହିଲେ ବାବୁ ! ତୁମେ ମାସକୁ ମାସ ଦରମା ପାଉଛ ତ ? ମୁଁ କହିଲି ମାସ ପୂରିନି । ସେ ହସି ହସି କହିଲେ, ବାବୁ ! ମହାନ୍ତି, ମହାନଦୀ ଆଉ ମହାପ୍ରସାଦ ଏ ତିନିଙ୍କ ବିଶ୍ୱାସ କରିବ ନାହିଁଟି । କଥା ସରିବା ସଙ୍ଗେ ସେ ତାଙ୍କର ଦୋକାନକୁ ଚାଲିଗଲେ ।

ମୁଁ ବସି ବସି ବିଚାର କଲି, ମହାନଦୀରେ ସ୍ଥାନେ ସ୍ଥାନେ ବଡ଼ ବଡ଼ ଗର୍ତ୍ତ ସବୁ ରହିଛି । ତାକୁ ବିଶ୍ୱାସ କରିବା ଅର୍ଥ ନିଜ

Digitized by srujanika@gmail.com

ମୁଣ୍ଡକୁ ବିପଦ ଆଣିବା । ମହାପ୍ରସାଦ ଦେଇ ଧରମ ବାପ, ଧରମ ମାଆ, ଧରମ ଭାଇ, ଧରମ ଭଉଣୀ ଏସବୁ ସମ୍ପର୍କ ସ୍ଥାପନ କରି ବି ଲୋକେ ଠକିବାର ଦେଖାଯାଏ । ସେହି ଦୃଷ୍ଟିରୁ ମହାପ୍ରସାଦକୁ ବିଶ୍ବାସ କରିବା ବିପଦଜନକ ହୋଇପାରେ । କିନ୍ତୁ ମହାନ୍ତିଙ୍କୁ ବିଶ୍ବାସ ନ କରିବାର କାରଣ ମୁଁ କିଛି ବୁଝି-ପାରିଲି ନାହିଁ ।

ଏହି ଘଟଣାର ଠିକ ଆଠଦିନ ପରେ ଶୁଣାଗଲା —ସିରସ୍ତା-ଦାର ଉଦୟନାଥ ମହାନ୍ତି ସରକାରୀ ତହବିଲରୁ କେତେ ହଜାର ଟଙ୍କା ଆତ୍ମସାତ୍ କରି ଫେରାର ହୋଇଛନ୍ତି । ପରଦିନ ଉଦୟ-ନାଥ ମହାନ୍ତିଙ୍କ ନିଜ ଓଡ଼ିଶା ଯୋତା ଦୋକାନକୁ ସରକାର ଜବତ କରି ନେଲେ । ଦୋକାନରେ ଦୁଇଟା ବଡ଼ ବଡ଼ ତାଲା ଝୁଲିଲା । ମୋ ଚାକିରି ଗଲା । ମାସକର ଦରମା ବି ଗଲା ।

ଉଦୟନାଥ ମହାନ୍ତି କଟକରେ ଗୋଟାଏ ବଡ଼ କୋଠା ଅଳ୍ପଦିନ ଆଗରୁ କିଣିଥିଲେ । ସେ କୋଠା ବି ସରକାର ଜବତ କରିନେଲେ ।

ଉଦୟନାଥ ମହାନ୍ତି ଫେରାର ରହିଲେ ଯେ, ରହିଲେ । ତାଙ୍କର କୌଣସି ପତ୍ତା ମିଳିଲା ନାହିଁ । ସରକାର ତାଙ୍କୁ ଧରାଇ ଦେବା ନିମନ୍ତେ ପୁରସ୍କାର ଘୋଷଣା କଲେ । କିନ୍ତୁ କିଛି ଫଳ ହେଲା ନାହିଁ । ବର୍ଷ ବର୍ଷ ଧରି ପାଖ ଛଅ ବର୍ଷ ବିତିବା ପରେ ସରକାର ତାଙ୍କର ସନ୍ଧାନ ପାଇଲେ ।

ଉଦୟନାଥ ଚାକିରିରେ ଥିବାବେଳେ ସରକାରୀ କ୍ଷମତା ପ୍ରୟୋଗ କରି ତାଙ୍କର ଜଣେ ପଡ଼ୋଶୀଙ୍କୁ ବହୁ ହଇରାଣ କରିଥିଲେ । ତାଙ୍କ ନାମରେ ଜାଲ ମାଲିମକଦ୍ଦମା କରି ତାଙ୍କର

Digitized by srujanika@gmail.com

ସମସ୍ତ ସମ୍ପତ୍ତିବାଡ଼ ନିଲାମରେ ନେଇ ତାଙ୍କୁ ହାଣ୍ଡିର ଭିକାରୀ କରି ଦେଇଥିଲେ । ସେହି ଭଦ୍ରଲୋକ ମହାନ୍ତଙ୍କର ଖୋଜ ଖବର ନେଇ ବୁଝିପାରିଲେ ଯେ ? ଜଗନ୍ନାଥ ଏକ ଜାଲ ନାମରେ ପତ୍ନୀମାନଙ୍କରେ ଘରକୁ ଟଙ୍କା ପଠାଉଛନ୍ତି । ସେହି ମନିଅର୍ଡ଼ର ରସିଦରୁ ଠିକଣା ସଂଗ୍ରହ କରି ବ୍ରହ୍ମଦେଶର ରେଙ୍ଗୁନ ସହରରେ ଯାଇ ପହଞ୍ଚିଲେ । ଜଗନ୍ନାଥ ଏକ ଛଦ୍ମ ନାମରେ ରେଙ୍ଗୁନରେ ଓକିଲାତି କରୁଥାନ୍ତି । ଭଦ୍ରଲୋକ ତାଙ୍କୁ ଠାବ କରି ଓଡ଼ିଶା ସରକାରଙ୍କୁ ସମ୍ବାଦ ଦେଲେ ।

କିଛିଦିନ ପରେ ଜଗନ୍ନାଥ ରେଙ୍ଗୁନରୁ ଧରା ହୋଇ କଟକ ଆସିଲେ । ତାଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଅଭିଯୋଗର ବିଚାର ହୋଇ ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ।

ସେତେବେଳେ ଓଡ଼ିଶାରେ ବନ୍ଦୋବସ୍ତ କାର୍ଯ୍ୟ ଚାଲିଥାଏ । ସେଟେଲମେଣ୍ଟ ହେଡ଼ ଅଫିସ କଟକର ଝାଞ୍ଜକୋଣିଆ ବଗିଚା ପାଖରେ ଥାଏ । ସେଟେଲମେଣ୍ଟ ଅଫିସରେ ମୋହରିର କାର୍ଯ୍ୟ ପାଇଁ ମୁଁ ଏକ ଦରଖାସ୍ତ ଦେଲି । ସଙ୍ଗେ ସଙ୍ଗେ ଫାଷ୍ଟ କପିଷ୍ଟ ହିସାବରେ ନିଯୁକ୍ତ ପାଇଗଲି । କପିଷ୍ଟ କାମ ଠିକା କାମ । କାମ ଅନୁପାତରେ ପାରିଶ୍ରମିକ ମିଳେ । ସେତେବେଳକୁ ବନ୍ଦୋବସ୍ତ କାମ ଶେଷ ଅବସ୍ଥାରେ ଆସି ପହଞ୍ଚିଥାଏ । କାମ ଅଧିକ ମିଳୁ ନ ଥାଏ । ଯାହା ମିଳୁଥାଏ ଆଗରୁ ଥିବା ପୁରୁଣା କପିଷ୍ଟମାନେ ଛଳ କୌଶଳ ପ୍ରୟୋଗ କରି ନେଇ ଯାଉଥାନ୍ତି । ମୋ ଭାଗରେ ଖୁବ୍ କମ୍ ପଡ଼ୁଥାଏ । ଏପରିକି ଅଢ଼େଇ ମାସ କାଳ ବସି ବସି ସାତ ଟଙ୍କାର କାମ ପାଇଥିଲି । ସେଠାରେ ବୁଥାରେ ଦିନସାରା

Digitized by srujanika@gmail.com

ବସି ରହିବାରେ ଆଉ ମନ ଲାଗିଲା ନାହିଁ । ଭାଇ ମଧ୍ୟ ମନା କଲେ । ସେ ଚାକରୀ ସେହିଠାରେ ରହିଲା ।

ଭାଇ କଟକର ମଙ୍ଗଳାବାଗ ମଛୁଆସାହିରେ ଗୋଟିଏ ଭଡ଼ାଘରେ ରହୁଥାନ୍ତି । କଟକରେ କାଠ ବ୍ୟବସାୟର କେନ୍ଦ୍ରସ୍ଥଳ ମହାନଦୀ କୂଳରେ । ମଛୁଆସାହିଟି ହେଉଛି କାଠଗୋଲାର ଅତି ନିକଟରେ । ସେହି ସାହିର ମଦନ ନାମକ ଜଣେ ମଛୁଆ ଯୁବକ ନ୍ୟୁ ଲକ୍ଷ୍ମଣ ଏଣ୍ଡ କୋ ନାମକ ଏକ କାଠ କମ୍ପାନୀରେ ସେଲ୍ସ-ମ୍ୟାନ ଚାକରୀ କରନ୍ତି । ସେ ଦିନେ ଭାଇଙ୍କୁ କହିଲେ, ଆପଣ ଅନୁମତି ଦେଲେ ଆପଣଙ୍କ ସାନଭାଇ ପାଇଁ ଆମ କମ୍ପାନୀରେ ମୁଁ ଗୋଟିଏ ଚାକରୀ ବୁଝି ଦଅନ୍ତି । ଏଥିରେ ଅସ୍ୱୀକୃତ ହେବାର କିଛି କାରଣ ନ ଥିଲା । ଭାଇ ଆଉ ମୁଁ ଉଭୟେ ସ୍ୱୀକୃତ ହେଲୁଁ ।

ମଦନ ମୋତେ ସଙ୍ଗରେ ନେଇ ତାଙ୍କ ମାଲିକଙ୍କ ପାଖରେ ପହଞ୍ଚିଲେ । ମାଲିକ ରଘୁବାବୁ ମୋତେ ପ୍ରଶ୍ନ କଲେ, ତୁମେ କଟକ ଛାଡ଼ି ବାହାରକୁ ଯାଇପାରିବ ତ ? ମୁଁ ହଁ କଲି । ସେ କହିଲେ, ତୁମକୁ ଅନୁଗୁଳର ଟିକରପଡ଼ା ଘାଟରେ ରହି କାମ କରିବାକୁ ହେବ । ଜଙ୍ଗଲରୁ ସେଠାକୁ ଯେଉଁସବୁ କାଠ ଆସିବ, ତାର ହିସାବ ରଖିବ । ସିଲ୍ ଦେବ । କାଠସବୁ କଟକକୁ ଛାଡ଼ିବ । ଏଇ ହେବ ତୁମର କାମ । ତା ପରେ ଦରମା କେତେ ଚାହଁ ବୋଲି ପ୍ରଶ୍ନ କଲେ । କାମ ତ ମୁଁ ଦେଖି ନଥିଲି । କହିଲି, ପରେ ସ୍ଥିର ହେବ । ସେ କହିଲେ, ସେଇକଥା ଭଲ । କାମ ଦେଖି ପରେ ଦରମା ସ୍ଥିର କରିବା ।

କାଠ ଆଣିଥିବା ଫେରନ୍ତା ଡଙ୍ଗାରେ ମୋର ନରସିଂହପୁର ଯିବାର ବନ୍ଦୋବସ୍ତ କରିଦେଲେ । ମୁଁ ପରଦିନ ମୋର

ଜିନିଷପତ୍ର ଧରି ଯାଇ ଡଙ୍ଗାରେ ବସିଲି । ଦୁଇଜଣ ନାଉରୀ ଡଙ୍ଗା ବାହି ଚାଲିଲେ । ଡଙ୍ଗା ସ୍ରୋତ ପ୍ରତିକୂଳରେ ଚାଲିଥାଏ । ସବୁବେଳେ ଚାରିଜଣ ନାଉରୀ କାତ ମାରୁଥାନ୍ତି । ଡଙ୍ଗା କିନ୍ତୁ ଖୁବ୍ ମନ୍ଥର ଗତିରେ ଚାଲିଥାଏ । ପାଞ୍ଚଦିନ ପରେ ଯାଇ ନରସିଂହପୁର ଘାଟରେ ଡଙ୍ଗା ପହଞ୍ଚିଲା ।

ରାମ୍ପ୍ଲିଚ୍ଙ୍କ କମ୍ପାନୀର ନରସିଂହପୁର ଅଫିସରେ ମୋହିନୀ ବାବୁ ନାମରେ ଜଣେ ବଙ୍ଗାଳୀ କର୍ମଚାରୀ ରହୁଥାନ୍ତି । ମାଝିମାନଙ୍କ ହାତରେ ରାମ୍ପୁବାବୁ ତାଙ୍କ ପାଖକୁ ଚିଠି ଦେଇଥିଲେ । ମୋହିନୀ ବାବୁ ପତ୍ର ପାଠକରି ମୋତେ କହିଲେ, ତୁମେ ଏଠାରେ ରହ । ରାମ୍ପୁ ବାବୁ ଆସିଲେ ତୁମକୁ କାମ ଦେବେ ।

ମୋହିନୀ ବାବୁ ପରିବାର ସହିତ ରହୁଥାନ୍ତି । ତାଙ୍କର ବାରଣ୍ଡାରେ ଶୋଉଥିଲି ଓ ତାଙ୍କ ଭଣ୍ଡାରରୁ ଖାଇଲି । ପାଞ୍ଚ ଦିନ ପରେ ମୋର ଚାକରୀ ଦାତା ରାମ୍ପୁ ବାବୁ ଆସି ପହଞ୍ଚିଲେ । ସେ ବାଣ୍ଡ ଘରଟି ଦଖଲ କରି ରହିଲେ । ପରଦିନ ତାଙ୍କର ଜଣେ ଆଦିବାସୀ ଚପରାଶି ମହଲିଆ ସଙ୍ଗରେ ଟୁଲୁକା ନାମକ ଏକ ସ୍ଥାନକୁ ମୋତେ ଯିବାପାଇଁ କହିଲେ । ଆଉମଧ୍ୟ କହିଲେ, ତୁମେ ସେହିଠାରେ ରହିବ । ସେ ପାହାଡ଼ରେ କଟାହୋଇ ପଡ଼ିଥିବା କାଠସବୁ ଶଗଡ଼ରେ ଏଇ ଘାଟକୁ ପଠାଇବ ।

ମୋର ଜିନିଷପତ୍ର ନେଇ ଯିବାପାଇଁ ଜଣେ ଲୋକ ଦରକାର ଥିଲା । ମାଲିକ ମୋର ଜିନିଷକୁ ନିଜେ ବାନ୍ଧିଦେଇ କହିଲେ, ଏତିକ ମାତ୍ର ଜିନିଷ ତୁମେ ନିଜେ ନେଇ ଯାଇ ପାରିବ । ଲୋକର ଦରକାର କଣ ? ନିରୁପାୟ ଭାବରେ ସେ ଜିନିଷତକ ଧରି ମହଲିଆର ସାଥି ହେଲି ।

ବନ ବଣଠାରୁ ଚାଲି ଚାଲି ଯାଇ ସନ୍ଧ୍ୟା ସମୟକୁ ଟିଲୁକାରେ ପହଞ୍ଚିଲୁ । ଟିଲୁକା ଡାକବଙ୍ଗଳାର ଆଉଟ ହାଉସରେ ଆମ ଦୁଇ ଜଣଙ୍କ ପାଇଁ ରୋଷେଇ କରିବାକୁ ହେଲା । ମହଲିଆ ପାଖରେ ବୁଖଣ୍ଡେ ବୁଖଣ୍ଡେ ଲମ୍ବର ପାଞ୍ଚଟା ଶୁଖୁଆ ଥିଲା । ସେ ତାକୁ ଚୁଲି ନିଆଁରେ ପୋଡ଼ି ନିଜପାଇଁ ତିନିଟା ରଖି ଦୁଇଟା ମୋତେ ଦେଲା । ମୁଁ ଶୁଖୁଆ ଖାଏ ନାହିଁ । ସେ ପାଞ୍ଚଟି-ଯାକ ଶୁଖୁଆ ନେଲା । ଖାଲି ଭାତଟି ମୁଁ ରାନ୍ଧିଥିଲି । ସେ ପୁଣି ଖାଡ଼ମବ ଭାତ । ତରକାରି କିଛି ନଥିଲା । ମୁଠାଏ ଭାତରେ ପାଣି ପୁରାଇ ଖାଇ ଦେଖିଲି, ଖାଇ ହେଉଛି କି ନାହିଁ । ସେଥି ମୁଠାକ ଭାତ କୌଣସିମତେ ଦୁଇ ଚାରିଥର ଚୋବାଇ ଚୋବାଇ ଖାଇଲି । ମହଲିଆ ମୋ ଭାଗର ଭାତ ବି ଶୁଖୁଆ ଲଗାଇ ଖାଇ ଦେଲା ।

ରାନ୍ଧି ଖାଇ ଖାଇ ରାତି ପ୍ରାୟ ଦଶଟା ହୋଇ ଯାଇଥିଲା । ଶୋଇବାକୁ ଗଲାବେଳକୁ ମୋର ପ୍ରସ୍ରା ପୋଡ଼ା ଆରମ୍ଭ ହେଲା । ମହଲିଆ ନିଦରେ ଶୋଇ ଘୁଙ୍ଗୁଡ଼ି ମାରିଲା । ମୁଁ କିନ୍ତୁ ଭୋକ, ପ୍ରସ୍ରାପୋଡ଼ା ଆଉ ଅନିଦ୍ରାରେ ଛଟପଟ ହେଉଥାଏ । ଶେଷ ରାତିରେ ପ୍ରସ୍ରାପୋଡ଼ା ଜଣା ନହେବାରୁ କିଛି ସମୟ ପାଇଁ ଢୁଳେଇ ପଡ଼ିଲି ।

ଭୋରୁ ଭୋରୁ ମହଲିଆ ଉଠି ଡାକିଲା । ଆସ ପାହାଡ଼ ଉପରକୁ ଯିବା । ମୁଁ ତୁମକୁ କାଠ କୁପ୍ ଦେଖାଇଦେଇ ଅନ୍ୟ ଆଡ଼େ ଯିବ । ପାହାଡ଼ ଉପରକୁ ଉଠିବା ରାସ୍ତା ସର୍ପ ଗତିରେ ଅଙ୍କା ବଙ୍କା ବୁଲିଣି ରାସ୍ତା । ମହଲିଆଠାରୁ ବୁଝିଲି ସେ ରାସ୍ତାରେ ପ୍ରାୟ ଦୁଇମାଇଲ ବାଟ ଗଲେ କୁପ୍‌ରେ ପହଞ୍ଚି ହେବ । ଗଛ

Digitized by srujanika@gmail.com

ଦିନର ପଥଚଲା ପରିଶ୍ରମ ସାଙ୍ଗକୁ ରାତିରେ ଉପବାସ, ପ୍ରସା-ପୋଡ଼ା ଆଉ ଅନିଦ୍ରାରେ ଛଟପଟ ହୋଇ ମୁଁ ଖୁବ୍ ଦୁର୍ବଳତା ଅନୁଭବ କରୁଥାଏ । ପାହାଡ଼ ଉପରକୁ ଅଧମାଇଲିଏ ଯାଇଛୁ କି ନା ମୋର ଆଉ ଆଗେଇବାକୁ ଇଚ୍ଛା ହେଲାନାହିଁ । ମହାଲିଆକୁ କହିଲି, ନା ଭାଇ, ମୁଁ ଆଉ ଯାଇ ପାରିବି ନାହିଁ । ଏଇଠାରୁ ନରସିଂହପୁର ଫେରି ଯାଉଛି । ମୋ ହାତରେ ପଇସାଟିଏ ନାହିଁ । ମୋ ପାଖରେ ଯାହାକିଛି ଥିଲା ସବୁ ଖର୍ଚ୍ଚ ସରିଲାଣି । ଏଠାରେ ରହିଲେ ଖାଇବି କଣ ? ମହାଲିଆ କହିଲା, ତୁମ ଇଚ୍ଛା । ମୋତେ ମାଲିକ ଯେମିତି କହିଥିଲେ ମୁଁ ତାହା କରିଛି । ମୁଁ ବି ଏଠି ରହିବି ନାହିଁ । ଅନ୍ୟ ଗ୍ରାମକୁ ଯାଇ ଶଗଡ଼ର ଯୋଗାଡ଼ କରିବି ।

ମହାଲିଆ ମୋତେ ଫେରିବାର ରାସ୍ତା ଦେଖାଇଦେଇ ତା କାମରେ ଚାଲିଗଲା । ମୁଁ ମୋ ଜିନିଷର ଗଣ୍ଠିଟି କାନ୍ଧରେ ପକାଇ ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲି ।

ଦୁଇ ପ୍ରହର ବେଳକୁ ଯେଉଁ ସ୍ଥାନରେ ପହଞ୍ଚିଲି ଦେଖିଲି, ସେଠାରେ ହାଟ ବସିଛି । ମୁଁ ସେ ହାଟକୁ ଚଲି କଲି ଜଳଖିଆ ଆଣିବା ପାଇଁ । ମୁଢ଼ି ଉଖୁଡ଼ା ଦୁଇ ପଇସାର କିଣିଲି । ଦେଖିଲି ସେ ହାଟରେ ଅଧିକ ସଂଖ୍ୟକ ଖରିଦଦାର ଆଦିବାସୀ । ସେ ସ୍ଥାନଟା ଆଦିବାସୀ ବହୁଳ ଅଞ୍ଚଳ ବୋଲି ଅନୁମାନ କଲି । ଆଦିବାସୀମାନେ ହାଣ୍ଡିଆ ପିଇ ମାତାଲ ହୋଇ ଟଳି ଟଳି ଝୁଲି ଝୁଲି କଣ ସବୁ ବକ ବକ ଚାଲୁଥାନ୍ତି । ତାଙ୍କର କଥା କିଛି ବୁଝି ହେଉ ନଥାଏ ।

ଜଣେ ଆଦିବାସୀ ହାଟରୁ ଦୁଇଟା ଶିଶିରେ ତେଲ ଧରି ଗାଁକୁ ଫେରୁ ଫେରୁ ସେ ବୋତଲ ଦୁଇଟାକୁ ଗୋଟାକ ପରେ

ଗୋଟାଏ ଧରି ନାଖ କରି ଗୋଟାଏ ଗଛ ଉପରକୁ ଫିଙ୍ଗିଲା । ଖିଟି ଦୁଇଟା ଚୂନା ହୋଇ କାଠଗୁଣ୍ଡ ଆଉ ତେଲ ଏଣେ ତେଣେ ଛିଟିକି ପଡ଼ିଲା । ଲୋକଟା ନିଜେ ବି ପଡ଼ି ଯାଉଥିଲା । ଦୁଇଜଣ ଆଡ଼ବାସୀ ଦୌଡ଼ି ଯାଇ ତାକୁ ଧରି ପକାଇଲେ । ସେ ହାତ ଗୋଡ଼ ଛାଟି ମୁଣ୍ଡ ହଲାଇ କଣ ସବୁ ସେମାନଙ୍କୁ ରାଗି ରାଗି କହୁଥାଏ । ବୋଧହୁଏ ଗାଳି ଗୁଲଜ କରୁଥାଏ । ସେ ଭୟଙ୍କର ଦୃଶ୍ୟ ଦେଖି ମୋ ପିଳେଇ ପାଣି । ମୁଁ କପରି ସେ ବିପଦ ଜନକ ହାଟ ଅଞ୍ଚଳ ପାରି ହୋଇ ଆସିବି ଜଗନ୍ନାଥଙ୍କୁ ଡାକ ଡାକ ଦ୍ରୁତ ପଦକ୍ଷେପରେ ଚାଲିବାକୁ ଲାଗିଲି ।

ସନ୍ଧ୍ୟା ପୂର୍ବରୁ ନରସିଂହପୁରରେ ପହଞ୍ଚି ରଘୁବାବୁଙ୍କୁ ମୋର ଟାଙ୍ଗିକାରେ ରହି ନ ପାରିବାର କାରଣ ଜଣାଇଲି । କହିଲି, ଆପଣ କଟକରେ କହିଥିଲେ ଟିକରପଡ଼ାରେ ରହିବା ପାଇଁ । ମୋତେ ସେଇ ଟିକରପଡ଼ା ପଠାନ୍ତୁ । ଟାଙ୍ଗିକା ପାଣି ମୋ ଦେହରେ ଚଳିବ ନାହିଁ ।

ରଘୁବାବୁ ଚିଡ଼ି ଉଠିଲେ । କହିଲେ, ତୁମେ କହିବ ଯାଅ, ଓ୍ୟାଲଟିୟରି ଯିଅ । ମୁଁ କୋଉଠି ଦେଇପାରିବି ? ତୁମକୁ ମହଲିଆ ପରି କାମ କରିବାକୁ ହେବ ।

ମହଲିଆ ତ ଚପରାଶି । ମୋତେ କଣ ଚପରାଶି କାମରେ ରଖିବେ ଆପଣ ? ମୁଁ ପ୍ରଶ୍ନ କଲି ।

ରଘୁବାବୁ ମୋ ପ୍ରଶ୍ନର କୌଣସି ଉତ୍ତର ଦେଲେ ନାହିଁ ।

ମୁଁ ପୁଣି ପଚାରିଲି, ମୋର ଦରମା କଣ ଦେବେ ?

ଦଶ ଟଙ୍କା ଦେବି । ମାଲିକ କହିଲେ ।

Digitized by srujanika@gmail.com

ଦଶ ଟଙ୍କା ? ମୁଁ ନୈରାଶ୍ୟ ଭରା ସ୍ୱରରେ ପ୍ରଶ୍ନ କଲି ।

ନ ହେଲେ କାହିଁ ଟଙ୍କା ଦେବ ।

କଟକରେ ମୋର ତିରିଶ ଟଙ୍କାର ଦରକାର ରହିଛି । ମୁଁ ଦମ୍ଭର ସହିତ କହିଲି । ମୁଁ ଆପଣଙ୍କର ଏ କାମ କରିପାରିବି ନାହିଁ ।

ମାଲିକ ସଙ୍ଗେ ସଙ୍ଗେ ଗୋଟିଏ ଟଙ୍କା ବାହାର କରି ଟେବୁଲ ଉପରେ ଥୋଇ ଦେଲେ । କହିଲେ, ନିଅ, ଏ ବାଟ-ଖର୍ଚ୍ଚ ନେଇ ଚାଲିଯାଅ ।

ତାଙ୍କର ବ୍ୟବହାରରେ ମୋର ବିରକ୍ତି ଏତେଦୂର ବଢ଼ି ଯାଇଥିଲା ଯେ, ତାଙ୍କୁ ଆଉ କୌଣସି କଥା କହିବାକୁ ଘୃଣାବୋଧ ହେଲା । ନୀରବରେ ଟଙ୍କାଟି ଉଠାଇ ଆଣି ଚାଲି ଆସିଲି ।

ଚାଲି ଚାଲି ଅଢ଼େଇ ଦିନପରେ ଆସି କଟକରେ ପହଞ୍ଚିଲି ।

କମ୍ପାଉଣ୍ଡରୀ ଅଧ୍ୟୟନ

୧୯୨୫ ମସିହା ମାର୍ଚ୍ଚ ମାସ । ରାଜକନିକା ହାଇସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ଯେଉଁ ଉଦୟ କର ମିଶ୍ରଙ୍କୁ ମୁଁ ସ୍କୁଲ ଛଡ଼ାଇ ୧୯୨୧ ମସିହାରେ କଟକ ସ୍ୱରାଜ ଆଶ୍ରମକୁ ସାଙ୍ଗରେ ନେଇ ଯାଇଥିଲି, ସେ ମଫସଲ ପ୍ରଚାରରେ ଯାଇଥିବା ବେଳେ ମୁଁ ଆଶ୍ରମ ଛାଡ଼ିଥିଲି । ସେହିଦିନ ଠାରୁ ତାଙ୍କର ମୁଁ କୌଣସି ଖବର ରଖି ନ ଥିଲି । ହଠାତ୍ ତାଙ୍କ ସାଙ୍ଗରେ ଦିନେ ରାସ୍ତାରେ ଦେଖା ହୋଇଗଲା । ତାଙ୍କଠାରୁ ଜାଣିଲି ସେ ବର୍ତ୍ତମାନ କଟକ ମେଡ଼ିକାଲ ସ୍କୁଲରେ ପ୍ରଥମ ବାର୍ଷିକ ଡାକ୍ତରୀ ଛାତ୍ର । ପ୍ରସଙ୍ଗ କ୍ରମେ ତାଙ୍କଠାରୁ ଜାଣିଲି, ଏପ୍ରେଲ ମାସରେ କମ୍ପାଉଣ୍ଡରୀ ଅଧ୍ୟୟନ ନିମନ୍ତେ ଛାତ୍ର ଗ୍ରହଣ କରାହେବ । ଉଦୟ କର ମୋତେ ପରାମର୍ଶ

Digitized by srujanika@gmail.com

ଦେଇ କହିଲେ, ତୁମେ କମ୍ପାଉଣ୍ଡର ପଢ଼ିବା ପାଇଁ ଗୋଟିଏ ଦରଖାସ୍ତ ଦିଅ । ଆର ମାସରେ ହେଉଛି ପରୀକ୍ଷା । ସେହି ପରୀକ୍ଷାରେ ଯୋଗ ଦେଇ ଭାଗ୍ୟ ପରୀକ୍ଷା କର । ତୁମ କପାଳରେ ସୁଯୋଗ ଫୁଟିଯାଇ ପାରେ ।

ଯଥା ସମୟରେ କମ୍ପାଉଣ୍ଡର ଛାତ୍ର ଗ୍ରହଣ ପରୀକ୍ଷାରେ ଯୋଗ ଦେଲି । ସେ ଥର ୯୩ ଜଣ ପ୍ରାର୍ଥୀ ଥାଆନ୍ତି । ମୋର ଯୋଗ୍ୟତା ସର୍ବ ନିମ୍ନ । ଜଗନ୍ନାଥଙ୍କର କରୁଣା ହେଲା । ୯୩ ପ୍ରାର୍ଥୀ ମଧ୍ୟରୁ ମାତ୍ର ୧୫ ଜଣ ନିଆଗଲେ ମଧ୍ୟ ମୁଁ ସେହି ୧୫ ଜଣଙ୍କ ଭିତରେ ସ୍ଥାନ ପାଇ କମ୍ପାଉଣ୍ଡର କ୍ଲାସରେ ଆଡମିସନ ନେଲି ।

ଭାଇ ଡାକ୍ତର ଥିବାରୁ ତାଙ୍କ ଠାରୁ ପଢ଼ା ବୁଝି ନେବାର ଯଥେଷ୍ଟ ସୁବିଧା ହେଲା । ଦଶ ମାସର ପାଠ୍ୟକୁ ମାତ୍ର ଛଅମାସ ମଧ୍ୟରେ ଆୟତ୍ତ କରିବାରେ ମୁଁ ସମର୍ଥ ହେଲି ।

ଭାଇ ମହୁଲା ସାହିର ବସା ବଦଳାଇ ଆସି ମଙ୍ଗଳାବାଗ ମହାରାଜ ସାହିରେ ଦେଇଛାଣ ମହାରାଜଙ୍କ ଭଡ଼ାଘରେ ରହୁଥାନ୍ତି । ଆମ ଘରକୁ ଲାଗି ସେହି ଦେଇଚ୍ଛାଣ ମହାରାଜଙ୍କର ଆଉ ଦୁଇଟି ଭଡ଼ାଘର ଥାଏ । ଗୋଟିଏ ଘରେ ଜଗନ୍ନାଥ ତ୍ରିପାଠୀ ନାମରେ ଜଣେ ଓଭରସିଅର ରହୁଥାନ୍ତି । ଅନ୍ୟ ଘରଟିରେ ତିନି ଜଣ ରହୁଥାନ୍ତି, ରାଧା ମୋହନ ଶାସ୍ତ୍ରୀ ନାମରେ ଜଣେ ବ୍ୟାଙ୍କର ଅଡିଟର, ଯଦୁନାଥ ଷଡ଼ଙ୍ଗୀ ଜଣେ ପି· ଡବ୍ଲ୍ୟୁ. ଡ଼ି. କ୍ୟାସିଅର, ବାଞ୍ଛାନିଧି ମହାପାତ୍ର ଜଣେ ଡାକ୍ତର ।

ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ମଝି କ୍ୱାଟର ସାମନାରେ ଥିବା ଚୌତରା ଉପରେ ବାବୁମାନଙ୍କର ତାସଖେଳ ହୁଏ । ଅନ୍ତ

ଅଳ୍ପଦିନ ମଧ୍ୟରେ ଜଗନ୍ନାଥ ବାବୁଙ୍କ ସହିତ ମୋର ବନ୍ଧୁତା ଖୁବ୍ ଘନିଷ୍ଠ ହୋଇ ଉଠିଲା ।

କିଛି ଦିନ ପରେ ଭାଇଙ୍କର କଟକରୁ ପୁରୀକୁ ବଦଳି ହେଲା । ସେ ପରିବାର ସହ ପୁରୀ ଚାଲିଗଲେ । ରାଧା ମୋହନ ବାବୁ ରହୁଥିବା କ୍ୱାର୍ଟରକୁ ମୁଁ ଚାଲିଗଲି । ବାବୁ ମାନଙ୍କର ଗୋଟିଏ ମେସ୍ ଥାଏ । ସେହି ମେସରେ ମୋର ଖାଇବା ପାଇଁ ଭାଇ ଠିକ୍ କରି ଦେଇଗଲେ । ମାସକର ଖର୍ଚ୍ଚ ପାଇଁ ମୋତେ ପନ୍ଦର ଟଙ୍କା ବି ଦେଇଗଲେ । ସେ ମେସରେ ଖାଇବା ଖର୍ଚ୍ଚ ମାସକୁ ବାରଟଙ୍କା ପଡ଼େ । ଅବଶିଷ୍ଟ ତିନି ଟଙ୍କାରେ ମୋର ଜଳଖିଆ ଆଦି ଖର୍ଚ୍ଚ ଚଳିଯାଏ । ଦୁଇମାସ ପରେ ତୃତୀୟ ମାସକୁ ଭାଇ ପନ୍ଦର ଟଙ୍କା ପରିବର୍ତ୍ତେ ବାରଟଙ୍କା ମୋର ଖର୍ଚ୍ଚ ପାଇଁ ପଠାଇଲେ । ମୁଁ ଆଉ ମେସ୍‌ରେ ଖାଇଲି ନାହିଁ । ଭାଇଙ୍କର ଇକମିକ୍ କୁକରଟି ମୋ ପାଖରେ ଥିଲା । ସେହି କୁକରରେ ରାନ୍ଧି ଖାଉଥିଲି ।

ସିନିୟର ଜୁନିୟର ହୋଇ ଦୁଇଟି ଦଳରେ ଆମେ ପଚାଶ ଜଣ କମ୍ପାଉଣ୍ଡର ଛାତ୍ର ଥାଉ । ମେଡ଼ିକାଲ ସ୍କୁଲ ଆଉଟ ଡୋରରେ ଆମର କ୍ଲାସ୍ ହୁଏ । କାପଟେନ କେ. ଏମ. ବସୁ ଆମକୁ ପଢ଼ାନ୍ତି । ଆଉଟଡୋର କମ୍ପାଉଣ୍ଡର ଲିଙ୍ଗରାଜ ନେପାକ ଆମର ଡିଉଟି ବାଣ୍ଟନ୍ତି । ମେଡ଼ିକାଲ ସ୍କୁଲରେ ପ୍ରବେଶ ଦିନରୁ ସେ ମୋତେ ବାଛି ନେଇଥିଲେ ତାଙ୍କ ପାଖରେ ବସି ରହସ୍ୟାଳାପ କରିବା ପାଇଁ । ସେଥିପାଇଁ ସେ ମୋତେ ଆଦୌ ପାଖଛଡ଼ା କରିବାକୁ ଚାହୁଁ ନଥିଲେ । ମୋର ପ୍ରଥମ ଛ ମାସ ଅପରେସନ ରୁମ୍‌ରେ ଡିଉଟି ପଡ଼ୁଥାଏ । ମାତ୍ର ଲିଙ୍ଗରାଜ ବାବୁ ମୋତେ ଅପରେସନ ରୁମକୁ ଯିବାକୁ ଦିଅନ୍ତି ନାହିଁ ।

Digitized by srujanika@gmail.com

ଏହିପରି କିଛୁଦିନ ବିତିଯିବା ପରେ ମୁଁ ଜାଣି ପାରିଲି, ଲିଙ୍ଗରାଜ ବାବୁ କେବଳ ଗମାତଆ ଲୋକ ନୁହନ୍ତି, ଜଣେ ନାମଜାଦା ମଦ୍ୟପ ମଧ୍ୟ ।

କ୍ରମେ କ୍ରମେ ଲିଙ୍ଗରାଜ ବାବୁଙ୍କର ସ୍ୱରୂପ ପ୍ରକଟିତ ହେବାକୁ ଲାଗିଲା । ସେ ମୋତେ ତାଙ୍କର ମଦ୍ୟପ ସାଙ୍ଗ କରି ନେବାକୁ ଚେଷ୍ଟାକଲେ । ମୋତେ ସେ ନାନା ପ୍ରକାରେ ପ୍ରବର୍ତ୍ତାଇବାକୁ ଲାଗିଲେ ।

ମୋର ପରମବନ୍ଧୁ ଓଜରସିର ଜଗନ୍ନାଥ ବାବୁଙ୍କୁ ଏ ସମସ୍ତ କଥା କହି ତାଙ୍କର ପରାମର୍ଶ ଲୋଡ଼ିଲି । ସେ ଗୋଟିଏ ଭଲ ପରାମର୍ଶ ଦେଲେ । କହିଲେ, ଆପଣ କହନ୍ତୁ—ଜଗନ୍ନାଥ ବାବୁଙ୍କୁ ମୋର ଘର ମୋର ଅଭିଭାବକ ନିଯୁକ୍ତ କରିଛନ୍ତି । ଜଗନ୍ନାଥ ବାବୁଙ୍କର କଡ଼ା ତାଗିଦ ମଦ୍ୟ ଛୁଇଁବା ପରେ ମୁଁ ଯେମିତି ବସାରୁ ବାହାରକୁ ନଯାଏ ।

ମୁଁ ସେ କଥା ଲିଙ୍ଗରାଜ ବାବୁଙ୍କୁ କହିଲି । ମାତ୍ର ସେ ମୋତେ ହସରେ ଉଡ଼ାଇ ଦେଲେ । ଖୁବ ଜୋରେ ହସିଦେଇ କହିଲେ, ହଇରେ ଅଭିଭାବକ କଣ ? ତୁ କଣ ପିଲା ହୋଇଛୁ ? ତୋତେ ତ ବାଇଶବର୍ଷ ହେଲାଣି, ତୁ ସାବାଳକ ହେଲୁଣି । ତୋର ଗୋଟାଏ ଅଭିଭାବକ କଣ ?

ମୁଁ କହିଲି ଆଜ୍ଞା, ଆପଣ ବୁଝୁ ନାହାଁନ୍ତି । ଜଗନ୍ନାଥ ବାବୁ ଯେବେ ମୋ ବଡ଼ଭାଇଙ୍କୁ ଲେଖନ୍ତି ଆଉ ଘର ପଡ଼ ମୋର ଖର୍ଚ୍ଚ ଟଙ୍କା ବନ୍ଦ କରି ଦିଅନ୍ତି ମୁଁ ପଢ଼ିବ କେମିତି ? ମୋର ଏଇ ଉତ୍ତରରେ ସେ ଆଉ କିଛି କହିଲେ ନାହିଁ । ସେହି

Digitized by srujanika@gmail.com

ସେଦିନଠାରୁ ସେ ମୋତେ ଆଉ ତାଙ୍କର ସଙ୍ଗ ସାଥି ହେବା ପାଇଁ ଡାକିଲେ ନାହିଁ ।

ସେହି ସମୟରେ କଟକ ଠାରୁ ବାର ତେର ମାଇଲ ଦୂରବର୍ତ୍ତୀ ଫତେଗଡ଼ର ବାଘ ପୋଖରୀ ନାମକ ସ୍ଥାନରେ ଜଣେ ସାଧୁ ହୁକୁମ ଦେଉଥାନ୍ତି । ତାଙ୍କ ହୁକୁମରେ ବହୁରୋଗୀ ଆରୋଗ୍ୟ ହେଉଥିବାର ଶୁଣା ଯାଉଥାଏ । ଲିଙ୍ଗରାଜ ବାବୁ ସେହି ହୁକୁମ ଦେଖି ଯିବାପାଇଁ ମୋତେ ସାଥି କଲେ । ଦିନରେ ଯାଇ ଦିନରେ ଆସିବୁଁ । ସେଥିରେ ଅସ୍ୱୀକୃତ ହେବା ପାଇଁ ମୋର କିଛି କାରଣ ନଥିଲା । ମୋ ପାଇଁ ଗୋଟାଏ ସାଇକେଲ ଯୋଗାଡ଼ କରି ଦେଲେ ।

ଦିନ ଗୋଟାଏ ବେଳେ ଯାତ୍ରା କରି ତିନଟା ବେଳେ ହୁକୁମ ସ୍ଥାନରେ ପହଞ୍ଚିଲୁଁ । ଦେଖିଲୁ ଗୋଟାଏ ବଡ଼ ପଡ଼ିଆରେ ଠାଆ ଠାଆ ହୋଇ ହୁକୁମ ନଡ଼ିଆ ସବୁ ଗଦା ମରିଛି । ଗଣି ଦେଖିଲୁ ୮।୧୦ଟା ଗଦା ହେବ । ସେତେବେଳେ ନଡ଼ିଆ ଅବଶ୍ୟ ମୂଲ୍ୟବାନ ନଥିଲା । ଦୁଇ ପଇସାରେ ଗୋଟିଏ ନଡ଼ିଆ ହେବ । ମାତ୍ର ନଡ଼ିଆର ସଂଖ୍ୟା ଜଣାଇ ଦେଉଥିଲା ଶହ ଶହ ଲୋକ କିପରି ହୁକୁମ ପାଇଁ ଧାଉଁଛନ୍ତି ।

୧୯୫୫ ମସିହାରେ ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଅନୁଗୁଳ ନିକଟବର୍ତ୍ତୀ ଉନ୍ତଲେଇ ନାମକ ସ୍ଥାନରେ ଏହିପରି ଏକ ହୁକୁମ ଦିଆ ହେଉଥିଲା । ହୁକୁମ ଦେଉଥିଲା ବାର ବର୍ଷର ଜଣେ ଗଉଡ଼ ପିଲା । ସେ ହୁକୁମ ଆଣିବା ପାଇଁ ସେଠାରେ ଅସଂଖ୍ୟ ଲୋକ ଜମିଲେ । ଏପରିକି କେତେକ ମନ୍ତ୍ରୀ ମଧ୍ୟ ସେଥିରୁ ବାଦ ପଡ଼ିଲେ ନାହିଁ । ତତ୍କାଳୀନ

Digitized by srujanika@gmail.com

ହରେକୃଷ୍ଣ ମହତାବ ସେତେବେଳେ ବମ୍ବେରେ ଲାଟ ଥାନ୍ତି । ସେ କେତେଦିନ ପାଇଁ ଓଡ଼ିଶାକୁ ଆସିଥିଲେ । ଉନ୍ନଲେଇ ହୁକୁମର ଏବଂ ସରକାରର ତୀବ୍ର ସମାଲୋଚନା କଲେ । ନୋବେଲ ପୁରସ୍କାର ପ୍ରାପ୍ତ ସାର ସି. ଭି. ରମଣ ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେବାକୁ ଆସୁଥିଲା ବେଳେ ଟ୍ରେନରେ ଅତ୍ୟଧିକ ଲୋକ ଭିଡ଼ ଦେଖି ଭିଡ଼ର କାରଣ ଅନୁସନ୍ଧାନ କରି ଜାଣିପାରିଲେ ଯେ, ଉନ୍ନଲେଇ ହୁକୁମ ଆଣିବା ଉଦ୍ଦେଶ୍ୟରେ ବହୁସଂଖ୍ୟକ ଲୋକ ସେଠାକୁ ଯିବା ଲାଗି ଟ୍ରେନରେ ଯାଉଛନ୍ତି । ସେ ମଧ୍ୟ ସେହି ହୁକୁମର ତୀବ୍ର ସମାଲୋଚନା କରି ସରକାରଙ୍କୁ ଚେତାବନୀ ଶୁଣାଇଲେ । ନାଗ୍ଯନେତ୍ରୀ ମାଳତୀ ଚୌଧୁରୀ ମଧ୍ୟ ଉନ୍ନଲେଇ ପରି ଏକ କ୍ଷୁଦ୍ର ସ୍ଥାନରେ ପ୍ରତ୍ୟେକ ଶହ ଶହ ଲୋକ ରୁଣ୍ଡ ହେଉଥିବା ଏବଂ ସେମାନଙ୍କର ସ୍ୱାସ୍ଥ୍ୟରକ୍ଷା ଦିଗରେ କୌଣସି ବ୍ୟବସ୍ଥା ନ ଥିବାରୁ ସରକାରଙ୍କୁ ଶୀଘ୍ର ସେଠାରେ କଲେରା ପ୍ରତିଷେଧକ ବ୍ୟବସ୍ଥା କରିବାର ପରାମର୍ଶ ଦେଇଥିଲେ । ଏହିସବୁ ସମାଲୋଚନା ଭିତରେ ସେଠାରେ କଲେରା ଆରମ୍ଭ ହୋଇଗଲା । ସରକାର ସଙ୍ଗେ ସଙ୍ଗେ ହୁକୁମ ବନ୍ଦ କରାଇ ଦେଇଥିଲେ ।

କଥାରେ କହନ୍ତି ଓଡ଼ିଆ ମେଣ୍ଢା । ମେଣ୍ଢାଦଳରୁ ଆଗକର ଗୋଟିଏ ମେଣ୍ଢା ଯୁଆଡ଼େ ଯାଏ, ସେ ଡିପକୁ ଯାଉ ବା ଖାଲକୁ ଯାଉ ଅନ୍ୟ ମେଣ୍ଢାମାନେ ତାର ପଛେ ପଛେ ସେହି ଦିଗରେ ଦୌଡ଼ନ୍ତି । ଆମର ଲୋକମାନେ କିଛି ନ ବୁଝି ନ ସୁଝି ଶୁଣା କଥାରେ ଭାସି ଯିବାରେ ବେଶ୍ ପାରଙ୍ଗମ ।

ଯାହାହେଉ ଲିଙ୍ଗରାଜବାବୁ ଆଉ ମୁଁ ହୁକୁମ ସ୍ଥାନ ବୁଲି ଦେଖିଲୁଁ । ସନ୍ଧ୍ୟାବେଳକୁ କଟକ ଫେରି ଆସିଲୁ ।

Digitized by srujanika@gmail.com

ମୁଁ ଜଗନ୍ନାଥବାବୁଙ୍କର ମେସ୍ ଗୃହ କୁକାରରେ ରାନ୍ଧ ଖାଇବାର ମାସ ଦୁଇଟା ଯାଇଛି କି ନାହିଁ ସାନ ନାନୀଙ୍କ ଠାରୁ ଚିଠି ପାଇଲି ଯେ, ତାଙ୍କ ପୁଅର ନୂଆ ମାସର ସ୍କୁଲ ଦରମା ବାକି ଅଛି । ଘରଖର୍ଚ୍ଚକୁ ବି ପଇସାଟିଏ ନାହିଁ । ସେ ଭାଇଙ୍କୁ ପତ୍ର ଦେଇଥିଲେ । ଭାଇ କିନ୍ତୁ କିଛି ସାହାଯ୍ୟ କଲେ ନାହିଁ । ମୁଁ ଯଦି ଶୀଘ୍ର ସାତଟଙ୍କା ନ ପଠାଏ ତାଙ୍କ ପୁଅର ସ୍କୁଲରୁ ନାଁ କଟିଯିବ ।

ମାଙ୍କର ସନ୍ତୋଷରକ୍ଷା କରିବାକୁ ଯାଇ ଭାଇଙ୍କର ଇଚ୍ଛା ବିରୁଦ୍ଧରେ ମୁଁ ସିନା ନାନୀଙ୍କୁ ଗାଁରେ ବାହା ଦେଇଥିଲି । ମାତ୍ର ତାଙ୍କର ବିଡ଼ମ୍ବିତ ଭାଗ୍ୟକୁ କିଏ ବଦଳାଇବ ? ବିବାହର ମାତ୍ର ପାଞ୍ଚଟି ବର୍ଷ ପରେ ସେ ବିଧବା ହେଲେ । ତା ପରେ ଶାଶୁ ଓ ବିଧବା ନଣନ୍ଦଙ୍କୁ ମଧ୍ୟ ହରାଇଲେ । ଶିଶୁ ପୁଅଟି ସଙ୍ଗରେ ସେ ବହୁତ ଅଭାବ ଅନାଟନ ଭିତରେ ରହୁଥାନ୍ତି ।

ନାନୀଙ୍କର ପତ୍ର ପାଇ ଭାଇଙ୍କଠାରୁ ପାଉଥିବା ବାର ଟଙ୍କାରୁ ସାତଟଙ୍କା ସଙ୍ଗେ ସଙ୍ଗେ ମନିଅର୍ଡ଼ର ଯୋଗେ ତାଙ୍କ ପାଖକୁ ପଠାଇ ଦେଲି । ଅବଶିଷ୍ଟ ପାଞ୍ଚଟଙ୍କାରେ ମୋତେ ମାସଟିଏ ଚଳିବାକୁ ହେବ ।

କୁକାରରେ ମାସକୁ ଟିଣେ କାଠ କୋଇଲା ଜଳେ । ଟିଣେ କୋଇଲାର ଦାମ ଚାରିଅଣା ପଇସା । ବର୍ତ୍ତମାନର ପଚିଶ ପଇସା । ଗୋଟିଏ ଗଞ୍ଜୁଡ଼ୁଣୀ ବୁଢ଼ୀ ମୋର ବାସନ ଧୁଏ, ଘର ଓଳାଏ ଓ ଗାଧୋଇବା ପାଇଁ କୂଅରୁ ପାଣି କାଢ଼ିଦିଏ । ସେଥିପାଇଁ ସେ ମାସକୁ ମୋ ଠାରୁ ଦଶ ଅଣା ପଇସା ପାଏ । ମୋର ଜଳଖିଆ ଦିନକୁ ଅଧଲାଏ ହିସାବରେ ମାସକୁ ଚାରିଅଣା

Digitized by srujanika@gmail.com

ଦରକାର । ଏ ତିନୋଟି ଖର୍ଚ୍ଚ ପାଇଁ ପାଞ୍ଚ ଟଙ୍କାରୁ ଏକ ଟଙ୍କା ଦୁଇଅଣା ବାଦ ଗଲେ ଅବଶିଷ୍ଟ ତିନ ଟଙ୍କା ଚଉଦ ଅଣାରେ ମାସକର ଖାଇବା ଖର୍ଚ୍ଚ ଚଳାଇବାକୁ ହେବ । ଦୁଇ ଓଳ ଭାତ ଖାଇବା ଛାଡ଼ିଦେଲି ।

ସକାଳେ ମେଡ଼ିକାଲ ସ୍କୁଲକୁ ଯିବା ପୂର୍ବରୁ ଲୁଗାରେ ଭାତ ଆଉ ହରଡ଼ ଡାଲି ବସାଇ ଦେଇଥାଏ । ଗୋଟାଏ ବେଳେ ମେଡ଼ିକାଲରୁ ଫେରିବା ସମୟରେ ହାତରେ କିଛି ରଦ୍ଦି କାଗଜ ଆଣିଥାଏ । ଲଙ୍କା, ସୋରିଷତେଲ, କରଚୂଲୀ ଏକାଠି ପାଖରେ ଥାଏ । ଦୁଇ ଖଣ୍ଡ ଇଟା ମଝିରେ କାଗଜ ଜାଳି ଡାଲିକୁ ଛୁଙ୍କ ଦିଏ । ସେଇ ଭାତ ଡାଲିରେ ମୋର ଭୋଜନ ହୋଇଥାଏ । ସକାଳେ ଅଧଲାକର ଦୁଇଟି ସ୍ଲେଟ ପିଆଜ ଜଳଖିଆ କରିଥାଏ । ସନ୍ଧ୍ୟାରେ ଜଳଖିଆ ତ ଖାଏ ନାହିଁ, ପ୍ରତିଦିନ ମଧ୍ୟ ରାତିରେ ଭାତ ଖାଇବା ସମ୍ଭବ ହୁଏନାହିଁ । ଦିନେ ଗୁଡ଼ ଦିନେ ସର୍ଷ ଭୋଜନରେ ତିନି ପଇସାର ଅଧପାଏ ରୁଟି ଖାଏ ।

ଦ୍ୱିତୀୟ ମାସରେ ନାନାଙ୍କୁ ପାଞ୍ଚ ଟଙ୍କା ପଠାଇ ମୋର ଖର୍ଚ୍ଚ ପାଇଁ ସାତ ଟଙ୍କା ରଖିଲି । ହେଲେ ଦୁଇ ଓଳା ଭାତ ଖାଇବା ସମ୍ଭବ ହେଲା ନାହିଁ । ତେବେ ଦିନଓଳା ପେଟ ପୂରାଇ ଭାତ ଖାଇପାରିଲି ।

କଟକ ସହରରେ ମାସିକ ସାତଟଙ୍କା ମାତ୍ର ବ୍ୟୟରେ ଚଳିବାର କଷ୍ଟକର ପରୀକ୍ଷାର ପରିସମାପ୍ତି ସେତିକରେ ହେଲା ନାହିଁ ।

ଶୀତ ଋତୁର ଆରମ୍ଭ ହୋଇଗଲା । ଦୁଇଖଣ୍ଡି ଧୋତି, ଦୁଇଟି ସାର୍ଟ ଆଉ ଖଣ୍ଡିଏ ଗାମୁଛା ଭିନ୍ନ ଅନ୍ୟ ବସ୍ତ୍ର ମୋର

Digitized by srujanika@gmail.com

ଯଥିଲା । ରାତିରେ ଅଣ୍ଡାରେ ବଡ଼ କଷ୍ଟ ହୁଏ । ଘୋର ଅସୁବିଧା ଭିତରେ ସୁବିଧା ଏତିକି ଥାଏ ଯେ, ମୁଁ କ୍ୟାନଭାସ ଖଟରେ ଶୋଉଥାଏ । ବିଛଣା ସୁଦର ନ ଥିଲେ ମଧ୍ୟ କ୍ୟାନଭାସର ଗରମ ଗୁଣ ହେତୁ ପିଠି ପାଖକୁ ବିଶେଷ ଶୀତ ହୁଏ ନାହିଁ । ଗୋଟିଏ ଧୋତି ଦୁଇ ପରସ୍ତ କରି ଘୋଡ଼ାଇ ହେଲେ ମଧ୍ୟ ଛାତିକୁ ଶୀତ ଦାଉରୁ ରକ୍ଷା କରିବା କଷ୍ଟକର ହୁଏ ।

ଗୋଟିଏ ରାତିରେ ଏତେ ଶୀତ ହେଲା ଯେ ମୁଁ ଶୋଇ-ପାରିଲି ନାହିଁ । କାନ୍ଥରେ ଗୋଟିଏ କଣ୍ଟା ମାରି ଲଣ୍ଠନର କାଚ ଆବରଣକୋଣ୍ଟ ତାର ଦୁଇଟିର ମିଳନ ସ୍ଥାନକୁ ସେହି କଣ୍ଟାରେ ଅଟକାଇ ଦେଲି । ଲଣ୍ଠନକୁ ତେଜ ଦେଲି । ସେହି ଲଣ୍ଠନ ଆଗରେ ଗୋଟିଏ ଚୌକିରେ ବସି ରହିଲି । ତଥାପି ଶୀତରେ ଥର ଥାଉଥାଏ । ସେହିପରି ଶୀତରେ ଥର ଥର କଣ୍ଟ୍ରି ସମସ୍ତ ବସିବା ପରେ ହଠାତ୍ କାହିଁକି କାନ ମାଡ଼ିଲା । କେତେ ସମୟ ଧରି କାନ୍ଦୁଛି ତାହା ମୋର ଖିଆଲ ନାହିଁ । ମୋର ଯେତେଦୂର ସ୍ମରଣ ଅଛି ଘଣ୍ଟେ ସମୟ ଧରି କାନ୍ଦୁଛି । ଯାହାହେଉ କାନ୍ଦଣା ପ୍ରଭାବରେ ଶୀତ ଆଉ ଜଣାଗଲା ନାହିଁ । କିନ୍ତୁ ଆଖିକୁ ନିଦ ଆସିଲା ନାହିଁ । ସେହିପରି ବସି ବସି ରାତି କଟାଇଦେଲି ।

ଭୋର ସମୟକୁ ଜଗନ୍ନାଥବାବୁ ଆସି ଦୁଆରେ ଡାକ ପକାଇଲେ । ମୁଁ ଧଡ଼ପଡ଼ ହୋଇ ଉଠିପଡ଼ି କବାଟଟା ଖୋଲି ଦେଲି । ଜଗନ୍ନାଥବାବୁ ଭିତରକୁ ପଶି ଆସୁ ଆସୁ କହିଲେ, ରାତିରେ ଆପଣ କ ନୁଥିଲେ ?

ସ୍ୱପ୍ନ ଦେଖିଲେ ନା କଣ ? ମୁଁ ଖୁବ୍ ଦମ୍ଭର ସହିତ କହିଲି । ଭୁଣ୍ଡରେ ଏତକ କହିଲି ସିନା, ମୁହଁ ଧୋଇ ନଥିଲି କ ପୋଛୁ

Digitized by srujanika@gmail.com

ତ ନଥିଲ । ମୋ ଆଖିରେ ଲୋତକର ଅବଶେଷ ଥାଇପାରେ । ଜଗନ୍ନାଥବାବୁ ମୋ ମୁହଁକୁ ନିରଖି ନିରଖି ଚାହିଁଲେ । କାନ୍ଥରେ ଜଳୁଥିବା ଲଣ୍ଠନକୁ ଚାହିଁଲେ । କହିଲେ, ହଁ ଆପଣ କାନ୍ଦୁଥିଲେ । କଥା ସଙ୍ଗେ ସଙ୍ଗେ ସେଠୁ ବାହାରି ଗଲେ ।

ମୋ ଘର ପାଖକୁ ଲାଗି ଜଗନ୍ନାଥ ବାବୁଙ୍କର ଶୋଇବା ଘର । ଶୀତରେ ମୁଁ ବସି ବସି କାନ୍ଦୁଥିବା ସମୟରେ ହୁଏତ କେତେବେଳେ ବଡ଼ ପାଟିରେ କାନ୍ଦି ପକାଉଥାଏ । ତାହା କିନ୍ତୁ ମୁଁ ସ୍ମରଣ କରି ପାରିଲି ନାହିଁ । ଯାହା ହେଉ ମୋର କାନ୍ଦଣା ସ୍ୱର ଜଗନ୍ନାଥ ବାବୁ ନିଶ୍ଚୟ ଶୁଣିଛନ୍ତି । ସକାଳେ ମୋର ମୁହଁ ଆଉ ଲଣ୍ଠନ ଜଳୁ ଥିବାର ଦେଖି ଘଟଣାଟା ସତ୍ୟ ବୋଲି ତାଙ୍କର ଧାରଣା ହେବା ସ୍ୱାଭାବିକ । ଦିନ ଭିତରେ ତାଙ୍କ ସଙ୍ଗରେ ଦେଖା କରିବାକୁ ମୋର ଇଚ୍ଛା ହେଲାନାହିଁ । ମୁଁ ତାଙ୍କୁ ଲୁଚି ଲୁଚି ରହିଲି ପରି ଦିନ ସାରା କଟାଇ ଦେଲି ।

ରାତି ଆଠଟା ହେବ । ଜଗନ୍ନାଥ ବାବୁଙ୍କର ପିଅନ ଆସି ମୋତେ ଡାକନେଲା । ମୁଁ ଜଗନ୍ନାଥ ବାବୁଙ୍କ ଘରକୁ ଯାଇ ଦେଖିଲି, ସେ ଏକା ନୁହନ୍ତି । ରାଧାମୋହନ ବାବୁ ଓ ଯଦୁନାଥ ବାବୁ ଦୁହେଁ ମଧ୍ୟ ବସିଛନ୍ତି । ମୁଁ ପହଞ୍ଚିବାକ୍ଷଣି ସମସ୍ତେ ସମସ୍ୱରରେ ମୋତେ ବସିବାକୁ କହିଲେ । ଯଦୁବାବୁ କହିଲେ, ହରିବାବୁ, ଆମେ ଆପଣଙ୍କୁ ଗୋଟିଏ ଅନୁରୋଧ କରିବୁଁ, ଆପଣ ରକ୍ଷା କରିବେ ତ ? ମୁଁ କିଛି ବୁଝି ପାରିଲି ନାହିଁ । ସଙ୍ଗେ ସଙ୍ଗେ ରାଧା ମୋହନ ବାବୁ ମଧ୍ୟ ସେହି କଥା କହିଲେ । ମୁଁ କହିଲି, କଣ କହନ୍ତୁ ।

ଆମ ଅନୁରୋଧ ରକ୍ଷା କରିବେ ବୋଲି ଆପଣ ଆଗ ପ୍ରତିଶ୍ରୁତି ଦିଅନ୍ତୁ । କହିଲେ ଯଦୁବାବୁ ।

Digitized by srujanika@gmail.com

ମୁଁ କହିଲି, ଆପଣମାନେ ନିଶ୍ଚୟ ଅନ୍ୟାୟ କଥା କରୁ କହିବେ ନାହିଁ । ମୁଁ କାହିଁକି ରକ୍ଷା ନ କରିବ ?

ରାଧାମୋହନ ବାବୁ ଓ ଯଦୁନାଥ ବାବୁ ଉଭୟେ ସମସ୍ବରରେ କହି ଉଠିଲେ ଠିକ୍ କହୁଛନ୍ତି । ଆମେ ନିଶ୍ଚୟ କଛୁ ଅନ୍ୟାୟ ଅନୁରୋଧ କରିବୁ ନାହିଁ । ଆପଣ ନିଶ୍ଚୟ ରକ୍ଷା କରିବେ ।

କଣ କହନ୍ତୁ । ମୁଁ କହିଲି ।

ଯଦୁନାଥ ବାବୁ କହିଲେ, ଜଗନ୍ନାଥ ବାବୁ ଆପଣଙ୍କ ପାଇଁ ଖଣ୍ଡେ ଧୋତି ଆଉ ଖଣ୍ଡେ କମ୍ବଳ ଆଣିଛନ୍ତି । ଆପଣ ସେ ଦିଖଣ୍ଡ ନିଅନ୍ତୁ । ଖଟ ଉପରେ ଥୁଆ ହୋଇଥିବା ଧୋତି ଆଉ କମ୍ବଳକୁ ଉଠାଇ ଧରିଲେ ।

ମୋର ମନେ ହେଲା, ଏ ଅପମାନ କେବଳ ମୋତେ ନୁହେଁ, ମୋର ଭାଇଙ୍କୁ ବି । ମୁଁ ବଡ଼ ପାଟିରେ କାନ୍ଦି ଉଠିଲି । ଆଖି ପିଛୁଳାକେ ଉଠିପଡ଼ି ବାହାରି ଆସିଲି । ସେମାନେ ମୋତେ ଆଉ କୌଣସି କଥା କହିବାର ଅବସର ପାଇଲେ ନାହିଁ ।

ଏହି ଘଟଣାର ସ୍ବଳ୍ପଦିନ ପରେ ମୁଁ ଜଗନ୍ନାଥ ବାବୁଙ୍କ ଘରେ ବସି ତାଙ୍କ ସଙ୍ଗରେ କଥାବାର୍ତ୍ତା ହେଉ ହେଉ ଜଗନ୍ନାଥ ବାବୁ କହିଲେ, ହରିବାବୁ, ମୁଁ ଗୋଟିଏ କଥା କହୁଛି । ଆପଣ ଧୀର ଚିତ୍ତରେ ବିଚାର କରନ୍ତୁ । ଗୋଟିଏ ବିଲାତି କମ୍ବଳ ହାତରେ ଧରି କହିଲେ, ଏ କମ୍ବଳଟିର ଦାମ ମାତ୍ର ଟଙ୍କାଏ ଦିଅଣା । ଆପଣ ମୋର ଅନୁରୋଧ ରକ୍ଷାକରି ଏ ଖଣ୍ଡିକ ନିଅନ୍ତୁ । ଶୀତ ପରେ ମୋତେ ଫେରାଇ ଦେବେ । ମୋର ମଧ୍ୟ ଏ ଅଳ୍ପମା

Digitized by srujanika@gmail.com

ହେବ ନାହିଁ । ମୁଁ ମୋର ଚାକରକୁ ଦେଇ ଦେବ । ମଝିରେ ଏହି ଶୀତ କେତେଦିନ ଯାହା ବ୍ୟବହାର କରିବେ । ମୋର କମ୍ବଳ ମୋର ହୋଇ ରହିବ । ଯଦି ନ ନିଅନ୍ତି ମୁଁ ଆନ୍ତରିକ ବ୍ୟଥା ଅନୁଭବ କରିବି ।

ସେ ଦିନ ମୁଁ ମୋର ପରମ ବନ୍ଧୁ ଜଗନ୍ନାଥ ବାବୁଙ୍କର ଅନୁରୋଧ ଏଡ଼ାଇ ପାରିଲି ନାହିଁ । କମ୍ବଳଟି ଗ୍ରହଣ କଲି ଏବଂ ତାଙ୍କର ଇଚ୍ଛାମତେ ମାସକପରେ ଶୀତ କମିଯିବାରୁ ତାଙ୍କୁ ଫେରାଇ ଦେଇଥିଲି ।

ମୋର ପରମ ବନ୍ଧୁ ଜଗନ୍ନାଥ ତ୍ରିପାଠୀ ମହାଶୟଙ୍କର ଘର ପୁରୀ ଜିଲ୍ଲାସ୍ଥ ଭୁଳମୀପୁର ଗ୍ରାମରେ । ପୁରୀ ଜିଲ୍ଲାର ପୂର୍ବତନ ଜିଲ୍ଲା ମାଜିଷ୍ଟ୍ରେଟ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କର ସେ ଜଣେଇ । ସେ ଦିନର ଓଭରସିଅର ଜଗନ୍ନାଥ ବାବୁ ଆଜି ଅବସର ପ୍ରାପ୍ତ ଏକଜିକ୍ୟୁଟିଭ ଇଞ୍ଜିନିୟର ରୂପେ ପେନସନ ପାଇ ଘରେ ଅଛନ୍ତି ।

ଜଗନ୍ନାଥ ବାବୁଙ୍କର ସ୍ନେହ, ସୌହାର୍ଦ୍ଦ, ଆନ୍ତରିକତା, ମାନବିକତା, ବନ୍ଧୁତ୍ୱ ଜୀବନରେ ଭୁଲି ପାରିବି ନାହିଁ ।

ଯଥା ସମୟରେ ମୁଁ କମ୍ପାଉଣ୍ଡରୀ ପାସ୍ କରି ଘରଙ୍କ ପାଖକୁ ଚାଲି ଆସିଲି ।

ଜିଲ୍ଲାବୋର୍ଡରେ ଚାକିରି

ମୁଁ ପୁରୀରେ ପହଞ୍ଚିବା ସଙ୍ଗେ ସଙ୍ଗେ ପୁରୀ ଜିଲ୍ଲାବୋର୍ଡ ଅଧୀନରେ ଅସ୍ଥାୟୀ ଚାକିରି ଖଣ୍ଡିଏ ମିଳିଗଲା । କଲେରା ଏପିଡେମିକ ଡ୍ୟୁଟିରେ ବାଲିଅନ୍ତାରେ ଅବସ୍ଥାପିତ ହେଲି ।

ସେତେବେଳକୁ ସେ ଅଞ୍ଚଳରେ କଲେରାର ପ୍ରକୋପ କମି ଆସିଥାଏ । ଖାଲି ଗାଁ ଗାଁ ବୁଲି କୂଅ ପୋଖରୀରେ ଔଷଧ ପକାଇ

Digitized by srujanika@gmail.com

ଜଳ ସଂଶୋଧନ କରିବା ଛଡ଼ା ବିଶେଷ ଅନ୍ୟ କାମ କିଛି ନ ଥାଏ । ସକାଳ ଓଳି ଗାଁ ବୁଲି ଆସେ । ଉପର ଓଳିଟି ମୁଁ ଫୁରସତ ମିଳେ । ସେହି ଫୁରସତ ସମୟତକ ବସି ବସି ଗୀତ ଲେଖେ ।

ମୋ ଟଙ୍କା ସ୍ବୁକଷ୍ଣ ଅଡ଼େଇ ମାସ ପରେ ପରିସମାପ୍ତି ଘଟିବା ବେଳକୁ ମୁଁ ଦୁଇଗୋଟି ଗୀତାଭିନୟ ଲେଖି ସାରିଥିଲି ।

କେତେ ମାସ ବେକାର ହୋଇ ପୁଷ୍ଟରେ ବସି ରହିବା ପରେ ପାରଳୁଦ ଡାକ୍ତରଖାନାରେ ସ୍ବକଷ୍ଣ ମିଳଗଲା ।

ପୁଷ୍ଟ ଠାରୁ କାଲୁଗାଁ ଯାଏ ରେଳଗାଡ଼ିରେ ଯିବାକୁ ହେଲା । କାଲୁଗାଁଠାରୁ ଜଳପଥରେ ୧୦।୧୨ ମାଇଲ । ନୌକା ସାହାଯ୍ୟରେ ଚିଲିକା ଅତିକ୍ରମ କରି ପାରିକୁଦରେ ପହଞ୍ଚିଲି । ପାରିକୁଦ ରାଜଧାନୀର ନାମ କୃଷ୍ଣପ୍ରସାଦ । କୃଷ୍ଣପ୍ରସାଦସ୍ଥ ପାରିକୁଦ ରାଜ ଉଆସ ଅତିକ୍ରମ କରି ଯିବାପରେ ପାରିକୁଦ ମାଇନର ସ୍କୁଲ ମୋର ଦୃଷ୍ଟିଗୋଚର ହେଲା । ଡାକ୍ତରଖାନା କେଉଁଠି ଜାଣିବା ପାଇଁ ମୁଁ ମାଇନର ସ୍କୁଲ ଭିତରକୁ ପଶିଗଲି । ଦେଖିଲି ମୋର ପୂଜ୍ୟ ଗୁରୁଦେବ ଦ୍ୱାରିକାନାଥ ଦାସ ମହାଶୟ ପ୍ରଧାନ ଶିକ୍ଷକ ଆସନରେ ବସିଛନ୍ତି । ମୁଁ ପ୍ରଣିପାତ ଜଣାଇଲି । ମୋତେ ଦେଖି ସେ ପୁଲକିତ ଅନ୍ତରରେ ଆଶୀର୍ବାଦ ଜଣାଇଲେ । ମୁଁ ତାଙ୍କର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ୧୯୨୧ ମସିହାରେ ସ୍କୁଲ ଛାଡ଼ିଥିବା କଥା କହିବାରୁ ସେ ଅତ୍ୟନ୍ତ ଖୁସି ହେଲେ । ମୁଁ ରାଜକନିକା ହାଇସ୍କୁଲ ଭଙ୍ଗିବାର ନିମିତ୍ତ ବୋଲି କହି ମୋତେ ଖୁବ୍ ପ୍ରଶଂସା କଲେ । କହିଲେ, ରାଜକନିକା ସ୍କୁଲ ବନ୍ଦ ହୋଇଯିବା ପରେ ମୁଁ ଘରକୁ ଚାଲି ଆସି ଗ୍ରାମରେ କୃଷିକାର୍ଯ୍ୟ କରୁଥିଲି । ଏବେ କଷ୍ଟେ ହେବ ଏଠାକୁ ଆସିଛି ।

ପାରିକୁଦ ଡାକ୍ତରଖାନାର ଡାକ୍ତର ରାଧାଚରଣ ପଣ୍ଡା ମହାଶୟ ମାଇନର ସ୍କୁଲ ସେକ୍ରେଟାରୀ ଥାନ୍ତି । ମୁଁ ମାଇନର ସ୍କୁଲରେ ପଢୁଥିବା ସମୟରେ ସେ କ୍ଲାସରେ ପିଲାଙ୍କୁ ସ୍ୱାସ୍ଥ୍ୟ ରକ୍ଷା ବିଷୟରେ ପଢ଼ାଉଥିଲେ । ଦ୍ୱାରିକାନାଥ ବାବୁ ତାଙ୍କ ସଙ୍ଗରେ ମୋର ପରିଚୟ କରାଇ ଦେଲେ । ପ୍ରଥମ ଦର୍ଶନରେ ହିଁ ମୋ ସହିତ ରାଧାଚରଣ ବାବୁଙ୍କର ସ୍ନେହ ସଦିଚ୍ଛାର ବାତାବରଣ ସୃଷ୍ଟି ହୋଇଗଲା ।

ଡାକ୍ତରବାବୁଙ୍କ ଅନୁରୋଧରେ ପ୍ରଥମ ଆଠ ଦଶ ଦିନ ମୁଁ ତାଙ୍କ ଘରେ ଖିଆପିଆ କଲି । ତା ପରେ ମୋର ସ୍ୱତନ୍ତ୍ର ରୋଷେଇ ବ୍ୟବସ୍ଥା କରିନେଲି ।

ଡାକ୍ତର ରାଧାଚରଣ ପଣ୍ଡା ମୋର ପରି ଜଣେ ଖାଣ୍ଟି ଗାନ୍ଧିବାଦୀ । ଚଳଣି ଖୁବ୍ ସାଧାସିଧା । ବେଶ୍ ଅମାୟିକ ଲୋକ । ତାଙ୍କର ବାହାର ଭିତର ସବୁ ସମାନ । ଛଳ କପଟ ତାଙ୍କୁ ସ୍ପର୍ଶ କରି ନଥିଲା । ମୁଁ ତାଙ୍କ ସହ ସହୋଦର ଭାଇ ପରି ବେଶ୍ ସ୍ୱଚ୍ଛନ୍ଦରେ ଦିନ କଟାଇଲି ।

ତାଙ୍କର ପାରିକୁଦ ନାମରେ ପାରିକୁଦ ରାଜ୍ୟର ଏକ ଇତିହାସ ପୁସ୍ତକ ପ୍ରକାଶିତ ହୋଇଥାଏ । ସ୍ୱାସ୍ଥ୍ୟଶିକ୍ଷା ବହିଟି ଲେଖା ଚାଲିଥାଏ । ସେହି ସ୍ୱାସ୍ଥ୍ୟଶିକ୍ଷା ବହିର ପାଣ୍ଡୁଲିପିରୁ ସେ ମାଇନର ସ୍କୁଲ ପିଲାମାନଙ୍କୁ ଘଣ୍ଟାଏ ଘଣ୍ଟାଏ ପଢ଼ାଉଥାନ୍ତି ।

ପାରିକୁଦ ରାଜ୍ୟ ଜନବହୁଳ ଅଞ୍ଚଳ ନୁହେଁ । ଡାକ୍ତରଖାନାରେ ରୋଗୀ ସଂଖ୍ୟା ସେହି ପରିମାଣରେ ଊଣା । ଲେଖାଲେଖି କରିବାକୁ ଯଥେଷ୍ଟ ସମୟ ମିଳୁଥାଏ । ଡାକ୍ତରବାବୁଙ୍କର ଲେଖା ଦେଖି ମୁଁ ବି ଲେଖା ଆରମ୍ଭ କରିଦେଲି । ପ୍ରଣୟ ନାମକ ଏକ କ୍ଷୁଦ୍ର କାବ୍ୟ ଲେଖିଲି । କାବ୍ୟଟିର ଲେଖା ଶେଷ ହେବା ପରେ

Digitized by srujanika@gmail.com

ପରେ ତରୁଣ କବି ମାୟାଧର ମାନସିଂହ (ପରେ ଡକ୍ଟର ମାୟାଧର ମାନସିଂହ)ଙ୍କର ଘର ମାଲୁଦକୁ ଆସିଥିବା ସମୟରେ ତାଙ୍କ ସହିତ ପ୍ରଥମ କରି ସାକ୍ଷାତ ହେଲା । ପ୍ରଥମ ସାକ୍ଷାତରୁ ହିଁ ପରସ୍ପର ବନ୍ଧୁତା ସୂତ୍ରରେ ଆବଦ୍ଧ ହେଲୁଁ । ସେ ସେତେବେଳେ ରେଭେନ୍ସା କଲେଜରେ ବି. ଏ. ପଢ଼ୁଥାନ୍ତି । 'ହାସ୍ୟରେ ତରୁଣ କବିର ଆଶା' ଶୀର୍ଷକ ତାଙ୍କର ଏକ ଉପଗର୍ଭ କବିତା 'ଉତ୍କଳ ସାହିତ୍ୟ' ମାସିକ ପତ୍ରିକାରେ ସଦ୍ୟ ପ୍ରକାଶ ପାଇଥାଏ । ସେ କବିତାରେ ଦୁଇଟି ଛନ୍ଦ ଥିଲା—

ସବୁ କବିଶେଖରଙ୍କ ଚକ୍ରିକ ଧରି
ବୁଲନ୍ତି ଖାଲି ମୁଁ ରସିକ ପରି ।

ସେଥିପାଇଁ କବି ମାୟାଧରଙ୍କ ସହ ଉତ୍କଳ ସାହିତ୍ୟର ସମ୍ପାଦକ ବାଗ୍ମୀ ବିଶ୍ୱନାଥ କରଙ୍କୁ ବି ବହୁ କଟୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । କିନ୍ତୁ ସେହିଦିନର ସେହି ସମାଲୋଚନା ଫଳରେ କବି ମାନସିଂହ ତରୁଣ ବୟସରୁ ହିଁ ଉତ୍କଳ ସାହିତ୍ୟ କ୍ଷେତ୍ରରେ ସୁପରିଚିତ ହୋଇ ପ୍ରଖ୍ୟାତ କବି ଯଶ ଲାଭ କରିଥିଲେ ।

ମାୟାଧର ବାବୁ ମୋର ପ୍ରବନ୍ଧ ଲେଖାଟି ପାଠ କରି ଉଚ୍ଚ ପ୍ରଶଂସା କଲେ ଏବଂ ଶୀଘ୍ର ଛପାଇବାର ପରାମର୍ଶ ଦେଲେ । ମୁଁ ବାଲିଅନ୍ତାରେ ଥିବା ସମୟରେ ଚନ୍ଦ୍ରକଳା ଉପାନନ୍ଦ ଓ କାମିନୀ-ମୋହନ ନାମକ ଦୁଇଗୋଟି ଗୀତାଭିନୟ ଲେଖିଥିଲି । ୧୯୨୮ ମସିହାରେ ସର୍ବପ୍ରଥମେ ସେ ବହି ଦୁଇଟି ଛପାଇବା ପରେ ପ୍ରବନ୍ଧ ବହିଟି ପ୍ରକାଶ କଲି ।

ପାଣିକୁଦ ରାଜା ସାହେବ ରାଧାମୋହନ ମାନସିଂହ ହରି-ଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟଙ୍କର ଏକ ଥିଏଟର ପାର୍ଟି ଥାଏ । ଆଧୁନିକ ରୁଚିର ସୁନ୍ଦର ପେଣ୍ଡାଲଟି ମଧ୍ୟ ଥାଏ । ବଡେ଼ ଗୋଟିଏ ଥିଏଟର ହେଲା । ଶ୍ରୀକୃଷ୍ଣଙ୍କର ରାସଲୀଳା କ ଜଣ ଠିକ୍

Digitized by srujanika@gmail.com

ସ୍ମରଣ ହେଉଛି । ମୁଁ ମାଇନର ସ୍କୁଲର ଶିକ୍ଷକମାନଙ୍କ ସଙ୍ଗରେ ଦେଖିବାକୁ ଗଲି । ଗୋଟିଏ ବାଳକ ରାଧା ପାର୍ଟ କରୁଥାଏ । ତାହାର ଚେହେରା ସାଙ୍ଗକୁ ବେଶ ପୋଷାକ ବେଶ୍ ଖାପଖାଇ ସେ ଗୋଟିଏ ବାଳକନ୍ୟାର ଠିକ୍ ରୂପ ନେଇଥାଏ । ଥିଏଟର ଆରମ୍ଭରେ ରାଧା ପ୍ରଥମ ଗୀତ ଗାଇଲେ—ଶ୍ରୀରାଧା ବୋଲନ୍ତି ଶୁଣ ସଙ୍ଗୀଗଣ—ଆଉ ଶୁଣିବାକୁ ମୋର ଧୈର୍ଯ୍ୟ ଅଣ୍ଟିଲା ନାହିଁ । ସ୍କୁଲର ପଣ୍ଡିତ ବାମଦେବ ମିଶ୍ରଙ୍କୁ କହିଲି, ଏ ତ ଦଣ୍ଡନାଟରେ 'ଶ୍ୱଶୁର ବୋଲନ୍ତି ଶୁଣ ଗୋ ପ୍ଲବଙ୍ଗ' ଗୀତ । ଥିଏଟର କ'ଣ ?

ମୁଁ ବସାକୁ ଚାଲି ଆସିଲି । ମାଠ ନିଦ ହେଲା ନାହିଁ । ରାଧାଙ୍କର ସେହି ଗୀତ ବାରବାର ମୋ କାନରେ ବାଜିବାକୁ ଲାଗିଲା । ଏତେ ସୁନ୍ଦର ଚେହେରାରେ ଏତେ ସୁନ୍ଦର ପୋଷାକ ପରିଚ୍ଛଦ ଥାଉ ଥିଏଟର ମଞ୍ଚରେ ପାଟ୍ଅ ନାଟ ହେଉଛି । ଗୋଟିଏ ନାଟକ ଲେଖିବାର ବାସନା ଜାଗି ଉଠିଲା । ସଙ୍ଗେ ସଙ୍ଗେ 'ସତ୍ୟଭାମା' ନାଟକ ଲେଖି ବସିଲି ।

ଯଥା ସମୟରେ ନାଟକ ଲେଖା ଶେଷ ହେଲା ।

ମାଇନର ସ୍କୁଲର ହେଡ ପଣ୍ଡିତ ଜଦୟୁନାଥ ମିଶ୍ରଙ୍କର ଘର ପୁରୀ ଜିଲ୍ଲାର ବଂର ନରସିଂହପୁର ଗ୍ରାମରେ । ସେ ରାଜାଙ୍କ ଥିଏଟରର ଜଣେ ବରିଷ୍ଠ ଅଭିନେତା । ନାଟକଟି ତାଙ୍କୁ ଦେଖାଇଲି । ସେ ପାଠକରି ଖୁବ ଖୁସିହେଲେ । କହିଲେ ଆପଣ ରାଜାଙ୍କୁ ଦେଖାକରି କହନ୍ତୁ । ରାଜାଙ୍କର ଅନୁମତି ବିନା କୌଣସି ନାଟକ ଏଠାରେ ଅଭିନୀତ ହୁଏ ନାହିଁ ।

ରାଜା ସାହେବ ପୁରୀ ଜିଲ୍ଲା ବୋର୍ଡ଼ର ଜଣେ ସଭ୍ୟଥାନ୍ତି । ପାରିକୁଦ ଡାକ୍ତରଖାନାର ଚେୟାରମ୍ୟାନ ମଧ୍ୟ ଥାନ୍ତି । ମୁଁ ରାଜା ସାହେବଙ୍କୁ ଦେଖା କରି ଗୋଟିଏ ନାଟକ ଲେଖିଥିବା କଥା

Digitized by srujanika@gmail.com

କହିଲ । ମୁଖ୍ୟ ଅଭିନେତା ଉଦୟନାଥ ମିଶ୍ର ସେ ନାଟକର ଅଭିନୟ ବିଷୟରେ ଅନୁକୂଳ ମତ ପ୍ରକାଶ କରିଥିବାର ମଧ୍ୟ କହିଲ । ରଜା ସାହେବ ସଙ୍ଗେ ସଙ୍ଗେ ନୃତ୍ୟ ଶିକ୍ଷକ ବଳରାମ ମହାନ୍ତିଙ୍କୁ ତାଙ୍କ ନାଟକଟି ଅଭିନୟ କରିବାର ହୁକୁମ ଦେଲେ । ମାସକ ଭିତରେ ଯେମିତି ଅଭିନୀତ ହୁଏ ସେ ସମ୍ପର୍କରେ ତାକିଦ ବି କରି ଦେଲେ ।

ବଳରାମ ବାବୁ ନୃତ୍ୟ ଗୀତ ଶିଖାଇଲେ । ମୁଁ ନିର୍ଦ୍ଦେଶନା ଦେଲି, ଠିକ ତିରିଶ ଦିନରେ ଅଭିନୟ ହେଲା । ନାଟକଟି ଏପରି ସର୍ବାଙ୍ଗ ସୁନ୍ଦର ହେଲା ଯେ, ଅଭିନେତା, ଦର୍ଶକ ସମସ୍ତେ ଏକ ମୁଖରେ ମୋର ଖୁବ୍ ପ୍ରଶଂସା କଲେ । କହିଲେ, ଆଜିକି ପନ୍ଦର ବର୍ଷ ହେଲା ଥିଏଟର ଆରମ୍ଭ ହେଲାଣି । ଗତ ପନ୍ଦର ବର୍ଷ ଭିତରେ ଏପରି କୌଣସି ନାଟକ ଅଭିନୀତ ହୋଇ ଥିବାର ଆମେ ଦେଖି ନାହୁଁ ।

ରଜା ସାହେବ ମଧ୍ୟ ଖୁବ୍ ଖୁସି ହେଲେ । ଟିକେଟ ବନ୍ଦ କରି ଆଉଥରେ ଅଭିନୟ କରିବାର ଆଦେଶ ଦେଲେ । ବୋଲିବା ବାହୁଲ୍ୟ ଦ୍ୱିତୀୟ ଥର ମଧ୍ୟ ନାଟକଟି ବେଶ୍ ସଫଳତାର ସହିତ ଅଭିନୀତ ହେଲା ।

ଏହି ନାଟକାଭିନୟ ପରେ, ମୁଁ ରଜା ସାହେବ ତଥା ଜନ ସାଧାରଣଙ୍କର ସମକ୍ଷରେ ଶ୍ରଦ୍ଧାଭାଜନ ହେଲି ।

ନେତ୍ରାନନ୍ଦ ପଟ୍ଟନାୟକ ନାମକ ଜଣେ ଜିଲ୍ଲା ବୋର୍ଡ଼ର ସବ ଓଭରସିଅର ଦିନେ ପାରିକୁଦ ଗସ୍ତରେ ଆସି ମୋ ବସାରେ ରହିଲେ । ସେଦିନ ସନ୍ଧ୍ୟାରେ ମୋତେ ସଙ୍ଗରେ ନେଇ ବୁଲି ବାହାରିଲେ । ଦାଶରଥି ପଟ୍ଟନାୟକ ନାମକ ଜଣେ ରାଜ କର୍ମଚାରୀଙ୍କ ସହିତ ପଥ ମଧ୍ୟରେ ସାକ୍ଷାତ ହେଲା । ମୁଁ ସେ ଭଦ୍ର-

Digitized by srujanika@gmail.com

ଲୋକଙ୍କୁ ପୂର୍ବରୁ କେବେ ଦେଖି ନ ଥିଲି । ସେ ଉଭୟେ ମୋ ଆଖିରେ ନୂତନ । ମାତ୍ର ସେମାନଙ୍କ ଭିତରେ ପୂର୍ବରୁ ବନ୍ଧୁତା ଥିବାର ମୁଁ ଲକ୍ଷ୍ୟ କରିପାରିଲି । ଦାଶରଥି ପଟ୍ଟନାୟକ ଆଗେ ଆଗେ ବାଟ କଢ଼ାଇ ଚାଲିଲେ । ଯାଉ ଯାଉ ରାଜପଥ ପାର୍ଶ୍ୱରେ ଥିବା ଏକ ଘର ଭିତରକୁ ପଶିଗଲେ । ତାଙ୍କ ପଛେ ପଛେ ନେତ୍ରାନନ୍ଦବାବୁ ମୋର ହାତ ଧରି ଭିତରକୁ ଟାଣି ନେଇଗଲେ । ଘର ଭିତରୁ ଜଣେ ସୁଦର୍ଶନା ଯୁବତୀ ବାହାରିପଡ଼ି ସେ ଦୁହିଁଙ୍କୁ ଅଭ୍ୟର୍ଥନା ଜଣାଇଲେ । ସେମାନଙ୍କ ଭିତରେ ନିଃସଙ୍କୋଚ କଥାବାର୍ତ୍ତା, ହସ ଖୁସି ମୋତେ ପ୍ରହେଳିକା ପରି ଜଣାଗଲା । ଅଳ୍ପ ସମୟ ପରେ ମୁଁ ବୁଝିପାରିଲି ଆମେ ଗୋଟିଏ ବେଶ୍ୟା ଘର ଭିତରେ ପ୍ରବେଶ କରିଛୁଁ । ସେହି ଦିନ ମୁଁ ପ୍ରଥମ କରି ଜାଣିଲି, ଏଇ କ୍ଷୁଦ୍ରାୟତନ ପାରିକୁଦ ରାଜ୍ୟରେ ବି ବେଶ୍ୟା ରହନ୍ତି ।

ଦାଶରଥି ବାବୁ ଓ ନେତ୍ରାନନ୍ଦ ବାବୁ ସେହି ଯୁବତୀ ସଙ୍ଗରେ ବିଶ୍ରମ୍ଭାଳାପ ଆରମ୍ଭ କରିଦେଲେ । ମୁଁ ସେଠାରୁ ଶୀଘ୍ର ଚାଲି ଆସିବାକୁ ଚେଷ୍ଟା କଲି; ମାତ୍ର ସେ ଦୁଇଜଣଯାକ ମୋତେ ଛାଡ଼ିଲେ ନାହିଁ । ଅଧିକନ୍ତୁ ତାଙ୍କ ସଙ୍ଗରେ ଯୋଗ ଦେବା ନିମନ୍ତେ ପ୍ରବର୍ତ୍ତାଇଲେ । ମୁଁ ଦୃଢ଼ ପ୍ରତିବାଦ କରିବାରୁ ସେମାନେ ମୋ ସହିତ ଫେରି ଆସିଲେ ।

ଦୁଇଦିନ ପରେ ଡାକ୍ତରଖାନାର ବେହେରା ହାଡ଼ି ଠାରୁ ଶୁଣିଲି, ଆମେ ସେଦିନ ସନ୍ଧ୍ୟାରେ ବେଶ୍ୟା ଘରକୁ ଯାଇଥିବା କଥା ରଜାଙ୍କର କର୍ଣ୍ଣଗୋଚର ହୋଇଛି । ଆଉ ମଧ୍ୟ ଶୁଣିଲି, ବସନ୍ତରାୟ ରାଜ୍ୟୋପାଧି ପ୍ରାପ୍ତ ପଞ୍ଚୁ ନାମକ ରଜାଙ୍କର ଜଣେ ସେବକ ବାରିକ ସେହି ବେଶ୍ୟାଘର ସମ୍ପର୍କରେ ଗୋଇନ୍ଦାଗିରି କରିବାପାଇଁ ନିଯୁକ୍ତ ହୋଇଛି । ସେ ବେଶ୍ୟାଟି ରଜାଙ୍କର

Digitized by srujanika@gmail.com

ରଖିଛି । ତା ଘରକୁ ଅନ୍ୟ କେହି ଯିବାଟାକୁ ରଜା ପସନ୍ଦ କରନ୍ତି ନାହିଁ । ସେ ବେଶ୍ୟା ଛଡ଼ା ଅନ୍ୟ ଜଣେ ବେଶ୍ୟା ମଧ୍ୟ ଥାଏ; ମାତ୍ର ତା ପାଇଁ କୌଣସି ରଜ କଟକଣା ନଥାଏ ।

ମୁଁ ପାରଳୁଢ଼ ଯିବାର ଛ ମାସ ହୋଇଯାଇଥିଲେ ମଧ୍ୟ ଲେଖାଲେଖି ନେଇ ଏପରି ତନ୍ମୟ ଥାଏ ଯେ, ବାହାରେ ବୁଲି-ବୁଲି କରି ସ୍ଥାନୀୟ ଲୋକମାନଙ୍କ ସହିତ ପରିଚିତ ହେବାର ସୁଯୋଗ ପାଇ ପାରି ନଥାଏ । ସମ୍ପ୍ରତି ଏ ପ୍ରକାର ଏକ ଅପ୍ରୀତିକର ଘଟଣାରେ ସମ୍ପୃକ୍ତ ହୋଇ ଯାଇଥିବାରୁ ବିଶେଷ ଦୁଃଖିତ ତଥା ଅନୁତପ୍ତ ହେଲି ।

ଦିନ ଏଗାରଟା ହେବ । ମୁଁ ଡାକଘରକୁ ଯାଉଛି, ଜଣେ ଯୁବତୀ ତା ଘରର ଦ୍ୱାରେ ଠିଆ ହୋଇ ମୋତେ ହାତଠାରି ଡାକିଲା । ମୁଁ ତାର ଦ୍ୱାର ପାଖକୁ ଗଲି । ସେ ଘର ଭିତରକୁ ଡାକିଲା । ମୁଁ ତାର ଦାଣ୍ଡଘରେ ଠିଆ ହେଲି । ସେ କହିଲା ବାବୁ ! ମୋ ମା ଗୋଡ଼ରେ ଗୋଟିଏ ଘା ହୋଇଛି । ଟିକିଏ ଔଷଧ ଦିଅନ୍ତେ । ମୁଁ କଣ ସାଙ୍ଗରେ ଔଷଧ ଧରିକି ବୁଲୁଛି ? ତୁମେ ଡାକ୍ତରଖାନା ଯାଇ ନେଇ ଆସିବ, ମୁଁ କହିଲି । ସେ ଅନୁନୟ କରି କହିଲା, ଡାକ୍ତରଖାନା ଯିବାପାଇଁ ଆମଘରେ ପୁରୁଷ ଲୋକ କେହି ନାହାନ୍ତି । ଦୟାକରି ଟିକିଏ ଔଷଧ ପଠାଇଦେଲେ ବଡ଼ ଉପକାର କରନ୍ତେ । ମୁଁ କହିଲି, ମୋ ପାଖରେ ତ କେହି ଲୋକ ନାହାନ୍ତି । ସ୍ତ୍ରୀ ଲୋକଟି କିଛି ନଶୁଣିଲାପରି । କହିଲା, ଆଜ୍ଞା, ହାଣ୍ଡି ହାତରେ ଦେଲେ ମୁଁ ପାଇବି । ତୁମେ ଚାହେଁଲେ ହାଣ୍ଡିକୁ କୁହ ସେ ମାଗି ଆଣିବ । କହି ମୁଁ ଚାଲିଆସିଲି ।

ହାଣ୍ଡିଠାରୁ ଜାଣିପାରିଲି ସେଦିନ ରାତି ଅନ୍ଧାରରେ ନେହାନନ୍ଦବାବୁ ମୋତେ ଯେଉଁ ବେଶ୍ୟା ଘରକୁ ନେଇ

Digitized by srujanika@gmail.com

ଯାଇଥିଲେ, ଏ ସେଣ୍ଟ ବେଙ୍ଗ ନାମ୍ନୀ ରଜାଙ୍କର ରକ୍ଷିତା ବେଶ୍ୟା । ମୁଁ ବୁଝିପାରିଲି ମୋତେ ତାର ଫାନ୍ଦରେ ପକାଇବା ପାଇଁ ମା' ଝା'ର ମଲମ ଏକ ଛଳନା ଭିନ୍ନ ଅନ୍ୟ କିଛି ନୁହେଁ । ହାତ୍ ମୋ ଠାରୁ ମଲମ ମାଗି ଆଣିଲି । ସେ କଥା ମଧ୍ୟ ରଜାଙ୍କ କାନକୁ ଗଲା ।

ରାଜସେବକ ପଞ୍ଚୁ ବସନ୍ତରାୟ ବେଳେ ବେଳେ ଔଷଧ ପାଇଁ ଡାକ୍ତରଖାନା ଆସେ । ମୋ ସଙ୍ଗରେ ଖୁବ୍ ଭଦ୍ରଆଳାପ କରେ । ସେ ଯେମିତି ଭାବରେ କଥା କହେ ମୁଁ ବି ସେମିତି ଉତ୍ତର ଦିଏ । ମୋ କଥାବାର୍ତ୍ତାରୁ ତାର ବୋଧହୁଏ ହୃଦବୋଧ ହୋଇଗଲା ମୁଁ ଜଣେ ଭଣ୍ଡାରୀ ବାଜିଆ ଲୋକ । ସେ ଦିନେ ମୋତେ ଏକାନ୍ତରେ ଡାକି କହିଲା, ବାବୁ ! ଏଠି ଚୁଣ୍ଡିମାଛ ପରଖ । ବଡ଼ ଭଲ ଜାଗା ନୁହେଁ । ଆପଣ ନୂଆ ଲୋକ । ଏଠା ଲୋକଙ୍କ ଭାଇବଟା କିଛି ଜାଣନ୍ତି ନାହିଁ । ଯାହା ଘରକୁ ଯାଇ ଔଷଧପତ୍ର ଦିଆନିଆ କରୁଛନ୍ତି, ତା ପାଇଁ ରଜାଙ୍କର ଭାରି କଟକଣା । ଆପଣ ସରଳ ଲୋକ । ସେଠାକୁ ଆଜ ଯାଆନ୍ତୁ ନାହିଁ । ମୁଁ ଏଇଠି ସବୁ ସୁବିଧା କରିଦେବି । ଯୋଉଦିନ କହିବେ ମୁଁ ତାକୁ ଧରି ଆପଣଙ୍କ ବସାକୁ ଆସିବି ।

ତାର କଥା ଶୁଣି ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଲୋକଟା କହୁଛି କଣ ? ମୁଁ ହସି ହସି କହିଲି, ବୁଝିଲୁ ପଞ୍ଚୁ ! ସେ ସବୁ କଥା ଅତି ଚୁପ ଚୁପ୍ କଥା । ତାହା କଣ ଅନ୍ୟ କାହାର ଜାଣନ୍ତାରେ ହୁଏ ? ମୁଁ ଥଟ୍ଟା ନବଜ କରେ ବୋଲି ତୁ ମୋତେ କଣେ ଦୁଃଷ୍ଟରିତ୍ର ଲୋକ ବୋଲି ବୁଝିଲୁ । ଆଜ ଦିନେ ମୋତେ ସେ କଥା କହିବୁନି ।

Digitized by srujanika@gmail.com

ଚନ୍ଦନ ଯାତ୍ରାର ଶେଷ ତିନ ଦିନ ପାଣିକୁଦରେ ବେଶ୍ ଯାକଜମକରେ ପାଳିତ ହୁଏ। ସେ ତିନ ଦିନରୁ ଗୋଟିଏ ଦିନ ରଜାଙ୍କର ପାଳି। ଗୋଟିଏ ଦିନ ଯୁବରାଜଙ୍କର। ଶେଷ ଦିନଟି ଥାନା ପାଳି। ଏକ୍ଷ ଚନ୍ଦନ ପ ଳରେ ପ୍ରତିଯୋଗିତା ଚାଲେ। ନିଜ ନିଜର ପାଳି ଯେପରି ଖୁବ୍ ଭଲ ହେବ ସେଥିପାଇଁ ସମସ୍ତେ ଚେଷ୍ଟା କରନ୍ତି। ହେଲେ ରଜାଙ୍କର ଚନ୍ଦନ ପାଳି ସର୍ବୋତ୍କୃଷ୍ଟ ହୁଏ। ରଜା ଯେତେ ପଇସା ଖର୍ଚ୍ଚ କରନ୍ତି, ଯୁବରାଜ କିମ୍ବା ଥାନା ଲୋକେ ସେତେ ବ୍ୟୟ କରିପାରନ୍ତି ନାହିଁ।

ସେ ବର୍ଷ ରଜା ତାଙ୍କର ଚନ୍ଦନ ପାଳିକୁ ଆସିବାରୁ ଦଳେ ବାଇଜୀ, ଗାୟିକାଙ୍କୁ ମଗାଇ ଥାନ୍ତି। ରଜାଙ୍କର ଚନ୍ଦନ ପାଳି ପୂର୍ବ ସନ୍ଧ୍ୟାରେ ରାଜ ଦରବାରରେ ସେହି ଗାୟିକାମାନଙ୍କର ଏକ ବୈଠକ ବସିଲା। ସୁକଣ୍ଠୀ ଗାୟିକାମାନେ ତାଙ୍କର ସୁମଧୁର ଗାନରେ ଶ୍ରୋତାମଣ୍ଡଳୀଙ୍କୁ ବିମୁଗ୍ଧ କରିଦେଲେ। ତନ୍ମଧ୍ୟରୁ ମୁଁ ଗୋଟିଏ ଗୀତ ଫରମାସ କଲି।

ଗାୟିକାମାନେ ସଦ୍ୟ ଆସି ପହଞ୍ଚିଥିବାରୁ କ୍ଲାନ୍ତ ଥିଲେ। ମୋର ଫରମାସ ଗୀତଟି ବୋଲିବା ପରେ ସେ ଦିନର ଆସର ସମାପ୍ତ ହେଲା।

ରଜାଙ୍କର ଚନ୍ଦନ ପାଳିଦିନ ବି ଅସର ବର୍ଷା ହୋଇଗଲେ ମଧ୍ୟ ସେ ଦିନର ଉତ୍ସବ ବେଶ୍ ଉପଭୋଗ୍ୟ ହୋଇଥିଲା। ତାହା ପରଦିନ ସନ୍ଧ୍ୟାରେ ରଜା ସାହେବ ମୂଲ୍ଲିରେ ଗୋଟାଏ ପରଡ଼ ଭିଡ଼ ବୈଠକଖାନାରେ ଭଦ୍ରଲୋକମାନଙ୍କ ଗହଣରେ ବସିଥାନ୍ତି। ମୁଁ ଯାଇ ପହଞ୍ଚିବା ମାତ୍ରେ ରଜା ସାହେବ ମୋତେ ଲକ୍ଷ୍ୟକରି କହିଲେ—ମୋତେ ଜ୍ୱର ହୋଇଗଲା ହେ।

ହେବାର କଥା। ଜଳ ପାଣି ଉପର ପାଣି—

Digitized by srujanika@gmail.com

ମୋ ଚାହିଁରୁ କଥା ନ ସରୁଣୁ ରଜା ଉଗ୍ର ସ୍ୱରରେ କହିଲେ—କଣ ତଳପାଣି ଉପରପାଣି ? ତୁମକୁ ବେଶୀ କଥା କହୁଆସେ, ନା ?

ଆଜ୍ଞା, କାଲି ବନ୍ଧୁଙ୍କ ସଙ୍ଗରେ ପଡ଼ିଆରେ ଯାଉଥିବା ବେଳେ ମୋର ଅସାବଧ କଥା ହୋଇଗଲା, ସେଥିରେ ଆପଣ ଖୋଲା ପାଦରେ ତଳେ ପାଣି କୁନ୍ଦ କୁନ୍ଦ ଆଉ ଉପରେ ଖୋଲା ମୁଣ୍ଡରେ ଭିଜ ଭିଜ ଯାଉଥିଲେ । ସେଥିରେ ଜ୍ୱର ନ ହୁଅନ୍ତା କେମିତି ?

ମୋର ଉତ୍ତର ଶୁଣି ରଜାଙ୍କର ଉଗ୍ରଭାବ ଟିକଏ କମିଗଲା ପରି ଜଣାଗଲା । ସେ ସହଜ କଣ୍ଠରେ କହିଲେ—ଯିବଟି, ଯିବଟି ଦେଖି ଆସିବ । ମୁଁ କିଛି ବୁଝି ପାରିଲି ନାହିଁ । ପଚାରିଲି—କାହାକୁ ଦେଖିବ ?

ବେଦ କଣ ଖବର ଅଛି । ଯାଅ ଦେଖି ଆସିବ ।

ରଜାଙ୍କର ଏ ପ୍ରକାର ଅସଂଲଗ୍ନ କଥା ଶୁଣି ମୋର ମନେ ହେଲା ସେ ଯେପରି ମୋତେ ଉପହାସ କରୁଛନ୍ତି । ମୁଁ କହିଲି, ଆଜ୍ଞା ! ଡାକ୍ତରବାବୁ ଅଛନ୍ତି । କବିରାଜ ମହାଶୟ ବି ଅଛନ୍ତି—

ନା, ନା ତୁମେ ଯାଅ । ମୋ କଥା ନ ସରୁଣୁ ରଜା କହିଲେ, ନା, ନା ତୁମେ ଯାଅ ।

ମାଁ ଗାଁ କିଛି ନାହିଁ । ମୁଁ ଏବେ କେଉଁଠିକି ଯିବ ? କହିଲି—ମୋତେ ପଠାଉଛନ୍ତି ବୋଲି ଆପଣ ଖଣ୍ଡେ ଲେଖି ଦିଅନ୍ତୁ ।

ମୋ କଥା ହେଉଛି ଲେଖା, ଲେଖିବ କଣ ? ରଜା ଉଚ୍ଚ କଣ୍ଠରେ କହିଲେ ।

ତେବେ ମୋ ସାଙ୍ଗରେ କାହାକୁ ପଠାନ୍ତୁ ।

Digitized by srujanika@gmail.com

ରଜା ତାଙ୍କର ଜଣେ ଭୃତ୍ୟଙ୍କୁ ମୋ ସାଙ୍ଗରେ ଯିବା ଲାଗି ଆଦେଶ ଦେଲେ । ମୁଁ ଅଳ୍ପଦୂର ଯାଇ ସେ ରାଜଭୃତ୍ୟଙ୍କୁ ପଚାରିଲି, ଡାକ୍ତରେ କୁଆଡ଼େ ଯିବା ?

ମୁଁ କଣ ଜାଣିଛି ? ମୋତେ ଆସିବାକୁ ହୁକୁମ ହେଲା, ମୁଁ ଆସିଲି । ମୁଁ କହିଲି, ମୁଁ ତ ଜାଣିନାହିଁ ବୋଲି ତୋତେ ସାଙ୍ଗରେ ଆଣିଲି, ତୁ ନ ଜାଣି କୁଆଡ଼େ ଯାଉଛୁ ? ଭୃତ୍ୟଟି ରଜାଙ୍କ ପାଖକୁ ଫେରିଗଲା । ଅଳ୍ପପରେ ଲୋକଟି ଆସି ହସି ହସି କହିଲା, ଆସିବା ମାହାନ୍ତଙ୍କ ବସାକୁ ଯିବା ।

ମୁଁ ସେଠାରେ ପହଞ୍ଚି ଦେଖିଲି, ଅଗଣାରେ ଦୁଇଜଣ ମାହାନ୍ତ ବସିଛନ୍ତି । ତାଙ୍କ ପାଖରେ ଜଣେ ପୁରୁଷବ୍ୟକ୍ତି ବସି ବେହେଲାର କାନ ମୋଡ଼ି ସ୍ୱର ମିଳାଉଛନ୍ତି ।

ରୋଗ ଦେଖିବା ପାଇଁ ରଜା ସାହେବ ମୋତେ ପଠାଇଥିବା କଥା ରଜ ଭୃତ୍ୟଠାରୁ ଶୁଣି ମାହାନ୍ତ ଦୁଇଜଣ ଦୌଡ଼ିଯାଇ ଗୋଟାଏ ଘରେ ପଶି ଦରଜା ବନ୍ଦକରି ଦେଲେ । ପୁରୁଷ ଜଣଙ୍କ ଉଠିପଡ଼ି କହିଲେ, ନାଇଁ ଆଜ୍ଞା, ରୋଗ କିଛି ନାହିଁ, ପେଟ ଟିକିଏ ଖରାପ ଥିଲା । କବିରାଜଙ୍କ ଔଷଧରେ ଭଲ ହୋଇ ଯାଇଛି ।

ଘଟଣାଟା ବଡ଼ ବିରକ୍ତିକର ବୋଧହେଲା । ଏହାର ଯଥାର୍ଥ ଉତ୍ତର ଦେବାକୁ ମନେ ମନେ ସ୍ଥିର କରି ରଜ ଉଆସକୁ ଫେରି ଆସିଲି ।

ମୁଁ ବୈଠକଖାନାରେ ପହଞ୍ଚିବା ମାତ୍ରେ ଜବରାଜ ପ୍ରଶ୍ନ କଲେ, ଭଲ ଅଛନ୍ତି ନା ? ମୁଁ କହିଲି, ଅବସ୍ଥା ବଡ଼ ସାଙ୍ଘାତିକ । ସମସ୍ତଙ୍କର ଉଦ୍ରେକ ଦୃଷ୍ଟି ଏକ ସମୟରେ ମୋ ଉପରେ ପତିତ ହେଲା । ଏକ ସମୟରେ ଅନେକ ପ୍ରଶ୍ନହେଲା । ରାଜା ସାହେବ ପ୍ରଶ୍ନକଲେ, କଣ ହୋଇଛି ' ରୋଗ କଣ ?

Digitized by srujanika@gmail.com

ଲଜ୍ଜା । ଲଜ୍ଜାବେଗ ଏତେ ପ୍ରବଳ ହୋଇଛି ଯେ, ମୋତେ ଦେଖିବା ମାତ୍ରେ ସେମାନେ ଘରେ ପଶି କବାଟ କଳଦେଲେ ।

ମୋର ଏ ଉତ୍ତରରେ ରଜା ସାହେବଙ୍କର ମୂର୍ତ୍ତି ଫିକା ପଡ଼ିଗଲା । ଉପସ୍ଥିତ ସମସ୍ତେ ମୋ ପ୍ରତି ରୋଷପୂର୍ଣ୍ଣ କଟାକ୍ଷପାତ କରିବାକୁ ଲାଗିଲେ ।

ରଜା ସାହେବ କହିଲେ, ହଇହୋ କମ୍ପାଉଣ୍ଡର୍ ! ଏ ଯୋଉ ଯା'ମା ହେଉଛି ଏଥିରେ ତୁମର କର୍ତ୍ତବ୍ୟ କଣ ?

ଆହତ ମାନଙ୍କୁ ପ୍ରାଥମିକ ଚିକିତ୍ସା ଦେବା ମୋର ପ୍ରଥମ କର୍ତ୍ତବ୍ୟ । ରଜା କହିଲେ—ଆଉ ମଲମ ବାନ୍ଧିବା ?

ରଜାଙ୍କର ସେ ଶ୍ଳେଷ ମୁଁ ବୁଝି ପାରିଲି । କହିଲି, ଆଜ୍ଞା ହଁ ! ମଲମ ବାନ୍ଧିବା ପାଇଁ ତ ମୋର ଚାକିରୀ ।

ରଜା ଡାହାଣ ହାତ ମୁଠା କରି ମୋ ଆଡ଼କୁ ଦେଖାଇ କହିଲେ, କହିପାରିବ ଏଥିରେ କଣ ଅଛି ?

ନା, ଆପଣ ମୁଠା ଖୋଲି ଦେଲେ କହିପାରିବି ।

ମୁଠା ଖୋଲି ଦେବି ? ଖୋଲି ଦେବି ? ତୁମେ ଜାଣ ମୋର କ୍ଷମତା ? ମୁଁ କ'ଣ କରିପାରେ ? ରଜା ଦୃଢ଼ ସ୍ୱରରେ କହିଲେ ।

ମୁଁ ସେହିପରି ଦୃଢ଼ ସ୍ୱରରେ କହିଲି, ଆଜ୍ଞା ଜାଣେ ଏଠାରେ ଆପଣଙ୍କର ଅଖଣ୍ଡ କ୍ଷମତା । ଆପଣ ସବୁ କିଛି କରିପାରନ୍ତି; ମାତ୍ର କିଛି କରି ପାରିବେ ନାହିଁ ।

ରଜା ସାହେବ ଆଉ ଟିକିଏ ସିଧା ହୋଇ ବସିଲେ । ରାଗ ତମତମ ହୋଇ କହିଲେ, ମୁଁ କିଛି କରିପାରିବି ନାହିଁ ? ମୁଁ ପୂର୍ବପରି ନିର୍ଭୀକ ଭାବରେ ଉତ୍ତର ଦେଲି, ନା ।

Digitized by srujanika@gmail.com

ସେତେବେଳକୁ ସେଠାରେ ବସିଥିବା ଭଦ୍ରଲୋକମାନଙ୍କର ଦୃଷ୍ଟି ମୋ ଉପରେ କେନ୍ଦ୍ରୀଭୂତ ହୋଇ ଯାଇଥାଏ । ସମସ୍ତେ ମୋ ପ୍ରତି ବିରକ୍ତି ଭାବ ପ୍ରକାଶ କରି ରଜାଙ୍କ ସହିତ ସେ ପ୍ରକାର କଥାବାର୍ତ୍ତା ନ କରିବା ପାଇଁ ମୋତେ ସଙ୍କେତ ଦେଉଥାନ୍ତି । ମୁଁ କିନ୍ତୁ ସେମାନଙ୍କର ସଙ୍କେତ ବୁଝି ନ ବୁଝିଲା ପରି ନିର୍ଭୟରେ ବସିଥାଏ ।

ରଜା ପଚାରିଲେ, କାର୍ତ୍ତିକ ?

ଆଜ୍ଞା, ଆପଣଙ୍କ ହାତରେ ରାଜଦଣ୍ଡ ରୂପକ ଯେଉଁ ନ୍ୟାୟ ଦଣ୍ଡ ରହିଛି, ତାହା ଆପଣଙ୍କୁ କୌଣସି ପ୍ରକାର ଅନ୍ୟାୟ କାର୍ଯ୍ୟ କରିବାକୁ ଦେବ ନାହିଁ । ଆପଣଙ୍କର ସମସ୍ତ କ୍ଷମତା ଥାଇ ମଧ୍ୟ ଆପଣ କାହାର କୌଣସି ଅନିଷ୍ଟ କରିପାରିବେ ନାହିଁ ।

ମୋର ଏହି ଉତ୍ତର ପରେ ରଜା ଶାନ୍ତ ଭାବ ଧାରଣ କଲେ ।

ପରଦିନ ମୁଁ ରାଜ ଉଆସରେ ପ୍ରବେଶ କରିବା ମାତ୍ରେ ରଜା ଦୋଚାଲ ଉପରେ ଥାଇ ଡାକ ଦେଲେ, ଆରେ କିଏ ଅଛରେ ! ହଳଦୀ ପାଣି କଂସାଏ ଆଣି ଏ କମ୍ପାଉଣ୍ଡରଙ୍କ ଉପରେ ଢାଳି ଦେବଟି । ସେତେବେଳେ ମୋ ଭିନ୍ନ ବାହାର ଲୋକ ଆଉ କେହି ନଥିଲେ । ମୁଁ ସେହି ଅଗଣାରେ ଠିଆ ହୋଇଗଲି । ପାଟିକରି କହିଲି, ଆଜ୍ଞା, ଶୀଘ୍ର ଢାଳନ୍ତୁ । ମୋର ଏ ପୁରୁଣା ଲୁଗା ଖଣ୍ଡିକ ନଷ୍ଟ ହୋଇଗଲେ ରାଜଦ୍ୱାରରୁ ନୂଆ ପାଟ ଖଣ୍ଡେ ପିନ୍ଧିବାକୁ ପାଇବି । ରଜାଙ୍କର ହଳଦୀପାଣି ଢଳା ସେଇଠାରେ ଶେଷ ହୋଇଗଲା । ରଜାସାହେବ ତଳକୁ ଓହ୍ଲାଇ ଆସି ବୈଠକଖାନାରେ ବସିଲେ ।

Digitized by srujanika@gmail.com

ଏହାପରେ ରାଜାସାହେବ ମୋ ସହିତ ବେଶ୍ ହସ ଖୁସିରେ କଥାବାର୍ତ୍ତା କଲେ । ମୁଁ କିନ୍ତୁ ବଡ଼ ଅସ୍ୱଚ୍ଛନ୍ଦ ବୋଧ କଲି । ଯେଉଁଦିନ ସାଢ଼େ ଦଶଟା ବେଳେ ସାକ୍ଷାତ ପାଇଁ ରଜାଙ୍କ ପାଖକୁ ସମ୍ବାଦ ପଠାଇଲି । ରଜା ଗାମୁଛା ଖଣ୍ଡେ ପିନ୍ଧିଥିଲେ । ସେ ସେହିପରି ଅବସ୍ଥାରେ ମୋତେ ସାକ୍ଷାତ ଦେଲେ । ମୁଁ କହିଲି, ଆଜ୍ଞା, ଆପଣ ମୋ ଚରିତ୍ରରେ ସନ୍ଦେହ କରନ୍ତି ?

ନା ନା, ରଜା ଉତ୍ତର କଲେ ।

ଆଜି ସକାଳ କଥାରୁ ମୁଁ ଜାଣୁଛି—

ମୋ କଥା ସମାପ୍ତ ହେବାକୁ ନ ଦେଇ, ରାଜାସାହେବ ମୋର ପିଠି ଥାପୁଡ଼ାଇ ଥାପୁଡ଼ାଇ କହିଲେ—ଆରେ ନା ନା । ଯିଏ ଅଣ୍ଟା କରି ଜାଣେ, ସେ ଅଣ୍ଟା ବି ସହି ଜାଣେ । ମୁଁ ତୁମକୁ ଅଣ୍ଟା କରେ ତୁମ ପ୍ରତି ଖୁସି ହୋଇ । ଏଇ କଥା ପାଇଁ ଏ ହଡ଼ତାଳରେ ବସିଛ ଆସିଛ ? ସ ସ, ମନରେ କିଛି ଭାବ ନାହିଁ ।

ମନଟା ହାଲୁକା ହୋଇଗଲା । ମୁଁ ବୁଝିପାରିଲି ପଞ୍ଚ୍ ବର୍ଷନ୍ତରସ୍ତ ଭୂଲ ଶିରପାଟ ଦେଇନାହିଁ ।

ପାରଳାକୁଦରେ ମୁଁ ଦଶନ୍ଦି ମାସ ରହିଥିଲି । ସେହି ଦଶ ମାସରୁ ଆଠ ମାସ ମୁଁ ବଡ଼ କଷ୍ଟରେ କଟାଇଥିଲି । ସେଠାକାର ଜଳବାୟୁ ମୋ ପକ୍ଷରେ ଆଦୌ ଅନୁକୂଳ ନଥିଲା । ସେଠାରେ ରହିବାର ଦୁଇମାସ ପରେ ମୋର ପେଟରୋଗ ଆରମ୍ଭ ହୋଇଗଲା । ପରବର୍ତ୍ତୀ ଆଠମାସ କାଳ ମୁଁ ଶାରୀରିକ ଅସୁସ୍ଥତାରେ ହିଁ କଟାଇଥିଲି ।

ହୋମିଓପ୍ୟାଥିକ ଅଧ୍ୟୟନ

୧୯୨୯ ମସିହା ପ୍ରାରମ୍ଭରେ ମୋର ପାରଳାକୁଦରୁ କାଳୁପଡ଼ା ଘାଟ ନିକଟ ଟାଙ୍ଗି ଡାକ୍ତରଖାନାକୁ ବଦଳି ହେଲା । ସେଠାରେ

Digitized by srujanika@gmail.com

ପଢ଼ିସାରିବା ପରେ ପରେ ସଦ୍ୟ ପ୍ରକାଶିତ ମୋର 'ପ୍ରଣୟ' କାବ୍ୟ ସମ୍ପର୍କରେ ମୋର ବନ୍ଧୁମାନଙ୍କ ଠାରୁ ଅନେକ ଗୁଡ଼ିଏ ପ୍ରଶଂସା ପତ୍ର ପାଇଲି । କୋଡ଼ିଏ ଦିନର ଡାକରୁ ଅଠର ଖଣ୍ଡ ପତ୍ର ପାଇଥିଲି । ସେହି ପତ୍ର ପ୍ରେରକ ବନ୍ଧୁମାନଙ୍କ ମଧ୍ୟରେ ଥିଲେ ମୋର ଅନ୍ତରଙ୍ଗ ବନ୍ଧୁ ଓଡ଼ିଶାର ଜଗନ୍ନାଥ ହିପାଠୀ ଓ ସହପାଠୀ ବର୍ତ୍ତମାନ ସମାଜ ପ୍ରେସର ସୁଯୋଗ୍ୟ ମେନେଜର ଫକୀର ଚରଣ ଦାସ ।

ସେହି ବର୍ଷ ଓଡ଼ିଶାରେ ପ୍ରଥମ ହୋମିଓପ୍ୟାଥିକ ଡାକ୍ତର ଅଭିନ୍ନଚନ୍ଦ୍ର ଗୁପ୍ତଙ୍କର ଶାଳୀଙ୍କ ସହିତ ମୋର ବିବାହ ପ୍ରସଙ୍ଗ ସ୍ଥିର ହେଲା । ପ୍ରସଙ୍ଗ ସ୍ଥିର ହେବା ସମୟରେ ଅଭିନ୍ନବାବୁ ମୋତେ ପ୍ରଶ୍ନ କଲେ, ଆପଣ କଣ ବୃହ୍ମାନ୍ତ ? ଆପଣଙ୍କର ଉପମାଣ୍ଡ କଣ ? କନ୍ୟାର ଦୁଇ ହାତରେ ଦୁଇଟି ଫୁଲହାର ବାନ୍ଧି ଦେବେ । ମୋର ଏଇ ଉତ୍ତରରେ ଅଭିନ୍ନବାବୁ ଆଶ୍ଚର୍ଯ୍ୟାନ୍ୱିତ ଭାବରେ ମୋ ମୁହଁକୁ ଚାହିଁଲେ କିଛି କ୍ଷଣ । ପଚାରିଲେ, ମାନେ ?

ମାନେ ସେଇଟା ସଧବାର ଲକ୍ଷଣ । ମୁଁ ହସି ହସି କହିଲି । ତାଙ୍କର ବୁଝିବାରେ ବିଳମ୍ବ ହେଲା ନାହିଁ । ସେ ମଧ୍ୟ ହସି ହସି କହିଲେ, ଓଃ । ଠିକ୍ ଅଛି ।

କଟକରେ ଅନୁଷ୍ଠିତ ମୋର ବିବାହ ଉତ୍ସବରେ ଡାକ୍ତର ରାଧାଚରଣ ପଣ୍ଡା ବରଯାତ୍ରୀ ହୋଇ ଯାଇଥିଲେ । ମୋର ବିବାହ ଅତ୍ୟନ୍ତ ନିରାଡ଼ମ୍ବର ଭାବରେ ସମ୍ପନ୍ନ ହୋଇଥିଲା ।

ଓଡ଼ିଶାର ପ୍ରବୀଣ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ପିତୃଦେବ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମୁନସିଫ୍ ଚାକିରି କରୁଥାନ୍ତି । 'ଓଡ଼ିଆ ସାହିତ୍ୟ ପ୍ରଚାର ସଂଘ' ନାମରେ ଏକ ଅନୁଷ୍ଠାନ ଗଢ଼ି ସେ ତାର ସମ୍ପାଦକ ଥାନ୍ତି । ଓଡ଼ିଆ ସାହିତ୍ୟର

Digitized by srujanika@gmail.com

ପ୍ରଚାର ପ୍ରସାର ନିମନ୍ତେ ଉକ୍ତ ସଂଘ ଲେଖକ ମାନଙ୍କର ଅପ୍ରକାଶିତ ପୁସ୍ତକ ସବୁ ଛପାଉଥାନ୍ତି । ଡାକ୍ତର ରାଧାଚରଣ ପଣ୍ଡାଙ୍କର ଡାକ୍ତର ଲିଭିଂଷ୍ଟୋନ ନାମକ ଏକ ପୁସ୍ତକ ସାହିତ୍ୟ ପ୍ରଚାର ସଂଘ ଦ୍ୱାରା ପ୍ରକାଶ ପାଇଥାଏ ।

ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମହାଶୟ ଡାକ୍ତର ରାଧା ଚରଣ ପଣ୍ଡାଙ୍କଠାରୁ ମୋର ପରିଚୟ ପାଇ, ମୋତେ ଖଣ୍ଡେ ପତ୍ର ଲେଖିଲେ, ଯଦି ତୁମ ପାଖରେ ପ୍ରକାଶ ଯୋଗ୍ୟ ତୁମ ଲିଖିତ କୌଣସି ପୁସ୍ତକର ପାଣ୍ଡୁଲିପି ଥାଏ ଶୀଘ୍ର ଓଡ଼ିଆ ସାହିତ୍ୟ ପ୍ରଚାର ସଂଘର ସଂପାଦକଙ୍କ ନାମରେ ପଠାଇ ଦିଅ । ନିର୍ବାଚନ କମିଟି ଦ୍ୱାରା ମନୋନୀତ ହେଲେ ତୁମର ସେହି ପୁସ୍ତକ ସଂଘ ଛପାଇ ଦେଇ ପାରିବ ।

ମୁଁ ପାରିକୁଦରେ ଥିବା ସମୟରେ କନ୍ୟାସୁନା ନାମରେ ଏକ ଯୌତୁକ ବିରୋଧୀ ଉପନ୍ୟାସ ଲେଖିଥିଲି । ତାହାର ପାଣ୍ଡୁଲିପିଟି ସଙ୍ଗେ ସଙ୍ଗେ ପଠାଇ ଦେଲି । ଯଥା ସମୟରେ ନିର୍ବାଚନ କମିଟିର ସଭ୍ୟ ମୋହିନୀ ମୋହନ ସେନାପତି ଓ ବିରଜ ମୋହନ ସେନାପତି ଉଭୟଙ୍କର ସୁପାରିସ କ୍ରମେ ମୋର ସେହି କନ୍ୟାସୁନା ପୁସ୍ତକଟି ସାହିତ୍ୟ ପ୍ରଚାର ସଂଘ ଦ୍ୱାରା ପ୍ରକାଶିତ ହେଲା ।

ତା ପର ବର୍ଷ ବେହୁଲା ନାମକ ମୋର ଏକ ଶିଶୁ ସାହିତ୍ୟ ପୁସ୍ତକ ମଧ୍ୟ ଉକ୍ତ ସଂଘଦ୍ୱାରା ପ୍ରକାଶ ପାଇଲା । ସେହି ସମୟରେ ମୋର ଅନ୍ୟ ଏକ ଶିଶୁ ସାହିତ୍ୟ ପୁସ୍ତକ 'ଶୁକଦେବ' ଷ୍ଟୁଡେଣ୍ଟସ୍ ଷ୍ଟୋର, ବ୍ରହ୍ମପୁର, ଗଞ୍ଜାମଙ୍କ ଦ୍ୱାରା ପ୍ରକାଶ ପାଇଥିଲା ।

ରାଧାରମଣ ଗୋସ୍ୱାମୀ ନାମରେ ଜଣେ ଜ୍ୟୋତିଷୀ ପଣ୍ଡିତ ପୁରୀ ସହରର ଶଙ୍କରାଚାର୍ଯ୍ୟ ମଠ ନିକଟରେ ରହୁଥାନ୍ତି । ସେ

Digitized by srujanika@gmail.com

ସାପ୍ତାହିକ ସମାଜରେ ଏକ ବିଜ୍ଞାପନ ଦେଇଥିଲେ । ସେଥିରେ ଲେଖାଥିଲା—୮୦ ବର୍ଷର ଅଭିଜ୍ଞ ଜ୍ୟୋତିଷୀ । କେବଳ ଜନ୍ମ ତାରିଖ ଲେଖି ପ୍ରଶ୍ନ କଲେ ସେ ଯେ କୌଣସି ପ୍ରଶ୍ନର 'ଉତ୍ତର ଦେଇ ପାରିବେ ।

ମୁଁ ସେତେବେଳକୁ ପେଟ ବିନ୍ଧା ରୋଗରେ ଭୀଷଣ କଷ୍ଟ ପାଉଥାଏ । ପୁଣି ଯାଇ ରାଧାରମଣ ଗୋସ୍ୱାମୀ ମହାଶୟଙ୍କୁ ଦେଖା କଲି । ସେ ମୋର ଜାତକ ଦେଖିଲେ । କିଛି ସମୟ ଦେଖିବା ପରେ ଜାତକ ଉପରେ ଦୃଷ୍ଟି ରଖି ମୋତେ କହିଲେ, କଣ ପଚାରିବାକୁ ଇଚ୍ଛାକର ପଚାର ।

ମୁଁ ଗୋଟିଏ ପ୍ରଶ୍ନ କଲି । ସେ ପ୍ରଶ୍ନଟି ମୋ ପାଟିରୁ ବାହାରିଛି କି ନାହିଁ ସେ ଚଟାପଟ ତାର ଉତ୍ତର ପ୍ରଦାନ କଲେ । ଆଉ ତିନଗୋଟି ପ୍ରଶ୍ନର ମଧ୍ୟ ସେହିପରି ତୁରନ୍ତ ଉତ୍ତର ଦେଲେ । ତାଙ୍କର ସେ ପ୍ରକାର ଉତ୍ତର ପ୍ରଦାନରେ ମୋର ସନ୍ଦେହ ଜନ୍ମିଲା । ଜ୍ୟୋତିଷୀ ବିଦ୍ୟା ସମ୍ପର୍କୀୟ ଜଟିଳ ଜଟିଳ ପ୍ରଶ୍ନର ଉତ୍ତର ବନା ଗଣନାରେ ଏତେ ସହଜରେ ଦିଆ ଯାଇ ପାରେ ବୋଲି ମୋର ଧାରଣାରେ ନଥିଲା । ଆଉ ଅଧିକ ପ୍ରଶ୍ନ କରିବାକୁ ମୁଁ ଇଚ୍ଛା କଲି ନାହିଁ ।

ସେ ମନକୁ କହିଲେ, ତୁମ ଦେହରେ ଗୋଟିଏ ରୋଗ ଅଛି ଯାହାକି କେବେ ଭଲ ହେବ ନାହିଁ । ବର୍ଷାଧିକ ହେବ ମୋର ପେଟ ବିନ୍ଧୁଥିବା କଥା କହିଲି । ସ୍ୱାମୀଜୀ କହିଲେ, ସେ ଯାହା ହେଉ କହିଲି ତ ଗୋଟାଏ ରୋଗ । ସେ ରୋଗ ପାଇଁ କିଛି ଖର୍ଚ୍ଚ କରିବ ନାହିଁ । କାରଣ ସେ ରୋଗକୁ ଯିଏ ଭଲ କରି ଦେବ ବୋଲି କହିବ, ତାକୁ ଜାଣିବ ସଂସାର ଭିତରେ ସେ ହେଉଛି ସବୁଠାରୁ ବଡ଼ ମିଛୁଆ । ମୁଁ ପଚାରିଲି, ରୋଗ ତ ଭଲ

Digitized by srujanika@gmail.com

ଦେବ ନାହିଁ । ମୁଁ ଚଳିବି କେମିତି ? ମୁଣ୍ଡ ହଲାଇ ହଲାଇ ସ୍ୱାମୀଜୀ ଉତ୍ତର ଦେଲେ ହଁ ଚଳିବ, ଚଳିବ ।

ଗୋସ୍ୱାମୀ ମହାଶୟଙ୍କ ଠାରୁ ଫେରିବା ପରେ ମୋ ପେଟ ଝାଡ଼ା ରୋଗର ନିରାକରଣ ଉପରେ ଅଧିକ ଯତ୍ନବାନ ହେଲି । ନିରବଚ୍ଛିନ୍ନ ଭାବରେ ଗୋଟିଏ ପରେ ଗୋଟିଏ ଔଷଧ ବ୍ୟବହାର କରିବାକୁ ଲଗିଲି । ରୋଗ କିନ୍ତୁ ଦିନକୁ ଦିନ ବଢ଼ିଲା ସିନା ଊଣା ହେଲା ନାହିଁ ।

ହଠାତ୍ ଦିନେ ମୋର ଖୁବ୍ ରକ୍ତ ବାନ୍ତି ହେଲା । ପେଟ ଭିତରେ ଗୋଟିଏ ନାଡ଼ି ଫାଟିଯାଇଛି ବୋଲି ଡାକ୍ତର କହିଲେ । ମୁଁ ଖୁବ୍ ଦୁର୍ବଳ ହୋଇ ପଡ଼ିଲି । ଛୁଟି ନେଇ ପୁରୀରେ ଭାଇଙ୍କ ପାଖରେ ରହି ଚିକିତ୍ସିତ ହେଲି । ମାସକ ପରେ ସ୍ୱାସ୍ଥ୍ୟଲାଭ କରି ପୂର୍ବ ସ୍ଥାନକୁ ଫେରି ଆସିଲି ।

ମୋ ସ୍ତ୍ରୀଙ୍କର ଗର୍ଭୋଦୟ କାରଣରୁ ବାନ୍ତି ହେଲା । ଦିନ ଭିତରେ ୨୦।୨୫ ଥର । ଦିନ ଦିନ ବାନ୍ତି ଫଳରେ ତଣ୍ଟି ଫାଟି କ୍ଷତ ହୋଇଗଲା । ସେ କିଛି ଖାଇ ପିଇ ପାରିଲେ ନାହିଁ । କୌଣସି ଔଷଧ ବି ପେଟରେ ରହିଲା ନାହିଁ । ଅଳ୍ପଦିନ ଭିତରେ ସେ ଏପରି ଶଯ୍ୟାଶାୟୀ ହୋଇଗଲେ ଯେ, ତାଙ୍କର ବଞ୍ଚିବାର ଆଶା ହରାଇ ବସିଲୁଁ । ଡାକ୍ତରୀ ଔଷଧ ତ ପେଟରେ ରହୁନଥିଲା । ମୁଁ ଟେଲିଗ୍ରାମ କରି ଡାକ୍ତର ଅଭିନ୍ନଚନ୍ଦ୍ର ରାଓଙ୍କୁ ଡକାଇଲି । ସେ କଟକରୁ ଆସି ହୋମିଓପ୍ୟାଥିକ ଔଷଧ ଦେଲେ । ଗୋଟିଏ ଦିନ ପରେ ଔଷଧର କ୍ରିୟା ପ୍ରକାଶ ପାଇଲା । ବାନ୍ତି ସଂଖ୍ୟା ପ୍ରାୟ ଅଧାକୁ କମି ଆସିଲା । ଦ୍ୱିତୀୟ ଦିନକୁ ସେ କିଛି ଖାଇବାରେ ସମର୍ଥ ହେଲେ । ବାନ୍ତିର ସଂଖ୍ୟା କମିଯାଇ ଦିନ ଭିତରେ ଦୁଇ ତିନି ଥରରେ ରହିଲା ।

Digitized by srujanika@gmail.com

ହୋମିଓପ୍ୟାଥିକ ଔଷଧର କାର୍ଯ୍ୟକାରିତାରେ ମୁଁ ଚମତ୍କୃତ ହେଲି । ହୋମିଓପ୍ୟାଥିକ ଚିକିତ୍ସା ପ୍ରତି ଅତ୍ୟନ୍ତ ଆଗ୍ରହ ଜନ୍ମିଲା । ହୋମିଓପ୍ୟାଥିକ ବହି ମଗାଇ ପଢ଼ିବାକୁ ଆରମ୍ଭ କଲି ।

ଅନେକ ବର୍ଷ ପରେ ମୋର ଟାଙ୍ଗିରୁ ସାକ୍ଷୀଗୋପାଳ ବଦଳି ହେଲା । ସାକ୍ଷୀଗୋପାଳ ଆସିବାର ଦୁଇମାସ ପରେ ପୁରୀଠାରୁ ଭାଇଙ୍କଠାରୁ ଖଣ୍ଡେ ଚିଠି ପାଇଲି—ମୁଁ ଘରକୁ ଯାଇଥିଲି । କ୍ଷେତ୍ରବାସୀର ଦିନକୁ ଛଅ ସାତଥର ରକ୍ତଝାଡ଼ା ହେଉ ଥିବାର ଦେଖିଲି । ମୋର ସମସ୍ତ ଟଙ୍କା ପଇସା ଜମି କିଣାରେ ବ୍ୟସ୍ତ ହୋଇଯିବାରୁ ତାର ଚିକିତ୍ସା ପାଇଁ କିଛି କରିପାରିଲି ନାହିଁ । ତୁମେ ଶୀଘ୍ର ତା ପାଖକୁ କିଛି ଔଷଧ ପଠାଇଦିଅ ।

ସେହି ଭଉଣୀଙ୍କୁ ମୁଁ ଗ୍ରାମରେ ବିବାହ ଦେଇଥିଲି, କ୍ଷେତ୍ରବାସୀ ତାଙ୍କର ପୁଅ । ଭାଇଙ୍କର ଅନିଚ୍ଛା ସତ୍ତ୍ୱେ ସେ ଭଉଣୀଙ୍କର ବିବାହ ହୋଇଥିଲା । ସେହି କାରଣରୁ ଭାଇ ସେ ଭଉଣୀ ପ୍ରତି ବିଶେଷ ଶ୍ରଦ୍ଧାବାନ ନଥିଲେ । ମୁଁ କଟକରେ ପଢ଼ୁଥିବା ସମୟରେ ମୋର ପେଟରୁ କାଟି ସେ ଭଉଣୀକୁ ସାହାଯ୍ୟ କରି ଆସିଛି । ଭଣଜାର ପୀଡ଼ା ସମ୍ବାଦ ଶୁଣି ସମ-ବେଦନାରେ ମୋର ହୃଦୟ କାନ୍ଦି ଉଠିଲା । ବାର ତେର ବର୍ଷର ପିଲା । ଦିନକୁ ସାତ ଆଠ ଥର ରକ୍ତଝାଡ଼ାରେ ସେ ନିଶ୍ଚୟ ବହୁତ ଦୁର୍ବଳ ହୋଇ ପଡ଼ିବଣି । ଦୁଇଦିନର ଛୁଟି ନେଇ ଗ୍ରାମକୁ ଯାଇ କ୍ଷେତ୍ରବାସୀକୁ ସାକ୍ଷୀଗୋପାଳ ନେଇ ଆସିଲି ।

ଯଥା ସମୟରେ ସେ ଆରୋଗ୍ୟଲାଭ କଲା ।

ଗ୍ରାମକୁ ଯାଇଥିବା ସମୟରେ ନାନାଙ୍କଠାରୁ ଶୁଣିଥିଲି, ଗାଁ ଜଉତିଷ କହୁଥିଲେ, ତାଙ୍କର ପୁଅ ଷୋଳ ବର୍ଷ ବୟସରେ

Digitized by srujanika@gmail.com

ମରିଯିବ । ମୁଁ ତାଙ୍କୁ ଧୈର୍ଯ୍ୟ ଦେଇ କହୁଥିଲି, ଯେଉଁ ଜଉତଷ ତାର ଗଣନା କରିଛନ୍ତି ସେ ନିଜର ମୃତ୍ୟୁ ଦିନଟି ଜାଣନ୍ତି ନାହିଁ । ଯେତେବେ ତାର ଅଳ୍ପ ବୟସରେ ମରିବାର ଯୋଗ ଥାଏ ମରିବ । ମୃତ୍ୟୁକୁ କିଏ କେବେ ଏଡ଼ାଇ ପାରେ ? ହେଲେ ଆମେ ଆମର କର୍ତ୍ତବ୍ୟରେ ହେଳା କରିବା ନାହିଁ ।

ପୁରୀରେ ରହୁଥିବା ଜ୍ୟୋତିର୍ବିଦ ପଣ୍ଡିତ ରାଧାରମଣ ଗୋସ୍ୱାମୀ ମହାଶୟଙ୍କ ଗଣନାରେ ପ୍ରଥମେ ମୋର ଅବିଶ୍ୱାସ ହୋଇଥିଲା । ମାତ୍ର ବହୁ ଚିକିତ୍ସା ପରେ ପେଟବିନ୍ଧା କିଛିମାତ୍ର ଉପଶମ ନ ହେବାର ଦେଖି, ତାଙ୍କ ଗଣନା ପ୍ରତି କିଛି ପରିମାଣରେ ଆସ୍ଥା ଜନ୍ମିଲା । ମୁଁ ବିନୋଦବିହାରୀର ଜାତକ ନେଇ ସେହି ରାଧାରମଣ ଗୋସ୍ୱାମୀଙ୍କୁ ଦେଖାଇଲି । ସେ ମହାଶୟ କହିଲେ, ଏ ଷୋଳ ବର୍ଷରେ ମରିବ ନାହିଁ । ତିରିଶ ଭିତରେ ମରିବ । ଗୋଟିଏ ପ୍ରାୟଶ୍ଚିତ କରିବାର ବ୍ୟବସ୍ଥା ଦେଲେ ।

ସାକ୍ଷୀ ଗୋପାଳରେ ରହିବାର ଠିକ୍ ବର୍ଷକ ପରେ ମୋର ଆଉ ଥରେ ରକ୍ତ ବାନ୍ତି ହେଲା । ପୂର୍ବଥର ଠାରୁ ଏଥର ବହୁତ ବେଶୀ ରକ୍ତପାତ ହେଲା । ସ୍ଥାନୀୟ ଡାକ୍ତରଙ୍କର ପରାମର୍ଶାନୁସାରେ ମୁଁ ଯାଇ କଟକ ମେଡ଼ିକାଲ ସ୍କୁଲ ହସପିଟାଲରେ ଆଡ଼ମିସନ ନେଲି ।

ହସପିଟାଲରେ ଆଡ଼ମିଶନ ନେଲି; ମାତ୍ର ଡାକ୍ତରଖାନାର ହାସ୍ପତାଲ ଖାଦ୍ୟ ନ ଖାଇ ମେଡ଼ିକାଲ ହଷ୍ଟେଲରେ ଖିଆପିଆ କଲି । ସେଠାରେ ମୋର ଖାଇବା ଖର୍ଚ୍ଚ ତୁଲାଇବା ମୋ ପକ୍ଷରେ ସମ୍ଭବ ନଥିଲା । ଭାଇଙ୍କଠାରୁ କିଛି ସାହାଯ୍ୟ ଲୋଡ଼ିଲି; ମାତ୍ର ସେ କିଛି ସାହାଯ୍ୟ କରିପାରିବେ ନାହିଁ ବୋଲି ଖଣ୍ଡେ ପୋଷ୍ଟକାର୍ଡ଼ ଲେଖି ଜଣାଇ ଦେଲେ ।

Digitized by srujanika@gmail.com

ଭଉଣୀ ସେତେବେଳେ ସତ୍ୟବାଦୀ ମାଇନର ସ୍କୁଲରେ ପଢ଼ୁଥାଏ । ଏକ ପତ୍ରରେ ମୁଁ ତାକୁ ଲେଖିଲି, ତୁ ଉସମାନ ସାହେବଙ୍କୁ ଦେଖା କରି ମୋତେ କିଛି ଟଙ୍କା ଧାର ଦେବାପାଇଁ କହିବୁ । ଆଉ ମଧ୍ୟ କହିବୁ, ତୁମର ଖର୍ଚ୍ଚ ପାଇଁ ସଉଦା ଯାହା ଦରକାର ହେଉଥିବ ତାହା ସେ ଧାରରେ ଦେଉଥିବେ । ମାସକରୁ କମ୍‌ରେ ବୋଧହୁଏ ମୁଁ ଏଠାରୁ ଯାଇପାରୁ ନାହିଁ ।

ଉସମାନ ସାହେବ ଜଣେ ଗୁଜରାଟୀ ମୁସଲମାନ ବଣିକ । ସାକ୍ଷୀ ଗୋପାଳ ଡାକ୍ତରଖାନା ନିକଟରେ ତାଙ୍କର ଏକ ନେଳବସ୍ତ୍ର ଦୋକାନ ଥାଏ । ନଡ଼ିଆ ବ୍ୟବସାୟ ମଧ୍ୟ କରନ୍ତି । ମୁଁ ତାଙ୍କ ଦୋକାନରୁ ସଉଦା ନିଏ । ତାଙ୍କ ରୋଗ ବ୍ୟାଧିର ଚିକିତ୍ସା ବି କରେ । ମୋର ଭଉଣୀଠାରୁ ମୁଁ ଟଙ୍କା ଧାର ଲୋଡ଼ିଥିବାର ସମ୍ବାଦ ପାଇ ସଙ୍ଗେ ସଙ୍ଗେ ସେ ଭଉଣୀ ହାତକୁ ପୁଞ୍ଜିଏ ଟଙ୍କା ବଢ଼ାଇ ଦେଲେ । କ୍ଷେତ୍ରବାସୀ ସେ ଟଙ୍କା ମୋ ପାଖକୁ ମନିଅର୍ଡ଼ର କରିଦେଲା ।

ଉସମାନ ସାହେବଙ୍କର ସେ ଉପକାର ମୁଁ ଜୀବନରେ ଭୁଲି ପାରିବି ନାହିଁ ।

ପରମ କାରୁଣିକ ଜଗନ୍ନାଥଙ୍କର ଅସୀମ ଦୟାରୁ ମୁଁ ଦେଢ଼ ମାସ ପରେ କଟକ ମେଡ଼ିକାଲ ସ୍କୁଲ ହସପିଟାଲରୁ ଛଡାଯାଇ ଆସିଲି । ବିନା ଅପରେସନରେ ପେଟ ବିନ୍ଧା ରୋଗ ଭଲ ହେବ ନାହିଁ ବୋଲି ହସପିଟାଲର ପ୍ରଧାନ ଚିକିତ୍ସକ ମତ ଦେଲେ; ମାତ୍ର କଟକରେ ସେତେବେଳେ ପେଟ ଅପରେସନ ପରି ବଡ଼ ଅପରେସନ ହେଉ ନଥିଲା । ସେଥିପାଇଁ କଲିକତା କିମ୍ବା ମାନ୍ଦ୍ରାଜ ଯାଇ ଅପରେସନ କରାଇ ନେବାର ପରାମର୍ଶ ଦେଲେ ।

Digitized by srujanika@gmail.com

୧୯୩୩ ମସିହାର ଶେଷ ଭାଗରେ ମୋର ପିପିଲିକୁ ବଦଳି ହେଲି । ମୋର ପୂର୍ବର ସୁପରିଚିତ ପାରଳାକିମେଡ଼ିର ଯୁବରାଜ ସାହେବ ସେତେବେଳେ ତାଙ୍କ ପିତାଙ୍କ ମୃତ୍ୟୁପରେ ରାଜଗାଦି ଲାଭ କରିଥାନ୍ତି । ପୁଣି ଜିଲ୍ଲାବୋର୍ଡ଼ର ଚେୟାରମ୍ୟାନ ବି ଥାନ୍ତି । ସେ ପିପିଲି ଗସ୍ତରେ ଆସିଥିବା ବେଳେ ମୁଁ ତାଙ୍କୁ ମୋର ରୋଗ ବିଷୟ ଜଣାଇଲି । ସେ ମୋର ଅପରେସନର ସୁବିଧା କରି ଦେବାର ପ୍ରତିଶ୍ରୁତି ଦେଲେ ।

ଏହାର ଅଳ୍ପଦିନ ପରେ ଶୀଘ୍ର ମୋତେ ପାରଳାକିମେଡ଼ି ଯାଇ ତାଙ୍କୁ ଦେଖାକରିବା ନିମନ୍ତେ ଏକ ପତ୍ର ଲେଖିଲେ । ମୁଁ ସଙ୍ଗେ ସଙ୍ଗେ ଯାଇ ପାରଳାକିମେଡ଼ିରେ ଦେଖା କଲି ।

ରାଜା ସାହେବଙ୍କର ସାନଭାଇ ବିଷମ କଟକ ରାଜ୍ୟକୁ ପୋଷ୍ୟ ହୋଇ ଯାଇଥାନ୍ତି । ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ସୃଷ୍ଟି ହୋଇ ନଥାଏ କି ଆନ୍ଧ୍ର ପ୍ରଦେଶ ମଧ୍ୟ ଜନ୍ମଲାଭ କରି ନ ଥାଏ । କୋରାପୁଟ, ଜୟପୁର, ବିଷମ କଟକ ଆଦି ରାଜ୍ୟ ମାନ୍ଦ୍ରାଜ ପ୍ରଦେଶ ଅନ୍ତର୍ଭୁକ୍ତ ଥାଏ । ବିଷମ କଟକ ରାଜା ଓ୍ୟାଲଟିୟରରେ ରହୁଥାନ୍ତି । ସେ ମାନ୍ଦ୍ରାଜ ପ୍ରେସିଡେନ୍‌ସିର ସ୍ଥାଉଟ କମିଶନର ଥାନ୍ତି । କିଛିଦିନ ପାଇଁ ସେ ପାରଳାକିମେଡ଼ି ଭ୍ରମଣରେ ଆସିଥିଲେ ।

ମୁଁ ପାରଳାକିମେଡ଼ିରେ ପହଞ୍ଚିବା ମାତ୍ରେ ରାଜା ସାହେବ ତାଙ୍କ ସହିତ ସାକ୍ଷାତ କରାଇ ଦେଲେ ଏବଂ ମୋର ସୁବିଧାରେ ଅପରେସନ କରାଇ ଦେବା ନିମନ୍ତେ ଅନୁରୋଧ କଲେ । ବିଷମ କଟକର ରାଜା ସାହେବ ବଡ଼ ଭାଇଙ୍କ ଅନୁରୋଧରେ ସ୍ୱୀକୃତ ହୋଇ ମୋତେ ଶୀଘ୍ର ଓ୍ୟାଲଟିୟର ଯାଇ ତାଙ୍କ ସହିତ ଦେଖା କରିବାର ପରାମର୍ଶ ଦେଲେ ।

Digitized by srujanika@gmail.com

ମୁଁ ଯଥା ସମୟରେ ଓ୍ୟାଲଟିୟର ଯାଇ ରଜା ସାହେବଙ୍କୁ ସାକ୍ଷାତ କଲି ଏବଂ ତାଙ୍କର ସୁପାରସ କ୍ରମେ ଓ୍ୟାଲଟିୟରର କିଂଜର୍ଜ ହସପିଟାଲରେ ଅପରେସନ ହେଲି ।

ଅଳ୍ପଦିନ ମଧ୍ୟରେ ଜଣେ ଇଉରୋପିଆନ ଡାକ୍ତର ମୋର ଅପରେସନ କଲେ । ମୋର ପିଲାଦିନେ ଆମ ଘରର ଅବସ୍ଥାକୁ ଲକ୍ଷ୍ୟକରି ମା କହୁଥିବାର ଶୁଣିଛି—

ଯେତେଣ ଇଚ୍ଛା ତେତେଣ ଯା, ଭାଗ୍ୟ ଯେଝା, ବୁଲ୍ ଆ ।

ବର୍ତ୍ତମାନ ତାହାହିଁ ଦେଖିଲି । ଭାଗ୍ୟ ପରିବର୍ତ୍ତନ କରିବାର ଶକ୍ତି କାହାର ନାହିଁ । ସଫଳ ଅପରେସନ ହେଲେ ମଧ୍ୟ, ଅପରେସନର ମାତ୍ର ତିନିଦିନ ପରେ ମୁଁ ପୂର୍ବପରି ପେଟର ଯନ୍ତ୍ରଣା ଅନୁଭବ କଲି । ମାତ୍ର ହସପିଟାଲର ଡାକ୍ତରମାନେ ମୋ କଥାକୁ ହସରେ ଉଡ଼ାଇ ଦେଲେ । କହିଲେ ସେ ବେଦନା ପେଟର ପୂର୍ବ ବେଦନା ନୁହେଁ । ସିଲେଇର ବେଦନା । ସେଥିପାଇଁ ବ୍ୟସ୍ତ ହୁଅ ନାହିଁ । ଅଳ୍ପ ଦିନ ଭିତରେ ସେ ବ୍ୟଥା ଭଲ ହୋଇଯିବ ।

ମୁଁ ପିପିଲି ଫେରି ଆସିଲି । ଓ୍ୟାଲଟିୟର ଡାକ୍ତରଙ୍କର ଭବିଷ୍ୟତ ବାଣୀକୁ ବିଫଳ କରି ମୋ ପେଟର ବେଦନା ପୂର୍ବପରି କଷ୍ଟ ଦେବାକୁ ଲାଗିଲା । ରାଧାରମଣ ଗୋସ୍ୱାମୀଙ୍କର ବାଣୀହିଁ ସତ୍ୟ ପ୍ରମାଣିତ ହେଲା ।

ମୁଁ ୧୯୩୬ ମସିହାରେ କଲିକତାସ୍ଥ 'ଦି ଫେଡ଼ ହୋମିଓପ୍ୟାଥିକ କଲେଜ ଅଫ୍ ଇଣ୍ଡିଆ'ରୁ ଘରେଇ ଛାତ୍ର ଭାବରେ ପରୀକ୍ଷା ଦେଇ ଏଚ. ଏମ. ବି. ଡିଗ୍ରୀ ହାସଲ କଲି ।

୧୯୩୭ ମସିହାରେ ମୁଁ ଯେତେବେଳେ ପେଟ ବଥା ପାଇଁ କଟକ ମେଡ଼ିକାଲ ସ୍କୁଲ ହାସପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ

Digitized by srujanika@gmail.com

ହେଉଥିଲି, ସେହି ସମୟରେ ମେଦିନୀପୁରର ଜଣେ ଡାକ୍ତର ଗ୍ରୁପ ତାଙ୍କର ପିତା କୌଣସି ଡାକ୍ତରୀ ସ୍କୁଲରେ ନ ପଢ଼ି ମଧ୍ୟ କିପରି ଦକ୍ଷତାର ସହିତ ରୋଗୀ ଚିକିତ୍ସା କରି ପାରନ୍ତି ସେ ବିଷୟରେ କହିବାକୁ ଯାଇ ବଙ୍ଗ ଭାଷାରେ ଲିଖିତ ଡାକ୍ତରୀ ଶିକ୍ଷାନାମକ ଏକ ପୁସ୍ତକର ସନ୍ଧାନ ଦେଇଥିଲେ । ସେହି ଚିକିତ୍ସା ପୁସ୍ତକଟି ପାଞ୍ଚ ଭାଗରେ ବିଭକ୍ତ । ମୁଁ ଏଚ. ଏମ. ବି. ପାସ କଲା ପରେ ସେହି ବହି ଗୁଡ଼ିକ ପଢ଼ିଲି ।

ଚାକିରୀରୁ ଇସ୍ତଫା ଓ ପ୍ରାଇଭେଟ୍ ପ୍ରାକ୍ଟିସ

ପେଟ ବଥା ଆଜି ସେଥିପାଇଁ ଔଷଧ ସେବନ ଏ ତ ସବୁ ଦିନ ଲାଗି ରହିଥାଏ ।

ଦିନେ ମୁଁ ବସି ବସି ଚିନ୍ତାକଲି—ମୋର ପେଟ ବଥା ରୋଗ ଯଦି ଜୀବନ ସାଥୀ ଲାଗିରହେ ଚାକିରୀକୁ ଅବସର ନେଲା ବେଳକୁ ଆଜିପରି ମୁଁ ତ ଆଉ କାର୍ଯ୍ୟକ୍ଷମ ଅବସ୍ଥାରେ ନ ଥିବି । ମୋର ଆଜିର ଶକ୍ତି ସାମର୍ଥ୍ୟ ବହୁ ପରିମାଣରେ କମି ଯାଇଥିବ, ବର୍ତ୍ତମାନର ଆଉ ଜଣିଆ କୁଟୁମ୍ବ ଆଉ ନ ଥିବ । ପରିବାରର ସଂଖ୍ୟା ଆହୁରି ବଢ଼ି ଯାଇଥିବ । ଚାକିରୀ ଖଣ୍ଡିକ ଗଲେ ପରିବାର ପ୍ରତିପୋଷଣ କରିବାର ଅନ୍ୟ ଉପାୟ ବି ନ ଥିବ । ଦେହରେ ଶକ୍ତି ସାମର୍ଥ୍ୟ ଥାଉ ଥାଉ ଯେବେ ଚାକିରୀ ଛାଡ଼ି ଦେଇ ପ୍ରାଇଭେଟ ପ୍ରାକଟିସ୍ କରେ ଚାକିରୀ ଆୟଠାରୁ ନିଶ୍ଚୟ ଅଧିକ ଆୟକରି ପାରିବି । ବାର୍ଦ୍ଧକ୍ୟ ସମୟ ପାଇଁ କିଛି ସଞ୍ଚୟ ବି କରି ପାରିବି ।

ଏହିପରି ଅନେକ ଚିନ୍ତାପରେ ଚାକିରୀ ଛାଡ଼ିବାର ସିଦ୍ଧାନ୍ତ କଲି । ଆଉମଧ୍ୟ ସ୍ଥିର କଲି, ଯେବେ ପ୍ରାଇଭେଟ ପ୍ରାକ୍ଟିସ କରେ ତେବେ ଏହି ପିପିଲିରେହିଁ କରିବି । କାରଣ ପିପିଲିରେ ମୋ ରେତ-

Digitized by srujanika@gmail.com

ବେଳେ ଘରେ ଘରେ ମେଲେରିଆ ରୋଗୀ । ପୁରୀ ଜିଲ୍ଲା ମଧ୍ୟରେ ପିପିଲି ସବୁଠାରୁ ମେଲେରିଆ ପ୍ରଧାନ ସ୍ଥାନ ବୋଲି ଜଣା ଶୁଣା ହୋଇ ଯାଇଥାଏ ।

ପିପିଲିର ନୂଆହାଟ ଭଗବାନପୁର ମୌଜାରେ ବାସୋପ-ଯୋଗୀ ଖଣ୍ଡିଏ ଜମି କିଣିଲି । ମୋର ପ୍ରଭିଡେଣ୍ଟଫଣ୍ଡ ଜମା ଟଙ୍କାରୁ ଦୁଇଶହ ଟଙ୍କା ଆଡ୍‌ଭାନ୍‌ସ ଆଣି ୧୯୩୭ ମସିହାରେ ଉକ୍ତ ଜମିରେ ଘର ତୋଳିଲି ଏବଂ ୧୯୩୮ ମସିହାରେ ସ୍କୁଲଘରୁ ଇସ୍ତଫା ଦେଇ ଓକିଲାତି ବ୍ୟବସାୟ ଆରମ୍ଭ କଲି ।

ମୋର ଭଣଜା କ୍ଷେତ୍ରବାସୀ ତାର ଅକାଳ ମୃତ୍ୟୁ ସମ୍ବାଦ ତାର ମାଙ୍କ ଠାରୁ ଜାଣି ପାରିଥିଲି । ସେ ଘରକୁ ଯିବ ବୋଲି ମୋଠାରୁ ବିଦାୟ ନେଇଗଲା । ସେ ଯିବାର କିଛିଦିନ ପରେ ନାମାଙ୍କ ଠାରୁ ପତ୍ର ପାଇଲି ଯେ ସେ ଭୁବନେଶ୍ୱର ରାମକୃଷ୍ଣ ମଠରେ ରହିଛି ।

ଏହାର କେତେମାସ ପରେ ସମ୍ବାଦ ପାଇଲି କ୍ଷେତ୍ରବାସୀ ଭୁବନେଶ୍ୱର ଷ୍ଟେସନ ନିକଟରେ ରେଳଗାଡ଼ି ଧକ୍କାରେ କଟି ଯାଇଛି । ସଙ୍ଗେ ସଙ୍ଗେ ଗ୍ରାମକୁ ଯାଇ ନାମାଙ୍କୁ ମୋ ପାଖକୁ ନେଇ ଆସିଲି ।

ପିପିଲି, ନିକଟବର୍ତ୍ତୀ ଦାଣ୍ଡ ମୁକୁନ୍ଦପୁର, ବନ୍ତଳସିଂ ଆଦି କେତେକ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ନୂତନ ହୋଇ ସୃଷ୍ଟି ହୋଇଥିବା ସରକାରୀ ମତ୍ସ୍ୟ ବିଭାଗ ତରଫରୁ ପିପିଲିରେ ଫିସରୀ କୋଃ ଅପରେଟିଭ ସୋସାଇଟ୍ ନାମରେ ଏକ ଅନୁଷ୍ଠାନ ଗଢ଼ାଗଲା । ଉକ୍ତ ସୋସାଇଟ୍‌ର କାମ ହେଲା ମତ୍ସ୍ୟ ଚାଷର ଉନ୍ନତି କଳ୍ପେ ଜଳାଶୟ ଖନନ ନିମନ୍ତେ ଚାଷୀମାନଙ୍କୁ ଆବଶ୍ୟକୀୟ ଋଣ

Digitized by srujanika@gmail.com

ଯୋଗାଇ ଦେବା । ମୁଁ ସେହି ସୋସାଇଟିର ସମ୍ପାଦକ ନିର୍ବାଚିତ ହେଲି ।

ପିପିଲିରେ ସେତେବେଳେ ଶିକ୍ଷାନୁଷ୍ଠାନ ବୋଲିଲେ ଗୋଟିଏ ଉ. ପ୍ରା. ବିଦ୍ୟାଳୟ ଓ ଗୋଟିଏ ମିଶନ ବାଳିକା ନି. ପ୍ରା. ବିଦ୍ୟାଳୟ ଏହି ଦୁଇଟି ପ୍ରାଥମିକ ବିଦ୍ୟାଳୟ ମାତ୍ର ଥିଲା । ପିପିଲି ଠାରୁ ଦୁଇ ମାଇଲ ଦୂର ଦାଣ୍ଡ ମୁକୁନ୍ଦପୁର ଗ୍ରାମରେ ଗୋଟିଏ ମି. ଇ. ସ୍କୁଲ ଥିଲା ।

ଦାଣ୍ଡ ମୁକୁନ୍ଦପୁର ମି. ଇ. ସ୍କୁଲ ପରିଚାଳନା କମିଟିରେ ମୁଁ ଜଣେ ସଭ୍ୟରୂପେ ଗୃହୀତ ହେଲି ।

ସେହି ସମୟରେ ପୁରୀ ଜିଲ୍ଲାବୋର୍ଡ଼ର ସଭ୍ୟ ନିର୍ବାଚନ ହେଉଥାଏ । ପୂର୍ବତନ ଜିଲ୍ଲାବୋର୍ଡ଼ର ଚେୟାରମ୍ୟାନ ଆଡ଼ଭୋକେଟ ଜଗନ୍ନାଥ ମିଶ୍ର ମୁଁ ଓକିଲାତି କରୁଥିବା ବେଳେ ମୋର ପରିଚୟ ପାଇଥିଲେ । ସେ ମହାଶୟ ମୋତେ ପତ୍ର ଲେଖିଲେ—ଆମେ ତୁମକୁ ପିପିଲିରୁ ଜିଲ୍ଲାବୋର୍ଡ଼ ସଭ୍ୟ ନିର୍ବାଚନରେ ପ୍ରାର୍ଥୀ ଠିଆ କରାଇବାକୁ ସ୍ଥିର କରିଛୁଁ । ଚନ୍ଦନପୁର ବୈଠକରେ ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ । ତୁମେ ନିର୍ଦ୍ଦିଷ୍ଟ ଦିନ ସକାଳ ଆଠଟା ବେଳେ ଚନ୍ଦନପୁରକୁ ଆସ ।

ଦାଣ୍ଡ ମୁକୁନ୍ଦପୁରର ସ୍ୱେଚ୍ଛାସେବୀ ଯୁବକର୍ମୀ ଗୀତବାସ ପଣ୍ଡାଙ୍କ ସହିତ ମୋର ବେଶ୍ ବନ୍ଧୁତା ଥାଏ । ମୁଁ ଜଗନ୍ନାଥ ବାବୁଙ୍କର ଚିଠି ଖଣ୍ଡିକ ତାଙ୍କୁ ଦେଖାଇଲି । ପତ୍ର ପାଠକରି ସେ ଖୁବ୍ ଖୁସି ହେଲେ । ମୁଁ ଜିଲ୍ଲାବୋର୍ଡ଼ ସଭ୍ୟ ହେବାର ଶୁଭ କାମନା କଲେ ।

Digitized by srujanika@gmail.com

ଖେଇଗୁଡ଼ର କୃପାସିନ୍ଧୁ ମିଶ୍ର, ବନ୍ତଳସିଂହର ସଦୁମଣି ମିଶ୍ର ପୁରାତନ କଂଗ୍ରେସ କର୍ମୀ । ଡାଣ୍ଡ ମୁକୁନ୍ଦପୁର ଯୁବ କର୍ମୀ ପୀତବାସ ପଣ୍ଡା ପ୍ରଥମେ କଂଗ୍ରେସ କର୍ମୀ ଭାବରେ ତାଙ୍କ ସହିତ ବୁଲାବୁଲି କରୁଥିଲେ । କିନ୍ତୁ ଅଧିକାଂଶ ସମୟ ସେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସହିତ କଟାଉ ଥିଲେ । ନୀଳକଣ୍ଠ ବାବୁଙ୍କର ସେତେବେଳେ କଂଗ୍ରେସ ସହିତ ଭଲ ପଡ଼ୁ ନଥାଏ । ସେଥିପାଇଁ ପୀତବାସବାବୁ ମଧ୍ୟ କଂଗ୍ରେସ ବିରୋଧୀ ଥାନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ଠାରୁ ସେ ନିର୍ବାଚନ କୌଶଳ ବି କିଛି ଶିକ୍ଷାଲାଭ କରିଥାନ୍ତି । ବର୍ତ୍ତମାନ ପୁରୀ ଜିଲ୍ଲାବୋର୍ଡ ସଭ୍ୟ ନିର୍ବାଚନରେ ସେ ସେହି କୌଶଳ ପ୍ରୟୋଗ କରିବାର ଏକ ସୁବର୍ଣ୍ଣ ସୁଯୋଗ ପାଇଗଲେ । ଜିଲ୍ଲାବୋର୍ଡ ପ୍ରାର୍ଥୀ ଭାବରେ ମୋତେ ବାହାରେ ମୌଖିକ ସମର୍ଥନ ଜଣାଇଲେ ମଧ୍ୟ ନିଜେ କିପରି ଜିଲ୍ଲାବୋର୍ଡ ସଭ୍ୟ ହୋଇ ପାରିବେ ଭିତରେ ଭିତରେ ସେହି ଚେଷ୍ଟା ଚଳାଇଲେ । କାରଣ କଂଗ୍ରେସ ବିରୁଦ୍ଧରେ ବିଶେଷତଃ ମୋ ବିରୁଦ୍ଧରେ ଠିଆହୋଇ ଜୟଯୁକ୍ତ ହେବାର ସମ୍ଭାବନା ତାଙ୍କର ଆଦୌ ନ ଥିଲା । ମୋତେ ନିର୍ବାଚନରୁ ଘଉଡ଼େଇ ଦେବା ଉଦ୍ଦେଶ୍ୟରେ ସେ କୃପାସିନ୍ଧୁ ମିଶ୍ରଙ୍କୁ ଜିଲ୍ଲାବୋର୍ଡର ସଭ୍ୟ ହେବା ପାଇଁ ପ୍ରବର୍ତ୍ତାଇଲେ । କୃପାସିନ୍ଧୁ ବାବୁଙ୍କର ଅସ୍ୱୀକୃତ ହେବାର କିଛି କାରଣ ନ ଥିଲା । ସେ ବରଂ ଉତ୍ସାହିତ ହେଲେ ।

ନିର୍ଦ୍ଧାରିତ ଅବସରରେ ଚନ୍ଦନପୁର ବୈଠକରେ ମୁଁ ଯୋଗଦେଲି । ପୀତବାସ ବାବୁ ବି କୃପାସିନ୍ଧୁ ବାବୁଙ୍କୁ ସଙ୍ଗରେ ନେଇ ସେଠାରେ ପହଞ୍ଚିଲେ । ପିପିଲିରୁ ଜିଲ୍ଲାବୋର୍ଡ ସଭ୍ୟପାଇଁ ପ୍ରାର୍ଥୀ ହେବାକୁ ଚାହାଁନ୍ତି ବୋଲି କଂଗ୍ରେସର ଉଚ୍ଚ ନେତାମାନଙ୍କୁ କୃପାସିନ୍ଧୁ ବାବୁ ଜଣାଇଲେ । ମୁଁ ଆଜ କୃପାସିନ୍ଧୁ ବାବୁ

Digitized by srujanika@gmail.com

ଉଭୟଙ୍କର ପ୍ରାର୍ଥୀତ୍ୱ ବିଷୟରେ ସଭାରେ ଆଲୋଚନା ହେଲା । କୃପାସିନ୍ଧୁ ବାବୁ ବୟୋଃଜ୍ୟେଷ୍ଠ ଅଭିଜ୍ଞ ପୁରାତନ କର୍ମୀ । ମୋ ପରି ଜଣେ ନବାଗତ ଯୁବକ ଠାରୁ ସେ ସର୍ବାଂଶରେ ଉପଯୁକ୍ତ । ସଭାପତି ପଣ୍ଡିତ ଲିଙ୍ଗରାଜ ମିଶ୍ର, ପିପିଲି ନିର୍ବାଚନ ମଣ୍ଡଳୀରୁ କୃପାସିନ୍ଧୁ ବାବୁ ମନୋନୀତ ହେଲେ ବୋଲି ତାଙ୍କର ନିଷ୍ପତ୍ତି ଶୁଣାଇ ଦେଲେ । ସଙ୍ଗେ ସଙ୍ଗେ ଜଗନ୍ନାଥ ବାବୁ ଆସି ମୋତେ କୃପାସିନ୍ଧୁ ବାବୁଙ୍କର ଯୋଗ୍ୟତା ବିଷୟରେ କହି ମୁଁ ମନ ଦୁଃଖ ନ କରିବାର ଅନୁରୋଧ କଲେ ।

ଯଥା ସମୟରେ କୃପାସିନ୍ଧୁ ବାବୁ ପ୍ରାର୍ଥୀ ପତ୍ର ଦାଖଲ କଲେ । ପୀତବାସ ବାବୁ ମଧ୍ୟ ସ୍ୱାଧୀନ ସଭ୍ୟ ଭାବରେ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କଲେ ।

କୃପାସିନ୍ଧୁ ବାବୁ ଜିଲ୍ଲା ବୋର୍ଡ଼ର କୌଣସି ପ୍ରାପ୍ୟ ପରିଶୋଧ କରି ନଥିଲେ, କିମ୍ବା କଣ୍ଟ୍ରାକ୍ଟ କରୁଥିବା ବା ସେହିପରି କୌଣସି ଏକ ତ୍ରୁଟି ତାଙ୍କର ଥିଲା । ମନୋନୟନ ପତ୍ର ଯାଞ୍ଚ ସମୟରେ ପୀତବାସ ବାବୁ ସେହି କଥାଟି ଦର୍ଶାଇ ବାରୁ କୃପାସିନ୍ଧୁ ବାବୁଙ୍କର ପ୍ରାର୍ଥୀତ୍ୱ ନାକଚ ହୋଇଗଲା ଏବଂ ପୀତବାସ ବାବୁ ନିର୍ବିରୋଧରେ ଜିଲ୍ଲାବୋର୍ଡ଼କୁ ସଭ୍ୟ ନିର୍ବାଚିତ ହେଲେ ।

ପୀତବାସ ବାବୁ ମୋ ପ୍ରତି ଏହି ଯେଉଁ ଚଞ୍ଚକତା ପୂର୍ଣ୍ଣ ବ୍ୟବହାର କଲେ ସେଥିପାଇଁ ତାଙ୍କ ପ୍ରତି ମୋ ମନରେ କୌଣସି ପ୍ରକାର ବିରୁଦ୍ଧ ଭାବ ଜାତ ହୋଇ ନଥିଲା । ବରଂ ତାଙ୍କର ଏହି ଆକସ୍ମିକ ଜିତାପଟରେ ମୁଁ ବିଶେଷ ଆନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ତାଙ୍କର କୂଟ କୌଶଳର ତାରିଫ କରିଥିଲି ।

Digitized by srujanika@gmail.com

ସେହି ଘଟଣା ପରଠାରୁ ସୀତାନାଥ ବାବୁ ତଥା କୃପାସିନ୍ଧୁ ବାବୁ ଉଭୟଙ୍କ ସହିତ ମୋର ଘନିଷ୍ଠତା ବଢ଼ି ଉଠିଥିଲା ।

ପିପିଲିରେ ଗୋଟିଏ ହାଇ ସ୍କୁଲର ଆବଶ୍ୟକତା ଉପଲବ୍ଧି କରି ସ୍ଥାନୀୟ ସବ୍‌ରେଜିଷ୍ଟ୍ରାରଙ୍କ ସମେତ ପିପିଲି ଓ ଦାଣ୍ଡ ମୁକୁନ୍ଦପୁରର କେତେକ ବିଶିଷ୍ଟ ବ୍ୟକ୍ତି ଏକ ବୈଠକରେ ବସି ପିପିଲିରେ ଗୋଟିଏ ହାଇସ୍କୁଲ ଖୋଲିବାର ସ୍ଥିର କଲୁ । ସେ ବାଟରେ ପ୍ରଥମ କାମ ହେଲା ସ୍କୁଲ ପାଇଁ ଏକ ଉପଯୁକ୍ତ ସ୍ଥାନ ହାସଲ କରିବା । ସେତେବେଳେ ପିପିଲିରେ ଛଅ ଜଣ ଜମିଦାର ଥିଲେ । ଉପଯୁକ୍ତ ସ୍ଥାନ ନିରୂପଣ କରି ସମ୍ପୃକ୍ତ ଜମିଦାରଙ୍କୁ ସେ ଜମି ଖଣ୍ଡିକ ସ୍କୁଲ ପାଇଁ ଦାନ କରିବା ନିମନ୍ତେ ଅନୁରୋଧ କଲୁ । ମାତ୍ର ସେ ଜମିଦାର ସ୍ୱୀକୃତ ହେଲେ ନାହିଁ । ପିପିଲିରେ ହାଇସ୍କୁଲ ସ୍ଥାପନ ଉଦ୍ୟମର ସେଇଠାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା । କିନ୍ତୁ ଦାଣ୍ଡ ମୁକୁନ୍ଦପୁର ଗ୍ରାମବାସୀମାନେ ହତୋତ୍ସାହ ନହୋଇ ସେଠା ମି. ଇ. ସ୍କୁଲ ପରିସରରେ ହାଇସ୍କୁଲର ପ୍ରଥମ କ୍ଲାସ ଅଷ୍ଟମ ଶ୍ରେଣୀ ଖୋଲି ଦେଲେ ।

ଦାଣ୍ଡ ମୁକୁନ୍ଦପୁରରେ ବର୍ଷକୁ ବର୍ଷ ଗୋଟିଏ ଗୋଟିଏ କ୍ଲାସ ଖୋଲି ଯାଇ ଚାରି ବର୍ଷରେ ହାଇସ୍କୁଲ ଠିଆ ହୋଇଗଲା ।

ମାଇନର ସ୍କୁଲ

ପିପିଲିରେ ହାଇ ସ୍କୁଲ ତ ହୋଇ ପାରିଲା ନାହିଁ । ଦାଣ୍ଡ ମୁକୁନ୍ଦପୁରରେ ହାଇସ୍କୁଲ ଖୋଲିବା ପରେ ପିପିଲିରେ ଗୋଟିଏ ମାଇନର ସ୍କୁଲ ଖୋଲିବାର ପରିକଳ୍ପନା ହେଲା । ଅନେକ ବିଚାରବିବେଚନା ପରେ ମିଶନ ନି. ପ୍ରା. ବାଳିକା ବିଦ୍ୟାଳୟକୁ ମି. ଇ. ସ୍କୁଲରେ ରୂପାନ୍ତରିତ କରିଯିବାର ସ୍ଥିର

Digitized by srujanika@gmail.com

କରାଗଲା । ସେଥିପାଇଁ କଟକସ୍ଥିତ ବ୍ୟାପ୍ଟିଷ୍ଟ ମିଶନ କର୍ତ୍ତୃପକ୍ଷଙ୍କର ଅନୁମତି ପ୍ରାର୍ଥନା କରାଗଲା । ଯଥା ସମୟରେ ମିଶନ କର୍ତ୍ତୃପକ୍ଷ ତାଙ୍କର ଅନୁମତି ପ୍ରଦାନ କଲେ ।

ପୂର୍ବର ମିଶନ ନି. ପ୍ରା. ବିଦ୍ୟାଳୟ ଗୃହରେ ପିପିଲି ମିଶନ ମି. ଇ. ସ୍କୁଲର କାର୍ଯ୍ୟ ଆରମ୍ଭ ହେଲା । ଉକ୍ତ ସ୍କୁଲ ପରିଚାଳନା ନିମନ୍ତେ ଏକ ପରିଚାଳନା କମିଟି ଗଠନ କରାଗଲା । ପିପିଲିରେ ମାଇନର ସ୍କୁଲ ସ୍ଥାପନ ବିଷୟରେ ମୁଁ ଜଣେ ଆଗୁଆ ବ୍ୟକ୍ତି ଥିଲେ ମଧ୍ୟ ସ୍କୁଲ ପରିଚାଳନା କମିଟିରେ ରହିବାକୁ ଇଚ୍ଛା କଲି ନାହିଁ ।

ମିଶନ କର୍ତ୍ତୃପକ୍ଷଙ୍କ ପରାମର୍ଶ ଅନୁସାରେ ଜଣେ ଖ୍ରୀଷ୍ଟିଆନ ମଧ୍ୟ ନରେନ୍ଦ୍ର କୁମାର ମହାନ୍ତି ପରିଚାଳନା କମିଟିର ସମ୍ପାଦକ ନିର୍ବାଚିତ ହେଲେ ।

୧୯୩୪ ମସିହାରେ ପିପିଲିରେ ମି. ଇ. ସ୍କୁଲ ଆରମ୍ଭ ହେଲା । ୧୯୩୮ ମସିହାରେ ତାହା ଏକ ପୂର୍ଣ୍ଣାଙ୍ଗ ମି. ଇ. ସ୍କୁଲରେ ପରିଣତ ହେଲା । ଏହାର ଦୁଇବର୍ଷ ପରେ ମିଶନ କର୍ତ୍ତୃପକ୍ଷ ସ୍କୁଲର ଘର ତିଆରି ପାଇଁ ଦୁଇ ହଜାର ଟଙ୍କା ଦାନର ପ୍ରତିଶ୍ରୁତି ଦେଇ ପ୍ରଥମ ଦଫାରେ ଏକ ହଜାର ଟଙ୍କା ସ୍କୁଲର ସେକ୍ରେଟାରୀ ନରେନ୍ଦ୍ର କୁମାର ମହାନ୍ତିଙ୍କ ହସ୍ତରେ ଅର୍ପଣ କଲେ । ମାତ୍ର ସେକ୍ରେଟାରୀ ଉକ୍ତ ଟଙ୍କା ସ୍କୁଲ କାମରେ ନ ଲଗାଇ ତାଙ୍କର କଣ୍ଟ୍ରାକ୍ଟ ବ୍ୟବସାୟରେ ଲଗାଇ ଦେଲେ ।

ବର୍ଷ ବର୍ଷ ବିତିଗଲେ ମଧ୍ୟ ସ୍କୁଲ ଗୃହ ନିର୍ମାଣର କୌଣସି ସୂଚନା ନ ଦେଖି ମିଶନ କର୍ତ୍ତୃପକ୍ଷ ତାଙ୍କର ଦ୍ୱିତୀୟ କିସ୍ତି ଦେୟ ଏକ ହଜାର ଟଙ୍କା ଆଉ ଦେଲେ ନାହିଁ ।

Digitized by srujanika@gmail.com

ସ୍କୁଲଟି ପୁଣି ଜିଲ୍ଲାବୋର୍ଡ଼ ପରିଚାଳନାଧୀନରେ ଆଏ । ସେକ୍ରେଟାରୀ ମିଶନପ୍ରଦତ୍ତ ଏକ ହଜାର ଟଙ୍କା ଆତ୍ମସାତ୍ କରିଥିବା କଥା ପରିଚାଳନା ତରଫରୁ ଜିଲ୍ଲାବୋର୍ଡ଼ ତଥା ଶିକ୍ଷା ବିଭାଗ ଡ. ଆଇ.ଙ୍କୁ ଜଣାଇ ଦିଆଗଲା । ଜିଲ୍ଲାବୋର୍ଡ଼ ଚେୟାରମ୍ୟାନ ଆଉ ଡ. ଆଇ. ଙ୍କ ଠାରୁ ସେକ୍ରେଟାରୀଙ୍କୁ ଉକ୍ତ ଟଙ୍କା ଆଦାୟ ଦେବା ନିମନ୍ତେ ବାରମ୍ବାର ପତ୍ର ଆସିଲେ ମଧ୍ୟ ସେ ଆଦାୟ ଦେଲେ ନାହିଁ । ସ୍ଥାନୀୟ ଡାକ୍ତର ଡ. ଭ. ଆର. ପଟ୍ଟନାୟକ ଜଣେ ଦକ୍ଷ ଲୋକ ଥିଲେ । ସେ ସ୍କୁଲ ପରିଚାଳନା କମିଟିର ସଭ୍ୟ ଥାନ୍ତି । ସେ ମହାଶୟଙ୍କର କଳ କୌଶଳ ପ୍ରୟୋଗ ଏବଂ ଜିଲ୍ଲାବୋର୍ଡଙ୍କର ଧମକପୂର୍ଣ୍ଣ ଶେଷ ଚିଠିରେ ସେକ୍ରେଟାରୀ ବାଧ୍ୟ ହୋଇ ଉକ୍ତ ଏକ ହଜାର ଟଙ୍କା ସ୍କୁଲ ଫଣ୍ଡରେ ଜମା ଦେଲେ ।

ସେହି ସମୟରେ ସ୍କୁଲ ପରିଚାଳନା କମିଟିରେ ଜଣେ ସଭ୍ୟରୂପେ ମୁଁ ଯୋଗ ଦେଲି ।

ସ୍କୁଲ ପରିଚାଳନା କମିଟିର ଏକ ବୈଠକରେ ସ୍କୁଲ ଗୃହ ନିର୍ମାଣ ସମ୍ପର୍କରେ ଏକ ପ୍ରସ୍ତାବ ଗ୍ରହଣ କରାଗଲା ଯେ, ସ୍କୁଲ ଗୃହ ନିର୍ମାଣର ଭାର ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତିଙ୍କ ଉପରେ ନ୍ୟସ୍ତ କରାଗଲା ଏବଂ ଟଙ୍କା ଖର୍ଚ୍ଚ କରିବାର ଭାର ସଭାପତି ଗଙ୍ଗାଧର ମିଶ୍ରଙ୍କୁ ଦିଆଗଲା । ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟରେ ସମ୍ପାଦକ ଯେତେବେଳେ ଯେତେ ଟଙ୍କା ଖର୍ଚ୍ଚ କରିବାକୁ ଚାହିଁବେ, ସଭାପତିଙ୍କୁ ତାହାର ଉପଯୁକ୍ତ ହିସାବ ଦେଇ ତାଙ୍କଠାରୁ ଆବଶ୍ୟକୀୟ ଅର୍ଥ ନେଇ ଯାଉଥିବେ ।

ସେଥିପାଇଁ ସ୍କୁଲ ପାଣ୍ଠିରୁ ଦେଢ଼ ହଜାର ଟଙ୍କା ବାହାର କରିଯାଇ ଗଙ୍ଗାଧର ବାବୁଙ୍କ ଜମା ଦିଆଗଲା ।

Digitized by srujanika@gmail.com

ଏହାର କେତେମାସ ପରେ ଉଚ୍ଚ ପରିଚାଳନା କମିଟି ବୈଠକରେ ଯୋଗଦେଇ ଫେରୁଥିବା ବେଳେ କମିଟିର ଜଣେ ସଭ୍ୟ ଅଗାଧ ଘୋଷ ଅନ୍ୟତମ ସଭ୍ୟ ଦାମୋଦର ମହାପାତ୍ରଙ୍କ ଉପସ୍ଥିତିରେ ମୋତେ କହିଲେ, ଆଜ୍ଞା ! ସ୍କୁଲ ଟଙ୍କା ଗୁଡ଼ାଏ ବରବାଦ କରି ଖାଇଗଲେ ସିନା । ଘଟଣା କଣ ମୁଁ ଜାଣିବାକୁ ଚାହିଁବାରୁ ସେ କହିଲେ, ସଭାପତି, ସମ୍ପାଦକ ଦୁହେଁ ମିଶି ସ୍କୁଲ ମୂଳଦୁଆ ପାଇଁ କଣା ହୋଇଥିବା ଇଟା ବାବଦରୁ ଗୁଡ଼ାଏ ଟଙ୍କା ମାରି ଖାଇ ଯାଇଛନ୍ତି । ସେ ଯୋଉ ଭାଉଚର ଦେଇଛନ୍ତି ସେଥିରୁ ଅଧିକାଂଶ ଭାଉଚରରେ ଜାଲ ହୋଇ ଟଙ୍କା ଲେଖା ଯାଇଛି ।

ମୁଁ ଆଶ୍ୱାସନା ଦେଇ କହିଲି, ବ୍ୟସ୍ତ ହେବାର କିଛି ନାହିଁ । ଆଗାମୀ ବୈଠକ ଦିନ ସେ ଭାଉଚର ସବୁ ଦେଖିବା । ପ୍ରକୃତରେ ଯଦି ଖାଇଥିବେ ସେ ଟଙ୍କା ନିଶ୍ଚୟ ଆଦାୟ ହେବ ।

ପରବର୍ତ୍ତୀ ବୈଠକ ବେଳେ ମୁଁ ଫାଇଲରୁ କଣା ହୋଇଥିବା ଭାଉଚର ସବୁ ଦେଖିଲି । ଅଧିକାଂଶ ଭାଉଚରରେ ପରେ ଗୁଞ୍ଜି କରି ଇଟାର ସଂଖ୍ୟା ଓ ଦାମ୍ ଲେଖା ହୋଇଥିବାର ପଷ୍ଟ ଜଣା ପଡ଼ୁଥିଲା । ମୁଁ ସମ୍ପାଦକ ଓ ସଭାପତି ଉଭୟଙ୍କୁ କହିଲି—ଆଜ୍ଞା, ଏ ଭାଉଚର ମଧ୍ୟରେ କେତେକ ଭାଉଚରରେ ପରେ ଗୁଞ୍ଜି କରି ଲେଖା ହୋଇଥିବାର ଜଣାପଡୁଛି । ଆପଣ-ମାନେ ଆମର ଏ ସନ୍ଦେହ ମୋଚନ କରନ୍ତୁ । ସମ୍ପାଦକ ନଗେନ୍ଦ୍ର ବାବୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ଇଟା ବିକ୍ରେତାର ଡୁପ୍ଲିକେଟ ରସିଦ ଆପଣ ଦେଖିପାରନ୍ତି ।

ଯେଉଁ ଇଟାଭାଟିରୁ ସ୍କୁଲ ପାଇଁ ଇଟା କଣା ଯାଇଥିଲା ତାହା ପିପିଲି ଠାରୁ ନଅ କିଲୋମିଟର ଦୂରବର୍ତ୍ତୀ ସଜଳ ଇ

Digitized by srujanika@gmail.com

ନାମକ ଗ୍ରାମରେ ଥିଲା । ଏକ ଓଦାସ୍ତ କମ୍ପାନୀ ସେ ସ୍କୁଟି ଭିଆର ଭିନ୍ନ କ୍ୟାପିଟାଲରେ ଗୃହ ନିର୍ମାଣ ପାଇଁ ଟଙ୍କା ଯୋଗାଉଥିଲେ । ସେତେବେଳକୁ ତାଙ୍କର ଟଙ୍କା ଉଠି ପାଖ ପର ଆସିଥିଲା । ତାଙ୍କର ଜଣେ ନାମ କର୍ମଚାରୀ ଉକ୍ତ ଶେଷ ଟଙ୍କାଗୁଡ଼ିକୁ ଗଣି କରୁଥିଲେ । ମୁଁ ସେହି ଓଦାସ୍ତ କର୍ମଚାରୀଙ୍କୁ ପଚାରିବାରେ ସେ କହିଲେ ଆମର ଡୁପ୍ଲିକେଟ୍ ରସିଦ ହେଡ୍ ଅଫିସକୁ ଚାଲିଯାଇଛି; କିନ୍ତୁ ଟ୍ରିପ୍ଲିକେଟ୍ ମୋ ପାଖରେ ଅଛି । ଆପଣଙ୍କର ଦରକାର ତ ନିଅନ୍ତୁ । ସେ ଟ୍ରିପ୍ଲିକେଟ୍ ରସିଦଗୁଡ଼ିକ ମୋତେ ଦେଇଦେଲେ ।

ସ୍କୁଲରେ ଥିବା ରସିଦ ସହିତ ମିଳାଇ ଦେଖିବାରେ ଜଣାଗଲା ଯେ, କେତେକ ରସିଦରେ ପରେ ଲେଖି ଶହଶହ ଟଙ୍କା ହେରଫେର କରାଯାଇଛି । ସେହି ଜାଲ ରସିଦ ନେଇ ପରବର୍ତ୍ତୀ ପରିଚାଳନା କମିଟିରେ ଖୁବ୍ ଆନ୍ଦୋଳନ ସୃଷ୍ଟି ହେଲା । ସେହି ହେରଫେର ହୋଇଥିବା ଟଙ୍କା ସମ୍ପାଦକ ଆଜ୍ଞ ସ୍ୱହସ୍ତ ଉଲଟେ ସ୍କୁଲକୁ ଫେରାଇ ଦେବାର ଦୃଢ଼ ଦାବୀ ହେଲା ।

ସେକ୍ରେଟାରୀଙ୍କର ସ୍କୁଲ କାଗଜପତ୍ରରେ ଦସ୍ତଖତ କରିବା କାର୍ଯ୍ୟଟି ବର୍ଷ ବର୍ଷ ଧରି ବାକି ପଡ଼ିଥିଲା । ପରିଚାଳନା କମିଟି ବୈଠକ ପରଦିନ ସେକ୍ରେଟାରୀ ସେ ସବୁ ବାକିଆ ଦସ୍ତଖତ କରିବାକୁ ସ୍କୁଲକୁ ଆସିଲେ । ଦସ୍ତଖତ କରିବା ବେଳେ କୌଶଳରେ ପ୍ରକ୍ଷିପ୍ତ ଭାଉଚରଗୁଡ଼ିକୁ ଫାଇଲରୁ ଛିଣ୍ଡାଇ ନେଇ ଚାଲିଗଲେ । ଗଲେ ଯେ ଗଲେ ଆଉ ସ୍କୁଲକୁ ଫେରିଲେ ନାହିଁ ।

ଏହି ସମୟରେ ଘର ତିଆରି ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କାର ହିସାବ ତନଖି ପାଇଁ ନିଯୁକ୍ତ ହୋଇଥିବା ଅଡ଼ିଟର ତାଙ୍କର ଅଡ଼ିଟ ରିପୋର୍ଟ ଦାଖଲ କଲେ । ଉକ୍ତ ରିପୋର୍ଟରୁ

Digitized by srujanika@gmail.com

ଜଣାଗଲା ଯେ, ଖର୍ଚ୍ଚ ହୋଇଥିବା ଦୁଇଶହ ଟଙ୍କାର କୌଣସି ଭାଉଚର ନାହିଁ । ଅର୍ଥାତ୍ ଦର୍ଶାଯାଇଥିବା ଖର୍ଚ୍ଚ ବାହାରେ ଦୁଇ ଶହ ଟଙ୍କା ଅଧିକ ଖର୍ଚ୍ଚ ହୋଇଛି । ସେ ଦୁଇଶହ ଟଙ୍କା ସଭାପତି ଗଙ୍ଗାଧର ମିଶ୍ର ସ୍କୁଲକୁ ଫେରାଇ ଦେବାର ସ୍ୱୀକୃତ ହେଲେ; ମାତ୍ର ମାସ ପରେ ମାସ ଗଡ଼ି ଚାଲିଲେ ମଧ୍ୟ ଉକ୍ତ ଟଙ୍କା ଆଦାୟ ହେଲା ନାହିଁ ।

ଏହି ନଗେନ୍ଦ୍ର କୁମାର ମହାନ୍ତି କ୍ରମାଗତ ଭାବରେ ଦୁଇଗୋଟି କମିଟି ବୈଠକରେ ଅନୁପସ୍ଥିତ ରହିବାରୁ ପରିଚାଳନା କମିଟି ତାଙ୍କୁ କମିଟିର ସଭ୍ୟ ପଦରୁ ବହିଷ୍କାର କଲେ । ମୁଁ ସ୍କୁଲର ସମ୍ପାଦକ ନିର୍ବାଚିତ ହେଲି ।

ତହୁଁ ଗଙ୍ଗାଧର ବାବୁ ମୋତେ କହିଲେ, ଦେଖନ୍ତୁ ଟଙ୍କା ଖାଇଲା କିଏ ଆଉ ଦଣ୍ଡ ଦେବ କିଏ ? ଦୁଇଶହ ଟଙ୍କା ଛୁଙ୍କାଟାରେ ମୁଁ ଜୋରିମାନା ଦେବ ସିନା !

ମୁଁ କହିଲି, ଇଟା ଖରିଦରେ ଭାଉଚର ଜାଲଲେଖା ପାଇଁ ଆପଣ ଉଭୟେ ଦାୟୀ; ମାତ୍ର ଏ ଦୁଇଶହ ଟଙ୍କା ପାଇଁ କେବଳ ଆପଣ ହିଁ ଦାୟୀ । ଇଟା ଖରିଦ ବ୍ୟାପାରରେ ଜାଲ ହେଉ ପଛେ ଭାଉଚର ରଖି ଟଙ୍କା ଦେଇଛନ୍ତି; ମାତ୍ର ଅଡ଼ିଟର ଧରିଥିବା ଦୁଇଶହ ଟଙ୍କା ଖର୍ଚ୍ଚର କୌଣସି ଭାଉଚର ନ ଥାଇ ଆପଣ ଟଙ୍କା ଦେଲେ କେମିତି ? ଆଉ ମଧ୍ୟ ସେ ଟଙ୍କା ଆଦାୟ ଦେବା ପାଇଁ କମିଟି ଆଗରେ ସ୍ୱୀକାର କରି ସାରିଛନ୍ତି । ସେ ସମ୍ପର୍କରେ କମିଟିରେ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଯାଇଛି । ଆପଣ ସେ ଟଙ୍କାରୁ ଛାଡ଼ ପାଇବାର କୌଣସି ଉପାୟ ନାହିଁ ।

ମାତ୍ର ଗଙ୍ଗାଧର ମିଶ୍ର ଟଙ୍କା ନ ଦେଇ ସ୍କୁଲ କମିଟିର ସଭ୍ୟ ପଦରୁ ଇସ୍ତଫା ଦେଇ ଚାଲିଗଲେ ।

Digitized by srujanika@gmail.com

ସ୍କୁଲର ପ୍ରବର୍ତ୍ତକ ସଭାପତି ଓ ସମ୍ପାଦକ ସ୍କୁଲରୁ ବଡ଼'ଦ୍ୱ ନେଇ ଯିବାର ଅଳ୍ପଦିନ ପରେ କଟକର ମିଶନାରୀ ରେଭରେଣ୍ଡ ଜେ. ଏଫ୍. ଓ୍ୱେଲର ସାହେବଙ୍କ ଠାରୁ ଏକ ଚିଠି ପାଇଲି । ସେ ଚିଠିରେ ସେ ପିପିଲି ମିଶନ ମି. ଇ. ସ୍କୁଲ ପରିଦର୍ଶନରେ ଆସିବାର ନିର୍ଦ୍ଦିଷ୍ଟ ଦିନ ଲେଖି ଉକ୍ତ ଦିନ ଦଶଟା ସମୟରେ ମୁଁ ପରିଚାଳନା କମିଟିର ସଭ୍ୟମାନଙ୍କ ସହ ସ୍କୁଲରେ ଉପସ୍ଥିତ ରହିବା ନିମନ୍ତେ ଲେଖିଥିଲେ ।

ଯଥା ସମୟରେ ଓ୍ୱେଲର ସାହେବ ଆସି ସ୍କୁଲରେ ପହଞ୍ଚିଲେ । ତାଙ୍କ ସଙ୍ଗରେ ବହିଷ୍କୃତ ସମ୍ପାଦକ ନଗେନ୍ଦ୍ର ବାବୁ ମଧ୍ୟ ଆସିଥିଲେ । ମୁଁ ପୂର୍ବରୁ କମିଟି ସଭ୍ୟମାନଙ୍କ ସହ ଉପସ୍ଥିତ ଥିଲି । ସେହି ସମୟରେ ମୁଁ ଜାଣିବାକୁ ପାଇଲି ଯେ, ନଗେନ୍ଦ୍ର ବାବୁ ମୋ ବିରୁଦ୍ଧରେ ଓ୍ୱେଲର ସାହେବଙ୍କ ନିକଟରେ କଣ ଅଭିଯୋଗ କରିଛନ୍ତି । ସେହି ଅଭିଯୋଗର ତଦନ୍ତ ପାଇଁ ସାହେବଙ୍କର ଆଗମନ ।

ଆସନ ଗ୍ରହଣ ପରେ ଓ୍ୱେଲର ସାହେବଙ୍କର ପ୍ରଥମ ପ୍ରଶ୍ନ ହେଲା, ତୁମ ଚରଣ ଗିରି କିଏ ? ମୁଁ ମୋର ପରିଚୟ ଦେଲି । ସାହେବଙ୍କର ଦ୍ୱିତୀୟ ପ୍ରଶ୍ନ ହେଲା, ଆପଣ ସ୍କୁଲର ସେକ୍ରେଟାରୀ ? ମୁଁ ହଁ କଲି । ତାଙ୍କର ତୃତୀୟ ପ୍ରଶ୍ନ ହେଲା, ଆପଣ କାହିଁକି ସ୍କୁଲ କମିଟିରେ ଖ୍ରୀଷ୍ଟିଆନ ସଂପ୍ରଦାୟର କୌଣସି ବ୍ୟକ୍ତିଙ୍କୁ ନେଇ ନାହାନ୍ତି ?

ମୋ ପାଖରେ ବସିଥିବା ଜଣେ ବ୍ୟକ୍ତିଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ମୁଁ କହିଲି, ଏଇତ, ଏହି ଖ୍ରୀଷ୍ଟିଆନ ବ୍ୟକ୍ତି କମିଟିର ସଭ୍ୟ ଅଛନ୍ତି ।

Digitized by srujanika@gmail.com

ନରେନ୍ଦ୍ର ବାବୁଙ୍କ ତୁଣ୍ଡରେ ଆଉ କଥା ନଥିଲା । ସମ୍ପାଦକ ସଭାପତି ଉଭୟଙ୍କ ଚାଲିଯିବାର ଠିକ୍ ପରେ ପରେ ସେ ଉଭୟଙ୍କ ସ୍ଥାନରେ ମୁଁ ଯେ ଦୁଇଜଣ ସଭ୍ୟଙ୍କୁ କମିଟିରେ ଗ୍ରହଣ କରି ନେଇଛୁ ତାହା ନରେନ୍ଦ୍ର ବାବୁଙ୍କୁ ଜଣା ନଥିଲା ।

ସ୍କୁଲରୁ ଖ୍ରୀଷ୍ଟିଆନ ସମ୍ପାଦକଙ୍କୁ ତଡ଼ିଥିବା ଏବଂ କମିଟିରେ ଖ୍ରୀଷ୍ଟିଆନ ପ୍ରତିନିଧି ରୂପେ କୌଣସି ସଭ୍ୟଙ୍କୁ ନେଇ ନଥିବା କାରଣରୁ ମୁଁ ଜଣେ ବଡ଼ ଖ୍ରୀଷ୍ଟିଆନ ବିଦ୍ୱେଷୀ ଲୋକ ବୋଲି ସାହେବଙ୍କୁ ବୁଝାଇ ଦେଇ ଏହାର ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ନରେନ୍ଦ୍ର ବାବୁ ସାହେବଙ୍କୁ ଟାଣି ଆଣିଥିଲେ । ମାତ୍ର ଫଳଟା ଓଲଟି ଗଲା ।

ମୁଁ ଈର୍ଷା ପ୍ରଣୋଦିତ ହୋଇ ନରେନ୍ଦ୍ର ବାବୁଙ୍କୁ ସ୍କୁଲ କମିଟିରୁ ବହିଷ୍କାର କରିଥିବାର ଅଭିଯୋଗ ମଧ୍ୟ କାଟ ଖାଇଗଲା । ଅଧିକନ୍ତୁ ପ୍ରମାଣିତ ହୋଇଗଲା ଯେ, ମିଶନ ପ୍ରଦତ୍ତ ଅର୍ଥ ନରେନ୍ଦ୍ର ବାବୁ ଏକା ସିନା କରୁ ଧନ ପାଇଁ ଆତ୍ମସାତ୍ କରିଥିଲେ । ବର୍ତ୍ତମାନ ଜଣେ ସାଥିଙ୍କ ସହ ସେହି ଅର୍ଥ ସେ ଚିରଦିନ ପାଇଁ ଆତ୍ମସାତ୍ କରିଛନ୍ତି ।

ତଦନ୍ତ କାର୍ଯ୍ୟ ସରିଗଲା । ମୁଁ ଓ୍ୱେଲର ସାହେବଙ୍କୁ ବିଦ୍ୟାଳୟଟି କ୍ରମୋନ୍ନତି ପଥରେ ଆଗେଇ ଚାଲିଥିବାର ବୁଝାଇ ଦେଲି ଏବଂ ମିଶନର ପୂର୍ବ ପ୍ରତିଶ୍ରୁତି ମତେ ବାକିଥିବା ଏକ ହଜାର ଟଙ୍କା ସ୍କୁଲକୁ ଦେବା ନିମନ୍ତେ ଅନୁରୋଧ କଲି ।

ସେ ମହାଶୟ ମିଶନର ତତ୍କାଳୀନ ଅବସ୍ଥା ଅସ୍ୱଚ୍ଛଳ ଥିବାର ଉଲ୍ଲେଖ କରି ସେ ଟଙ୍କା ଆଉ ସ୍କୁଲ ପାଇ ପାରିବ ନାହିଁ ବୋଲି ଶୁଣାଇ ଦେଲେ ।

Digitized by srujanika@gmail.com

ଏହାର ପୂର୍ବବର୍ଷ ପିପିଲି ଅଞ୍ଚଳର ପ୍ରାଥମିକ ଶିକ୍ଷକ-ମାନେ, ପିପିଲି ଆଞ୍ଚଳିକ ପ୍ରାଥମିକ ଶିକ୍ଷକ ସଂଘ ନାମରେ ଏକ ଅନୁଷ୍ଠାନ ଗଢିଥିଲେ । ଉକ୍ତ ସଂଘରେ ଉଦ୍‌ବୋଧନ ଦେବା ନିମନ୍ତେ ଓଡ଼ିଶାର ଶିକ୍ଷାମନ୍ତ୍ରୀ ରଣପୁରର ରାଣୀ ସାହେବା ବସନ୍ତ ମଞ୍ଜରୀ ଦେବୀଙ୍କୁ ପିପିଲିକୁ ନିମନ୍ତ୍ରଣ କରିଥିଲେ । ସେଥି ନିମନ୍ତେ ଗଠିତ ହୋଇଥିବା ଅଭ୍ୟର୍ଥନା-ସମିତିର ମୁଁ ଚେୟାର-ମ୍ୟାନ ଥିଲି ।

ମାଇନର ସ୍କୁଲ ପଡ଼ିଆରେ ଅଭ୍ୟର୍ଥନା ସଭା ମଞ୍ଚ ପ୍ରସ୍ତୁତ ହୋଇଥିଲା ।

ମନ୍ତ୍ରୀ ମହୋଦୟାଙ୍କୁ ମୁଁ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ମାନପତ୍ର ଦେବା ସଙ୍ଗେ ସଙ୍ଗେ ମିଶନ ମି. ଇ. ସ୍କୁଲ ତରଫରୁ ଏକ ମାନପତ୍ର ଦେବାର ବ୍ୟବସ୍ଥା କରିଥିଲି । ଉକ୍ତ ସ୍କୁଲକୁ କିଛି ଆର୍ଥିକ ସାହାଯ୍ୟ କରିବା ନିମନ୍ତେ ଅନୁରୋଧ କରିବାରୁ ମନ୍ତ୍ରୀ ମହୋଦୟା, ତାଙ୍କର ହାତ ପାଣ୍ଠିରୁ ଦୁଇଶହ ଟଙ୍କା ମି. ଇ. ସ୍କୁଲ ପାଇଁ ମଞ୍ଜୁର କରିଥିଲେ ।

ମୁଁ ମି. ଇ. ସ୍କୁଲର ସେକ୍ରେଟାରୀ ଦାୟିତ୍ୱ ଗ୍ରହଣ କରିବା-ପରେ ଜାଣି ପାରିଲି ଯେ ସେ ଟଙ୍କା ସ୍କୁଲକୁ ମିଳି ନାହିଁ । ଉକ୍ତ ଟଙ୍କା ପାଇବା ନିମନ୍ତେ ମୁଁ ଏମ. ଏଲ. ଏ. ଙ୍କର ସାହାଯ୍ୟ ନେଇଥିଲି । ଏମ. ଏଲ. ଏ. ଜୟକୃଷ୍ଣ ମହାନ୍ତି ଅନୁସନ୍ଧାନ କରି ଜାଣି ପାରିଲେ ଯେ ସ୍କୁଲ କର୍ତ୍ତୃପକ୍ଷ ବର୍ଷକ ଭିତରେ ନେଇ ନ ପାରିବାରୁ ସେ ଟଙ୍କା ଲାପ୍ସ ହୋଇ ଯାଇଛି । ଆଉ ମିଳିବାର ଆଶା ନାହିଁ ।

ଦଶମାସ ପୂର୍ବେ ପୁରୀ ଜିଲ୍ଲାବୋର୍ଡ଼ ସ୍କୁଲକୁ ଦେଇଥିବା ଏକ ପତ୍ରରୁ ଜାଣି ପାରିଲି ଯେ, ବଲଡଂ ଓ ପଣ୍ଡିତର ଛଆର

Digitized by srujanika@gmail.com

କରିବାରେ ସ୍କୁଲ ପାଇଁ ୟୁରିଶହ ଟଙ୍କା ବ୍ୟୟ କରନ୍ତୁ ଜିଲ୍ଲାବୋର୍ଡ ସେହି ବ୍ୟୟର ଅର୍ଦ୍ଧେକ ଭାଗ ଅର୍ଥ ଗ୍ରାଣ୍ଟ ଆକାରରେ ଦାନ କରିବେ । ମାତ୍ର ଦଶମାସ ଭିତରେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ସେ ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରି ନ ଥିଲେ । ମୁଁ ମୋ ନିଜ ହାତରୁ ମାତ୍ର ସତୁରି ଟଙ୍କା ବ୍ୟୟକରି ପୁରାତନ ହି. ପ୍ରା. ବିଦ୍ୟାଳୟ ଗୃହର ମାଟି ଚଟାଣକୁ ସିମେଣ୍ଟ ମେଜିଆରେ ପରିଣତ କରିଦେଲି ଏବଂ ଜିଲ୍ଲାବୋର୍ଡ଼ର ଗ୍ରାଣ୍ଟ ଦୁଇଶହ ଟଙ୍କା ସ୍କୁଲ ପାଣ୍ଠିକୁ ଆସିଲା ।

ପିପିଲିରେ ସେତେବେଳେ ତିନିଗୋଟି ଗଣେଶ ମେଢ଼ ଓ ଦୁଇଗୋଟି କାର୍ତ୍ତିକେଶ୍ୱର ମେଢ଼ ତିଆରି ହେଉଥାଏ । ମୁଁ ହିସାବ କରି ଦେଖିଲି, ଏହି ପାଞ୍ଚଗୋଟି ବର୍ଷ ପୂଜାପାଇଁ ଅନ୍ୟୂନ ପନ୍ଦର ଶହ ଟଙ୍କା ବାର୍ଷିକ ବ୍ୟୟ ହେଉଛି । ଏହି ପରିମାଣ ଟଙ୍କା ଯଦି ସ୍କୁଲ ପାଇଁ ଆଦାୟ କରାଯାଇ ପାରେ ଆମର ଅପୂର୍ଣ୍ଣଥିବା ସ୍କୁଲ ଗୃହ ସମ୍ପୂର୍ଣ୍ଣ ହୋଇ ଯାଇ ପାରନ୍ତା । ଏହି ବିଷୟର ସ୍ଥିର କରି ମୁଁ ମୋର ସହଯୋଗୀ ବନ୍ଧୁ ଦାମୋଦର ମହାପାତ୍ର ଓ ଅଘୋରଧୂ ଘୋଷଙ୍କ ସଙ୍ଗରେ ଯାଇ ସବରେଜିଷ୍ଟ୍ରାର ଅଫିସ ସନ୍ନିକଟ କାର୍ତ୍ତିକେଶ୍ୱର ଦେବଙ୍କ ପୂଜା ପୀଠରେ ପହଞ୍ଚିଲି । ସେତେବେଳକୁ ଦାସ କାଟିଆ ଯାତ୍ରା ଆରମ୍ଭ ହେବାକୁ ଯାଉଥାଏ । ସଭାର ଅନୁମତି ନେଇ ମୁଁ ଶିକ୍ଷା ବିଷୟରେ ଏକ କ୍ଷୁଦ୍ର ଭାଷଣ ଦେଲି ଏବଂ ସେହି ଭାଷଣରେ ଜନ ସାଧାରଣଙ୍କୁ ଅନୁରୋଧ ଜଣାଇଲି ଯେ, ଆମର ଏଇ ଅଞ୍ଚଳରେ ବାସ କରୁଥିବା ପ୍ରତ୍ୟେକ ପରିବାର ଯଦି ଦିନକୁ ଗୋଟିଏ ପଇସା ଶିକ୍ଷାର ଉନ୍ନତି ପାଇଁ ଦାନ କରନ୍ତେ, ମାସ କରେ ଆଠଅଣା (ବର୍ତ୍ତମାନର ପଚାଶ ପଇସା) ପଇସା ଦେଇ

Digitized by srujanika@gmail.com

ପାରନ୍ତି । ସେହି ଅଳ୍ପ ମାତ୍ର ଦାନରେ ତିନବର୍ଷ ମଧ୍ୟରେ ଆମର ମାଇନର ସ୍କୁଲ ଗୃହଟି ସମ୍ପୂର୍ଣ୍ଣ ହୋଇ ଯାଇ ପାରନ୍ତା ।

ପରଦିନ ଠାରୁ କାର୍ଯ୍ୟାରମ୍ଭ କରିଦେଲି । ଶିକ୍ଷାର ଉପାଦେୟତା ସମ୍ବନ୍ଧରେ କେତେ ଗୁଡ଼ିଏ ସଙ୍ଗୀତ ରଚନା କଲି । ସ୍କୁଲର କେତେକ ଛାତ୍ରଙ୍କୁ ଭାସ୍କର ରଚିତ ଉକ୍ତ ସଙ୍ଗୀତ ଶିକ୍ଷା ଦେଲି । କେତେକ ପୋଷ୍ଟର ମଧ୍ୟ ତିଆରି କରିଦେଲି ।

ପ୍ରତିଦିନ ଛାତ୍ର ଓ ଶିକ୍ଷକ ମାନଙ୍କ ସଙ୍ଗରେ ପୋଷ୍ଟର ମାନ ଧରି କୀର୍ତ୍ତନ କରି କରି ଗାଁକୁ ଗାଁ ବୁଲି ଭିକ୍ଷା ଆରମ୍ଭ କରି ଦେଲୁଁ । ଉପାୟଟି ବେଶ୍ ଫଳ ପ୍ରଦ ହେଲା । ହରିଜନ ପରିବାର ମଧ୍ୟ ଆଗ୍ରହର ସହିତ ଚାନ୍ଦା ଦେଲେ ।

କିନ୍ତୁ ଆଶ୍ଚର୍ଯ୍ୟର କଥା ଉଦାହରଣ ପରି ଏକ ସ୍ୱଚ୍ଛଳ ଗ୍ରାମରେ ସକାଳ ୭ଟାରୁ ଦିନ ୯ଟା ଯାଏ ଗାଁର ପ୍ରତିଟି ଦ୍ୱାରକୁ ଯାଇ ଲୋକମାନଙ୍କୁ ଜଣ ଜଣ କରି ଡାକି ବୁଝାଇଲେ ମଧ୍ୟ ସେ ଗ୍ରାମରୁ ଆଠଅଣା (ବର୍ତ୍ତମାନର ପଚାଶ ପଇସା) ପଇସା ବି ମିଳିଲା ନାହିଁ । ମୋ ସାଙ୍ଗରେ ଯାଇଥିବା ଶିକ୍ଷକ ହାଇଦର ମହମ୍ମଦ ଓ ବୈକୁଣ୍ଠ ନାଥ ନାୟକ ବଡ଼ ବ୍ୟଥିତ ଭାବରେ କହିଲେ, କାହିଁକି ଆଜ୍ଞା, ଘଣ୍ଟା ଘଣ୍ଟା ଧରି ବୃଥାଶ୍ରମ କରୁଛନ୍ତି ? ମୁଁ ଆଶ୍ୱାସନା ଦେଇ କହିଥିଲି, ନିରାଶ ହେବାର କିଛି ନାହିଁ । ସେମାନେ ଆଜି ନଦେଲେ ନାହିଁ, କାଲି ହୁଏତ ଦେଇ ପାରନ୍ତି । ସମସ୍ତଙ୍କୁ ବୁଝାଇବା ଆମର କର୍ତ୍ତବ୍ୟ ।

ପିପିଲି ନିକଟବର୍ତ୍ତୀ ଶିଉଳା ଗ୍ରାମର ଜଣେ ନିଃସନ୍ତାନ ଭକ୍ତିବାନ ଅଧିବାସୀ ଜୟକୃଷ୍ଣ ଦାସଙ୍କ ଠାରୁ ତାଙ୍କର ଏକ-ଗୁଲିଆ ମୌଜାରେ ଥିବା ଜମିରୁ ପାଞ୍ଚ ଏକର ଜମି ସ୍କୁଲ ନାମରେ ହାସଲ କଲି ।

Digitized by srujanika@gmail.com

ସ୍ଥାନୀୟ ଜମିଦାର ଜଗଶୋଣ ମୋହନ ସାମନ୍ତରାୟଙ୍କ ଠାରୁ ତାଙ୍କର ଜାଇଗା ମହଲାରେ ଥିବା ଜମିରୁ ସାଢ଼େ ତିନ ଏକର ଜମି ମଧ୍ୟ ସ୍କୁଲ ପାଇଁ ଆଣିଲି ।

ଓଡ଼ିଶାର ତ୍ପୂର୍ବତନ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲା ନିବାସୀ ସ୍ୱର୍ଗତ ସଦାଶିବ ତ୍ରିପାଠୀ ସେତେବେଳେ ଓଡ଼ିଶା ମନ୍ତ୍ରୀ ମଣ୍ଡଳରେ ରାଜସ୍ୱ ମନ୍ତ୍ରୀ ଥାନ୍ତି । ତାଙ୍କର ପିପିଲି ପରିଦର୍ଶନ ସୁଯୋଗରେ ମୁଁ ଏମ. ଏଲ. ଏ. ଜୟକୃଷ୍ଣ ମହାନ୍ତିଙ୍କର ସହାୟତାରେ ତାଙ୍କଠାରୁ ସ୍କୁଲ ଘର ତିଆରି ନିମନ୍ତେ ଦୁଇ ହଜାର ଟଙ୍କା ଗ୍ରାଣ୍ଟ ମଞ୍ଜୁର କରାଇ ନେଲି ।

ସଙ୍ଗେ ସଙ୍ଗେ ଉକ୍ତ ଅର୍ଥରେ ସ୍କୁଲ ଘର ନିମନ୍ତେ ଆବଶ୍ୟକୀୟ କାଠଯୋଗାଡ଼କରଣ ସବୁ କଟକରୁ କିଣି ଆଣି ଘର ତିଆରି ଆରମ୍ଭ କରିଦେଲି ।

ଅତି ଅଳ୍ପ ସମୟ ମଧ୍ୟରେ ସ୍କୁଲର ଆଶାତୀତ ଉନ୍ନତି ଦେଖି ସ୍ଥାନୀୟ ଲୋକମାନେ ମୋ ପ୍ରତି ବିଶେଷ ଶ୍ରଦ୍ଧାବାନ ହେଲେ । ଲୋକ ମାନଙ୍କର ସେହି ସଶ୍ରଦ୍ଧ ଦୃଷ୍ଟିକୁ ଅନ୍ୟଆଡ଼େ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ସ୍କୁଲରୁ ବହିଷ୍କୃତ ନଗେନ୍ଦ୍ର କୁମାର ମହାନ୍ତି ଓ ଗଙ୍ଗାଧର ମିଶ୍ର ଦୁହେଁ ତାଙ୍କର କେତେକ ସାଥୀଙ୍କୁ ଧରି ସ୍କୁଲର ନବ ନିଯୁକ୍ତ ଅବୈତନିକ ଏବଂ ସୁଷ୍ଠୁବାଦୀ ପ୍ରଧାନ ଶିକ୍ଷକ ଶ୍ରୀ ଧୂର୍ତ୍ତ ଜୟକୃଷ୍ଣ ଦାଶଙ୍କ ବିରୁଦ୍ଧରେ କେତେକ ଅପପ୍ରଚାର ଚଳାଇଲେ । ଉକ୍ତ ଶିକ୍ଷକଙ୍କୁ ସ୍କୁଲରୁ ତଡ଼ିଦେବାର ମସୁଧା କରି ନବ ପ୍ରତିଷ୍ଠିତ ପିପିଲି ଗ୍ରାମ ମଙ୍ଗଳ କେନ୍ଦ୍ରରେ ଏକ ସାଧାରଣ ସଭା ଡକାଇଲେ । ସେହି ସଭାରେ ଉକ୍ତ ଶିକ୍ଷକଙ୍କର ଦୋଷ ଦର୍ଶାଇବାକୁ ଯାଇ କହିଲେ ଯେ, ବର୍ତ୍ତମାନର ପ୍ରଧାନ ଶିକ୍ଷକ ନିୟମିତ ସ୍କୁଲରେ ଉପସ୍ଥିତ ରହି ନାହାନ୍ତି କି ଛାତ୍ରମାନଙ୍କୁ

Digitized by srujanika@gmail.com

ନିଯୁକ୍ତ ପଢ଼ାଉ ନାହାନ୍ତି । ବଜାର ଭିତରେ ପଶି ଛକି ବସି ସଙ୍ଗୀତ ଚର୍ଚ୍ଚା କରୁଛନ୍ତି । ଏହା ଫଳରେ ପିଲାମାନଙ୍କର ପଢ଼ାରେ ବ୍ୟାଘାତ ଘଟିବା ସଙ୍ଗେ ସଙ୍ଗେ ପିଲାମାନଙ୍କ ମଧ୍ୟରେ ବିଶୃଙ୍ଖଳ ଭାବ ଜାଗି ଉଠୁଛି । ଏହାର ଆଶୁ ପ୍ରତିକାର ଦିଗରେ ଆପଣମାନେ ବିଚାର କରନ୍ତୁ ।

ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଏହିସବୁ ଅଭିଯୋଗର ଉତ୍ତର ଦେବାକୁ ଯାଇ ମୁଁ କହିଲି ।

ବାଲ୍ୟ କାଳରୁ ମୁଁ ଅତି ଦରିଦ୍ରତମ ଅବସ୍ଥା ଭିତର ଦେଇ ମୋର ଜୀବନ ଗଢ଼ିଛି । ସେଇଥିରୁ ମୋର ଏହି ଅଭିଜ୍ଞତା ହୋଇଛି ଯେ, ଦରିଦ୍ରତା ହିଁ ମନୁଷ୍ୟକୁ ସଚ୍ଚୋନିଷ୍ଠ ଚରିତ୍ରବାନ୍ କର୍ତ୍ତବ୍ୟ ପରାୟଣ କରିବାରେ ସାହାଯ୍ୟ କରିଥାଏ । ସୁନା ଅଗ୍ନି ଦଗ୍‌ଧ ହୋଇ ସ୍ୱରୂପକୁ ଅଧିକରେ ଉଜ୍ଜ୍ୱଳିତ କଲାପରି ଦୁଃଖ ଦାରିଦ୍ର୍ୟରେ ଦଗ୍‌ଧୀଭୂତ ମନୁଷ୍ୟ ତାର ଜୀବନକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ିବାରେ ସମର୍ଥ ହୋଇଥାଏ ।

ବୈଦ୍ୟନାଥ ଜୟକୃଷ୍ଣ ଦାଶ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ବାଲ୍ୟାବସ୍ଥାରୁ ଜମିଦାରୀ ହରାଇ ଅତି ଦୁଃଖମୟ ଦରିଦ୍ରତା ଭିତରେ ବଢ଼ି ଆସିଛନ୍ତି । ତାଙ୍କୁ ଜଣେ ଚରିତ୍ରବାନ୍ କର୍ମଠ ବ୍ୟକ୍ତି ଜାଣି ମୁଁ ପ୍ରଧାନ ଶିକ୍ଷକ ପଦରେ ନିଯୁକ୍ତ କରିଅଛି । ମୁଁ ଯେତେଦୂର ଜାଣେ, ସେ ସର୍ବଦା ସ୍କୁଲରେ ଉପସ୍ଥିତ ରହନ୍ତି ଏବଂ ତାଙ୍କର କର୍ତ୍ତବ୍ୟରେ ଆଦୌ ଅବହେଳା ପ୍ରଦର୍ଶନ କରନ୍ତି ନାହିଁ । ସେ ଛାତ୍ର ମାନଙ୍କୁ କିପରି ଶିକ୍ଷାଦାନ କରୁଛନ୍ତି, ତାହା ଆପଣ ମାନଙ୍କ ମଧ୍ୟରୁ କେହି ସ୍କୁଲକୁ ଯାଇ ସ୍ୱଚକ୍ଷୁରେ ଦେଖି ପାରନ୍ତି । କିମ୍ବା ସ୍ଥାନୀୟ ସ୍କୁଲ ସବ୍‌ଇନ୍‌ସପେକ୍ଟରଙ୍କ ଦ୍ୱାରା ପରୀକ୍ଷା କରାଇ ପାରନ୍ତି ।

Digitized by srujanika@gmail.com

ପ୍ରଧାନ ଶିକ୍ଷକ ବଜାରରେ ବସି ସଙ୍ଗୀତ ଚର୍ଚ୍ଚାରେ ଯୋଗ ଦେଉଥିବାର ଯେଉଁ ଅଭିଯୋଗ ହୋଇଛି, ସେ ସମ୍ପର୍କରେ ମୁଁ ଏତିକି ମାତ୍ର କହିପାରେ ଯେ, ସଙ୍ଗୀତ ଏକ କଳା, ଏକ ବିଦ୍ୟା । ସବୁ ଶ୍ରେଣୀର ସବୁ ବୟସର ଲୋକ ସେ ବିଦ୍ୟା ହାସଲ କରିବାରେ ସମାନ ଭାବରେ ଅଧିକାରୀ । ସଙ୍ଗୀତ ଚର୍ଚ୍ଚା ସାଧାରଣତଃ ବାହାରେ ହିଁ ହୋଇଥାଏ । ସେଥିରେ ଯୋଗ ଦେବା କୌଣସି ଅପରାଧ ନୁହେଁ କି ସମ୍ମାନ ହାନିକର ନୁହେଁ । ଯେବେ କିଛି ଅଶ୍ଳୀଳ ସଙ୍ଗୀତର ଚର୍ଚ୍ଚା ହେଉଥାଏ ତାହା ନିଶ୍ଚିତ ଭାବରେ ଦୋଷାବହ । ସେପରି କିଛି ଘଟିଥିବାର କେହି କହି ପାରିବେ କି ? ବିଶେଷତଃ ସଙ୍ଗୀତ ଚର୍ଚ୍ଚା ସେ ସ୍କୁଲ ସମୟ ବାହାରେ କରୁଛନ୍ତି । ସ୍କୁଲର ଶିକ୍ଷକ ହେଲେ ମଧ୍ୟ ଅବସର ସମୟରେ ତାଙ୍କର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବା ଆମ ଅଧିକାରର ବହିର୍ଭୂତ ବିଷୟ ।

ମୋର ଏହି ବକ୍ତବ୍ୟ ପରେ ସଭାରେ ସଭା ମଉଳି ଯାଇଥିଲା । ସ୍କୁଲର ବିଦାୟୀ ସଭାପତି ଓ ସମ୍ପାଦକଙ୍କର ପ୍ରଧାନ ଶିକ୍ଷକଙ୍କୁ ତଡ଼ିବାର ଚେଷ୍ଟା ସଫଳ ହୋଇ ପାରିଲା ନାହିଁ ।

ଏହି ଘଟଣାର କେତେମାସ ପରେ ଓଡ଼ିଶାରେ ପ୍ରସିଦ୍ଧ ରାସଯାତ୍ରାର ପ୍ରତିଷ୍ଠାତା ମୋହନ ଗୋସ୍ୱାମୀଙ୍କର ପୁତ୍ର ପିପିଲି ଆସି କାଶୀନାଥ ସାହୁଙ୍କ ନବନିର୍ମିତ ସିନେମାହଲ୍‌ରେ ତାଙ୍କ ଦଳର ନାଟ୍ୟାଭିନୟ ପ୍ରଦର୍ଶନ କଲେ । ମି. ଇ. ସ୍କୁଲରୁ କେତେକ ବେଞ୍ଚ ହେଉ ଆଦି ନେବାକୁ ବୁଝିବାରୁ ମୁଁ ତାଙ୍କୁ ସ୍କୁଲକୁ ଗୋଟିଏ ସାହାଯ୍ୟ ରଜନୀ ଦେବା ନିମନ୍ତେ ଅନୁରୋଧ କଲି । ସେ ଶେଷ ରଜନୀର ଲବ୍ଧ ଧନ ସ୍କୁଲକୁ ଦେବାର ସ୍ୱୀକୃତ ହୋଇ ସ୍କୁଲର ଆସବାବ ନେଇ ବ୍ୟବହାର କଲେ ।

Digitized by srujanika@gmail.com

ଗଙ୍ଗାଧର ମିଶ୍ର ଓ ନରେନ୍ଦ୍ର କୁମାର ମହାନ୍ତି ଗ୍ରାମ ମଙ୍ଗଳ କେନ୍ଦ୍ର କମିଟିରେ ସଭ୍ୟ ଥାନ୍ତି । ସେମାନେ ଉକ୍ତ ନାଟ୍ୟ ଦଳର ମେନେଜରଙ୍କୁ ଗ୍ରାମ ମଙ୍ଗଳ କେନ୍ଦ୍ର ପାଇଁ ଗୋଟିଏ ସାହାଯ୍ୟ ରଜନୀ ଦେବା ନିମନ୍ତେ ଅନୁରୋଧ କଲେ । ମାତ୍ର ସେ ସ୍ୱୀକୃତ ହେଲେ ନାହିଁ । ସେ ଦୁହେଁ କୌଶଳ କ୍ରମେ ଯାତ୍ରାର ଶେଷ ରାତ୍ରର ଆୟକୁ ମାଇନର ସ୍କୁଲ ନାମରେ ହସ୍ତଗତ କରି ନେଲେ । ଗ୍ରାମ ମଙ୍ଗଳ କେନ୍ଦ୍ର ନାମରେ ଉକ୍ତ ଧନର ଅର୍ଦ୍ଧେକ ହାତରେ ରଖି ବାକି ଅର୍ଦ୍ଧେକ ସ୍କୁଲ ପାଣ୍ଠିକୁ ଦେଲେ । ତାଙ୍କର ଏ ପ୍ରକାର ଅନ୍ୟାୟ କାର୍ଯ୍ୟର ମୁଁ ଦୃଢ଼ ପ୍ରତିବାଦ କଲି, ମାତ୍ର କୌଣସି ଫଳ ହେଲା ନାହିଁ । କାରଣ, ନାଟ୍ୟଦଳ ସେତେବେଳକୁ ପିଲିଲି ଗ୍ରାମ ବୁଲି ଯାଇଥିଲେ ।

ଗଙ୍ଗାଧର ବାବୁ ଆଉ ନରେନ୍ଦ୍ର ବାବୁଙ୍କର ପୂର୍ବରୁ ତ ମୋ ଉପରେ ଅସନ୍ତୋଷ ଭାବ ଥିଲା । ବର୍ତ୍ତମାନ ସେ ଅସନ୍ତୋଷ ଆହୁରି ଗଭୀରତର ହୋଇ ଉଠିଲା । ସେ ଉଭୟେ ମୋତେ ମାଇନର ସ୍କୁଲରୁ ହଟାଇବାର ଲକ୍ଷ୍ୟ ନେଇ ହବାକର ଶତପଥୀ, ସେକ ଅବଦୁଲ୍ଲା ପ୍ରମୁଖ କେତେ ଜଣଙ୍କର ସମର୍ଥନ ଲାଭକଲେ । ସେକ୍ ଅବଦୁଲ୍ଲାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ମାଇନର ସ୍କୁଲର ସମ୍ପାଦକ ଭାବରେ ମୋ ବିରୁଦ୍ଧରେ ହବାକର ଶତପଥୀ କେତେ ଗୁଡ଼ିଏ ଅଭିଯୋଗ ଆଗତ କଲେ । ସଭାରେ ତତ୍‌କ୍ଷଣ କରାଯାଇ ହବାକର ଶତପଥୀଙ୍କର ସମସ୍ତ ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲା । ଏହା ଫଳରେ ଜନସାଧାରଣଙ୍କର ଆସ୍ଥା ମୋ ପ୍ରତି ଅଧିକରୁ ଅଧିକ ଦୃଢ଼ତର ହୋଇ ସ୍କୁଲରେ ମୋର ସମସ୍ତ କାର୍ଯ୍ୟକଳାପ ପ୍ରଶଂସିତ ହେବାକୁ ଲାଗିଲା ।

Digitized by srujanika@gmail.com

ମାଛନର ସ୍କୁଲର ସବଂଶଧ ଉନ୍ନତିକର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଅବହେଳିତ ପିପିଲି ଉ. ପ୍ରା. ବିଦ୍ୟାଳୟର ଉନ୍ନତି ଦିଗରେ କାର୍ଯ୍ୟାରମ୍ଭ କରି ଦେଲି । ଉକ୍ତ ସ୍କୁଲ ପରିଚାଳନା କମିଟିର ମୁଁ ସଭାପତି ରହିଲି । ମୋର ସହଯୋଗୀ ବନ୍ଧୁ ଦାମୋଦର ମହାପାତ୍ର ସମ୍ପାଦକ ଓ ଅନ୍ୟ ସହଯୋଗୀ ବନ୍ଧୁ ଅଗାଧି ଘୋଷ ସଭ୍ୟ ରହିଲେ । ଆମେ ତିନିଜଣ ପ୍ରତିଜ୍ଞାବଦ୍ଧ ଭାବରେ ଇଉ. ପି. ସ୍କୁଲ ଗୃହର ନିର୍ମାଣ ଦିଗରେ ଧ୍ୟାନ ଦେଲୁଁ । ସ୍ଥାନୀୟ ଚାନ୍ଦା ଆଦାୟ କରି ବିଦ୍ୟାଳୟର ଏକ ପୁରସ୍କାର ବିତରଣୀ ସଭା କରାଇଲୁ । କଲିକତାର ବିଶିଷ୍ଟ ବ୍ୟବସାୟୀ କେଳଣି ଚିନ୍ତୁ ପଟ୍ଟନାୟକଙ୍କୁ ଉକ୍ତ ସଭାର ସଭାପତି ପଦରେ ବରଣ କଲୁଁ । ସେ ମହାଶୟ ସ୍କୁଲ ପାଣ୍ଠିକୁ ନଗଦ ପାଞ୍ଚଶହ ଟଙ୍କା ଦାନ କଲେ । ସେହି ଅର୍ଥରେ ସ୍କୁଲର ଭଗ୍ନପ୍ରାୟ କାନ୍ଥର ମରାମତି କାର୍ଯ୍ୟ ଆରମ୍ଭ କରିଦେଲୁ ।

ଡାଣ୍ଡ ମୁକୁନ୍ଦପୁର ହାଇସ୍କୁଲ

ଡାଣ୍ଡ ମୁକୁନ୍ଦପୁରରେ ଗୋପବନ୍ଧୁ ସ୍ମୃତି ବିଦ୍ୟାପୀଠ ନାମରେ ଯେଉଁ ହାଇସ୍କୁଲଟି ପ୍ରତିଷ୍ଠିତ ହୋଇଥିଲା, ତାହା ସେତେବେଳକୁ ଏକ ଶୋଚନୀୟ ଅବସ୍ଥା ଭିତର ଦେଇ ଗତି କରୁଥାଏ । ଉକ୍ତ ସ୍କୁଲ ହଷ୍ଟେଲରେ ରହୁଥିବା କେତେଜଣ ଶିକ୍ଷକ ଅତ୍ୟନ୍ତ ସ୍ୱେଚ୍ଛାଚାରୀ ହୋଇ ଉଠିଥାନ୍ତି । ଟଙ୍କା କରଜ ଲଗାଇ ମହାଜନୀ କରୁଥାନ୍ତି । ସ୍କୁଲରେ ନିୟମିତ ପଢ଼ାନ୍ତି ନାହିଁ । ତାସ ପଶା ଖେଳରେ ମତ୍ତ ରହନ୍ତି । ଭାଙ୍ଗ ଆଦି ନିଶାଦ୍ରବ୍ୟ ସେବନ କରି ଯାବତୀୟ ଅପକର୍ମରେ ଲିପ୍ତ ରହନ୍ତି । ଗ୍ରାମବାସୀମାନେ ଉତ୍ତରଣୀ ଠାକୁରାଣୀଙ୍କୁ ମାନସିକ କରିଥିବା ବୋଦାକୁ ପଡ଼ିଆରୁ ଧରି ନେଇ ଠାକୁରାଣୀଙ୍କ ପୀଠରେ ମାଂସ ଭୋଜି

Digitized by srujanika@gmail.com

କରନ୍ତି । ଗରିବ ଲୋକଙ୍କର ଗଞ୍ଜା କୁକୁଡ଼ା ମଧ୍ୟ ଧରି ନେଇ ଖାଇ ଯାଆନ୍ତି । ସ୍କୁଲ ପରିଚାଳନା କମିଟିର ସଭ୍ୟ ମାନେ ସ୍କୁଲର ଛାତ୍ରମାନ ବିଷୟରେ କିଛି କହିଲେ ତ ସେମାନଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରନ୍ତି । କମିଟିର ସଭ୍ୟମାନେ, ଆପଣା ସମ୍ମାନ ଆପଣା ମହତ ଆଗେ ରଖି, ମନରେ ମାରିକ ରହିଥାନ୍ତି । ଅନ୍ୟ କେତେକ ଶିକ୍ଷକ ସେମାନଙ୍କର ସେ ପ୍ରକାର କାର୍ଯ୍ୟକୁ ପସନ୍ଦ କରୁ ନଥିଲେ ମଧ୍ୟ କାନ୍ଦୁଅକୁ ଯିବା ନାହିଁକ ଗୋଡ ଧୋଇବା ନାହିଁ ମନରେ ମାରିକ ରହୁଥାନ୍ତି । ସ୍ଥାନୀୟ ଶିକ୍ଷକ ଚନ୍ଦ୍ରମଣି ମିଶ୍ର ତାଙ୍କର ବାସ ଗୃହରେ ରହନ୍ତି । ସ୍କୁଲ ଆରମ୍ଭ ବେଳକୁ ୧୦ଟାରେ ଆସି ୪ଟାରେ ଯାନ୍ତି । ସ୍ୱେଚ୍ଛାଗୃସ୍ତ ଶିକ୍ଷକଙ୍କର କୌଣସି କାର୍ଯ୍ୟରେ ସମ୍ପୃକ୍ତ ନଥିଲେ ମଧ୍ୟ ଶିକ୍ଷକ ଭାଇ ହିସାବରେ ସେମାନଙ୍କ କାର୍ଯ୍ୟରେ ପ୍ରତିବାଦ କରିବାକୁ ଇଚ୍ଛା କରୁ ନ ଥାନ୍ତି ।

କ୍ରମେ ବିଦ୍ୟାଳୟର ପ୍ରଥମ କର୍ମ ବିଦ୍ୟାଦାନରେ ବିଶେଷ ବାଧା ସୃଷ୍ଟି ହେବାରୁ ପରିଚାଳନା କମିଟିର ସଭ୍ୟମାନେ ଆଉ ନିଶ୍ଚେଷ୍ଟ ରହି ପାରିଲେ ନାହିଁ । ପିପିଲିରେ ସ୍କୁଲ ପରିଚାଳନା ବିଗରେ ମୋ କର୍ମର ପରିଚୟ ପାଇ ମୋତେ ଗୋପବନ୍ଧୁ ସ୍ମୃତି ବିଦ୍ୟାପୀଠ ପରିଚାଳନା କମିଟିରେ ଜଣେ ସଭ୍ୟ ଭାବରେ ଗ୍ରହଣ କରି ନେଲେ ।

ପରିଚାଳନା କମିଟିର ପ୍ରଥମ ବୈଠକରେ ମୁଁ ଯୋଗଦେଇ ଦେଖିଲି,, ପରିଚାଳନା କମିଟିର ବୈଠକ ଅପରାହ୍ଣ ପାଞ୍ଚଟା ବେଳକୁ ଡକା ଯାଇଛି । ମାତ୍ର ସଭ୍ୟମାନେ ଉପସ୍ଥିତ ହେଲେ ସନ୍ଧ୍ୟା ୭ଟା ପରେ ।

Digitized by srujanika@gmail.com

ବୈଠକ ଆରମ୍ଭରେ ମୁଁ କହିଲି, ଆଜ୍ଞା, ପରିଚାଳନା କମିଟି ମାସକୁ ଥରେ ବସେ । ବର୍ଷକରେ ବାରଥର । ସେ ପୁଣି ଦୁଇତିନ ଘଣ୍ଟା ପାଇଁ । ତାହାର ସଭ୍ୟମାନେ ଯେବେ ବୈଠକ ଡକା ଯାଇଥିବା ସମୟରୁ ଦୁଇଘଣ୍ଟା ବିଳମ୍ବରେ ଆସନ୍ତି, ଯେଉଁ ଶିକ୍ଷକମାନେ ପ୍ରତିଦିନ ୧୦ଟାରୁ ଆସି ୪ଟା ଯାଏ ସ୍କୁଲରେ ରହୁଛନ୍ତି ସେମାନେ ଯଦି ଯଥା ସମୟରେ ନ ଆସନ୍ତି ତାଙ୍କୁ କହିବାର ଅଧିକାର ଏ ପରିଚାଳନା କମିଟିର ରହିବ କି ?

କମିଟିର ଜଣେ ମୁଖ୍ୟ ସଭ୍ୟ ଯଦୁମଣି ମିଶ୍ର କହିଲେ, ଆଜ୍ଞା, ବାସ୍ତବିକ ଏହା ଅତି ନିନ୍ଦନୀୟ । ଏଣିକି ସମସ୍ତେ ନିଶ୍ଚୟ ଠିକ୍ ସମୟରେ ଆସିବେ ବୋଲି ମୁଁ ଆଶା କରୁଛି ।

ପରିଚାଳନା କମିଟି ବୈଠକରେ ସ୍ୱେଚ୍ଛାଚାରୀ ଶିକ୍ଷକ ମାନଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାର ପରାମର୍ଶ ଦେଲି । ସ୍କୁଲ ପରିଚାଳନା କମିଟିର ଅଧିକାଂଶ ସଭ୍ୟ ମୋ ସହିତ ଏକମତ ହେଲେ । ସ୍ୱେଚ୍ଛାଚାରୀ ଶିକ୍ଷକ ମାନଙ୍କ ବିରୁଦ୍ଧରେ ବିଧିବଦ୍ଧ ଅଭିଯୋଗ ଅଣାଯାଇ ତାହାର ବିଚାର ହେଲା ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇଜଣ ଶିକ୍ଷକଙ୍କୁ ଚବିଶ ଘଣ୍ଟା ମଧ୍ୟରେ ସ୍କୁଲରୁ ବହିଷ୍କାର କରାଗଲା ।

ବହିଷ୍କୃତ ଶିକ୍ଷକ ଦ୍ୱୟ ନିୟମାନୁସାରେ ସର୍କଲ ଇନ୍‌ସପେକ୍ଟରଙ୍କ ଠାରେ ଅପିଲ କଲେ । ଇନ୍‌ସପେକ୍ଟର ସଂପୃକ୍ତ ଶିକ୍ଷକଦ୍ୱୟଙ୍କୁ ମାସ ମାସକର ଦରମା ଦେଇଦେବା ନିମନ୍ତେ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଲେ । ମାତ୍ର ଶିକ୍ଷକଦ୍ୱୟ ଗ୍ରସ୍ ମିସ୍ କଣ୍ଡକ୍ଟ ଦୋଷରେ ଦୋଷୀ ଥିବାରୁ ସେମାନଙ୍କୁ ମାସ ମାସକର ଦରମା ନ ଦେବା ନିମନ୍ତେ ମୁଁ ପରାମର୍ଶ ଦେଲି । ତଦନୁସାରେ ଉକ୍ତ ଶିକ୍ଷକ ଦ୍ୱୟଙ୍କୁ ମାସ ମାସକର ଦରମା

Digitized by srujanika@gmail.com

ହେବା ଅବୈଧାନିକ ଦୃଷ୍ଟିରୁ ସ୍କୁଲ ତାହା କରି ପାରିବ ନାହିଁ ବୋଲି ସ୍କୁଲର ସେକ୍ରେଟାରୀ ଇନ୍‌ସପେକ୍ଟରଙ୍କୁ ଜଣାଇ ଦେଲେ ।

ପରିଚାଳନା କମିଟିଙ୍କର ସେହି ଯୁକ୍ତି ବିପକ୍ଷରେ ଇନ୍‌ସ-ପେକ୍ଟରଙ୍କର କୌଣସି ନିୟମାନୁମୋଦିତ ପ୍ରତି ଯୁକ୍ତି ନ ଥିଲା । ମାତ୍ର ତାଙ୍କର ଆଦେଶ କାର୍ଯ୍ୟକାରୀ ନ ହେବାରୁ ସେ କ୍ଷୁବ୍ଧ ହେବା ସଙ୍ଗେ ସଙ୍ଗେ ପରିଚାଳନା କମିଟି ଉପରେ ଖଡ୍‌ଗହସ୍ତ ହେଲେ ।

କେତେକ ସ୍ଥାନୀୟ ଲୋକ ସେହି ଅସାମାଜିକ ଶିକ୍ଷକମାନଙ୍କୁ ବି ସମର୍ଥନ କରୁଥିଲେ । ବର୍ତ୍ତମାନ ପରିଚାଳନା ଆଉ ଇନ୍‌ସପେକ୍ଟରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବାର ସୁଯୋଗ ନେଇ ସେମାନେ କମିଟି ବିରୁଦ୍ଧରେ ମିଥ୍ୟା ଅଭିଯୋଗମାନ ଆଣିବାକୁ ଲାଗିଲେ । ଏ ସବୁ ଝାମେଲାରୁ ଦୂରରେ ରହିବାର ସ୍ଥିରକରି ସ୍କୁଲର ସେକ୍ରେଟାରୀ ପିପିଲିର ଡାକ୍ତର ତାଙ୍କର ଇସ୍ତଫା ପ୍ରଦାନ କଲେ ।

ମୁଁ ସ୍କୁଲ କମିଟିର, ସେକ୍ରେଟାରୀ ନିର୍ବାଚିତ ହେଲି ।

ଅଭିଯୁକ୍ତ ଆଉ ଦୁଇଜଣ ଶିକ୍ଷକଙ୍କୁ ସ୍କୁଲରୁ ବହିଷ୍କାର କରାଗଲା । ପ୍ରଧାନ ଶିକ୍ଷକ ଓ ଅନ୍ୟ ଦୁଇଜଣ ଶିକ୍ଷକ ଇସ୍ତଫା ଦେଇ ଚାଲିଗଲେ । ସ୍କୁଲର ଅସ୍ୱାସ୍ଥ୍ୟକର ବାତାବରଣ ଦୂରୀଭୂତ ହେଲା । ସଙ୍ଗେ ସଙ୍ଗେ ନୂତନ ଶିକ୍ଷକ ନିଯୁକ୍ତ ହେଲେ ଏବଂ ସ୍କୁଲରେ ଯଥାରୀତି ପଢ଼ାପଢ଼ି ଚାଲିଲା ।

ପରିଚାଳନା କମିଟିର ସଭ୍ୟମାନେ ସ୍କୁଲକୁ କିଛି କିଛି ଜମି ଦାନ କରିବା ନିମନ୍ତେ ମୁଁ ଏକ ପ୍ରସ୍ତାବ ଦେଲି । ମୋର ପ୍ରସ୍ତାବକୁ ସମର୍ଥନ ଜଣାଇ କମିଟିର ସଭାପତି ଗଙ୍ଗାଧର ମିଶ୍ର ଓ

Digitized by srujanika@gmail.com

ସଭ୍ୟ ପୀତବାସ ପଣ୍ଡା ସ୍କୁଲକୁ କିଛି କିଛି ଜମି ଦାନ କଲେ । ଦାନ କରିବାକୁ ମୋର ଜମି ନ ଥିବାରୁ ମୁଁ ଏକଶତ ଟଙ୍କା ମୂଲ୍ୟର ୨୫ ଗୋଟି ଗୃହ ତାଡ଼ର ନଡ଼ିଆ ଗଛ ଦେଲି ।

ପରିଚାଳନା କମିଟିର ଦୁଇଜଣ ସଭ୍ୟ ପୀତବାସ ପଣ୍ଡା ଓ ଯଦୁମଣି ମିଶ୍ର ଓଡ଼ାଲଙ୍କ ପଟୱାରୀ ଉଦୟନାଥ ପ୍ରଧାନଙ୍କ ସହାୟତାରେ ବଳବନ୍ତସିଂହର ଜମିଦାର ସାକ୍ଷୀ ଗୋପାଳ ପଟୱାରୀ ନିଜ ସାହୁ ଠାରୁ ଛଅ ଏକର ଜମିର ପଟ୍ଟା ଆମ୍ବଟୋଟା ସ୍କୁଲ ନାମରେ ଦାଖଲ କଲେ ।

ସ୍କୁଲରୁ ବିତାଡ଼ିତ ଅସାମାଜିକ ଶିକ୍ଷକ ମାନଙ୍କର ଯେଉଁ ସମର୍ଥକମାନେ ସ୍କୁଲ ପରିଚାଳନା ବିରୁଦ୍ଧରେ ଅପପ୍ରଚାର ଚଳାଇ ଥିଲେ, ସମ୍ପ୍ରତି ସ୍କୁଲର ସୁଷ୍ଠୁ ପରିଚାଳନା ଏବଂ ହିତମାନଙ୍କ ଦେଖି ସେମାନେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ପଡ଼ିଲେ ।

ଜଣେ କୁଷ୍ଠ ବ୍ୟାଧିଗ୍ରସ୍ତ ଶିକ୍ଷକଙ୍କୁ ଗୃହକର୍ମରୁ ବହିଷ୍କାର କରା ଯାଇଥିବା ଘଟଣା ନେଇ, ମୁଁ ଅନ୍ୟାୟରେ ଜଣେ ନିର୍ଦ୍ଦୋଷ ଶିକ୍ଷକଙ୍କୁ ବହିଷ୍କାର କରିଥିବା ଦର୍ଶାଇ ସ୍କୁଲ ଇନ୍ସପେକ୍ଟରଙ୍କ ପାଖରେ ମୋ ନାମରେ ଅଭିଯୋଗ ଆଣିଲେ ।

ମୁଁ କଟକ ପୁରୀର କୁଷ୍ଠରୋଗ ବିଶେଷଜ୍ଞ ଡାକ୍ତରଙ୍କ ଠାରୁ ସମ୍ପୃକ୍ତ ଶିକ୍ଷକଙ୍କ ଦ୍ୱାରା ମେଡ଼ିକାଲ ସାର୍ଟିଫିକେଟ ଅଣାଇଥିଲି । ସେହି ଶିକ୍ଷକଙ୍କ ଦେହରେ କୁଷ୍ଠ ରୋଗର ଜୀବାଣୁ ଥିବା କଥା ଡାକ୍ତର ଉକ୍ତ ସାର୍ଟିଫିକେଟରେ ଉଲ୍ଲେଖ କରିଥିଲେ ।

ମୋ ବିରୁଦ୍ଧରେ ଅଣାଯାଇ ଥିବା ଅଭିଯୋଗର ଉପଯୁକ୍ତ ଉତ୍ତର ମୁଁ ଦେଲି । ଇନ୍ସପେକ୍ଟରଙ୍କର ସେଥିରେ କିଛି କରିବାର ନ ଥିଲା ।

Digitized by srujanika@gmail.com

ଅଭିଯୋକ୍ତାମାନେ ଏଥିରେ ହତୋତ୍ସାହ ନହୋଇ ପରିଚାଳନା କମିଟି ବିରୁଦ୍ଧରେ ଆହୁରି କାଳ୍ପନିକ ଅଭିଯୋଗମାନ ଆଣିଲେ । ସେମାନଙ୍କ ସଙ୍ଗରେ ଯୋଗଦେଲେ କଲିକତାରେ ବ୍ୟବସାୟ କରୁଥିବା ଜଣେ ସ୍ଥାନୀୟ ଗ୍ରାଜୁଏଟ୍ । ସ୍କୁଲ ପାଇଁ ଗୋଟିଏ ପଇସା ଦାନ କରି ନଥିବା କେତେକ ଲୋକଙ୍କ ସହାୟତାରେ ଏକ ସାଧାରଣ ସଭା ଡକାଇ ସେହି ସଭାରେ ବର୍ତ୍ତମାନ ପରିଚାଳନା କମିଟିକୁ ଭାଙ୍ଗି ନୂତନ କମିଟି ଗଢ଼ାଯିବାର ଏକ ପ୍ରସ୍ତାବ ଗ୍ରହଣ କରାଗଲା ।

ଉକ୍ତ ପ୍ରସ୍ତାବର ନକଲ ସର୍କଲ ଇନ୍‌ସପେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଦିଆଗଲା । ତଥା କଥିତ ସାଧାରଣ ସଭା ଏବଂ ତହିଁରେ ଗୃହୀତ ପ୍ରସ୍ତାବ ବୈଧାନିକ ନ ଥିବା କାରଣରୁ ମୁଁ ସେଥିରେ କର୍ଣ୍ଣପାତ କଲି ନାହିଁ ।

କିଛିଦିନ ପରେ ଇନ୍‌ସପେକ୍ଟରଙ୍କ ପାଖକୁ ବଦଳିବା ପରେ ନୂତନ ଇନ୍‌ସପେକ୍ଟର ସ୍କୁଲ ପରିଦର୍ଶନରେ ଆସିଲେ । ସେ ପ୍ରଥମରୁ ପରିଚାଳନା ଉପରେ ବିରକ୍ତ ଥିଲେ ମଧ୍ୟ ପରିଚାଳନାର କୌଣସି ଦୋଷ ତ୍ରୁଟି ପାଇଲେ ନାହିଁ । ଦୁଷ୍ଟ ଦଳଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୋତେ କହିଲେ, ଦଳେ ଲୋକ ଯୋଉଠି ଆପତ୍ତି କରୁଛନ୍ତି, ଅଶାନ୍ତ ଉପଦ୍ରବକୁ ଏଡ଼ାଇବା ତଥା ସ୍କୁଲର ପାଠ- ପଢ଼ିରେ ବ୍ୟାଘାତ ନ ଉପୁଜାଇବା ଦୃଷ୍ଟିରୁ ଆପଣଙ୍କର ଇସ୍ତଫା ଦେବା କଣ ଉଚିତ ନୁହେଁ ?

ତାର ଉତ୍ତରରେ ମୁଁ କହିଲି, ଆପଣ ଯାହା କହୁଛନ୍ତି ମୁଁ ତହିଁରେ ସମ୍ପୂର୍ଣ୍ଣ ଏକମତ । କାରଣ କଷ୍ଟରେ ସ୍କୁଲଟିକୁ ଅଧଃ- ପତନ ମୁଖରୁ ରକ୍ଷା କରାଯାଇଛି । ସ୍କୁଲର ସର୍ବବିଧ ଉନ୍ନତି ଆମର କାମ୍ୟ । ସେହି ଦୃଷ୍ଟିରୁ ମୁଁ ଏହା ନୁହେଁ ମୋ ସମ୍ମତି

Digitized by srujanika@gmail.com

ପରିଚାଳନା କମିଟିର ସମସ୍ତ ସଭ୍ୟ ଇସ୍ତଫା ଦେବାକୁ ପ୍ରସ୍ତୁତ । କିନ୍ତୁ ସ୍କୁଲର ଚାର୍ଜ କାହାକୁ ଦେବୁଁ । ଏ ଦସ୍ୟୁ ଦଳଙ୍କ ହାତରେ ପଡ଼ିଲେ ସ୍କୁଲ ଆଉ ରହିବ ? ଆପଣ ଚାର୍ଜ ନେବେ ତ ସ୍କୁଲର ହିତ ଦୃଷ୍ଟିରୁ ସମଗ୍ର ପରିଚାଳନା କମିଟି ଏହି ମୁହୂର୍ତ୍ତରେ ଇସ୍ତଫା ଦେଇଦେବେ ।

ଇନସପେକ୍ଟର ସାହେବ ମୋ କଥାର ଗୁରୁତା ଉପଲବ୍ଧି କଲେ ଏବଂ ମୋ ପ୍ରସ୍ତାବରେ ସମ୍ମତ ହେଲେ ।

ସଙ୍ଗେ ସଙ୍ଗେ ପରିଚାଳନା କମିଟିର ବୈଠକ ଡାକି ଇନ୍ସପେକ୍ଟରଙ୍କୁ ସ୍କୁଲର ସମସ୍ତ ଚାର୍ଜ ଦେବାର ପ୍ରସ୍ତାବଟି ଗ୍ରହଣ କରାଇ ନେଲି । ଇନସପେକ୍ଟରଙ୍କୁ ସ୍କୁଲର ଚାର୍ଜ ଦେବା କାର୍ଯ୍ୟ ଏବଂ ସଭ୍ୟମାନଙ୍କର ଇସ୍ତଫା ପ୍ରଦାନ ଏକ ସମୟରେ ସମାହିତ ହେଲା ।

ଯେଉଁ ଖଳ ବ୍ୟକ୍ତିମାନେ ସୁଦକ୍ଷ ପରିଚାଳନା କମିଟିକୁ ଭାଙ୍ଗି ନୂତନ କମିଟି ଗଢ଼ିବା ଆଳରେ ନିଜେ କମିଟିରେ ପଶି ଦାଦାଗିରି କରିବାର ସୁଖସ୍ୱପ୍ନ ଦେଖିଥିଲେ, ସେମାନଙ୍କର ସେହି ସ୍ୱପ୍ନ ସ୍ୱପ୍ନରେହିଁ ରହିଗଲା । ଇନ୍ସପେକ୍ଟର ସାହେବ ସେମାନଙ୍କୁ ପରିହାର କରି, ପୁରୀ ସଦର ଏସ. ଡି. ଓ. ଏବଂ ଡି. ଆଇ.ଙ୍କ ସମେତ ନିକଟବର୍ତ୍ତୀ ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ନୂତନ ପରିଚାଳନା କମିଟି ଗଠନ କରିଦେଲେ । ସ୍କୁଲ ପୂର୍ବପରି ସ୍ୱଚ୍ଛନ୍ଦ ଗତିରେ ଚାଲିଲା ।

ବର୍ତ୍ତମାନ ସେ ସ୍କୁଲ ସରକାରଙ୍କର ସମ୍ପୂର୍ଣ୍ଣ ପରି-ଚାଳନାଧୀନରେ ଆଗେଇ ଚାଲିଛି ।

Digitized by srujanika@gmail.com

ପିପିଲି ଗ୍ରାମ ମଙ୍ଗଳ କେନ୍ଦ୍ର ଓ ଆଶାଶ୍ରମ ପାଟଣା

ପିପିଲିରେ ବ୍ଲକ ଆଉ ଗ୍ରାମ ପଞ୍ଚାୟତର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଗୋଟିଏ ଗ୍ରାମମଙ୍ଗଳ କେନ୍ଦ୍ର ସ୍ଥାପିତ ହୋଇଥିଲା । ଗ୍ରାମମଙ୍ଗଳ କେନ୍ଦ୍ରରେ ଜଣେ ଗ୍ରାମମଙ୍ଗଳ ସଞ୍ଚାଳକ ବା ଭିଲେଜ ୱେଲ୍‌ଫେୟାର ଗାଇଡ୍ ରହୁଥିଲେ । ତାଙ୍କର କାର୍ଯ୍ୟ ଥିଲା ଗ୍ରାମର ଲୋକମାନଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରି ଗ୍ରାମମାନଙ୍କର ସର୍ବବିଧ ଉନ୍ନତିକର କାର୍ଯ୍ୟ କରିବା । ଗ୍ରାମମଙ୍ଗଳ କେନ୍ଦ୍ର ଗୃହ ଆଉ ଗୋଟିଏ ପୋଖରୀ ଥିଲା ଗ୍ରାମମଙ୍ଗଳ କେନ୍ଦ୍ରର ସମ୍ପତ୍ତି । ଗ୍ରାମମଙ୍ଗଳ ସଞ୍ଚାଳକଙ୍କର କାର୍ଯ୍ୟ ପରିଚାଳନା ନିମନ୍ତେ ସ୍ଥାନୀୟ ଲୋକମାନଙ୍କୁ ନେଇ ଏକ ପରିଚାଳନା କମିଟି ଗଠିତ ହୋଇଥିଲା । ଉକ୍ତ ଗ୍ରାମମଙ୍ଗଳ କେନ୍ଦ୍ର ପରିଚାଳନା କମିଟିରେ ମୁଁ ସଭାପତି ଥିଲି ।

ଗ୍ରାମମଙ୍ଗଳ କେନ୍ଦ୍ରଟି ବେଶ୍ ଭଲ ରୂପେ ଚାଲୁଥିବା-ବେଳେ ଅଚାନକ ଭାବରେ ତା ଉପରେ ଏକ ବଜ୍ରପାତ ହେଲା ।

ସେଦିନ ମୁଁ ପିପିଲିରେ ଅନୁପସ୍ଥିତ ଥାଏ । ଗ୍ରାମମଙ୍ଗଳ ବିଭାଗର ସେକ୍ରେଟାରୀ ଚନ୍ଦ୍ରମଣି ମିଶ୍ର ମହାଶୟ ସକାଳେ ଗ୍ରାମମଙ୍ଗଳ କେନ୍ଦ୍ର ପୋଖରୀରୁ କିଛି ମାଛ ମରାଇ ପୁରୀ ନେଇଗଲେ । ଅପରାହ୍ଣରେ ପୁରୀରୁ ଫେରିବା ବାଟରେ ଗ୍ରାମମଙ୍ଗଳ କେନ୍ଦ୍ରରେ କିଛି ସମୟ ଅବସ୍ଥାନ କରି ପରିଚାଳନା କମିଟିର ସଭ୍ୟ ଓ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଗ୍ରାମମଙ୍ଗଳ କେନ୍ଦ୍ର ସମ୍ପର୍କିତ କେତେକ ବିଷୟରେ ଆଲୋଚନା କଲେ । ଆଲୋଚନା ପ୍ରସଙ୍ଗ ଭିତରେ ସକାଳର ମାଛମରାକୁ ଲକ୍ଷ୍ୟ କରି କେନ୍ଦ୍ରର ଆୟ ବନ୍ଦବସ୍ତ କରାଯାଉଛି ବୋଲି ସ୍ଥାନୀୟ ଅଧିବାସୀ ଅଗାଧୁ ଘୋଷ କଟୁ ସମାଲୋଚନା କଲେ । ସେକ୍ରେଟାରୀ ମହାଶୟ

ଷବଧ ହେବାର ଦେଖି ଗଙ୍ଗାଧର ମିଶ୍ର ଅଗାଧୂ ଘୋଷଙ୍କ ପାଇଁ କ୍ଷମା ପ୍ରାର୍ଥନା କଲେ; ମାତ୍ର କଥାଟା ସେତିକରେ ଛାଡ଼ିଗଲା ନାହିଁ । ଗ୍ରାମମଙ୍ଗଳ ସେକ୍ରେଟାରୀ କେନ୍ଦ୍ର ପୋଖରୀରୁ ମଞ୍ଚମାଟି ନେଇ ପୁଷ୍କରର ଭୋଜ କରିଥିବା ସମ୍ବାଦ ସମ୍ବାଦପତ୍ରରେ ପ୍ରକାଶ ପାଇଲା ।

ଏହି ଘଟଣାର ଦୁଇମାସ ପରେ ପିପିଲିରୁ ଗ୍ରାମମଙ୍ଗଳ କେନ୍ଦ୍ରକୁ ଉଠାଇ ନିଆଯାଉଥିବା ସମ୍ବାଦ ମୁଁ ଶୁଣିବାକୁ ପାଇଲି । ଆଜି ନିକଏ ଅନୁସନ୍ଧାନ କରି ଜାଣିପାରିଲି, କେନ୍ଦ୍ରକୁ ଉଠାଇ ନିଆଯିବା କାର୍ଯ୍ୟ ଅନେକ ଦୂର ଆଗେଇ ଗଲାଣି । ଏ ବିଷୟରେ କର୍ତ୍ତୃପକ୍ଷଙ୍କ ସହିତ ଲେଖାଲେଖି କରିବାର ଆଉ ସମୟ ନାହିଁ ।

ଏକ ପ୍ରତିନିଧି ଦଳରେ ଯାଇ ସେକ୍ରେଟାରୀଙ୍କୁ ତାଙ୍କର ବାସଭବନରେ ଭେଟିଲି । ସେତେବେଳକୁ ସେ ବାହାରକୁ କୁଆଡ଼େ ଯିବାକୁ ପ୍ରସ୍ତୁତ ହେଉଥାନ୍ତି । ମୁଁ ପିପିଲି ଗ୍ରାମମଙ୍ଗଳ କେନ୍ଦ୍ର ବିଷୟରେ କିଛି କହିବାକୁ ଆସିଥିବାର ଶୁଣିବା ମାତ୍ରେ ବିରକ୍ତିପୂର୍ଣ୍ଣ ନେତ୍ରରେ ସେକ୍ରେଟାରୀ ମହାଶୟ ମୋ ଆଡ଼କୁ ଏପରି କଟମଟ କରି ଚାହିଁଦେଇ ଚାଲିଗଲେ ଯେ, ତାଙ୍କର ସେହି ଉଗ୍ର ମୂର୍ତ୍ତି ଦେଖି ମୋର ସହଯାତ୍ରୀ ଦାମୋଦର ମହାପାତ୍ର ଆଉ କଳରବ କରିପାରି ଭୟରେ ଅତ୍ୟନ୍ତ ବିବଶ ହୋଇ ପଡ଼ିଲେ । ଘଣ୍ଟାକ ପରେ ସେ ଭୟରେ ମୋ ଠାରୁ ବିଦାୟ ନେଇ ଚାଲି-ଆସିଲେ । ପୂର୍ବରୁ ଆଉ ଜଣେ ଚାଲି ଆସିଥିଲେ । ମୁଁ ଏକା ସେକ୍ରେଟାରୀଙ୍କର ପ୍ରତ୍ୟାବର୍ତ୍ତନ ପ୍ରତୀକ୍ଷାରେ ବସିରହିଲି ।

ଦିନ ଗୋଟାଏ ପୂର୍ବରୁ ସେକ୍ରେଟାରୀ ଫେରିଲେ । ମୁଁ ବାରଣ୍ଡାରେ ଅପେକ୍ଷା କରିଥାଏ । ମାତ୍ର ସେ ମୋ ଆଡ଼କୁ ଥରେ ମାତ୍ର ଚାହିଁଦେଇ ଘର ଭିତରକୁ ଚାଲିଗଲେ ।

Digitized by srujanika@gmail.com

ଘଣ୍ଟାକ ପରେ ଯେତେବେଳେ ସଭା ଭୋଜନ ସମାପ୍ତ କରି ବାହାରକୁ ଆସିଲେ । ମୁଁ ଆରମ୍ଭ କଲି, ଆଜ୍ଞା ! ପିପିଲିରେ ଗୋଟିଏ ଗ୍ରାମ ମଙ୍ଗଳ କେନ୍ଦ୍ର ଥିଲା । ଗ୍ରାମବାସୀଙ୍କର ଅଯୋଗ୍ୟତାରୁ ସରକାର ଏହି କେନ୍ଦ୍ରଟିକୁ ସେଠାରୁ ଉଠାଇ ନେବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବର୍ତ୍ତମାନ ଗ୍ରାମବାସୀମାନେ ସେମାନଙ୍କର ଭୁଲ ତ୍ରୁଟିପାଇଁ ଗ୍ରାମମଙ୍ଗଳ କେନ୍ଦ୍ରର ସମ୍ପୂର୍ଣ୍ଣ ଉନ୍ନତ ଢଙ୍ଗରେ କାର୍ଯ୍ୟ କରିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ହୋଇ ପିପିଲିରୁ କେନ୍ଦ୍ରଟିକୁ ଉଠାଇ ନ ନେବା ପାଇଁ ପ୍ରାର୍ଥନା ଜଣାଉଛନ୍ତି ।

ମୋ ନାଁରେ ଖବର କାଗଜରେ ବାହାରିଲା ! ବଡ଼ ବିକ୍ଷୁବ୍ଧ ଭାବରେ କହିଲେ ସେ କଥାଟା । ମୁଁ କହିଲି, ଥରେମାତ୍ର ବାହାରିଛି । ଯଦି ଜନତାର ସେହି ସମ୍ବାଦର ବିପରୀତ ସମ୍ବାଦ ବାହାରେ, ସେ ତ୍ରୁଟିର କଣ ଭରଣା ହେବ ନାହିଁ ?

ଆଚ୍ଛା, ଆପଣ କଲିଗ ପଚରିଆ ବାଘର ଗୋଲ ପଟାଟାକୁ ଲମ୍ବା କରି ଦେଇ ପାରିବେ ? କହିଲେ ଚିନ୍ତାମଣି ବାବୁ ।

ପିପିଲି ଲୋକେ ତ ବାଘ ନୁହନ୍ତି । ଦସ୍ୟୁ ରତ୍ନାକର ଋଷି ବାଲ୍ମୀକି ହୋଇ ପାରିଥିଲେ । ପିପିଲିର ଲୋକମାନେ ନିଶ୍ଚୟ ପରିବର୍ତ୍ତିତ ହେବେ । କେହି ଜଣେ କିଛି ଗୋଟାଏ କହିଦେଲା ବା କଣ ଗୋଟାଏ କରିଦେଲା ବୋଲି ଆପଣ ସମଗ୍ର ପିପିଲିର ଅଧିବାସୀଙ୍କୁ ସେପରି ବିଚାରନ୍ତୁ ନାହିଁ । ଯେଉଁମାନେ କିଛି କହୁଛନ୍ତି; ବା କରିଛନ୍ତି ସେମାନେ ଆତ୍ମହତ୍ୟା କରିଛନ୍ତି । ଆପଣଙ୍କର କିଛି ଅନିଷ୍ଟ କରି ନାହାନ୍ତି । ମାଛ ମାରିବା ପାଇଁ ଜଳାଶୟରୁ ନାଳ କାଟି ବାହାରକୁ ପାଣି ଛଡ଼ା ଯାଉଥିବା

Digitized by srujanika@gmail.com

ବେଳେ ସେହି ନାଳରୁ ଦୁଇ ପାଞ୍ଚଟା ମାଛ ଶୁଖିଲକୁ ଡେଇଁ ପଡ଼ଆନ୍ତି । ଯେଉଁଟା ଡେଇଁପଡେ ସେ ଆତ୍ମହତ୍ୟା କରେ । କିନ୍ତୁ ତାର ସେହି ଡେଇଁବା ଦ୍ୱାରା ଜଗିଥିବା ଲୋକ ନାଳକୁ ମାଛ ଆସିଥିବାର ସୂଚନା ପାଇ ନାଳର ଉପର ମୁଣ୍ଡରେ ବନ୍ଧ ପକାଇ ମାଛ ସବୁ ଧରିନିଏ । ମାଛ ଡେଇଁବା ଦ୍ୱାରା ମାଛ ଧରାଳୀ ନାଳ ଭିତରେ ଯେପରି ଜୀବନର ସୂଚନା ପାଏ, ଯେଉଁମାନେ ଆପଣଙ୍କ ଚତୁର୍ଦ୍ଦରେ କିଛି କହୁଛନ୍ତି ବା କରୁଛନ୍ତି ସେମାନେ ପିପିଲିରେ ଜୀବନ ଥିବାର ସୂଚନାହିଁ ଦେଉଛନ୍ତି । ଯେଉଁଠାରେ ଜୀବନ ଅଛି, ସେଠାରେ ମନ୍ଦ ସହିତ ଭଲ ମଧ୍ୟ ରହିଛି । ଆପଣ ଭଲ ଦେଖିବା ପାଇଁ ପିପିଲିବାସୀଙ୍କୁ ଥରେ ସୁଯୋଗ ଦିଅନ୍ତୁ ।

ଚିନ୍ତାମଣି ବାବୁ ପୂର୍ବାପେକ୍ଷା ଶାନ୍ତଭାବ ଧାରଣ କରି କହିଲେ, ଆପଣଙ୍କର ବ୍ଲକ ଅଛି । ବ୍ଲକରେ ଗ୍ରାମସେବକ ଅଛନ୍ତି । ସେଠାରେ ଭିଲେଜ ୱେଲଫେୟାର ଗାଇଡର ଆଉ ଆବଶ୍ୟକତା ନାହିଁ । ସେଇଥିପାଇଁ ତ ଗ୍ରାମ ମଙ୍ଗଳ କେନ୍ଦ୍ର ଉଠାଇ ଦିଆ ଯାଉଛି ।

ଆଜ୍ଞା ! ଚନ୍ଦ୍ରାଲୋକିତ ରଜନୀରେ ତ ପ୍ରଦୀପର ଆବଶ୍ୟକତା ରହୁଛି । ଚିନ୍ତାମଣି ବାବୁ ମୋତେ କୁଣ୍ଢାଇ ପକାଇଲେ । କହିଲେ, ଆମର ଗ୍ରାମ ସେବକ ଦରକାର । ଗ୍ରାମ ମଙ୍ଗଳ ଗାଇଡ଼ ବି ଦରକାର । ଆମ ପକ୍ଷରେ ଉଭୟଙ୍କର ଆବଶ୍ୟକତା ସମଭାବରେ ରହିଛି ।

ସେ ହସି ହସି କହିଲେ, ଆପଣ ତ ବଡ଼ ମୁସ୍କିଲ ଲୋକ ।

Digitized by srujanika@gmail.com

ମୁଁ କହିଲି ଆଜ୍ଞା, ଆପଣଙ୍କ ଠାରୁ ନିଶ୍ଚିତ ବାଣୀ ନ ଶୁଣିବା ଯାଏ ମୁଁ ଏହି ବାରଣ୍ଡାରେ ବସି ରହିବାର ପ୍ରତିଜ୍ଞା ନେଇ ଆସିଛି । ।

କିନ୍ତୁ ଫାଇଲ ନ ଦେଖିବା ଯାଏ ମୁଁ କିଛି କହି ପାରୁନି । ଦୁଇଦିନ ପାଇଁ ମୁଁ ହେଡ୍ କ୍ୱାର୍ଟର ଛାଡ଼ୁଛି । ଦୁଇଦିନ ପରେ ଆପଣ ଆସନ୍ତୁ । ସେକ୍ରେଟାରୀଙ୍କର ଏହି ଉତ୍ତର ପରେ ମୋର ଆଉ କିଛି କହିବାର ନ ଥିଲା । ମୁଁ ନୀରବରେ ବିଦାୟ ନେଇ ଆସିଲି ।

ଦୁଇଦିନ ପରେ ଯାଇ ପହଞ୍ଚିଲି । ଚିନ୍ତାମଣି ବାବୁ ତାଙ୍କ କ୍ୱାର୍ଟର ଅଫିସରେ ବସିଥିଲେ । ମୋତେ ବସିବାକୁ ଆସନ ଦେଖାଇ ଦେଲେ । ସଙ୍ଗେ ସଙ୍ଗେ ସେକ୍ରେଟାରୀଏଟ୍‌କୁ ଫୋନ କଲେ । ପିପିଲି ଗ୍ରାମ ମଙ୍ଗଳ କେନ୍ଦ୍ରକୁ ଉଠାଇ ନେବା ଧମ୍‌କିରେ ଗ୍ରାମ ମଙ୍ଗଳ ବିଭାଗ ମନ୍ତ୍ରୀ ସୋନାରାମ ସୋରେନ ମହୋଦୟ ଅର୍ଡ଼ର ଦେଇ ଆସିଥିବାର ଖବର ଆସିଲା । ସେ ଫାଇଲଟା ଶୀଘ୍ର ତାଙ୍କ ପାଖକୁ ପଠାଇ ଦେବା ନିମନ୍ତେ ଚିନ୍ତାମଣି ବାବୁ ଆଦେଶ ଦେଲେ । ମୋତେ ଗୃହିଁ କହିଲେ, ମନ୍ତ୍ରୀ ଅର୍ଡ଼ର ଦେଇ ସାରିଛନ୍ତି । ଆଚ୍ଛା ହଉ, ଦେଖିବା । ଆପଣଙ୍କୁ ଗୋଟାଏ ଏଗ୍ରିମେଣ୍ଟ କରି ଦେବାକୁ ହେବ ।

ପିପିଲି ଗ୍ରାମବାସୀଙ୍କ ତରଫରୁ ସେକ୍ରେଟାରୀଙ୍କର ଇଚ୍ଛାମତ ମୁଁ ଏଗ୍ରିମେଣ୍ଟ ଲେଖିଦେଲି । ସେହି ଏଗ୍ରିମେଣ୍ଟରେ ଗୋଟାଏ ସର୍ତ୍ତଥିଲା କେନ୍ଦ୍ର ପୋଖରୀରୁ ଦଳ ସଫା କରି ପୋଖରୀକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖିବା ଆଉ ପୋଖରୀର ପୂର୍ବ ପଟ ହୁଡ଼ା ସଂଲଗ୍ନ ପଡ଼ିଆ ଜମିରେ ଫୁଲ ଫଳର ଏକ ବଗିଚା କରିବା ।

Digitized by srujanika@gmail.com

ଯାହାହେଉ ସେକ୍ରେଟାରୀଙ୍କ କୋପ ଦୃଷ୍ଟିରୁ ରକ୍ଷାପାଇ ଗ୍ରାମ ମଙ୍ଗଳ କେନ୍ଦ୍ର ପୂର୍ବପରି ରହିଗଲା । ଆଜି ଅବଶ୍ୟ ପିପିଲି ଗ୍ରାମ ମଙ୍ଗଳ କେନ୍ଦ୍ର ଆଉ ନାହିଁ । କିନ୍ତୁ ତାହା ସେକ୍ରେଟାରୀଙ୍କ କୋପଦୃଷ୍ଟିରୁ ଉଠିଯାଇ ନାହିଁ । ଉଠି ଯାଇଛି ମାତ୍ରଗତ ବର୍ଷରେ ଏହି ଘଟଣାର ସାତବର୍ଷ ପରେ ।

ପିପିଲି ବଜାର ନିମାପଡ଼ା ଛକଠାରୁ ଅଳ୍ପ ଦୂରରେ ଥିବା ଏକ କ୍ଷୁଦ୍ର ଗ୍ରାମର ନାମ ଆଶାଗ୍ରମ ପାଟଣା । ଉକ୍ତ ଗ୍ରାମ ସୀମାରେ ଥିବା ଏକ ଅନାବାଦୀ ଜମିକୁ ସ୍ଥାନୀୟ ଅଞ୍ଚଳ ଅଧିକାରୀ (ବର୍ତ୍ତମାନର ନାମ ତହସିଲଦାର) ତାଙ୍କର ଜିପ୍ ଡ୍ରାଇଭରଙ୍କୁ ପଟ୍ଟା ଦେଇଦେଲେ । ଡ୍ରାଇଭର ସେଠାରେ ଘର ତୋଳିବା ଉଦ୍ଦେଶ୍ୟରେ ସେହି ପ୍ଲଟରେ ଥିବା ଗଛ ସବୁ କାଟିନେଇ ପ୍ଲଟର ଚତୁଃପାର୍ଶ୍ୱରେ ବାଡ଼ ବୁଜିଦେଲେ । ତାଙ୍କର ସେହି ବାଡ଼ାବନ୍ଦୀ ଫଳରେ ଗ୍ରାମବାସୀଙ୍କର ଚଳାଚଳରେ ବିଶେଷ ବାଧା ଉପୁଜିଲା । ଗ୍ରାମ ସୀମାନ୍ତରେ ଥିବା ଗ୍ରାମଦେବତୀ ସେହି ବାଡ଼ାବନ୍ଦୀ ଭିତରେ ରହି ଯିବାରୁ ଗ୍ରାମବାସୀମାନେ ତାଙ୍କର ପୂଜା କରିବାକୁ ଯାଇ ପାରିଲେ ନାହିଁ । ଦେବୀ ପାଣି ପାଇଲେ ନାହିଁ ।

ଗ୍ରାମବାସୀମାନେ ଅଞ୍ଚଳ ଅଧିକାରୀଙ୍କ ନିକଟରେ ଆପତ୍ତି ଜଣାଇଲେ; ମାତ୍ର ଅଞ୍ଚଳ ଅଧିକାରୀ ସେମାନଙ୍କର ଆପତ୍ତି ଶୁଣିଲେ ନାହିଁ । ସ୍ଥାନୀୟ କେତେକ ବ୍ୟକ୍ତି ଆକ୍ରୋଶ ମନୋଭାବ ଧରି ଅଞ୍ଚଳ ଅଧିକାରୀଙ୍କ କାର୍ଯ୍ୟର ସମର୍ଥନ କଲେ । ଆଶାଗ୍ରମ-ପାଟଣାର ଅଧିବାସୀମାନେ ଉଭୟ ଦିଗରୁ ନିରୁପାୟ ହୋଇ ମୋର ସାହାଯ୍ୟ ପ୍ରାର୍ଥନା କଲେ । ମୁଁ ସେହି ଗ୍ରାମକୁ ଯାଇ ଯାହା ଦେଖିଲି ମୋର ହୃଦ୍‌ବୋଧ ହେଲା, ଇଚ୍ଛାକୃତ ଭାବରେ ଯେପରି ଗ୍ରାମବାସୀମାନଙ୍କୁ ଗୃହବନ୍ଦୀ କରି ରଖାଯାଇଛି ।

Digitized by srujanika@gmail.com

ଆଶାବମପାଣ୍ଟଣା ଗ୍ରାମବାସୀମାନଙ୍କର 'ସେ ପ୍ରକାର ଦସ୍ନୀୟ ଅବସ୍ଥାରେ ମୁଁ ଅନ୍ତରରେ ବ୍ୟଥା ଅନୁଭବ କଲି ।

ଗ୍ରାମବାସୀମାନଙ୍କୁ ଶୀଘ୍ର ଡ୍ରାଇଭର ପଟ୍ଟା କ୍ୟାନସଲ ହେବାର ଆଶ୍ୱାସନା ଦେଇ ଏମ୍. ଏଲ. ଏ.ଙ୍କୁ ସମସ୍ତ କଥା ଜଣାଇଲି । ଏମ୍. ଏଲ. ଏ. ରାମଚନ୍ଦ୍ର ପଟ୍ଟନାୟକ ମୋ ସହିତ ଦାମୋଦର ମହାପାତ୍ର ଓ କେଶବ ମଲ୍ଲିକଙ୍କୁ ନେଇ ଏକ ତିନି-ଜଣିଆ କମିଟି ଗଢ଼ି ଦେଲେ ଏବଂ ସରଜମିନ ତଦନ୍ତ କରି ତିନି ଦିନ ମଧ୍ୟରେ କମିଟିର ମତାମତ ତାଙ୍କୁ ଜଣାଇବା ପାଇଁ ଅନୁରୋଧ କଲେ । ଆମେ ଯଥା ସମୟରେ ସରଜମିନ ତଦନ୍ତ କରି ଆମର ମତାମତ ପ୍ରଦାନ କଲୁଁ । ଏମ୍. ଏଲ. ଏ. ଆମର ମତାମତ ପାଠକରି ବିଶେଷ ବ୍ୟଥିତ ହେଲେ ଏବଂ ଆମ୍ଭମାନଙ୍କ ସଙ୍ଗରେ ଯାଇ ସ୍ୱଚକ୍ଷୁରେ ଗ୍ରାମବାସୀଙ୍କର ଅବସ୍ଥା ଦେଖିଲେ । ଏମ୍. ଏଲ. ଏ.ଙ୍କ ପରାମର୍ଶାନୁସାରେ ଗ୍ରାମବାସୀଙ୍କ ତରଫରୁ ମୁଁ ଏକ ଆବେଦନପତ୍ର ପ୍ରସ୍ତୁତ କରିଦେଲି । ଜଣେ ସ୍ଥାନୀୟ ମୋହରିର ଉକ୍ତ ଆବେଦନପତ୍ର ଲେଖିଦେଲେ । ଏମ୍. ଏଲ. ଏ.ଙ୍କ ଜରିଆରେ ଆବେଦନପତ୍ର ଜିଲ୍ଲା କଲେକ୍ଟରଙ୍କୁ ପଠାଇ ଦିଆଗଲା । ଏମ୍.ଏଲ. ଏ. ନିଜେ କଲେକ୍ଟରଙ୍କୁ ସାକ୍ଷାତ କରି ଅଞ୍ଚଳ ଅଧିକାରୀଙ୍କ ଜିପ ଡ୍ରାଇଭରଙ୍କୁ ଦେଇଥିବା ପଟ୍ଟା କ୍ୟାନସଲ କରିବାର ଅନୁରୋଧ କଲେ । କଲେକ୍ଟର ସାହେବ ଡ୍ରାଇଭର ଲିଜ୍‌କୁ କ୍ୟାନସଲ କରିଦେଲେ ଏବଂ ଗ୍ରାମବାସୀମାନେ ଆଶ୍ୱସ୍ତିରେ ନିଶ୍ୱାସ ମାରିଲେ ।

ଗୁରୁଙ୍କ ବିବାଦରେ ମଧ୍ୟସ୍ଥି

୧୯୩୬ ମସିହା କଥା । ରାଜକନିକା ହାଇସ୍କୁଲର ପୂର୍ବତନ ସହକାରୀ ପ୍ରଧାନ ଶିକ୍ଷକ ବାଳକୃଷ୍ଣ କର ମହାଶୟଙ୍କ ସଙ୍ଗରେ

Digitized by srujanika@gmail.com

ମୋର ଯେତେବେଳେ କଟକ ହରରାଷ୍ଟ ତାଙ୍କର ମାରପୃତ ପ୍ରେସରେ ସାକ୍ଷାତ ହୁଏ ମୁଁ ସ୍କୁଲ ଛାଡ଼ିବା ପରଠାରୁ ମୋର ସମସ୍ତ ଇତିହାସ ସେ ପତ୍ର ପତ୍ର ବୁଝିଲେ ।

ମୁଁ ଷଷ୍ଠ ଶ୍ରେଣୀର ଛାତ୍ର ଥିବାବେଳେ ଏପରି ଏକ କ୍ଷୁଦ୍ର ଘଟଣା ଘଟି ଯାଇଥିଲା, ଯାହା ଫଳରେ ମହାନୁଭବ ବାଳକୃଷ୍ଣ ବାବୁ ମୋ ପ୍ରତି ବିଶେଷ ପ୍ରସନ୍ନ ଥିଲେ ।

ଘଟଣାଟି ହେଉଛି—ସେ ବର୍ଷ ପ୍ରବଳ ବନ୍ୟା ଯୋଗୁ ସ୍କୁଲ କେତେଦିନ ପାଇଁ ବନ୍ଦ ଥାଏ । ଆମ ମେସ୍‌ର ମେନେଜର ଥିବା ଅଷ୍ଟମ ଶ୍ରେଣୀର ଛାତ୍ର କେଶବାନନ୍ଦ ଗଜତ ସେ ମାସର ମେସ୍ ସଉଦା ପାଇଁ ଚୁଡବାଲା ଗଲେ । ମୁଁ ତାଙ୍କ ସାଙ୍ଗରେ ଚୁଡବାଲା ବୁଲିବାକୁ ଚଳିଲି । ସନ୍ଧ୍ୟା ପୂର୍ବରୁ ମେସ୍‌ର ଜିନିଷପତ୍ର ସବୁ ଦୁଇ-ଜଣ ଗଡ଼ୁଆଙ୍କ ଦ୍ୱାରା ଆଣି ଆମେ ବୋର୍ଡ଼ିଂକୁ ଫେରି ଆସିଲୁଁ ।

ମାସ ଶେଷରେ କେଶବାନନ୍ଦ ମେସ୍ ଖର୍ଚ୍ଚର ଯେଉଁ ହିସାବ ଦେଲେ, ମୁଁ ଦେଖିଲି, ଚୁଡବାଲାରୁ ସେଦିନ କଣା ଯାଇଥିବା ସଉଦା ଠାରୁ ସେ ଅଧିକା ପ୍ରାୟ କୋଡ଼ିଏ ଟଙ୍କା ଦର୍ଶାଇଛନ୍ତି । ତାଙ୍କର ସେହି ଜାଲ ହିସାବ କଥା ମୁଁ ବୋର୍ଡ଼ିଂ ପିଲାମାନଙ୍କ ଆଗରେ କହିଲି । ଆମ ବୋର୍ଡ଼ିଂକୁ ଲାଗି ହେଡ଼ମାଷ୍ଟରଙ୍କର କ୍ୱାଟର । ଅବିନାଶ ଚନ୍ଦ୍ର କୁଣ୍ଡୁ ନାମରେ ଜଣେ ବଙ୍ଗାଳୀ ହେଡ଼ମାଷ୍ଟର ଥାନ୍ତି । ପରଦିନ ସେ ମହାଶୟ ମୋତେ ତାଙ୍କର ଅଫିସକୁ ଡାକି କହିଲେ, ତୁମେ କେଶବାନନ୍ଦ ନାମରେ ମିଥ୍ୟା ଅଭିଯୋଗ କରିଛ । ସଙ୍ଗେ ସଙ୍ଗେ ଛଅବେତ ପ୍ରହାର କଲେ ।

ଏଥିରେ ମୋର ଶାରୀରିକ ବେଦନା ଠାରୁ ମାନସିକ ବେଦନା ବହୁଗୁଣ ବଢ଼ିଗଲା । ମୋର ଧାରଣା ହେଲା, କେଶବାନନ୍ଦ ହେଡ଼ମାଷ୍ଟରଙ୍କୁ ଟଙ୍କା ଦେଇ ବା ମେସର ଜିନିଷ ପତ୍ର

Digitized by srujanika@gmail.com

ଆକାରରେ ଦେଉ ନଶ୍ଚସ୍ତ କରୁ ଘୃଷ ଦଅନ୍ତ ବା ଦେଇଛନ୍ତ । ମୁଁ ବାଇଙ୍କ ପାଖକୁ ଏକ ଚିଠିରେ ସମସ୍ତ ଘଟଣା ଜଣାଇ ଏ ସ୍କୁଲରେ ଆଉ ପଢ଼ିବ ନାହିଁ ବୋଲି ଲେଖିଦେଲି । ଭାଇ ସେତେବେଳେ ଜାଜପୁରରେ ଥାନ୍ତି । ମୁଁ ମୋର ସମସ୍ତ ଜିନଷ ପତ୍ର ନେଇ ଘରକୁ ଚାଲିଯିବା ନମନ୍ତେ ତାଙ୍କଠାରୁ ଏକ ଟେଲିଗ୍ରାମ୍ ପାଇଲି । ମୁଁ ମୋର ସମସ୍ତ ଜିନଷ ପତ୍ର ଧରି ଘରକୁ ଚାଲିଗଲି । ଏହାର ଠିକ୍ ବାରଦନ ପରେ ସ୍କୁଲର ଥାର୍ଡ ପଣ୍ଡିତ ଜପୁରାମ ବସୁ ଆମ ଘରଠାରେ ପହଞ୍ଚି ମୋତେ ବୋର୍ଡିଂରୁ ଚାଲି ଆସିବାର ଏବଂ ସ୍କୁଲକୁ ନ ଯିବାର କାରଣ ପଚାରିଲେ । ମୁଁ ସମସ୍ତ ଘଟଣା କହିଗଲି । ସେ ମହାଶୟ ମୋତେ ଅନୁସୁ ଦେଇ କହିଲେ, ହେଡ଼ମାଷ୍ଟର ସେ କଥା ବୁଝିବା ପାଇଁ ତୁମକୁ ଡାକଛନ୍ତ । ମୋ ସାଙ୍ଗରେ ଆସ । ତାଙ୍କର ବାରମ୍ବାର ଅନୁରୋଧରେ ମୁଁ ବହିପତ୍ର ନ ନେଇ ଖାଲି ଖାଲି ତାଙ୍କ ସଙ୍ଗରେ ସ୍କୁଲକୁ ଗଲି ।

ହେଡମାଷ୍ଟର ତାଙ୍କ ଅଫିସରୁ ବାହାର କ୍ଲାସକୁ ଆସୁଥାନ୍ତି । ତପସିଲ ବଗରୁ ଆସିଷ୍ଟାଣ୍ଟ ହେଡ଼ମାଷ୍ଟର ବାଳକୃଷ୍ଣ ବାବୁ ଆଉ ହେଡ ପଣ୍ଡିତ ଜନାର୍ଦ୍ଦନ ମିଶ୍ର କ୍ଲାସରୁ ବାହାର କମନରୁମ୍ ଆଡେ ଯାଉଛନ୍ତ । ସେହି ସମୟରେ ଥାର୍ଡ ପଣ୍ଡିତଙ୍କ ସହ ମୁଁ ଯାଇ ବାରଣ୍ଡାକୁ ଉଠିଗଲି । ଆମେ ସମସ୍ତେ ସ୍କୁଲ ବାରଣ୍ଡାର ମଧ୍ୟ ସ୍ଥଳରେ ଠିଆ ହୋଇଗଲୁଁ ।

ହେଡ଼ମାଷ୍ଟର କହିଲେ, ହରିଚରଣ, ତୁମେ କଣ ଚାହଁ ମୁଁ ତୁମ ଠାରେ କ୍ଷମା ପ୍ରାର୍ଥନା କରେ ?

ସାର୍ ! ବନା ଦୋଷରେ ଆପଣ ମୋତେ ଡିନବେତ ଦେଇଛନ୍ତ । ମୁଁ କହିଲି ।

Digitized by srujanika@gmail.com

ହେଲ ବା,—ହେଡ଼ମାଷ୍ଟରଙ୍କର କଥା ସମ୍ପୂର୍ଣ୍ଣ ହେଲ ନାହିଁ । ଥାର୍ଡ ପଣ୍ଡିତ କହିଲେ, ଯାହା ହେବାର ହୋଇ ଯାଇଛି । ସେ ତ ଆଉ ଫେରିବ ନାହିଁ । ତୁମେ ଆସି ପୂର୍ବପରି ପଢ଼ାପଢ଼ି କର । ହେଡ଼ମାଷ୍ଟର ପ୍ରଶ୍ନ କଲେ, ତୁମେ କେବେ ଆସିବ ? କାଲିଠାରୁ ଆସୁଛ ତ ? ଥାର୍ଡ ପଣ୍ଡିତ କହିଲେ, ହଁ ସେ କାଲିଠାରୁ ଆସିବ । ହେଡ଼ମାଷ୍ଟର ଚାଲିଯିବା ପରେ ଜୟରାମ ବାବୁ ମୋତେ ଅନେକ ବୁଝାଇଲେ । ମୁଁ ପଢ଼ିବାକୁ ରାଜି ହେଲି । କିନ୍ତୁ ବୋର୍ଡିଂରେ ରହିବାକୁ ଆଉ ଇଚ୍ଛା ହେଲ ନାହିଁ । ଜୟରାମ ବାବୁ ତାଙ୍କ ବସାରେ ରହିବାର ପରାମର୍ଶ ଦେଲେ । ତାହା ହିଁ ହେଲ । ମୁଁ ତାଙ୍କରି ବସାରେ ରହି ପଢ଼ିଲି ।

ପରେ ଜାଣି ପାରିଲି, ଭାଇ ମୋର ସେ ଚିଠିଟିକୁ କନିକାର ରାଜା ସାହେବଙ୍କ ପାଖକୁ ପଠାଇ ଦେଇଥିଲେ । ରାଜା ସାହେବଙ୍କର ନିର୍ଦ୍ଦେଶ କ୍ରମେ ହେଡ଼ମାଷ୍ଟର ମୋତେ ଡାକିବାକୁ ବାଧ୍ୟ ହୋଇଥିଲେ ।

ବାଳକୃଷ୍ଣ ବାବୁ ମୋର ସ୍କୁଲ ଛାଡ଼ିବାର ପରବର୍ତ୍ତୀ ଘଟଣାବଳୀ ସମସ୍ତ ଶୁଣିବା ପରେ ମୋ ପ୍ରତି ତାଙ୍କର ପୂର୍ବର ପ୍ରସନ୍ନତା ବୃଦ୍ଧି ଲାଭ କରିଥିବାର ମୁଁ ଲକ୍ଷ୍ୟ କଲି । ମୁଁ ଗୋଟିଏ ବହି ଛପାଇବାର ଇଚ୍ଛା ପ୍ରକାଶ କରିବାରୁ ସେ କହିଲେ, ତୁମେ କେବଳ କାଗଜ ଖର୍ଚ୍ଚ ଦେଲେ ମୁଁ ବହିଟି ଛପାଇ ଦେବି । ପରେ ତୁମର ସୁବିଧାନୁସାରେ ଛପାଖର୍ଚ୍ଚ ପରିଶୋଧ କରିବ । ସେତେବେଳକୁ 'ମାତୃଭୂମିର' ଜନ୍ମ ହୋଇ ନଥାଏ । ତାଙ୍କ ସମ୍ପାଦନାରେ ପ୍ରକାଶିତ 'ସହକାର' ମାସିକ ପତ୍ରିକାର ଗୋଟିଏ କପି ମୋତେ ଦେଇ କହିଲେ, ପ୍ରତି ମାସରେ ତୁମ ପାଖକୁ ପତ୍ରିକା

Digitized by srujanika@gmail.com

ପିବ । ସେଥିପାଇଁ ତୁମକୁ କୌଣସି ଖର୍ଚ୍ଚ ଦେବାକୁ ହେବନାହିଁ । ଏକବର୍ଷ ପର୍ଯ୍ୟନ୍ତ ସେ ସହକାର ଫ୍ରିରେ ଦେଇଥିଲେ । ମୋର ପୁରସ୍କାର ଓ ପରିବର୍ତ୍ତନ ଉପନ୍ୟାସ ଦୁଇଟି ଧାରରେ ମଧ୍ୟ ଛପାଇ ଦେଇଥିଲେ ।

ଏହାର କେତେବର୍ଷ ପରେ ବାଳକୃଷ୍ଣ ବାବୁ 'ଆନନ୍ଦ ଲହରୀ ଉପନ୍ୟାସ ମାଳା' ନାମରେ ଏକ ମାସିକ ଉପନ୍ୟାସ ସିରିଜ ପ୍ରକାଶ କଲେ । ମୋର ଅନ୍ଧାରେ ଆଲୁଅ ନାମକ ଉପନ୍ୟାସଟି ସେହି ଆନନ୍ଦ ଲହରୀ ଉପନ୍ୟାସମାଳାରେ ପ୍ରକାଶିତ ହେଲା । ଆନନ୍ଦ ଲହରୀ ଉପନ୍ୟାସମାଳାର ମାସିକ ସଂଖ୍ୟା ଗୁଡ଼ିକ ବିକ୍ରିପରେ ଏକ ହଜାର କପିରୁ ସହା ବଳେ ତାହା ପୁସ୍ତକାକାରରେ ପ୍ରକାଶିତ ହୁଏ । ମୋର ଅନ୍ଧାରେ ଆଲୁଅ ଲେଖାଟି ମଧ୍ୟ ସେହିପରି ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା ।

ବାଲୁବଜାରସ୍ଥ ସାରସ୍ୱତ ପୁସ୍ତକ ଭଣ୍ଡାର ପୁସ୍ତକ ଦୋକାନଟି ସାରସ୍ୱତ ପ୍ରେସର ସହଯୋଗରେ ଚଳେ । ବାଳକୃଷ୍ଣ ବାବୁଙ୍କ ଲିଖିତ ପୁସ୍ତକ ଗୁଡ଼ିକ ପ୍ରଧାନତଃ ସେଠାରେ ବିକ୍ରି ହୁଏ । ମୋର ପୁସ୍ତକ ମଧ୍ୟ ମୁଁ ସେହି ଭଣ୍ଡାରରେ ବିକ୍ରି ପାଇଁ ଜମା ଦେଇଥାଏ । ସେହି ସୂତ୍ରରେ ସାରସ୍ୱତ ଭଣ୍ଡାରର ସଞ୍ଚାଳକ ଲୋକନାଥ ମିଶ୍ରଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ଥାଏ ।

ବାଳକୃଷ୍ଣ ବାବୁଙ୍କର ଭଣଜା ଧନେଶ୍ୱର ଶତପଥୀ ସାରସ୍ୱତ ପ୍ରେସର ମେନେଜର ଥାନ୍ତି । ଧନେଶ୍ୱର ବାବୁ ଜଣେ ଲେଖକ । ତାଙ୍କ ସହିତ ମୋର ବେଶ୍ ସୁସମ୍ପର୍କ ଥାଏ ।

ହଠାତ୍ ମୁଁ ସାରସ୍ୱତ ଭଣ୍ଡାରର ସଞ୍ଚାଳକ ଲୋକନାଥ ବାବୁଙ୍କ ଠାରୁ ଶୁଣିଲି ଯେ, ସାରସ୍ୱତ ପ୍ରେସର ମେନେଜର ଧନେଶ୍ୱର

Digitized by srujanika@gmail.com

ଶତପଥୀଙ୍କର ବାଳକୃଷ୍ଣ ବାବୁଙ୍କ ସହିତ ମତାନ୍ତରରୁ ମନାନ୍ତର ହୋଇ ଧନେଶ୍ୱର ବାବୁ ଅନେକ ଦିନ ହେଲା ଆଉ ପ୍ରେସକୁ ଯାଉ ନାହାନ୍ତି । ବର୍ତ୍ତମାନ ସେ ବଡ଼ ଅସ୍ୱଚ୍ଛଳ ଅବସ୍ଥାରେ ଅଛନ୍ତି । ମୁଁ ଲୋକନାଥ ବାବୁଙ୍କୁ କହିଲି, ମାମୁଁ ଉଭୟଙ୍କର ମନେ ମାଳିନ୍ୟ କଣ ମେଣ୍ଟାଯାଇ ପାରୁନାହିଁ ? ଲୋକନାଥ ବାବୁ ଉତ୍ସାହିତ ସ୍ୱରରେ କହି ଉଠିଲେ, ଆପଣ ହରିବାବୁ ଯଦି ମେଳକ କରାଇ ଦେଇ ପାରନ୍ତେ ଧନେଶ୍ୱର ବାବୁ ଆଉ ବାଳକୃଷ୍ଣ ବାବୁ ଉଭୟଙ୍କର ଅଶେଷ ଉପକାର କରନ୍ତେ । କଥା ସଙ୍ଗେ ସଙ୍ଗେ ଲୋକନାଥ ବାବୁ ମୋତେ ନେଇ ଧନେଶ୍ୱର ବାବୁଙ୍କ ସହ ସାକ୍ଷାତ କରାଇ ଦେଲେ । ଧନେଶ୍ୱର ବାବୁ ଦୋକାନର ଭିତର ବାରଣ୍ଡାରେ ବସି କଣ ଲେଖୁଥାନ୍ତି । ମୋତେ ଦେଖି ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଉଠିଲେ । ମୁଁ କହିଲି ଲୋକନାଥ ବାବୁଙ୍କ ଠାରୁ ମୁଁ ସବୁ ଘଟଣା ଶୁଣି ସାରିଲିଣି । ଆପଣ ଭାରତୀ ପ୍ରେସକୁ ଫେରି ଯିବାକୁ ଚାହାଁନ୍ତି କି ? ସେ ନୀରବରେ ବସି ରହିଲେ । ମୌନଂ ସମ୍ମତି ଲକ୍ଷଣଂ ଭାବିର ମୁଁ ପଚାରିଲି, ମୋ ପରାମର୍ଶ ଗ୍ରହଣ କରିବେ କି ? ନିଶ୍ଚୟ ଗ୍ରହଣ କରିବେ । ଆପଣ ବାଳକୃଷ୍ଣ ବାବୁଙ୍କ ସହ କଥାବାର୍ତ୍ତା କରନ୍ତୁ । କହିଲେ ଲୋକନାଥ ବାବୁ । ମୁଁ ସେଠାରୁ ସିଧା ସିଧା ଭାରତୀ ପ୍ରେସକୁ ଯାଇ ବାଳକୃଷ୍ଣ ବାବୁଙ୍କୁ ସାକ୍ଷାତ କଲି । କେତେପଦ ମାମୁଲି କଥା ପରେ ଧନେଶ୍ୱର ବାବୁ କାହାଁନ୍ତି ବୋଲି ପଚାରିଲି । ବାଳକୃଷ୍ଣ ବାବୁ ମୋତେ ପ୍ରତି ପ୍ରଶ୍ନ କଲେ, ତୁମେ କଣ କିଛି ଜାଣି ନାହଁ ? ମୁଁ କହିଲି ନା, ସାର୍ ! ମୁଁ କିଛି ଜାଣି ନାହିଁ । ବାଳକୃଷ୍ଣ ବାବୁ ଧନେଶ୍ୱର ବାବୁଙ୍କ ସମ୍ପର୍କିତ ଘଟଣା ଠିକେ ଠିକେ କହିଗଲେ । ମୁଁ କହିଲି, ସାର୍ ! ଧନେଶ୍ୱର ବାବୁ ଯଦି ନିଜର ଭୁଲ ସ୍ୱୀକାର କରନ୍ତି, ଆପଣ କ୍ଷମା ଦେବେ କି ?

Digitized by srujanika@gmail.com

ତାହା ସେ କରିବେ ନାହିଁ । ବାଳକୃଷ୍ଣ ବାବୁ କହିଲେ । ଯଦି ଭୁଲ ସ୍ୱୀକାର କରନ୍ତି ଆପଣ ତାଙ୍କୁ ଦୃଢ଼ପତ୍ର ଗ୍ରହଣ କରିବେ ତ ? ମୁଁ ପୁଣି ପଚାରିଲି । କିନ୍ତୁ—ମୁଁ ବାଧା ଦେଇ କହିଲି, ସାର ! ଆପଣ ଆଗ ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

ମୁଁ ଗ୍ରହଣ ନ କରିବି କାହିଁକି ? ମାତ୍ର ସେ ତାହା କରିବେ ନାହିଁ ।

ଆଚ୍ଛା ମୁଁ ଚେଷ୍ଟାକରି ଦେଖିବି, ଏଇ ମୁହୂର୍ତ୍ତରେ ଯାଉଛି । କିନ୍ତୁ ଧନେଶ୍ୱର ବାବୁ କେଉଁଠି ଅଛନ୍ତି ?

ମୁଁ ଠିକ୍ ଜାଣେନା ।

ମୁଁ ଆଉ କେଉଁଆଡେ ଖୋଜିବି ? ସେ କେଉଁଠାରେ ଥାଇ ପାରନ୍ତି କହି ପାରିବେନ ?

ତୁମେ ସାରସ୍ୱତ ଭଣ୍ଡାରରେ ବୁଝ । ସେ ଜାଣିଥିବେ ।

ମୁଁ ସାରସ୍ୱତ ଭଣ୍ଡାରକୁ ଆସି ଧନେଶ୍ୱର ବାବୁଙ୍କୁ କହିଲି, ମୁଁ ଆପଣଙ୍କର ବନ୍ଧୁ । ମୁଁ କେବେ ଆପଣଙ୍କର କ୍ଷତି ହେଲା ଭଳି କୌଣସି କଥା କହିବି ନାହିଁ । ଏ ବିଶ୍ୱାସ ଆପଣଙ୍କର ଅଛି ତ ? କଣ କହନ୍ତୁ, କହିଲେ ଧନେଶ୍ୱର ବାବୁ ।

ଏଇ ମୁହୂର୍ତ୍ତରେ ଆପଣ ମୋ ସାଙ୍ଗରେ ବାଳକୃଷ୍ଣ ବାବୁଙ୍କ ପାଖକୁ ଯିବେ । ମୁଁ ଯେପରି କହିବି ମୋ କଥା ଅନୁସାରେ କାର୍ଯ୍ୟ କରିବେ ।

ଆପଣ ଆଗ କହନ୍ତୁ ନା କଣ କରିବାକୁ ହେବ ।

ଆପଣ ମୋ ଉପରେ ବିଶ୍ୱାସ ସ୍ଥାପନ କରିପାରୁ ନାହାନ୍ତି ? ମୁଁ ପ୍ରଶ୍ନ କଲି । ଲୋକନାଥ ବାବୁ କହିଲେ, ହରିବାବୁ ଯାହା କହୁଛନ୍ତି ଆପଣ ସେଥିରେ ସମ୍ମତ ନ ହେଉଛନ୍ତି କାହିଁକି ? ସେ ତ କେବେ ଆପଣଙ୍କର ଖରାପ ହେଲାଭଳି କିଛି କହିବେ

Digitized by srujanika@gmail.com

ନାହିଁ । ସାରସ୍ଵତ ପ୍ରେସକୁ ଯିବା ବାଟରେ ମୁଁ କହିଲି, ଆପଣ କେବଳ ଏତିକି କହିବେ—ମୋର ଦୋଷ ହୋଇଛି । ଧନେଶ୍ଵର ବାବୁ ନୀରବ । ମୁଁ କହିଲି, ମୋର ଦୋଷ ହୋଇଛି । ମାତ୍ର ତିନୋଟି ଶବ୍ଦ । ବାଳକୃଷ୍ଣ ବାବୁ ଆପଣଙ୍କର ମାମୁଁ । ଗୁରୁଜନ । ପିତୃ ସ୍ଥାନୀୟ । ତାଙ୍କର ଦୋଷକୁ ଆପଣଙ୍କର ଦୋଷ ବୋଲି ମାନି ନେବାର କଥା । ଗୁରୁଜନଙ୍କୁ ଦୋଷ ସ୍ଵୀକାର କରାଇ ଆପଣ କଣ ବଡ଼ ହେବେ ? ଧନେଶ୍ଵର ବାବୁ ମୋ କଥାରେ ରାଜି ହେଲେ ।

ଆମେ ବାଳକୃଷ୍ଣ ବାବୁଙ୍କ ପାଖରେ ପହଞ୍ଚିଲୁ । ମୁଁ କହିଲି, ସାର୍, ଧନେଶ୍ଵର ବାବୁ କଣ କହିବାକୁ ଆସିଛନ୍ତି । ଶୁଣନ୍ତୁ । ଧନେଶ୍ଵର ବାବୁଙ୍କୁ କହିଲି, ହଁ, କହନ୍ତୁ ଯାହା କହୁଥିଲେ । ମାତ୍ର ଧନେଶ୍ଵର ବାବୁଙ୍କ ପାଟିରୁ କଥା ବାହାରିଲା ନାହିଁ । ମୁଁ ଧନେଶ୍ଵର ବାବୁଙ୍କ ପାଖକୁ ଲାଗିଯାଇ କହିଲି, ସାର୍ ଧନେଶ୍ଵର ବାବୁଙ୍କର ଦୋଷ ହୋଇଛି ବୋଲି କହୁଛନ୍ତି । କହନ୍ତୁ ନା ବଡ଼ ପାଟିରେ । ଧନେଶ୍ଵର ବାବୁ କହିଲେ—ମୋର ଦୋଷ ହୋଇଛି ।

ବାଳକୃଷ୍ଣ ବାବୁଙ୍କୁ କହିଲି, ସାର୍, ସେ ତ ଦୋଷ ସ୍ଵୀକାର କରୁଛନ୍ତି । ମୁନେଲପି ମତିଭ୍ରମ । ଆପଣ ପଛକଥା ସବୁ ଭୁଲିଯାନ୍ତୁ । ଧନେଶ୍ଵର ବାବୁଙ୍କୁ କ୍ଷମା କରନ୍ତୁ । ମୁଁ ପାଞ୍ଚଖଣ୍ଡ ଅଙ୍କାରେ ଆଲୁଅ କରି ନେଲି । ବାଳକୃଷ୍ଣ ବାବୁ ପକେଟରୁ ଗୁଡ଼ ବାହାର କରି ଟେବୁଲ ଉପରେ ଥୋଇ ଦେଲେ । ସେଦିନ ଥିଲା ଶନିବାର । ଧନେଶ୍ଵର ବାବୁ ଗୁଡ଼ ଗ୍ରହଣ ନକରି କହିଲେ, ମୁଁ ସୋମବାର ଦିନ ଆସିବି ।

Digitized by srujanika@gmail.com

ମୁଁ ତ ଆଉ ସୋମବାର ଯାଏ ଏଠି ଅପେକ୍ଷା କରି ନ ଥିବି । ଆପଣ ଅବ ମୋତେ ବହି ପାଞ୍ଚଖଣ୍ଡ ଦେଇ ଦିଅନ୍ତୁ । ଧନେଶ୍ୱର ବାବୁ ଷ୍ଟୋର ଖୋଲି ମୋତେ ପାଞ୍ଚଖଣ୍ଡ ବହି ଦେଲେ । ମୁଁ କହିଲି, ଆପଣ କେବେ ଆସିବେ ସାର୍‌ଙ୍କୁ ସେ କଥା କହିଯାନ୍ତୁ । ଧନେଶ୍ୱର ବାବୁ ବାଳକୃଷ୍ଣ ବାବୁଙ୍କୁ କହିଲେ, ମୁଁ ପରଅରି ଦିନ ଆସିବି । ଆମେ ଉଭୟେ ବାଳକୃଷ୍ଣ ବାବୁଙ୍କ ଠାରୁ ବିଦାୟ ନେଇ ସାରସ୍ୱତ ଭଣ୍ଡାରକୁ ଫେରିଗଲୁ ।

ଧନେଶ୍ୱର ବାବୁ ତାଙ୍କର କାର୍ଯ୍ୟରେ ଯୋଗ ଦେଇଥିବାର ଶୁଣି ଲୋକନାଥ ବାବୁ ବିଶେଷ ଆନନ୍ଦିତ ହେଲେ । ମୋର କର ମର୍ଦ୍ଦନ କରି କହିଲେ, ସତେ ହରିବାବୁ, ଆପଣ କଣ୍ଟସ୍ଥ କମିଆ ଜାଣନ୍ତି । ଏଇ କଟକ ସହରରେ କେତେ ଲୋକ ନାହାନ୍ତି ? ଅନେକ ଲୋକ ଅନେକ ଚେଷ୍ଟା କରିଛନ୍ତି । ଆଇନଜୀବୀ ଓକିଲମାନେ ମଧ୍ୟ ଚେଷ୍ଟା କରିଛନ୍ତି; ମାତ୍ର ଦଶମାସ ଭିତରେ ସେମାନେ ଯାହା କରି ପାରି ନ ଥିଲେ, ଆପଣ ଆଜ ତାହା ଦଶ ମିନିଟ ମଧ୍ୟରେ କରିଦେଇ ପାରିଛନ୍ତି । ଏ ଆପଣଙ୍କର କମ୍ ବାହାଦୁରୀ ନୁହେଁ ।

ଜାତୀୟ ସଂପ୍ରସାରଣ ବ୍ଲକ

ପିପିଲିରେ ଯେତେବେଳେ ଜାତୀୟ ସମ୍ପ୍ରସାରଣ ବ୍ଲକ ସ୍ଥାପିତ ହୁଏ, ଉକ୍ତ ବ୍ଲକ ପରିଚାଳନା କମିଟିର ମୁଁ ଜଣେ ଲିଡ଼ିଙ୍ଗ୍ କୋ଼ଃ ଅପରେଟର ଭାବରେ ସଭ୍ୟ ମନୋନୀତ ହୋଇ ଥିଲି ।

ତତ୍କାଳୀନ ଗ୍ରାମ୍ୟ ରାସ୍ତା ସବୁ ଆଦୌ ସୁଗମ୍ୟ ନଥିଲା । ଖାଲ ଖମା, ନାଳ ପରିପୂର୍ଣ୍ଣ ତଥା ଯାନବାହନ ଯାତାୟତ ପାଇଁ ଅତ୍ୟନ୍ତ ଅପ୍ରଶସ୍ତ ଥିଲା । ପିପିଲିର ନୂଆହାଟ ମଡ଼ିଆଳୀ

Digitized by srujanika@gmail.com

ସାନ୍ଧ ବସ୍ତାଟି ସେତେବେଳେ ବହୁ ଖାଲ ଖମାରେ ପରିପୂର୍ଣ୍ଣ ଥିଲା । ତା ଛଡ଼ା ଗ୍ରାମ ମଝିରେ ଥିବା ଗୋଟିଏ ଗଭୀର ନାଳ ଚତୁର୍ମାସ୍ୟାରେ ଗ୍ରାମଟିକୁ ଦୁଇ ଭାଗରେ ବିଭକ୍ତ କରିଦେଉଥିଲା । ନାଳର ଅପର ପାର୍ଶ୍ୱରେ ଥିବା ଗ୍ରାମବାସୀମାନେ ଚତୁର୍ମାସ୍ୟାରେ ଦୁଇଓଳ ଜଙ୍ଘେ ଅଣ୍ଟାଏ ପାଣିରେ ପଶି ଯା ଆସ କରୁଥିଲେ । ଚତୁର୍ମାସ୍ୟା ପରେ ଶୀତ ଦିନରେ ମଧ୍ୟ ଜମିରୁ ଧାନ, ନଡ଼ା ଆଦି ଆଣିବାରେ ପଙ୍କ କାଦୁଅରେ ପଶି ଗ୍ରାମବାସୀମାନେ ବହୁ ଅସୁବିଧା ଭୋଗୁଥିଲେ ।

ମୁଁ ସବୁ ପ୍ରଥମେ ସେହି ଗ୍ରାମ୍ୟ ବସ୍ତାର ଉନ୍ନତି ଦିଗରେ ଧ୍ୟାନ ଦେଲି । ବ୍ଲକ ଉନ୍ନୟନ ଅଫିସରଙ୍କୁ ସରଜମିନ ଦେଖାଇ ରାସ୍ତାଟିର ଶୀଘ୍ର ମରାମତି କରିବା ନିମନ୍ତେ ଅନୁରୋଧ କଲି । ସେ ମହାଶୟ ପିପିଲି ଥାନାର ବିଭିନ୍ନ ଗ୍ରାମ ମାନଙ୍କରୁ କେତେ ଜଣ ସ୍ୱେଚ୍ଛାସେବକଙ୍କୁ ଡକାଇ 'ନୂଆହାଟ ମଡ଼ିଆଳୀ ଗ୍ରାମ୍ୟ ରାସ୍ତା ମରାମତିର ଶୁଭାରମ୍ଭ କରିଦେଲେ । ପରେ ସେଥିପାଇଁ ବ୍ଲକ ପାଣ୍ଠିରୁ କିଛି ଟଙ୍କା ମଞ୍ଜୁର କରାଯାଇ ରାସ୍ତା କାର୍ଯ୍ୟ ସମାପ୍ତ ହୋଇଥିଲା । ପିପିଲି ବ୍ଲକରେ ଗ୍ରାମ୍ୟ ରାସ୍ତାର ନିର୍ମାଣ ଓ ମରାମତି କାର୍ଯ୍ୟ ଏହିଠାରୁ ନୂଆହାଟ ମଡ଼ିଆଳୀ ରାସ୍ତାରୁହିଁ ଆରମ୍ଭ ହୋଇଥିଲା । ପରେ ଗ୍ରାମ ମଧ୍ୟସ୍ଥ ନାଳ ଉପରେ ଏକ ପୋଲ ନିର୍ମାଣ ନିମନ୍ତେ ବ୍ଲକ କମିଟିରେ ଅର୍ଥ ମଞ୍ଜୁର କରାଇ ପୋଲ ନିର୍ମାଣର ବ୍ୟବସ୍ଥା କରିଥିଲି ।

ମୋର ଦ୍ୱିତୀୟ କାମ ହେଲା ମଡ଼ିଆଳୀ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ । ସେଥିପାଇଁ ଗ୍ରାମର ଜଣେ ବିଶିଷ୍ଟ ବ୍ୟକ୍ତି ନୀଳକଣ୍ଠ ଦୀକ୍ଷିତ ତାଙ୍କର ଦେବୋତ୍ତର ଜମି କିଛି ଛାଡ଼ି ଦେବାର ସ୍ୱୀକୃତି ଦେଲେ । ମାତ୍ର ବିଦ୍ୟାଳୟ ଗୃହର

Digitized by srujanika@gmail.com

ନିର୍ମାଣ କାର୍ଯ୍ୟ ଗ୍ରାମବାସୀ ମାନଙ୍କର କରିବାର ବ୍ୟବସ୍ଥାକୁ ଗ୍ରାମବାସୀମାନେ କାର୍ଯ୍ୟକାରୀ ନ କରିବାରୁ ସେ ପ୍ରସ୍ତାବ ସେତିକରେ ରହିଗଲା ।

ପରେ ସେହି ବିଦ୍ୟାଳୟଟି ନୂଆହାଟ ମୌଜାରେ ସ୍ଥାପିତ ହୋଇଅଛି ।

ପିପିଲି ଥାନା ତଥା ବ୍ଲକ ଅଞ୍ଚଳ ମଧ୍ୟରେ ଗୃହ ନଥିବା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଗୃହ ନିର୍ମାଣ ଓ ମରାମତି କାର୍ଯ୍ୟ ପାଇଁ ପାଞ୍ଚଶହ ଟଙ୍କା ଲେଖାଏ ଗ୍ରାଣ୍ଟ ଦେବାର ଗୋଟିଏ ପ୍ରସ୍ତାବ ବ୍ଲକ କମିଟିରେ ଗୃହୀତ ହୋଇଗଲା । ମୁଁ ପିପିଲି ଉ. ପ୍ରା. ବିଦ୍ୟାଳୟ ନିମନ୍ତେ ଦେଢ଼ ହଜାର ଟଙ୍କା ଗ୍ରାଣ୍ଟର ଦାବୀ କଲି । ବ୍ଲକ ଉନ୍ନୟନ କମିଟି ଏତେଗୁଡ଼ିଏ ଟଙ୍କା ମଞ୍ଜୁର କରିବାର ଅକ୍ଷମତା ଜଣାଇ ଗ୍ରାମଗୋଷ୍ଠୀ ବିଭାଗର ଡିରେକ୍ଟରଙ୍କ ବିଚାର ପାଇଁ ରଖିଦେଲେ । ଡିରେକ୍ଟର ମହାଶୟ ଯେତେବେଳେ ବ୍ଲକ ପରିଦର୍ଶନରେ ଆସିଲେ ମୋର ସେହି ଦାବୀ ବିଷୟ ତାଙ୍କ ପାଖରେ ଉତ୍ଥାପିତ ହେଲା । ମୁଁ ବିଦ୍ୟାଳୟର ଅବସ୍ଥିତି ଆଦି ଯେତେଗୁଡ଼ିଏ କାରଣ ଦର୍ଶାଇଲି । ଡିରେକ୍ଟର ମହାଶୟ ମୋ ସହିତ ଏକମତ ହୋଇ ଦେଢ଼ ହଜାର ଟଙ୍କା ମଞ୍ଜୁର କରିଦେଲେ ।

ମୋର ସହକର୍ମୀ ଦାମୋଦର ମହାପାତ୍ର ଓ ଅଗାଧି ଘୋଷଙ୍କର ସହଯୋଗରେ ସେହି ଅର୍ଥରେ କଟକର ନୂଆ-ବଜାରସ୍ଥ ଏକ ଟାଇଲ କାରଖାନାରୁ ଟାଇଲ ମଗାଇ ଉ. ପ୍ରା. ବିଦ୍ୟାଳୟର ଅଗ୍ନିନିରୋଧ ଘରଟି କରାଇ ଦେଲୁଁ ।

ପିପିଲି ପାଖ ଆଖର ଯେଉଁସବୁ ପ୍ରାଥମିକ ବିଦ୍ୟାଳୟ-ଗୁଡ଼ିକରେ ଗ୍ରାମ୍ୟ ବିବାଦ ଉପୁଜି ବିଦ୍ୟାଳୟ କାର୍ଯ୍ୟରେ ବାଧା

Digitized by srujanika@gmail.com

ସୃଷ୍ଟି ହେଉଥିଲା । ମୁଁ ସେ ସମସ୍ତ ଗ୍ରାମକୁ ଯାଇ ଲୋକମାନଙ୍କୁ ବୁଝାସୁଝା କରି ବିବାଦର ସମାଧାନ କରିବାରେ ଲାଗିପଡ଼ିଲି । ଫଳରେ କେତେଗୁଡ଼ିଏ ସ୍କୁଲର ଅବସ୍ଥାର ବେଶ୍ ପରିବର୍ତ୍ତନ ଘଟିଲା; ମାତ୍ର ଆଶ୍ଚର୍ଯ୍ୟର ବିଷୟ ପିପିଲି ଶାସନ ଗ୍ରାମରେ ଥିବା ବିଦ୍ୟାଳୟ ଅବସ୍ଥାର କୌଣସି ପରିବର୍ତ୍ତନ ଘଟିପାରିଲା ନାହିଁ । ବିଦ୍ୟାଳୟ, ପରିଚାଳନା ଦାୟିତ୍ୱରେ ଯେଉଁମାନେ ରହିଲେ ସେମାନେ କିଛି କିଛି ସ୍ଥାନୀୟ ଚାନ୍ଦା ଉଠାଇ ବିଦ୍ୟାଳୟ କାର୍ଯ୍ୟରେ ବିନିଯୋଗ କରିବା ପରିବର୍ତ୍ତେ ସରକାରୀ ଗ୍ରାଣ୍ଟ ଟଙ୍କାକୁ ବି ଖାଇଦେଇ ବସିଲେ । ସ୍କୁଲର ଅବସ୍ଥା ଯେଉଁ ଅଚଳକୁ ସେହି ଅଚଳ ହୋଇ ରହିଲା । ମୁଁ ବାରମ୍ବାର ସେ ଗ୍ରାମକୁ ଯାଇ କେତେ ସଭା ଡକାଇ କେତେ ବୁଝାଇଲେ ମଧ୍ୟ ଅବସ୍ଥା ସୁଧୁରିଲା ନାହିଁ । ଜଣକ ପରେ ଜଣେ ଯେତେ ପରିଚାଳକ ଆସିଲେ ସେ ମଧ୍ୟ ସେଇଆ କଲେ । ଥରକୁ ଥର ଅର୍ଥ ଶୋଷଣପାଇଁ କାମ ଚାଲିଲା । ଯଦି କେହି କୌଣସିମତେ ଘରଟିଏ ଠିଆ କରାଇ ଦେଲେ, ତିଆରି ପରେ ପରେ ତାହା ଭୁଷୁଡ଼ି ପଡ଼ିଲା ।

ସୁଦୀର୍ଘ ତିରିଶ ବର୍ଷ ପୂର୍ବରୁ ମୁଁ ପିପିଲି ଶାସନ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ଦିଗରେ କ୍ରମାଗତ ଭାବରେ କେତେଦିନ ଧରି ଉଦ୍ୟମ ଚଳାଇ ଆସିଥିଲେ ମଧ୍ୟ ଅଦ୍ୟାବଧି ସେ ବିଦ୍ୟାଳୟଟି ହେଉଥିବାର ଦୟନୀୟ ଅବସ୍ଥାରେ ରହିଛି । ଆଜି ମଧ୍ୟ ମୁଁ କ୍ୱଚିତ୍ ତଳେ ସେହି ବିଦ୍ୟାଳୟର ଶିକ୍ଷାଦାନ ଚାଲିଛି ।

୧୯୫୨ ମସିହାରେ ଓଡ଼ିଶାରେ ଉନ୍ନତ ଜାପାନୀ ପ୍ରଣାଳୀ ଚାଷ ଓ କମ୍ପୋଷ୍ଟ ଖତ ତିଆରିର ପ୍ରଚଳନ ହେବା ପୂର୍ବରୁ ମୁଁ କମ୍ପୋଷ୍ଟ ଖତ ତିଆରି କରି ମୋର ଚାଷ ଜମିରେ ଲଗାଇଥିଲି ଏବଂ ଏକର ପ୍ରତି ୧୪ ବସ୍ତା ଧାନ ଫଳାଇ ପାରୁଥିଲି ।

Digitized by srujanika@gmail.com

ପିପିଲି ଉଚରେ ଓ ପିପିଲି ବାହାରେ ପୁରୀ, କଟକ ଆଦି ସ୍ଥାନମାନଙ୍କରେ ଅନୁଷ୍ଠିତ କୃଷି ପ୍ରଦର୍ଶନୀମାନଙ୍କରେ ମୋ ବଗିଚ୍ଚାର କୃଷିଜାତ ଦ୍ରବ୍ୟ ପୁରସ୍କୃତ ଏବଂ ପ୍ରଶଂସିତ ହେଉଥିଲା ।

ଆମ୍ବ, ଲେମ୍ବୁ ଆଦି ଫଳଗଛର କଲମି କରି ବଜାରକୁ ଛାଡ଼ୁଥିଲି । ମୋର କଲମି ଚାରା ଉନ୍ନତ କିସମର ଦେଖି ପୁରୀ ଜିଲ୍ଲା କୃଷି ଅଫିସର ମୋ ଠାରୁ କଲମି ଚାରା କିଣିବା ନିମନ୍ତେ ନିକଟବର୍ତ୍ତୀ ବ୍ଲକମାନଙ୍କୁ ନିର୍ଦ୍ଦେଶନାମା ପଠାଇଥିଲେ । ତଦନୁସାରେ ଡେଲଙ୍ଗ, ନିମାପଡ଼ା, ଗୋପ ଆଦିର ବ୍ଲକ ଅଫିସରମାନେ ମୋ ଠାରୁ କଲମି ଚାରା କିଣିନେଇ ନିଜ ନିଜ ବ୍ଲକର ଚାଷୀମାନଙ୍କୁ ଯୋଗାଇ ଦେଇଥିଲେ । ପୁରୀ ସରକାରୀ କୃଷି ଫାର୍ମ ମୋ ଠାରୁ ୬୦ ଗଛ ଲେମ୍ବୁ କଲମି ମଧ୍ୟ କିଣିଥିଲେ ।

ସେତେବେଳେ ତାଲିମପ୍ରାପ୍ତ କୃଷି ବିଭାଗ କର୍ମଚାରୀଙ୍କର ସଂଖ୍ୟା କମଥିବାରୁ ମଫସଲର କୃଷକମାନେ ଉନ୍ନତ କୃଷି ସମ୍ବନ୍ଧରେ କିଛି ଜାଣିପାରୁ ନଥିଲେ ।

କୃଷି ବିଷୟରେ ମୋର ଯୋଗ୍ୟତା ଏବଂ ଅଭିଜ୍ଞତାର ପ୍ରମାଣ ପାଇ ପୁରୀ ଜିଲ୍ଲା କୃଷି ଅଫିସରୁ ମୋତେ ଗୋଟିଏ ଚିଠିକିଆ ପତ୍ର ପାଇଥିଲି । ସମଗ୍ର ଜିଲ୍ଲାପାଇଁ କୃଷି ପରାମର୍ଶଦାତା ରୂପେ ମୋତେ ନିଯୁକ୍ତି ଦିଆଯାଇଥାଏ । ମୁଁ ସମଗ୍ର ଜିଲ୍ଲାରେ ଗସ୍ତକରି ମଫସଲର କୃଷକମାନଙ୍କୁ କୃଷି ବିଷୟରେ ପରାମର୍ଶ ଦେଇଥାଏ; ମାସ ତାହା ଗ୍ରହଣ କରିବାରେ ମୋର ଅସମ୍ମତି ଜଣାଇ ଦେଇଥିଲି ।

ଗ୍ରାମପଞ୍ଚାୟତ ନିର୍ବାଚନ

ଓଡ଼ିଶାରେ ଯେତେବେଳେ ଗ୍ରାମପଞ୍ଚାୟତ ଗଠନ କାର୍ଯ୍ୟ ଆରମ୍ଭ ହୁଏ, ସେତେବେଳେ ସରକାରୀ ତାଲିକାରେ ପିପିଲି

Digitized by srujanika@gmail.com

ଗ୍ରାମପଞ୍ଚାୟତର ନାମ ନ ଥିଲା । ଥିଲା ପିପିଲି ଶାସନ ଗ୍ରାମ-ପଞ୍ଚାୟତ । ମୁଁ ଏହାର ପ୍ରତିବାଦ କଲି । ଏମ୍. ଏଲ୍. ଏ. ଜୟକୃଷ୍ଣ ମହାନ୍ତିଙ୍କୁ ତାହା ବଦଳାଇ ପିପିଲି ଗ୍ରାମପଞ୍ଚାୟତ କରିବାର ଅନୁରୋଧ ଜଣାଇଲି । ସେ ମହାଶୟ କହିଲେ, ପିପିଲି ବୋଲି କୌଣସି ରେଭିନ୍ୟୁ ମୌଜା ନ ଥିବାରୁ ଏବଂ ପିପିଲି ଶାସନ ମୌଜା ଏକ ବଡ଼ ରେଭିନ୍ୟୁ ମୌଜା ହୋଇଥିବାରୁ ସେହି ନାମରେ ପଞ୍ଚାୟତର ନାମକରଣ କରିବାକୁ ସରକାର ସ୍ଥିର କରିଛନ୍ତି । ତାହା ଆଉ ବଦଳି ପାରିବ ନାହିଁ । ବଦଳାଇବାର ଚେଷ୍ଟା କରିବା ଅର୍ଥ ସରକାରୀ ନିୟମର ବହିର୍ଭୂତ କାର୍ଯ୍ୟ କରିବା ।

ପ୍ରକୃତରେ ପିପିଲି ନାମରେ କୌଣସି ମୌଜା ନଥିଲା କି ବର୍ତ୍ତମାନ ମଧ୍ୟ ନାହିଁ । କିନ୍ତୁ ଏଠାରେ ଥାନା, ଡାକ୍ତରଖାନା, ଡାକଘର, ଡାକବଙ୍ଗଳା ଆଦି ଯେତେଗୁଡ଼ିଏ ସରକାରୀ ଅନୁଷ୍ଠାନ ଅଛି, ସେ ସବୁଗୁଡ଼ିକ ଭିନ୍ନ ଭିନ୍ନ ମୌଜାରେ ଅବସ୍ଥିତ ଥିଲେ ମଧ୍ୟ ପିପିଲି ଥାନା, ପିପିଲି ଡାକଘର, ପିପିଲି ଡାକ-ବଙ୍ଗଳା, ପିପିଲି ଡାକ୍ତରଖାନା ଆଦି ନାମରେ ନାମିତ ହୋଇଛି । ମୁଁ ସେହି ନଜିର ଦେଖାଇ ଦୃଢ଼ ଦାବୀ ଉପସ୍ଥାପିତ କରି କହିଲି, ଯେଉଁ ନିୟମ ଅନୁସାରେ ଏହି ସବୁ ଅନୁଷ୍ଠାନ ପିପିଲି ନାମରେ ନାମିତ ହୋଇଛି, ଗ୍ରାମପଞ୍ଚାୟତ ମଧ୍ୟ ସେହି ପିପିଲି ନାମରେ ନାମିତ ହେବା ବାଞ୍ଛନୀୟ ଏବଂ ନିୟମ ସିଦ୍ଧ । ଆପଣଙ୍କୁ ଏ ନାମ ବଦଳାଇବାକୁ ପଡ଼ିବ ହିଁ ପଡ଼ିବ ।

ଜୟକୃଷ୍ଣ ବାବୁ ମୋ ଯୁକ୍ତି ଆଉ ଦାବୀର ଯଥାର୍ଥତା ଉପଲବ୍ଧି କଲେ ଏବଂ ପିପିଲି ଗସ୍ତରେ ଆସିଥିବା ଗ୍ରାମପଞ୍ଚାୟତ ବିଭାଗର ଡିରେକ୍ଟର ମହାଶୟଙ୍କୁ ସାକ୍ଷାତ କରି ପିପିଲି ଶାସନ

Digitized by srujanika@gmail.com

ଗ୍ରାମପଞ୍ଚାୟତ ନାମ ବଦଳାଇ ଗ୍ରାମପଞ୍ଚାୟତର ନାମ ପିପିଲି ଗ୍ରାମପଞ୍ଚାୟତ ରଖିଲେ ।

ଗ୍ରାମପଞ୍ଚାୟତ ସବୁର ଯେତେବେଳେ ସଭ୍ୟ ନିର୍ବାଚନ ସମସ୍ୟା ଆସିଲା, ଗଙ୍ଗାଧର ମିଶ୍ର, ନରେନ୍ଦ୍ର କୁମାର ମହାନ୍ତି, ଅଘୋର ଘୋଷ, ରଘୁନାଥ ମହାନ୍ତି, କାଶୀନାଥ ସାହୁ ପ୍ରମୁଖ କେତେକ ବ୍ୟକ୍ତି ଥରେ ମୋ ପାଖରେ ଆସି ପହଞ୍ଚିଲେ । କହିଲେ, ଗ୍ରାମପଞ୍ଚାୟତ ନିର୍ବାଚନରେ ଆମେ ପ୍ରତି ୱାର୍ଡ଼ ପାଇଁ ଜଣେ ଜଣେ ସଭ୍ୟ ମନୋନୀତ କରି ଦେବା । ସେହିମାନଙ୍କ ସପକ୍ଷରେ ଆଉ ଯେମିତି କେହି ପ୍ରାର୍ଥୀ ନ ହୁଅନ୍ତି ତାର ବ୍ୟବସ୍ଥା କରିବା । ଏହାଦ୍ୱାରା ପଞ୍ଚାୟତ ଭଲ ଚାଲିବ । ଆପଣଙ୍କର ମତ କଣ ? ତାର ଉତ୍ତରରେ ମୁଁ କହିଲି, ୱାର୍ଡ଼ମେମ୍ବର ବାଛିବା ପାଇଁ ସେହି ୱାର୍ଡ଼ ଅଧିବାସୀଙ୍କର ପୂର୍ଣ୍ଣ ଅଧିକାର ରହିଛି । ଆମେ ତାଙ୍କ ୱାର୍ଡ଼ ପାଇଁ ସଭ୍ୟ ବାଛିଦେବା ଅର୍ଥ ସେହି ଅଧିବାସୀମାନଙ୍କର ଅଧିକାର ଉପରେ ହସ୍ତକ୍ଷେପ କରିବା ।

ଗଙ୍ଗାଧର ବାବୁ କହିଲେ, ତା ହେଲେ ଆମେ ପ୍ରତ୍ୟେକ ୱାର୍ଡ଼ର ଲୋକମାନଙ୍କୁ ଅନୁରୋଧ କରିବା ସେମାନେ ସର୍ବସମ୍ମତ ଭାବରେ ଯେପରି ଜଣକୁ ୱାର୍ଡ଼ମେମ୍ବର ଠିଆ କରନ୍ତି ଏବଂ କୌଣସି ୱାର୍ଡ଼ରେ ଯେପରି ପ୍ରତିଦ୍ୱନ୍ଦିତା ନ ହୁଏ, ସେ ବିଷୟରେ ସଜାଗ ରହିବେ । ଏ ପ୍ରସ୍ତାବରେ ମୁଁ ସମ୍ମତି ଦେଇ କହିଲି, ହଁ ଇଚ୍ଛାକଲେ ଆପଣମାନେ ତାହା କରିପାରନ୍ତି ।

ଯଥା ସମୟରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ହେଲା । ମୋ ୱାର୍ଡ଼ରୁ ମୁଁ ମନୋନୟନ ପତ୍ର ଦାଖଲ କଲି । ପିପିଲି ଗ୍ରାମପଞ୍ଚାୟତର ମୋଟ କୋଡ଼ିଏଟି ୱାର୍ଡ଼ ମଧ୍ୟରୁ ଊନେଇଶ ଜଣ ପ୍ରାର୍ଥୀଙ୍କ ବିପକ୍ଷରେ କେହି ଠିଆହେଲେ ନାହିଁ ।

Digitized by srujanika@gmail.com

କେବଳ ମୋର ଅନୁଷ୍ଠରେ ଜୟାନନ୍ଦ ପ୍ରମାଣିକ ନାମକ ଜଣେ ଅନଚ୍ଛୁକ ବ୍ୟକ୍ତିଙ୍କୁ ଗଙ୍ଗାଧର ବାବୁ ଆଉ ନରେନ୍ଦ୍ର ବାବୁ ଧରି-ବାନ୍ଧି ଠିଆ କରାଇଲେ । ତାଙ୍କ ସପକ୍ଷରେ ପ୍ରଚାର କରିବାକୁ ଯାଇ ନାନାପ୍ରକାର ଅସତ୍ ଉପାୟ ଅବଲମ୍ବନ କଲେ ଏବଂ ଜୟାନନ୍ଦ ପ୍ରମାଣିକ ଭୋଟରେ ମୋତେ ପରାସ୍ତ କରି ଗ୍ରାମ-ପଞ୍ଚାୟତ ସଭ୍ୟ ନିର୍ବାଚିତ ହେଲେ ।

ଗ୍ରାମପଞ୍ଚାୟତ ରସଭ୍ୟ ନିର୍ବାଚନ ହୋଇଗଲେ ମଧ୍ୟ ସରପଞ୍ଚ ନିର୍ବାଚନରେ ବିଶୃଙ୍ଖଳା ଉପୁଜିଲା ।

ସେକ୍ ଅବଦୁଲ୍ଲା ଆଉ ଗଙ୍ଗାଧର ମିଶ୍ର ଦୁଇଜଣ ସରପଞ୍ଚ ପଦ ପାଇଁ ପ୍ରାର୍ଥୀ ଥିଲେ । ଭୋଟ ନିଆଯାଇ ସେକ୍ ଅବଦୁଲ୍ଲା ସରପଞ୍ଚ ନିର୍ବାଚିତ ହେବା ପରେ କେତେକ ସଭ୍ୟ ଆପତ୍ତି ଉଠାଇ ନିର୍ବାଚନ କାର୍ଯ୍ୟ ଯଥା ନିୟମରେ ହୋଇ ନାହିଁ ବୋଲି ଦାବୀ କଲେ । ଅଉ କେତେକ ସଭ୍ୟ ନିର୍ବାଚନ ଯଥା ନିୟମରେ ହୋଇଥିବାର ଦାବୀ କଲେ; ମାତ୍ର କେତେକ ସଭ୍ୟ ଉଭୟ ଅଭିଯୋଗ ପତ୍ରରେ ସ୍ୱାକ୍ଷର ଦେଇଥିବାର ଦେଖାଯିବାରୁ ତାହାର କୌଣସି ନିଷ୍ପତ୍ତି ହୋଇ ପାରିଲା ନାହିଁ । ଏହିପରି ଅଚଳ ଅବସ୍ଥାରେ ପ୍ରାୟ ଆଠ ଦଶ ମାସ କାଳ ପଡ଼ିରହିବା ପରେ ସ୍ଥାନୀୟ ଏ. ଡି. ଓ.ଙ୍କର ମଧ୍ୟସ୍ଥତାରେ ପଞ୍ଚାୟତର ସଭ୍ୟ-ମାନେ ଏକମତ ହୋଇ ସେକ୍ ଅବଦୁଲ୍ଲାଙ୍କ ନିର୍ବାଚନକୁ କାଏମ ରଖିଲେ ।

ଗ୍ରାମପଞ୍ଚାୟତ କାର୍ଯ୍ୟକାରୀ ହେବା ପରେ ପରେ ମୋ ବିପକ୍ଷରେ ନିଯୁକ୍ତ ହୋଇଥିବା ଓ୍ୱାର୍ଡମେମ୍ବର ତାଙ୍କର ସଭ୍ୟ ପଦରୁ ଇସ୍ତଫା ପ୍ରଦାନ କଲେ ।

Digitized by srujanika@gmail.com

ଛଅମାସ ପରେ ସେ ଓ୍ୟାର୍ଡ଼ରେ ପୁଣି ମଧ୍ୟବର୍ତ୍ତୀ ନିର୍ବାଚନ କାର୍ଯ୍ୟ ଆରମ୍ଭ ହେଲା । ପଞ୍ଚାୟତର କେତେକ ସଭ୍ୟ ମୋତେ ଓ୍ୟାର୍ଡ଼ମେମ୍ବର ଭାବରେ ଠିଆ ହେବାର ଅନୁରୋଧ ଜଣାଇ କହିଲେ, ଆମେ ନିର୍ଭର ପ୍ରତିଶ୍ରୁତି ଦେଉଛୁ ଆପଣଙ୍କ ବିପକ୍ଷରେ କେହି ପ୍ରତିଦ୍ୱନ୍ଦିତା କରିବେ ନାହିଁ । ମୁଁ ପ୍ରାର୍ଥୀପତ୍ର ଦାଖଲ କଲି ଏବଂ ନିର୍ଦ୍ୱନ୍ଦରେ ଗ୍ରାମପଞ୍ଚାୟତକୁ ସଭ୍ୟ ନିର୍ବାଚିତ ହେଲି ।

ସେତେବେଳକୁ ପଞ୍ଚାୟତ ବହୁ ବାଧା ବିଘ୍ନର ସମ୍ମୁଖୀନ ହୋଇ ରହିଥାଏ । କେତେଜଣ ଟାକ୍ସ ଦାତା ସେମାନଙ୍କର ଦେୟ ଟାକ୍ସ ଆଦାୟ ଦେଉ ନଥାନ୍ତି । କାଞ୍ଜିଆ ହାଉସର ଇଜାରଦାର ତାଙ୍କର ଦେୟ ପରିଶୋଧ କରୁ ନଥାନ୍ତି । ପିପିଲି ଗ୍ରାମ ପଞ୍ଚାୟତର ନଅଜଣଯାକ ଚୌକିଦାର ପଞ୍ଚାୟତ ବିରୁଦ୍ଧରେ କେତେକ ଅଭିଯୋଗ ଆଣି ପଞ୍ଚାୟତରେ କୌଣସି କାର୍ଯ୍ୟରେ ସହଯୋଗ କରୁ ନଥାନ୍ତି । ଅଧିକନ୍ତୁ ସରପଞ୍ଚ ଓ କେତେକ ସଭ୍ୟଙ୍କୁ ଗାଳିଗୁଲଜ କରି ଅପମାନ କରୁଥାନ୍ତି । ଏହି ସବୁ ଅଶୋଭନୀୟ ପରିସ୍ଥିତିରୁ ଉଦ୍ଧାର ପାଇବା ନିମନ୍ତେ ସରପଞ୍ଚ ଓ ସଭ୍ୟମାନେ ବିହିତ ପନ୍ଥା ସ୍ଥିର କରି ନପାରି ବିଚଳିତ ଅବସ୍ଥାରେ ଥାନ୍ତି । ମୁଁ ସଭ୍ୟ ନିର୍ବାଚିତ ହେବାପରେ ସରପଞ୍ଚ ଏ ସବୁର ବିହିତ ପ୍ରତିକାର ପାଇଁ ମୋର ସହାୟତା ଲୋଡ଼ିଲେ ।

ମୋର ପରାମର୍ଶ କ୍ରମେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଇ ଅଳ୍ପଦିନ ମଧ୍ୟରେ ସେ ସମସ୍ତ ସମସ୍ୟାର ସମାଧାନ କରାଗଲା ।

ପିପିଲି ହାଟ ପଞ୍ଚାୟତକୁ ହସ୍ତାନ୍ତର କରାଯିବା ସମ୍ପର୍କରେ ଗ୍ରାମପଞ୍ଚାୟତ ବୈଠକରେ ଏକ ପ୍ରସ୍ତାବଗ୍ରହଣ କରାଯାଇ ଉକ୍ତ

Digitized by srujanika@gmail.com

ହସ୍ତାନ୍ତର ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୋ ଉପରେ ଭାର ନ୍ୟସ୍ତ କରାଗଲା ।

ଜ୍ଞାନପୀଠ ପୁରସ୍କାର ବିଜେତା ବରିଷ୍ଠ ଔପନ୍ୟାସିକ ଗୋପୀନାଥ ମହାନ୍ତି ମହାଶୟ ସେତେବେଳେ ଗ୍ରାମପଞ୍ଚାୟତ ବିଭାଗର ଅଣ୍ଡର ସେକ୍ରେଟାରୀ ଥାନ୍ତି । ସେ ମହାଶୟ ପୁରୀ ଜିଲ୍ଲା ବୋର୍ଡ଼ରେ ସ୍ପେଶାଲ ଅଫିସର ଥିବା ସମୟରୁ ମୋର ପରିଚିତ ଥିଲେ । ମୁଁ ପିପିଲି ଗ୍ରାମ ପଞ୍ଚାୟତକୁ ପିପିଲି ହାଟ ହସ୍ତାନ୍ତର କରିବା ସମ୍ପର୍କୀୟ ପ୍ରସ୍ତାବ ଧରି ଯାଇ ତାଙ୍କ ପାଖରେ ପହଞ୍ଚିଲି । ଗୋପିନାଥ ବାବୁ ଦୀର୍ଘ ତିନଘଣ୍ଟା କାଳ ପରିଶ୍ରମ କରି ହାଟ ହସ୍ତାନ୍ତର ସମ୍ପର୍କୀୟ ସମସ୍ତ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରିଦେଲେ । କହିଲେ ମୁଁ ସବୁ ଠିକ୍ କରି ଦେଇଛି । ଆପଣ ପୁରୀ ଜିଲ୍ଲା କଲେକ୍ଟରଙ୍କ ପାଖକୁ ଯାଇ ଶେଷ କାର୍ଯ୍ୟଟି ହାସଲ କରନ୍ତୁ ।

ଏମ୍. ଏଲ୍. ଏ. ରାମଚନ୍ଦ୍ର ପଟ୍ଟନାୟକଙ୍କ ଠାରୁ ଏକ ସୁପାରିଶ ପତ୍ର ନେଇ କଲେକ୍ଟରଙ୍କୁ ସାକ୍ଷାତ କଲି । କଲେକ୍ଟର ମହୋଦୟ ସଙ୍ଗେ ସଙ୍ଗେ ଅର୍ଡ଼ର କରିଦେଲେ ।

ପୁରୀଜିଲ୍ଲା ଭିତରେ ପିପିଲି ହାଟ ସର୍ବପ୍ରଥମ ଗ୍ରାମ ପଞ୍ଚାୟତ ହାତକୁ ଆସିଲା ।

ପଞ୍ଚାୟତକୁ ହାଟହସ୍ତାନ୍ତର ପରେ ପିପିଲି ଗ୍ରାମ ପଞ୍ଚାୟତ ଅଫିସ ନିମନ୍ତେ କେତେକ ଆସବାବ କ୍ରୟ କରିବାର ଭାର ପଞ୍ଚାୟତ ସଭା ମୋ ଉପରେ ନ୍ୟସ୍ତ କଲେ । ମୁଁ କଟକରୁ ସେ ସମସ୍ତ ଉପକରଣ ଆଣି ଯଥା ସମୟରେ ପଞ୍ଚାୟତକୁ ଯୋଗାଇ ଦେଲି ।

Digitized by srujanika@gmail.com

ସେତେବେଳେ 'ପୁରୀ ଜିଲ୍ଲା ଗ୍ରାମ ପଞ୍ଚାୟତ ପରିଷଦ' ନାମରେ ଏକ ବେସରକାରୀ ଅନୁଷ୍ଠାନ ଜିଲ୍ଲାସ୍ଥ ପଞ୍ଚାୟତଗୁଡ଼ିକର ସାମୂହିକ ଉନ୍ନତି ଦିଗରେ କାର୍ଯ୍ୟ କରୁଥାଏ ।

ମୁଁ ଉକ୍ତ ପୁରୀ ଜିଲ୍ଲା ଗ୍ରାମ ପଞ୍ଚାୟତ ପରିଷଦର ସେକ୍ରେଟାରୀ ନିର୍ବାଚିତ ହେଲି ।

ଗ୍ରାମପଞ୍ଚାୟତର ତୃତୀୟ ନିର୍ବାଚନ ବେଳକୁ ଗ୍ରାମପଞ୍ଚାୟତ ଆଇନରେ କେତେକ ପରିବର୍ତ୍ତନ ହୋଇଥିଲା । ପଞ୍ଚାୟତ ସଭ୍ୟ-ମାନଙ୍କ ଦ୍ୱାରା ସରପଞ୍ଚ ନିର୍ବାଚିତ ହେବାର ପୂର୍ବ ପ୍ରଚଳିତ ଆଇନକୁ ଉଠାଇ ଦିଆଯାଇ ତାହା ବଦଳରେ ସମଗ୍ର ପଞ୍ଚାୟତର ଭୋଟରମାନେ ସରପଞ୍ଚ ନିର୍ବାଚନ କରିବାର ବ୍ୟବସ୍ଥା ପ୍ରଚଳନ କରାଗଲା ।

ସେହି ନିର୍ବାଚନରେ ମୁଁ ଭାଗନେଇ ପିପିଲି ଗ୍ରାମ-ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହେଲି ।

ମୁଁ ସରପଞ୍ଚ ନିର୍ବାଚିତ ହେଉ ନ ହେଉଣୁ ପୁଣିଥରେ ମୋ ଉପରେ ପ୍ରବଳ ଆକ୍ରମଣ । ଏ ଆକ୍ରମଣ ପୂର୍ବରୁ ମୋର ବିରୋଧ କରୁଥିବା ଦଳ ପକ୍ଷରୁ ନୁହେଁ । ସେତେବେଳକୁ ମୋର ବିରୋଧୀମାନେ ନିର୍ବାକ ହୋଇ ଯାଇଥିଲେ । କାରଣ ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ପଞ୍ଚାୟତ ସଭ୍ୟ ରୂପେ ନିର୍ବାଚିତ ହୋଇପାରି ନଥିଲେ । ଏ ଆକ୍ରମଣ ବ୍ଲକ କର୍ମଚାରୀମାନଙ୍କଆଡ଼ୁ ହୋଇଥିଲା ।

ବ୍ଲକର ଯେଉଁ କର୍ମଚାରୀମାନେ ପିପିଲି ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ଗ୍ରାମ ପଞ୍ଚାୟତମାନଙ୍କର ନିର୍ବାଚନ କାର୍ଯ୍ୟରେ ନିଯୁକ୍ତ ଥିଲେ, ସେମାନେ ନବ ନିର୍ବାଚିତ ସରପଞ୍ଚମାନଙ୍କ ଠାରୁ ଭୂରିଭୋଜନ ପାଇଲେ । ମାତ୍ର ପିପିଲି ପଞ୍ଚାୟତରେ ନିଯୁକ୍ତଥିବା

Digitized by srujanika@gmail.com

କର୍ମଚାରୀମାନେ ଭାହା ପାଇଲେ ନାହିଁ । ଏହାହିଁ ହେଲା ମୋର ଅପରାଧ ।

ପିପିଲି ଭିନ୍ନ ଅନ୍ୟ ଗ୍ରାମ ପଞ୍ଚାୟତ ଗୁଡ଼ିକ ପିପିଲି ହେଡ଼କ୍ୱାର୍ଟର ଠାରୁ ଦୂରରେ ଅବସ୍ଥିତ । ବ୍ଲକ କର୍ମଚାରୀମାନଙ୍କର ସେଠାରେ ଖାଇବାର ସୁବିଧା ନାହିଁ । ସେ ସବୁ ପଞ୍ଚାୟତର ସରପଞ୍ଚମାନେ ଅତିଥି ହିସାବରେ ଭୋଟ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନଙ୍କୁ ଖାଇବାକୁ ଦେବା ସ୍ୱାଭାବିକ । ମାତ୍ର ପିପିଲି ହେଡ଼କ୍ୱାର୍ଟରରେ ରହୁଥିବା କର୍ମଚାରୀମାନଙ୍କୁ ନବନିର୍ବାଚିତ ସରପଞ୍ଚଙ୍କର ଖାଇବାକୁ ଦେବା କର୍ତ୍ତବ୍ୟ ବୋଲି ମୁଁ ଆଦୌ ବିବେଚନା କରି ନ ଥିଲି । ମୋର ସେହି କାର୍ଯ୍ୟକୁ ଏକ ଅକ୍ଷମଣୀୟ ଦୋଷ ବୋଲି ବିଚାର ସେହି ଦୋଷରେ ଦଣ୍ଡ ବିଧାନ ନିମନ୍ତେ ବ୍ଲକ କର୍ମଚାରୀମାନେ ମୋର ଛିଦ୍ର ଖୋଜିବାକୁ ଲାଗିଲେ ।

ମୁଁ ସରପଞ୍ଚ କାର୍ଯ୍ୟଭାର ଗ୍ରହଣକରିବାର ଅଳ୍ପଦିନ ପରେ ଏକ ଜବାଗସ୍ତ ଜଳାଶୟର ମତ୍ସ୍ୟଚାଷ ନିଲାମ କରାଗଲା । ଉକ୍ତ ନିଲାମ ନିର୍ଦ୍ଦିଷ୍ଟ ନିୟମ ଏବଂ ଗ୍ରାମପଞ୍ଚାୟତର ପାରମ୍ପରିକ ଧାରାରେ ହୋଇଥିଲେ ମଧ୍ୟ ବିପକ୍ଷ ଦଳ ସେଥିରେ ଆପତ୍ତି ଉଠାଇଲେ । ରୋଗୀ ଚାହୁଁଥିବା ଔଷଧ ବଇଦ ବତାଇଲା ପରି ବ୍ଲକ କର୍ମଚାରୀମାନଙ୍କୁ ଏକ ସୁଯୋଗ ମିଳିଗଲା । ବି.ଡ଼ି.ଓ. ସେହି ନିଲାମକୁ ବେନିୟମ ନିଲାମ ବୋଲି ଦର୍ଶାଇ ତାହାକୁ କ୍ୟାନସଲ କରିଦେବା ନିମନ୍ତେ ମୋତେ ପ୍ରବର୍ତ୍ତାଇଲେ । ମୁଁ ଉକ୍ତ ନିଲାମ ସମ୍ପୂର୍ଣ୍ଣ ନିୟମାନୁସାରେ ହୋଇଥିବାର ଦର୍ଶାଇଲି ଏବଂ କହିଲି ଯଦି ଏହାକୁ ବେନିୟମ ବୋଲି ବିଚାରୁଥାନ୍ତି, ଆପଣ କ୍ୟାନସଲ କରିଦେଇ ପାରନ୍ତି । ମାତ୍ର ମୋର ସେହି ନିଲାମକୁ କ୍ୟାନସଲ

Digitized by srujanika@gmail.com

କରିବା ପାଇଁ ବି. ଡ଼ି. ଓ. ଙ୍କ ପାଖରେ କୌଣସି ବୈଧାନିକ ଯୁକ୍ତି ନଥିଲା ।

ବି. ଡ଼ି. ଓ. ଏ ସମ୍ପର୍କରେ ଏସ୍. ଡ଼ି. ଓ.ଙ୍କୁ ଜଣାଇଲେ । ଏସ୍. ଡ଼ି. ଓ. ତଦନ୍ତରେ ଆସିଲେ । ମାତ୍ର ମୋର ନାମକୁ ଅସିଦ୍ଧ କରିବାର କୌଣସି ବାଟ ପାଇଲେ ନାହିଁ । ଗ୍ରାମପଞ୍ଚାୟତ ସେକ୍ରେଟାରୀ ଉପରେ ସବୁଦୋଷ ଲଦି ଦେଇ ତାଙ୍କୁ ଚାକିରୀରୁ ବହିଷ୍କାର କରିବା ନିମନ୍ତେ ମୋତେ ପ୍ରବର୍ତ୍ତାଇଲେ । ମାତ୍ର ନିରୀହ ସେକ୍ରେଟାରୀ ଭିତରର କୌଣସି ଦୋଷ ନ ଥିଲା । ମୁଁ ତାଙ୍କର ବହିଷ୍କରଣ ପ୍ରସ୍ତାବରେ ଅସ୍ୱୀକୃତ ହେଲି ।

ବ୍ଲକ ଉନ୍ନୟନ ଅଫିସର ଏବଂ ଏସ. ଡ଼ି. ଓ. ତାଙ୍କର ଜିଦ୍ ବଜାୟ ରଖିବା ପାଇଁ ଜଳାଶୟଟି ବିବାଦୀୟ ଥିବା ଦୃଷ୍ଟିରୁ ତାହା ଗ୍ରାମପଞ୍ଚାୟତ ହସ୍ତରୁ କାଢି ନିଆଯାଇ ସରକାରଙ୍କ ଖାସ ତତ୍ତ୍ୱାବଧାନରେ ରଖାଯିବାର ସୁପାରିସ କଲେ ଏବଂ ସେହି ସୁପାରିଶ ଅନୁସାରେ ଜିଲ୍ଲା କଲେକ୍ଟର ଜଳାଶୟକୁ ପଞ୍ଚାୟତ ହାତରୁ ନିଜ ହାତକୁ ନେଇଗଲେ ।

ସରକାରୀ କର୍ମଚାରୀମାନଙ୍କର ମୋ ବିରୁଦ୍ଧରେ ଏହାହିଁ ହେଲା ପ୍ରଥମ ପଦକ୍ଷେପ । ସେମାନେ ସର୍ବଦା ମୋର ଛିଦ୍ର ଖୋଜିବାକୁ ଲାଗିଲେ । ନିରପେକ୍ଷ ନୀତି ଓ କାର୍ଯ୍ୟ ମୋର ସ୍ୱଭାବସିଦ୍ଧ ଗୁଣ । ପିପିଲି ଗ୍ରାମ ପଞ୍ଚାୟତରୁ ସେମାନେ କୌଣସି ପ୍ରକାର ଫାଇଦା ଉଠାଇ ପାରିଲେ ନାହିଁ । ଏହାପରେ ଦୁଇବର୍ଷ ବିତିଯିବା ପରେ ମୋ ବିରୁଦ୍ଧରେ ଦଶଗୋଟି ମିଥ୍ୟା ଅଭିଯୋଗ ଆନୟନ କରି ମୋତେ ସରପଞ୍ଚ ପଦରୁ ସସ୍‌ପେଣ୍ଡ କଲେ ।

Digitized by srujanika@gmail.com

ମୁଁ ଉକ୍ତ ସରକାରୀ ଆଦେଶ ବତ୍ରୁଦ୍ଧରେ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଏର କଲି । ଦୀର୍ଘ ଦଶମାସ କାଳ ଚଳୁଥିବା ଚାଲିବା ପରେ ମୁଁ ନିର୍ଦ୍ଦୋଷ ପ୍ରମାଣିତ ହୋଇ ସରପଞ୍ଚ ପଦରେ ବାହେଲ ହେଲି ।

ପିପିଲିରେ ହାଇସ୍କୁଲ ସ୍ଥାପନ

ଏହା ଭିତରେ ମୁଁ ପିପିଲି କୋଅପରେଟିଭ୍ ଷ୍ଟୋର ପରିଚାଳନା କମିଟିରେ ସମ୍ପାଦକ ଆଉ ପିପିଲି ଡାକ୍ତରଖାନା ପରିଚାଳନା କମିଟିରେ ଚେୟାରମ୍ୟାନ ନିର୍ବାଚିତ ହୋଇ ଯାଇଥିଲି ।

ମୋପରି ଜଣେ ଚିର ରୋଗୀକୁ ନିଜର ବ୍ୟବସାୟ ସହ ଏକ ସମୟରେ ଅନେକ ଗୁଡ଼ିଏ ଅନୁଷ୍ଠାନରେ କାର୍ଯ୍ୟକରିବା ଦ୍ୱାରା ଧନ ବଳ ବହୁ ପରିଶ୍ରମ କରିବାକୁ ପଡ଼ିଲା । ଫଳରେ ମୁଁ ରକ୍ତହୀନତା ରୋଗରେ ପୀଡ଼ିତ ହୋଇ ପଡ଼ିଲି । ସେହି ସମୟରେ ମ ଇନର ସ୍କୁଲ ଓ ଇଲ୍. ପି. ସ୍କୁଲ ଉଭୟ ଅନୁଷ୍ଠାନରୁ ଇସ୍ତଫା ଦେଇଦେଲି ।

ଦୁଇମାସର ଚିକିତ୍ସା ପରେ ମୋର ପୂର୍ବର ସ୍ୱାସ୍ଥ୍ୟ ଫେରି ଆସିଲା । ସ୍ୱାସ୍ଥ୍ୟ ଲାଭ କଲାପରେ ପିପିଲିରେ ଗୋଟିଏ ହାଇସ୍କୁଲ ସ୍ଥାପନ କରିବାର ବାସନା ମୋର ମନରେ ଜାଗି ଉଠିଲା । ମାଇନର ସ୍କୁଲର ପ୍ରଧାନ ଶିକ୍ଷକ ଚୌଧୁରୀ ଜୟକୃଷ୍ଣ ଦାସଙ୍କୁ ମୋର ମନକଥା ଜଣାଇଲି । ସେ ମହାଶୟ ମୋର ପ୍ରସ୍ତାବକୁ ଦୃଢ଼ ସମର୍ଥନ ଜଣାଇଲେ ଏବଂ ଶୀଘ୍ର ଯେ ଢଙ୍ଗରେ କାର୍ଯ୍ୟାରମ୍ଭ କରିବାର ଅନୁରୋଧ କଲେ ।

ମୁଁ ଗୋଟିଏ ସାଧାରଣ ସଭା ଡକାଇଲି । ସେହି ସଭାରେ ସ୍ଥାନୀୟ ବରିଷ୍ଠ ବ୍ୟକ୍ତିମାନଙ୍କ ସହିତ ସ୍ଥାନୀୟ ତହସିଲଦାର, ଡାକ୍ତର ମଧ୍ୟ ଯୋଗ ଦେଇଥିଲେ ।

Digitized by srujanika@gmail.com

ଉକ୍ତ ସଭାରେ ପିପିଲିରେ ଏକ ହାଇସ୍କୁଲ ପ୍ରତିଷ୍ଠା ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇ ସେ ବିଗରେ ପ୍ରାଥମିକ କାର୍ଯ୍ୟ କରିବା ନିମନ୍ତେ ଏକ ଆଡହକ କମିଟି ଗଠିତ ହେଲା । ମାତ୍ର ଉକ୍ତ ସଭାରେ ମୁଁ ଯାହାକିଛି କହିଲି, ଗଙ୍ଗାଧର ମିଶ୍ର, ନରେନ୍ଦ୍ର କୁମାର ମହାନ୍ତି, କାଶୀନାଥ ସାହୁ ପ୍ରମୁଖ କେତେଜଣ ବ୍ୟକ୍ତି ମୋର ସେହି କଥାର ତୀବ୍ର ବିରୋଧ କରିବାକୁ ଲାଗିଲେ । ଶିକ୍ଷାନୁଷ୍ଠାନ ପରି ଏକ ପବିତ୍ର ଅନୁଷ୍ଠାନ ଗଠନର ପ୍ରାରମ୍ଭରେ ବିରୋଧ ଭାବକୁ ଏଡ଼ାଇବା ପାଇଁ ଅଧିକ ସଂଖ୍ୟକ ବ୍ୟକ୍ତିଙ୍କର ସମର୍ଥନ ସତ୍ତ୍ୱେ ମୁଁ ଆଡ୍‌ହକ କମିଟିର ସଭ୍ୟ ରହିବାକୁ ଇଚ୍ଛା କଲିନାହିଁ ।

ସ୍କୁଲର ସ୍ଥାୟୀ ପରିଚାଳନା କମିଟି ଗଠନ ପୂର୍ବରୁ ମୁଁ ରାଧାକୃଷ୍ଣ ଦାସ ମହାଶୟଙ୍କର ସହାୟତା ନେଇଥିଲି ।

ରାଧାକୃଷ୍ଣ ଦାସ ଜଣେ ଅବସର ପ୍ରାପ୍ତ ଅଧ୍ୟାପକ । ତାଙ୍କର ଘର ପିପିଲି ନିକଟବର୍ତ୍ତୀ ଶିଉଳା ଗ୍ରାମରେ । ସେ ତାଙ୍କର କଟକ ବାସ ଭବନରେ ରହନ୍ତି । ଶିଉଳାରେ ଥିବା ତାଙ୍କର ଜମିବାଡ଼ିର ଖବରବୁଝିବା ପାଇଁ ମଝିରେ ମଝିରେ ଗ୍ରାମକୁ ଆସନ୍ତି । ସେ ପରିବାର ସହିତ ହେଉ ବା ଏକା ହେଉ ଗ୍ରାମରେ ଥିବା ସମୟରେ ତାଙ୍କର କୌଣସି ଦେଖା ହେଲେ ମୁଁ ଚିନ୍ତିତ୍ରା କରିଥାଏ । ସେହି ସୂତ୍ରରେ ତାଙ୍କ ସହିତ ମୋର ବେଶ୍ ସଦ୍‌ଭାବ ଥାଏ ।

ପିପିଲି କାଙ୍ଗ୍ରେସ ସମ୍ପ୍ରସାରଣ ବ୍ଲକ କମିଟିରେ ରାଧାକୃଷ୍ଣ ବାବୁ ଆଉ ପୁରୀର ପୂର୍ବତନ ଜିଲ୍ଲାବୋର୍ଡ଼ର ଚେୟାରମ୍ୟାନ ଜଗନ୍ନାଥ ମିଶ୍ର ଆଡ଼ଭୋକେଟ ଦୁହେଁ ଲିଡ଼ଙ୍ଗ୍ କଲଟିଭେଟର ସଭ୍ୟଥାନ୍ତି । ମୁଁ ଲିଡ଼ଙ୍ଗ୍ କୋ ଅପରେଟର ସଭ୍ୟ ଥାଏ । ଆମ

Digitized by srujanika@gmail.com

ଜନଜଣଙ୍କ ମଧ୍ୟରେ ଥିବା ପୂର୍ବରୁ ସୁସମ୍ପର୍କ ବେଶ୍ ଘନିଷ୍ଠ ହୋଇ ଉଠିଥାଏ ।

ପିପିଲିରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ହାଇସ୍କୁଲ ପରିଚାଳନା କମିଟିରେ ଜଣେ ସଭ୍ୟ ହେବା ପାଇଁ ମୁଁ ରାଧାକୃଷ୍ଣ ଦାସ ମହାଶୟଙ୍କୁ ଅନୁରୋଧ ଜଣାଇଲି ଏବଂ କହିଲି, ଯେଥିପାଇଁ ଆପଣଙ୍କୁ କୌଣସି ପ୍ରକାର ଆର୍ଥିକ କ୍ଷତି ସହିବାକୁ ହେବ ନାହିଁ । ବିଶେଷ କିଛି ସମୟ ଦେବାକୁ ହେବନାହିଁ କି ଶ୍ରମ ମଧ୍ୟ କରିବାକୁ ହେବ ନାହିଁ । କେବଳ ପରିଚାଳନା କମିଟିର ସଭାପତି ହୋଇ ରହିବେ ଏବଂ ମାସକୁ ଥରେ କମିଟି ବୈଠକରେ ଯୋଗ ଦେବେ । ଆପଣଙ୍କ ପରି ଜଣେ ବିଶିଷ୍ଟ ଶିକ୍ଷାବିତ୍ କମିଟିର ସଭାପତି ହେଲେ ସ୍ଥାନୀୟ ଲୋକମାନଙ୍କ ଉପରେ ଯେପରି ଭଲ ପ୍ରଭାବ ପଡ଼ିବ ସରକାରଙ୍କ ଉପରେ ମଧ୍ୟ ସେହିପରି ସୁପ୍ରଭାବ ପଡ଼ିବ । ସ୍କୁଲଟି ଶୀଘ୍ର ସରକାରୀ ସ୍ୱୀକୃତି ପାଇବାରେ ବିଶେଷ ଅସୁବିଧା ହେବ ନାହିଁ ।

ରାଧାକୃଷ୍ଣ ବାବୁ ସମ୍ମତି ପ୍ରଦାନ କଲେ । ଏକ ସର୍ତ୍ତ ରଖିଲେ ଯେ, ପରିଚାଳନା କମିଟିର ବୈଠକ ଆପଣ ଛଅ ଘଣ୍ଟାରେ ହିଁ ଡାକିବେ । ଅନ୍ୟ ସମୟରେ ମୋର ଯୋଗ ଦେବାରେ ସୁବିଧା ହେବ ନାହିଁ । ରାଧାକୃଷ୍ଣ ବାବୁ କଟକରେ ଏକ ବୃହତ୍ କୃଷକ ସମବାୟ ସମିତିର ସମ୍ପାଦକ ରହି ସର୍ବଦା କାର୍ଯ୍ୟବ୍ୟସ୍ତ ରହୁଥାନ୍ତି । ମୁଁ ତାଙ୍କର ସେ ସର୍ତ୍ତକୁ ଗ୍ରହଣ କରିନେଲି ।

ଯଥା ସମୟରେ ହାଇସ୍କୁଲ ପରିଚାଳନା କମିଟି ଗଠିତ ହେଲା । ରାଧାକୃଷ୍ଣ ବାବୁ ସଭାପତି ଓ ମୁଁ ସମ୍ପାଦକ ନିର୍ବାଚିତ ହେଲୁ । ମୋର ବିରୋଧ କରୁଥିବା ଗଙ୍ଗାଧର ମିଶ୍ର ଓ ନଟବର

Digitized by srujanika@gmail.com

କୁମାର ମହାନ୍ତି ଉଭୟେ ମଧ୍ୟ କମିଟିରେ ରହିଲେ । ଦାମୋଦର ମହାପାତ୍ର, ଅଗାଧି ଘୋଷ ଉଭୟେ ଅନ୍ୟମାନଙ୍କୁ ସ୍ଥାନ ଛାଡ଼ିଦେବା ଉଦ୍ଦେଶ୍ୟରେ ଇଚ୍ଛାକରି କମିଟିରେ ରହିଲେ ନାହିଁ ।

ତେର ଜଣ ଛାତ୍ରଙ୍କୁ ନେଇ ପିପିଲି ମିଶନ ମି. ଇ. ସ୍କୁଲ ଗୃହରେ ପ୍ରସ୍ତାବିତ ହାଇ ସ୍କୁଲର ଅଷ୍ଟମ ଶ୍ରେଣୀ ଖୋଲାଗଲା । ପିପିଲି ନିକଟବର୍ତ୍ତୀ ଗୋପରଙ୍ଗା ଗ୍ରାମ ନିବାସୀ ଭଗୀରଥି ରାଉତରାୟ ପ୍ରଧାନ ଶିକ୍ଷକ ଏବଂ ନୟାଗଡ଼ର ବିନାୟକ ନ୍ଦପାଠୀ ସହକାରୀ ଶିକ୍ଷକ ନିଯୁକ୍ତ ହେଲେ ।

ହାଇସ୍କୁଲର କାର୍ଯ୍ୟ କିଛିଦିନ ଚାଲିବା ପରେ, ସ୍କୁଲକୁ ମଞ୍ଜୁର ଦେବା ନିମନ୍ତେ ମୁଁ ସର୍କଲ ଇନସ୍‌ପେକ୍ଟରଙ୍କୁ ଏକ ଆବେଦନ ପତ୍ର ପଠାଇଲି । ତାହାର ଉତ୍ତରରେ ଇନସ୍‌ପେକ୍ଟର ମହାଶୟ ଜଣାଇ ଦେଲେ ଯେ, ପିପିଲିଠାରୁ ଦୁଇ ମାଇଲ ଦୂର ଦାଣ୍ଡମୁକୁନ୍ଦପୁରରେ ଏକ ହାଇସ୍କୁଲ ଥିବାରୁ ପିପିଲିରେ ଆଉ ଗୋଟିଏ ହାଇସ୍କୁଲ ଖୋଲାଯାଇ ପାରିବ ନାହିଁ । ଶୀଘ୍ର ଛାତ୍ର-ମାନଙ୍କୁ ସାର୍ଟିଫିକେଟ ଦେଇ ବିଦାୟ କରିଦିଅ ।

ଇନସ୍‌ପେକ୍ଟରଙ୍କର ଉକ୍ତ ଚିଠିର ବିଚାର ନିମନ୍ତେ ମୁଁ ଏକ ଆଲୋଚନା ସଭା ଡକାଇଲି । ଉକ୍ତ ସଭାରେ ସ୍କୁଲ ପରିଚାଳନା କମିଟି ସଭ୍ୟମାନଙ୍କ ସହ ଛାତ୍ର ଅଭିଭାବକମାନେ ଯୋଗ ଦେଇ-ଥିଲେ । ଇନସ୍‌ପେକ୍ଟରଙ୍କର ଚିଠି ପାଠ କରାଯିବା ପରେ ପରେ ଗଙ୍ଗାଧର ମିଶ୍ର ଆଉ ନରେନ୍ଦ୍ର କୁମାର ମହାନ୍ତି ଉଭୟେ ତାଙ୍କର ମତପ୍ରକାଶ କରି କହିଲେ, ସରକାର ଯୋଉଠି ଚାହାନ୍ତି ନାହିଁ ଆମେ ସରକାରଙ୍କ ବିରୁଦ୍ଧରେ ଯାଇ ସ୍କୁଲ କରିପାରିବା ଅସମ୍ଭବ । ତୁରନ୍ତ ଛାତ୍ରମାନଙ୍କୁ ସାର୍ଟିଫିକେଟ ଦେଇ ସ୍କୁଲକୁ ଭାଙ୍ଗିଦେବା ଉଚିତ୍ ।

Digitized by srujanika@gmail.com

ମୁଁ ପୁଣି ବର୍ଣ୍ଣନା କରିଲି, ଆମେ ଆମ ଅଞ୍ଚଳରେ ଶିକ୍ଷା ବିସ୍ତାର ନିମନ୍ତେ ସ୍କୁଲ ଗଢ଼ୁଥାଉ । ଆମ ପାଇଁ ସ୍କୁଲର ଯଥେଷ୍ଟ ଆବଶ୍ୟକତା ରହିଛି । ଆମର ଉନ୍ନତି ଅବନତି ବିଷୟରେ ଚିନ୍ତା କରି କାର୍ଯ୍ୟାନୁଷ୍ଠାନ କରିବାର ଅଧିକାର ଆମର ରହିଛି । ସ୍କୁଲଟିଏ ଗଢ଼ିବା କୌଣସି ଗର୍ହିତ କାର୍ଯ୍ୟ ନୁହେଁ । ଏ କାର୍ଯ୍ୟରେ ସରକାର ଆମକୁ ସାହାଯ୍ୟ କରିବାର କଥା । ଆମର ଏହି ଜନ-ହିତକର କାର୍ଯ୍ୟରେ ବାଧା ଦେବା ସରକାରଙ୍କ ପକ୍ଷରେ ଅତ୍ୟନ୍ତ ଅନ୍ୟାୟ କାର୍ଯ୍ୟ । ଆମେ ନିଶ୍ଚୟ ଏହାର ପ୍ରତିରୋଧ କରିବା ।

ଆଜିପରି ସେତେବେଳେ ଜନ ଚେତନା ବିଶେଷ ଜାଗ୍ରତ ନଥିଲା । ସରକାର ନାମରେ ଲୋକେ ଭୟଭୀତ ହେଉଥିଲେ । ମୋର ବକ୍ତବ୍ୟ ପରେ ଗଙ୍ଗାଧର ବାବୁ, ନରେନ୍ଦ୍ର ବାବୁ ବଡ଼ ପାଟିରେ କହି ଉଠିଲେ, ସରକାରଙ୍କ ସଙ୍ଗରେ ଲଢ଼େଇ କରି ସ୍କୁଲ ଗଢ଼ିବାର କଳ୍ପନା ଏକ ଅବାସ୍ତବ କଳ୍ପନା । କଥା ସଙ୍ଗେ ସଙ୍ଗେ ସଭା ଛାଡ଼ି ଚାଲିଗଲେ । ତାଙ୍କ ପଛେ ପଛେ ଆଉ କେତେଜଣ ମଧ୍ୟ ଉଠିଗଲେ । ଛାତ୍ର ଅଭିଭାବକ କେତେଜଣ ଆଉ ମାଇନର ସ୍କୁଲର ପ୍ରଧାନ ଶିକ୍ଷକ ଉପସ୍ଥିତ ଥାନ୍ତି ।

ମୁଁ ଅଭିଭାବକମାନଙ୍କୁ ସମ୍ବୋଧନ କରି କହିଲି, ଆପଣମାନଙ୍କ ପିଲାଙ୍କର ପଢ଼ାରେ ବାଧା ପଡ଼ିବ ବୋଲି ଆପଣମାନେ ଭାବୁଥିବେ । କିନ୍ତୁ ମୁଁ ନିର୍ଭର ପ୍ରତିଶ୍ରୁତି ଦେଉଛି—ସ୍କୁଲ ଚାଲିବ । ସ୍କୁଲକୁ କେହି ବନ୍ଦ କରି ପାରିବେ ନାହିଁ । ଆପଣମାନେ ତ ଜାଣନ୍ତି ସ୍କୁଲଟି ଚାନ୍ଦା ଉପରେ ହିଁ ଚାଲିଛି । ଯଦି ବାହାରୁ କିଛି ଚାନ୍ଦା ନମିଳେ ତଥାପି ସ୍କୁଲ ଚାଲିବ । ମୁଁ ମୋର ସମସ୍ତ ସମ୍ପତ୍ତି ବିନିମୟରେ ବର୍ଷକିଏ ସ୍କୁଲକୁ ଚଳାଇବି । ତେଣିକି ଯଦି ନଚଳେ ଛାତ୍ରମାନଙ୍କୁ ସାର୍ଟିଫିକେଟ ଦେଇଦେବି । ସେମାନେ

Digitized by srujanika@gmail.com

ନବମ ଶ୍ରେଣୀରେ ନାମ ଲେଖାଇବାରେ କୌଣସି ଅସୁବିଧା ହେବନାହିଁ । ସ୍କୁଲକୁ ଯେ କୌଣସିମତେ ବର୍ତ୍ତିଏ ଚଳାଇବା ଦୃଷ୍ଟିରେ ଏଗ୍ରିମେଣ୍ଟ ରେଜିଷ୍ଟ୍ରେସି କରି ଦେଉଛୁ । ଆପଣମାନେ ପିଲାଙ୍କୁ ଉଠାଇ ନେବାର ଚେଷ୍ଟା କରନ୍ତୁ ନାହିଁ ।

ପିପିଲିର ଦୁଇଜଣ ଅଭିଭାବକ ଶିବ ମହାପାତ୍ର ଓ ଜଗ ମିଶ୍ରା ଦୃଢ଼ କଣ୍ଠରେ କହିଲେ, ଆପଣ କୌଣସି ଏଗ୍ରିମେଣ୍ଟ କରି-ଦେବାର ଦରକାର ନାହିଁ । ଆପଣଙ୍କ କଥା ଉପରେ ଆମର ଯଥେଷ୍ଟ ବିଶ୍ୱାସ ରହିଛି । ଆପଣ ସ୍କୁଲ କାର୍ଯ୍ୟ ଚଳାଇ ଯାନ୍ତୁ ।

ସେ ଦୁଇଜଣଙ୍କର ସେହି ଦୁଇପଦ କଥାରେ ମୁଁ ଆଶାତିରିକ୍ତ ଶକ୍ତି ଲାଭ କଲି । ଗଙ୍ଗାଧର ବାବୁ, ନଗେନ୍ଦ୍ର, ବାବୁଙ୍କର ଧ୍ୱଂସାତ୍ମକ ଉଦ୍ୟମ ମୋ ଉପରେ କିଛିମାତ୍ର ପ୍ରଭାବ ବିସ୍ତାର କରିପାରିଲା ନାହିଁ । ମୁଁ ଦ୍ୱିଗୁଣ ଉତ୍ସାହ ଲାଭକରି ଆଗେଇ ଚାଲିଲି ।

ରାମଚନ୍ଦ୍ର ପଟ୍ଟନାୟକ ଏମ୍. ଏଲ. ଏ.ଙ୍କୁ ସ୍କୁଲ କମିଟିରେ ଗ୍ରହଣ କରିନେଲୁ ।

ସ୍କୁଲ କାର୍ଯ୍ୟ ଯଥାରୀତି ଚାଲିଲା । ମାତ୍ର ଦୁର୍ଯୋଗବଶୁ ଅପ୍ରତ୍ୟାଶିତ ଅନ୍ୟ ଏକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା ।

ଥରେ ସର୍କଲ ଇନସପେକ୍ଟର ଡ଼. ଆଇ.ଙ୍କୁ ସଙ୍ଗରେ ନେଇ ମାଇନର ସ୍କୁଲରେ ଆସି ପହଞ୍ଚିଲେ । ସେଠାରେ ହାଇସ୍କୁଲ କ୍ଲାସ ହେଉଥିବାର ଦେଖି ଅତିଶୀଘ୍ର ସେଠାରୁ ହାଇସ୍କୁଲ କ୍ଲାସ ଉଠାଇ ଦେବା ନିମନ୍ତେ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଲେ ।

ମୋର ଘନିଷ୍ଠ ସହଯୋଗୀ ଦାମୋଦର ମହାପାତ୍ର ଓ ଅଗାଧୁ ଘୋଷଙ୍କ ସହ ପରାମର୍ଶ କରି କନକ ଦୁର୍ଗା ଦେବୀଙ୍କ

Digitized by srujanika@gmail.com

ଗୃହକୁ କ୍ଲାସ ଉଠାଇ ନେଲୁଁ । ସଙ୍ଗେ ସଙ୍ଗେ ବେଞ୍ଚ, ଡେସ୍କ, ଆଲମିରା ଆଦି ଆସବାବ ତିଆରି କରାଇ ନେଲୁଁ ।

ଚାନ୍ଦା ଆଦାୟ ଦିଗରେ ଅଧିକ ଧ୍ୟାନ ଦେଲୁଁ । ପିପିଲିର ଯେଉଁ ଅଧିବାସୀମାନେ କଲିକତା, ଟାଟା, ଜାମସେଦପୁର ଆଦି ଦୂର ସ୍ଥାନମାନଙ୍କରେ ବ୍ୟବସାୟ କରୁଥାନ୍ତି ସେମାନଙ୍କୁ ସ୍କୁଲ ପାଇଁ ଚାନ୍ଦା ସଂଗ୍ରହ ନିମନ୍ତେ ଅନୁରୋଧ ଜଣାଇ ସ୍କୁଲର ଛପା ରସିଦ ବହି ତାଙ୍କ ପାଖକୁ ପଠାଇ ଦେଲି । ଆମର ସେ ଅନୁରୋଧ ବୃଥା ହେଲନାହିଁ । ଆଶାନୁରୂପ ସାହାଯ୍ୟ ମିଳିଲା ।

ଧାନକଟା ସମୟରେ ମୁଁ ଛାତ୍ରମାନଙ୍କୁ ଶିକ୍ଷକଙ୍କର ତତ୍ତ୍ୱାବଧାନରେ ପଠାଇ ଚାଷୀମାନଙ୍କ ଠାରୁ କିଛି ଧାନ ଆଦାୟ କରାଇଲି ।

ସ୍କୁଲକୁ ଆର୍ଥିକ ସାହାଯ୍ୟ ଦେବା ଏବଂ ଛାତ୍ର ପଠାଇବା ନିମନ୍ତେ ଅନୁରୋଧ ପତ୍ର ଲେଖି ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କର ବିଶିଷ୍ଟ ବ୍ୟକ୍ତିମାନଙ୍କ ପାଖକୁ ନବନିଯୁକ୍ତ ପିଅନ ମହେଶ୍ୱର ପଣ୍ଡାଙ୍କ ହାତରେ ପଠାଇଲି । ସେଥିପାଇଁ ମହେଶ୍ୱର ପଣ୍ଡାଙ୍କୁ ଦୈନିକ ୮।୧୦ ମାଇଲ ରାସ୍ତା ଚାଲିବାକୁ ପଡ଼ୁଥିଲା । ଉକ୍ତ କାର୍ଯ୍ୟ ବଡ଼ କଷ୍ଟରେ ହେଉଛି ବୋଲି ସେ ବହୁତ ଆପତ୍ତି କଲେ । ମୁଁ ତାଙ୍କୁ ଅଧୈର୍ଯ୍ୟ ନ ହେବାର ପରାମର୍ଶ ଦେଇ କହିଥିଲି—ମୁଁ ତୁମର କଷ୍ଟ ବୁଝି ପାରୁଛି । ମାତ୍ର ପନ୍ଦରଟି ଟଙ୍କା ଦରମାରେ ତୁମେ ଆଜି ଯେଉଁ କଷ୍ଟକର କାର୍ଯ୍ୟ କରୁଛ ଏହାର ସୁଫଳ ତୁମେ ନିଶ୍ଚୟ ପାଇବ । ସ୍କୁଲଟି ସ୍ଥାୟୀ ହୋଇଗଲେ ତୁମର ଦରମା ନିଶ୍ଚୟ ବଢ଼ିବ ଏବଂ ସେଇଥିରେ ତୁମେ ତୁମର ଜୀବନଯାତ୍ରା ନିର୍ବାହ କରିପାରିବ । ବର୍ତ୍ତମାନ ଆରମ୍ଭ ଅବସ୍ଥାରେ ଜନସାଧାରଣଙ୍କର ହିତ ଦୃଷ୍ଟିରୁ ତୁମେ ଅଳ୍ପ କିଛିଦିନ ପାଇଁ ଏ

Digitized by srujanika@gmail.com

କଷ୍ଟ ସହିଯାଅ । ତୁମର ଏହି କାର୍ଯ୍ୟ ଦ୍ୱାରା ବାହାରୁ କିଛି ସୁଦ୍ଧା ନ ମିଳିଲେ ବି ସ୍କୁଲ ଭବିଷ୍ୟତରେ ଦୃଢ଼ୀଭୂତ ହୋଇଯିବ । ସେ ଅବଧି ଯଥାସାଧ୍ୟ ଶ୍ରମ ସ୍ୱୀକାର କରି ମୋର ଆଦେଶ ପାଳନ କରିଥିଲେ ।

ସବ୍‌ଜଜ ରାଧାକୃଷ୍ଣ ବାବୁ ତାଙ୍କ ପିଲାମାନଙ୍କର କେତେଗୁଡ଼ିଏ ପୁରୁଣା ବହି ତାଙ୍କ ଘରେ ପଡ଼ିରହିଥିବାର କହି ମୋତେ ସେଗୁଡ଼ିକ ସ୍କୁଲ ଲାଇବ୍ରେରୀପାଇଁ ନେଇ ଆସିବାକୁ କହିଲେ । ମୁଁ କଟକ ଯାଇ ସେଥିରୁ କେତେଗୁଡ଼ିଏ ବହି ବାଛି ଆଣି ଲାଇବ୍ରେରୀ ସଜାଇ ଦେଲି ।

ସ୍କୁଲ ଦିନକୁ ଦିନ ଉନ୍ନତି ପଥରେ ଆଗେଇ ଚାଲିଥିଲା ବେଳେ, ଛାତ୍ରମାନଙ୍କୁ ସାର୍ଟିଫିକେଟ ଦେଇ ଦେଇ ସ୍କୁଲକୁ ବନ୍ଦ କରିଦେବା ନିମନ୍ତେ ସର୍କଲ ଇନ୍‌ସପେକ୍ଟରଙ୍କ ଠାରୁ ପୁଣି ଥରେ ଏକ ଚିଠି ଆସି ପହଞ୍ଚିଲା । ଉକ୍ତ ଚିଠିର ବିଚାର ନିମନ୍ତେ ଗ୍ରାମମଙ୍ଗଳ କେନ୍ଦ୍ର ଗୃହରେ ମୁଁ ଏକ ସଭା ଡକାଇଲି । ଏଥିର ମଧ୍ୟ ଗଙ୍ଗାଧର ବାବୁ, ନଗେନ୍ଦ୍ର ବାବୁ ସ୍କୁଲକୁ ଭାଙ୍ଗିଦେବାର ଦୃଢ଼ ମତବ୍ୟକ୍ତ କଲେ । ମୁଁ ତାର ବିରୋଧ କଲି । ଜନମତ ମଧ୍ୟ ମୋ ସପକ୍ଷରେ ଗଲା । ସଭାରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ସ୍କୁଲ କାର୍ଯ୍ୟ ଚଳାଇ ଯିବା ନିମନ୍ତେ ମୋତେ ଉତ୍ସାହିତ କଲେ ।

ଏହାର କିଛି ଦିନ ପରେ ସର୍କଲ ଇନ୍‌ସପେକ୍ଟର ମହାଶୟ ସ୍ତ ମାପ୍ତ ସ୍କୁଲ ସବ୍ ଇନ୍‌ସପେକ୍ଟରଙ୍କ ସହ ପିପିଲି ଡାକବଙ୍ଗଳାକୁ ଆସି ମୋତେ ଡକାଇ ପଠାଇଲେ । ମୁଁ ଯଥାସମୟରେ ଯାଇ ସାକ୍ଷାତ କଲି । ସେ ମହାଶୟ କହିଲେ—ପିପିଲିରେ ଆମେ ଗୋଟିଏ ଇ.ଟି.—ଏଲିମେଣ୍ଟାରୀ ଟ୍ରେନିଂସ୍କୁଲ ଖୋଲିବାକୁ

Digitized by srujanika@gmail.com

ମନସ୍ଥ କରନ୍ତୁ । ସେ ହିସାବରେ ଆପଣ ଆମକୁ ସାହାଯ୍ୟ କରିବେ ନାହିଁ ?

ମୁଁ ତୁରନ୍ତ ତାର ସହିତ ଉତ୍ତର କଲି—ନିଶ୍ଚୟ । ଆପଣ ଶିକ୍ଷାନୁଷ୍ଠାନଟିଏ ଖୋଲି ଏ ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଉନ୍ନତି ଘଟାଇବେ, ଏହା ଆମପାଇଁ ଏକ ଶୁଭାଶୀର୍ବାଦ । ଆମେ ନିଶ୍ଚୟ ଆପଣଙ୍କୁ ସେ ହିସାବରେ ସବୁ ପ୍ରକାର ସାହାଯ୍ୟ କରିବୁଁ ।

ଇନ୍‌ସ୍‌ପେକ୍ଟର ମହାଶୟ ମୋତେ ଧନ୍ୟବାଦ ଜଣାଇ କହିଲେ, ସେଥିପାଇଁ ଦୁଇ ଏକର ଜମି ଦରକାର । ସେହି ଦୁଇ ଏକର ଜମି ଛଡ଼ା ଆମେ ଆପଣଙ୍କ ଠାରୁ ଇ· ହି. ସ୍କୁଲ ପାଇଁ ଆଉ କୌଣସି ସାହାଯ୍ୟ ଇଚ୍ଛା କରୁ ନାହୁଁ । ମୁଁ ଇ· ହି. ସ୍କୁଲ ପାଇଁ ଦୁଇ ଏକର ଜମି ଯୋଗାଇ ଦେବାର ଦୃଢ଼ ପ୍ରତିଶ୍ରୁତି ଦେଲି ।

ସେ ସମୟରେ ହାଇସ୍କୁଲ ପାଇଁ ଆବଶ୍ୟକୀୟ ଜମିଠାରୁ ଅଧିକ ଜମିର ବ୍ୟବସ୍ଥା ମୁଁ କରି ପାରିଥିଲି । ସରପଞ୍ଚ ସେକ୍ ଅବଦୁଲ୍ଲାଙ୍କୁ ପ୍ରବର୍ତ୍ତାଇ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଜମିଟି ସ୍କୁଲ ନାମରେ ଆଣି ପାରିଥିଲି । ସେହି ଜମିକୁ ଲାଗିଥିବା ସ୍ଥାନୀୟ ଜମିଦାର କମଳାଚରଣ ଆଢ଼୍ୟଙ୍କର ଗୁଣ୍ଠ ଏକର ଜମି ସ୍କୁଲ ପାଇଁ କିଣିବା ନିମନ୍ତେ ତାଙ୍କୁ ଦୁଇ ଶହ ଟଙ୍କା ଆଡ଼ଭାନ୍‌ସ ବି ଦେଇ ସାରିଥିଲି । ସେହି ଜମିରୁ ଦୁଇ ଏକର ଇ. ହି. ସ୍କୁଲ ପାଇଁ ଦେବାର ମନସ୍ଥ କରି ଇନ୍‌ସ୍‌ପେକ୍ଟରଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଲି ।

ମୁଁ ଯେଉଁଦିନ ଜମିଦାରଙ୍କୁ ଟଙ୍କା ଆଡ଼ଭାନ୍‌ସ ଦେଇଥିଲି ମୋର ଘନିଷ୍ଠ ସହଯୋଗୀ ଦାମୋଦର ମହାପାତ୍ର ସେଠାରେ ଉପସ୍ଥିତ ଥିଲେ । ସାଧାରଣ କାର୍ଯ୍ୟରେ ଅନ୍ୟାୟ ପ୍ରଭାବ ଘଟି ଦଳବଳ ସୃଷ୍ଟି ହେଉଥିବାରୁ ସେ ସବୁବେଳେ ବ୍ୟଥିତ ହେଉଥିଲେ ।

Digitized by srujanika@gmail.com

ସେ ବଡ଼ ହର୍ଷ ଭରରେ ମୋତେ ପ୍ରଶ୍ନ କଲେ—ଅଜ୍ଞ ! ଆପଣ ଜମି ପାଇଁ ଆଡ଼ଭାନ୍ସ ଦେଉଛନ୍ତି ଯେ, ସତେ କଣ ପିପିଲିରେ ହାଇସ୍କୁଲ ହୋଇ ପାରିବ ? ମୁଁ ତାର ଉତ୍ତରରେ ହସି ହସି କହିଥିଲି—ନିଶ୍ଚୟ ହାଇସ୍କୁଲ ହେବ । କେବଳ ହାଇସ୍କୁଲ ନୁହେ, ପିପିଲିରେ କଲେଜ ବି ହେବ ।

ମୋର ସେଦିନର ସେ ଭବିଷ୍ୟତ ଆଶା ଆଜି ସଫଳ ହୋଇଛି । ପିପିଲିରେ ଗୋଟିଏ ନୁହେଁ ଦୁଇଗୋଟି ହାଇସ୍କୁଲ ହୋଇଛି । କଲେଜ ବି ହୋଇଛି । ହାଇସ୍କୁଲ ମାଝରେ ଥିବା ସେ ଜମିରେ ଛ. ଟି. ସ୍କୁଲ ଆଜି କନ୍ୟା ମହିଳା ପ୍ରଶିକ୍ଷଣ ବିଦ୍ୟାଳୟରେ ପରିଣତ ହୋଇଛି ।

ଥରେ ଗଙ୍ଗାଧର ବାବୁ ତାଙ୍କ ଦୋକାନ ଘରଠାକୁ ମୋତେ ଡକାଇ ପଠାଇଲେ । ମୁଁ ଯାଇ ଦେଖିଲି ଗଙ୍ଗାଧର ବାବୁ ଏକା ନୁହନ୍ତି । ତାଙ୍କ ସହ ଅଗାଧ ଘୋଷ, ରଘୁନାଥ ମହାନ୍ତି, ମାଇନର ସ୍କୁଲର ସେକ୍ରେଟାରୀ ଆରୁହା ଗ୍ରାମର ନାରାୟଣ ଦାସ ମଧ୍ୟ ଉପସ୍ଥିତ ଅଛନ୍ତି । ମୋତେ ଉଦ୍ଦେଶ୍ୟ କରି ନାରାୟଣ ଦାସ କହିଲେ, ଗଙ୍ଗାଧର ବାବୁଙ୍କର ପ୍ରସ୍ତାବ ଅନୁସାରେ ଆମେ ପାଞ୍ଚ ଜଣ ଏକ ପ୍ରତିନିଧି ଦଳରେ ଯାଇ ସ୍କୁଲକୁ ମଞ୍ଜୁରୀ ଦେବା ପାଇଁ ମିଃ ଉଇଲ୍ସନ ହାଇସ୍କୁଲକୁ ଅନୁରୋଧ ଜଣାଇବାର ସ୍ଥିର କରିଛୁ । ଆପଣଙ୍କର ମତ କଣ ? ଗଙ୍ଗାଧର ବାବୁଙ୍କର ଏ ସ୍ୱଭାବ ପରିବର୍ତ୍ତନ ଦେଖି ମୁଁ ବିଶେଷ ଆନନ୍ଦିତ ହେଲି । ସେ ପ୍ରସ୍ତାବକୁ ସମର୍ଥନ ଜଣାଇ କହିଲି, ଏ ତ ଅତି ଉତ୍ତମ କଥା । ମୁଁ ନିଶ୍ଚୟ ଯିବି । ସେମାନେ ପୂର୍ବରୁ ଦିନ ନିର୍ଦ୍ଦିଷ୍ଟ କରି ଧାରିଥିଲେ । ନାରାୟଣ ଦାସ କହିଲେ, ପରଦିନ ଯିବାର ସ୍ଥିର ହୋଇଛି । ଏଠାରୁ ସମସ୍ତେ ସାଇକେଲରେ ଭୁବନେଶ୍ୱର ଯାଇ ସେଠାରୁ ଟ୍ରେନ୍ ଧରି ଖୁର୍ଦ୍ଦାଯିବା ।

Digitized by srujanika@gmail.com

ସେତେବେଳେ ସର୍କଲ ଇନସ୍ପେକ୍ଟରଙ୍କ ଅଫିସ ବ୍ରହ୍ମପୁରରେ ଥିଲା ।

ସେଉଁ ଗଙ୍ଗାଧର ମିଶ୍ର ଦୁଇ ଦୁଇ ଥର ସ୍କୁଲ ଭାଙ୍ଗିଦେବା ପାଇଁ ଦୃଢ଼ ଉଦ୍ୟମ କରିଥିଲେ ତାଙ୍କର ଆଜ ସ୍କୁଲ ଗଢ଼ିବା ଦିଗରେ ଆଗ୍ରହ ଜନ୍ମିଥିବାର ଦେଖି ମୁଁ ମନେ ମନେ ବିଶେଷ ସନ୍ତୋଷ ଲାଭ କଲି ।

ନିର୍ଦ୍ଦିଷ୍ଟ ଦିନ ଯଥା ସମୟରେ ମୁଁ ଯାଇ ଗଙ୍ଗାଧର ବାବୁଙ୍କ ଦୋକାନ ପାଖରେ ପହଞ୍ଚିଲି । ସେଠାରେ କେବଳ ରଘୁନାଥ ମହାନ୍ତି ଉପସ୍ଥିତ ଥିଲେ । କହିଲେ, ଆଜ ବ୍ରହ୍ମପୁର ଯିବାର ଯେଉଁ ପ୍ରସ୍ତାବ ହୋଇଥିଲା ତାହା ଅନ୍ୟ ଦିନକୁ ଘୁଞ୍ଚାଇ ଦିଆଯାଇଛି । ଆଜ ଆପଣ ଫେରିଯାନ୍ତୁ । ପରେ ଦିନ ସ୍ଥିର କରି ଆପଣଙ୍କୁ ଜଣାଇ ଦିଆଯିବ ।

ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଲି । ଇନସ୍ପେକ୍ଟରଙ୍କ ପାଖକୁ ଯିବା କଥା ତା ହେଲେ ଗୋଟାଏ ଛଳନା ? ଗୋଟାଏ ଶୁଭ-କାର୍ଯ୍ୟର ଆରମ୍ଭରୁ ବିଘ୍ନ ଘଟାଇବାର ଉଦ୍ଦେଶ୍ୟ କେବେ ସତ୍ ହୋଇ ପାରେନା ।

ମୁଁ କହିଲି, ପାଞ୍ଚଜଣଙ୍କ ଦ୍ୱାରା ସ୍ଥିରୀକୃତ ଦିନର ପରିବର୍ତ୍ତନ ପୁଣି କିଏ କଲା ? ଯଦି ଦିନ ପରିବର୍ତ୍ତନ କରିବାର କିଛି କାରଣ ଥିଲା, ତାହା ପୂର୍ବରୁ ଜଣାଇ ଦେବାର କଥା । ତାହା ନ କରି ମୁଁ ଘରୁ ବାହାରି ଆସିଲା ପରେ ଫେରିଯିବାକୁ କହିବା ଠିକ ନୁହେଁ । ଯଦି କେହି ନ ଯାନ୍ତୁ ମୁଁ ଏକା ଯିବି । ଏକା ମଧ୍ୟ ଗଲି ।

ଇନସ୍ପେକ୍ଟରଙ୍କର ସାକ୍ଷାତ ପାଇଁ ମୁଁ ଏକା ବ୍ରହ୍ମପୁର ଯିବା ଦ୍ୱାରା ଗଙ୍ଗାଧର ବାବୁଙ୍କର ମୋ ଉପରେ ଅସନ୍ତୋଷ ବୃଦ୍ଧିଲାଭ

Digitized by srujanika@gmail.com

କଲ । ସେ ପରିଚାଳନା କମିଟି ଭିତରେ ଥାଇ ପ୍ରତ୍ୟକ୍ଷରେ ମୋ ବିରୁଦ୍ଧରେ କିଛି କହିବାର ସୁଯୋଗ ପାଇ ନ ଥିଲେ । ସ୍ଥାନୀୟ କେତେଜଣ ବ୍ୟକ୍ତିଙ୍କୁ ମୋ ବିପକ୍ଷରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ପ୍ରବର୍ତ୍ତାଇଲେ ।

ଦିନେ ସ୍କୁଲ ପରିଚାଳନା କମିଟିର ବୈଠକ ଚାଲିଥିବା ବେଳେ ଦିବାକର ଶତପଥୀ, କାଶୀନାଥ ସାହୁ ପ୍ରମୁଖ ଚାରିଜଣ ବ୍ୟକ୍ତି ଯାଇ ପରିଚାଳନା କମିଟିର ସମ୍ପାଦକ ପଦରୁ ମୋର ଇସ୍ତଫା ଦାବୀ କଲେ । କୌଣସି କାରଣ ନ ଦର୍ଶାଇ ହଠାତ୍ ଚାରିଜଣ ଲୋକ ମୋର ଇସ୍ତଫା ଦାବୀ କରିବାରେ ବିଶେଷ କିଛି ଗୁରୁତ୍ୱ ନଥିଲା । ତଥାପି ମୁଁ ସମ୍ପାଦକ ରହିବାରେ ମୋର କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନାହିଁ ଏହି କଥା ଜଣାଇ ଦେବା ପାଇଁ ମୁଁ ମନଙ୍କ ସଙ୍ଗେ ଇସ୍ତଫା ପତ୍ରଟିଏ ଲେଖି କମିଟି ବୈଠକରେ ଉପସ୍ଥାପିତ କଲି ।

ସଭାପତି ରାଧାକୃଷ୍ଣ ଦାସ, ଏମ୍. ଏଲ୍. ଏ. ରାମଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଅନେକ ସଭ୍ୟ ମୋର ଇସ୍ତଫା ଗ୍ରହଣ କରିବାକୁ ସ୍ୱୀକୃତ ହେଲେନାହିଁ । ମୋର ଇସ୍ତଫା ପତ୍ର ବିଚାର କରି ସେ ସମ୍ପର୍କରେ ଏକ ପ୍ରସ୍ତାବ ଗ୍ରହଣ କଲେ ଯେ, ସମ୍ପାଦକ ହରିଚରଣ ଗିରିଙ୍କର କାର୍ଯ୍ୟ ସ୍କୁଲ ପାଇଁ ଏକାନ୍ତ ଆବଶ୍ୟକ ଥିବାରୁ ତାଙ୍କୁ ପରିଚାଳନା କମିଟି ବର୍ତ୍ତମାନ ସମ୍ପାଦକ ଦାୟିତ୍ୱରୁ ଅବ୍ୟାହତି ଦେଇ ପାରିବେ ନାହିଁ । ସ୍କୁଲର ହିତ ଦୃଷ୍ଟିରୁ ତାଙ୍କର ଇସ୍ତଫା ପତ୍ର ପ୍ରତ୍ୟାହାର କରିନେବା ନିମନ୍ତେ ଏ କମିଟି ତାଙ୍କୁ ଅନୁରୋଧ କରୁଛନ୍ତି ।

ସଭାପତି ଇସ୍ତଫା ଦାବୀ କରୁଥିବା ଦଳଙ୍କୁ କହିଲେ, ଆପଣମାନେ ତ କୌଣସି କାରଣ ନଦର୍ଶାଇ ହରିବାବୁଙ୍କର

Digitized by srujanika@gmail.com

ଇସ୍ତଫା ଦାବୀ କରୁଛନ୍ତି । ହରିବାବୁ ଇସ୍ତଫା ଦେବାପରେ ଆଉ କଏ ସମ୍ପାଦକ ଦାୟିତ୍ୱ ନେଇ ତାଙ୍କ ପରି କାମ ଚଳାଇବେ ତାଙ୍କର ନାଁ କହନ୍ତୁ ତ ।

କିନ୍ତୁ ସମସ୍ତ ଧରି ତାଙ୍କ ଭିତରେ ପରାମର୍ଶ ଚାଲିବା ପରେ, ମାତୃଭବନ ଭିତରେ ନାଁ ଦେବାପାଇଁ ଦିବାକର ଶତପଥୀ କହିଲେ । ମାତ୍ର ମାସାଧିକ କାଳ ଅତୀତ ହେଲେ ମଧ୍ୟ ସ୍ଥାୟୀ ସମ୍ପାଦକଙ୍କର ନାମ ଦେଇ ପାରିଲେ ନାହିଁ । ଅଧିକନ୍ତୁ ଅନ୍ୟଏକ କମିଟି ବୈଠକରେ ଉପସ୍ଥିତ ହୋଇ ପୂର୍ବପରି ମୋର ଇସ୍ତଫା ଦାବୀକଲେ ।

ସଭାପତି, ଏମ୍. ଏଲ୍. ଏ. ପ୍ରମୁଖ ଅଧିକାଂଶ ସଭ୍ୟଙ୍କର ଅନିଚ୍ଛା ସତ୍ତ୍ୱେ ମୁଁ ସମ୍ପାଦକ ଏବଂ ସଭ୍ୟ ଉଭୟପଦରୁ ଇସ୍ତଫା ଦେଇ ଦେଲି । କମିଟିର ସଭ୍ୟପଦରୁ ଇସ୍ତଫା ନ ଦେବାପାଇଁ ସଭାପତି ବହୁ ଅନୁରୋଧ କଲେ, ମାତ୍ର ମୁଁ ଇସ୍ତଫା ଦେବାପାଇଁ ଦୃଢସଙ୍କଳ୍ପ ଥିଲି । ସେ ସମ୍ପର୍କରେ ମୋର ଯୁକ୍ତି ଥିଲା, ମୁଁ କମିଟିରେ ରହିଲେ, ଗଙ୍ଗାଧର ବାବୁ ଆଉ ନରେନ୍ଦ୍ର ବାବୁଙ୍କର ମୋ ସହିତ ମତ ଭେଦ ଘଟିପାରେ । କମିଟିରେ କୌଣସି ମତଭେଦ ନରହି ଭଲ ଭାବରେ ସ୍କୁଲ ପରିଚାଳିତ ହେଉ ଏହାହିଁ ଥିଲା ମୋର ଉଦ୍ଦେଶ୍ୟ । ଆଉ ମଧ୍ୟ ମୁଁ ଜାଣିଥିଲି ଗଙ୍ଗାଧରବାବୁ ଆଉ ନରେନ୍ଦ୍ରବାବୁ ଶତଚେଷ୍ଟା କଲେ ମଧ୍ୟ ସ୍କୁଲକୁ ବନ୍ଦ କରିଦେଇ ପାରିବେ ନାହିଁ । କାରଣ ସ୍କୁଲର ଚେର ସେତେବେଳକୁ ଖୁବ୍ ଦୃଢ଼ ହୋଇ ଯାଇଥିଲା ।

ମୋର ଇସ୍ତଫା ଦାନ ପରେ ରାଧାକୃଷ୍ଣ ବାବୁ ମଧ୍ୟ ସଙ୍ଗେ ସଙ୍ଗେ ସଭାପତି ପଦରୁ ଇସ୍ତଫା ଦେଇ ଦେଲେ ।

ମୁଁ ସ୍କୁଲ କମିଟିରୁ ଇସ୍ତଫା ଦେବାର କେତେମାସ ପରେ ଅନ୍ୟଏକ ଅପ୍ରୀତିକର ଘଟଣା ଘଟିଗଲା ଯାହା ଫଳରେ

Digitized by srujanika@gmail.com

ଗଙ୍ଗାଧର ବାବୁଙ୍କର ଅସନ୍ତୋଷ ମୋ ଉପରେ ବହୁଗୁଣ ବଢ଼ିଗଲା ।

ମୁଁ ସିନା ସ୍କୁଲ କମିଟିରୁ ଚାଲିଗଲି । ଗ୍ରାମ ପଞ୍ଚାୟତରେ ତ ଥିଲି । ଗଙ୍ଗାଧର ବାବୁ ମଧ୍ୟ ଥିଲେ । ଗୋଟିଏ ପଞ୍ଚାୟତ ବୈଠକରେ ମୁଁ ଅନୁପସ୍ଥିତ ଥିବାବେଳେ ଗଙ୍ଗାଧର ବାବୁ ପଞ୍ଚାୟତ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ତାଙ୍କର ସେହି ଇସ୍ତଫା ପତ୍ର ପଞ୍ଚାୟତ ବୈଠକରେ ମଞ୍ଜୁର କରାଯାଇ ଗ୍ରହଣ କରାଯିବାର ସୂପାରିଶ ସହ ପୃଷ୍ଠ ସଦର ଏସ୍. ଡ଼ି. ଓ.ଙ୍କୁ ପଠାଇ ଦିଆ ଯାଇଥିଲା ।

ତାହା ପରେ ପୁଣି କଣହେଲା ନାଏବ ସରପଞ୍ଚ ପଞ୍ଚାୟତର ଏକ ଜରୁରୀ ବୈଠକ ଡାକିଲେ । ଉକ୍ତ ଜରୁରୀ ବୈଠକରେ ଆଲୋଚ୍ୟ ବସ୍ତୁ ଥିଲା—ସଭ୍ୟ ଗଙ୍ଗାଧର ମିଶ୍ରଙ୍କର ଇସ୍ତଫା ପ୍ରତ୍ୟାହାର ସମ୍ପର୍କୀୟ ଦରଖାସ୍ତର ବିଚାର ।

ସେଦିନ ପଂଚାୟତ ବୈଠକରେ ମୁଁ ଯୋଗଦେବାକୁ ଯାଉଥିବା ରାସ୍ତାରେ ଗଙ୍ଗାଧର ବାବୁଙ୍କ ସହ ମୋର ଭେଟ ହେଲା । ମୁଁ ପଚାରିଲି—ଆପଣ ଇସ୍ତଫା ଦେଲେ କାହିଁକି ? ପୁଣି ପ୍ରତ୍ୟାହାର କରୁଛନ୍ତି କାହିଁକି ?

ଗଙ୍ଗାଧର ବାବୁ ବଡ଼ ଦୁଃଖର ସହିତ କହିଲେ, କେତେକ ସଭ୍ୟ ସେମାନଙ୍କର ଇଚ୍ଛାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଅଯଥା ଚାପ ଦେଉଥିବାରୁ ଇସ୍ତଫା ଦେବାକୁ ବାଧ୍ୟ ହେଲି ।

ମୁଁ କହିଲି, ଏତେଦିନ ହେଲା ସେହିମାନଙ୍କର ଇଚ୍ଛାକୁ ତ କାର୍ଯ୍ୟକାରୀ କରୁଥିଲେ । ସେହିପରି ଚଳିଯାଇ ଥାନ୍ତେ । ଇସ୍ତଫା ଦେବାର ନଥିଲା । ଯଦି ଦେଲେ ପୁଣି ପ୍ରତ୍ୟାହାର କରିବେ କାହିଁକି ?

Digitized by srujanika@gmail.com

ସେମାନେ ବାଧ୍ୟ କରୁଛନ୍ତି । କଣ କରିବ ? ଗଙ୍ଗାଧରବାବୁ କହିଲେ ।

ଗ୍ରାମପଂଚାୟତ ବୈଠକରେ ଯୋଗଦେଇ ଦେଖିଲି, ସରପଂଚ, ନାଏବ ସରପଂଚଙ୍କ ଭିନ୍ନ ଅନ୍ୟ ସମସ୍ତ ସଭ୍ୟ ଉପସ୍ଥିତ ଅଛନ୍ତି । ଏକ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କଲା ପରେ ମଧ୍ୟ ସେ ଦୁହିଁଙ୍କ ମଧ୍ୟରୁ କେହି ଜଣେ ହେଲେ ଉପସ୍ଥିତ ହେଲେ ନାହିଁ । କଣ କରାଯିବ ସେ ବିଷୟରେ ବିଚାର ଚାଲିଲା । ମୁଁ କହିଲି, ସରପଞ୍ଚ, ନାଏବ ସରପଂଚ ଉପସ୍ଥିତ ନଥିଲେ, କମିଟିର ସଭ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି ନର୍ବାଚିତ କରି ବୈଠକ ଚଳିବା ନିୟମ ସିଦ୍ଧ ।

ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ କେତେଜଣ ଗଙ୍ଗାଧର ବାବୁଙ୍କ ସହ ପରାମର୍ଶ କରିବା ପରେ, ହରିବାବୁ ସଭାପତି ହୁଅନ୍ତୁ ବୋଲି ରଘୁନାଥ ମହାନ୍ତି ପ୍ରସ୍ତାବ କଲେ ।

ମୁଁ କିନ୍ତୁ ବୁଝି ପାରିଥିଲି ଆଜିର ଏହି ଜରୁରୀ ବୈଠକ ଏକ ଅନାବଶ୍ୟକ ଅବୈଧାନିକ ବୈଠକ । ଏହି ଅପ୍ରୀତିକର ପରିସ୍ଥିତିରୁ ନିଜକୁ ରକ୍ଷା କରିବା ପାଇଁ ମୁଁ ସଭାପତି ହୋଇ ସଭାକାର୍ଯ୍ୟ ଚଳାଇବା ନିମନ୍ତେ ଅସ୍ୱୀକୃତ ହେଲି । ସେମାନେ କିନ୍ତୁ ମୋତେ ବାଧ୍ୟ କଲେ । ମୁଁ ପ୍ରତ୍ୟେକ ସଭ୍ୟଙ୍କୁ ଜଣ ଜଣ କରି ବୁଝାଇଲି ଯେ, ଆଜିର ଏହି ବୈଠକରେ ସଭାପତିତ୍ୱ କରିବା ପାଇଁ ଏଠାରେ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କର ସମାନ ଅଧିକାର ରହିଛି । ରଘୁନାଥ ମହାନ୍ତିଙ୍କ ନାମ ସଭାପତି ପଦପାଇଁ ମୁଁ ପ୍ରସ୍ତାବ କଲି । ସଭାପତି ପଦ ପାଇଁ ଦୁଇଟି ନାମ ଉଠିବାରୁ ଭୋଟ ନିଆଗଲା । ପ୍ରାୟ ସମସ୍ତ ଭୋଟ ମୋ ସପକ୍ଷରେ ମିଳିବାରୁ ମୋର ସଭାପତିତ୍ୱ କାଏମ ରହିଲା ।

Digitized by srujanika@gmail.com

ମୁଁ ସର୍ବସମ୍ମତକ୍ରମେ ସଭାପତି ହେଲି ବୋଲି ସଭା ବହିରେ ଲେଖିଦେଇ ସେକ୍ରେଟାରୀ ମୋ ହାତକୁ ନୋଟିସ ବହିଟି ବଢ଼ାଇ ଦେଲେ ।

ମୁଁ ସଭାପତି ଆସନ ଗ୍ରହଣ କରି କହିଲି, ମୁଁ ଆପଣମାନଙ୍କୁ ଜଣ ଜଣ କରି ଅନୁରୋଧ କଲି; ମାତ୍ର ମୋ ଇଚ୍ଛା ବିରୁଦ୍ଧରେ ମୋତେ ସଭାପତି ନିର୍ବାଚିତ କରି ଭଲ କଲେ ନାହିଁ । କାରଣ ଯେଉଁ ବିଷୟ ନେଇ ଜରୁରୀ ବୈଠକ ଡକା ଯାଇଛି, ତାହା ମୂଳରୁ ହିଁ ସୂଚାଉଛି ଯେ ଏହା ଏକ ଅବୈଧାନିକ ଅନାବଶ୍ୟକ ବୈଠକ ।

ନାଏବ ସରପଞ୍ଚ ଜରୁରୀ ନୋଟିସ ଦେଇ ବୈଠକ ଡକାଇଛନ୍ତି, ମାତ୍ର କୌଣସି କାରଣ ନ ଦର୍ଶାଇ ନିଜେ ଅନୁପସ୍ଥିତ ରହିଛନ୍ତି । ସରପଞ୍ଚ ମଧ୍ୟ ଅନୁପସ୍ଥିତ । ସରପଞ୍ଚ, ନାଏବ ସରପଞ୍ଚ ଉଭୟଙ୍କର ଅନୁପସ୍ଥିତି ହିଁ ସୂଚାଇ ଦେଉଛି ଯେ, ଏହି ବୈଠକ ଆଦୌ ଜରୁରୀ ନୁହେଁ ।

ଦ୍ୱିତୀୟତଃ ଜଣେ ସଭ୍ୟଙ୍କର ଇସ୍ତଫାପତ୍ର ପଞ୍ଚାୟତ ବୈଠକରେ ଯଥାରୀତି ଗୃହୀତ ହୋଇ ପଞ୍ଚାୟତଙ୍କର ଉକ୍ତ ନିଷ୍ପତ୍ତିକୁ ସ୍ୱୀକୃତି ଦେବା ନିମନ୍ତେ ଏସ୍. ଡି. ଓ.ଙ୍କୁ ଲେଖିଦେବା ପରେ ସେ ସମ୍ପର୍କରେ ଶେଷ ନିଷ୍ପତ୍ତି ଗ୍ରହଣ କରିବାର ଅଧିକାର କେବଳ ଏସ୍. ଡି. ଓ.ଙ୍କର ରହିଛି । ସେ ସମ୍ପର୍କରେ ପଞ୍ଚାୟତ ବୈଠକ ଡାକି ପୁନଃ ନିଷ୍ପତ୍ତି ଗ୍ରହଣ କରିବାର ଅଧିକାର ଆଉ ପଞ୍ଚାୟତର ନାହିଁ ।

ଆଉ ମଧ୍ୟ ଜଣେ ସଭ୍ୟ ଇସ୍ତଫା ପ୍ରଦାନ କରିବା ଏବଂ ତାହା ପଞ୍ଚାୟତରେ ଗୃହୀତ ହେବା ପରେ ସେ ସମ୍ପର୍କରେ ତାଙ୍କର

Digitized by srujanika@gmail.com

ଆଜ କୌଣସି ଆପତ୍ତି ଦର୍ଶାଇବା ଏବଂ ପଞ୍ଚାୟତ ବୈଠକରେ ଯୋଗ ଦେବାର ଅଧିକାର ଆସୁଛି କେଉଁଠି ?

ଉପରୋକ୍ତ କାରଣମାନଙ୍କ ଦୃଷ୍ଟିରୁ ମୁଁ ମୋର ସଭାପତି ମନ୍ତବ୍ୟ ଦେଉଛି ଯେ, ଆଜିର ଏହି ଜରୁରୀ ବୈଠକ ଅନୁଷ୍ଠିତ ହୋଇପାରିବ ନାହିଁ ।

ମୁଁ ମୋର ମତାମତ ଡାକ ଦେଲି । ସେକ୍ରେଟାରୀ ସେହି ବହିରେ ଲିପିବଦ୍ଧ କଲେ ।

ଏହାପରେ ସଭ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇ ସ୍ଥିର ହେଲା ଯେ, ସେମାନେ ତାଙ୍କର ମତାମତ ପ୍ରସ୍ତାବ ବହିରେ ଲିପିବଦ୍ଧ କରିବେ । ମୁଁ ସ୍ୱାକ୍ଷର କରି ବହିଟି ତାଙ୍କ ହାତକୁ ବଢ଼ାଇଦେଲି ।

ଗଙ୍ଗାଧର ବାବୁ ପ୍ରସ୍ତାବ ଡାକଦେଲେ । ସେକ୍ରେଟାରୀ ଲେଖିଲେ । ପରିଶେଷରେ ସମସ୍ତ ସଭ୍ୟ ତାଙ୍କର ସ୍ୱାକ୍ଷର ଦେଇ ଚାଲିଗଲେ ।

ମୁଁ ମୋ ପ୍ରସ୍ତାବର ନକଲ ଏବଂ ସେମାନେ ଯେପରି ଭାବରେ ପ୍ରସ୍ତାବ ଗ୍ରହଣ କରିଥିଲେ ତାହାର ସୂଚନା ସହିତ ସେମାନଙ୍କ ଲିଖିତ ପ୍ରସ୍ତାବର ନକଲ ମଧ୍ୟ ସଙ୍ଗେ ସଙ୍ଗେ ଏସ୍. ଡି. ଓ.ଙ୍କ ପାଖକୁ ପଠାଇଦେଲି ।

ପରେ ଗଙ୍ଗାଧର ବାବୁ ପୁଣି ଯାଇ ବହୁ ଚେଷ୍ଟା କଲେ; ମାତ୍ର ଫଳ କିଛି ହେଲା ନାହିଁ । ମୋର ପ୍ରସ୍ତାବ ହିଁ କାଏମ ରହିଲା । ଗଙ୍ଗାଧର ବାବୁଙ୍କର ଇସ୍ତଫା ଗୃହୀତ ହୋଇଗଲା ଏବଂ ସେ ପଞ୍ଚାୟତ ସଭ୍ୟ ପଦରୁ କଟିଗଲେ ।

ଥରେ ରବିବାରେ ରାତି ଭୋଜନ ପରେ ମୁଁ ଶୋଇଛି । ରାତି ଦଶଟା ସମୟରେ ଦାଣ୍ଡମୁକୁନ୍ଦପୁରର ଚାରି ପାଞ୍ଚ ଜଣ ଲୋକ

Digitized by srujanika@gmail.com

ଆସି ମୋ ଘରର ଝରକା ପାଖରେ ମୋତେ ଡାକ ପକାଇଲେ । ମୋର ନିଦ ଭାଙ୍ଗିଗଲା । ମୁଁ ବାହାରକୁ ନ ଆସି ନିଦ ମଳମଳ ଆଖିରେ ମେଣ୍ଟା ବନ୍ଧଣାରେ ଥାଇ ସେମାନଙ୍କ ଆସିବାର କାରଣ ପଚାରିଲି । ସେମାନେ ମୋ ପ୍ରଶ୍ନର ଉତ୍ତର ନ ଦେଇ କେବଳ ହସିବାକୁ ଲାଗିଲେ । ମୁଁ ଚରକ୍ତ ପ୍ରକାଶ କରିବାରୁ ଜଣେ କଏ କହିଲେ, ଆପଣ ଶୁଅନ୍ତୁ । କାଲି ସବୁ ଜାଣିପାରିବେ ।

ପରଦିନ ସକାଳେ ତାଣ୍ଡମୁକୁନ୍ଦପୁରର ରମାନାଥ ମହାନ୍ତି ଆସି କହିଲେ, ଆଜ୍ଞା ! କାଲି ସଞ୍ଜରେ ଆମ ଗାଁର ଜଣେ ଲୋକ ପିପିଲି ବଜାରରୁ କୁଆଡ଼େ ଶୁଣିଗଲା, ଆପଣ ଆଉ ଇହ-ଜଗତରେ ନାହାଁନ୍ତି । ଆମେ ଖାଇବାକୁ ଯାଉଛୁଁ ଆମ ସାହିରେ ସେ ଖବର ପହଞ୍ଚିଲା । ଆଉ ଖାଇବା ନା ପିଇବା । ଆମ ସାହି ଲୋକମାନେ ସମସ୍ତେ ଦାଣ୍ଡକୁ ବାହାରି ପଡ଼ିଲେ । କିଏ କହିଲା, ମୁଁ ହରିବାବୁଙ୍କୁ ଆଜ ସକାଳେ ଦେଖିଛି । କିଏ କହିଲା ମୁଁ ଘୁଷଟା ବେଳେ ଦେଖିଛି । କଥାଟା ସହଜରେ ବିଶ୍ୱାସ ହେଲା ନାହିଁ । ସତ୍ୟ ଘଟଣା କଣ ଜାଣିବା ପାଇଁ ଆମେ ପାଞ୍ଚ ଜଣ ରାତି ଦଶଟା ବେଳେ ଦୌଡ଼ି ଆସିଥିଲୁଁ । ଆପଣ ଶୋଇ ଥିବାର ଦେଖି ଆମେ ଯେ କି ଆନନ୍ଦ ଅନୁଭବ କରିଥିଲୁଁ ଆପଣ ତାହା ବୁଝିପାରିବେ ନାହିଁ । ଆପଣଙ୍କ ଘରକୁ ଆସିଲାବେଳେ ଆମେ ଯେମିତି ଦୁଃଖରେ କାନ୍ଦ କାନ୍ଦ ଆସିଥିଲୁଁ, ଫେରିଲା ବେଳକୁ ସେମିତି ଆନନ୍ଦରେ ହସି ହସି ଯାଇଥିଲୁଁ । ଆମେ ଫେରିଲା ବେଳକୁ ଆମ ସାହିର ପୁରୁଷ ସ୍ତ୍ରୀ ସମସ୍ତେ ଦାଣ୍ଡ ଦୁଆରେ ଲଣ୍ଠନ ଜାଳି ବସି ଆମକୁ ଅପେକ୍ଷା କରିଥିଲେ । ଆମଠାରୁ ଶୁଭ ସମ୍ବାଦ ଶୁଣିବା ପରେ ଯେ ଯୁଆଡ଼େ ଖିଆପିଆ କରିବାକୁ ଯାଇଥିଲେ । ମୁଁ ହସି ହସି କହିଥିଲି ଏଥିରେ ମୋ'ର କୋଡ଼ିଏ ବର୍ଷ ଆୟୁଷ ବଢ଼ିଗଲା ।

Digitized by srujanika@gmail.com

ମୋର ମୃତ୍ୟୁ ଗୁଜବ ପିପିଲିରେ କୌଣସି ପ୍ରଭାବ ପକାଇ ପାରିନ୍ଥ ନାହିଁ । କାରଣ ପିପିଲି ଲୋକମାନେ ମୋତେ ସଜୀବ ସକ୍ରିୟ ଭାବରେ ସବୁବେଳେ ଦେଖିବାକୁ ପାଉଥିଲେ । ଦୂରବର୍ତ୍ତୀ ଗ୍ରାମମାନଙ୍କରୁ କେତେକ ଲୋକ ପ୍ରାୟ ମାସେ ପର୍ଯ୍ୟନ୍ତ ମୋ ପାଖକୁ ଆସିବାକୁ ଲାଗିଲେ । ସେମାନେ ମୋର ମୃତ୍ୟୁ ଗୁଜବରେ କପରି ବ୍ୟଥିତ ହୋଇଥିଲେ ସେ ସବୁର ବର୍ଣ୍ଣନା କରି ମୋର ଦୀର୍ଘ ଜୀବନ କାମନା କରି ଫେରୁଥିଲେ ।

ପିପିଲି ହାଇସ୍କୁଲ ସ୍ଥାପନର ପାଞ୍ଚ ଆଠବର୍ଷ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୁଁ ଯେତେବେଳେ ସରପଞ୍ଚ ନିର୍ବାଚିତ ହେଲି ସ୍ଥାନୀୟ ଲୋକ ପ୍ରତିନିଧି ଭାବରେ, ହାଇସ୍କୁଲ କର୍ତ୍ତୃପକ୍ଷ ପରିଚାଳନା କମିଟିର ଜଣେ ସଭ୍ୟ ଭାବରେ ମୋତେ ଗ୍ରହଣ କରିନେଲେ ।

ମୁଁ ଏକ ସାଧାରଣ ସଭା ଡକାଇ ପିପିଲି ହାଇସ୍କୁଲର ନାମ 'ଜବାହର ବିଦ୍ୟାପୀଠ' ନାମକରଣ କରିବା ନିମନ୍ତେ ଏକ ପ୍ରସ୍ତାବ ଆଗତ କଲି । ମୋର ସେହି ପ୍ରସ୍ତାବ ସର୍ବସମ୍ମତି ଭାବରେ ଗୃହୀତ ହେଲା । ଉକ୍ତ ପ୍ରସ୍ତାବର ନକଲ ହାଇସ୍କୁଲ ପରିଚାଳନା କମିଟିକୁ ପଠାଇ ଯଥାଶୀଘ୍ର ସ୍କୁଲର ନାମ ପରିବର୍ତ୍ତନ କରିବା ନିମନ୍ତେ ଅନୁରୋଧ ଜଣାଇଲି । ସ୍କୁଲ ପରିଚାଳନା କମିଟି ଯଥା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପିପିଲି ହାଇସ୍କୁଲର ନାମ 'ଜବାହର ବିଦ୍ୟାପୀଠ' ରଖିଲେ ।

ପରିଚାଳନା କମିଟି ଗୋଟିଏ ନୂତନ ସାଇନବୋର୍ଡ ତିଆରି କରାଇବାର ଭାର ମୋ ଉପରେ ନ୍ୟସ୍ତ କଲେ । ଜବାହାର-ଲାଲଜୀଙ୍କର ପ୍ରତିକୃତି ଥାଇ ଏକ ସୁଦୃଶ୍ୟ ସାଇନବୋର୍ଡ କଟକରୁ ପ୍ରସ୍ତୁତ କରାଇ ଆଣି ସ୍କୁଲ ଫାଟକରେ ଲଗାଇ ଦେଲି ।

Digitized by srujanika@gmail.com

ତନେ ସ୍କୁଲର ପ୍ରଧାନ ଶିକ୍ଷକ ସ୍କୁଲର ପିଅନ ସଙ୍ଗରେ ମୋ ଘରଠାକୁ ଆସି ସ୍କୁଲ ପରିଚାଳନା କମିଟିର ନୋଟିସ ବହି ଓ ପ୍ରସ୍ତାବ ବହି ଦୁଇଟି ମୋ ହାତକୁ ବଢ଼ାଇଦେଲେ । ନୋଟିସ ବହିରେ ତିନ ଦିନ ତଳର ପିଛିଲା ତାରିଖ ପକାଯାଇ ଏକ ଜରୁରୀ ନୋଟିସ ଦିଆଯାଇଥିଲା । ପ୍ରସ୍ତାବ ବହିରେ ସେହି ଦିନର ତାରିଖ ପକାଯାଇ ଗୋଟିଏ ପ୍ରସ୍ତାବ ଗୃହୀତ ହୋଇଥିଲା । ନୋଟିସ ବହି ଓ ପ୍ରସ୍ତାବ ବହିରେ ସଭାପତି ଗଙ୍ଗାଧର ମିଶ୍ରଙ୍କ ସମେତ କେତେଜଣ ସଭ୍ୟ ଦସ୍ତଖତ କରିଥିଲେ । ନୋଟିସଟି ସେକ୍ରେଟାରୀଙ୍କ ନାମରେ ଦିଆଯାଇଥିଲେ ମଧ୍ୟ ଦସ୍ତଖତ ଜାଲ ଥିଲା । ସେକ୍ରେଟାରୀ କାଶୀନାଥ ସାହୁ ଗତ କେତେଦିନ ହେଲା ଖୋର୍ଦ୍ଧାରେ ରହୁଥିଲେ ।

ମୁଁ ଜବାହର ବିଦ୍ୟାପୀଠକୁ ସଭ୍ୟ ହୋଇ ଯିବା ପରେ କେତେକ ସ୍ଥାନୀୟ ବ୍ୟକ୍ତି ମୋ ନିକଟରେ ଅଭିଯୋଗ କଲେ ଯେ, ସ୍କୁଲର ସେକ୍ରେଟାରୀ ସ୍କୁଲ ପାଣ୍ଠିରୁ ଟଙ୍କା ନେଇ ଖୋର୍ଦ୍ଧାରେ ଥିବା ତାଙ୍କର ସିନେମା ହାଉସ ଚଳାଇଛନ୍ତି । ସ୍କୁଲ ପରିଚାଳନା କମିଟିର ସଭ୍ୟମାନେ ଜୁଆ ଖେଳରୁ ଟଙ୍କା ଆଦାୟ କରି ଆତ୍ମସାତ୍ କରୁଛନ୍ତି । ଇତ୍ୟାଦି ଅନେକ କଥା ।

ଥରେ ତ ମାଇନର ସ୍କୁଲରୁ ଆତ୍ମସାତ୍ କରିଥିବା ଟଙ୍କା ତାଙ୍କର ଦେୟ ବୋଲି କହିଥିବାରୁ ଦୁଇଜଣ ବନ୍ଧୁ ଶତ୍ରୁତା କରି ଚାଲିଛନ୍ତି । ଆଜି ପୁଣି ସେ ପ୍ରକାର ଅପ୍ରୀତିକର କଥାରେ ନିଜକୁ ସାମିଲ ନ କରିବା ଉଦ୍ଦେଶ୍ୟରେ କହିଥିଲି, ଏଥିରେ ବ୍ୟସ୍ତ ହେବାର କିଛି ନାହିଁ । ଅଳ୍ପଦିନ ପରେ ସ୍କୁଲର ସ୍ୱଭାବ ଅଡ଼ିଟ ହେବ । ସେତେବେଳେ ସବୁକଥା ଧରିପଡ଼ିବ ।

ବର୍ତ୍ତମାନ ସଭାପତି ପରିଚାଳନା କମିଟି ନ ଡକାଇ ତାଙ୍କର ଇଚ୍ଛାମତ ପ୍ରସ୍ତାବ ଗ୍ରହଣ କରାଇ ନେବାର ଯେଉଁ ଉଦ୍ୟମ

Digitized by srujanika@gmail.com

କରିଛନ୍ତି ତାହା ତାଙ୍କର ମେଷାବସ୍ଥ ନୀତିର ଅନ୍ୟ ଏକ ସୁସ୍ପଷ୍ଟ ନମୂନା ଦେଖିପାରିଲି ।

ମୁଁ ପ୍ରଧାନ ଶିକ୍ଷକଙ୍କୁ କହିଲି, ଏପରି ଭାବରେ ପ୍ରସ୍ତାବ ଗ୍ରହଣ କରାଯିବା ଅବୈଧାନିକ ଏବଂ ଅନ୍ୟାୟ । କମିଟିର ବୈଠକ ଡକାଇ ପ୍ରସ୍ତାବ ଗ୍ରହଣ କରିବା ଉଚିତ । ମୁଁ ଏଥିରେ ଦସ୍ତଖତ କରିବି ନାହିଁ ।

ପ୍ରଧାନ ଶିକ୍ଷକ ଫେରିଗଲେ ।

ଏହି ଘଟଣା ପରେ ସ୍କୁଲ ପରିଚାଳନା କମିଟିରେ ସଭ୍ୟ ଭାବରେ ମୁଁ ପରିଚାଳନା କମିଟି ବୈଠକର ଆଉ କୌଣସି ନୋଟିସ ପାଇଲି ନାହିଁ । ପରେ ଶୁଣିବାକୁ ପାଇଲି ଯେ, ମୋ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇ ପରିଚାଳନା କମିଟିର ସଭ୍ୟ ପଦରୁ ମୋର ନାମ କାଟି ଦିଆଯାଇଛି ।

ମୁଁ ବୁଝିପାରିଲି, ଛଅ ବର୍ଷ ପୂର୍ବେ ମୋର ପ୍ରସ୍ତାବ ଅନୁସାରେ ଗଙ୍ଗାଧର ମିଶ୍ର ଗ୍ରାମପଞ୍ଚାୟତ ସଭ୍ୟ ପଦରୁ କଟି ଯାଇଥିଲେ । ଆଜି ତାଙ୍କର ଅନାସ୍ଥା ପ୍ରସ୍ତାବ ବଳରେ ସ୍କୁଲ କମିଟିରୁ ମୋତେ ବାଦ ଦେଇ ଯଥାର୍ଥ ପ୍ରତିଶୋଧ ନେଇ ପାରିଛନ୍ତି ।

ମାତ୍ର ଏତିକରେ ତାଙ୍କର ମନ ଅରମାନ ମେଣ୍ଟିଲା ନାହିଁ । ଜବାହର ବିଦ୍ୟାପୀଠରେ ପଢୁଥିବା ମୋର ସାନ ପୁଅ ପ୍ରତି ସ୍କୁଲର ଦୁର୍ବ୍ୟବହାର । ମୁଁ ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଭାବରେ ସେ କଥା ଜଣାଇଲି । ପ୍ରଧାନ ଶିକ୍ଷକ ଏକ ଲିଖିତ ନୋଟିସ ପଠାଇ ଉକ୍ତ ଅଭିଯୋଗର ବିଚାର ନିମନ୍ତେ ମୋତେ ସ୍କୁଲକୁ ଡକାଇଲେ । ମାତ୍ର ମୁଁ ସ୍କୁଲରେ ପହଞ୍ଚିଲା ପରେ ମୋ ସହିତ କୌଣସି କଥାବାର୍ତ୍ତା ନ କରି ଗଙ୍ଗାଧର ମିଶ୍ରଙ୍କ ସମେତ ପରିଚାଳନା

Digitized by srujanika@gmail.com

କମିଟିର କେତେଜଣ ମୁଖ୍ୟ ସଭ୍ୟ ଆଉ ପ୍ରଧାନ ଶିକ୍ଷକ ଏକ ଗୋଲଟେବୁଲ ବୈଠକରେ ବସି କଣ ସବୁ ଗୋପନ ପରାମର୍ଶ କଲେ । ତାହାହିଁ ହେଲା ମୋ ଅଭିଯୋଗର ଉତ୍ତର । ସଙ୍ଗେ ସଙ୍ଗେ ଉତ୍ତରର ଗସ୍ତ ନକଲ ଖଣ୍ଡେ ମୋ ହାତକୁ ବଢ଼ାଇ ଦିଆଗଲା । ସେଥିରେ ଲେଖାଥିଲା—ହର ଚରଣ ଗିରିଙ୍କର ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଅଭିସନ୍ଧିମୂଳକ ଏବଂ ବିଶେଷ ଆପତ୍ତିଜନକ । ଏ ପ୍ରକାର ସ୍କୁଲର ସମ୍ମାନ ହାନିକର କାଳ୍ପନିକ ଅଭିଯୋଗ ଆଉ ଯେପରି ଭବିଷ୍ୟତରେ ନ ଘଟେ ସେଥିପାଇଁ ଏତଦ୍ୱାରା ତାଙ୍କୁ ସାବଧାନ କରାଇ ଦିଆଗଲା ।

ମୁଁ ମୋର ପୁଅକୁ ଜବାହର ବିଦ୍ୟାପୀଠରୁ ଉଠାଇ ଆଣି ବାଣ୍ଡମୁକୁନ୍ଦପୁରସ୍ଥ ଗୋପବନ୍ଧୁ ସ୍ମୃତି ବିଦ୍ୟାପୀଠରେ ପଢ଼ାଇବାକୁ ବାଧ୍ୟ ହେଲି ।

ଏହି ଘଟଣା ପରେ ଜବାହର ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ ମୁଁ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲି । ଗଙ୍ଗାଧର ବାବୁ ମୋତେ ସେ ସଭାରେ କିଛି କହିବାକୁ ଦେଲେ ନାହିଁ । ତାହାର ପ୍ରତିବାଦରେ ମୁଁ ସଭା ଛାଡ଼ି ଚାଲି ଆସିଲି । ମୋ ସଙ୍ଗେ ସଙ୍ଗେ ବାଣ୍ଡମୁକୁନ୍ଦପୁରର ସରପଞ୍ଚ ପୀତବାସ ପଣ୍ଡା ମଧ୍ୟ ଉଠିଆସିଲେ । ସେ କହିଲେ ଯେଉଁଠାରେ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କୁ କହିବାର ସୁଯୋଗ ମିଳୁନାହିଁ, ସେଠାରେ ବସିବା ଅନୁଚିତ ।

ଏହା ମଧ୍ୟରେ ଦୁଇଟି ବର୍ଷ ଅତୀତ ହୋଇଗଲା । ମୋର ଯେଉଁ ପୁଅକୁ ମୁଁ ଜବାହର ବିଦ୍ୟାପୀଠରୁ ଉଠାଇ ନେଇଥିଲି, ସେ ପୁଅ ଆଇ. ଟି. ଆଇ.ରେ ପଢୁଥିବା ସମୟରେ ଜବାହର ବିଦ୍ୟାପୀଠର ଏକ ପୁରସ୍କାର ବିତରଣୀ ଉତ୍ସବ ଦେଖିବାକୁ

Digitized by srujanika@gmail.com

ଯାଇଥିଲା । ପ୍ରଧାନ ଶିକ୍ଷକ, ଉତ୍ସବ ପରଦିନ ମୋର ପୁଅ ଆଉ ତାର ସାଙ୍ଗ ଜବାହର ବିଦ୍ୟାପୀଠର ଜଣେ ପୁରାତନ ଛାତ୍ର ନାମରେ ଘରପୋଡ଼ ଅଭିଯୋଗରେ ଏକ ମକଦ୍ଦମା ଦାଏର କରିଦେଲେ ।

ଗୋଟାଏ ଉତ୍ସବ ଚାଲିଥିବା ସମୟରେ ଶହ ଶହ ଲୋକଙ୍କ ଉପସ୍ଥିତିରେ ସ୍କୁଲର ସେତେବଡ଼ ଘର ଚାଳରେ କିରାସିନ ଢାଳି ନିଆଁ ଲଗାଇବା ସ୍କୁଲର ଦୁଇଜଣ ପୁରାତନ ଛାତ୍ରଙ୍କ ପକ୍ଷରେ ଯେପରି ଅବାସ୍ତବ କଳ୍ପନା ସେହିପରି ହାସ୍ୟାସ୍ପଦ ମଧ୍ୟ । କାରଣ ଚାଳରେ ନିଆଁ ଲଗାଇବା କାର୍ଯ୍ୟ ଲୋକମାନଙ୍କ ମେଳା ଆଖି ଆଗରେ ଏପରି ଭାବରେ କରାଯାଇଥିଲା ଯେ, ନିଆଁଟା ଜଳି-ଉଠିବା ମାତ୍ରେ ଲୋକମାନେ ଦେଖିପାରିଥିଲେ ଏବଂ ମୁହୂର୍ତ୍ତ ମଧ୍ୟରେ ଲିଭାଇ ମଧ୍ୟ ଦେଇଥିଲେ । ଏମିତି ଯେଉଁ ସଜାଗ ସତର୍କ ଆଖିଏ ନିଆଁ ଜଳିବା ମାତ୍ରେ ଦେଖିପାରିଲେ, ସେହି ଆଖି ନିଆଁ ଲଗାଇବା ଲୋକକୁ ଦେଖି ନ ପାରିଲେ କେମିତି ? ଏତେ ଲୋକଙ୍କର ଆଖି ଆଗରୁ ଧରା ନ ପଡ଼ି ସେମାନେ ଖସିଗଲେ କେମିତି ?

ଶତ୍ରୁଭାବାପନ୍ନ ବ୍ୟକ୍ତିଙ୍କ ପକ୍ଷରେ ସବୁକିଛି ସମ୍ଭବ । ବହୁ ଅସମ୍ଭବକୁ ବି ସମ୍ଭବ ରୂପ ଦେଇ ପାରନ୍ତି ।

ସେହି ଘରପୋଡ଼ ଅଭିଯୋଗର ବିଚାର ଚାଲିଥିଲା ବେଳେ ଦିନେ ଜବାହର ବିଦ୍ୟାପୀଠର ଜଣେ ଶିକ୍ଷକ ଶଙ୍କର୍ଷଣ ରାଉତ-ରାୟ ଶତାଧିକ ଛାତ୍ରଙ୍କ ସହ ଦୁଇ କିଲୋମିଟର ରାସ୍ତା ଅତିକ୍ରମ କରି ଆସି ମୋର ସେହି ଅଭିଯୁକ୍ତ ପୁଅକୁ ମାଡ଼ ଦେବାପାଇଁ ପିପିଲି ବଜାର ହାଟ ଛକଠାରେ ତାକୁ ଘେରାଉ କଲେ; ମାତ୍ର ପିପିଲି ବଜାରର ଲୋକମାନେ ପ୍ରବଳ ବିରୋଧ କରିବାରୁ ତାଙ୍କର

Digitized by srujanika@gmail.com

ଉଦ୍ଦେଶ୍ୟ ସାଧିତ ହୋଇପାରିଲା ନାହିଁ । ପରେ ଥାନା ଅଫିସର ହସ୍ତକ୍ଷେପ କରିବା ଦ୍ୱାରେ ଉକ୍ତ ଶିକ୍ଷକ ଛାତ୍ରଙ୍କୁ ନେଇ ସ୍କୁଲକୁ ଫେରି ଯାଇଥିଲେ ।

ଏହାପରେ ଉକ୍ତ ଅଭିଯୋଗର ବିଚାର ଦୀର୍ଘ ସମୟ ଧରି ଚାଲିଲା । ଜବାହର ବିଦ୍ୟାପୀଠର ଶିକ୍ଷକ ଆଉ ଛାତ୍ରମାନେ ସାକ୍ଷ୍ୟ ଦେଲେ । ସ୍କୁଲ ପାଣ୍ଠିରୁ ଅନେକ ଗୁଡ଼ାଏ ଅର୍ଥ ବ୍ୟୟ ହେଲା; ମାତ୍ର ମିଥ୍ୟା କେସ୍ ମିଥ୍ୟାହିଁ ହେଲା ।

ଅଭିଯୁକ୍ତ ଛାତ୍ରଦ୍ୱୟ ନିର୍ଦ୍ଦୋଷ ପ୍ରମାଣିତ ହେଲେ ।

ଦୀକ୍ଷା ଗ୍ରହଣ

ପିପିଲି ଇ. ଟି. ସ୍କୁଲର ଏକ ସାଂସ୍କୃତିକ ଉତ୍ସବରେ ପୁରୀ କଲେଜର ଅଧ୍ୟାପକ ଦୁର୍ଲ୍ଲଭ ଚନ୍ଦ୍ର ଚୌଧୁରୀ ପ୍ରଧାନ ବକ୍ତା ଭାବେ ଯୋଗ ଦେଇଥାନ୍ତି । ସେ ମହାଶୟ ତାଙ୍କର ଭାଷଣ ଶେଷରେ ଗୋଟିଏ କୀର୍ତ୍ତନ ବୋଲିଲେ । କୀର୍ତ୍ତନର ମଧୁର ସ୍ୱରର ତାଳେ ତାଳେ ଦିବ୍ୟ ଭାବରେ ଅନ୍ତର ମୋର ପରିପୂର୍ଣ୍ଣ ହୋଇଗଲା । ଉତ୍ସବ ଶେଷରେ ମୁଁ ଦୁର୍ଲ୍ଲଭ ବାବୁଙ୍କୁ ସାକ୍ଷାତ୍ କରି କୀର୍ତ୍ତନ ଗୀତଟି ଡାକଦେଲେ ମୁଁ ଲେଖି ନିଅନ୍ତି ବୋଲି ଅନୁରୋଧ ଜଣାଇଲି । ସେ ମହାଶୟ ହସି ହସି କହିଲେ, ଲେଖି ନେବାର ଦରକାର ନାହିଁ । ମୋ ପାଖରେ ଖଣ୍ଡିଏ ବହି ଅଛି, ନିଅନ୍ତୁ । ସେଥିରେ ଅନେକଗୁଡ଼ାଏ କୀର୍ତ୍ତନ ପାଇବେ । ଅଧ୍ୟାପକ ଚୌଧୁରୀ ମହାଶୟଙ୍କ ସହିତ ମୋର ସେହି ପ୍ରଥମ ସାକ୍ଷାତ । ମୁଁ ଧନ୍ୟବାଦ ପ୍ରଦାନ କରି ବହିଟି ଗ୍ରହଣ କଲି ।

ସେ ବହି ଗୋଟିଏ ଭଜନ ବହି । ସେଥିରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ଇଂରେଜୀ ଭଜନ କୀର୍ତ୍ତନର ଉତ୍କଳାନୁବାଦ ପ୍ରକାଶିତ ହୋଇଥିଲା । ସେ ବହିର ପ୍ରତ୍ୟେକଟି

Digitized by srujanika@gmail.com

ଲେଖା ଯେପରି ହୃଦୟସ୍ପର୍ଶୀ, ମର୍ମସ୍ପର୍ଶୀ ସେହିପରି ଦିବ୍ୟ ଚେତନା ସମୃଦ୍ଧ ଥିଲା ।

ସେହି ପୁସ୍ତକ ପାଠ କରିବା ପରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ଆଡ଼କୁ ମୋର ମନ ବିଶେଷ ଭାବରେ ଆକର୍ଷିତ ହେଲା । ମୁଁ ପୁଣି ଯାଇ ଅଧ୍ୟାପକ ଦୁର୍ଲ୍ଲଭ ବାବୁଙ୍କ ସହ ସାକ୍ଷାତ କରି ସ୍ୱାମୀ ଶିବାନନ୍ଦଜୀଙ୍କ ବିଷୟରେ ଅଧିକ ଜାଣିବାକୁ ଇଚ୍ଛା ପ୍ରକାଶ କଲି । ପ୍ରସଙ୍ଗ କ୍ରମେ ଜାଣିପାରିଲି ଯେ, ଅଧ୍ୟାପକ ମହାଶୟ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ଜଣେ ପ୍ରଧାନ ଶିଷ୍ୟ ଏବଂ ସ୍ୱାମୀଜୀଙ୍କ ପ୍ରତିଷ୍ଠିତ ଡିଭାଇନ ଲାଇଫ ସଂଘ ଓଡ଼ିଶା ଶାଖାର ସମ୍ପାଦକ । ତାଙ୍କର ସମ୍ପାଦନାରେ 'ଦିବ୍ୟଜୀବନ' ନାମକ ଏକ ମାସିକ ପତ୍ରିକା ପ୍ରକାଶ ପାଉଥାଏ । ସେ ମହାଶୟ ସ୍ୱାମୀଜୀଙ୍କର ଲେଖାପ୍ରତି ମୋର ବିଶେଷ ଆଗ୍ରହ ଦେଖି ଖୁବ୍ ଖୁସି ହେଲେ ଏବଂ ଖଣ୍ଡିଏ ଦିବ୍ୟ ଜୀବନ ପତ୍ରିକା ମୋତେ ଦେଲେ । ମୁଁ ଦିବ୍ୟଜୀବନ ପତ୍ରିକାର ଜଣେ ନିୟମିତ ଗ୍ରାହକ ହେଲି ।

ଜନମାନସରେ ଦିବ୍ୟ ଚେତନା ଜାଗ୍ରତ କରାଇବାରେ ଦିବ୍ୟଜୀବନ ପତ୍ରିକା ଥିଲା ଏକାନ୍ତ ଉପାଦେୟ ତଥା ଅଦ୍ୱିତୀୟ । ପତ୍ରିକାଟି ଯଥାର୍ଥରେ ତାର ଦିବ୍ୟଜୀବନ ନାମକରଣକୁ ସାର୍ଥକ କରି ପାରିଥିଲା । ମୁଁ ଅତି ଅଳ୍ପଦିନ ମଧ୍ୟରେ ସେହି ପତ୍ରିକାର ଶତାଧିକ ଗ୍ରାହକ କରି ପାରିଥିଲି ।

ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ଲେଖା ମୁଁ ଯେତିକି ଯେତିକି ପାଠ କଲି, ଅନିର୍ବଚନୀୟ ଆନନ୍ଦ ଉପଭୋଗ କରି ଆତ୍ମହରା ହୋଇପଡ଼ିଲି ।

Digitized by srujanika@gmail.com

ପୂର୍ବରୁ କେତେ ମହାପୁରୁଷ ମନୀଷୀଙ୍କର ଆଧ୍ୟାତ୍ମ ଉପଦେଶାବଳୀ ପାଠ କରିବାର ସୁଯୋଗ ଲାଭ କରିଥିଲି; ମାତ୍ର ସେସବୁ ମୋ ପକ୍ଷରେ ଜଟିଳବୋଧ ହେଉଥିଲା । ବର୍ତ୍ତମାନ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କର ସରଳ ଏବଂ ପ୍ରାଞ୍ଜଳ ଲେଖା ଅଧ୍ୟୟନରେ ମୋର ମନପ୍ରାଣ ଏକ ଅପୂର୍ବ ଦିବ୍ୟ ଆକର୍ଷଣରେ ସ୍ୱାମୀଜୀଙ୍କ ଆଡ଼କୁ ଧାବିତ ହେଲା । ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାର ଦୁର୍ବାର ଲାଳସା ଜାଗି ଉଠିଲା । ମାତ୍ର ସ୍ୱାମୀଜୀଙ୍କର ସେତେବେଳକୁ ମହା-ପ୍ରୟାଣ ହୋଇ ଯାଇଥିଲା । ତଥାପି ମନ ମଧ୍ୟରେ ସେହି ଗୋଟିଏ ମାତ୍ର ଭାବନା ଅହରହ ଜାଗରିତ ହେବାକୁ ଲାଗିଲା । ଦିନେ ସ୍ୱାମୀଜୀଙ୍କର ଫଟୋଚିତ୍ର ସାମନାରେ ଠିଆ ହୋଇ ତାଙ୍କର ତେଜୋଦୀପ୍ତ କମନୀୟ କାନ୍ତିକୁ ନିରୀକ୍ଷଣ କରୁଛି ହଠାତ୍ ମୋର ମନେ ହେଲା ସ୍ୱାମୀଜୀ ସତେ ଯେମିତି ମୋ ଆଗରେ ସଶରୀରେ ଦଣ୍ଡାୟମାନ ହୋଇଛନ୍ତି । ମୋର ସମଗ୍ର ଶରୀର ଏକ ଅନିର୍ବଚନୀୟ ପୁଲକରେ ରୋମାଞ୍ଚିତ ହୋଇଉଠିଲା । ମୁଁ ମନ୍ତ୍ର ମୁଗ୍ଧବତ୍ ସ୍ୱାମୀ ଶିବାନନ୍ଦଜୀ ମହାରାଜଙ୍କର ସେହି ଦୁର୍ଲ୍ଲଭ ରୂପକୁ ଲକ୍ଷ୍ୟ କରିଲି । ପରିଷ୍କାର ଭାବରେ ଦେଖିପାରିଲି, ସ୍ୱାମୀଜୀଙ୍କର ଓଠ ଥରି ଉଠିଲା । ସେ ଗୁରୁଗମ୍ଭୀର ସ୍ୱରରେ ମୋତେ ଉପଦେଶ ବାଣୀ ଶୁଣାଇବାକୁ ଲାଗିଲେ ଏବଂ ଦୀକ୍ଷା ପ୍ରଦାନ କଲେ ।

ମୁଁ ସେହି ମୁହୂର୍ତ୍ତରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ଶିଷ୍ୟତ୍ୱ ଗ୍ରହଣ କରି ତାଙ୍କର ପାଦତଳେ ଲୋଟି ପଡ଼ିଲି ।

ମୋର ପରମ ପୂଜ୍ୟ ଗୁରୁଦେବ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ଲିଖନୀବଳୀର ପ୍ରଚୁର ଢଙ୍ଗରେ ମୋର ମନ ଆକୃଷ୍ଟ ହେଲା । ସ୍ୱାମୀଜୀ ଉନ୍ନୟନ କାମରେ ଲିପ୍ତ ରହି ୧୯୩୭ ମସିହା

Digitized by srujanika@gmail.com

ପରଠାରୁ ୧୯୬୭ ମସିହା ଯାଏ ମୋର ଲେଖାଲେଖି ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ପାଞ୍ଚ ବର୍ଷର ସୁପ୍ତ ବାସନା ଜାଗ୍ରତ ହୋଇଉଠିଲା । ପରମାରାଧ୍ୟ ଗୁରୁଦେବ ସ୍ୱାମୀ ଶିବାନନ୍ଦଜୀଙ୍କର ଲେଖା ସହିତ ସ୍ୱାମୀ ସତ୍ୟାନନ୍ଦ ପରମହଂସ ଓ ଯୋଗପ୍ରକାଶ ବ୍ରହ୍ମଚାରୀଙ୍କର ଲେଖାରୁ କେତେକ ସଂଗ୍ରହ କରି ଯୋଗାସନ ଓ ସ୍ୱାସ୍ଥ୍ୟ ନାମକ ଏକ ପୁସ୍ତକ ୧୯୬୯ ମସିହାରେ ପ୍ରକାଶ କଲି । ସେହି ବର୍ଷ ଏକାଙ୍କିକା ସମାହାର ନାମକ ମୋର ଅନ୍ୟ ଏକ ପୁସ୍ତକ ପ୍ରକାଶ ପାଇଲା ।

ମୋର ଗୁରୁ ଭ୍ରାତା ଅଧ୍ୟାପକ ଦୁର୍ଲ୍ଲଭ ଚନ୍ଦ୍ର ଚୌଧୁରୀ ଗୁରୁଦେବଜୀଙ୍କର ଅମରବାଣୀ ପ୍ରଚୁର ହାରରେ ମୋର ଅତ୍ୟନ୍ତ ଆଗ୍ରହ ଦେଖି ତାଙ୍କ ଲିଖିତ ଡିଭାଇନ ଲାଇଫ୍ ଫର୍ ଚିଲ୍ଡ୍ରେନ୍ (Divine Life for Children) ନାମକ ପୁସ୍ତକର ଅନୁବାଦ କରିବାର ପରାମର୍ଶ ଦେଲେ । ତାଙ୍କର ପରାମର୍ଶାନୁସାରେ ଉକ୍ତ ପୁସ୍ତକର ଅନୁବାଦ 'ପିଲାଙ୍କ ଦିବ୍ୟଜୀବନ' କରିଛି ଲେଖିଲି ଏବଂ ତାହା ସେହି ଦୁର୍ଲ୍ଲଭ ବାବୁଙ୍କ ପ୍ରଚେଷ୍ଟାରେ ଦିବ୍ୟ ଜୀବନ ସଂଘ ଓଡ଼ିଶା ଶାଖା ଦ୍ୱାରା ୧୯୭୨ ମସିହାରେ ପ୍ରକାଶିତ ହୋଇଛି । ଅଳ୍ପଦିନ ମଧ୍ୟରେ ତାହାର ଦ୍ୱିତୀୟ ସଂସ୍କରଣ ମଧ୍ୟ ହୋଇ ଯାଇଛି ।

ଗୁରୁଦେବଙ୍କର ଅନ୍ୟ ଏକ ପୁସ୍ତକ, 'ପ୍ରାକ୍ଟିସ୍ ଅଫ କର୍ମଯୋଗ' (Practice of Karmajoga) ର 'କର୍ମଯୋଗର ଅଭ୍ୟାସ' ନାମରେ ଅନୁବାଦ କରି ଦିବ୍ୟଜୀବନ ସଂଘ ଓଡ଼ିଶା ଶାଖା ହସ୍ତରେ ଅର୍ପଣ କରିଅଛି; ମାତ୍ର ଅର୍ଥାଭାବରୁ ତାହା ଏ ପର୍ଯ୍ୟନ୍ତ ପ୍ରକାଶ ପାଇପାରି ନାହିଁ ।

ଅଧ୍ୟାପକ ଦୁର୍ଲ୍ଲଭ ଚନ୍ଦ୍ର ଚୌଧୁରୀ ମହାଶୟଙ୍କ ମହାପ୍ରଚେଷ୍ଟା ବିନା ପରମ ସାଧ୍ୟ ଗୁରୁଦେବଙ୍କୁ ମୁଁ ପାଇପାରି ନଥାନ୍ତି । ତାଙ୍କର

Digitized by srujanika@gmail.com

ମାଧ୍ୟମରେ ମୋ ଜୀବନରେ ଅଶେଷ କଲ୍ୟାଣ ଲାଭ ହୋଇଛି । ସେଥିପାଇଁ ଗୁରୁଭ୍ରାତା ଦୁର୍ଲ୍ଲଭ ଭାଇଙ୍କ ଠାରେ ମୁଁ ଆଜୀବନ ଋଣୀ ।

ପରମ ପୂଜ୍ୟ ଗୁରୁଦେବ ତାଙ୍କର ସଦ୍‌ଗତି ବିଧାନ କରନ୍ତୁ ।

ମି. ଇ. ସ୍କୁଲରେ ବିଶୃଙ୍ଖଳା

ପିପିଲି ମିଶନ ମି. ଇ. ସ୍କୁଲ ପରିଚାଳନା କମିଟିରେ ସ୍ଥାନୀୟ ବ୍ୟକ୍ତିମାନଙ୍କ ସହ ସ୍ଥାନୀୟ ତହସିଲଦାର ଓ ସ୍ଥାନୀୟ ଡାକ୍ତର ଦୁଇଜଣ ସରକାରୀ କର୍ମଚାରୀ ସଭ୍ୟଥାନ୍ତି । ସ୍କୁଲ ବୋର୍ଡ଼ିଙ୍ଗ ଭବନରେ ଚାଲିଥାଏ । ସ୍କୁଲର ମୋଟ ନଅ ଜଣ ଶିକ୍ଷକଙ୍କ ମଧ୍ୟରୁ ଦୁଇଜଣ ଅତିରିକ୍ତ ଶିକ୍ଷକ ଥାନ୍ତି । ସେହି ଅତିରିକ୍ତ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କର ଅନେକଗୁଡ଼ିଏ ଦୁର୍ଗୁଣ ପ୍ରକାଶ ପାଇଲା । ପ୍ରଧାନ ଶିକ୍ଷକଙ୍କର ନିର୍ଦ୍ଦେଶକୁ ଅବମାନନା କରିବା, ପ୍ରଧାନ ଶିକ୍ଷକଙ୍କର ବିନାନୁମତିରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଦୂର ସ୍ଥାନକୁ ଭ୍ରମଣରେ ଯିବା, ଛାତ୍ରୀମାନଙ୍କ ପ୍ରତି ଆପତ୍ତିଜନକ ବ୍ୟବହାର କରିବା ଆଦି କେତେଗୁଡ଼ିଏ ଅଭିଯୋଗ ତାଙ୍କ ବିରୁଦ୍ଧରେ ଆଗତ ହେଲା ।

ପରିଚାଳନା କମିଟିରେ ଉକ୍ତ ଅଭିଯୋଗ ସବୁର ବିଚାର କରିସାରି ସଂପୃକ୍ତ ଶିକ୍ଷକଙ୍କୁ କାର୍ଯ୍ୟରୁ ଅନ୍ତର କରିଦିବାର ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେଲା । ମାତ୍ର କମିଟିର ସଭାପତି ତହସିଲଦାର ଶତପଥୀ ଓ ଆଉ ଦୁଇଜଣ ସଭ୍ୟ ପରେ ସେମାନଙ୍କର ମତ ବଦଳାଇଲେ । ପରିଚାଳନା କମିଟିରେ ଗୃହୀତ ସର୍ବସମ୍ମତି ପ୍ରସ୍ତାବକୁ ବାତିଲ କରି ଉକ୍ତ ଶିକ୍ଷକଙ୍କ ସପକ୍ଷରେ ଅନ୍ୟଏକ ପ୍ରସ୍ତାବ ଗ୍ରହଣ କରିବା ନିମନ୍ତେ ସମ୍ପାଦକ ଏବଂ ଆଉ ଜଣେ

Digitized by srujanika@gmail.com

ବରିଷ୍ଠ ସଭ୍ୟଙ୍କୁ ପ୍ରବର୍ତ୍ତାଇଲେ । ମାତ୍ର ସେମାନେ ରାଜି ନ ହେବାରୁ ଗୁଣ୍ଡା ଲଗାଇ ମାଡ଼ ଦେବାର ଧମକ ଦେଲେ ।

ସ୍ଥାନୀୟ ଡାକ୍ତର ଆଉ ତହସିଲଦାରଙ୍କୁ ମଧ୍ୟ କୁତ୍ସିତ ପ୍ରସ୍ତାବକୁ ବାତିଲ କରିବାର ଅନୁରୋଧ କଲେ । ସେମାନେ ସ୍ୱୀକୃତ ନ ହେବାରୁ ତାଙ୍କ ବିରୋଧରେ ସରକାରଙ୍କୁ ଲେଖିବାର ଧମକ ଦେଲେ ।

ଡି. ଆଇ.ଙ୍କୁ ମଧ୍ୟ ସାକ୍ଷାତ୍ କରି ପ୍ରଭାବିତ କରିବାକୁ ଲାଗିଲେ । ଡାକ୍ତର ଆଉ ତହସିଲଦାର ଏ ପ୍ରକାର ନୀତି ବର୍ଜିତ ଅଶୋଭନୀୟ ଷଡ଼ଯନ୍ତ୍ରରୁ ନିଜକୁ ଦୂରେଇ ରଖିବା ପାଇଁ ସ୍କୁଲ ପରିଚାଳନା କମିଟି ସଭ୍ୟ ପଦରୁ ଇସ୍ତଫା ଦେଇ ଦେଲେ ।

ସ୍କୁଲର ପ୍ରଧାନ ଶିକ୍ଷକ ହାଇଦର ମହମ୍ମଦ ମୋତେ ଏ ସମସ୍ତ ଘଟଣା ଜଣାଇ ସ୍କୁଲ କମିଟିରେ ସଭ୍ୟ ହେବା ନିମନ୍ତେ ଅନୁରୋଧ କଲେ ଏବଂ ମୁଁ ପରିଚାଳନା କମିଟିର ପ୍ରସ୍ତାବ କ୍ରମେ ବିଧିବଦ୍ଧ ଭାବରେ କମିଟିକୁ ସଭ୍ୟ ନିର୍ବାଚିତ ହେଲି ।

ମୁଁ କମିଟିର ସଭ୍ୟ ହୋଇ ଯିବାପରେ, ସ୍କୁଲର କାଗଜ-ପତ୍ରରୁ ଜାଣିପାରିଲି, ଅଭିଯୁକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଯେଉଁସବୁ ଅଭିଯୋଗ ହୋଇଥିଲା, ତାହା ପରିଚାଳନା କମିଟିରେ ଯଥାରୀତି ବିଚାର କରାଯାଇ ସଂପୃକ୍ତ ଶିକ୍ଷକଙ୍କୁ ବହିଷ୍କାର କରାଯିବା ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି । ଉକ୍ତ ପ୍ରସ୍ତାବକୁ ବଦଳାଇବାର ବାଟ ନାହିଁ କି କାରଣ ମଧ୍ୟ ନାହିଁ ।

ସଂପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ସସ୍‌ପେଣ୍ଡ କରିବା ନିମନ୍ତେ ମୁଁ ପରାମର୍ଶ ଦେଲି ଏବଂ ତାହା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହେଲା ।

କମିଟି କାର୍ଯ୍ୟର ବିରୋଧ କରୁଥିବା ସଭାପତିଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇ ତାଙ୍କୁ ସ୍କୁଲ ପରିଚାଳନା କମିଟିରୁ ବହିଷ୍କାର କରାଗଲା ।

Digitized by srujanika@gmail.com

ମୁଁ ସଭାପତି ନିର୍ବାଚିତ ହେଲି ।

ଅତିରିକ୍ତ ଶିକ୍ଷକଙ୍କ ବିରୋଧରେ ହୋଇଥିବା ଅଭିଯୋଗ-ଗୁଡ଼ିକର ସତ୍ୟାସତ୍ୟ ସମ୍ପର୍କରେ ସାନ ତଦନ୍ତ କରି କମିଟିକୁ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବା ନିମନ୍ତେ ମୁଁ ପରିଚାଳନା କମିଟି ଦ୍ୱାରା ଭାରପ୍ରାପ୍ତ ହେଲି ଏବଂ ଯଥାରୀତି ନୋଟିସ ଦେଇ ସଂପୃକ୍ତ ଶିକ୍ଷକ ଓ ଅଭିଯୋଗକାରୀମାନଙ୍କ ଉପସ୍ଥିତିରେ ଅଭିଯୋଗ ସମୂହର ତଦନ୍ତ କଲି ।

ପାଖ ପାଞ୍ଚ ଘଣ୍ଟା ଧରି ତଦନ୍ତ କାର୍ଯ୍ୟ ଚାଲିଲା । ପରିଶେଷରେ ସଂପୃକ୍ତ ଶିକ୍ଷକଙ୍କର ଦୋଷ ପୁନର୍ବାର ନିଃସନ୍ଦେହ ସାବ୍ୟସ୍ତ ହେଲା । ତତ୍‌ସମ୍ପର୍କୀୟ ସମସ୍ତ କାଗଜପତ୍ର ମୁଁ ଯଥା ସମୟରେ କମିଟିରେ ଉପସ୍ଥାପନ କଲି । ମୋର ମନ୍ତବ୍ୟରେ ଉଲ୍ଲେଖ କଲି ସଂପୃକ୍ତ ଶିକ୍ଷକ ଯଦି ତାଙ୍କର ଦୋଷ ସ୍ୱୀକାର କରି ଏଥିପାଇଁ କ୍ଷମାଭିକ୍ଷା କରନ୍ତି କମିଟି ତାଙ୍କ ଦୋଷର ପୁନର୍ବିଚାର କରିପାରନ୍ତି । ମାତ୍ର ସଂପୃକ୍ତ ଶିକ୍ଷକ କମିଟି ନିକଟରେ କ୍ଷମାପ୍ରାର୍ଥନା କରିବାକୁ ସମ୍ମତ ହେଲେ ନାହିଁ । ଅଧିକନ୍ତୁ କମିଟି ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ କରିବାର ଧମକ ଦେଲେ । ଯେହେତୁ ସେ ଏଥି ମଧ୍ୟରେ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ଓ ମାଧ୍ୟମିକ ଶିକ୍ଷକ ମହାସଂଘର କର୍ମକର୍ତ୍ତାଙ୍କ ଠାରୁ ଅଭୟ ବାଣୀ ପାଇ ସାଇଥିଲେ ।

ବ୍ୟକ୍ତିଗତ ଭାବରେ ମୁଁ ଯେତେ ବୁଝାଇଲେ ମଧ୍ୟ କିଛି ଫଳ ହେଲା ନାହିଁ । ପରିଚାଳନା କମିଟି ବାଧ୍ୟ ହୋଇ ସେହି ଦର୍ପୋଦ୍ଧତ ଶିକ୍ଷକଙ୍କୁ ବହିଷ୍କାର ଆଦେଶ ପ୍ରଦାନ କଲେ ।

ଶିକ୍ଷକ ମହାସଂଘର କର୍ମକର୍ତ୍ତାମାନେ ଘଟଣା ସମ୍ପର୍କରେ କୌଣସି ତଥ୍ୟ ନ ବୁଝି ନ ସୁଝି ଏକତରଫା ଭାବରେ ସଂପୃକ୍ତ

Digitized by srujanika@gmail.com

ଶିକ୍ଷକଙ୍କୁ ସମର୍ଥନ ଦେବା ଫଳରେ ଜବାହର ବିଦ୍ୟାପୀଠର ସଭାପତି ଗଙ୍ଗାଧର ମିଶ୍ର ଖୁବ୍ ସନ୍ଦିଗ୍ଧ ହୋଇ ଉଠିଲେ ।

ମାଇନର ସ୍କୁଲର ପୁରସ୍କାର ବିତରଣୀ ଉତ୍ସବର ପୂର୍ବଦିନ ସନ୍ଧ୍ୟାରେ ଜବାହର ବିଦ୍ୟାପୀଠ ପ୍ରାଙ୍ଗଣରେ ଏକ ସଭା ଡକାଇଲେ । ଉକ୍ତ ସଭାକୁ ମୋତେ ଏବଂ ମି. ଇ. ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଡକାଯାଇଥିଲା । ପ୍ରଧାନ ଶିକ୍ଷକ ପ୍ରାଇଜ୍ କାମରେ ବ୍ୟସ୍ତ ଥିବାରୁ ଯୋଗ ଦେଇପାରିଲେ ନାହିଁ । ମୁଁ ସଭାରେ ଯୋଗ ଦେଇ ଦେଖିଲି, ସ୍କୁଲ ପରିଚାଳନା କମିଟିର କେତେକ ସଭ୍ୟ, ସ୍କୁଲର କେତେକ ଶିକ୍ଷକ ଓ କେତେକ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଅଛନ୍ତି । ମୁଁ ଆସନ ଗ୍ରହଣ କରିବା ମାତ୍ରେ ଜଣେ କିଏ ମୋ ହାତକୁ କେତେଖଣ୍ଡ କାଗଜ ବଢ଼ାଇ ଦେଲେ । ଦେଖିଲି ତାହା ସଂଖ୍ୟାରେ ତିନଖଣ୍ଡ ଏବଂ ମି. ଇ. ସ୍କୁଲର କହିଷ୍କୃତ ଶିକ୍ଷକଙ୍କ ବିରୁଦ୍ଧରେ ଲେଖାଯାଇଛି । ପ୍ରାଚୀର ପତ୍ର ପରି ଦିଶୁଥିଲା । ହେଲେ କୌଣସି ସ୍ଥାନରେ ମରାଯାଇଥିବା କିମ୍ବା ସେଠାରୁ ଅଣା ଯାଇଥିବା ପରି ଜଣା ଯାଉ ନଥିଲା । ସମ୍ପୂର୍ଣ୍ଣ ଅକ୍ଷତ ଭାବରେ ତାହା ଯେପରି ସଯତ୍ନ ରକ୍ଷିତ ଥିଲା ।

ମୁଁ ସେ କାଗଜକୁ ଦେଖୁଛି, କିଏ ଜଣେ ପ୍ରଶ୍ନ କଲେ— ଏ୍ଗୁଡ଼ିକୁ କିଏ ଲେଖିଛି ?

ମୁଁ କେମିତି କହିବି କିଏ ଲେଖିଛି ?

ମୋ ପାଟିରୁ କଥା ସରୁ ନ ସରୁଣୁ ହାଲୁ ପ୍ରଧାନ କହିଲେ, ଏଇ ଶିକ୍ଷକଙ୍କୁ ନେଇ ମାଇନର ସ୍କୁଲରେ ଗଣ୍ଡଗୋଳ ଚାଲିଛି । ମାଇନର ସ୍କୁଲ ଶିକ୍ଷକ ଏଗୁଡ଼ିକ ଲେଖିଛନ୍ତି ।

ସେପରି ଅନୁମାନ ଉପରେ କହିଲେ ମାଇନର ସ୍କୁଲ ଶିକ୍ଷକ ବି କହିପାରନ୍ତି ତାଙ୍କ ଉପରେ ଦୋଷ ଲଦି ଦେବା ଉଦ୍ଦେଶ୍ୟରେ ସେହି ବିତାଡ଼ିତ ଶିକ୍ଷକ ନିଜେ ଲେଖିଛନ୍ତି ।

Digitized by srujanika@gmail.com

ମୋର କଥା ଶୁଣି କେତେଜଣ ବ୍ୟକ୍ତି ଖୁବ୍ ଉତ୍ତେଜିତ ହୋଇ ଉଠିଲେ । ହାଲୁ ପ୍ରଧାନ କହିଲେ, ମାଇନର ସ୍କୁଲର ହେଡ଼ମାଷ୍ଟର ହାଇଦର ମହମ୍ମଦ ସବୁ ଗଣ୍ଡଗୋଳର ମୂଳ କାରଣ । ତାଙ୍କୁ ସ୍କୁଲରୁ ବାହାର କରିବା ଦରକାର । ଗଙ୍ଗାଧର ମିଶ୍ର କହିଲେ, କାଲି ଯୋଉ ପ୍ରାଇଜ ହେବାକୁ ଯାଉଛି ତାକୁ ବନ୍ଦ କର । ଏପରି ଗୋଳମାଳ ସମୟରେ ପ୍ରାଇଜ ହୋଇପାରିବ ନାହିଁ ।

ଏ ଲେଖା ସାଙ୍ଗରେ ପ୍ରାଇଜର କି ସମ୍ପର୍କ ଅଛି ? ପ୍ରାଇଜ ପାଇଁ ସବୁ ବନ୍ଦୋବସ୍ତ ହୋଇ ସାରିଛି । ଗତ ପାହିଲେ ଉତ୍ସବ । ହାସ୍ପର ଡ. ପି. ଆଇ. ଆସୁଛନ୍ତି । ହାସ୍ପର ଡ. ପି. ଆଇ. ପ୍ରଧାନ ଅତିଥି ଆଉ ତାଙ୍କର ପତ୍ନୀ ସଭାପତି ଭାବରେ ଯୋଗ ଦେବାର ସ୍ଥିର ହୋଇଛି । ମୁଁ କହିଲି ।

ଦୁଇ ତିନିଜଣ ଏକ ସମୟରେ କହି ଉଠିଲେ, ଆମେ ଏ ପ୍ରାଇଜ କରାଇ ଦେବୁଁ ନାହିଁ । ପ୍ରାଇଜ ବନ୍ଦ କରିବାକୁ ହେବ ।

ଗୋଟିଏ ମାଇନର ସ୍କୁଲର ପ୍ରାଇଜ ବିଷୟରେ ହାଇସ୍କୁଲ ପରି ଏକ ଅଧିକ ଦାୟିତ୍ୱ ସମ୍ପନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଆଉ ଶିକ୍ଷକମାନେ ଅନଧିକାର ହସ୍ତକ୍ଷେପ କରି ଏପରି ଭାବରେ କଥାବାର୍ତ୍ତା କରୁଥିବାର ଦେଖି ମୁଁ ଅତ୍ୟନ୍ତ ବିସ୍ମିତ ହେଲି । କଣ ଉତ୍ତର ଦେବି ହଠାତ୍ ସ୍ଥିର କରିପାରିଲି ନାହିଁ ।

ବହୁ ଲୋକଙ୍କ ଭିଡ଼ରେ ବାରମ୍ବାର ପ୍ରଶ୍ନ ହେବାକୁ ଲାଗିଲା, କଣ କହୁଛନ୍ତି ଶୀଘ୍ର କୁହନ୍ତୁ ।

ମୁଁ ପରିସ୍ଥିତି ବୁଝିପାରିଲି ସେମାନେ ଯେପରି ଉତ୍ତେଜିତ ଉତ୍କ୍ଷିପ୍ତ ହୋଇ ଉଠିଛନ୍ତି, ପ୍ରାଇଜ ହେବ ବୋଲି ଯଦି ମୁଁ କହେ, ସେମାନେ ମୋ ଉପରେ ହସ୍ତକ୍ଷେପ କରିବାକୁ ବି

Digitized by srujanika@gmail.com

କୁଣ୍ଠିତ ହେବେ ନାହିଁ । ମନେ ମନେ ଜଗନ୍ନାଥଙ୍କୁ ଡାକିଲି । କହିଲି, ଆପଣମାନେ ଯଦି ବର୍ତ୍ତମାନ ପ୍ରାଇଜ ହେବା ନ ଚାହାନ୍ତି, ନ ହେବ । ଗଙ୍ଗାଧର ମିଶ୍ର କହିଲେ—ହଁ ସେଇଆ କରନ୍ତୁ । କାଲି ସକାଳୁ ଯାଇ ଡ. ପି. ଆଇ.ଙ୍କୁ ମନା କରି ଦେଇ ଆସନ୍ତୁ ।

ଗଙ୍ଗାଧର ମିଶ୍ରଙ୍କର ଏପରି ଏକ ଅହେତୁକ ଅନଧିକାର ଚର୍ଚ୍ଚା ଯେ ଆଦୌ ଗ୍ରହଣୀୟ ନୁହେଁ, ଏ କଥା ମୁଁ ନିଃସନ୍ଦେହ ବୁଝି ପାରୁଥିଲେ ମଧ୍ୟ ପ୍ରକାଶ୍ୟରେ କିଛି କହିବାକୁ ସାହାସ କରି-ପାରିଲି ନାହିଁ । ଶତ ଶତ ସମାଚରିତ ମାନଙ୍କର ପ୍ରାଇଜ ବନ୍ଦ କରିବାରେ ସମ୍ମତ ହୋଇ ଉଠି ଆସିଲି ।

ସି. ଇ. ସ୍କୁଲର ପ୍ରାଇଜ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ସରିଥିଲା । ପ୍ରାଇଜ ବନ୍ଦ ରଖିବାର କୌଣସି କାରଣ ମଧ୍ୟ ନ ଥିଲା । କେବଳ କେତେଜଣଙ୍କର ଗୁଣ୍ଡାମୀକୁ ଡରି ପ୍ରାଇଜ ବନ୍ଦ ରଖିବା ଏକ ହାସ୍ୟାସ୍ପଦ ଘଟଣା ପରି ମନେ ହେଲା ।

ପ୍ରାଇଜ ଦିନ ସକାଳେ ମୁଁ ଭୁବନେଶ୍ୱର ଯାଇ ଡ. ପି. ଆଇ. ମହାଶୟଙ୍କୁ ସାକ୍ଷାତ କଲି । କହିଲି, ଆଜି ପିପିଲି ମିଶନ ସି. ଇ. ସ୍କୁଲର ପ୍ରାଇଜ । ସେହି କଥାଟି ଆପଣଙ୍କର ସ୍ମରଣ କରାଇ ଦେବାକୁ ଆସିଛି ।

ସେ କଥା ମୋର ସ୍ମରଣ ଅଛି । ଆମେ ଠିକ୍ ସମୟରେ ଯାଇ ପହଞ୍ଚିବୁ । ଆପଣ ଯାଆନ୍ତୁ । ଆପଣଙ୍କର ଆସିବାର ଆବଶ୍ୟକତା ନଥିଲା । ଡ. ପି. ଆଇ. କହିଲେ । ମୁଁ କହିଲି, ମୁଁ ଯେତେବେଳେ ଆସିଛି ଅବଶ୍ୟ ଆଜ୍ଞା କାହିଁକି ଯିବ ? ଆପଣଙ୍କୁ ସଙ୍ଗରେ ନେଇଯିବି ।

ନା ନା, ଆପଣ ଯାଆନ୍ତୁ । ଆମେ ଯଥା ସମୟରେ ନିଶ୍ଚୟ ଯାଇ ପହଞ୍ଚିବୁ । ଡ. ପି. ଆଇ. ମୋତେ ବିଦାୟ କରିଦେଲେ ।

Digitized by srujanika@gmail.com

ଡ. ପି. ଆଇ. ଓ ତାଙ୍କର ପତ୍ନୀ ଯଥା ସମୟରେ ଆସି ସ୍କୁଲରେ ପହଞ୍ଚିଲେ । ଏମ୍. ଏଲ୍. ଏ. ମଧ୍ୟ ଆସିଲେ । ନିର୍ଦ୍ଦିଷ୍ଟ ସମୟରେ ପୁରସ୍କାର ବିତରଣ ଉତ୍ସବ ଯଥାରୀତି ଚାଲିଲା ।

ମାତ୍ର ଗଙ୍ଗାଧର ମିଶ୍ର ଏପରି ପ୍ରତିଶୋଧପରାୟଣ ହୋଇ ଉଠିଥିଲେ ଯେ, ସେ ନିଜକୁ ସମ୍ଭାଳି ପାରିଲେ ନାହିଁ । ମି. ଇ. ସ୍କୁଲର ପୁରସ୍କାର ବିତରଣୀ ଉତ୍ସବ ପୀଠରେ ମଧ୍ୟ ଏକ ଆଠ-ଜଣିଆ ପ୍ରତିନିଧି ଦଳରେ ଆସି ଡ. ପି. ଆଇ. ମହାଶୟଙ୍କୁ ସ୍କୁଲ ବିରୋଧରେ ଏକ ଅଭିଯୋଗପତ୍ର ଦେଇଗଲେ ।

ଗଙ୍ଗାଧର ବାବୁଙ୍କର ସମସ୍ତ ପ୍ରକାର ବିରୋଧ ସତ୍ତ୍ୱେ ପିପିଲି ମିଶନ ମି. ଇ. ସ୍କୁଲର ପ୍ରାଇଜ ୪ର୍ଥ ଶ୍ରେଣୀରେ ଅନୁଷ୍ଠିତ ହୋଇଗଲା । ଗଙ୍ଗାଧର ବାବୁ ଅନ୍ୟଏକ କୌଶଳର ଆଶ୍ରୟ ନେଲେ । ମାଇନର ସ୍କୁଲରୁ ବହିଷ୍କୃତ ଶିକ୍ଷକଙ୍କ ଦ୍ୱାରା କେତେକ ସ୍ଥାନୀୟ ଲୋକଙ୍କୁ ଦୁଇଟି ଭୋଜ ଖୁଆଇ ତାଙ୍କର ସମର୍ଥକ କରି-ନେଲେ । ଦିନେ ସନ୍ଧ୍ୟା ପାଞ୍ଚଟା ସମୟକୁ ପିପିଲି ହାଟଠାରେ ଏକ ସାଧାରଣ ସଭା ଡକାଇଲେ । ବର୍ତ୍ତମାନ ପିପିଲିର ଏମ୍. ଏଲ୍. ଏ ବସିନ ଦାଶ ତତ୍କାଳୀନ ଯୁବନେତା ଭାବରେ ସେହି ସଭାରେ ଯୋଗଦେଇ ଥାନ୍ତି ।

ମାଇନର ସ୍କୁଲ ବିରୋଧରେ ଗଙ୍ଗାଧର ବାବୁ ଆଲୋଚନା ଆରମ୍ଭ କରି ଖୁବ୍ ପାଟିତୁଣ୍ଡ କରିବାକୁ ଲାଗିଲେ । ସଭାରେ ମାତପିତ ହୋଇଯିବା ପରେ ଏକ ଅଶୋଭନୀୟ ପରିସ୍ଥିତିର ଉଦ୍ଭବ ହେଲା କିଛି ସମୟ ପାଇଁ ।

ମାଇନର ସ୍କୁଲ ବିରୋଧରେ ସେମାନଙ୍କର ପ୍ରଧାନ ଅଭିଯୋଗ ଥିଲା, ବହୁ ଅର୍ଥ ତୋଷରପାତ ହୋଇଯାଇଛି ଓ ଯାଉଛି । ତାହାର ଦୃଢ଼ ପ୍ରତିକାର ଆବଶ୍ୟକ ।

Digitized by srujanika@gmail.com

ଏହି ଅଭିଯୋଗର ଉତ୍ତରରେ ମୁଁ କହିଲି, ଏଇ ଅଳ୍ପଦିନ ହେବ ମୁଁ ସ୍କୁଲ ପରିଚାଳନା କମିଟିକୁ ଆସିଛି । ହେଲେ ମୋର ଯେତେଦୂର ବିଶ୍ୱାସ ସ୍କୁଲ ପାଣ୍ଠିର ଅପବ୍ୟୟ ହୋଇନାହିଁ ।

ଗଙ୍ଗାଧର ବାବୁ କହିଲେ, ଭଲ କଥା । ଆମେ ତାହାହିଁ ଦେଖିବାକୁ ଚାହୁଁ ।

ଆପଣଙ୍କର ସେ ପ୍ରସ୍ତାବକୁ ମୁଁ ସ୍ୱାଗତ ଜଣାଉଛି । ଆଜ ଏହି ସଭାରେ ଗୋଟିଏ କମିଟି ଗଢ଼ି ଦିଆଯାଉ । ସେହି କମିଟି ମାଇନର ସ୍କୁଲର ହିସାବ ଦେଖିବାରେ ସ୍କୁଲ ପରିଚାଳନାର କୌଣସି ଆପତ୍ତି ନାହିଁ ।

ମାଇନର ସ୍କୁଲର ହିସାବ ତନଖି କରିବା ପାଇଁ ଚପିଳ ବାବୁଙ୍କ ସମେତ ଏକ ସାତଜଣିଆ କମିଟି ଗଠନ କରାଗଲା ।

ସେ ଦିନର ସଭା ସରିଲାବା ପୂର୍ବରୁ ଜଣେ ସ୍ଥାନୀୟ ଅଧିବାସୀ ଚନ୍ଦ୍ରକାନ୍ତ ସିଂହ ମୋତେ ସଭାରୁ ଡାକି ଆଣିଲେ । ତାଙ୍କର କିଛି ଔଷଧର ଜରୁରୀ ଦରକାର ଥିବା କଥା ବୁଝିର ମୁଁ ତାଙ୍କ ସହ ବାହାରକୁ ଆସିବା ମାତ୍ରେ ଉକ୍ତ ପ୍ରଧାନ ଆମ ସହିତ ଯୋଗ ଦେଲେ । ଆମେ ତିନିଜଣ ଗପ କରି କରି ଆମ ଘର ପାଖପାଏ ଆସିଗଲୁଁ ।

ସେତେବେଳେ ଯାଇ ତାଙ୍କଠାରୁ ମୁଁ ଜାଣିବାକୁ ପାଇଲି ଯେ, ସଭାସ୍ଥଳରେ ମୋ ଉପରେ ମାଡ଼ ହେବାର ଏକ ଗୁଜବ ସଭା ଆରମ୍ଭର କିଛି ପୂର୍ବରୁ ପ୍ରଚାରିତ ହୋଇ ଯାଇଥିଲା । ଜଗତ୍‌ପୁରର ଦାଶରଥି ମହାନ୍ତି ଉକ୍ତ ସମ୍ବାଦ ପାଇ ତାହାର ପ୍ରତି-ରୋଧ ନିମନ୍ତେ ପ୍ରସ୍ତୁତ ହୋଇ ରହିଥିଲେ । ତଥାପି ଆସନ୍ନ ବିପଦ ମୁହଁରୁ ଯେତେ ସୁବିଧାରେ ରକ୍ଷା ମିଳେ ସେତେ ଭଲ ବନ୍ଧୁଭରେ

Digitized by srujanika@gmail.com

ଗଙ୍ଗାଧର ସିଂହ ଓ ଉଦ୍ଧବ ପ୍ରଧାନ ଦୁହେଁ ମୋତେ ଜନ୍ମପଦରେ ଘରେ ପହଞ୍ଚାଇ ଦେବାପାଇଁ ମୋର ସହଯାତ୍ରୀ ହୋଇଥିଲେ ।

ଗଙ୍ଗାଧର ସିଂହ ଆଉ ଉଦ୍ଧବ ପ୍ରଧାନଙ୍କର ମୋ ପ୍ରତି ଆନ୍ତରିକତା ଭୁଲିବାର ନୁହେଁ ।

ଯଥା ସମୟରେ ସାତ ଜଣିଆ କମିଟି ମାଇନର ସ୍କୁଲର ହିସାବ ତନଖି କଲେ । ମାତ୍ର କୌଣସି ତ୍ରୁଟି ନ ଥିବାର ଦେଖି ନୀରବ ହେଲେ ।

ପିପିଲି ମିଶନ ମି. ଇ. ସ୍କୁଲର ଅସ୍ଥାୟୀ ଶିକ୍ଷକଙ୍କର ସ୍କୁଲରୁ ବହିଷ୍କରଣ ପରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଓ ମାଧ୍ୟମିକ ଶିକ୍ଷକ ମହାସଂଘର କର୍ମକର୍ତ୍ତାମାନେ ଡି. ପି. ଆଇ.ଙ୍କୁ ସାକ୍ଷାତ କରି ମି· ଇ· ସ୍କୁଲ ପରିଚାଳନା କମିଟିର ଉକ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇ ନ ଦେବା ଦିଗରେ ପ୍ରବୃତ୍ତ କଲେ ।

ଅନ୍ୟ ଦିଗରେ ଶିକ୍ଷା ସଚିବଙ୍କ ନିକଟରେ ପିପିଲି ମି. ଇ. ସ୍କୁଲ କର୍ତ୍ତୃପକ୍ଷ ତାଙ୍କର ଏକ ଶିକ୍ଷକଙ୍କୁ ବେଆଇନ ବେଳନ୍ଥନ ଭାବରେ କାର୍ଯ୍ୟରୁ ଅନ୍ତର କରିବାର ଏକ ଅଭିଯୋଗ ମଧ୍ୟ ଆଣିଲେ ।

ଶିକ୍ଷା ସଚିବ ଏକ ନିର୍ଦ୍ଦିଷ୍ଟ ଦିନରେ ଦୁଇ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ମିଶନ ମି· ଇ· ସ୍କୁଲର କର୍ତ୍ତୃପକ୍ଷଙ୍କୁ ସଚିବାଳୟକୁ ଡକାଇ ଉକ୍ତ ଅଭିଯୋଗର ବିଚାର କଲେ ।

ସ୍କୁଲ ପକ୍ଷରୁ ମୁଁ ଉପସ୍ଥିତ ଥିଲି । ଶିକ୍ଷା ସଚିବଙ୍କ ଦ୍ୱାରା ନିଯୁକ୍ତ ଏକ ବିଚାରକ ମଣ୍ଡଳ ଆମ ଉଭୟ ପକ୍ଷର ଜମାନବନ୍ଦୀ ଯଥାବିଧି ଲିପିବଦ୍ଧ କରି ବିଚାର କଲେ ।

ଶିକ୍ଷକ ସଂଘ ପକ୍ଷରୁ ଅଣାଯାଇଥିବା ଅଭିଯୋଗଗୁଡ଼ିକ ବହିଷ୍କୃତ ଶିକ୍ଷକଙ୍କର କଥା ଉପରେ ଭିତ୍ତିକରି ଅଣା ଯାଇଥିଲା । ବାସ୍ତବରେ ସେ ସମସ୍ତ ଅଭିଯୋଗର କୌଣସି ଭିତ୍ତିଭୂମି ନଥିଲା ।

Digitized by srujanika@gmail.com

ପଞ୍ଚାୟତ ସମ୍ପୃକ୍ତ ସଭ୍ୟଙ୍କ ମତରେ ସ୍କୁଲ କର୍ତ୍ତୃପକ୍ଷଙ୍କର କୌଣସି ତ୍ରୁଟି ଥିବାର ପ୍ରମାଣିତ ହେଲା ନାହିଁ ।

ଶିକ୍ଷକ ମହାସଂଘର କର୍ମକର୍ତ୍ତାମାନେ ପଞ୍ଚାୟତରୁ ବିଫଳ ପ୍ରୟାସ ହୋଇ ଫେରିବା ପରେ ସ୍କୁଲକୁ ଆସି ମୋ ଠାରୁ ସମ୍ପୃକ୍ତ କାଗଜପତ୍ର ମଧ୍ୟ ଦେଖିଗଲେ । କାଗଜପତ୍ର ଦେଖିଲେ ମଧ୍ୟ ତାଙ୍କର ଅଯଥା ଜିଦ୍‌ରେ ସେ ଅଟକ ରହିଲେ । ବହିଷ୍କୃତ ଶିକ୍ଷକଙ୍କୁ ଯେ କୌଣସି ପ୍ରକାରେ ସେ ସ୍କୁଲରେ ପୁନର୍ନିଯୁକ୍ତ ଦେବା ତାଙ୍କର ମୂଳ ଲକ୍ଷ୍ୟ ହେଲା ।

ଶିକ୍ଷକ ମହାସଂଘ ପକ୍ଷରୁ କେତେଜଣ ଶିକ୍ଷକ ଆସି ମୋ ଦୁଆରେ ଧାରଣା ଦେବେ ବୋଲି ମୋତେ ଧମକ ଦେଲେ ।

ସ୍କୁଲର ବହିଷ୍କୃତ ଅଭିରକ୍ତ ଶିକ୍ଷକଙ୍କୁ ନେଇ ସ୍କୁଲ ଫାଟକ ନିକଟରେ ଅନଶନ ଆରମ୍ଭ କରିଦେଲେ । ପୋଲିସ ଇନସ-ପେକ୍ଟର ମହାଶୟଙ୍କର ହସ୍ତକ୍ଷେପ ଫଳରେ ତିନଦିନ ପରେ ତାଙ୍କର ଅନଶନ ଭଙ୍ଗହେଲା ।

ଡି. ପି. ଆଇ. ମହାଶୟ, ମାଇନର ସ୍କୁଲ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିକ୍ଷକଙ୍କୁ ଦେଇଥିବା ତାଙ୍କ ବହିଷ୍କାର ଆଦେଶର ଯଥାର୍ଥତା ଏବଂ ବୈଧତା ବିଷୟରେ କୌଣସି ଅନୁସନ୍ଧାନ ନ କରି ଉକ୍ତ ଶିକ୍ଷକଙ୍କୁ ପୁନର୍ନିଯୁକ୍ତ ଦେବା ନିମନ୍ତେ ସ୍କୁଲ ସମ୍ପାଦକଙ୍କୁ ଏକ ଆଦେଶ ନାମା ପଠାଇଲେ । ପରିଚାଳନା କମିଟି ଡି. ପି. ଆଇ.ଙ୍କର ଉକ୍ତ ଆଦେଶକୁ କାର୍ଯ୍ୟକାରୀ କରିବାରେ ନିଜର ଅକ୍ଷମତା ପ୍ରକାଶ କରିବାରୁ ଡି. ପି. ଅ.ଇ. ମୋତେ ତାଙ୍କର ଅଫିସକୁ ଡକାଇ ତାଙ୍କର ଆଦେଶକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରବର୍ତ୍ତାଇଲେ ଏବଂ ତାହା ନ ହେଲେ ପରିଚାଳନା କମିଟିକୁ ଭାଙ୍ଗି ଦିଆଯିବାର ସୂଚନା ମଧ୍ୟ ଦେଲେ ।

Digitized by srujanika@gmail.com

ପରିଚାଳନା କର୍ତ୍ତୃପକ୍ଷ ତାଙ୍କ ନଷ୍ଟାମିରେ ଅଟଳ ରହିବାରୁ ଡି· ପି· ଆଇ· ମହାଶୟ ମିଶନ ମି· ଇ· ସ୍କୁଲ ପରିଚାଳନା କମିଟିକୁ ଭାଙ୍ଗିଦେବାର ଏକ ନିର୍ଦ୍ଦେଶନାମା ପଠାଇଲେ । ଡି· ପି. ଆଇ.ଙ୍କର ଉକ୍ତ ନିର୍ଦ୍ଦେଶନାମା ବିରୁଦ୍ଧରେ ମୁଁ ସ୍କୁଲ ତରଫରୁ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଏର କଲି । ହାଇକୋର୍ଟ ଡି· ପି· ଆଇ·ଙ୍କର ସ୍କୁଲ କମିଟିକୁ ଭାଙ୍ଗିଦେବାର ନିର୍ଦ୍ଦେଶନାମାକୁ ରିଟ୍ ପିଟିସନର ବିଚାର ଶେଷଯାଏ ସ୍ଥଗିତ ରଖିଦେଲେ ।

ଶିକ୍ଷକ ମହାସଂଘର ପରାମର୍ଶାନୁସାରେ ବହିଷ୍କୃତ ଶିକ୍ଷକ ମଧ୍ୟ ମାଇନର ସ୍କୁଲ ପରିଚାଳନା ବିରୋଧରେ ହାଇକୋର୍ଟରେ ଏକ ଆବେଦନ ପେସ୍ କଲେ ।

ଉଭୟ କେସ୍‌ର ବିଚାର ହୋଇ ଯଥା ସମୟରେ ରାୟ ପ୍ରକାଶ ପାଇଲା ।

ପିପିଲି ମିଶନ ମି· ଇ· ସ୍କୁଲ ପରିଚାଳନା କମିଟିର ଅନ୍ତରିକ୍ତ ଶିକ୍ଷକଙ୍କର ବହିଷ୍କରଣ ଆଦେଶକୁ ହାଇକୋର୍ଟ ବୈଧ ଘୋଷଣା କରିବା ସଙ୍ଗେ ସଙ୍ଗେ ଡି· ପି· ଆଇ·ଙ୍କର ଉକ୍ତ ପରିଚାଳନା କମିଟିକୁ ସୁପରସିଡ୍ କରିବା ଆଦେଶକୁ ଅବୈଧ ଘୋଷଣା କଲେ ।

ମି· ଇ· ସ୍କୁଲରୁ ବହିଷ୍କୃତ ଅନ୍ତରିକ୍ତ ଶିକ୍ଷକଙ୍କର ସ୍କୁଲ ପରିଚାଳନା ବିରୋଧରେ ଆଗତ ଆବେଦନକୁ ଖାରଜ କରିଦେଲେ ।

ଅନ୍ତରିକ୍ତ ଶିକ୍ଷକଙ୍କର ବହିଷ୍କରଣକୁ କେନ୍ଦ୍ର କରି ପିପିଲି ମିଶନ ମି· ଇ· ସ୍କୁଲରେ ପାର୍ଶ୍ୱବନ ଧରି ଯେଉଁ ଅଶାନ୍ତ ଉପଦ୍ରବର ବାତାବରଣ ସୃଷ୍ଟି ହୋଇଥିଲା, ତାହାର ପରିସମାପ୍ତି ଘଟିଲା ।

Digitized by srujanika@gmail.com

ପିପିଲିରେ ଦ୍ୱିତୀୟ ହାଇସ୍କୁଲ ସ୍ଥାପନ

ପିପିଲି ମାଇନର ସ୍କୁଲ ଉଚ୍ଚ ପିଟିସନର ଗନ୍ଧ ପ୍ରକାଶ ପାଇବା ପରେ ଶିକ୍ଷକ ମହାମଣ୍ଡ, ଡି· ପି· ଆଇ· ତଥା କଲେକ୍ଟର ଶିକ୍ଷକ ସମସ୍ତେ ନୀରବ ହୋଇଗଲେ । ମାତ୍ର ଜବାହର ବିଦ୍ୟା-ପୀଠର ସଭାପତି ଗଙ୍ଗାଧର ମିଶ୍ର ନୀରବ ହୋଇ ପାରିଲେ ନାହିଁ ।

ମାଇନର ସ୍କୁଲରେ ଅଧ୍ୟୟନ କରୁଥିବା କେତେକ ଛାତ୍ରଙ୍କର ଅଭିଭାବକଙ୍କୁ ପ୍ରବର୍ତ୍ତାଇ ଏବଂ ନାନାପ୍ରକାରେ ଉତ୍ସାହିତ କରାଇ ତାଙ୍କ ପିଲାମାନଙ୍କର ଟ୍ରାନ୍‌ସଫର ସାର୍ଟିଫିକେଟ ନେଇଯିବା ନିମନ୍ତେ ବାଧ୍ୟ କଲେ । ସଙ୍ଗେ ସଙ୍ଗେ ଜବାହର ବିଦ୍ୟାପୀଠ ପରିସର ମଧ୍ୟରେ ଏକ ମି· ଇ· ସ୍କୁଲ ଖୋଲିଦେଲେ । ସେଥିପାଇଁ ଡି· ଆଇ· ମଧ୍ୟ ଅନୁମତି ଦେଇ ଦେଲେ ।

ଗଙ୍ଗାଧର ବାବୁ ଯେବେ ତାଙ୍କ ପରିଚାଳିତ ହାଇସ୍କୁଲ ପରିସର ମଧ୍ୟରେ ମି· ଇ· ସ୍କୁଲ ପ୍ରତିଷ୍ଠା କରିବାକୁ ଇଚ୍ଛୁକ ଥିଲେ, ତାହା ସେ ବୈଧାନିକ ପନ୍ଥାରେ ଅନାୟାସରେ କରିପାରି ଥାନ୍ତେ । ମାତ୍ର ସେ ବୈଧାନିକ ପନ୍ଥା ଛାଡ଼ି ଏକ ପ୍ରତିଷ୍ଠିତ ସ୍କୁଲର ଷଷ୍ଠ, ସପ୍ତମ ଶ୍ରେଣୀର ଛାତ୍ରମାନଙ୍କୁ ନେଇଯାଇ ଏକ ସମୟରେ ମାଇନର ସ୍କୁଲର ଦୁଇଟି କ୍ଲାସ ଖୋଲିଦେବା ଦ୍ୱାରା ଏକ ଅଶୋଭନୀୟ ଅମର୍ଯ୍ୟାଦା ବାଟର ଆଶ୍ରୟ ନେଲେ ।

ଗଙ୍ଗାଧର ମିଶ୍ର ଏବଂ ତାଙ୍କ ସମର୍ଥକମାନଙ୍କର ଇଦୃଶ ଅନ୍ୟାୟୋଚିତ କାର୍ଯ୍ୟର ଉପଯୁକ୍ତ ଜବାବ ଦେବା ଉଦ୍ଦେଶ୍ୟରେ ମୁଁ ବୈଧାନିକ ତଥା ନ୍ୟାୟୋଚିତ ମାର୍ଗରେ ପିପିଲି ମିଶନ ମି. ଇ· ସ୍କୁଲ ପରିସର ମଧ୍ୟରେ ଏକ ନୂତନ ହାଇସ୍କୁଲ ଖୋଲିବାକୁ ମନସ୍ଥ କଲି । ମି· ଇ· ସ୍କୁଲର ପରିଚାଳନା କର୍ତ୍ତୃପକ୍ଷ ଅନୁକୂଳ ମତ ପ୍ରଦାନ କଲେ । ମୋର ସମ୍ପାଦକତ୍ୱରେ ପ୍ରସ୍ତାବିତ

Digitized by srujanika@gmail.com

ହାଇସ୍କୁଲର ଏକ ପରିଚାଳନା କମିଟି ଗଠନ କରଗଲା । ଯଥାବଧି ସମ୍ବାଦ ପତ୍ରରେ ବଜ୍ଞାପନ ଦିଆଯାଇ ପ୍ରଧାନ ଶିକ୍ଷକ ଓ ଜଣେ ସାହତ୍ୟାଚାର୍ଯ୍ୟଙ୍କୁ ନଯୁକ୍ତ ଦିଆଗଲା ।

ମି. ଇ. ସ୍କୁଲର ପ୍ରଧାନ ଶିକ୍ଷକ ହାଇଦର ମହମ୍ମଦ ଓ ଯଜ୍ଞେଶ୍ବର କୁମାର ସାମନ୍ତରାୟଙ୍କ ଅକୁଣ୍ଠ ସହଯୋଗରେ ଅତି ଅଳ୍ପ ସମୟ ମଧ୍ୟରେ ଛାତ୍ର ଗ୍ରହଣ କରାଯାଇ ଅଷ୍ଟମ ଶ୍ରେଣୀର ପଢ଼ା ଆରମ୍ଭ ହୋଇଗଲା ।

ପିପିଲିରେ ପ୍ରଥମ ହାଇସ୍କୁଲ ଜବାହାର ବଦ୍ୟାପୀଠର ପ୍ରତିଷ୍ଠା ସମୟରେ ଗଙ୍ଗାଧର ମିଶ୍ର ଓ ତାଙ୍କର ସମର୍ଥକମାନେ ଉକ୍ତ ସ୍କୁଲକୁ ଭାଙ୍ଗି ଦେବା ପାଇଁ ଯେପରି ତତ୍ପର ହୋଇ ଉଠିଥିଲେ, ବର୍ତ୍ତମାନ ମଧ୍ୟ ସେମାନେ ସେହିପରି ଏକ ଚାଲ୍ ଆରମ୍ଭ କରି ଦେଲେ । ସର୍କଲ ଇନ୍‌ସପେକ୍ଟର ଦୁର୍ଯ୍ୟୋଧନ ରାଉତ ମହାଶୟ ଏକ ନିର୍ଦ୍ଦିଷ୍ଟ ଦିନରେ ଉଭୟ ସ୍କୁଲର ପରିଚାଳନା କର୍ତ୍ତୃପକ୍ଷଙ୍କୁ ପୁଣି ଡକାଇ ନୂତନ ହାଇସ୍କୁଲ ଖୋଲିବାର ଯଥାର୍ଥତା ବିଷୟରେ ନାନା ଦିଗରୁ ଆଲୋଚନା କଲେ । ମାତ୍ର ନୂତନ ହାଇସ୍କୁଲକୁ ବନ୍ଦ କରିଦେବାର କୌଣସି ସୂତ୍ର ପାଇଲେ ନାହିଁ । ତାଙ୍କର କୌଣସି ନିଷ୍ପତ୍ତି ମଧ୍ୟ ଶୁଣାଇଲେ ନାହିଁ ।

ଜବାହର ବିଦ୍ୟାପୀଠର ପରିଚାଳକମାନେ ହାଇସ୍କୁଲ ପ୍ରତିଷ୍ଠାର ତୀବ୍ର ବିରୋଧ କରି ନବ ପ୍ରତିଷ୍ଠିତ ହାଇସ୍କୁଲକୁ ଭାଙ୍ଗି ଦେବା ଲାଗି ସର୍କଲ ଇନ୍‌ସପେକ୍ଟରଙ୍କର ସହାୟତା ଲୋଡ଼ିଲେ ।

କିଛିଦିନ ପରେ ଦୁର୍ଯ୍ୟୋଧନ ରାଉତ ମହାଶୟଙ୍କର ବଦଳି ହୋଇଗଲା । ତାଙ୍କ ସ୍ଥାନରେ ଶିବରାମ ପଟ୍ଟନାୟକ ମହାଶୟ

Digitized by srujanika@gmail.com

ଇନ୍‌ସପେକ୍ଟର ହୋଇ ଆସିଲେ । ସେ ମହାଶୟ ପିପିଲି ଇ.ଟି. ସ୍କୁଲକୁ ପରିଦର୍ଶନରେ ଆସିଥିବା ବେଳେ ଜବାହାର ବିଦ୍ୟାପୀଠର କର୍ମକର୍ତ୍ତାମାନେ ତାଙ୍କୁ ସାକ୍ଷାତ କରି ନୂତନ ହାଇସ୍କୁଲକୁ ବନ୍ଦ କରିଦେବା ନିମନ୍ତେ ଅନୁରୋଧ ଜଣାଇଲେ । ଇନ୍‌ସପେକ୍ଟର ମହାଶୟ ସେହି ଇ. ଟି. ସ୍କୁଲ କ୍ୟାମ୍ପରୁ ପ୍ରସ୍ତାବିତ ହାଇସ୍କୁଲର ସମ୍ପାଦକଙ୍କୁ ଶୀଘ୍ର ସ୍କୁଲ ବନ୍ଦ କରିଦେବା ନିମନ୍ତେ ଏକ ଆଦେଶନାମା ପଠାଇଲେ । ଯଦି ସ୍କୁଲ ତୁରନ୍ତ ବନ୍ଦ କରା ନ ଯାଏ ନିୟମାନୁସାରେ ଦଣ୍ଡ ବିଧାନ କରାଯିବାର ଧମକ ମଧ୍ୟ ଦେଲେ । ଇନ୍‌ସପେକ୍ଟରଙ୍କର ଆଦେଶ ନାମାର ଜବାବରେ ମୁଁ ନୂତନ ହାଇସ୍କୁଲ ଚଳାଇବା ସପକ୍ଷରେ ଯୁକ୍ତି ଦର୍ଶାଇ ସ୍କୁଲକୁ ସ୍ୱୀକୃତି ପ୍ରଦାନ କରିବାର ଅନୁରୋଧ ଜଣାଇଲି ।

ନବ ଉନ୍ନୀତ ହାଇସ୍କୁଲର ସମ୍ପାଦକ ଭାବରେ ମୋର ମତ ପାଇବା ପରେ ସର୍କଲ ଇନ୍‌ସପେକ୍ଟର ମହାଶୟ ନୂତନ ହାଇସ୍କୁଲ ବିଷୟରେ ପୂର୍ଣ୍ଣାଙ୍ଗ ତଦନ୍ତ କରି ରିପୋର୍ଟ ଦେବା ନିମନ୍ତେ ଡି. ଆଇ.ଙ୍କୁ ଆଦେଶ ଦେଲେ । ତଦନୁସାରେ ଡି. ଆଇ. ଗନ୍ଧେଶ୍ୱର ମହାପାତ୍ର ମହାଶୟ ପ୍ରସ୍ତାବିତ ହାଇସ୍କୁଲର କର୍ମକର୍ତ୍ତା ଆଉ ଜବାହାର ବିଦ୍ୟାପୀଠର କର୍ମକର୍ତ୍ତାମାନଙ୍କୁ ସମ୍ମିଳିତ ଭାବରେ ପିପିଲି ଇଉ. ପି. ସ୍କୁଲ ଠାରେ ଏକ ନିର୍ଦ୍ଦିଷ୍ଟ ଦିନରେ ତାଙ୍କୁ ସାକ୍ଷାତ କରିବାର ଏକ ନିର୍ଦ୍ଦେଶନାମା ପଠାଇଲେ ।

ଯଥା ସମୟରେ ଉଭୟ ସ୍କୁଲର କର୍ମକର୍ତ୍ତାମାନେ ଡି. ଆଇ. ଙ୍କୁ ସାକ୍ଷାତ କଲୁଁ । ଉକ୍ତ ସାକ୍ଷାତକାରର ପ୍ରାରମ୍ଭରେ ମୁଁ ଡି. ଆଇ. ଙ୍କୁ ସମ୍ବୋଧନ କରି କହିଲି—

ଦେଶରେ ଦିନକୁ ଦିନ ଜନ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଜନସଂଖ୍ୟାନୁପାତରେ ପ୍ରତ୍ୟେକ ଜିନିଷର ଚାହିଦା ବଢ଼ିଛି ।

Digitized by srujanika@gmail.com

ଶିକ୍ଷାନୁଷ୍ଠାନର ସଂଖ୍ୟା ବୃଦ୍ଧିର ଆବଶ୍ୟକତା ମଧ୍ୟ ଦେଖା ଦେଉଛି । ଲୋକମାନଙ୍କର ସେହି ଆବଶ୍ୟକତା ସରକାରୀ ଶିକ୍ଷା ବିଭାଗ ପୂରଣ କରିବା କଥା । ମାତ୍ର ଶିକ୍ଷା ବିଭାଗ ସେଥିପ୍ରତି ଧ୍ୟାନ ନ ଦେବାରୁ ସ୍ଥାନୀୟ ଲୋକମାନେ ନିଜ ଉଦ୍ୟମରେ ଏକ ଶିକ୍ଷାନୁଷ୍ଠାନ ଗଢ଼ିଛନ୍ତି । ସରକାର ସେହି ଅନୁଷ୍ଠାନର ପୃଷ୍ଠ-ପୋଷକତା କରିବା ପରିବର୍ତ୍ତେ ଅନୁଷ୍ଠାନଟିକୁ ବନ୍ଦ କରିଦେବାର ନିର୍ଦ୍ଦେଶ ଦେବା ଦ୍ୱାରା ଜନସାଧାରଣଙ୍କ ପ୍ରତି କୌଣସି ହିତକର କାର୍ଯ୍ୟ କରିବେ ନାହିଁ । ବରଂ ବହୁ ଶ୍ରମ ବହୁ ଅର୍ଥ ବ୍ୟୟରେ ଗଢ଼ି ଉଠିଥିବା ଶିକ୍ଷାନୁଷ୍ଠାନ ପରି ଏକ ମହତ୍ ଅନୁଷ୍ଠାନକୁ ଭାଙ୍ଗିବା ଦ୍ୱାରା ସରକାର ଜନତାର ଅସୀମ କ୍ଷତି ସାଧନ କରିବେ । ଆମ୍ଭମାନଙ୍କର ଅନୁରୋଧ ଆପଣ ଏହି ଶିଶୁ ଅନୁଷ୍ଠାନଟିକୁ ଗଢ଼ିବା ଦିଗରେ ସମସ୍ତ ପ୍ରକାର ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପିପିଲି ଜନସାଧାରଣଙ୍କର ଅଶେଷ କଲ୍ୟାଣ ଭାଜନ ହୁଅନ୍ତୁ ।

ଜବାହର ବିଦ୍ୟାପୀଠର ପ୍ରତିନିଧିମାନଙ୍କୁ ସେମାନଙ୍କର ଏହି ପ୍ରସ୍ତାବିତ ହାଇସ୍କୁଲ ସମ୍ପର୍କରେ କ'ଣ କହିବାର ଅଛି କହନ୍ତୁ ବୋଲି ଡି. ଆଇ. ଆହ୍ୱାନ କଲେ । ଜବାହର ବିଦ୍ୟା-ପୀଠର ସେକ୍ରେଟାରୀ ଦାମୋଦର ମହାପାତ୍ର କହିଲେ—ହରିବାବୁ ଆମର ଗୁରୁ । ସେ ଯାହା କହିଗଲେ ସେ ସମ୍ପର୍କରେ ଆମର ଆଉ କିଛି କହିବାର ନାହିଁ ।

ଡି. ଆଇ.ଙ୍କର ତଦନ୍ତ କାର୍ଯ୍ୟ ସେତିକିରେ ସମାପ୍ତ ହେଲା ।

କିଛି ଦିନ ପରେ ମୁଁ ପୁରୀ ଯାଇ ନୂତନ ସର୍କଲ ଇନ୍‌ସ-ପେକ୍ଟର ମହାଶୟଙ୍କୁ ସାକ୍ଷାତ କରି ପିପିଲିରେ ଦ୍ୱିତୀୟ

ହାଇସ୍କୁଲ ଖୋଲିବା ସପକ୍ଷରେ ବିଶଦ ଭାବରେ ଆଲୋଚନା କଲି । ପିପିଲି ସେତେବେଳକୁ ବିଜ୍ଞାପିତ ଅଞ୍ଚଳ (ଏନ୍. ଏ. ସି) ହୋଇ ସାରିଥିଲା । ଇନ୍‌ସପେକ୍ଟର ମହାଶୟ ମୋ କଥାର ସାରବତ୍ତା ଉପଲବ୍ଧି କଲେ ଏବଂ ପିପିଲିରେ ଦ୍ୱିତୀୟ ହାଇସ୍କୁଲ ଖୋଲିପିବା ବିପକ୍ଷରେ କୌଣସି ମତ ପୋଷଣ କଲେ ନାହିଁ ।

ପୂର୍ବରୁ କହିଛି ତ ମାଇନର ସ୍କୁଲର ପ୍ରଧାନ ଶିକ୍ଷକ ହାଇଦର ମହମ୍ମଦ ଆଉ ମାଧିପୁରର ଯଗନ୍ନାଥ ସାମନ୍ତ ରାୟ ଏ ଉଭୟଙ୍କର ଅକୁଣ୍ଠ ବଳିଷ୍ଠ ସହଯୋଗ ହାଇସ୍କୁଲ ପ୍ରଚେଷ୍ଟାରେ ବିଶେଷ ସହାୟକ ହୋଇଥିଲା । ଯଗନ୍ନାଥ ବାବୁ ସ୍କୁଲ ପାଇଁ ଗୃହ ସଂଗ୍ରହ କରିବା ସଙ୍ଗେ ସଙ୍ଗେ କିଛି ଅର୍ଥ ଆଦାୟର ପନ୍ଥା ମଧ୍ୟ ଉଦ୍ଭାବନ କରିପାରିଥିଲେ ।

ଯଗନ୍ନାଥ ବାବୁ ଆଉ ମୋର ପୁତ୍ର ସୁରେଶ୍ୱର ପ୍ରସାଦ ଦୁଇଜଣ ପୁରୀରୁ ଏକ ସଙ୍ଗୀତଦଳ ଆଣି ସ୍କୁଲ ପାଇଁ କିଛି ପାଣ୍ଠି ସଂଗ୍ରହ କରିବା ନିମନ୍ତେ ମୋର ଅନୁମତି ଲୋଡ଼ିଲେ । ମୁଁ ହାଇଦର ବାବୁଙ୍କ ସହ ପରାମର୍ଶ କଲି । ସେ ସ୍ୱୀକୃତି ପ୍ରଦାନ କଲେ । ଉକ୍ତ ସଙ୍ଗୀତ ଦଳ ଆଣିବାର ବାଟ ଖର୍ଚ୍ଚ ନିମନ୍ତେ ମୁଁ ହାଇସ୍କୁଲ ପାଣ୍ଠିରୁ ଷାଠିଏ ଟଙ୍କା ଆଡ଼ଭାନ୍‌ସ ଦେଲି । ଯଥା ସମୟରେ ସଙ୍ଗୀତ ଦଳ ମାଇନର ସ୍କୁଲ ହଲ୍‌ରେ ସଙ୍ଗୀତ ପରିବେଷଣ କଲେ । ସଙ୍ଗୀତ ଲବ୍ଧ କେତେ ଶହ ଟଙ୍କା ହାଇସ୍କୁଲ ଲାଭ କଲା ।

ଦ୍ୱିତୀୟ ବର୍ଷ ଯଗନ୍ନାଥ ଆଉ ମୋର ପୁତ୍ର ସୁରେଶ୍ୱର ପ୍ରସାଦ ମିଶି ହାଇଦର ବାବୁଙ୍କ ସହିତ କଣ କଥାବାର୍ତ୍ତା କରି ଗୋଟିଏ ଯାତ୍ରାଦଳ ଆଣି ମାଇନର ସ୍କୁଲ ପରିସର ମଧ୍ୟରେ ଯାତ୍ରା କରାଇଲେ । ଯାତ୍ରାଦଳ ତାଙ୍କର ଅଭିନୟ ଶେଷ କରି ଫୁଲ

Digitized by srujanika@gmail.com

ଯିବା ପରେ ସ୍ଥାନୀୟ କେତେକ ବ୍ୟକ୍ତି ସ୍ୱର ଉଠାଇଲେ ଯେ, ସାହାଭିକଣ୍ଡରୁ ଲବ୍ଧ ହୋଇଥିବା ଅର୍ଥ ହାଇସ୍କୁଲ ପାଣ୍ଠିକୁ ନ ଦେଇ ସାହାଡଲ ଆଣିଥିବା ବ୍ୟକ୍ତି ହିଁ ଆତ୍ମସାତ୍ କରୁଛନ୍ତି । ହାଇପର ବାବୁ କିନ୍ତୁ ସେ ବିଷୟରେ ସମ୍ପୂର୍ଣ୍ଣ ନୀରବ । ଏହି ଘଟଣାକୁ କେନ୍ଦ୍ର କରି ହାଇସ୍କୁଲ ପରିଚାଳନା କମିଟିର ଏକ ବୈଠକ ଚାଲିଥିବା ବେଳେ କମିଟିର ଜଣେକ ସଭ୍ୟ ପ୍ରେମାନନ୍ଦ ପାଟଶାଣୀ ଯଜ୍ଞେଶ୍ୱର ନାଥଙ୍କ ବିରୋଧରେ କହିବାକୁ ଯାଇ ତାଙ୍କ ପାରିବାରିକ ଜୀବନ ସମ୍ପର୍କରେ କେତେକ ନିମ୍ନ ସ୍ତରର ମନ୍ତବ୍ୟ ପ୍ରକାଶ କଲେ । କମିଟିର ସଭ୍ୟ ନ ଥିବା ତଥା ଉପସ୍ଥିତ ନ ଥିବା କୌଣସି ଭଦ୍ର ଲୋକଙ୍କ ସମ୍ପର୍କରେ କୁତ୍ସା ପ୍ରଚାର କରିବା ଘଟଣାରେ ମୁଁ ବିଶେଷ ଦୁଃଖ ଅନୁଭବ କଲି । ପରେ ଯେତେବେଳେ ଯଜ୍ଞେଶ୍ୱର ନାଥଙ୍କ ସହିତ ମୋର ସାକ୍ଷାତ ହେଲା ମୁଁ ତାଙ୍କୁ କହିଲି, ସାହାଭିକଣ୍ଡରୁ ଲବ୍ଧ ହୋଇଥିବା ଟଙ୍କା ତୁମେ ହାଇସ୍କୁଲକୁ ଦେଇ ନ ଥିବାରୁ ତୁମ ବିରୁଦ୍ଧରେ ନାନା ସମାଲୋଚନା ହେଉଛି । ବିଶେଷତଃ ପାଟଶାଣୀ ବାବୁ ଅନେକ କଥା କହୁଛନ୍ତି । ତୁମେ ସେ ଟଙ୍କା ଦେଉନା କାହିଁକି ?

ଯଜ୍ଞେଶ୍ୱର ନାଥ କହିଲେ, ଆପଣଙ୍କର ଅନୁମତି ନେଇ ଆମେ ପୂର୍ବରୁ ସଙ୍ଗୀତ ଦଳ ଆଣି ହାଇସ୍କୁଲକୁ ପୁଣି ତ ଷାଠିଏ ଟଙ୍କା ଦେଇଥିଲୁ । ଏଥର ନ ଦେଲୁଁ କାହିଁକି ? ପାଟଶାଣୀ ବାବୁ ଆମର ଟଙ୍କା ଦେବା ନ ଦେବା ବିଷୟରେ କହିବାକୁ କିଏ ? ସେ ହାଇସ୍କୁଲର ଜଣେ ମେମ୍ବର ମୁଁ ଜାଣେ । ତାଙ୍କ ସଙ୍ଗରେ କ'ଣ ମୁଁ ଚୁକ୍ତି କରିଥିଲି ? ନା ହାଇସ୍କୁଲର କୌଣସି କର୍ମକର୍ତ୍ତାଙ୍କ ସହିତ ଆମେ ଚୁକ୍ତି କରିଥିବାର ଆପଣ ଜାଣନ୍ତି କି ? ହାଇସ୍କୁଲର କାହାରି ସହିତ ଆମେ କୌଣସି ଚୁକ୍ତି

Digitized by srujanika@gmail.com

କରନାହୁଁ । ହାଇଦର ବାବୁଙ୍କ ସଙ୍ଗରେ ଆମର ଯାହା କିଛି କଥାବାର୍ତ୍ତା ହୋଇଥିଲା । ଲାଭ ହୋଇଥିଲେ ହାଇସ୍କୁଲ ଟଙ୍କା କିଛି ପାଇଥାନ୍ତା । ମାତ୍ର ଲାଭ ହେଲା ନାହିଁ । ଟଙ୍କା ଆମେ କୋଉଠୁ ଦେବୁଁ ? ଏହାପରେ ପାଟଣାଣୀ ବାବୁଙ୍କ ସଙ୍ଗରେ ସଜ୍ଜାଦ୍ ବାବୁଙ୍କର କ'ଣ କଥା ହେଲା ଏବଂ ସେହି କଥା ପରେ ପାଟଣାଣୀ ବାବୁଙ୍କର ସମୂହ କ୍ରୋଧ ମୋ ଉପରେ ପତିତ ହେଲା ।

ପରବର୍ତ୍ତୀ ହାଇସ୍କୁଲ କମିଟି ବୈଠକରେ ପାଟଣାଣୀ ବାବୁ ମୋତେ କହିଲେ, ଆପଣଙ୍କ ପୁଅ ହାଇସ୍କୁଲ ଟଙ୍କା ଆତ୍ମସାତ୍ କରିଛି । ଆପଣ ସେ ଟଙ୍କା ଦିଅନ୍ତୁ ।

ମୋ ପୁଅ ହାଇସ୍କୁଲର କୌଣସି ସମ୍ପର୍କରେ ନାହିଁ । ହାଇସ୍କୁଲର ଟଙ୍କା ତା ହାତକୁ ଗଲା କେମିତି ? ନାହିଁ ଯଦି ଗୁଜବ ପ୍ରଚରିତ ହେଉଥିବା ଯାହାଉପରୁ ଟଙ୍କା କଥା କହୁଥାନ୍ତି ସେ ହାଇସ୍କୁଲର କେଉଁ ବ୍ୟକ୍ତିଙ୍କ ସହିତ କି ସର୍ତ୍ତରେ ଚୁକ୍ତି କରିଥିଲା କହି ପାରିବେ କି ? ହାଇସ୍କୁଲ ପାଇଁ ଚନ୍ଦା କରିବା, ଦଲିଲ ଦସ୍ତାବିଜ କରିବା, ଟଙ୍କା ପଇସା ଜମା ରଖିବା, ଖର୍ଚ୍ଚ କରିବା ଆଦି କାର୍ଯ୍ୟ ପାଇଁ ହାଇସ୍କୁଲର ସମ୍ପାଦକ କେବଳ ହକଦାର ତଥା କ୍ଷମତା ପ୍ରାପ୍ତ । ମୁଁ ସମ୍ପାଦକ ଥାଇ ମୋର ଜ୍ଞାତସାରରେ ଯାହା ଦାନ ଆଣିବା ବା ଟଙ୍କା ଆଦାୟ କରିବା ଆଦି କୌଣସି ବିଷୟରେ କେହି କିଛି ମୋ ସହିତ କଥାବାର୍ତ୍ତା କରି ନାହାନ୍ତି । ଯାହା ତାଙ୍କର କଥା ହୋଇଥିବ ତାହା ହାଇଦର ବାବୁଙ୍କ ସଙ୍ଗରେ । ହାଇଦର ବାବୁ ସେ କଥା ବୁଝିବାର କଥା । ନାହିଁ ଯଦି ଆପଣଙ୍କର ମୋ ପୁଅ ବିରୁଦ୍ଧରେ କିଛି ନିର୍ଦ୍ଦିଷ୍ଟ ଅଭିଯୋଗ ଥାଏ ଆପଣ ବୈଧାନିକ ପନ୍ଥାରେ

Digitized by srujanika@gmail.com

ଆଣନ୍ତୁ । ଲିଖିତ ଭାବରେ ଆପଣଙ୍କର ଅଭିଯୋଗ ଏହି କମିଟିରେ ଉପସ୍ଥାପନ କରନ୍ତୁ । ତାହା ନିଶ୍ଚୟ ବିଚାର ହୋଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ମୋର ଏହି କଥା ଶୁଣି ପାଟଣାଣୀ ବାବୁ ଉତ୍ତେଜିତ ଭାବରେ କହିବାକୁ ଲାଗିଲେ, ସେ ଟଙ୍କା ପାଇଁ ଆପଣ ଦାୟୀ । ଆପଣ ଦେବେ । ସେ ଯୁକ୍ତି ଯୁକ୍ତ ପନ୍ଥା ସ୍ପର୍ଶ ନ ଥିଲେ । କେବଳ ବାରମ୍ବାର ପାଟି କରିବାକୁ ଲାଗିଲେ, ସେ ଟଙ୍କା ଆପଣ ହିଁ ଦେବେ । କମିଟିର କେତେଜଣ ସଭ୍ୟ ତାଙ୍କର ସେହି କଥାର ସମର୍ଥନ କରିବାର ଦେଖି ମୁଁ ବୁଝି ପାରିଲି, ଏହା ମୋ ବିରୁଦ୍ଧରେ ପୂର୍ବ ପରିକଳ୍ପିତ ଏକ ବୃଥା ଅଭିଯୋଗ ।

ଏହାର କିଛିଦିନ ପରେ ମୋ ବିରୁଦ୍ଧରେ ପରିଚାଳନା କମିଟିରେ ଏକ ଅନାସ୍ଥା ପ୍ରସ୍ତାବ ଅଣା ଯାଉଥିବାର ସମ୍ବାଦ ପାଇଲି । ସ୍କୁଲ ପରିଚାଳନା କମିଟିର ଜଣେ ସଭ୍ୟ କୁମର ଜେନାଙ୍କ ସଙ୍ଗରେ ହଠାତ୍ ରାସ୍ତାରେ ମୋର ଦେଖା ହୋଇଗଲା । ମୁଁ ତାଙ୍କୁ ପଚାରିଲି, ଆଚ୍ଛା ତୁମେ ତ ମୋ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣୁଛ କାଲି କାରଣ କ'ଣ ? ସେ ହଠାତ୍ ଆଶ୍ଚର୍ଯ୍ୟାନ୍ୱିତ ଭାବରେ କହିଲେ, ଅନାସ୍ଥା ପ୍ରସ୍ତାବ କ'ଣ ? ସ୍କୁଲ ପଣ୍ଡିତ ଆସି କହିଲେ, ମିଟିଂ ହେବ, ଦସ୍ତଖତ କରିଦିଅ । ମୁଁ ଦସ୍ତଖତ କରିଦେଲି । ଆପଣଙ୍କ ବିରୁଦ୍ଧରେ କିଛି ତ କହି ନାହିଁ । ଆପଣ ସ୍କୁଲକୁ ଗଢ଼ିଛନ୍ତି । ଆପଣଙ୍କ ବିରୁଦ୍ଧରେ କାହିଁକି କ'ଣ କହିବ ?

ମୋ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ମୂଳରେ ମାଇନର ସ୍କୁଲର ପ୍ରଧାନ ଶିକ୍ଷକ ହାଇଦର ବାବୁଙ୍କର ପ୍ରଚ୍ଛନ୍ନ ହାତ ରହିଥିବାର ଜାଣି ପାରିଲି । ଏହା ପୂର୍ବରୁ ଏପରି ଏକ

Digitized by srujanika@gmail.com

ଘଟଣା ଘଟି ଯାଇଥିଲା, ଯାହା ଫଳରେ ହାଇଦର ବାବୁ ମୋ ଉପରେ ବିଶେଷ ଅସନ୍ତୁଷ୍ଟ ହୋଇଥିଲେ । ଘଟଣାଟି ହେଉଛି—

ଏକ ଜଣେଇ ନାଚଦଳ ଆସି ମାଇନର ସ୍କୁଲରେ କେତେଦିନ ତାଙ୍କର ନାଚ ଦେଖାଇଥିଲେ । ସେଥିରୁ ଗୋଟିଏ ରାତିର ଆୟ ହାଇସ୍କୁଲକୁ ଦେବା ନିମନ୍ତେ ହାଇଦର ବାବୁ କହିଥିଲେ । ମାତ୍ର ବହୁଦିନ ବିତିଗଲେ ମଧ୍ୟ ସେ ଉକ୍ତ ଟଙ୍କା ହାଇସ୍କୁଲକୁ ଦେଲେ ନାହିଁ । ମୁଁ ସେ ବିଷୟରେ ହାଇଦର ବାବୁଙ୍କୁ ପଚାରିବାରେ ସେ କହିଲେ, ମୁଁ ବହୁଦିନ ହେଲା ସେ ଟଙ୍କା ଦେଇ ସାରିଛି । କେବେ କିପରି କାହାକୁ ଦେଇଛ ବୋଲି ପ୍ରଶ୍ନ କରିବାରୁ ସେ କହିଲେ, ସେ ଟଙ୍କାରେ କେତେ ଗୁଡ଼ିଏ ବେଞ୍ଚ, ଡେକ୍ସ ତିଆରି କରି ଦେଇଛି । ସେ ସବୁ ଜିନିଷ ହାଇସ୍କୁଲ ଛାତ୍ରମାନେ ବ୍ୟବହାର କରୁଛନ୍ତି ।

ପ୍ରତ୍ୟୁତ୍ତରରେ ମୁଁ କହିଲି ମାଇନର ସ୍କୁଲରେ ହିଁ ହାଇସ୍କୁଲର କ୍ଲାସ ହେଉଛି । ମାଇନର ସ୍କୁଲର ସମସ୍ତ ଅସବାବ ହାଇସ୍କୁଲ ଛାତ୍ରମାନେ ବ୍ୟବହାର କରୁଛନ୍ତି । ହାଇସ୍କୁଲର ଛାତ୍ରମାନେ ବ୍ୟବହାର କଲେ ବୋଲି ଯେ ସେ ସମସ୍ତ ଅସବାବ ହାଇସ୍କୁଲର ହୋଇଯିବ, ଏହା ତ ନୁହେଁ । ତୁମେ ଯେଉଁ ବେଞ୍ଚ ଡେକ୍ସ ତିଆରି କରିଛ ତାହା ତୁମ ମାଇନର ସ୍କୁଲର ସମ୍ପତ୍ତି ହୋଇ ରହିଛି ।

ହାଇଦର ବାବୁ ଦୃଢ଼ ପ୍ରତିବାଦ କରି କହିଲେ, ନା, ତାହା ହାଇସ୍କୁଲକୁ ଦିଆ ଯାଇଛି ।

ମୁଁ ହାଇସ୍କୁଲର ସେକ୍ରେଟାରୀ । ମୁଁ ଜାଣିଲି ନାହିଁ, ଅଥଚ ତୁମେ କହୁଛ ହାଇସ୍କୁଲକୁ ଦିଆଯାଇଛି । ଏହା କିପରି କଥା ? ପୂର୍ବରୁ ଯଜ୍ଞନାଥ ନାଥ ସାମନ୍ତରାୟ ଆଉ ସୁରେଶ୍ୱର

Digitized by srujanika@gmail.com

ପ୍ରଧାନ ଗିରି, ଦାଣ୍ଡ ମୁକୁନ୍ଦପୁରର ବରିଷ୍ଠ କଣ୍ଟ୍ରାକ୍ଟର ଚୌଧୁରୀ ନଟବର ସାହୁଙ୍କ ଠାରୁ ଦାନ ସ୍ୱରୂପ ଆଣିଥିବା ବେଞ୍ଚ, ଡେସ୍କ, ଏବଂ ଆମେ ହାଇସ୍କୁଲ କମିଟି ସଭ୍ୟ ପଞ୍ଚାୟତ ଇଣ୍ଡଷ୍ଟ୍ରି ଅଫିସରଙ୍କ ଠାରୁ ଆଣିଥିବା ବେଞ୍ଚ, ଡେସ୍କ ସବୁ ହାଇସ୍କୁଲର ପ୍ରପର୍ଟି ବହିରେ ଲିପିବଦ୍ଧ ହୋଇଛି । ତୁମେ ଯଦି ବେଞ୍ଚ ଡେସ୍କ ନେଲ ତାହା ମୋତେ ଜଣାଇ ସ୍କୁଲର ପ୍ରପର୍ଟି ବହିରେ ନ ଲେଖାଇଲ କେମିତି ? ସ୍କୁଲ ବହିରେ ଯାହା ନାହିଁ ତାହା ସ୍କୁଲର ସମ୍ପତ୍ତି ବା ହେଲା କପରି ?

ମୋର ଏହି ଅପ୍ରିୟ ସତ୍ୟ କଥନରେ ହାଇଦର ବାବୁଙ୍କର ହୁଏତ ମୋ ପ୍ରତି ବିରାଗ ଜାତ ହୋଇ ପାରିଥାଏ । ମାତ୍ର ଏଇଥିପାଇଁ ସେ ମୋ ବିରୁଦ୍ଧରେ ଏପରି ଏକ କୂଟ ଚକ୍ରାନ୍ତ ଚଳାଇବେ ଏକଥା ମୁଁ ହଠାତ୍ ବିଶ୍ୱାସ କରିପାରିଲି ନାହିଁ ।

ମାଇନର ସ୍କୁଲର ଆଡ୍‌ସନାଲ ଶିକ୍ଷକଙ୍କର ବହିଷ୍କରଣ ଘଟଣା ନେଇ ହାଇଦର ବାବୁ ଚତୁର୍ଦ୍ଦିଗରୁ ଆକ୍ରାନ୍ତ ହୋଇ ଯେପରି ବ୍ୟସ୍ତ ବିବ୍ରତ ବିଚଳିତ ଅବସ୍ଥାରେ ଏବଂ ଶାରୀରିକ ମାନସିକ ଅସୁସ୍ଥତାରେ ଦିନ କଟାଉଥିଲେ ତାହା ସେ ଏତେଶୀଘ୍ର ଭୁଲି ଯାଇ ସେହି ସମୂହ ବିପଦରେ ଏକମାତ୍ର ସହାୟକ ହିତକାମୀଙ୍କ ବିରୁଦ୍ଧରେ ଅକାରଣରେ ଷଡଯନ୍ତ୍ର କରିବେ, ଏହା ମୋ କଳ୍ପନାର ବହିର୍ଭୂତ ଥିଲା । ତଥାପି ତାହା ବିଶ୍ୱାସ କରିବାକୁ ହେଲା ।

ହାଇସ୍କୁଲ ପ୍ରତିଷ୍ଠା ସମୟରେ ମାଇନର ସ୍କୁଲ ପରିଚାଳନା କମିଟିରୁ ଇସ୍ତଫା ଦେଇଥିଲି । ବର୍ତ୍ତମାନ ହାଇସ୍କୁଲ ପରିଚାଳନା କମିଟିରୁ ଇସ୍ତଫା ଦେଇ ଦୂରେଇ ଗଲି ।

Digitized by srujanika@gmail.com

ଏକ ସ୍ମରଣୀୟ ଘଟଣା

୧୯୫୭ ମସିହାର ମଧ୍ୟ ଭାଗ । ପୁରୀରୁ ଭୁବନେଶ୍ୱରଗାମୀ ଏକ ଯାତ୍ରୀବାହୀ ବସ ପିପିଲି ସବ୍‌ରେଜିଷ୍ଟ୍ରାର ଅଫିସ ସାମନା ଷ୍ଟପେଜରେ ଠିଆ ହୋଇଗଲା । ଯାତ୍ରୀମାନଙ୍କର ଅବତରଣ ଆରୋହଣ ଭିତରେ ଜଣେ ଯାତ୍ରୀ ତାଙ୍କର ଗୋଟିଏ ମାଲଭର୍ତ୍ତି ବସ୍ତା ବସ ଛାତ ଉପରକୁ ଉଠାଇବାର ଚେଷ୍ଟା କରି ଉଠାଇ ପାରୁ ନ ଥାନ୍ତି । ବସ ଭିତରେ ଥାଇ ଜଣେ ବ୍ୟକ୍ତି ତାଙ୍କର ଗୋଟିଏ ହାତ ବଢ଼ାଇ ତାଙ୍କୁ ସାହାଯ୍ୟ କରୁଥାନ୍ତି । ମାତ୍ର ଅଖାଟି ଠେକ ହେଉ ନଥାଏ । ମୁଁ ସେହି ପାଖ ଦେଇ ଯାଉ ଯାଉ ଏ ଦୃଶ୍ୟଟି ମୋ ନଜରରେ ପଡ଼ିଗଲା । ଦୌଡ଼ିଯାଇ ମୁଁ ଦୁଇହାତ ଲଗାଇ ସାହାଯ୍ୟ କଲି । ମାଲଟି ବସ ଉପରକୁ ଉଠିଗଲା । ବସ ଭିତରେ ଥାଇ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କ ଆଡ଼କୁ ମୁଁ ଚାହିଁ ଦେଖିଲି । ସେ ବି ମୋର ଆଡ଼କୁ ଚାହିଁଥିଲେ । ଭଦ୍ରଲୋକ ଜଣକ ମୋର ସମ୍ପୂର୍ଣ୍ଣ ଅପରିଚିତ ପରି ମନେ ହେଲେ । ବସଟି ସଙ୍ଗେ ସଙ୍ଗେ ଛାଡ଼ି ଦେବାରୁ ତାଙ୍କୁ ଭଲ ଭାବରେ ଦେଖିବାର ସୁଯୋଗ ପାଇଲି ନାହିଁ । ସେହିଠାରେ ଠିଆ ହୋଇ ବସର ଗତି ପଥକୁ ଚାହିଁ ରହିଲି କିଛିକ୍ଷଣ । ସେହି ପ୍ରୌଢ଼ ବୟସ୍କ ବ୍ୟକ୍ତିଙ୍କର ମୁହଁଟି ମୋର ଆଖି ଆଗରେ ଭାସି ଉଠିଲା । ଆହା ! କି ଦରଦୀ ପ୍ରାଣ ତାଙ୍କର ସତେ ! ବସ ଭିତରେ ଥାଇ ବି ଜଣେ ଅପରିଚିତ ବ୍ୟକ୍ତିର ମାଲ ଉଠାଇବାରେ ସାହାଯ୍ୟ କରୁଛନ୍ତି ! ସେ ଭଦ୍ରଲୋକଙ୍କ ପ୍ରତି ମୋ ଅନ୍ତରରେ ଏକ ଅନିର୍ବଚନୀୟ ମମତା ଭରି ଉଠିଲା । ଅନେକ ସମୟ ଧରି ଭାବିଲି ତାଙ୍କ ବିଷୟରେ । ଏହି ପୃଥିବୀ ପୃଷ୍ଠରେ ବାସ କରୁଥିବା ମନୁଷ୍ୟମାନେ ଯଦି ପରସ୍ପର ପ୍ରତି ତାଙ୍କର ପରି ସହାନୁଭୂତିଶୀଳ ହୁଅନ୍ତେ, ଜନଜୀବନ କି ସୁଖମୟ ନ ହୁଅନ୍ତା ସତେ ?

Digitized by srujanika@gmail.com

ମିହିରଲାଲ ଚଟ୍ଟୋପାଧ୍ୟାୟ ଜଣେ ଖ୍ରୀଷ୍ଟିଆନ ଭଦ୍ରଲୋକ । ସେ ରେଳବାଇରେ କାମ କରନ୍ତି । ତାଙ୍କ ପତ୍ନୀଙ୍କର ପୀଡ଼ା ସମ୍ବାଦ ପାଇଁ ମୁଁ ତାଙ୍କ ଘରଠାକୁ ଗଲି । ପୀଡ଼ିତାଙ୍କର ଘର ଭିତରକୁ ପଶି ଯାଇ ଯାଉ ହଠାତ୍ ଚମକି ଉଠିଲି । ସମ୍ମୁଖ ପ୍ରାଙ୍ଗଣରେ ଏକ ଅଶ୍ରୁତ ଧ୍ୱନି ମୋ ମୁହଁରୁ ବାହାରି ପଡ଼ିଲା । ରୋଗଶଯ୍ୟା ନିକଟରେ ବସିଥିବା ଭଦ୍ରବ୍ୟକ୍ତି ଜଣକ ସେହିପରି ଅସ୍ଫୁଟ ଆନନ୍ଦ ଧ୍ୱନି କରି ଉଠି ପଡ଼ିଲେ । ଉଭୟେ ଉଭୟଙ୍କୁ ଚାହିଁ ରହିଲୁଁ କେତେ ମୁହୂର୍ତ୍ତ । ପୁଲକ ବିସ୍ମୟର ଅପୂର୍ବ ସମାବେଶ । ଦୁଇଦିନ ପୂର୍ବେ ଯେଉଁ ଭଦ୍ରବ୍ୟକ୍ତି, ଜଣେ ଅପରିଚିତ ବନ୍ଧୁ ଯାତ୍ରୀର ମାଲ ଉଠାଇବାରେ ସହାୟତା କରୁଥିଲେ, ସେହି ସଦାଶୟ ବ୍ୟକ୍ତିଙ୍କର ଏପରି ଅପ୍ରତ୍ୟାଶିତ ଭାବରେ ସାକ୍ଷାତ ପାଇବି ବୋଲି ମୁଁ ଆଶା କରି ନ ଥିଲି ।

ତାଙ୍କର ପରିଚୟ ପାଇଲି । ସେ ମହାଶୟ ମିହିରଲାଲଙ୍କର ଶ୍ୱଶୁର । ନାମ ତାଙ୍କର ରାଜେନ୍ଦ୍ରଲାଲ ମହାନ୍ତି । ଘର ବାଲେଶ୍ୱର ଟାଉନରେ । ତାଙ୍କର ପତ୍ନୀଙ୍କୁ ମୁଁ ଆଗରୁ ଜାଣିଥିଲି । ସେ ମହାଶୟା ପିପିଲି ବ୍ଲକରେ ସାମାଜିକ ଶିକ୍ଷା ସଙ୍ଗଠିକା କାର୍ଯ୍ୟ କରନ୍ତି । ସେ ମାଉସୀ ନାମରେ ପରିଚିତା ଥିଲେ । ସେ କେବଳ ବ୍ଲକ ଅଫିସ ଭିତରେ ମାଉସୀ ନ ଥିଲେ । ସେ ପିପିଲି ଥାନାର ଅଧିବାସୀ ନାରୀପୁରୁଷ ନିର୍ବିଶେଷରେ ସମସ୍ତଙ୍କର ଥିଲେ ମାଉସୀ । ମମତାମୟ ଆନ୍ତରିକତାପୂର୍ଣ୍ଣ ବ୍ୟବହାରରେ ସେ ସମସ୍ତଙ୍କୁ କିଣି ନେଇ ପାରୁଥିଲେ । ରାଜେନ୍ଦ୍ରଲାଲ ବାବୁ ଆଉ ତାଙ୍କର ପତ୍ନୀ ଉଭୟଙ୍କର ଅନ୍ତର ଯେପରି ସମାନ ଉପାଦାନରେ ଗଢ଼ାଥିଲା । ସେ ଉଭୟଙ୍କର ମାନବ ପ୍ରେମ ଥିଲା ଅସାଧାରଣ । ମିହିର ଲାଲଙ୍କର ସହଧର୍ମିଣୀ

Digitized by srujanika@gmail.com

ସେହି ସଦାଶୟ ଦମ୍ପତିଙ୍କର ଏକମାତ୍ର କନ୍ୟା ମଣିମାଳା ମଧ୍ୟ ଉପଯୁକ୍ତ ପିତାମାତାଙ୍କର ସୁ ଆଦର୍ଶରେ ଜଣେ ସୁଗୃହିଣୀ ଭାବରେ ନିଜକୁ ଗଢ଼ି ପାରିଥିଲେ ।

ପ୍ରଥମ ଦର୍ଶନ ଠାରୁ ରାଜେନ୍ଦ୍ରଲାଲ ବାବୁ ଆଉ ମୋ ଭିତରେ ଗଢ଼ି ଉଠିଥିଲା ଏକ ଅକୃତ୍ରିମ ବନ୍ଧୁତା । ରାଜେନ୍ଦ୍ର ବାବୁଙ୍କର ପୁତ୍ର ସନ୍ତାନ ନ ଥିବାରୁ ସେ ମଝିରେ ମଝିରେ କନ୍ୟା ଘରକୁ ପ୍ରାୟ ଆସନ୍ତି । ସେ ଯେବେ ପିପିଲି ଆସନ୍ତି ତାଙ୍କର ପ୍ରଥମ କାର୍ଯ୍ୟ ମୋ ଘରକୁ ଆସି ମୋର ସାକ୍ଷାତ ଲାଭ କରିବା । ରାଜେନ୍ଦ୍ର ବାବୁ ତାଙ୍କର ଘର ବାଲେଶ୍ୱରରେ ଥାନ୍ତୁ ବା ଅନ୍ୟ ଯେ କୌଣସି ଠାରେ ଥାନ୍ତୁ ନା କାହିଁକି ପ୍ରତି ପନ୍ଦର ଦିନରେ ମୋତେ ନିୟମିତ ପତ୍ର ଲେଖନ୍ତି । ତାଙ୍କ ପତ୍ର ଲିଖନର ମନୋଜ୍ଞ ଶୈଳୀ ଆଉ ଶ୍ରୁତି ମଧୁର ଚିତ୍ତାକର୍ଷକ ଭାଷାର ପ୍ରୟୋଗ ସୂଚାଇ ଦିଏ ସେ ଜଣେ ଉଚ୍ଚକୋଟିର ସୁରସିକ ସାହିତ୍ୟିକ ।

ମିହିରଲାଲଙ୍କର ମୁଁ ଥିଲି ଗୃହ ଚିକିତ୍ସକ । ଏବେ ରାଜେନ୍ଦ୍ରଲାଲ ବାବୁଙ୍କର ଚିକିତ୍ସକ ହେଲି । ସେ ବାଲେଶ୍ୱରରେ ଥିବା ବେଳେ କୌଣସି ପୀଡ଼ାରେ ପୀଡ଼ିତ ହେଲେ, ରୋଗର ବର୍ଣ୍ଣନା କରି ପତ୍ର ଲେଖନ୍ତି । ଏବଂ ମୋର ବ୍ୟବସ୍ଥା ପତ୍ରାନୁସାରେ ସେଠାରେ ଔଷଧ ସେବନ କରନ୍ତି ।

ରାଜେନ୍ଦ୍ରଲାଲ ବାବୁଙ୍କର ଅନ୍ତିମ ସମୟ ପର୍ଯ୍ୟନ୍ତ ଆମ ଉଭୟଙ୍କ ମଧ୍ୟରେ ନିୟମିତ ପତ୍ର ବିନିମୟ ଚାଲିଥିଲା । ଆଜି ସେ ପର ପାରରେ । ଆଜି ମଧ୍ୟ ସେହି ସହୃଦୟ ସଦାଶୟ ରାଜେନ୍ଦ୍ର-ଲାଲ ମହାନ୍ତି ମହାଶୟଙ୍କୁ ସ୍ମରଣ କଲେ ଅନ୍ତରରେ ବନ୍ଧୁ ହରାଇବା ମହାଭାବ ଜାଗରିତ ହୋଇ ଉଠେ ।

Digitized by srujanika@gmail.com

ଅଧ୍ୟାପକ ଜୟକୃଷ୍ଣ ମିଶ୍ର

୧୯୬୦ ମସିହା ମାର୍ଚ୍ଚ ମାସର ଏକ ପୂର୍ବାହ୍ନରେ ଜଣେ ଅପରିଚିତ ବ୍ୟକ୍ତି ମୋ ଘରଠାକୁ ଆସି ମୋର ପରିଚୟ ଜିଜ୍ଞାସା କଲେ । ମୁଁ ମୋର ପରିଚୟ ଦେଇ ତାଙ୍କୁ ପଚାରିଲି ଆପଣ କ'ଣ ଚାହାନ୍ତି ?

ମୋ ନାଁ ଶୁକଦେବ । ମୋର ଘର ଲଦାଖ । ଆଗ୍ରା ଇଉନିଭରସିଟିରୁ ମୁଁ ନୃତତ୍ତ୍ୱରେ ଡକ୍ଟରେଟ୍ କରିବା ନିମନ୍ତେ ଦୁଇବର୍ଷ ପାଇଁ ସାଇକଲରେ ଭାରତ ଭ୍ରମଣ କରୁଛି । ଗୋଟିଏ ବର୍ଷ କଟିଗଲାଣି । ଆଉ ବର୍ଷକ ପରେ ଆଗ୍ରା ଫେରିଯିବି । ବାଲୁଗାଁର ଡାକ୍ତର ରାଧାଚରଣ ପଣ୍ଡା ଆପଣଙ୍କ ସହ ସାକ୍ଷାତ କରିବା ପାଇଁ ମୋତେ କହିଛନ୍ତି । ଭଦ୍ରଲୋକ କହିଲେ ।

ହଁ, ଡାକ୍ତର ରାଧାଚରଣ ପଣ୍ଡା ମୋର ଜଣେ ପରମ ବନ୍ଧୁ । ଆପଣ ମୋ ଠାରୁ କ'ଣ ଚାହାନ୍ତି କହନ୍ତୁ । ମୁଁ ପ୍ରଶ୍ନ କଲି ।

ମୁଁ ସାଇକଲିଂ କରି କ୍ଳାନ୍ତ ହୋଇ ପଡ଼ିଛି । ଏଠାରେ କିଛିଦିନ ବିଶ୍ରାମ କରିବି । ବସ୍‌ରେ ପୁରୀ, କୋଣାର୍କ ଭ୍ରମଣ କରି କଟକ ଦେଇ ଫେରିଯିବି । ଏଠାରେ କେଉଁଠି ରହିବି ? ପଚାରିଲେ ଶୁକଦେବ ।

ମୋ ଘରେ ରହିବେ ।

ଆପଣଙ୍କ ଘରେ ରହିବି ? କେଉଁ ଘରେ ? ମୁଁ ମୋର ଦାଣ୍ଡ ଘରକୁ ଦେଖାଇ ଦେଇ କହିଲି, ଏହି ଘରେ ରହିବେ ।

ଶୁକଦେବ ମୋତେ ଧନ୍ୟବାଦ ଦେଇ ଘର ଭିତରେ ତାଙ୍କର ଜିନିଷ ପତ୍ର ସବୁ ସଜାଇ ରଖିଲେ ।

ପରଦିନ ଖାଇବା ସମୟରେ ଶୁକଦେବ ମୋତେ କହିଲେ, ବର୍ଷକ ଭିତରେ ମୁଁ ଭାରତର ପଶ୍ଚିମ ଆଉ ଦକ୍ଷିଣାଞ୍ଚଳର

Digitized by srujanika@gmail.com

ଅନେକ ସ୍ଥାନ ପରିଭ୍ରମଣ କଲିଣି । କିନ୍ତୁ ଡାକ୍ତର ହରିଚରଣ ଗିରିଙ୍କ ପରି ଜଣେ ଲୋକ ମୁଁ କେଉଁଠି ଦେଖି ନାହିଁ । ମୁଁ ଯେଉଁ ଭଦ୍ରବ୍ୟକ୍ତିଙ୍କ ପାଖକୁ ଯାଇ ରହିବାର ଇଚ୍ଛା ପ୍ରକାଶ କରିଛି, ସେମାନେ ସମସ୍ତେ ମୋତେ ଅନେକ ପ୍ରଶ୍ନ ପଚାରିଛନ୍ତି । ମୁଁ ସାଧୁ କି ଚୋର, ମୋର କଥା ସତ କି ମିଛ ସେଥିପାଇଁ ଅନେକ ଅନୁସନ୍ଧାନ କରିଛନ୍ତି । ଅନେକ ପ୍ରମାଣ ଖୋଜିଛନ୍ତି । ତାଙ୍କର ହୃଦବୋଧ ହେଲେ ଦିନେ ଦୁଇଦିନ ପାଇଁ କେଉଁଠି ହେଲେ ମୋର ରହିବାର ବ୍ୟବସ୍ଥା କରି ଦେଇଥାନ୍ତି । କିନ୍ତୁ ଆପଣ ମୋ ବିଷୟରେ କୌଣସି ପ୍ରକାର ଅନୁସନ୍ଧାନ ନ କରି ମୋର ଦିପଦ କଥା ଉପରେ ବିଶ୍ୱାସ କରି କିପରି ଆପଣଙ୍କର ଘର ଭିତରେ ସ୍ଥାନ ଦେଲେ ତାହା ମୋତେ ବିଶେଷ ଆଶ୍ଚର୍ଯ୍ୟାନ୍ୱିତ କରୁଛି । ଆପଣଙ୍କ ପରି ଜଣେ ସରଳ ବିଶ୍ୱାସୀ ବ୍ୟକ୍ତି ମୁଁ ଜୀବନରେ ଦେଖି ନାହିଁ ।

ମୁଁ କହିଲି, ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବାର କିଛି ନାହିଁ । ଆମର ମନୀଷୀମାନେ କହି ଯାଇଛନ୍ତି ମନୁଷ୍ୟର ମୁହଁ ତା ଅନ୍ତରର ସୂଚୀପତ୍ର । ସେହି ଆପ୍ତବାଣୀ ଯଦି ସତ୍ୟ ହୁଏ ତା ହେଲେ ମୁଁ ଆପଣଙ୍କର ମୁହଁ ସୂଚୀପତ୍ରରୁ ଆପଣଙ୍କର ଅନ୍ତର ଜାଣିପାରିବା କ'ଣ ଯଥାର୍ଥ ନୁହେଁ ?

ଶୁକଦେବ ପନ୍ଦର ଦିନ ଯାଏ ମୋ ଘରେ ରହିଲେ । ଇ· ଟି. ସ୍କୁଲ ଓ ମାଇନର ସ୍କୁଲର ଶିକ୍ଷକମାନେ ଆସି ତାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରନ୍ତି । ମୁଁ ତାଙ୍କୁ ବି· ଡି. ଓ. ଙ୍କ ସଙ୍ଗରେ ନେଇ ପିପିଲି ଅଞ୍ଚଳର କେତେକ ଗ୍ରାମ ବୁଲାଇ ଆଣିଲି । ସେ ଅର୍ଥାଭାବରେ ପଡ଼ିଥିବାର ପ୍ରକାଶ କରିବାରୁ ମୁଁ ସମସ୍ତ ବ୍ୟୟଭାର ବହନ କରି ତାଙ୍କର ପୁସ୍ତ,

Digitized by srujanika@gmail.com

କୋଣାର୍କ ଆଦି ସ୍ଥାନ ଭ୍ରମଣ କରିବାର ସୁବିଧା କରାଇ ଦେଲି । ପିପିଲିର ଚାରିଦିନ ଅବସ୍ଥାନ ପରେ ଶ୍ରୀନଟଦେବ ତାଙ୍କର ଗନ୍ତବ୍ୟ ପଥରେ ଯାତ୍ରା କରିଥିଲେ ।

ପିପିଲି ଇ. ଟି. ସ୍କୁଲର ପ୍ରଧାନ ଶିକ୍ଷକ ପତିତପାବନ ଇନ୍ଦ୍ରସିଂହଙ୍କ ଠାରୁ ଏହି ଘଟଣା ଶୁଣିପାରି ପୁରୀ କଲେଜର ଅଧ୍ୟାପକ ସଦାଶୟ ମାନବ ପ୍ରେମୀ କବି ଜୟକୃଷ୍ଣ ମିଶ୍ର ମହାଶୟ ଦିନେ ଅପ୍ରତ୍ୟକ୍ଷ ଭାବରେ ଆସି ମୋ ଘର ଠାରେ ପହଞ୍ଚିଲେ । ସେତେବେଳେ ଆମେ ଉଭୟେ ଉଭୟଙ୍କର ସମ୍ପୂର୍ଣ୍ଣ ଅପରିଚିତ । ତାଙ୍କର ପ୍ରଥମ ସମ୍ଭାଷଣ ହେଲା—ଆପଣ ଆଗ୍ରା ୟୁନିଭରସିଟିର ଲଦାଖର ଜଣେ ଛାତ୍ରଙ୍କୁ ଆପଣଙ୍କ ଘରେ ସ୍ଥାନ ଦେଇ ତାଙ୍କର ଶିକ୍ଷାକାର୍ଯ୍ୟର ସହାୟତା କରିଥିବା କଥା ପତିତପାବନ ବାବୁଙ୍କ ଠାରୁ ଶୁଣି ମୁଁ ଆପଣଙ୍କୁ ସାଧୁବାଦ ଜଣାଇବାକୁ ଆସିଛି । ଶିକ୍ଷାର ବିକାଶ ଲାଗି ଆପଣଙ୍କର ଏହି ପିପିଲି ଅଞ୍ଚଳକୁ ଅବଦାନର କଥା ମଧ୍ୟ ଶୁଣିଛି । ଆପଣଙ୍କର ଦେଶକୁ ଜାତିକୁ ଏହି ମହତ୍ ଦାନର ପଟାନ୍ତର ନାହିଁ । ମୁଁ ଆଜ ଆପଣଙ୍କର ସାକ୍ଷାତର ସୁଯୋଗ ଲାଭ କରି ପରମାନନ୍ଦ ଲାଭ କରୁଛି ।

ସେହି ମୁହୂର୍ତ୍ତରୁ ଆମ୍ଭେ ଦୁହେଁ ପରସ୍ପର ନିବିଡ଼ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇଗଲୁଁ ।

ଅଧ୍ୟାପକ କବି ଜୟକୃଷ୍ଣ ବାବୁ କେତେଥର ମୋ ଘରଠାକୁ ଆସିଛନ୍ତି । ମୁଁ ମଧ୍ୟ ତାଙ୍କର ପୁରୀ କ୍ୱାର୍ଟରକୁ ଏବଂ ଭଗିରଥୀ ନିକଟସ୍ଥ ତାଙ୍କର ବାସଭବନକୁ ଯାଇଛି ।

ତାଙ୍କର ଅପ୍ରକାଶିତ ସଂସ୍କୃତ ଭାଷାରେ ଲିଖିତ 'ମାତୃମୁକ୍ତ ମୁକ୍ତାବଳୀ' ମହାକାବ୍ୟର କେତେ ଅଂଶ ସେ କେତେଥର ପାଠ କରି ମୋତେ ଶୁଣାଇଛନ୍ତି । ତାଙ୍କର ସରଳ ମାନବ ପ୍ରେମୀ

Digitized by srujanika@gmail.com

ମହାମାୟ୍ଯ ଗୁଣ ସାଙ୍ଗକୁ ଥିଲା ଅଗାଧ ପାଣ୍ଡିତ୍ୟ । ଗଦ୍ୟ, ପଦ୍ୟ ବା ସଂସ୍କୃତ ଶ୍ଳୋକ ଯାହା କିଛି ସେ ଲେଖି ବସିଲେ, ତାଙ୍କୁ ବିଶେଷ ଚିନ୍ତା କରିବାକୁ ହୁଏ ନାହିଁ । ତାଙ୍କର ଲେଖନୀ ଅବାରିତ ଗତିରେ ଚାଲେ । ତାଙ୍କ ସହିତ ସାହିତ୍ୟ ଚର୍ଚ୍ଚା ବେଳେ ତାଙ୍କର ପାଣ୍ଡିତ୍ୟ ଏବଂ ପ୍ରତ୍ୟୁତ୍ପନ୍ନମତିତାରେ ବିମୁଗ୍ଧ ହୋଇ କୌତୂହଳ ଚରିତାର୍ଥ କରିବା ନିମନ୍ତେ ମୁଁ କେତେଥର ତାଙ୍କୁ କୌଣସି କୌଣସି ବିଷୟରେ ଗୀତ ଏବଂ ଷଡ଼ୁ କବିତା ଲେଖିବାର ଅନୁରୋଧ କରିଛି । ସେ ତଳେ ଲେଖିଲା ପରି ସଙ୍ଗେ ସଙ୍ଗେ ମାତ୍ର କେତେ ମିନଟ ମଧ୍ୟରେ ଏପରି ସରଳ ସୁବୋଧ ଭାବଗର୍ଭ ଲେଖା ଲେଖି ପକାନ୍ତି ଯାହା ଦେଖି ମୁଁ ବିସ୍ମୟା-ନନ୍ଦରେ ଅଭିଭୂତ ହୋଇଯାଏ ।

ସେହି ପବିତ୍ରାତ୍ମା ମହାକବି ବନ୍ଧୁ ଜଗୃବନ୍ଧୁ ବର୍ତ୍ତମାନ ସ୍ୱର୍ଗରେ । ବର୍ତ୍ତମାନ ମଧ୍ୟ ତାଙ୍କୁ ସ୍ମରଣ କରି ମୁଁ ପ୍ରେରଣା ଲାଭ କରୁଅଛି ।

ଈଶ୍ୱର ତାଙ୍କ ଆତ୍ମାର ସଦ୍‌ଗତି ବିଧାନ କରନ୍ତୁ ।

ପିପିଲିରେ ସମବାୟ ଖାଉଟି ଭଣ୍ଡାର ସ୍ଥାପନ

ମୁଁ ଯେତେବେଳେ ପିପିଲି କୋଅପରେଟିଭ୍ ଷ୍ଟୋରର ସମ୍ପାଦକ ଦାୟିତ୍ୱ ଗ୍ରହଣ କଲି, ସେତେବେଳେ ଷ୍ଟୋରର ଅବସ୍ଥା ଭଲ ନ ଥିଲା । କ୍ରମାଗତ ଭାବରେ ଜଣକ ପରେ ଜଣେ କରି ତିନିଜଣ ସେଲ୍‌ସ କ୍ଲର୍କ ଷ୍ଟୋରର ଅନେକ ଗୁଡ଼ିଏ ଟଙ୍କା ଆତ୍ମସାତ କଲେ । ମୁଁ ଯଥାସ୍ଥିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କ ଠାରୁ ଉକ୍ତ ଟଙ୍କା ଆଦାୟ କଲି ସତ, ମାତ୍ର ଷ୍ଟୋରର ସ୍ୱଚ୍ଛଳ ଅବସ୍ଥା ଆଉ ଫେରିଲା ହେଲା ନାହିଁ । ଷ୍ଟୋରର ମୂଳଧନ କ୍ରମେ ହ୍ରାସ ହେବାକୁ ଲାଗିଲା । ମୋର ପରାମର୍ଶ କ୍ରମେ

Digitized by srujanika@gmail.com

ପୁଣାର ଆସିଷ୍ଟାଣ୍ଡ ରେଜିଷ୍ଟ୍ରାର ଷ୍ଟୋରକୁ ଯାଞ୍ଚ କରିବାର ବ୍ୟବସ୍ଥା କରି ଦେଇଥିଲେ ।

ମୁଁ ହ୍ୱିଟସ୍ସ ହାଇସ୍କୁଲରୁ ଅବସର ନିବାର କିଛି ଦିନ ପରେ କେତେଜଣ ବରିଷ୍ଠ ବ୍ୟକ୍ତି ପିପିଲିରେ ଗୋଟିଏ ସମବାୟ ଖାଉଟି ଭଣ୍ଡାର ଖୋଲିବାର ପରିକଳ୍ପନା କରି ମୋର ସହାୟତା ଚାହିଁଲେ । ଖାଉଟି ଭଣ୍ଡାର ଖୋଲିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପିପିଲି ମିଶନ ମି. ଇ. ସ୍କୁଲର ପ୍ରଧାନ ଶିକ୍ଷକ ହାଇଦର ମହମ୍ମଦ ଜଣେ ମୁଖ୍ୟ ବ୍ୟକ୍ତିଥିଲେ । ହାଇଦର ବାବୁଙ୍କ ଲାଗି ମୁଁ ହାଇସ୍କୁଲ ସମ୍ପର୍କ ତ୍ୟାଗ କରିଥିଲେ ମଧ୍ୟ ତାଙ୍କ ପ୍ରତି ମୋର କୌଣସି ପ୍ରକାର ବିରୋଧ ଭାବ ନଥିଲା । ମୋର କୌଣସି ପ୍ରକାର ସ୍ୱାର୍ଥ ହାସଲ କରିବା କିମ୍ବା ପ୍ରାଧାନ୍ୟ ପ୍ରତିଷ୍ଠା କରିବାର ମନୋବୃତ୍ତି ନ ଥିବା ହେତୁ ସାଧାରଣ କ୍ଷେତ୍ରରେ କାର୍ଯ୍ୟ ଉପଲକ୍ଷେ କାହାର କୌଣସି ବିରୋଧମତ ବା କାର୍ଯ୍ୟକୁ ମୁଁ ବ୍ୟକ୍ତିଗତ ବିରୋଧ ରୂପେ ଗ୍ରହଣ କରେ ନାହିଁ । ଏହା ମୋର ସ୍ୱଭାବସିଦ୍ଧ ଗୁଣ ।

ବର୍ତ୍ତମାନ ହାଇଦର ବାବୁ ସମବାୟ ଖାଉଟି ଭଣ୍ଡାର ଖୋଲିବା ନିମନ୍ତେ ମୋତେ ଅନୁରୋଧ କରିବାରୁ, ଏହା ଏକ ସମୟୋପଯୋଗୀ ଉତ୍ତମ ଡଗ୍ଗର ଭାବରେ ମୁଁ ଗ୍ରହଣ କରିନେଲି । ପିପିଲିରୁ କୋ-ଅପରେଟିଭ ଷ୍ଟୋରଟି ଉଠିଯିବାର ଦୀର୍ଘ ଅଠର ବର୍ଷ ହୋଇଯାଇ ଥିଲା । ଏହି ଦୀର୍ଘ ଦିନର ବ୍ୟବଧାନ ପରେ ସମବାୟ ଖାଉଟି ଭଣ୍ଡାର ଖୋଲିବାର ଉଦ୍ୟମକୁ ମୁଁ ସ୍ୱାଗତ ଜଣାଇଲି ।

ମୋର ସଭାପତିତ୍ୱରେ ପାଞ୍ଚଜଣ ସଭ୍ୟଙ୍କୁ ନେଇ ପିପିଲି ସମବାୟ ଖାଉଟି ଭଣ୍ଡାରର ଏକ ପରିଚାଳନା କମିଟି ଗଠିତ

Digitized by srujanika@gmail.com

ହେଲା । ଉକ୍ତ ପରିଚାଳନା କମିଟିରେ ହାଇଦର ବାବୁ ଜଣେ ସଭ୍ୟ ରହିଲେ । ପ୍ରଥମେ ଛଅ ହଜାର ଟଙ୍କା ଅଂଶଧନ ଆଦାୟ କରାଯାଇ ବ୍ୟାଙ୍କରେ ଜମା ରଖାଗଲା । ମାଝ ପୁଷ୍ପର ଆସିଷ୍ଟାଣ୍ଟ୍ ରେଜିଷ୍ଟ୍ରାର ପିପିଲିରେ ସମବାୟ ଖାଉଟି ଭଣ୍ଡାର ଖୋଲିବାର ଦୃଢ଼ ବିରୋଧ କଲେ । ତାଙ୍କର ଯୁକ୍ତି ହେଲା, ଯେଉଁଠାରେ ପିପିଲି କୋ-ଅପରେଟିଭ ଷ୍ଟୋର ଚଳି ପାରିଲା ନାହିଁ, ସେଠାରେ ସମବାୟ ଖାଉଟି ଭଣ୍ଡାର ଚଳିବ କିପରି ? ସେଥିପାଇଁ ମୋତେ ତାଙ୍କ ସହିତ ଅନେକ ବାର ସାକ୍ଷାତ କରି ବୁଝାଇବାକୁ ପଡ଼ିଲା । ଅଠର ବର୍ଷ ପୂର୍ବେ ଲୋକମାନେ ଯେଉଁ ଅବସ୍ଥାରେ ଥିଲେ ବର୍ତ୍ତମାନ ତ ଆଉ ସେହି ଅବସ୍ଥାରେ ନାହାନ୍ତି । ଦିନକୁ ଦିନ ଜନ ସଚେତନତା ବଢ଼ୁଛି । ସମବାୟ ଦିଗରେ ଲୋକମାନଙ୍କର ପୂର୍ବଠାରୁ ଯଥେଷ୍ଟ ଆଗ୍ରହ ବଢ଼ିଛି ଇତ୍ୟାଦି ଅନେକ କଥା ତାଙ୍କୁ ବାରମ୍ବାର ବୁଝାଇବା ପରେ ସେ ମହାଶୟ ତାଙ୍କର ସ୍ୱୀକୃତି ପ୍ରଦାନ କଲେ ।

ଯଥା ସମୟରେ 'ପିପିଲି ସମବାୟ ଖାଉଟି ଭଣ୍ଡାର' ଉନ୍ମୋଚିତ ହେଲା । ଜଣେ ସେଲ୍‌ସ କ୍ଲର୍କ ନିଯୁକ୍ତି ପାଇଲେ । ଆଉ ଜଣେ ସେଲସ୍‌ମ୍ୟାନ ନିଯୁକ୍ତି ପାଇଁ ପ୍ରାର୍ଥୀ ଖୋଜା ଚାଲିଲା । ହାଇଦର ବାବୁ ଜଣକର ନାମ ସୁପାରିସ କଲେ । ସେ କିନ୍ତୁ ଉକ୍ତ କାର୍ଯ୍ୟ ପାଇଁ ଅନିଚ୍ଛା ପ୍ରକାଶ କଲେ । ହାଇଦର ବାବୁ ଆଉ ଜଣକର ନାମ ସୁପାରିସ କଲେ । ସମବାୟ ଭଣ୍ଡାରର ନିୟମାନୁସାରେ ଏଗ୍ରିମେଣ୍ଟରେ ସ୍ୱାକ୍ଷର କଲା ବେଳକୁ ସେ ବ୍ୟକ୍ତି ମଧ୍ୟ ଅନିଚ୍ଛା ପ୍ରକାଶ କଲେ । ସେତିକବେଳେ ସେଲ୍‌ସ କ୍ଲର୍କ ଇସ୍ତଫା ଦେଇ ଚାଲିଗଲେ । ହାଇଦର ବାବୁ ଉକ୍ତ ସେଲ୍‌ସ କ୍ଲର୍କ କାର୍ଯ୍ୟ ପାଇଁ ଖାଉଟି ଭଣ୍ଡାରର ଜଣେ ଅଂଶୀଦାର

Digitized by srujanika@gmail.com

ଓ୍ୟାହେଦ ଅଲ୍ଲି ସାଙ୍କର ପୁଅ ଜାହେଦ ଅଲ୍ଲି ସାଙ୍କୁ ମନୋନୀତ କରି ଘୋଷିତ କହିଲେ, ଆମର ନିୟମାନୁସାରେ ଶହେ ଟଙ୍କାରୁ କମ୍‌ରେ କେହି ଭଣ୍ଡାରର ଅଂଶ କିଣି ପାରିବେ ନାହିଁ । ମାତ୍ର ଓ୍ୟାହେଦ ଅଲ୍ଲି ସାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ତାଙ୍କର ପୁଅ ଜାହେଦ ଅଲ୍ଲି ସା ମାତ୍ର ଦଶଟଙ୍କା ଦେଇ ଗୋଟିଏ ଅଂଶ କିଣିବେ ଏବଂ ତାଙ୍କୁ ହିଁ ମାସିକ ଏକଶତ ଟଙ୍କା ବେତନରେ ସେଲ୍‌ସ କ୍ଲର୍କ ନିଯୁକ୍ତ କରିବା । ମୁଁ ତାଙ୍କ ପ୍ରସ୍ତାବରେ ଏକମତ ହେଲି । ଜାହେଦ ଅଲ୍ଲି ସା ଦଶଟଙ୍କାର ଅଂଶଟିଏ କିଣିଲେ ଏବଂ ତାଙ୍କୁ ସେଲ୍‌ସ କ୍ଲର୍କ ଭାବରେ ନିଯୁକ୍ତ ଦେଲି । ସେଲ୍‌ସମ୍ୟାନ ପାଇଁ ଆଉ ଜଣେ ମୁସଲମାନ ଯୁବକଙ୍କୁ ନିଯୁକ୍ତ ଦେବା ନିମନ୍ତେ ହାଇଦର ବାବୁ ପ୍ରସ୍ତାବ କଲେ । ମୁଁ ମୋର ମତ ପ୍ରକାଶ କରି କହିଲି, ଖାଉଟି ଭଣ୍ଡାରର ଅଂଶୀଦାର ମାନଙ୍କ ମଧ୍ୟରେ ବିଭିନ୍ନ ଗୋଷ୍ଠୀର ଲୋକ ଅଛନ୍ତି । ଦୁଇଜଣଯାକ କର୍ମଚାରୀ ଗୋଟିଏ ଗୋଷ୍ଠୀର ହେଲେ ଅସନ୍ତୋଷ ପ୍ରକାଶ ପାଇପାରେ । ହାଇଦର ବାବୁ ମୋ ସହିତ ଏକମତ ହେଲେ । ସେ ପ୍ରସ୍ତାବ ବନ୍ଦ ରହିଲା ।

ନୂଆହାଟ ଭରସାପୁର ନିବାସୀ ଗଜେନ୍ଦ୍ର ବିଶ୍ୱସ୍ୱୀଙ୍କର ପୁଅ ରଜକିଶୋର ବିଶ୍ୱସ୍ୱୀଙ୍କୁ ମୁଁ ସେଲ୍‌ସମ୍ୟାନ କାର୍ଯ୍ୟ ପାଇଁ ମନୋନୀତ କରି ହାଇଦର ବାବୁଙ୍କୁ ପଚାରିଲି । ହାଇଦର ବାବୁ କହିଲେ, ସେଲ୍‌ସ କ୍ଲର୍କ ଆଉ ସେଲସ୍‌ମ୍ୟାନ ଦୁଇଜଣଯାକ ମ୍ୟାଟ୍ରିକ୍ ପାସ କରିଛନ୍ତି । ସେଲସ୍‌ମ୍ୟାନ୍ ସେଲ୍‌ସ କ୍ଲର୍କଙ୍କୁ ମାନିବ ତ ? ନ ମାନିଲେ କେମିତି ଚଳିବ ? ଆଚ୍ଛା ବୁଝି ଦେଖେ । ମୁଁ କହିଲି ।

ପ୍ରାର୍ଥୀ ରଜକିଶୋର ବିଶ୍ୱସ୍ୱୀଙ୍କୁ ଡାକି ମୁଁ ବୁଝାଇ ଦେଲି । ସେ ସେଲ୍‌ସ କ୍ଲର୍କଙ୍କର ଆଦେଶାନୁସାରେ ତାଙ୍କର କର୍ତ୍ତବ୍ୟ

Digitized by srujanika@gmail.com

ଭୁଲାଇବାର ନିର୍ଭର ପ୍ରତିଶ୍ରୁତି ଦେଲେ । ସେ ବିଷୟ ଯଥା ସମୟରେ ମୁଁ ହାଇଦର ବାବୁଙ୍କୁ ଜଣାଇ ଦେଲି । ଜାହେଦ ଅଲ୍ଲିସା ଯେଉଁ ପଦ୍ଧତିରେ ଖାଦି ଭଣ୍ଡାରର ସଭ୍ୟ ହୋଇ ସେଲ୍‌ସ କ୍ଳର୍କ ନିଯୁକ୍ତ ପାଉଥିଲେ, ସେହି ପଦ୍ଧତିରେ ଗଜେନ୍ଦ୍ର ବିଶ୍ୱାସୀ ଏକଶତ ଟଙ୍କାର ଭଣ୍ଡାରର ଏକ ଅଂଶ କିଣିଲେ ଏବଂ ତାଙ୍କର ପୁଅ ଦଶଟଙ୍କାର ଏକ ଅଂଶ କିଣିଲେ । ଯେଉଁଦିନ ପରିଚାଳନା କମିଟିରେ ଶେଷ ନିଷ୍ପତ୍ତି ଗ୍ରହଣ କରାଯାଇ ତାଙ୍କୁ ନିଯୁକ୍ତ ଦେବାର କଥା ପରିଚାଳନା କମିଟି ବସିବାର କିଛି ପୂର୍ବରୁ ହାଇଦର ବାବୁ ଆସି ମୋତେ କହିଲେ, ଗଜେନ୍ଦ୍ର ବିଶ୍ୱାସୀ ଆପଣଙ୍କର ବନ୍ଧୁ ବୋଲି ତାଙ୍କର ପୁଅକୁ ନିଯୁକ୍ତ ଦେବାରେ ଆପତ୍ତି ହେଉଛି । ମୁଁ ହସି ହସି କହିଲି, ସେ ଖ୍ରୀଷ୍ଟିଆନ ମୁଁ ହିନ୍ଦୁ । ସେ ମୋର କେମିତି ହେଲେ ବନ୍ଧୁ ?

ସଲମନ କହିଲେ, ସେ ଆପଣଙ୍କର ବନ୍ଧୁ । ହାଇଦର ବାବୁ ଉତ୍ତର କଲେ । ମୁଁ କହିଲି, ଆମେ କ'ଣ ପ୍ରତ୍ୟେକେ ପ୍ରତ୍ୟେକଙ୍କର ବନ୍ଧୁ ନୁହଁ ?

ସଲମନ ଖାଦି ଭଣ୍ଡାରର ଜଣେ ସାଧାରଣ ଅଂଶୀଦାର, ପରିଚାଳନା କମିଟିର ସଭ୍ୟ ନୁହନ୍ତି । ରାଜକିଶୋରଙ୍କ ନିଯୁକ୍ତି ବିଷୟରେ ସେ କିପରି ଜାଣିଲେ ? ଜାଣିଲେ ତ ଜାଣିଲେ । ଆପତ୍ତି କରିବା ମୂଳରେ ତାଙ୍କର କି କାରଣ ବା ଅଧିକାର ଥିଲା ? ମୁଁ ଏହିପରି ଭାବୁଥିବା ବେଳେ ପରିଚାଳନା କମିଟିର ଅନ୍ୟ ଦୁଇଜଣ ସଭ୍ୟ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ଈଶ୍ୱର ପାଷିତ ଆସି ପହଞ୍ଚିଗଲେ । ସେ ଦୁହେଁ ମଧ୍ୟ ହାଇଦର ବାବୁଙ୍କୁ ସମର୍ଥନ କରି ରାଜକିଶୋରଙ୍କୁ ନିଯୁକ୍ତ ନ ଦେବାର ମତ ବ୍ୟକ୍ତ କଲେ । ଏହା ପୂର୍ବରୁ ହାଇଦର ବାବୁଙ୍କର ଜଣେ ମନୋନୀତ ବ୍ୟକ୍ତିଙ୍କୁ

Digitized by srujanika@gmail.com

ଭଣ୍ଡାରର ଯଦି ନଗୁଆଳୀ କାମରେ ନିଯୁକ୍ତ କରାଯାଇଥିଲା । ହାଇଦର ବାବୁଙ୍କ ମନୋନୀତ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯିବାରେ ପରିଚାଳନା କମିଟିର କୌଣସି ସଭ୍ୟଙ୍କର କିଛି ଆପତ୍ତି ନ ଥିଲା । ମୁଁ ସଭାପତି ଥାଇ ମଧ୍ୟ ମୋର ଜଣେ ମନୋନୀତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାରେ ଏକ ଅସଙ୍ଗତ ଆପତ୍ତି ଉଠିବା, ପୂର୍ବ ପରିକଳ୍ପିତ ବିଷୟ ପରି ମନେ ହେଲା । ପିତାପୁତ୍ରଙ୍କ ଠାରୁ ଜଗତରେ ଆଉ ଶ୍ରେଷ୍ଠ ବନ୍ଧୁ କିଏ ଅଛି ? ପିତା ପୁତ୍ରଙ୍କର ବନ୍ଧୁତା ଯେଉଁଠାରେ ଗ୍ରହଣୀୟ, ସେଠାରେ ହିନ୍ଦୁ ଖ୍ରୀଷ୍ଟିଆନଙ୍କର ବନ୍ଧୁତା ଅଗ୍ରାହ୍ୟ । ଏହାର ରହସ୍ୟ ଉଦ୍‌ଘାଟନ କରିବାରେ ମୋର ବିଳମ୍ବ ହେଲା ନାହିଁ । ଖାଉଟି ଭଣ୍ଡାରର ଉଦ୍‌ଘାଟନ ପୂର୍ବରୁ ଯେତେବେଳେ ବାଇ-ଲ ରେଜିଷ୍ଟ୍ରି ହୁଏ, ତହିଁରେ ଅଂଶୀଦାର ମାନଙ୍କର ସ୍ୱାକ୍ଷର କରିବାର କଥା । ଭୁବନେଶ୍ୱରରେ ରହୁଥିବା ଜଣେ ଅଂଶୀଦାରଙ୍କର ସ୍ୱାକ୍ଷର ପାଇଁ ଅନ୍ୟ ଜଣେ ଅଂଶୀଦାର ବାଇ. ଲ. ବହି ନେଇ ତାଙ୍କର ସ୍ୱାକ୍ଷର କରାଇ ଆଣିବାକୁ ମୋତେ ବହି ମାଗିଲେ । ମୁଁ କହିଲି, ତାଙ୍କର ମୋ ସାମନାରେ ସ୍ୱାକ୍ଷର କରିବା କଥା । ତାଙ୍କର ସ୍ୱାକ୍ଷରକୁ ସଭାପତି ଭାବରେ ମୁଁ ଯେତେବେଳେ ଆଟେଷ୍ଟ କରିବି ତାଙ୍କର ମୋ ସାମନାରେ ଦସ୍ତଖତ କରିବା ଉଚିତ । ମୋର ଏହି ଉକ୍ତିରେ ଏହି ସଭ୍ୟମାନେ ମୋ ପ୍ରତି ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ମୁଁ ବୁଝି ପାରିଲି ମୋର ନିରପେକ୍ଷ ନୀତି ଓ କାର୍ଯ୍ୟକୁ ଏମାନେ ପସନ୍ଦ କରୁ ନାହାନ୍ତି । ମୋର ଅପସରି ଯିବା ଯଥାର୍ଥ ମନେ କରି ଗଜେନ୍ଦ୍ର ବିଶ୍ୱପ୍ରୀ ପିତା ପୁତ୍ରଙ୍କର ଅଂଶଧନ ତାଙ୍କୁ ଓ୍ୟାପସ କରି ଦେଲି । ମୋର ଅଂଶଧନ ଉଠାଇନେଇ ଭଣ୍ଡାରରୁ ସମସ୍ତ ସମ୍ପର୍କ ତୁଟାଇ ଦେଲି । ହେଲେ ହାଇଦର

Digitized by srujanika@gmail.com

ବାବୁ ଏବଂ ପରିଚାଳନା କମିଟି ସଭ୍ୟମାନଙ୍କ ସହ ମୋର କୌଣସି ପ୍ରକାରେ ଅସଦ୍ଭାବ ନାହିଁ ।

ପିପିଲିରେ କଲେଜ ପ୍ରତିଷ୍ଠା

୧୯୬୧ ମସିହାରେ ଦାଣ୍ଡମୁକୁନ୍ଦପୁରସ୍ଥ ଗୋପବନ୍ଧୁ ସ୍ମୃତି ବିଦ୍ୟାପୀଠର ଏକ ଉତ୍ସବରେ ବାମାଚରଣ ଦାସ ଡି. ପି. ଆଇ. ଯୋଗ ଦେଇଥାନ୍ତି । ମୋର ଭାଷଣ ଭିତରେ ପିପିଲିରେ ନବ ଉନ୍ନୋଚିତ ହାଇସ୍କୁଲକୁ ସ୍ୱୀକୃତି ମିଳୁ ନ ଥିବା ସମ୍ପର୍କରେ ମୁଁ ଡି. ପି. ଆଇ. ମହାଶୟଙ୍କର ଦୃଷ୍ଟି ଆକର୍ଷଣ କରିଥିଲି ଏବଂ ଉତ୍ସବ ଶେଷରେ ବ୍ୟକ୍ତିଗତ ଭାବରେ ତାଙ୍କର ସାକ୍ଷାତ କରି ପିପିଲି ସ୍କୁଲକୁ ମଞ୍ଜୁରୀ ପ୍ରସଙ୍ଗ ଉଠାଇଥିଲି ।

ଦାଣ୍ଡ ମୁକୁନ୍ଦପୁରରେ ଗୋଟିଏ ହାଇସ୍କୁଲ ଥିବା ଦୃଷ୍ଟିରୁ ତାହାର ଏତେ ନିକଟରେ ପିପିଲିରେ ଆଉ ଗୋଟିଏ ହାଇସ୍କୁଲ ରହିବା ଉଚିତ ନୁହେଁ ବୋଲି ଡି. ପି. ଆଇ. ମହାଶୟ କହିବାରୁ ତା'ର ଉତ୍ତରରେ ମୁଁ କହିଥିଲି—ବର୍ତ୍ତମାନ ଗୋପବନ୍ଧୁ ସ୍ମୃତି ବିଦ୍ୟାପୀଠର ଗୋଟିଏ କ୍ଲାସରେ ସେକ୍ସନ୍ ହୋଇଛି । ଜନସଂଖ୍ୟା ଯେପରି କ୍ରମଶଃ ବୃଦ୍ଧିଲାଭ କରୁଛି, ଶିକ୍ଷା ପ୍ରତି ଲୋକଙ୍କର ଆଗ୍ରହ ମଧ୍ୟ ସେହି ଅନୁପାତରେ ବଢ଼ି ବଢ଼ି ଚାଲିଛି । ଆଉ କେତେବର୍ଷ ପରେ ଆପଣ ଦେଖିବେ ଏହି ବିଦ୍ୟାପୀଠର ସମସ୍ତ କ୍ଲାସରେ ସେକ୍ସନ୍ ହୋଇଥିବ । ପିପିଲି ସ୍କୁଲର ମଧ୍ୟ ସମସ୍ତ କ୍ଲାସରେ ସେକ୍ସନ ହୋଇଥିବ । ପିପିଲି ଗୋଟିଏ କଲେଜ ସ୍ଥାପନ ନିମନ୍ତେ ଉପଯୁକ୍ତ ସ୍ଥାନ । ସେଠାରେ ହାଇସ୍କୁଲକୁ ଯଦି ମଞ୍ଜୁରୀ ଦିଆ ନ ଯାଏ, ସେଠାରେ ଜନସାଧାରଣଙ୍କ ପ୍ରତି ଘୋର ଅନ୍ୟାୟ କରାହେବ ।

Digitized by srujanika@gmail.com

ମୁଁ ଯେତେବେଳେ ସ୍ଥାନୀୟ ଲୋକ ପ୍ରତିନିଧି ସରପଞ୍ଚ ଭାବରେ ଜବାହର ବିଦ୍ୟାପୀଠର ପରିଚାଳନା କମିଟିରେ ଜଣେ ସଭ୍ୟ ରୂପେ ସ୍ଥାନ ପାଇଲି, ସେତେବେଳେ ଜବାହର ବିଦ୍ୟା-ପୀଠରେ ଏକ ସଭା ଡାକି ପିପିଲିରେ କଲେଜ ସ୍ଥାପନ କରିବା ବିଷୟରେ ଜନମତ ସୃଷ୍ଟିଥିଲି । ସଭାରେ ଉପସ୍ଥିତ ପିପିଲିର ୧୭ ଜଣ ବିଶିଷ୍ଟ ବ୍ୟକ୍ତି କଲେଜ ସ୍ଥାପନ ବିଷୟରେ ସେମାନଙ୍କର ଦୃଢ଼ ମତ ବ୍ୟକ୍ତ କରିଥିଲେ । ମାତ୍ର ଅଳ୍ପଦିନ ମଧ୍ୟରେ ହାଇସ୍କୁଲ କମିଟିରୁ ମୋ ନାମ କାଟି ଦିଆଯିବାରେ ପିପିଲିରେ କଲେଜ ସ୍ଥାପନ ପ୍ରସଙ୍ଗ ସେତିକିରେ ବନ୍ଦ ହୋଇ ଯାଇଥିଲା ।

ପିପିଲି ପଞ୍ଚାୟତ ସମିତିର ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ମିଶ୍ର ଥରେ ପିପିଲିରେ କଲେଜ ସ୍ଥାପନ ବିଷୟ ପଞ୍ଚାୟତ ସମିତିରେ ଉଠାଇଥିଲେ । ସେ ସମ୍ପର୍କରେ କେତେକ ଆଲୋଚନା ପରେ ତାହା ମଧ୍ୟ ବନ୍ଦ ହୋଇଯାଇଥିଲା ।

୧୯୭୮ ମସିହାରେ ପିପିଲିର ବାଳକୃଷ୍ଣ ଦୀକ୍ଷିତ, ଉତ୍ତମ କେଶରୀ ସିଂହ ପ୍ରମୁଖ କେତେଜଣ ଉତ୍ସାହୀ ବ୍ୟକ୍ତି ଶ୍ରୀଧର ସେନାପତିଙ୍କର ଅଧ୍ୟକ୍ଷତାରେ ପାଞ୍ଚଜଣ ଅଧ୍ୟାପକଙ୍କୁ ନେଇ ଜବାହର ବିଦ୍ୟାପୀଠ ପରିସର ମଧ୍ୟରେ କଲେଜର ପ୍ରଥମ ବାର୍ଷିକ କ୍ଲାସଟି ଖୋଲି ଦେଲେ । କଲେଜର କାର୍ଯ୍ୟ ଅଳ୍ପ କିଛି ଦିନ ଚାଲିବା ପରେ ପିପିଲି ଏନ୍. ଏ. ସି. ର ଚେୟାରମ୍ୟାନ ଗୋକୁଳାନନ୍ଦ ମହାନ୍ତି ପିପିଲିର ଦକ୍ଷିଣାଂଶରେ ଅନ୍ୟ ଏକ କଲେଜ ଖୋଲିବାର ଉଦ୍ୟମ କଲେ । ଉଭୟ ପକ୍ଷ କଳି ବୃଦ୍ଧି ପାଇଲେ, ପିପିଲି ପରି ଏକ ସ୍ୱଳ୍ପାୟତନ ସ୍ଥାନରେ ଦୁଇ ଦିଗରେ ଦୁଇଟି କଲେଜ ସ୍ଥାପନର ଉଦ୍ୟମ ହେଲେ ହୁଏତ କୌଣସି ଗୋଟିଏ କଲେଜ ବି ତିଷ୍ଠି ପାରିବା ସମ୍ଭବପର ହେବ ନାହିଁ । ଏହି ଗୃହ

Digitized by srujanika@gmail.com

ବିବାଦକୁ ଏଡ଼ାଇବା ନିମନ୍ତେ ଉଭୟ ପକ୍ଷ ମୋର ସହାୟତା ଲୋଡ଼ିଲେ । ଦୁଇ ପକ୍ଷର ଉଦ୍ୟୋକ୍ତାମାନଙ୍କ ପକ୍ଷରୁ ଏନ. ଏ. ସି. ଅଫିସରେ ଏକ ସାଧାରଣ ସଭା ଡକାଗଲା । ଉକ୍ତ ସଭାରେ ମୁଁ ସଭାପତି ନିର୍ବାଚିତ ହେଲି ।

ପିପିଲି ପରି ଏକ ସ୍ୱଳ୍ପାୟତନ ସ୍ଥାନରେ ଦୁଇଟି କଲେଜ ସ୍ଥାପନ ପରି ଏକ ଅବାସ୍ତବ ଅନିଷ୍ଟକାଂକ୍ଷୀ କଳ୍ପନାକୁ ପରିତ୍ୟାଗ କରି ସର୍ବସମ୍ମତ ଭାବରେ ଗୋଟିଏ କଲେଜ ସ୍ଥାପନର ପରାମର୍ଶ ଦେଲି ଏବଂ କଲେଜ ପରିଚାଳନା କମିଟିରେ ପିପିଲିରୁ ଯେତେ କମ୍ ସଂଖ୍ୟକ ସଭ୍ୟ ରହନ୍ତି ସେତେ ଭଲ ବୋଲି ବୁଝାଇଲି ।

ମୋର ସେହି ପରାମର୍ଶ ଅନୁସାରେ ପ୍ରଥମେ ନଅଜଣ ସଭ୍ୟଙ୍କୁ ନେଇ ସେଦିନ ଏକ ବିଧିବଦ୍ଧ ପିପିଲି ପ୍ରସ୍ତାବିତ କଲେଜ ପରିଚାଳନା କମିଟି ଗଠିତ ହେଲା । ଦାଣ୍ଡ ମୁକୁନ୍ଦପୁରର ବିଶିଷ୍ଟ କଣ୍ଟ୍ରାକ୍ଟର ଚୌଧୁରୀ ନଟବର ସାହୁ ସଭାପତି ଓ ପିପିଲି ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ମିଶ୍ର ସମ୍ପାଦକ ନିର୍ବାଚିତ ହେଲେ । ସ୍ଥାନୀୟ ସରକାରୀ କର୍ମଚାରୀ ଓ ଡେଲାଙ୍ଗ ଥାନାର କେତେକ ବିଶିଷ୍ଟ ବ୍ୟକ୍ତିଙ୍କୁ ପରେ ଉକ୍ତ କମିଟିରେ ନିଆଯାଇ କଲେଜ ବାଇଲ ରେଜିଷ୍ଟ୍ରୀ ହେବାର ସ୍ଥିର କରାଗଲା ।

ଯଥା ସମୟରେ ଆଉ ଷୋଳଜଣ ସଭ୍ୟଙ୍କୁ ନିଆଯାଇ ମୋଟ ପଚିଶ ଜଣ ସଭ୍ୟ ବିଶିଷ୍ଟ ଏକ ପୂର୍ଣ୍ଣାଙ୍ଗ ପରିଚାଳନା କମିଟି ଗଠିତ ହେଲା ଏବଂ ତଦନୁସାରେ ପିପିଲି ପ୍ରସ୍ତାବିତ କଲେଜର ବାଇ-ଲ ରେଜିଷ୍ଟ୍ରୀ ହେଲା । ଅତି ଅଳ୍ପଦିନ ମଧ୍ୟରେ

Digitized by srujanika@gmail.com

ଲକ୍ଷାଧିକ ଟଙ୍କା ଚାନ୍ଦା ସଂଗ୍ରହ କରାଯାଇ ନିୟମାନୁସାରେ ଉକ୍ତ ଟଙ୍କା କଲେଜ ନାମରେ ବ୍ୟାଙ୍କରେ ଜମା କରାଗଲା ।

ମୁଁ କଲେଜ ପରିଚାଳନା କମିଟିରେ ସଭ୍ୟ ନ ଥିଲେ ମଧ୍ୟ କଲେଜ କାର୍ଯ୍ୟରେ ମୋର ସକ୍ରିୟ ସହଯୋଗ ଊଣା ନ ଥିଲା ।

କଲେଜ କାର୍ଯ୍ୟ ଦ୍ରୁତ ଗତିରେ କିଛି ଦିନ ଚାଲିବା ପରେ ପରିଚାଳନା କମିଟିର ଜଣେ ସଭ୍ୟ ବରାବର ଅନୁପସ୍ଥିତ ରହୁ-ଥିବାର ଦେଖି ଯିବାରୁ କଲେଜ କର୍ତ୍ତୃପକ୍ଷ ତାଙ୍କ ସ୍ଥାନରେ ମୋତେ ଜଣେ ସଭ୍ୟ ହେବାର ଅନୁରୋଧ ଜଣାଇଲେ । ମାତ୍ର ମୁଁ କମିଟିରେ ରହିବାର ଅନିଚ୍ଛା ପ୍ରକାଶ କରି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନେଲେ ଭଲ ହେବ ବୋଲି କହିଲି ।

କଲେଜ ପରିଚାଳନା କମିଟିର ଏକ ବୈଠକରେ ଯୋଗ ଦେବା ନିମନ୍ତେ ସଭାପତି ମୋତେ ଏକ ନିମନ୍ତ୍ରଣ ପତ୍ର ପଠାଇଲେ । ମୁଁ ଯଥା ସମୟରେ କମିଟି ବୈଠକରେ ଯୋଗ ଦେଲି । ମୋର ଉପସ୍ଥିତିରେ ମୋତେ କଲେଜ କମିଟିରେ ଜଣେ ସଭ୍ୟ ଭାବରେ ଗ୍ରହଣ କରିବା ପାଇଁ ସେହିଦିନ ବୈଠକରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେଲା । ମୋର ଅସମ୍ମତି ଜଣାଇବାର ଆଉ ଅବକାଶ ରହିଲା ନାହିଁ । କଲେଜ ପରିଚାଳନା କମିଟିରେ ମୁଁ ଜଣେ ସଭ୍ୟ ରୂପେ ଯୋଗ ଦେଲି ।

କଲେଜ ପାଇଁ ସ୍ଥାନ ନିର୍ବାଚନ କରିବା ନିମନ୍ତେ ପିପିଲି ପ୍ରସ୍ତାବିତ କଲେଜ ସ୍ଥାନ ନିର୍ବାଚନ କମିଟି ନାମରେ ଏକ କମିଟି ଗଠିତ ହେଲା । ଉକ୍ତ କମିଟି କଲେଜ ପାଇଁ ଉପଯୁକ୍ତ ସ୍ଥାନ ଅନୁସନ୍ଧାନ କରିବାକୁ ଯାଇ ପିପିଲିର ଉତ୍ତର ଦକ୍ଷିଣ ଦୁଇ ଦିଗରେ ଦୁଇଟି ସ୍ଥାନ ଥିବାର ଦେଖିଲେ । ଉତ୍ତର ଦିଗରେ ଥିବା ସ୍ଥାନ ଦକ୍ଷିଣ ଦିଗର ସ୍ଥାନଠାରୁ ଅଧିକ ପ୍ରଶସ୍ତ । ମାତ୍ର ତାହା

Digitized by srujanika@gmail.com

ଏକ ଖାଲୁଆ ସ୍ଥାନ । ବର୍ଷାଦିନରେ ତାହାର ଅଧିକାଂଶ ଭାଗରେ ଆଣ୍ଠୁଏ ଜଙ୍ଘ ପର୍ଯ୍ୟନ୍ତ ପାଣି ଜମିରହେ । ଆଉମଧ୍ୟ ସେ ସ୍ଥାନକୁ ଯିବାକୁ ହେଲେ ଗୋଟିଏ ନାଳ ଅତିକ୍ରମ କରିବାକୁ ପଡେ । ଯଦି ସେଠାରେ କଲେଜ କରାଯାଏ ନାଳ ଉପରେ ସେତୁ ନିର୍ମାଣ କରିବା ଏବଂ ଖାଲୁଆ ସ୍ଥାନ ସବୁକୁ ସମତଳ କରିବା ଆଦି କାର୍ଯ୍ୟ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ କରିବାକୁ ହେବ । ଏହା ଛଡା ସେଠାରେ ଗଢ଼ି ଉଠିଥିବା ଏକ ହରିଜନ ବସ୍ତିକୁ ସ୍ଥାନାନ୍ତର କରିବାକୁ ପଡିବ । ଏହିସବୁ ଅସୁବିଧା ଦୃଷ୍ଟିରୁ ଦକ୍ଷିଣ ଦିଗର ସ୍ଥାନଟି କଲେଜ ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ ବିଚାର କରାଗଲା ଏବଂ ପିପିଲିର ଦକ୍ଷିଣ ଭାଗରେ କଲେଜ ଗୃହ ନିର୍ମାଣ ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେଲା । ମାତ୍ର ସ୍ଥାନ ନିର୍ବାଚନ କମିଟିର ଜଣେ ସଭ୍ୟ ଦିବାକର ଶତପଥୀ ପରେ ତାଙ୍କର ମତ ବଦଳାଇ ନିଜେ ସର୍ବସମ୍ମତ ପ୍ରସ୍ତାବର ବିରୋଧ କଲେ । ଏହା ପୂର୍ବରୁ ସେହି ଦିବାକରବାବୁ କଲେଜ ପରିଚାଳନା କମିଟିକୁ ନ ଜଣାଇ ଅତ୍ୟନ୍ତ ଭାବପ୍ରବଣ ଭାବରେ କମିଟିର କେତେଜଣ ସଭ୍ୟଙ୍କୁ ନେଇ ସେହି ଖାଲୁଆ ସ୍ଥାନରେ କଲେଜ ଗୃହ ପାଇଁ ଶୁଭଦାନ କରି ଦେଇଥିଲେ । ବର୍ତ୍ତମାନ କଲେଜ ପାଇଁ ଦକ୍ଷିଣ ଦିଗର ସ୍ଥାନ ବଛା ଯାଇଥିବାର ଜାଣି ଉତ୍ତର ଦିଗର କେତେକ ଲୋକଙ୍କର ସହାୟତାରେ ସେ ଏକ ଗଣ୍ଡଗୋଳ ଆରମ୍ଭ କରିଦେଲେ । ସେମାନେ କମିଟିର କେତେକ ସଭ୍ୟଙ୍କୁ ଗାଳିଗୁଲଜ ଘେରାଉ ଆଦି କରିବା ସଙ୍ଗେ ସଙ୍ଗେ ମାଡ଼ ଦେବାର ଧମକ ମଧ୍ୟ ଦେଲେ । କଲେଜ ପାଇଁ ସ୍ଥାନ ନିରୂପଣରେ ଏକ ପ୍ରକାର ଅଚଳ ଅବସ୍ଥା ସୃଷ୍ଟି ହୋଇଗଲା । ପରିଚାଳନା କମିଟିର ସଭ୍ୟ ସ୍ଥାନୀୟ ତହସିଲଦାର ଗୌରମୋହନ ଷଡ଼ଙ୍ଗୀ ମହାଶୟ ତତକ୍ଷଣାତ୍ ସହିତ ଉତ୍ତର ଦକ୍ଷିଣର ଦୁଇ ସ୍ଥାନକୁ ପରିଦାର କରି ପିପିଲିର

Digitized by srujanika@gmail.com

ମଧ୍ୟବର୍ତ୍ତୀ ଏକ ସ୍ଥାନରେ କଲେଜ ଗୃହ ତିଆରି ଆରମ୍ଭ କରି-ଦେଲେ । ମଧ୍ୟବର୍ତ୍ତୀ ସ୍ଥାନରେ କଲେଜ ହେବା ଦ୍ୱାରା ଉଭୟ ଦଳର ଲୋକମାନଙ୍କର ଗଣ୍ଡଗୋଳ ମନକୁ ଶାନ୍ତ ପଡ଼ିଗଲା ।

ସଂପ୍ରତି ସରକାର ସ୍ୱୀକୃତି ଲାଭ କରି ପିପିଲି କଲେଜ ତାର ଲକ୍ଷ୍ୟ ପଥରେ ଆଗେଇ ଚାଲିଛି ।

ପିପିଲିରେ କଲେଜ ସ୍ଥାପନ ଦିଗରେ କଲେଜ ପରିଚାଳନା କମିଟିର ପ୍ରଥମ ସଭାପତି ଚୌଧୁରୀ ନଟବର ସାହୁ, ପ୍ରଥମ ସମ୍ପାଦକ ମୃତ୍ୟୁଞ୍ଜୟ ମିଶ୍ର ଏବଂ ସଭ୍ୟ ଗୌରମୋହନ ଷଡ଼ଙ୍ଗୀ (ତହସିଲଦାର)ଙ୍କର କାର୍ଯ୍ୟ ଅବିସ୍ମରଣୀୟ । ସେ ତିନିଜଣଙ୍କର ବଳିଷ୍ଠ ସହଯୋଗ ଏବଂ ଅକ୍ଳାନ୍ତ ପରିଶ୍ରମ ଫଳରେ ହିଁ ଅତି ଅଳ୍ପ ଦିନ ମଧ୍ୟରେ ପିପିଲିରେ କଲେଜ ଠିଆ ହୋଇପାରିବା ସମ୍ଭବ ହୋଇଛି । ସେ ମହାଶୟ ତିନିଜଣ ସବୁଥି ଧନ୍ୟବାଦର ପାତ୍ର ।

ସଂପ୍ରତି କଲେଜ ପରିଚାଳନା କମିଟିର ପୁନର୍ଗଠନ କରାଯାଇଅଛି । ଉକ୍ତ କମିଟିରେ ମୋର ପ୍ରସ୍ତାବାନୁସାରେ ଗଙ୍ଗାଧର ମିଶ୍ର ସଭାପତି ଓ ଡାକ୍ତର ଇସିମ୍ ମହମ୍ମଦ ସମ୍ପାଦକ ନିର୍ବାଚିତ ହୋଇଛନ୍ତି ।

ଅତିଥି ସେବା

ପିଲାଦିନରୁ ମୁଁ କୌଣସି ଜିନିଷ ଏକା ଖାଇବାକୁ ସୁଖ ପାଏ ନାହିଁ । ଆମର ଗରିବ ଘରେ ତ ଖାଦ୍ୟ ପଦାର୍ଥର ପ୍ରାଚୁର୍ଯ୍ୟ ନଥାଏ । ବାଡ଼ି ବଗିଚାର ଫଳ ଥିଲା ଆମ ପକ୍ଷରେ ଉତ୍ତମ ଖାଦ୍ୟ ପଦାର୍ଥ । ଆମ୍ବ, ଆତ ଆଦି ଫଳ ପାଚିବାର ଆରମ୍ଭ ସମୟରେ ଗୋଟାଏ ଦୁଇଟା ପାଚିଲା ଫଳ ମିଳିଗଲେ ମା' ଭଉଣୀମାନେ ନିଜେ ନ ଖାଇ ମୋତେ ଖାଇବାକୁ ଦିଅନ୍ତି । ମାତ୍ର ମୁଁ ତାହା ଏକା ନ ଖାଇ ସମସ୍ତେ ଖାଇବା ପାଇଁ ଜିଦ୍ କରେ । ସେମାନେ ବାଧ୍ୟ

Digitized by srujanika@gmail.com

ହୋଇ ଫଳଟିକୁ ଚେନା ଚେନା କରି କାଟନ୍ତୁ । ସମସ୍ତେ ବାଣ୍ଟି-କୁଣ୍ଟି ଖାଅ । ଏହି ସ୍ୱଭାବ ପାଇଁ ମୋର ଆଠବର୍ଷ ବୟସ ସମୟରେ ଥରେ ମୋତେ କଠିନ ଦଣ୍ଡ ଭୋଗିବାକୁ ପଡ଼ିଥିଲା ।

ସେଦିନ ଥିଲା ମୋ ପିତାଙ୍କର ଶ୍ରାଦ୍ଧ ଦିବସ । ମୁଁ ବାଡ଼ିରୁ କେତେ ଗୁଡ଼ାଏ ଖମ୍ବଆଳୁ ବାଛିରି ଆଣି ଭାଜିବା ପାଇଁ ମା'ଙ୍କୁ ଦେଇଥିଲି । ମୁଁ ଖାଉଥିବାବେଳେ ମା ସେ ଆଳୁବାଛିରି ଭଜାତକ ମୋ ପତରରେ ପରଶି ଦେଲେ । ମୁଁ କହିଲି—ମା, ମୋତେ ତ ଏତେଗୁଡ଼ାଏ ଦେଉଛ, ନାନାଙ୍କ ପାଇଁ ତୁମ ପାଇଁ ରଖିଲନି କାହିଁକି ? ମା କହିଲେ, ଆମର ତ ଆଳୁ ତରକାରି ଭଜା କେତେ ରହିଛି । ତୁ କେତେ ପରିଶ୍ରମରେ ଆଣିଚୁ, ସବୁତକ ଖାଇଦେ । ମା'ଙ୍କର ସେ କଥାଟା ମୋତେ ଭଲ ଲାଗିଲାନି । ମୁଁ ଅଳ୍ପ ଖଣ୍ଡେ ଭଜା ମୋ 'ପତରରେ ରଖି ଆଉ ସବୁ ଭଜା ଧରି ହାଣ୍ଡିଶାଳକୁ ଗଲି । ଅଇଁଠା ଅଇଁଠା ବୋଲି ମା ଡାକୁ ଡାକୁ ଭଜାତକ ନେଇ ଭାତ ହାଣ୍ଡି ଉପରେ ଘୋଡ଼ା ହୋଇଥିବା ପଲମରେ ରଖି ଦେଲି ।

ଆରେ କ'ଣ କଲୁ ? ନୂଆ ପାଗ ମାଟି କରିଦେଲୁ ? କହି ମା ଅଗଣାରୁ ଗୋଟାଏ ନଡ଼ିଆ ଚଅଁର ଗୋଟାଇ ଆଣି ଦେଲେ କଷିକରି ଦୁଇଘୁଷି ପାହାର ବସାଇ । ବହୁଦିନଯାଏ ସେ ଦାଗ ମୋ ପିଠିରୁ ଲିଭି ନ ଥିଲା । ହେଲେ ମୋର ସେ ସ୍ୱଭାବ ବଦଳି ନାହିଁ । ଆଜି ମଧ୍ୟ ଯେତେ ଶ୍ରେଷ୍ଠ ପଦାର୍ଥଟି ହେଉ ନା କାହିଁକି ଘରେ ସମସ୍ତେ ବାଣ୍ଟି କରି ନ ଖାଇଲେ ମୋର ସନ୍ତୋଷ ହୁଏ ନାହିଁ ।

ଅତିଥି ସେବାକୁ ମୋର ଏକ ପ୍ରଧାନ କର୍ତ୍ତବ୍ୟ ଭାବରେ ବରି ନେଲି ଦୁଇଟି ଶ୍ରେଷ୍ଠ ଘଟଣା ପରଠାରୁ । ୧୯୨୧ ମସିହା ।

Digitized by srujanika@gmail.com

କଟକ ସ୍ୱରାଜ ଆଶ୍ରମରୁ ଗୋଟିଏ ଅରଟ ନେଇ ରାଜକନିକା ଅଞ୍ଚଳରେ ସୂତା କଟା ପ୍ରଚାର ପାଇଁ ଯାଉଥାଏ । ହାଇଲେଭଲ କେନାଲ ମରାମତି ଚାଲୁଥିବାରୁ କେନ୍ଦ୍ରାପଡ଼ାଗାମୀ ଷ୍ଟିମର ବା ବୋଟ ତାଳଦଣ୍ଡା କେନାଲରେ ଜମ୍ବୁ ବଣ୍ଟାଘର ପାଖଦେଇ ବଙ୍ଗୋପସାଗର ଭିତରେ ଯାଇ ବୈତରଣୀ ନଈ କୂଳର ଚାନ୍ଦବାଲି ବନ୍ଦରରେ ଲାଗୁଥାଏ । ସେଥିପାଇଁ ବୋଟ ଚାନ୍ଦବାଲିରେ ପହଞ୍ଚିବାକୁ ଅଢ଼େଇ ଦିନ ବା ତିନ ଦିନ ଲାଗିଯାଉଥାଏ । ସ୍ୱରାଜ ଆଶ୍ରମର କେତେକ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶାନୁସାରେ ମୁଁ ମୋର ଖାଇବା ପାଇଁ ସେରେ ବୁଟ ଛତୁ, ସେରେ ଚୂଡ଼ା ଓ ଅଧସେରେ ଗୁଡ଼ ସାଙ୍ଗରେ ବାନ୍ଧିଥାଏ । ଚୂଡ଼ା ମୁଁ ଖାଏ ନାହିଁ । ଖାଲି ନେଉଥାଏ ଗ୍ରାମରେ ଦେଖାଇବା ପାଇଁ । ଆମ ଆଡ଼େ ଯେଉଁ ଚୂଡ଼ା ମିଳେ ତାହା ଖୁବ୍ ପତଳା । କଟକରେ ଯେଉଁ ଚୂଡ଼ା ମିଳେ ତାହା ଖୁବ୍ ମୋଟା । ତାହାର କାରଣ, ଆମ ଆଡ଼େ ଚୂଡ଼ା ଓଜନରେ ବିକି ହୁଏ ନାହିଁ । ଗୌଣି ମାପରେ ମିଳେ । ଚୂଡ଼ା ଯେତେ ପତଳା ହେବ ଗୌଣି ମାପରେ ସେତେ କମ୍ ଉଠିବ । ଚୂଡ଼ା ଯେତେ ମୋଟା ହେବ ଓଜନରେ ସେତେ କମ୍ ଉଠିବ । କଟକରେ ଚୂଡ଼ା ଓଜନରେ ବିକି ହେଉଥିବାରୁ ଚଉଳିଆ ଚୂଡ଼ା ହିଁ ମିଳେ । କଟକ ଚୂଡ଼ା ଗାଁରେ ଦେଖାଇବା ଉଦ୍ଦେଶ୍ୟରେ ସେରେ ଧରିଥାଏ ।

ଦିନେ ସକାଳେ ଯାଇ ଯୋବ୍ରା ଘାଟରେ ବୋଟରେ ବସିଲି । ବୋଟଟି ଦୁଇ ଭାଗରେ ବିଭକ୍ତ । ଇଞ୍ଜିନ ଥିବା ବୋଟ ହେଉଛି ପ୍ରକୃତ ବୋଟ । ସେଥିରେ ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ଯା'ନ୍ତି । ଇଞ୍ଜିନ ପଛରେ ଅନ୍ୟ ଏକ ବୃହଦାକାର ବୋଟ ବନ୍ଧା ହୋଇଥାଏ । ତାକୁ ବଜରା କହନ୍ତି । ତାହା ତୃତୀୟ ଶ୍ରେଣୀ

Digitized by srujanika@gmail.com

ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ସେଦିନ ବନ୍ଦରଟି ଯାତ୍ରୀରେ ପୂର୍ଣ୍ଣ ହୋଇ ଯାଇଥାଏ । ବୋଟ ଛାଡ଼ିବାର ଅର୍ଦ୍ଧ ଘଣ୍ଟା ପରେ ବନ୍ଦରର କାପ୍ତାନ ମୋ ପାଖକୁ ଆସି ମୋର ପରିଚୟ ବୁଝିଲେ ଏବଂ ଭାରତରେ ସ୍ୱାଧୀନତା ସମ୍ବନ୍ଧରେ କେତେକ କଥା ପଚାରି ବୁଝିଲେ । ଶେଷରେ କହିଲେ, ଷ୍ଟିମର ବୃନ୍ଦବାଲ୍ଟରେ ପହଞ୍ଚିବାକୁ ତିନିଦିନ ସମୟ ଲାଗିଯିବ । ଏ ତିନିଦିନ ଆପଣ ଖାଇବେ କ'ଣ ? ମୁଁ ଛତୁ, ଚୂଡ଼ା ବାନ୍ଧିଥିବା କଥା କହିଲି । ସେ ମହାଶୟ କହିଲେ, ଏ ତ ଦିନେ ଓଳିକର କଥା ନୁହେଁ, ତିନିଦିନ ଧରି ଆପଣ ଚୂଡ଼ା ଛତୁ ଖାଇ ଜଳ ପଥରେ ଯିବେ । ଦେହ ଖରାପ ହୋଇପାରେ ।

ଏତେ ଯାତ୍ରୀ ଅଛନ୍ତି । ସେମାନେ ତ ପୁଣି ଚୂଡ଼ା ପୁଡ଼ା ଭଜା ଖାଉଛନ୍ତି । ମୋର ଦେହ କାହିଁକି ଖରାପ ହେବ ? ମୁଁ ଉତ୍ତର କଲି ।

ସେମାନଙ୍କ କଥା ଅଲଗା । ଆପଣ ଯୋଉ ଖାଦ୍ୟରେ ଅଭ୍ୟସ୍ତ ନୁହନ୍ତି ସେଥିରେ ଦେହ ନିଶ୍ଚୟ ଖରାପ ହେବ । ଆପଣ ଭାତ ଖାଉ ନାହାନ୍ତି ? କହିଲେ କାପ୍ତାନ ।

ମୋ ସାଙ୍ଗରେ ଚାଉଳ, ଡାଲି ନାହିଁ କି ରୋଷେଇର ଅନ୍ୟାନ୍ୟ ସରଞ୍ଜାମ ନାହିଁ । ମୁଁ ଭାତ ଖାଇବା ସମ୍ଭବ ନୁହେଁ । ମୋର ଏହି କଥା ପରେ କାପ୍ତାନ ତାଙ୍କର କାମରେ ଚାଲିଗଲେ । ଦିନ ଗୋଟାଏ ହେବ । ବନ୍ଦରର ଜଣେ ମାଝି ଆସି ମୋତେ ଡାକିନେଲା କାପ୍ତାନଙ୍କ ପାଖକୁ । କାପ୍ତାନ କହିଲେ, ମୋ ରୋଷେଇରେ ଆପଣଙ୍କ ପାଇଁ ଚାଉଳ ପକାଇ ଥାନ୍ତି । ମାତ୍ର ଏଇ ମାଝିମାନେ ମୋର ରୋଷେଇ କରି ଦିଅନ୍ତି । ତାଙ୍କ ହାତ ଖାଇବାରେ ଆପଣଙ୍କର ଆପତ୍ତି ଅଛି କି ନା ଜାଣେନା । ଆପଣ

Digitized by srujanika@gmail.com

ଅଳେ ଯେତେଇ କର ନିଅନ୍ତୁ । ଭଲ ହେବ । ଡାଲି ସିଝି ସାରିଛି । ଖାଲି ଛୁଙ୍କି ନେବେ । ଭାତ ଫୁଟୁଛି । ସେଥିରେ ଆଳୁ ପଡ଼ିଛି । ଆପଣ ଆଗ ଭାତଟା ଗାଳିନେଇ ପରେ ଆଳୁ ଭରତା ଆଉ ଡାଲି ଛୁଙ୍କ ନିଅନ୍ତୁ । ସବୁ ପାଞ୍ଚ ମିନିଟରେ ହୋଇଯିବ । ମୁଁ ଆଶ୍ଚର୍ଯ୍ୟାନ୍ୱିତ ହେଲି । କହିଲି, ଆପଣ ଏସବୁ କାହିଁକି କଲେ ? ମୋର ତ ଛତୁରେ ବେଶ୍ ଚଳି ଯାଇଥାନ୍ତା । କାପ୍ତାନ ମହାଶୟ ହସି ହସି କହିଲେ, ତେଣେ ଭାତ ଲାଗିଯିବ କିମ୍ବା ପାଉ ହୋଇଯିବ । କୋଇଲା ଆଞ୍ଚ କ ନା । ଶୀଘ୍ର ଯାନ୍ତୁ ।

ଡାଲି ଆଉ ଆଳୁ ଭରତାରେ ମୁଁ ବେଶ୍ ଆରାମରେ ଖାଇଲି । ସନ୍ଧ୍ୟାରେ କିଛି ଛତୁ ଖାଇ ଶୋଇପଡ଼ିଲି ।

ପରଦିନ ମଧ୍ୟାହ୍ନ ବାରଟା ସମୟରେ ପୂର୍ବଦିନ ପରି ମାଝି ଆସି ମୋତେ ଡାକିନେଲା । ଯାଇ ଦେଖିଲି, ଡାଲି ସିଝା ହୋଇ ରହିଛି । ଭାତ ଆଳୁ ଚୁଲିରେ ବସିଛି । ମୁଁ କାପ୍ତାନଙ୍କ ପାଖକୁ ଯାଇ କହିଲି, ଆଜ୍ଞା ! ଆପଣ ମୋ ପାଇଁ କାହିଁକି ଏତେ କଷ୍ଟ ସ୍ୱୀକାର କରୁଛନ୍ତି ? ସେ ମହାଶୟ ହସି ହସି କହିଲେ, ଦେଖନ୍ତୁ, ତେଣେ ଭାତ ଲାଗି ଯିବନି । ଆପଣ ଖାଇଦେଇ ଆସନ୍ତୁ ସେ ବିଷୟରେ କଥାବାର୍ତ୍ତା ହେବ ।

ତୃତୀୟ ଦିନ ଠିକ ମଧ୍ୟାହ୍ନରେ ବୋଟ ଯାଇ ବୃନ୍ଦାବାଲରେ ଲାଗିଲା । ମୁଁ କାପ୍ତାନଙ୍କୁ କହିଲି, ଆଜ୍ଞା, ଆପଣଙ୍କ ଖାଦ୍ୟରୁ ମୋତେ ଭାଗ ଦେଲେ । ଆପଣ ମୋ ଖାଦ୍ୟରୁ କିଛି ଭାଗ ନିଅନ୍ତୁ । ଚୂଡ଼ା ସେରେ ସେହିପରି ଅଛି ରହିଛି । ସେ ଚୂଡ଼ା ଗୁଡ଼ିକ ଆପଣ ରଖନ୍ତୁ । କାପ୍ତାନ ପୂର୍ବପରି ହସି ହସି କହିଲେ, ଆପଣ ଏକାନ୍ତ ଯଦି ଦେବାକୁ ଇଚ୍ଛା କରନ୍ତି, ଘରକୁ ଯାଇ ମୋ ଶାଳି, ବୃଦ୍ଧଳଙ୍କ ପଠାଇ ଦିଅନ୍ତୁ । ମୁଁ ଖୁବ୍ ଖୁସି ହେବି । ତାଙ୍କର

Digitized by srujanika@gmail.com

ଅଯାଚିତ ଆତିଥେୟତାରେ ମୁଁ ବିସ୍ମିତ ହେଲି ସେତିକି ପ୍ରଭାବିତ ମଧ୍ୟ ସେତିକି ହେଲି ।

ଦ୍ୱିତୀୟ ଘଟଣା ହେଲା—ମୁଁ କଟକ ସ୍ୱରାଜ ଆଶ୍ରମରୁ ଯାଇ ଗ୍ରାମରେ ଥିବାବେଳେ ଝଙ୍କଡ଼ ଶାରଳା ଠାକୁରାଣୀଙ୍କର ଦର୍ଶନ ପାଇଁ ଇଚ୍ଛା ହେଲା । ଅଧ୍ୟାପକ ଡକ୍ଟର ଧନେଶ୍ୱର ମହାପାତ୍ରଙ୍କର ସ୍ୱର୍ଗତ ପିତା ମୋର ବାଲ୍ୟବନ୍ଧୁ ରତ୍ନାକର ମହାପାତ୍ରଙ୍କୁ ସଙ୍ଗରେ ନେଇ ଦିନେ ଝଙ୍କଡ଼ ଅଭିମୁଖରେ ଯାତ୍ରା କଲି । ସାରା-ଦିନ ବୁଲି ବୁଲି ସନ୍ଧ୍ୟା ସମୟରେ ଗୋଟିଏ ଗ୍ରାମରେ ପହଞ୍ଚିଲୁ । ଗ୍ରାମର ନାମ ସ୍ମରଣ ହେଉନି । ସେଇଠାରେ ରାତି ଯାପନ କରିବା ନିମନ୍ତେ ଆଶ୍ରୟସ୍ଥଳ ଖୋଜିଲୁ । ଗ୍ରାମର କେତେଜଣ ଲୋକ ଗ୍ରାମର ଆରମ୍ଭରେ ଥିବା ଅର୍ଜୁନ ସାହୁଙ୍କର ଦୋକାନକୁ ଯିବାପାଇଁ ପରାମର୍ଶ ଦେଲେ । ଅର୍ଜୁନ ସାହୁଙ୍କ ଦୋକାନରେ ପହଞ୍ଚିଲା ବେଳକୁ ସଞ୍ଜବତି ଲାଗି ଗଲାଣି । ଖୁବ୍ ଗହଳି ଭିଡ଼ ଜମିଛି । ମୁଁ ଭିଡ଼ ଠେଲି ଯାଇ ସାହୁଙ୍କ ନିକଟରେ ପହଞ୍ଚିଲି । କହିଲି, ଆମେ ଦୁଇଜଣ ଝଙ୍କଡ଼ ଯାଉଛୁ । ଅନେକ ଦୂରରୁ ଆସିଲୁଣି । ଏ ରାତିଟା କୋଉଠି ରହି ରୋଷେଇ କରିପାରିବୁ ଆମର ସେତିକି ସୁବିଧା କରିଦିଅ । ଅର୍ଜୁନ ସାହୁ କହିଲେ, ହଉ, ତୁମେ ଟିକିଏ ଅପେକ୍ଷା କର । ଭିଡ଼ଟା ଭାଙ୍ଗିଯାଉ, ସବୁ ସୁବିଧା କରିଦେବି । ମଫସଲ ଗାଁର ଦୋକାନ । ଘଣ୍ଟାକ ଭିତରେ ଭିଡ଼ କମି ଆସିଲା । ଦୋକାନକୁ ଲାଗି ଅର୍ଜୁନ ସାହୁଙ୍କର ବାସଗୃହ । ସେ ଆମକୁ ତାଙ୍କର ଘର ଭିତରକୁ ଡାକନେଲେ ।

କାର୍ତ୍ତିକ ମାସିଆ ଦିନ । ମଝିରେ ମଝିରେ ବର୍ଷା ଅସ୍ରାଏ ଅସ୍ରାଏ ହୋଇ ଯାଉଥାଏ । ସାହୁଙ୍କର ଉଷୁନା ଧାନ ମେଘୁଆ ପାଗରେ ଶୁଖିପାରୁ ନଥାଏ । ଗୋଟାଏ ଘରର ମାଟି ଚଟାଣ

Digitized by srujanika@gmail.com

ଉପରେ ଧାନଚକ ଖେଳେଇ ଦେଇ ତା ଉପରେ ଗୋଟାଏ ବଡ଼ ବେରୁଆ ମସିଣା ବିଛାଇ ଦେଇଥାନ୍ତି । ଆମକୁ ସେହି ଘରେ ରହିବାକୁ କହି ସାଧୁ ଦୋକାନକୁ ଚାଲିଗଲେ । ତାଙ୍କର ସ୍ତ୍ରୀ ଅଗଣାରେ ଗୁଳିଆ ଭିତରେ ଥିବା ଚୁଲିଟି ଜଳାଇ ଦେଲେ । ବାଡ଼ିରେ ଥିବା କୂଅ ଦେଖାଇ ଦେଇ ବାଲଟିଏ ପାଣି ଆଣିବାକୁ କହିଲେ । ଆମେ ପାଣି ଆଣିଲୁଁ । ଚୁଲିରେ କଡ଼େଇ ବସେଇ ଦେଇ ସେଥିରେ ଅଧ କଡ଼େଇ ପାଣି ଢାଳିବାକୁ କହିଲେ । ପରମୁହୂର୍ତ୍ତରେ ଗୋଟିଏ ବାସନରେ କିଛି ଚାଉଳ ଆଣି ଥୋଇ-ଦେଲେ । କହିଲେ, ଏ ଚାଉଳକୁ ଧୋଇଦିଅ । ପାଣି ଭଲକରି ଛାଡ଼ିଗଲେ କଡ଼େଇରେ ପକାଇଦେବ । ତାଙ୍କର ଉପଦେଶମତେ ଚାଉଳ ଧୋଇ କଡ଼େଇରେ ପକାଇଦେଲୁଁ । ସେ ଭାତ ହେବାଯାଏ ଆମ ପାଖରେ ଠିଆହୋଇ ରହିଲେ । ଭାତ ଗାଳିବାର ବାଟ ବତାଇ ଦେଲେ । ଭାତ ଗାଳିସାରିବା ପରେ ପରେ ଡାଲମା ବସାଇବାର କୌଶଳ ବି ବତାଇ ଦେଲେ । କିଛି କଟା ଆଳୁ ବାଇଗଣ ଆଣିଦେଇ ଡାଲିରେ ପକାଇବାକୁ କହିଲେ । ଡାଲମା ସିଝିଗଲା ପରେ ଲୁଣ, ତେଲ, ଫୁଟଣ ଆଣି ଥୋଇ ଛୁଙ୍କ କରିବା ବି ବତାଇ ଦେଲେ । ଆମେ ଖାଇ ସାରିଲୁଁ । ସେ ଆମର ବାସନ, କଡ଼େଇ ସବୁ ମଜାମଜି କରି ରଖିଦେଲେ । ଆମକୁ ଗୋଟିଏ ଡିବି ଆଉ ଦିଆସିଲି ଦେଇ କହିଲେ, ଯାଅ ସେଇ ଘରେ ଶୋଇବ । ରାତିରେ ଯେବେ ଉଠିବ ଡିବି ଜଳେଇ ଆମକୁ ଡାକିବ ।

ବାଟ ଚାଲି ପରିଶ୍ରମ ସାଙ୍ଗକୁ ପେଟପୂରା ଭୋଜନ । ଆମକୁ ଏମିତି ଆରାମ ନିଦ ହେଲା ଯେ, ଏକା କଡ଼ରେ ରାତି ଭୋର । ତାଙ୍କର କେତେ ଦାମ ହେଲା ମୁଁ ସାଧୁଙ୍କୁ ସକାଳେ ପଚାରିବାରେ

Digitized by srujanika@gmail.com

ସେ କହିଲେ, ନାହିଁ ଦାମ କ'ଣ ? ତୁମେ ଯାଅ । ମୁଁ କହିଲି, ତୁମେ ଆମ ପରି ଦୁଇଜଣ ଅପରିଚିତ ବିଦେଶୀଙ୍କୁ ତୁମର ଘର ଭିତରେ ସ୍ଥାନ ଦେଇ ଯେମିତି ସହାନୁଭୂତି ଦେଖାଇଛ ତାହା ଆମର ସୌଭାଗ୍ୟର କଥା । ତୁମକୁ ତ ଆମେ ଘରଭଡ଼ା ଯାଚୁ ନାହୁଁ । ଦୋକାନରୁ ଯୋଉ ସଉଦା ଦେଇଛ ତା'ର ଦାମ ତ ନେବ ? ସେ ହିସାବ କରି କହିଲେ, ହଉ, ତାହେଲେ ଦୁଇଟା (ବର୍ତ୍ତମାନର ପଚାଶ ପଇସା) ପଇସା ଦିଅ ।

ମୋର ବୟସ ଊନେଇଶବର୍ଷ । ଜହ୍ନ କରଙ୍କର ବୟସ ଷୋହଳ । ଆମ ପରି ଦୁଇଜଣ ଅପରିଚିତ ଯୁବକଙ୍କ ପ୍ରତି ସାଧୁ ଦମ୍ପତିଙ୍କର ସ୍ନେହ ମମତାମୟ ବ୍ୟବହାରରେ ମୁଁ ଅଭିଭୂତ ହୋଇଗଲି ।

ଏହି ଦୁଇଟି ଘଟଣା ଦ୍ୱାରା ମୁଁ ଏପରି ପ୍ରଭାବିତ ହେଲି ଯେ, ଅତିଥି ସେବାକୁ ମୋ ଜୀବନରେ ଏକ ବ୍ରତ ରୂପେ ଗ୍ରହଣ କରି ନେଲି । ମୋର ଏହି ଅତିଥି ପରାୟଣତା ଯୋଗୁଁ କେତେ କେତେବେଳେ ମୋତେ ଠକାମିରେ ପଡ଼ିବାକୁ ହୋଇଥାଏ । ଥରେ ଜଣେ ଅତିଥି ତାଙ୍କର ସମସ୍ତ ଜିନିଷ ଚୋରି ହୋଇଯାଇ-ଥିବାର କହିଲେ । ସେ ଜଣେ ବଶିଷ୍ଟ କଣ୍ଟ୍ରାକ୍ଟରଙ୍କର ଭାଇ ବୋଲି ପରିଚୟ ଦେଲେ । ତାଙ୍କର ଘରେ ପହଞ୍ଚିବାକୁ ସାତଟି ଟଙ୍କା ଦରକାର । ସେ ଘରେ ପହଞ୍ଚିଲା ମାତ୍ରେ ଟଙ୍କାଟା ପଠାଇ ଦେବାର ପ୍ରତିଶ୍ରୁତି ଦେଲେ । ମୁଁ ସାତଟଙ୍କା ଦେଇଦେଲି । ମାତ୍ର ପରେ ଅନୁସନ୍ଧାନରୁ ଜାଣିଲି ଯେ, ସେ ଯେଉଁ ନାମ କହିଲେ ସେପରି ନାମର ଲୋକ ସେ ଗ୍ରାମରେ କେହି ନାହାନ୍ତି ।

କିଏ ତାଙ୍କର ଘର ପୋଡ଼ି ଯାଇଥିବାର କହନ୍ତି । କାହାର ସ୍ତ୍ରୀ ସାଙ୍ଘାତିକ ବେମାରରେ ହସପିଟାଲରେ ପଡ଼ିଥିବାର

Digitized by srujanika@gmail.com

କଲି ସାହାଯ୍ୟ ବୃତାନ୍ତ । ମାତ୍ର ପରେ ଜଣା ପଡ଼େ ସେ ସବୁ ତାହା ମିଛ । ଏହାପରେ ଅନେକ ମିଛ ଘଟଣାରୁ ମୁଁ କୌଣସି କୌଣସି ଅତିଥିଙ୍କୁ ସନ୍ଦେହ କଲେ ମଧ୍ୟ ସାହାଯ୍ୟ କରିଥାଏ । କାରଣ ମୁଁ ଜାଣେ ସନ୍ଦେହ ସବୁ କ୍ଷେତ୍ରରେ ସତ୍ୟ ହୋଇ ପାରେନା ।

ଥରେ ଜଣେ ପଞ୍ଜାବର ଲୋକ, ମୋ ପାଖରେ ପହଞ୍ଚି ଜ୍ୟୋତିଷୀ ଭଷାଉଦ ବୋଲି ପରିଚୟ ଦେଲେ । ପିପିଲିରେ ସେଠି ବଡ଼ ବଡ଼ ଅଫିସର ମାନଙ୍କର ନାମ କହି ତାଙ୍କର ଭବିଷ୍ୟତ ଭାଗ୍ୟ ଗଣନା କରିଥିବାର କହିଲେ ଏବଂ ମୋର ଭବିଷ୍ୟତ ଗଣନା ପାଇଁ ମୋର ଜନ୍ମ ତାରିଖ ଜାଣିବାକୁ ଚାହିଁଲେ । ମୁଁ ତାଙ୍କୁ କହିଲି, ମୋର ଗୋଟିଏ ଶ୍ରେଷ୍ଠ ପ୍ରଶ୍ନର ଉତ୍ତର ଦେଇପାରିବ ତ ମୁଁ ଭାଗ୍ୟ ଗଣନା କରାଇବି । ସେ ପ୍ରଶ୍ନଟି ଜାଣିବାକୁ ଚାହିଁଲେ । ମୁଁ କହିଲି, ତୁମେ ମୋଠାରୁ କେତେ ପାଇବ ? ତୁମ ଗଣନା ବାବଦକୁ ମୁଁ ତୁମକୁ କେତେ ଆର୍ଥିକ ସାହାଯ୍ୟ କରିବି ? ପଞ୍ଜାବୀ ଜ୍ୟୋତିଷୀ ବେଙ୍ଗୀ ହସିଲା ପରି ନିଷ୍ପ୍ରଭ ହସଟିଏ ହସି ନୀରବ ରହିଲେ । ମୁଁ ବାରମ୍ବାର ପ୍ରଶ୍ନ କଲେ ମଧ୍ୟ ତାଙ୍କ ତୁଣ୍ଡରୁ କୌଣସି ଉତ୍ତର ବାହାରିଲା ନାହିଁ । ମୁଁ କହିଲି, ତୁମେ ପଞ୍ଜାବରୁ ପୁରୀଯାଏ ଆସିଲଣି । କର୍କଟ ରେଖାର ସେ ମୁଣ୍ଡରୁ ଏ ମୁଣ୍ଡଯାଏ ଆସିଲଣି । ବାଟରେ ଶହ ଶହ ଲୋକଙ୍କୁ ଠକି ଠକି ହିଁ ଆସିଲଣି । ତୁମେ ଜଣେ ଓସ୍ତାଦ ଠକ ଏଥିରେ ସନ୍ଦେହ ନାହିଁ । ତୁମର ସେହି ଠକାମି ଗୁଣର ପୁରସ୍କାର ସ୍ୱରୂପ ତୁମକୁ କିଛି ବାଟଖର୍ଚ୍ଚ ଦେଉଛି; ସେତକ ନେଇ ଚାଲିଯାଅ । ମୋର ଭାଗ୍ୟ ଗଣନା ଆବଶ୍ୟକ ନାହିଁ । ତାଙ୍କୁ ତିନିଟି ଟଙ୍କା ଦେଇଥିଲି । ଜଣେ ଓସ୍ତାଦ ଠକ ବୋଲି ଜାଣି ମଧ୍ୟ ତାଙ୍କୁ ଟଙ୍କା

Digitized by srujanika@gmail.com

ଦେବାର କାରଣ ମୁଁ ଭଲ୍ଭର ଥିଲି, ଲୋକଟା ନିତାନ୍ତ ମିଥ୍ୟାବାଦୀ । ସେ ଗଣନାରୁ ବହୁ ରୋଜଗାର କରୁଥିବାର କହୁଥିଲେ ମଧ୍ୟ ପ୍ରକୃତରେ ତା ପାଖରେ ପୁଣି ଫିବାର ଖର୍ଚ୍ଚ ନଥାଇ ବି ପାରେ । ବାଟଖର୍ଚ୍ଚ ନ ପାଇଲେ ସେ ତୁଏତ ଚୋରି କରିପାରେ । ତାକୁ ସେପରି ଅପକର୍ମର ସୁଯୋଗ ନ ଦେବା ଉଦ୍ଦେଶ୍ୟରେ ମୁଁ ବାଟଖର୍ଚ୍ଚ ଦେବାକୁ କର୍ତ୍ତବ୍ୟ ମନେ କରିଥିଲି ।

ଚକୁଳିଆ ପଣ୍ଡାମାନେ ଭିକ୍ଷା କଲାବେଳେ କହୁଥାନ୍ତି— ଦେଇଥିଲେ ପାଇ, ବୁଣିଥିଲେ ଦାସ୍ତୀ, ପଢ଼ିଥା ବାଉଁରେ ଗୋଧନ ଚରାଇ । ଏହାର ତାତ୍ପର୍ଯ୍ୟ ହେଉଛି ଏ ଜନ୍ମରେ ଦେଇଥିଲେ ପର ଜନ୍ମରେ ପାଇବ । ମୁଁ କିନ୍ତୁ ଅତିଥି ସେବାର ଫଳ ତୁରନ୍ତ ଏଇ ଜନ୍ମରେ ପାଇଯାଏ ।

୧୯୫୯ କ ୬° ମହିହ୍ନା ହେବ । ମୁଁ କଟକ ଯାଇଥାଏ । ସେଠାରେ ଅନେକ ଗୁଡ଼ିଏ କାମ ସାରୁସାରୁ ରାତି ହୋଇଗଲା । କଟକ ପୁଣି ବସ ସେତେବେଳକୁ କଟକ ଛାଡ଼ି ସାରିଥିଲା । ସେ ରାତିରେ ପିପିଲି ଫେରିବାକୁ ଆଉ ବସ ନାହିଁ । ମୋର କିନ୍ତୁ ପରଦିନ ସକାଳେ ପିପିଲିରେ ବଡ଼ ଜରୁରୀ କାମ ରହିଥାଏ । ରାତିରେ ଭୁବନେଶ୍ୱର ଗଲେ ପରଦିନ ସକାଳେ ଭୁବନେଶ୍ୱର ପୁଣି ବସ ଧରି ପିପିଲିରେ ଠିକ୍ ସମୟରେ ପହଞ୍ଚିପାରିବା ଭଳି ରାତି ୯ଟା ବସରେ ଭୁବନେଶ୍ୱର ଗଲି ଆସିଲି । ଖଣ୍ଡିଏ ରିକ୍‌ସା ଧରି ଏଗାରଟା ରାତିରେ ଯାଇ ବିଖ୍ୟାତ ଔପନ୍ୟାସିକ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଗୋପୀନାଥ ମହାନ୍ତିଙ୍କ ଘରେ ପହଞ୍ଚିଲି । ସେ ମହାଶୟ ସେତେବେଳେ ଗ୍ରାମଗୋଷ୍ଠୀ ବିଭାଗରେ ଅଣ୍ଡର ସେକ୍ରେଟାରୀ ଥାନ୍ତି । ସେ ପର୍ଯ୍ୟନ୍ତ ସେ ଶୋଇ ନ ଥାନ୍ତି ।

Digitized by srujanika@gmail.com

ମୁଁ ସେଠାରେ ରାତି ଯାପନ କରିବାର ଶୁଣି ମୋତେ ପ୍ରଶ୍ନ କଲେ, ଆପଣ କଣ ଖାଇଛନ୍ତି ?

ମୁଁ ଡାଇ ପେଟରୋଗୀ । ପିଇବା ପାଣି ମୋ ପାଖରେ ପାଣି ବ୍ୟାଗରେ ସବୁବେଳେ ଥାଏ । କଟକରୁ ମୁଁ ପୁରି ଉପରେ ଗୋଟେ ଭ ଧରିଥାଏ । କହିଲି, ମୋ ପାଖରେ ଜଳଖିଆ ଅଛିଟି ।

ନା ନା, ଜଳଖିଆ ଖାଇବେନ । କହିଲେ ଗୋପୀନାଥ ବାବୁ । ତାଙ୍କ ସ୍ତ୍ରୀ କହିଲେ, ମୁଁ ଭାତ ଡାଲମା କରି ଦେଉଛି । ଜଳଖିଆ ଖାନ୍ତୁ ନାହିଁ । ମୁଁ ଯେତେ ମନାକଲେ ମଧ୍ୟ ସେ ମୋ କଥା ଶୁଣିଲେ ନାହିଁ । ବୃକର ପୂଜାରୀ ନଦୋଷ ନିଦରେ ଶୋଇଛନ୍ତି । ସେମାନଙ୍କୁ ନ ଉଠାଇ ଗୋପୀନାଥ ବାବୁଙ୍କ ସ୍ତ୍ରୀ ନିଜେ ରୋଷେଇରେ ଲାଗିଗଲେ । ଘଣ୍ଟାକ ଭିତରେ ଭାତ, ଡାଲି ଆଉ ଗୋଟିଏ ଭଜା ପ୍ରସ୍ତୁତ କରି ମୋ ପାଖରେ ବାଢ଼ିଦେଲେ । ମୁଁ ଖାଇପିଇ ଶୋଇବା ପର୍ଯ୍ୟନ୍ତ ଗୋପୀନାଥ ବାବୁ ମଧ୍ୟ ବସିଥାନ୍ତି । ଶୋଇଲା ବେଳକୁ ରାତି ଗୋଟାଏ । ମୋ ପରି ଜଣେ ସାମାନ୍ୟ ଲୋକ ପାଇଁ ଅଣ୍ଡର ସେକ୍ରେଟାରୀଙ୍କ ପରି ଜଣେ ପଦସ୍ଥ ଅଫିସର ସସ୍ତ୍ରୀକ ରାତି ଅଧରେ ଏପରି କଷ୍ଟ ସ୍ୱୀକାର କରିବାରେ ମୁଁ ବିସ୍ମୟାଭିଭୂତ ହୋଇଗଲି ।

ଆଜି ଯେବେ ମୋର ମଧ୍ୟମା କନ୍ୟାକୁ ତାର ଶ୍ୱଶୁର ଘର ଆନ୍ଧ୍ର ପ୍ରଦେଶର ସୋମପେଟା ସହରରୁ ଆଣି ଘରକୁ ଆସୁଥାଏ । ଓ୍ୱାଲ୍‌ଟିୟର ହାବଡା ପାସେଞ୍ଜର ଗାଡ଼ି ସେଦିନ ରାତି ସାଢ଼େ ୯ଟାରେ ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିଲା । ସେତେ ରାତିରେ କୋଉଠିକି ଯିବି ? ଗୋପୀନାଥ ବାବୁଙ୍କ ଘରକୁ ଯାଇ ତାଙ୍କୁ ହଇରାଣ କରିବାର ଇଚ୍ଛା ହେଲା ନାହିଁ । କଣ କରିବି ଭାବୁ ଭାବୁ ବାଲୁବାବୁଙ୍କ କଥା ମୋର ସ୍ମରଣ ହେଲା ।

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କର ପି. ଏ. ବାଲୁଙ୍କଣ୍ଠର ମହାନ୍ତି ସାତ ଆଠ ମାସ ତଳେ ପିପିଲି ସବ୍‌ରେଜିଷ୍ଟ୍ରାର ଅଫିସକୁ ତାଙ୍କର ଏକ କାମରେ ସସ୍ତ୍ରୀକ ଯାଇଥାନ୍ତି । ତାଙ୍କର ସ୍ତ୍ରୀ ସେଦିନ ଦୁଇ ଘଣ୍ଟା ପାଇଁ ମୋ ଘରେ ବିଶ୍ରାମ ନେଇଥିଲେ । ବାଲୁବାବୁଙ୍କ ସଙ୍ଗରେ ସେଦିନ ମୋର ପ୍ରଥମ ପରିଚୟ ହୋଇଥିଲା । ତାଙ୍କଠାରୁ ଶୁଣିଥିଲି, ବାପୂଜୀନଗରରେ ସେ ଗୋଟିଏ ଘର ତୋଳିଛନ୍ତି ଏବଂ ସେଠି ଘରେ ରହୁଛନ୍ତି । ମୁଁ ଝିଅକୁ ନେଇ ବାପୂଜୀ ନଗରକୁ ବୁଲିଲି । ଖୋଜି ଖୋଜି ଯାଇ ବାଲୁବାବୁଙ୍କ ଘରେ ପହଞ୍ଚିଲି । ସେତେବେଳକୁ ରାତି ସାଢ଼େ ଦଶ । ବାଲୁବାବୁ ଶୋଇ ପଡ଼ିଥିଲେ । ରିକ୍‌ସାବାଲାର ଘନ ଘନ ଡାକରେ ତାଙ୍କର ନିଦ୍ରାଭଙ୍ଗ ହେଲା । ଝିଅ ସହିତ ମୋତେ ଦେଖି ସେ ଖୁବ୍ ଖୁସି ହେଲେ । ପଚାରିଲେ ଆପଣ କଣ ଖାଇଛନ୍ତି ? ଆମେ ସନ୍ଧ୍ୟାରେ ଜଳଖିଆ କରିଛୁ । ରାତିରେ ଆଉ ଖାଇବାର ନାହିଁ । କେବଳ ଶୋଇବାର କଥା । ମୁଁ କହିଲି ।

ଆମେ ଖାଇପିଇ ଶୋଇବୁ । ଆପଣ ଉପାସରେ ଶୋଇବେ ? କହିଲେ ବାଲୁବାବୁ ।

ଉପାସ କାହିଁକି ? ଆମେ ପରା ହଞ୍ଜିରୁ ଖାଇ ସାରିଛୁ । ମୋର ଏ ଉତ୍ତର ପରେ ଆଉ କେତେ ମିନିଟ୍ କଥା ହୋଇ ଗୋଡ଼ ହାତ ଧୋଇବାକୁ ଗଲି । ଦେଖିଲି ତାଙ୍କର ସ୍ତ୍ରୀ ସେତେବେଳେ ଘର ବାରଣ୍ଡା ଚୂଲି ପାଖରେ ବସି ଅଟା ଚକଟୁଛନ୍ତି । ମୁଁ ବଡ଼ ଅସ୍ୱଚ୍ଛନ୍ଦ ବୋଧ କଲି । କହିଲି ଏ କ'ଣ ଆଜ୍ଞା ! ରାତି ଅଧରେ ଏ କ'ଣ କରୁଛନ୍ତି ? ଆମେ ପରା ଖାଇ ସାରିଛୁ ।

ଆପଣ ବାହାରେ ହୋଟେଲରେ ଖାଇଛନ୍ତି । ଆମ ଘରେ ତ ଖାଇ ନାହାନ୍ତି ? ଦି'ଟା ପରଠା, ଡାଲମା ପାଇଁ କେତେ ସମୟ

Digitized by srujanika@gmail.com

ଲାଗିବ ? ଆପଣ ବାବୁଙ୍କ ସାଙ୍ଗରେ ଗପସପ ହେଉଥାନ୍ତୁ । ଏଇ ସାଙ୍ଗେ ସାଙ୍ଗେ ମୁଁ କରି ଦେଉଛି । କହିଲେ, ବାଲୁବାବୁଙ୍କ ସ୍ତ୍ରୀ । ମୁଁ ନିରୁତ୍ତର । ଠିକ୍ ଘଣ୍ଟାକ ପରେ ଆମ ପିତା ପୁତ୍ରୀଙ୍କୁ ଡାଲମା ପରଟା ଖାଇବାକୁ ଦେଲେ ।

ଏଇ ସବୁ ଘଟଣା ପ୍ରବାହରୁ ମୋ ଦାନ ଠାରୁ ବହୁ ଗୁଣ ଅଧିକ ପ୍ରତିଦାନ ଏଇ ଜନ୍ମରେ ମୁଁ ପାଇଯାଉ ନାହିଁ ବୋଲି କେମିତି ଅବିଶ୍ୱାସ କରିବ ? ଏହିପରି ଅନେକ ଘଟଣା ରହିଛି । କେବଳ ପଲ୍ଲିଚିତ ପରିସରର କଥା ନୁହେଁ । ମୋର ଯୌବନ ସମୟରୁ ଆଜି ଯାଏ ମୁଁ ଯେ କୌଣସି ଅପରିଚିତ ସ୍ଥାନକୁ ଗଲେ ମଧ୍ୟ ଗଭିରସମ୍ମାନ ଲାଭ କରି ଆସୁଛି ।

କନିଷ୍ଠା କନ୍ୟାର କୁମାରୀ ପଣ

· ୧୯୬୮ ମସିହାର ମୋର ମଧ୍ୟମ ପୁତ୍ର ଯୋଗେଶ୍ୱର ପ୍ରସାଦ ଆଉ କନିଷ୍ଠା କନ୍ୟା ସବିତାକୁମାରୀଙ୍କର ବିବାହ ପ୍ରସଙ୍ଗ ବାଲେଶ୍ୱର ଜିଲ୍ଲାର ଭଦ୍ରକ ନିକଟବର୍ତ୍ତୀ ଗେଲପୁର ଗ୍ରାମ ନିବାସୀ ସୁଧାକର ମିଶ୍ରଙ୍କ ଜ୍ୟେଷ୍ଠାକନ୍ୟା ଆଉ ଜ୍ୟେଷ୍ଠପୁତ୍ରଙ୍କ ସଙ୍ଗରେ ସ୍ଥିର ହେଲା ।

ସୁଧାକର ବାବୁ କଟକ ରେଲ ଷ୍ଟେସନରେ ସିନିଅର ସିଗ୍ନାଲରେ କାମ କରନ୍ତି । ତାଙ୍କର କନ୍ୟା ଆଇ. ଏ. ପାସ୍ ପରେ ଟାଇପ୍ ରାଇଟିଂ ଟ୍ରେନିଂ ନେଉଥାନ୍ତି ।

ଆଡାଲ୍ଲିରୁ ସହର ପରିବେଶରେ ବଢ଼ି ଆସିଥିବା ଝିଅଟି ମଫସଲରେ ଶ୍ୱଶୁର ଘର ଲୋକମାନଙ୍କ ସଙ୍ଗରେ ନିଜକୁ ଖାପ ଖୁଆଇ ଚଳିପାରିବ କି ନା ଏହି ଶଙ୍କାରେ ମୋର ପୁଅ ସେଠାରେ ବିବାହ କରିବାକୁ ଅସମ୍ମତ ହେଲେ । ଏକା କନ୍ୟାର ବିବାହ ସ୍ଥିର ହୋଇଗଲା । ସୁଧାକର ବାବୁ ଯୌତୁକର ଏକ

Digitized by srujanika@gmail.com

ଲମ୍ବା ତାଲିକା ଦେଲେ । ତାଙ୍କ ଦାବୀ ସପକ୍ଷରେ ଯୁକ୍ତି ଦର୍ଶାଇ କହିଲେ—ଆମର ବଦଳ ବସ୍ତ୍ରଘର ହୋଇଥିଲେ କିଛି କଥା ନ ଥିଲା । ଆପଣ ଯୌତୁକ ନ ଦେଲେ ମୁଁ ବି ଦେଇ ନ ଥାନ୍ତି । ମାତ୍ର ବର୍ତ୍ତମାନର ପରିସ୍ଥିତି ସ୍ୱତନ୍ତ୍ର । ମୋତେ ତ ପୁଣି ମୋ ଝିଅକୁ ଯୌତୁକ ଦେବାକୁ ପଡ଼ିବ । ମୁଁ ଯୌତୁକ ନ ନେଲେ ଦେବି କୋଉଠୁ ? ଯୁକ୍ତି ତାଙ୍କର ଅଯଥାର୍ଥ ନ ଥିଲା । ମାତ୍ର ମୁଁ ଯୌତୁକ ଦାବୀର ଆଦୌ ପକ୍ଷପାତୀ ନୁହେଁ । ୧୯୨୮ ମସିହାରେ ଯୌତୁକ ଦାବୀ ଯେତେବେଳେ ଆଜି କାଲି ପରି ହଜାର ଲକ୍ଷର ସୀମା ସ୍ପର୍ଶ କରି ନ ଥିଲା କେବଳ କେତେ ଶହ ଭିତରେ ସୀମାବଦ୍ଧ ଥିଲା, ସେହି ସମୟରୁ ମୁଁ ଯୌତୁକ ଦାବୀ ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଅଛି । ମୋର ବଡ଼ ଦୁଇ ଝିଅଙ୍କ ବିନା ଯୌତୁକରେ ବିବାହ ଦେଇଛି । ବର୍ତ୍ତମାନ ଏ ପ୍ରକାର ବିଷମ ପରିସ୍ଥିତିରେ ପଡ଼ି ମୁଁ କର୍ତ୍ତବ୍ୟ ସ୍ଥିର କରି ପାରୁ ନ ଥିବା ବେଳେ ଝିଅ ମୋର ମୋତେ ସେହି ଦୁଶ୍ଚିନ୍ତାରୁ ରକ୍ଷା କରିବା ପାଇଁ ବିବାହ କରିବାକୁ ମନା କରି ଦେଲା । କେବଳ ଯେ ମନା କରିଦେଲା ସେତିକି ନୁହେଁ । ତା'ର ବିବାହ ନ କରିବା ପଣ ଯେ ସ୍ଥିର ଅବିଚଳିତ ଏହାକୁ କାର୍ଯ୍ୟତଃ ପ୍ରମାଣ କରି ଦେଖାଇ ଦେବା ଲାଗି ତା ପାଇଁ ପ୍ରସ୍ତୁତ ହୋଇଥିବା ଅଳଙ୍କାର ମଧ୍ୟରୁ ଖଡ଼ୁ (ବାଲା) ଦୁଇଟିକୁ ବଦଳାଇ ଆଉ ଗୋଟିଏ ହାର ତିଆରି କରି ଦେବାର ଜିଦ ଧରିଲା ।

ଯୌତୁକ ଦାବୀ ପୂରଣ ରୂପକ ଏକ ଅପ୍ରୀତିକର ଜଟିଳ ସମସ୍ୟାରୁ ମୋତେ ରକ୍ଷା କରିବାକୁ ଯାଇ ମୋ ଝିଅର ଆତ୍ମ ସୁଖରେ ଜଳାଞ୍ଜଳି ଦାନ ମୁଁ ମର୍ମେ ମର୍ମେ ଉପଲବ୍ଧି କଲି । ତା'ର ଇଚ୍ଛା ଅନୁସାରେ ବାଲା ଦୁଇଟି ବଦଳାଇ ଆଉ ଗୋଟିଏ ହାର କରିଦେଲି ।

Digitized by srujanika@gmail.com

ମୋର ସେଇ ପିତୃବତ୍ସଳା କନ୍ୟା ଆଜୀବନ କୁମାରୀ ଜୀବନ ଯାପନ କରି ତା'ର ମଧ୍ୟମ ଭ୍ରାତା ଯୋଗେଶ୍ୱର ପ୍ରସାଦ ସହ ପିତାମାତାଙ୍କର ସେବାରେ ନିଯୁକ୍ତ ରହିଅଛି ।

ସୁଧାକର ବାବୁଙ୍କ ସହିତ ମୋର ସ୍ଥାପିତ ହେବାକୁ ଯାଉଥିବା ବୈବାହିକ ସମ୍ବନ୍ଧ ତ ଭାଙ୍ଗିଗଲା । କିଛିଦିନ ପରେ ମୁଁ ଜାଣିପାରିଲି ସୁଧାକର ବାବୁ ପରମାରାଧ୍ୟ ଗୁରୁଦେବ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ଶିଷ୍ୟ ଏବଂ ପରମ ଭକ୍ତ । ତାଙ୍କ ସହିତ ପୁନର୍ବାର ସମ୍ବନ୍ଧ ସ୍ଥାପନ ନିମନ୍ତେ ମୁଁ ବିଶେଷ ଆଗ୍ରହୀ ହେଲି । ତାଙ୍କର କନିଷ୍ଠା କନ୍ୟା ସହିତ ମୋର କନିଷ୍ଠ ପୁତ୍ରର ବିବାହ ପ୍ରସ୍ତାବ ଆଗତ କଲି । ତାଙ୍କ କନ୍ୟାର ବିବାହ ପ୍ରସ୍ତାବ ସ୍ଥିର ହୋଇଯାଇଥିଲା । ସେହି କଥା ଜଣାଇ ସୁଧାକର ବାବୁ ତାଙ୍କ ଶଳାଙ୍କର କନ୍ୟା ସହିତ ମୋ ପୁତ୍ରର ବିବାହ ନିମନ୍ତେ ପ୍ରସ୍ତାବ ଦେଲେ । ତାଙ୍କର ଶଳା ଅଭିମନ୍ୟୁ ଦାସ କଟକ ସରକାରୀ ପ୍ରେସରେ କାର୍ଯ୍ୟକରନ୍ତି । ମୁଁ ସେହି ପ୍ରସ୍ତାବରେ ସମ୍ମତି ପ୍ରଦାନ କଲି । ମାତ୍ର ବିବାହର ଦିନ ସ୍ଥିର ହେଲା ବେଳକୁ ଉକ୍ତ ବିବାହରେ ସ୍ୱୀକୃତି ପ୍ରଦାନ କରିଥିବା ମୋର ପୁତ୍ର ତା'ର ମତ ବଦଳାଇ କଟକ ନଗର କାଫଲା ବଜାର ନିବାସୀ ସୁଧାଂଶୁ ଶେଖର ମିଶ୍ରଙ୍କର କନ୍ୟା ସହିତ ତା'ର ବିବାହ ନିଜେ ସ୍ଥିର କରିଦେଲା । ମୁଁ ବୁଝିପାରିଲି ସୁଧାକର ବାବୁଙ୍କ ସହିତ ମୋର ଏକମାତ୍ର ଗୁରୁଭ୍ରାତାର ପବିତ୍ର ସମ୍ପର୍କ ଭିନ୍ନ ଅନ୍ୟ କୌଣସି ପ୍ରକାର ସମ୍ବନ୍ଧ ସ୍ଥାପିତ ହେବା ଗୁରୁଦେବଙ୍କର ଇଚ୍ଛା ନୁହେଁ । ସୁଧାକର ବାବୁ ତାହାହିଁ ବୁଝିଥିବେ ବୋଲି ମୋର ବିଶ୍ୱାସ ।

Digitized by srujanika@gmail.com

ପୁସ୍ତକ ପ୍ରଣୟନ

ପିପିଲିରେ ବଢ଼ିଲା ଉନ୍ନୟନ ମୂଳକ ଅନୁଷ୍ଠାନ ମାନଙ୍କରେ ସମ୍ପୃକ୍ତ ରହି ସଙ୍କଟା କାର୍ଯ୍ୟ ବ୍ୟସ୍ତତା ଭିତରେ ୧୯୩୭ ମସିହା ଠାରୁ ୧୯୬୭ ମସିହା ପର୍ଯ୍ୟନ୍ତ ପାଖ ତିରିଶ ବର୍ଷ କାଳ ଲେଖା-ଲେଖି ଦିଗରେ ମୁଁ ଆଦୌ ମନଃ ସଂଯୋଗ କରିପାରି ନ ଥିଲି । ୧୯୬୮ ମସିହାରେ ମୋର ମାସ୍ୱାବତୀ ଉପନ୍ୟାସ ପ୍ରକାଶିତ ହେଲା । ତା ପରବର୍ଷ ଏକାଙ୍କିକା ସମାହାର ଏବଂ ଯୋଗାସନ ଓ ସ୍ୱାସ୍ଥ୍ୟ ଦୁଇଖଣ୍ଡ ପୁସ୍ତକ ପ୍ରକାଶ ପାଇଲା । ୧୯୭୨ରେ ପିଲଙ୍କ ଭବ୍ୟ ଜୀବନ ଏବଂ ବଦର୍ଭ କୁମାରୀ ଦୁଇଖଣ୍ଡି ପୁସ୍ତକ ପ୍ରକାଶିତ ହେଲା । ସେହି ବର୍ଷ ମୁଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇ ମାନପତ୍ର ଓ ଉପଢ଼ୌକନ ଲାଭ କଲି ।

୧୯୭୫ ମସିହାରେ ଯୌତୁକ ଦାବୀ ବିରୋଧରେ ଲିଖିତ ଲକ୍ଷ୍ମୀ ନାମକ ମୋର ଏକ ପାଲକାବ୍ୟ ଓଡ଼ିଶା ସରକାର ପ୍ରକାଶ କରି ବିନାମୂଲ୍ୟରେ ରାଜ୍ୟରେ ବିତରଣ କଲେ ।

୧୯୭୭ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଧାରାବାହିକ ଭାବରେ ପ୍ରତିବର୍ଷ ଖଣ୍ଡେ ଖଣ୍ଡେ ପୁସ୍ତକ ପ୍ରକାଶିତ ହେଉଅଛି ।

୧୯୮୦-୮୧ ମସିହାରେ ସରକାର ମୋର କର୍ମଯୋଗୀ ଧର୍ମବୀର ପୁସ୍ତକର ପ୍ରକାଶନ ନିମନ୍ତେ ଏକହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ।

ପ୍ରକାଶିତ ପୁସ୍ତକାବଳୀ

ମୋ ଜୀବନ କାହାଣୀ	ପିଲଙ୍କ ଭବ୍ୟ ଜୀବନ
ଏ ଦେଶର ପରମ୍ପରା	ମତ୍ସ୍ୟଗନ୍ଧା
କର୍ମଯୋଗୀ ଧର୍ମବୀର	ବଦର୍ଭ କୁମାରୀ
ସ୍ୱାମୀ ଶିବାନନ୍ଦ ସରସ୍ୱତୀ	ଯୋଗାସନ ଓ ସ୍ୱାସ୍ଥ୍ୟ

Digitized by srujanika@gmail.com

ଅପରିଚିତାର ଆତ୍ମ କଥା	ବ୍ରହ୍ମଚର୍ଯ୍ୟ ଓ ସ୍ୱାସ୍ଥ୍ୟ
ଯୌଗିକ ଗୁପ୍ତ ରହସ୍ୟ	ପ୍ରାଣାୟାମ ଓ ସୂର୍ଯ୍ୟ ନମସ୍କାର
ଦିବ୍ୟ ଭଜନାବଳୀ	ସ୍ୱାସ୍ଥ୍ୟ ରକ୍ଷାର ପ୍ରାକୃତିକ ଉପାୟ
ସଫଳତା	ବା ଯୌଗିକପନ୍ଥା
ନୂଆ ଜନତାର ଦାବି	ଏକାଙ୍କିକା ସମାହାର
ନବ ଗୁଞ୍ଜର	ମାସ୍ୱାଦନ
ପୁରସ୍କାର	ପରିବର୍ତ୍ତନ
ଅନ୍ଧାରେ ଆଲୁଅ	ଏ ଦେଶ ଗ୍ରାମ ଜୀବନ
ଶୁକଦେବ	ଦେବଦୂତ
କନ୍ୟାସୁନା	ପ୍ରଣୟ
ଚନ୍ଦ୍ରକଳା ଉପାନନ	କାମିନୀ ମୋହନ

ଅପ୍ରକାଶିତ ପୁସ୍ତକାବଳୀ

ଭୂତ ରହସ୍ୟ	ଜଳନ୍ତା ଜୁଇ
ଅମ୍ମା	ସ୍ୱପ୍ନ ସ୍ୱୟମ୍ବର
ଅସ୍ତ୍ରଶକ୍ତି	ଦେବବାଳା
ଗୁଇଷ୍ଟର	ଜଗନ୍ନାଥ ଭଜନାବଳୀ

ପଡ଼ୋଶୀ ବିପଦ

ମୋ ଘରର ପୂର୍ବ ପଟରେ ମୋର ନିକଟତମ ପଡ଼ୋଶୀ ଅନୁଗ୍ରହ ପାଠକଙ୍କର ଘର । ତାଙ୍କ ଘର ପରେ ମୋର ବଗିଚା । ମୋ ବଗିଚାକୁ ଯିବାକୁ ହେଲେ ତାଙ୍କ ଘର ସାମନା ରାସ୍ତାଦେଇ ଯିବାକୁ ହୁଏ ।

ମୁଁ ଯେବେ ବଗିଚାରୁ ଘରକୁ ଫେରୁଛି, ଦେଖିଲି ପାଠକ ଘର ପାଖରେ ବ୍ଲକରେ କାମ କରୁଥିବା ଜଣେ ସ୍ମାର୍ଟ ଭଦ୍ରବ୍ୟକ୍ତି କଣ୍ଟ୍ରୋଲଅପ ଦାସ ଠିଆ ହୋଇଛନ୍ତି । ସେ ମୋତେ ଅଭିବାଦନ

Digitized by srujanika@gmail.com

ଜଣାଇଲେ । ମୁଁ ପ୍ରତ୍ୟଭିବାଦନ ଜଣାଇ ତାଙ୍କର କୁଶଳ ପ୍ରଶ୍ନ ଜିଜ୍ଞାସା କଲି । ପାଠକଙ୍କର ଦୁଇ ପୁଅ ସେଠାରେ ଠିଆ ହୋଇ-ଥିଲେ । ମୁଁ ଅଟକିଯିବା ମାତ୍ରେ ସେ ଦୁଇଜଣଯାକ ଛେପ ପକାଇବାକୁ ଆରମ୍ଭ କରିଦେଲେ । ସେମାନେ ଗଳା ଖଙ୍କାରି ଏପରି ମୁହଁମୁହଁ ଛେପ ପକାଇଲେ ଯେ ଆମର ସାମାନ୍ୟ ଦୁଇପଦ କୁଶଳ ପ୍ରଶ୍ନୋତ୍ତର ବି ସେ ଶବ୍ଦରେ ବୁଡ଼ିଗଲା । ସେମାନେ ଆମକୁ କଥାବାର୍ତ୍ତା ହେବାକୁ ଦେବେ ନାହିଁ, ଏହିପରି ଭାବ ପ୍ରକାଶ କରିବାକୁ ଲାଗିଲେ । ସଂକ୍ଷେପରେ ଦୁଇପଦ କଥା ହୋଇ ମୁଁ ଚାଲିଆସିଲି । କିଛି ସମୟ ପରେ କର୍ଣ୍ଣେଲିଅସ ବାବୁ ମୋ ଘରଠାକୁ ଆସି ମୋ ଠାରେ କ୍ଷମା ପ୍ରାର୍ଥନା କଲେ । ମୁଁ ତାଙ୍କୁ କହିଲି, ଏଥିରେ ତୁମର ତ କିଛି ଦୋଷ ନାହିଁ । ସେ କହିଲେ, ମୋ ପାଇଁ ସିନା ଆପଣ ସେଠାରେ ଠିଆ ହେଲେ । ମୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଲି, ପାଠକବାବୁଙ୍କ ପିଲାମାନଙ୍କ କାର୍ଯ୍ୟରେ ତୁମର କୌଣସି ସମ୍ପର୍କ ଥିବାର ମୁଁ ବିଶ୍ୱାସ କରେ ନାହିଁ । ତୁମେ ସେଥିପାଇଁ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ।

ଅନୁଗ୍ରହ ପାଠକଙ୍କର ପିଲାମାନଙ୍କର ମୋ ପ୍ରତି ହଠାତ୍ ଏପରି ଅଶୋଭନୀୟ ବ୍ୟବହାର କରିବାର କାରଣ ବିଷୟରେ ମୁଁ ଅନେକ ଭାବିଲି । ତିନିଦିନ ତଳର ଗୋଟାଏ ଘଟଣା ମୋର ସ୍ମରଣ ହେଲା । ପିପିଲି ଅଞ୍ଚଳରେ ମଦ୍ୟବିଷ ବିଷୟରେ ଶିକ୍ଷା ଦେବା ନିମନ୍ତେ ପ୍ରତାପ ଚନ୍ଦ୍ର ମହାନ୍ତି ନାମରେ ଜଣେ କର୍ମୀଯୁବା ପାଠକଙ୍କ ଘରେ ଭଡ଼ାରେ ରହୁଥାନ୍ତି । ସେଦିନ ମୁଁ ବଗିଚାରୁ ଫେରୁଛି । ସେ ମହାଶୟ ମୋତେ କହିଲେ, ଆଜ୍ଞା, ଆପଣ ଯଦି ପ୍ରକାଶ ନ କରିବେ ମୁଁ ଗୋଟିଏ କଥା କହିବି । କଥାଟି ଗୋପନ ରଖିବାର ପ୍ରତିଶ୍ରୁତି ଦେଲି । ସେ କହିଲେ, କାଲି ପାଠକଙ୍କର

Digitized by srujanika@gmail.com

ଅନେକଗୁଡ଼ିଏ କୁକୁଡ଼ା ମରି ଯାଇଛନ୍ତି । ସେ କହନ୍ତି, ଆପଣ ବିଷ ଦେଇ ମାରି ଦେଇଛନ୍ତି ।

ଏହା ଏକ କାଳ୍ପନିକ ଅଭିଯୋଗ । ସେ ମୃତ କୁକୁଡ଼ାକୁ ନେଇ ପଶୁ ଡାକ୍ତରଖାନାରେ ପରୀକ୍ଷା କରାଇଥିଲେ ପ୍ରକୃତ କାରଣ ବୁଝି ପାରିଥାନ୍ତେ । ରୋଗ ହେଲେ କୁକୁଡ଼ା ତ ଶହ ଶହ ସଂଖ୍ୟାରେ ମରନ୍ତି । ଏହା ସଚରାଚର ଘଟୁଛି । ତାଙ୍କର ମୋ ଉପରେ ଏଇଟା ଅଯଥା ଦୋଷାରୋପ । ମୁଁ କହିଲି ।

ମନ୍ତ୍ରୀଙ୍କ କର୍ମଚାରୀ ବ୍ୟସ୍ତ ହୋଇ କହିଲେ, ସେ ଯାହାହେଉ ଆପଣ ପ୍ରକାଶ କରିବେ ନାହିଁଟି । ମୁଁ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ କହିଲି, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ପ୍ରକାଶ ନ କରିବା ପାଇଁ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇ ସାରିଛି ତାହା ନିଶ୍ଚୟ ପାଳନ କରିବି । ଏହା ପୂର୍ବର ଅନ୍ୟଏକ ଘଟଣା ସ୍ମରଣ ହେଲା ।

ଅନୁଗ୍ରହ ପାଠ ଯେଉଁଠାରେ ଘର କରିଛନ୍ତି ପୂର୍ବରୁ ତାହା ତାଙ୍କର ବଗିଚା ଥିଲା । ମୁଁ ସେଠାରେ ଘର କରିବାର ଦେଖି ସେ ଗ୍ରାମ ଭିତରୁ ଉଠି ଆସି ବଗିଚାରେ ଘର କରି ରହିଲେ । ତାଙ୍କ ବଗିଚାରେ ନଡ଼ିଆ, ପଣସ, ଆମ୍ବ ଆଦି ଗଛ ସାଙ୍ଗକୁ ଗୁଆଣ୍ଡା, ଜାମୁ, ତେନ୍ତୁଳି, ଯୋଗଙ୍ଗ ଆଦି ଗଛସବୁ ଚତୁର୍ଦ୍ଦିଗରେ ଭରି ରହିଛି । ପୂର୍ବରୁ ମୋର ବଗିଚା ଭିତରକୁ ଆଉ ପଶ୍ଚିମରେ ମୋର ଘର ଉପରକୁ ତାଙ୍କର ସେହିସବୁ ଗଛର ଡାଳ ଅନେକ ଦୂରଯାଏ ବ୍ୟାପିରହି ମୋର ଘର ଆଉ ବଗିଚାକୁ ନଷ୍ଟ କରୁଥାଏ । ସେହି ଡାଳଗୁଡ଼ିକ କାଟିଦେବା ଲାଗି ମୁଁ ବାରମ୍ବାର ଅନୁରୋଧ କଲେ ମଧ୍ୟ ସେ ଆଦୌ ଶୁଣିଲେ ନାହିଁ । ବର୍ଷକୁ ବର୍ଷ ଡାଳଗୁଡ଼ିକ ଅଧିକ ବଢ଼ି ବଢ଼ି ମୋର ଅଧିକ ଅଧିକ କ୍ଷତି କରିବାକୁ ଲାଗିଲା । ଏସ୍. ଡି. ଓ.ଙ୍କ ପାଖରେ ଦରଖାସ୍ତ କଲେ

Digitized by srujanika@gmail.com

ଯେ ନିଶ୍ଚୟ କାଟିବେ ବୋଲି ମୋର କେତେକ ବନ୍ଧୁ ପରାମର୍ଶ ଦେଲେ । ମୁଁ ଏସ୍. ଡି. ଓ.ଙ୍କ ପାଖରେ ଏକ ଦରଖାସ୍ତ ଦେଲି । ଉକ୍ତ ଦରଖାସ୍ତ ଇନକ୍ୱାରି ପାଇଁ ଥାନାକୁ ଆସିଲା । ଥାନା ଅଫିସରଙ୍କ ନିର୍ଦ୍ଦେଶକ୍ରମେ ସେ ଡାଳଗୁଡ଼ିକ କାଟି ଦେଲେ । ଏହି ଦୁଇଟି ଘଟଣା ଭିନ୍ନ ପୂର୍ବରୁ ତାଙ୍କ ସହ ମୋର କୌଣସି ମନାନ୍ତର ନଥିଲା ।

ଅନୁଗ୍ରହ ପାଣ୍ଡଙ୍କର ପୁତ୍ରମାନଙ୍କ ବ୍ୟବହାରରେ କଣ୍ଟ୍ରା-କ୍ଟରଙ୍କ ପରି ଜଣେ ବାହାରର ଲୋକ କ୍ଷମା ପ୍ରାର୍ଥନା କରୁଥିବା ଠାରେ ବୃଦ୍ଧସ୍ୱାମୀ ସେ ସମ୍ପର୍କରେ କୌଣସି କଥା ନ ଉଠାଇବା ଦ୍ୱାରା ତାଙ୍କର ଜ୍ଞାତସାରରେ ପିଲାମାନେ ସେପରି ବ୍ୟବହାର କରିଥିବା କଥା ପରିସ୍ଫୁଟ ହୋଇଗଲା । ଜଣେ ବରିଷ୍ଠ ବର୍ଷୀୟାନ ବ୍ୟକ୍ତିଙ୍କୁ ଅପମାନ କରିବା ନିମନ୍ତେ ଯେଉଁ ପିତା ନିଜ ପୁତ୍ରଙ୍କୁ ସାଧାରଣ ଶିଷ୍ଟାଚାର ଓ ସଭ୍ୟତା ଲଙ୍ଘନ କରିବାକୁ ଶିକ୍ଷା ଦିଅନ୍ତି ତାଙ୍କୁ ମୁଁ ବା ଆଉ କଣ କହନ୍ତି ? ମୁଁ ନୀରବ ରହିବାକୁ ଶ୍ରେୟ ମନେ କଲି ।

ଏହାପରେ ତାଙ୍କର ଛେଳିମାନେ ମୋର ବଗିଚାରେ ପଶି ଫସଲ ନଷ୍ଟ କରିବାକୁ ଲାଗିଲେ । ମୋର ମୂଲିଆମାନେ ଯେତେ କହିଲେ ମଧ୍ୟ ସେଥିରେ ସେ କର୍ଣ୍ଣପାତ କଲେ ନାହିଁ । ଦିନେ ମୁଁ ବଗିଚାରେ ଥିବାବେଳେ କେତେଗୁଡ଼ିଏ ଛେଳି ପଶିଲେ । ତାଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ପଲ ମଧ୍ୟରୁ ମୁଁ ଗୋଟିଏ ଛେଳିକୁ ଧରି ବାନ୍ଧି ପକାଇଲି । ସଙ୍ଗେ ସଙ୍ଗେ ତାଙ୍କର ବଡ଼ ପୁଅ ତର୍ଜନ ଗର୍ଜନ କରି ଆସି ନାନା ଅପଭାଷାରେ ଗାଳି ଗୁଲଜ କରି କହିଲେ, ଆମର ଛେଳି ତୁମର କିଛି କ୍ଷତି କଲା ତ ତୁମେ କାଞ୍ଜିଆ ହାଉସକୁ ନେଇ ଯାଇପାର । ବାନ୍ଧି ରଖିବା ପାଇଁ

Digitized by srujanika@gmail.com

ଭୂମେ କଏ ? ମୁଁ ଏପରି ବିସ୍ମିତ ହୋଇଗଲି ଯେ, ମୋର ପାଟିରୁ କଥା ବାହାରିଲା ନାହିଁ । ନୀରବରେ ତାଙ୍କର ଚେହେରାଟି ଚିହ୍ନାଇ ଦେଲି ।

ବଗିଚାରୁ ଗୋଲାପ ଡାଲିଆ ଆଦି ଫୁଲ ଓ ଫଳର ବୃକ୍ଷଗଛ ଏମନକି ନୂତନ ଲଗା ହୋଇଥିବା ସଜନା ଡାଳ ପଣସ ଗଛସବୁ ଓପଡ଼ା ହୋଇ ଅନ୍ତର୍ଦ୍ଧାନ ହେବାକୁ ଲାଗିଲା । ଅମୃତଭଣ୍ଡା ଗଛସବୁ ଅଧାରୁ ଭଙ୍ଗାଯାଇ ଫଳସବୁ ଚୋରୀ ହୋଇ ଚାଲିଗଲା ।

ମୁଁ ବଗିଚାକୁ ଯିବା ଆସିବା ସମୟରେ ତାଙ୍କ ଦୁଆର ସାମନାରେ ହେଲାକ୍ଷଣି ତାଙ୍କର ପୁତ୍ର ଆରମ୍ଭ କରନ୍ତି— ମାର, ମାର, କାଢ଼ା ବାଢ଼ା, ଧର ପିଟ ତାକୁ, ଏହିପରି ଗୁଡ଼ିଏ ଅନ୍ୟ ଧରଣର ଅସଂଲଗ୍ନ କଥା । ଦିନକୁ ଦିନ ଅତ୍ୟାଚାର ବଢ଼ି ବଢ଼ି ଚାଲିଲା । ଚେଲା ଯିମା ବାଡ଼ରେ ଗଳି ଯାଉଥିଲେ । ବାଡ଼ ଭାଙ୍ଗି ଗାଈ, ବଳଦ, ଛାଗଳ ଆଦି ବଗିଚାରେ ପଶି ଗଛପତ୍ର ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ଲାଗିଲେ ।

ମୁଁ ବଗିଚାକୁ ଅତି ଭଲ ପାଏ । ମୋର ସାଧନାର ବଗିଚା । ମୋର ସେହି ବଗିଚା ଦ୍ୱାରା ଯିପିଲ ନିକଟବର୍ତ୍ତୀ ସ୍ଥାନର ଲୋକେ କେବଳ ଉପକୃତ ହେଉ ନ ଥିଲେ । ଖଣ୍ଡପଡ଼ା ବାଲୁଗାଁ ପ୍ରଭୃତି ଦୂରବର୍ତ୍ତୀ ସ୍ଥାନମାନଙ୍କରୁ ବଗିଚାପ୍ରେମୀ ଲୋକମାନେ ଆସି ବଗିଚା ଦେଖି ବଗିଚା ସମ୍ବନ୍ଧରେ ଉପଦେଶ ପରାମର୍ଶ ନେଇଯାଉଥିଲେ ।

ଯିଏ ଇଚ୍ଛାକୃତ ଭାବରେ ଏପରି ଅଶାନ୍ତ ଉପଦ୍ରବ ସୃଷ୍ଟି ଘଟାଉଛନ୍ତି ସେ କଳି କଜିଆ ଗଣ୍ଡଗୋଳ ଚାହୁଁଛନ୍ତି ଏହା ମୁଁ ଭଲଭାବେ ବୁଝିପାରିଲି । ସେହି ସଂଘର୍ଷକୁ ଏଡ଼ାଇବା ନିମନ୍ତେ ମୁଁ ଏବଂ ମୋର ପୁତ୍ର ସର୍ବଦା ନୀରବ ରହୁଥାଉ । ନୀରବ ରହିଲେ ମଧ୍ୟ ଅତ୍ୟାଚାର ବଢ଼ି ଚାଲିବାର ଦେଖି ମୁଁ ଯିପିଲିରୁ

Digitized by srujanika@gmail.com

କିଛୁଦିନ ପାଇଁ ଅନ୍ତର ହୋଇ ଯିବାର ସ୍ଥିର କଲି । ମୁଁ ଦୂରକୁ ଚାଲିଗଲେ ପିଲାମାନଙ୍କ ପ୍ରତି ହୁଏତ ସେ ଶାନ୍ତ ସୁଧୀର ଭାବାପନ୍ନ ହୋଇପାରନ୍ତି ଭାବିର ମୁଁ ଘର ଛାଡ଼ି ଦାଣ୍ଡମୁକୁନ୍ଦପୁର ଗ୍ରାମରେ ଯାଇ ରହିଲି ।

ବଗିଚା କିନ୍ତୁ ରକ୍ଷା ପାଇଲା ନାହିଁ । ଅଧିକନ୍ତୁ ତାଙ୍କର ପୁଅ ବଗିଚାର ଗୋଟାଏ କଣରେ ମୋର ବାଡ଼କୁ ସମ୍ପୂର୍ଣ୍ଣ ଉଠାଇ ଦେଇ ବଗିଚା ଭିତରକୁ ଚାରି ପାଞ୍ଚ ହାତ ମଡ଼ାଇ ଏକ ବାଡ଼ ବନ୍ଧାଇ ଦେଲେ । ଏ ସମ୍ବାଦ ପାଇ ବର୍ଷକ ପରେ ମୁଁ ଘରକୁ ଫେରି ଆସିଲି । କେତେଜଣ ଭଦ୍ରଲୋକଙ୍କୁ ଡାକି ଦେଖାଇଲି । ଭଦ୍ରଲୋକମାନେ ପାଦକୁ ଡାକି ଏପରି ବାଡ଼ ବୁଜିବା ଯଥାର୍ଥ ନୁହେଁ ବୋଲି କହିବାରୁ ସେ ତାଙ୍କର ବାଡ଼ ଉଠାଇ ନେଲେ ଏବଂ ମୁଁ ଯଥାସ୍ଥାନରେ ବାଡ଼ ବୁଜିଦେଲି । ଏହାର କିଛିଦିନ ପରେ ବଗିଚା ଭିତରୁ ଏକ ଚକୁଣ୍ଡା ଗଛ କାଟି ନେଇଗଲେ । ଗାଳି ଗୁଲଜ ସଂଘର୍ଷ ଭୟରେ ମୁଁ ନିଜେ ତାଙ୍କୁ କିଛି କହିବାକୁ ସାହସ କରୁ ନ ଥାଏ । ଖ୍ରୀଷ୍ଟିଆନ ସମ୍ପ୍ରଦାୟରୁ ତିନିଜଣ, ନୂଆହାଟ ମଠିଆଳୀରୁ ଦୁଇଜଣ ଭଦ୍ରଲୋକଙ୍କୁ ଡାକି ଦେଖାଇଲି । ଭଦ୍ରଲୋକମାନେ ପଚାରିବାରୁ ସେଇଟା ତାଙ୍କର ଗଛ ବୋଲି ପାଦବାବୁ କହିଲେ । ଭଦ୍ରଲୋକ କହିଲେ, ଏ ତ ତାଙ୍କ ବଗିଚାରେ ରହିଛି । ମୋ ବଗିଚା ଭିତରକୁ ତାଙ୍କର ଜାଗା ଥିବାର ସେ କହିଲେ । ଭଦ୍ରଲୋକମାନେ ତାଙ୍କୁ ବୁଝାଇଲେ । କହିଲେ ତୁମେ ଉଭୟେ ସରକାରୀ ଅମିନ ଦ୍ୱାରା ଜମି ମାପ କରାଇ ଦେବା ପାଇଁ ତହସିଲଦାରଙ୍କ ପାଖରେ ଦରଖାସ୍ତ କର । ଅମିନ ମାପ କରି ଯେଉଁଠାରେ ଚିହ୍ନ ଦେବେ, ସେହିଠାରେ ବାଡ଼ ହେଲେ ଆଉ କୌଣସି ଗୋଳମାଳ ରହିବ ନାହିଁ ।

Digitized by srujanika@gmail.com

ଭଦ୍ରଲୋକଙ୍କର ପରାମର୍ଶ ମତେ ଆମ୍ଭେ ଉଭୟେ ତହସିଲଦାରଙ୍କ ନିକଟରେ ଦରଖାସ୍ତ କଲୁଁ । ଯଥା ସମୟରେ ଅମୀନ ଆସି ଉଭୟଙ୍କର ଜମି ମାପ କରି ଚିହ୍ନ କରିଦେଲେ । ଉତ୍ତର ପଟରେ ମୋ ବଗିଚ୍ଚର ସୀମା ତାଙ୍କ ଜମିର ପାଞ୍ଚ ଜଡ଼ ଭିତରକୁ ହେଲା ।

ମୋର ବଗିଚ୍ଚ ଜମିଟି ପୂର୍ବରୁ କେତେଗୋଟି ହ୍ୱେଇ ପରିବାରଙ୍କର ଘରବାରି ଥିଲା । ସେମାନେ ଅନ୍ୟତ୍ର ପ୍ରଶସ୍ତ ସ୍ଥାନରେ ବାସ କରିବା ଉଦ୍ଦେଶ୍ୟରେ ମୋତେ ବିକିଦେଇ ଯାଇଛନ୍ତି । ଅନୁଗ୍ରହ ଦାସଙ୍କର ଉତ୍ତର ଦିଗରେ ଯେଉଁ ଜମିକୁ ମୋର ବଗିଚ୍ଚ ପାଞ୍ଚଜଡ଼ ମାଡ଼ିଛି, ତାହା ମଧ୍ୟ ତାଙ୍କର ସାବକ ଜମି ନୁହେଁ । ତାହା ଅନ୍ୟ ଜଣକର ଏକ ଖାଲୁଆ ଧାନଜମି ଥିଲା । ମୁଁ ବଗିଚ୍ଚ କରିବାର ବହୁବର୍ଷ ପରେ ସେ ସେହି ଖାଲୁଆ ଜମିକୁ କିଣିଛନ୍ତି । ସେ ଜମିକୁ ପୂର୍ବରୁ ଚାଷ କରୁଥିବା ବ୍ୟକ୍ତି ହ୍ୱେଇ ମାନଙ୍କର ଉଚ୍ଚ ଜମିକୁ କାଟି କାଟି ପାଞ୍ଚଜଡ଼ ମାଡ଼ିଯାଇଥିବା ସ୍ୱାଭାବିକ । ତଥାପି ମୁଁ ତାଙ୍କ ଆଡ଼କୁ ପାଞ୍ଚଜଡ଼ ମାଡ଼ିଯିବାକୁ ମନା କରିଦେଲି । ପଶ୍ଚିମ ପଟରେ ସେହିପରି ତାଙ୍କର ଗୋଟାଏ ପୁରୁଣା ଆମ୍ବଗଛର ଷୋଳ ଭାଗରୁ ଛଅ ଭାଗ ମୋର ହେଲା । ତାହା ମଧ୍ୟ ମୁଁ ଗ୍ରହଣ ନ କରି ତାଙ୍କୁ ଗଛଟା ପୂରାପୂରି ଛାଡ଼ିଦେବାକୁ ସ୍ୱୀକାର କଲି । ମାତ୍ର ପରଦିନ ସେ କହିଲେ, ଏ ମାପ ଠିକ୍ ନୁହେଁ । ଆମେ ଆଉଥରେ ମାପିବୁ । ତାଙ୍କର ମାପ ଅପେକ୍ଷାରେ ରହିଲି । ମାସ ଯାଇ ବର୍ଷ ବର୍ଷ ବିତିଲେ ମଧ୍ୟ ମାପ କଲେ ନାହିଁ । ଅଧିକରେ ଉତ୍ତର ଆଉ ପଶ୍ଚିମ ପଟରେ ମୋର ବୁଜା ବାଡ଼ ଯାହା ଥିଲା ତାକୁ ଉପାଡ଼ି ନେଇଗଲେ । କଅଁଳା ଗଛ ଗୁଡ଼ିକ କାଟି ନେଇଗଲେ । ଦୀର୍ଘ ପୁଷ୍ଟ ଉଭୟ ପାଖର ବାଡ଼ ମେଲା ହୋଇଯିବା ଦ୍ୱାରା ତାଙ୍କ ଗୃହପାଳିତ

Digitized by srujanika@gmail.com

ପଶୁମାନଙ୍କର ଅବାଧ ଚରିବୁଇଁ ହେଲା ମୋର ବହୁ ଶ୍ରମ, ଯତ୍ନ ଏବଂ ବହୁ ଅର୍ଥ ବିନିମୟରେ ବର୍ଦ୍ଧିତ ସାଧର ବଗିଚା ।

ତାଙ୍କ ଗୁଲିକ ଅପମାନ ସନ୍ଦର୍ଭକୁ ଏଡ଼ାଇବା ନିମନ୍ତେ ମୁଁ ତାଙ୍କୁ ସାମନା ସାମନି କୌଣସି କଥା କହିବାକୁ ସାହାସ କଲେ ନାହିଁ । ତାଙ୍କର କର୍ମସ୍ଥାନ ପୂର୍ବ ରେଳବାଇ ହୋଟେଲ ଠିକଣାରେ ତାଙ୍କୁ ଗୋଟିଏ ପତ୍ର ପଠାଇଲି । ସେଥିରେ ଲେଖିଲି—ପ୍ରତ୍ୟେକ ଭୁଲର ସଂଶୋଧନ ଅଛି । ପ୍ରତ୍ୟେକ ଦୋଷର ଦଣ୍ଡ ଅଛି । ସବୁ ବିରୋଧର ସମାଧାନ ଅଛି । ଆମେ ପଡ଼ୋଶୀ ଭାବରେ ଭାଇ ଭାଇ ପରି ଚଳିବାର କଥା । ତୁମେ କଣ ପାଇଁ ମୋ ପ୍ରତି ଏପରି କଠୋର ବ୍ୟବହାର କରୁଛ, ତାହା ପ୍ରକାଶ କଲେ ମୋର ଯୋଉ ତ୍ରୁଟି ଥିବ ମୁଁ ତାହା ସଂଶୋଧନ କରିବାର ଚେଷ୍ଟା କରିବି । ମାତ୍ର କିଛି ପ୍ରକାଶ ନ କରି ସର୍ବଦା ଶତ୍ରୁତା କରିବା ତୁମ ପରି ଜଣେ ଖ୍ରୀଷ୍ଟ ବ୍ୟକ୍ତି ପକ୍ଷରେ ଯଥାର୍ଥ ହେଉ ନାହିଁ । ମୁଁ ଅନୁରୋଧ କରୁଛି ତୁମର ମନକଥା ପ୍ରକାଶ କର । ପଡ଼ୋଶୀ ପଡ଼ୋଶୀ ମଧ୍ୟରେ ଶତ୍ରୁତା ଲୋପ ହେଉ । ମାତ୍ର ମୋ ପତ୍ରର କୌଣସି ଉତ୍ତର ପାଇଲି ନାହିଁ । କମ୍ପା ସେ ଘରେ ଆସି ରହିବା ସମୟରେ ମଧ୍ୟ ସେ ବିଷୟରେ ମୋତେ ପଦେ ହେଲେ କିଛି କହିଲେ ନାହିଁ ।

ମୁଁ ପୁଣି ଦ୍ୱିତୀୟ ପତ୍ର ଲେଖିଲି । ସେ ଲେଖାର ସାରମର୍ମ ଥିଲା—ମହାତ୍ମା ଯିଶୁଖ୍ରୀଷ୍ଟ ତୁମର ଉପାସ୍ୟ । ତାଙ୍କର ନୀତି ହେଉଛି, ଜଣେ ଯଦି ଗୋଟିଏ ଗାଲରେ ଆଘାତ କରେ ତାକୁ ଅନ୍ୟ ଗାଲଟି ଦେଖାଇ ଦେବା । ମାତ୍ର ତୁମେ ମୋ ପରି ଜଣେ ନିର୍ଦ୍ଦୋଷ ନିରୀହ ବ୍ୟକ୍ତିକୁ ଅକାରଣରେ ଦଣ୍ଡ ଦେଇ ମହାତ୍ମାଙ୍କ ଉପଦେଶାବଳୀର କିପରି ପାଳନ କରୁଛ ବୁଝିବା କଷ୍ଟ

Digitized by srujanika@gmail.com

ଦେଖିବାକୁ ଅନୁରୋଧ ଜଣାଉଛି । ଆଶା ଏ ସମ୍ପର୍କରେ ତୁମ-ଠାରୁ ନିଶ୍ଚୟ ଗୋଟିଏ ଉତ୍ତର ପାଇବ । ମାତ୍ର ମୋର ସେ ପତ୍ରର କୌଣସି ଉତ୍ତର ମିଳିଲା ନାହିଁ । ଭୋଳାନାଥ ପଣ୍ଡିତ, ବାଳକୃଷ୍ଣ ପଣ୍ଡିତ ଭଦ୍ରଲୋକ ଦ୍ୱୟ ତାଙ୍କୁ ଏ ବିବାଦର ସମାଧାନ ଦିଗରେ ଅନେକ ଅନୁରୋଧ କଲେ ମଧ୍ୟ ସେ ଶୁଣିଲେ ନାହିଁ । ତାଙ୍କର ମଣ୍ଡଳ ସେକ୍ରେଟାରୀଙ୍କୁ ମୁଁ ଲିଖିତ ଭାବରେ ସମସ୍ତ ଘଟଣା ଜଣାଇ ସେ ଦିଗରେ ତାଙ୍କର ସମାଧାନ ଲୋଡ଼ିଲି । ବାଳକୃଷ୍ଣ ପଣ୍ଡିତ ମଣ୍ଡଳ ସେକ୍ରେଟାରୀଙ୍କୁ ସାକ୍ଷାତ କରି ଏହି ବିବାଦର ସମାଧାନ ପାଇଁ ଉଦ୍ୟମ କରିବାର ଅନୁରୋଧ ଜଣାଇଲେ । ସେ ମଧ୍ୟ କିଛି କରି ପାରିଲେ ନାହିଁ ।

ଦିନେ ରାତିରେ ତାଙ୍କ ଘରେ ନିଆଁ ଲାଗିଲା । ସେହିଦିନ ସେହି ବିପଦରେ ତାଙ୍କ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ରବୀନ୍ଦ୍ର କୁମାର ଦାସ ନାମକ ଜଣେ ଯୁବକଙ୍କୁ ଫାୟାର ଷ୍ଟେସନକୁ ଖବର ଦେବା ନିମନ୍ତେ ଯିବାଲାଗି ମୁଁ ମୋର ସାଇକେଲ ଯୋଗାଇ ଦେଇଥିଲି । କିନ୍ତୁ ମୁଁ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବାର ଗୁଜବ ପ୍ରଚାରିତ ହେଲା । ଏହି ଘଟଣା ପରେ ତାଙ୍କର ସ୍ତ୍ରୀ କିଛିଦିନ ପାଇଁ ପାଗଳିନୀ ହୋଇ ଯାଇଥିଲେ । ମୁଁ ପାଗଳିନୀ କରିଦେଇଛି ବୋଲି ମଧ୍ୟ ଗୁଜବ ପ୍ରଚାରିତ ହେଲା ।

ପାଠକଙ୍କର ଜମି ମାପ କରାଇବା ଦିଗରେ କୌଣସି ଉଦ୍ୟମ ନ ଦେଖି ମୋର ବଗିଚା ମାପ କରାଇ ଦେବା ନିମନ୍ତେ ମୁଁ ଏକା ତହସିଲଦାରଙ୍କ ପାଖରେ ଏକ ଦରଖାସ୍ତ କଲି । ଉକ୍ତ ମାପ କରିଦେବା ନିମନ୍ତେ ତହସିଲଦାର ରେଭିନ୍ୟୁ ଇନସ୍ପେକ୍ଟରଙ୍କୁ ଆଦେଶ ଦେଲେ । ମାତ୍ର ଅନୁଗ୍ରହ ବାବୁଙ୍କର ପୁଅ ଗାଳି ଗୁଲଜ କରି ମାପ କରାଇ ଦେଲେ ନାହିଁ ।

ଏ ମଧ୍ୟରେ ପ୍ରାୟ ସାତ ଆଠ ବର୍ଷ ବିତିଗଲା । ତାଙ୍କ ଗଛର ଡାଳସବୁ ବଢ଼ିଯାଇ ମୋର ବାସଗୃହ, ଗୁହାଳଘର; ବଗିଚା ଆଦି ଉପରକୁ ୨୦।୨୫ ଫୁଟଯାଏ ମାଡ଼ିଯାଇ କ୍ଷତି କରିବାକୁ ଲାଗିଲା । ମୁଁ ନିରୁପାୟ ହୋଇ ଏସ୍. ଡି. ଓ.ଙ୍କ ପାଖରେ ଦୁଇଥର ଦରଖାସ୍ତ କଲି । ସେ ଦରଖାସ୍ତ ଥାନାକୁ ଆସିଲା । ଥାନା ଅଫିସର ସରଜମିନ ଦେଖି ଡାଳ କାଟିଦେବାର ନିର୍ଦ୍ଦେଶ ଦେଲେ । ସେ ଡାଳ କାଟିବାର ସ୍ୱୀକୃତ ହେଲେ; ମାତ୍ର କାଟିଲେ ନାହିଁ । ମୋର କେତେଜଣ ବନ୍ଧୁ ତାଙ୍କର ବିରୁଦ୍ଧ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏକ ମକଦ୍ଦମା ଦାୟର କରିବାର ପରାମର୍ଶ ଦେଲେ । ମାତ୍ର ମୁଁ ମାଲି ମକଦ୍ଦମାର ଆଦୌ ପକ୍ଷପାତୀ ନୁହେଁ ।

ଏହି ଗ୍ରାମର ଦ୍ୱିଜବର ପାଣ୍ଡିତ ନାମରେ ଜଣେ ଲୋକ ସାଇକେଲ ମଡ଼ାଇ ଦେଇ ମୋ ପୁଅର ଗୋଟିଏ ଗୋଡ଼ ଭାଙ୍ଗି-ଦେଲେ । ସେଥିପାଇଁ ମୋତେ ଚାରିମାସ ଯାଏ କଟକ, ପୁରୀ ଡାକ୍ତରଖାନାକୁ ଦୌଡ଼ା ଦୌଡ଼ି କରି ତିନିଶହ ଟଙ୍କା-ଖର୍ଚ୍ଚ କରିବାକୁ ପଡ଼ିଲା । କେହି କେହି ସାଇକେଲ ମଡ଼ାଇଥିବା ଲୋକ ବିରୁଦ୍ଧରେ କେସ୍ କରିବାର ପରାମର୍ଶ ଦେଇ କହିଲେ, ପୁଅର ଚିକିତ୍ସା ପାଇଁ ଖର୍ଚ୍ଚ ହୋଇଥିବା ସମସ୍ତ ଟଙ୍କା ଆପଣ ତାଙ୍କ ଠାରୁ ଆଦାୟ କରିପାରିବେ । ମାତ୍ର ମୁଁ ତାହା କରି ନଥିଲି ।

ମୁଁ କଟକ ମେଡ଼ିକାଲ ହସପିଟାଲରେ ରହି ମୋର ପେଟ ରୋଗ ପାଇଁ ଚିକିତ୍ସିତ ହେଉଥିବା ବେଳେ ଭାଇଙ୍କୁ କିଛି ଅର୍ଥ ସାହାଯ୍ୟ ମାଗିଥିଲି । ମାତ୍ର ସେ କିଛି ସାହାଯ୍ୟ ନ କରିବାରୁ ଆମ ସମ୍ପତ୍ତିର ମୋର ଅଂଶ ପୂରାପୂରି ନେଇ ସେ ବାବଦକୁ କିଛି ଅର୍ଥ ଦେବାକୁ ପ୍ରାର୍ଥନା କଲି । ମାତ୍ର ଭାଇଙ୍କ ଠାରୁ କୌଣସି ଉତ୍ତର

Digitized by srujanika@gmail.com

ପାଇଲା ନାହିଁ । ଆମର ଯାହା କିଛି ସମ୍ପତ୍ତି ଥିଲା ଭାଇ ସେ ସମସ୍ତ ଏକା ଭୋଗ ଦଖଲ କରିବାକୁ ଲାଗିଲେ । କେତେକ ବନ୍ଧୁ ପାର୍ଟିସନ ସୁଟ ଡାଏର କରି ମୋର ଅଂଶ ହାସଲ କରିବାର ପରାମର୍ଶ ଦେଲେ । ମାତ୍ର ମୁଁ ମକଦ୍ଦମା କରିବାକୁ ଉଚିତ ମନେ କଲି ନାହିଁ । ଭାଇ କିନ୍ତୁ ଦୀର୍ଘ ୪୦ ବର୍ଷ କାଳ ସମସ୍ତ ସମ୍ପତ୍ତି ଏକା ଭୋଗ କରିବା ପରେ ମୋତେ ମୋର ଅଂଶ ଯାଚି କରି ଦେଇଥିଲେ । ବହୁ ମକଦ୍ଦମା ମୁଁ ଆପୋଷରେ ନିଷ୍ପତ୍ତି କରିଛି ସିନା ମକଦ୍ଦମା କରିବା ନିମନ୍ତେ କେବେ କାହାରିକୁ ପରାମର୍ଶ ଦେଇ ନାହିଁ । କିନ୍ତୁ ବର୍ତ୍ତମାନ ମୁଁ ଅତ୍ୟନ୍ତ ଅତିଷ୍ଠ ହୋଇ ପଡ଼ିଲି । ମୋର ଘର ଉପରକୁ ଶୋଇଥିବା ଗଛ ଏବଂ ଡାଳ କେତେବେଳେ କେଉଁ ମୁହୂର୍ତ୍ତରେ ପଡ଼ି ଧନ ଜୀବନ ନଷ୍ଟ କରିବ ତାହାର ସ୍ଥିରତା ନାହିଁ । ମୁଁ ଅନ୍ୟ ଉପାୟ ନ ଦେଖି ଓକିଲ ପରାମର୍ଶ କଲି । ଜୁଡ଼ିସିଆଲ ଏସ. ଡି ଏମ୍. ଙ୍କ କୋର୍ଟରେ ମକଦ୍ଦମା ଦାଏର କରିବା ନିମନ୍ତେ ଓକିଲ ପରାମର୍ଶ ଦେଲେ । ମୁଁ କେସ୍ ଟିଏ ଦାଏର କଲି । ମାତ୍ର କେସ୍ କିଛି ଦିନ ଚାଲିବା ପରେ ଓକିଲ ମୋହରିରଙ୍କର ଚକ୍ରାନ୍ତରେ କେସ୍ଟି ଖାରଜ ହୋଇଗଲା । ମୁଁ ବୁଝିପାରିଲି ସରଳ ନିରୀହ ଲୋକ ପାଇଁ ସବୁବେଳେ ନ୍ୟାୟର ଦ୍ୱାର ବନ୍ଦ । ନିଜର ମକ୍କେଲ ପ୍ରତି ଓକିଲ ମୋହରିରମାନେ ଏପରି ଚକ୍ରାନ୍ତ କରି ପାରନ୍ତି, ତାହା ମୋର ଧାରଣାରେ ନ ଥିଲା । ବର୍ତ୍ତମାନ ମୁଁ ଉପଲବ୍ଧି କଲି, ମକଦ୍ଦମାକୁ ଯିବାନ୍ତି ମୋର ଭୁଲ ହୋଇଛି ।

ଏଠାରେ ପ୍ରସଙ୍ଗ କ୍ରମେ ହାଇକୋର୍ଟର ବରିଷ୍ଠ ଆଡ଼ଭୋକେଟ୍ ଡକ୍ଟର ଶ୍ରୀରାମଚନ୍ଦ୍ର ଦାସଙ୍କୁ ମୁଁ ମୋର ଏହି ମକଦ୍ଦମା ବିଷୟରେ କହିବାରୁ ସେ ମହାଶୟ ମକଦ୍ଦମାର ରାୟ ନକଲ ଆଣିବାକୁ

Digitized by srujanika@gmail.com

କହିଲେ । ମୁଁ ସେ ସବୁ ବିଷୟରେ ଅଜ୍ଞ ଥିବାରୁ ଜାଣି ପୁଣି ଜଜକୋର୍ଟରେ କାମ କରୁଥିବା ତାଙ୍କର ଶଳାଙ୍କ ଦ୍ୱାରା ମୋର ରାୟ ନକଲ ଆଣିବାର ସୁବିଧା କରିଦେଲେ । ରାୟ ନକଲ ପାଠ କରି ସେ ମହାଶୟ ବିଶେଷ ବ୍ୟସ୍ତ ହେଲେ । କହିଲେ, ବିଚାରପତି ଯେପରି ଭାବରେ ଥରେ ମାତ୍ର ସାକ୍ଷୀ ଅନୁପସ୍ଥିତ ହେବା ଦୋଷରେ କେସ୍‌କୁ ଖାରଜ କରି ଦେଇଛନ୍ତି, ତାହା ଆପତ୍ତିଜନକ । ମାତ୍ର ଉପାୟ ନାହିଁ । ସମୟ ଅତିକ୍ରାନ୍ତ ହୋଇଯାଇଛି । ୩୧ ଦିନ ଭିତରେ ହୋଇଥିଲେ ଏହାର ଅପିଲ ହୋଇ ପାରିଥାନ୍ତା । ଆପଣ ଆଉଥରେ କେସ ଦାୟର କରନ୍ତୁ । ବିଚାର ଯଦି ଆପଣଙ୍କ ବିପକ୍ଷରେ ଯାଏ, ମୋ ପାଖକୁ ଆସନ୍ତୁ । ମୁଁ ପନ୍ଦର ଦିନ ଭିତରେ ହାଇକୋର୍ଟରେ କେସ୍ ଫାଇଲ୍ କରି ଦେବି ।

ସୁନାମଧନ୍ୟ ରାଜନୀତି ବିଜ୍ଞାନ ବିଶାରଦ ସୁଲେଖକ ହାଇକୋର୍ଟର ବରିଷ୍ଠ ଆଡ୍‌ଭୋକେଟ ଡକ୍ଟର ଶ୍ରୀରାମଚନ୍ଦ୍ର ଦାସଙ୍କ ପରି ଜଣେ ହିତୈଷୀ ବନ୍ଧୁଙ୍କର ପରାମର୍ଶ ଗ୍ରହଣ ନ କରିବାର କୌଣସି କାରଣ ନ ଥିଲା । ମାତ୍ର ମୁଁ ଗାନ୍ଧିବାଦୀ । ଆଇନଗତ ପ୍ରଭାବଠାରୁ ନୈତିକ ପ୍ରଭାବର ଅଧିକ ବିଶ୍ୱାସୀ ଥିବାରୁ ନିଜର ବ୍ୟବହାର ଦ୍ୱାରା ପଡ଼ୋଶୀଙ୍କର ହୃଦୟ ପରିବର୍ତ୍ତନ କରିବାର ସଂକଳ୍ପ ନେଇ ଆଉ ସେ ଦିଗରେ ଅଗ୍ରସର ହେଲି ନାହିଁ ।

ଏ ମଧ୍ୟରେ ବର୍ଷା ପବନରେ ତାଙ୍କ ଜାମୁ ଗଛର ଗୋଟାଏ ଡାଳ ଭାଙ୍ଗି ମୋର ରୋଷେଇ ଘର ଉପରେ ପଡ଼ି ଅନେକ ଗୁଡ଼ାଏ ଟାଇଲ୍ ଭାଙ୍ଗି ପକାଇଲା । ସୌଭାଗ୍ୟବଶତଃ କେହି ଆହତ ହୋଇ ନାହାନ୍ତି । ମାତ୍ର ସେ ସମ୍ପର୍କରେ ମୁଁ କୌଣସି କଥା ତାଙ୍କୁ କହି ନାହିଁ । ସଂଘର୍ଷ ଏଡ଼ାଇବା ଉଦ୍ଦେଶ୍ୟରେ ମୁଁ ଏବଂ ମୋର ପୁତ୍ର

Digitized by srujanika@gmail.com

ପ୍ରତ୍ୟେକ ପରିସ୍ଥିତିରେ ମାଉର ରହିଛନ୍ତି । ଏକାନ୍ତ ଜରୁରୀ କଥା କରୁ କରିବାର ଆବଶ୍ୟକ ହେଲେ ମୋ ଝିଅ ହିଁ ତାଙ୍କୁ କହୁଥାଏ ।

ପୂର୍ବରୁ ତାଙ୍କ ଗଛର ଗୋଟିଏ ମଲା ଡାଳ ପଡ଼ି ମୋ ଶୟନ ଗୃହର କେତେକ ଟାଇଲ ଭାଙ୍ଗିଥିଲା । ବର୍ତ୍ତମାନ ସେହିଠାରେ ଆଉ ଗୋଟିଏ ମଲା ଡାଳ ରହିଛି । ତା ପାଖରେ ପବନରେ ଭାଙ୍ଗିଥିବା ଅନ୍ୟ ଏକ ଡାଳ ଶୁଖିଯାଇ ଲଟକି ରହିଛି । ମୋର ଝିଅ ଉକ୍ତ ଡାଳ କାଟି ନେବା ପାଇଁ ପାହ-ବାବୁଙ୍କୁ ଅନୁରୋଧ କଲେ ମଧ୍ୟ ସେ ନ ଶୁଣିଲା ପରି ରହିଛନ୍ତି । ମୋର ଆଉ ଜଣେ ପଡ଼ୋଶୀ ଯାହାଙ୍କର ବଗିଚା ମୋର ଘର ବାଡ଼ି ଓ ପାହଙ୍କର ଘରବାଡ଼ିକୁ ଲାଗି କରି ରହିଛି, ତାଙ୍କର ଗୋଟିଏ ନଡ଼ିଆଗଛ ପବନରେ ମୋ ଘର ଆଡ଼କୁ ସାମାନ୍ୟ ଝୁଙ୍କି ଆସିଲା । ମୁଁ ତାଙ୍କୁ କହିଲି, ଏ ନଡ଼ିଆ ଗଛ ଯଦି କାଟି ଦିଆ ନ ଯାଏ ପରେ କେତେବେଳେ ମୋ ଘର ଉପରେ ପଡ଼ିଯିବାର ନିଶ୍ଚିତ ସମ୍ଭାବନା ରହିଛି । ସେ ସଙ୍ଗେ ସଙ୍ଗେ ନଡ଼ିଆ ଗଛଟି କାଟି ଦେଲେ । ଜଣେ ପଡ଼ୋଶୀ ଜଣେ ପଡ଼ୋଶୀର ଅସୁବିଧା ଏବଂ ସୁବିଧା ଦେଖିବାକୁ ଯାଇ ନଡ଼ିଆଗଛ ପରି ଏକ ମୂଲ୍ୟବାନ ଗଛ କାଟି ଦେବାକୁ ଦ୍ୱିଧା କରି ନ ଥିବାର ସ୍ୱଚକ୍ଷୁରେ ଦେଖି ମଧ୍ୟ ସେ ଜାମୁଗଛଟିଏ କାଟିବାକୁ ଇଚ୍ଛା କରୁନାହାନ୍ତି । ଅଧିକନ୍ତୁ ମୋ ଗୃହାଳ ଘର ଉପରେ ମାଡ଼ି ରହିଥିବା ଗୋଟିଏ କସି ଗଛ କାଟିବାକୁ ଯାଇ ଇଚ୍ଛାକୃତ ଭାବରେ ଘର ଉପରେ ତିନିଗୋଟି ମୋଟ ମୋଟ ଡାଳ ପକାଇ ଦୁଇବଖରା ଘରର ଶେଣୀ ଶାଳ ଭାଙ୍ଗି ଦେଲେ । ତାହା ମୁଁ ନିଜବଳରେ ସହ୍ୟ କଲି ଏବଂ ତାହାର ମରାମତି ପାଇଁ ମୋତେ ଅଶୀ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା ।

Digitized by srujanika@gmail.com

ସେହି ଗୁହାଳ ଘର ପାଖରେ ମୁଁ ବାଡ଼ାବନ୍ଦୀ ପାଇଁ କାଟି ଜମାଇଥିବା କଣ୍ଟା ଗଦାକୁ ପିତା ପୁତ୍ର ମିଶି ମୋ ଆଖି ଆଗରେ ବୋହି ନେଇଗଲେ । ସେଥିରେ ମଧ୍ୟ ମୁଁ ତୁଣ୍ଡ ଖୋଲି ନାହିଁ ।

ନିକଟବର୍ତ୍ତୀ ସଙ୍ଗଳାର ଶାସନ ଗ୍ରାମର ଜଣେ ଭଦ୍ରବ୍ୟକ୍ତି ମୋର ପଡ଼ୋଶୀ ମୋ ସହିତ ଏପରି ବିବାଦ କରୁଥିବାର ଶୁଣି କହିଲେ, ଆପଣ ତ ଏ ଅଞ୍ଚଳରେ କେତେ ଗ୍ରାମ୍ୟ ବିବାଦ କେତେ ବ୍ୟକ୍ତିଗତ ବିବାଦର ନ୍ୟାୟ କରି ତୁଟାଇଛନ୍ତି । ଏଇ ସଙ୍ଗଳାର ଗ୍ରାମରେ ମାଳୀ ବ୍ରାହ୍ମଣ ବିବାଦ ଯାହାକି ବର୍ଷ ବର୍ଷ ଧରି ଲାଗି ରହିଥିଲା, କେତେଥର କେତେ ଭଦ୍ରଲୋକ କରି ନିଷ୍ପତ୍ତି କରି ପାରି ନ ଥିଲେ, ଆପଣ ଘଣ୍ଟାକ ଭିତରେ ତାହା ନିଷ୍ପତ୍ତି କରିଥିବାର ଏଇ ଆଖି ଦେଖିଛି । ବର୍ତ୍ତମାନ ମୁଁ ଆଶ୍ଚର୍ଯ୍ୟ ହେଉଛି ନିଜ ବେଳକୁ ଆପଣଙ୍କର ସେ ଶକ୍ତି କୁଆଡ଼େ ଗଲା ? ତାହାର ଉତ୍ତରରେ କହିଥିଲି, ହଁ ଅତୀତରେ ମୁଁ ବହୁ ବାଦ ବିବାଦ ବହୁ ମାମଲାମକଦ୍ଦମା ତୁଟାଇବାରେ ସମର୍ଥ ହୋଇଛି । ତାହା ସବୁ ନିରପେକ୍ଷ ବିଚାର ବଳରେ ଅପ୍ରିୟ ସତ୍ୟ ନ୍ୟାୟ ବଳରେହିଁ ସମ୍ଭବ ହୋଇ ପାରିଥିଲା । ମାତ୍ର ଯଦି କେହି ଯୁକ୍ତି ଯୁକ୍ତ ବିଚାର ନିରପେକ୍ଷ ନ୍ୟାୟ ନ ବୁଝନ୍ତି ସେଠାରେ କ'ଣ କରାଯାଇ ପାରେ ? ତୁମେ କହି ପାରିବ ଜଣେ ନିରୀହ ପଡ଼ୋଶୀର ବାଡ଼ ଉଠାଇ ଦେଇ ନିଜର ସୀମାଲଙ୍ଘନ କରି ତା ଜମିର ସମୂହ କ୍ଷତି ଘଟାଇବା ମୂଳରେ କେଉଁ ନ୍ୟାୟ କେଉଁ ଯଥାର୍ଥତା ରହିଛି ? ଇଚ୍ଛା କରି ଗଛ ପକାଇ ତା'ର ଘର ଭାଙ୍ଗି ଦେବା ମୂଳରେ କେଉଁ ଯୁକ୍ତି ରହିଛି ? ସରକାରୀ ଆମୀନଙ୍କର ମାପକୁ ଅଠିକ ବୋଲି କହିବା ଏବଂ ମାପ କରାଇ ନ ଦେବା ମୂଳରେ କେଉଁ ନିରପେକ୍ଷ ବିଚାର ରହିଛି ?

Digitized by srujanika@gmail.com

ଆଜ ବିଂଶ ଶତାବ୍ଦୀର ଶେଷ ପାଦରେ ସହାବସ୍ଥାନ ସମବାୟ ଯୁଗରେ ଯାହା କେହି କଳ୍ପନା କରି ପାରିବେ ନାହିଁ, ସେ ପ୍ରକାର ଅସହାୟ ଦୁଃସ୍ଥିତି ମଧ୍ୟରେ ରହି ମୁଁ ଉତ୍ତମରୂପେ ବୁଝି ପାରିଛି, କାହାର ରୂପ ଦାଗ କାହା ହୃଦୟର ପରିବର୍ତ୍ତନ ଘଟାଯାଇ ପାରେ ନାହିଁ । ହୃଦୟର ପରିବର୍ତ୍ତନ ଘଟେ ଯେତେବେଳେ ସେ ନିଜେ ବୁଝିବାକୁ ଚେଷ୍ଟା କରେ । ଦସ୍ୟୁ-ରତ୍ନାକରଙ୍କର ହୃଦୟର ପରିବର୍ତ୍ତନ ଘଟିଥିଲା ଯେତେବେଳେ ସେ ତାଙ୍କର ଭ୍ରମ ବୁଝି ପାରିଥିଲେ । ଆଉ ଦେବର୍ଷି ନାରଦ ନିଃସ୍ୱାର୍ଥ ଭାବରେ ନିଜର ଜୀବନକୁ ପଣ ରଖି ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ଦେବର୍ଷିଙ୍କର ସେହି ସତ୍ ଉଦ୍ୟମ ସଫଳ ହୋଇଥିଲା । ଦସ୍ୟୁ ରତ୍ନାକର ମହାତ୍ମା ବାଲ୍ମୀକ ଋଷିରେ ପରିଣତ ହୋଇ ପାରିଥିଲେ । ମୁଁ ସେହି ପରମ ପବିତ୍ର ତ୍ୟାଗ ମାର୍ଗ ଗ୍ରହଣ କରିଛି । ମୋର ପଡ଼ୋଶୀ ମୋ ସହିତ ଶତ୍ରୁଚାଚରଣ କରିବାର ଆଜକୁ ୨୨ ବର୍ଷ ହୋଇଗଲା । ବାଡ଼ ଉଠାଇ ଦେଇ ବଗିଚା ନଷ୍ଟ କରିବାର ୧୨ ବର୍ଷ ହେଲା । ଏହି ଦୀର୍ଘ ସମୟ ମଧ୍ୟରେ ମୁଁ ବଗିଚା ଓ ଘରର ବହୁ କ୍ଷତି ସହୁଥିଲେ ମଧ୍ୟ ନିର୍ବିକାର ନିର୍ବିଘ୍ନରରେ ସହିବା ଭଳି ତାଙ୍କୁ ପଦେ ହେଲେ ବିବାଦାତ୍ମକ କଥା କହି ନାହିଁ ।

ମୋର ମା ମୋତେ ଉପଦେଶ ଦେଇ କହନ୍ତି—ପୁଅ, ତୁ ମାଡ଼ ଖାଇ ଆସିବୁ, ମାଡ଼ ମାରି ଆସିବୁ ନାହିଁ । ମା'ଙ୍କର ସେହି ଅମୂଲ୍ୟ ଉପଦେଶ ବାଣୀକୁ ମୁଁ ମୋର ଜୀବନରେ ଅକ୍ଷରେ ଅକ୍ଷରେ ପାଳନ କରି ଆସୁଛି । ମୁଁ କେବେହେଲେ କାହାର ଅମଙ୍ଗଳ ବା ଅପକାର ହେଲା ଭଳି କୌଣସି କାର୍ଯ୍ୟ କରି ନାହିଁ ।

Digitized by srujanika@gmail.com

ମୋର ପଡ଼ୋଶୀ ଅନୁଗ୍ରହ ବାବୁ ଇଚ୍ଛାକୃତ ଭାବରେ ମୋର ସମୂହ କ୍ଷତି ଘଟାଉଥିଲେ ମଧ୍ୟ ମୁଁ ତାଙ୍କର ଏବଂ ତାଙ୍କ ପରିବାରର ମଙ୍ଗଳ କାମନା କରି ମଙ୍ଗଳମୟ ପରମପିତା ପରମେଶ୍ୱରଙ୍କ ନିକଟରେ ସନ୍ଧ୍ୟାରେ ଦିନକୁ ଛଅଥର ପ୍ରାର୍ଥନା ଜଣାଉଛି ।

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାକ୍ ଭବେତ୍ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।
ହରି ଓଁ ।

Digitized by srujanika@gmail.com

ଲେଖକଙ୍କର ଆଉ କେତେ ଗୋଟି ଉପାଦେୟ ପୁସ୍ତକ

ଯୌଗିକ ଗୃହ ଚିକିତ୍ସା	ଟ	୮-୦୦
ଯୋଗାସନ ଓ ସ୍ୱାସ୍ଥ୍ୟ (ତୃତୀୟ ମୁଦ୍ରଣ)	ଟ	୧୦-୦୦
ସ୍ୱଦର୍ଭ କୁମାରୀ	ଟ	୩-୦୦
ଏକାଙ୍କିକା ସମାହାର	ଟ	୫-୦୦
ଦିବ୍ୟ ଭଜନାବଳୀ	ଟ	୫-୦୦
ସଫଳତା	ଟ	୫-୦୦
ଅପରିଚିତାର ଆତ୍ମକଥା	ଟ	୫-୦୦
ପିଲାଙ୍କ ଦିବ୍ୟ ଜୀବନ	ଟ	୬-୦୦
ସ୍ୱାମୀ ଶିବାନନ୍ଦ ସରସ୍ୱତୀ	ଟ	୫-୦୦
ବ୍ରହ୍ମଚର୍ଯ୍ୟ ଓ ସ୍ୱାସ୍ଥ୍ୟ (୨ୟ ମୁଦ୍ରଣ)	ଟ	୬-୦୦
କର୍ମଯୋଗୀ ଧର୍ମବୀର	ଟ	୪-୫୦
ପ୍ରାଣାୟାମ ଓ ସୂର୍ଯ୍ୟ ନମସ୍କାର (୨ୟ ମୁଦ୍ରଣ)	ଟ	୪-୦୦
ଏ ଦେଶର ପରମ୍ପରା	ଟ	୪-୦୦

ପ୍ରାପ୍ତିସ୍ଥାନ :

ଡାକ୍ତର ହରିଚରଣ ଗିରି, ପୋ:-ପିପିଲି, ପୁରୀ
ଶିବାନନ୍ଦ ଏଣ୍ଟରପ୍ରାଇଜର୍ସ, ଦେବୀ ମାର୍କେଟ,
ଭୁବନେଶ୍ୱର-୯, ପୁରୀ
ବୁକ୍ସ ଇଣ୍ଟରନାସନାଲ, ବାଙ୍କାବଜାର, କଟକ-୨
ଫ୍ରେଣ୍ଡ୍ସ ପବ୍ଲିସର୍ସ, ବିନୋଦବିହାରୀ, କଟକ-୨
ବିଦ୍ୟାପୁରୀ, ବିନୋଦବିହାରୀ, କଟକ-୨
କଟକ ପବ୍ଲିସିଂ ହାଉସ, ବାଲୁବଜାର, କଟକ-୨
ସୁଧାଂଶୁ ପ୍ରକାଶନୀ ଝାଞ୍ଜିରିମଙ୍ଗଳା କଟକ-୯

Digitized by srujanika@gmail.com